# ସୂଚୀପତ୍ର


**ଅଧ୍ୟାୟ** **ଲେଖକ**

**ପ୍ରଥମ ଅଧ୍ୟାୟ -** କେଦାରନାଥ ମହାପାତ୍ର
ଚେତ ରାଜବଂଶ, ଶ୍ରୀ ଖାରବେଳଙ୍କ ଶୈଶବ,
ବାଲ୍ୟ, ଯୌବନ ଓ ଯୌବରାଜ୍ୟ

**ଦ୍ୱିତୀୟ ଅଧ୍ୟାୟ -** କେଦାରନାଥ ମହାପାତ୍ର
ରାଜ୍ୟାଭିଷେକ, ରାଜତ୍ୱ ଓ ଭାରତ ବିଜୟ

**ତୃତୀୟ ଅଧ୍ୟାୟ -** କେଦାରନାଥ ମହାପାତ୍ର
କଳିଙ୍ଗ ନଗର ଓ ତାହାର ଅବସ୍ଥିତ ନିର୍ଣ୍ଣୟ

**ଚତୁର୍ଥ ଅଧ୍ୟାୟ -** କେଦାରନାଥ ମହାପାତ୍ର
ଉତ୍କଳରେ ଜୈନଧର୍ମ ପ୍ରଚାର, ଶ୍ରୀ ଖାରବେଳ ଓ
ଉତ୍କଳରେ ଜୈନଧର୍ମ

**୫ମ ଅଧ୍ୟାୟ-** କେଦାରନାଥ ମହାପାତ୍ର
ଶ୍ରୀ ଖାରବେଳଙ୍କ ଗାର୍ହସ୍ଥ୍ୟ ଜୀବନ, ସୈନ୍ୟବଳ
ଐଶ୍ୱର୍ଯ୍ୟ, ରାଜ୍ୟଶାସନ ପ୍ରଣାଳୀ, ବ୍ୟକ୍ତିତ୍ୱ ଓ
ଭାରତର ଇତିହାସର ତାଙ୍କର ସ୍ଥାନ

**ଷଷ୍ଠ ଅଧ୍ୟାୟ -** କେଦାରନାଥ ମହାପାତ୍ର
ହାତୀଗୁମ୍ଫା ଶିଳାଲେଖ, ଅଧାପକ ବରୁଆଙ୍କ ପାଠ
ମୂଳ, ସଂସ୍କୃତାନୁବାଦ ଓ ଓଡ଼ିଆ ଅନୁବାଦ, ଜୟସ୍ୱାଲଙ୍କ
ପାର ସଂସ୍କୃତାନୁବାଦ, ଶ୍ରୀ ଖାରବେଳଙ୍କ ରାଜତ୍ୱ କାଳର
ଅନ୍ୟ ଲେଖୀ ସମୂହ

**ସପ୍ତମ ଅଧ୍ୟାୟ -** କେଦାରନାଥ ମହାପାତ୍ର
ଶ୍ରୀ ଖାରବେଳଙ୍କ ସମୟ ନିରୂପଣ

**ଅଷ୍ଟମ ଅଧ୍ୟାୟ -** କେଦାରନାଥ ମହାପାତ୍ର
ଚେତରାଜ ବଂଶ, ଖାରବେଳଙ୍କ ଶୈଶବ, ବାଲ୍ୟ, ଯୌବନ ଓ ଯୌବରାଜ୍ୟ

**ନବମ ଅଧ୍ୟାୟ -** କେଦାରନାଥ ମହାପାତ୍ର
ରାଜ୍ୟାଭିଷେକ, ରାଜତ୍ୱ ଓ ଭାରତ ବିଜୟ

**ଦଶମ ଅଧ୍ୟାୟ -** କେଦାରନାଥ ମହାପାତ୍ର
କଳିଙ୍ଗ ନଗର ଓ ତାହାର ଅବସ୍ଥିତି ନିର୍ଣ୍ଣୟ
କଳିଙ୍ଗ ନଗର ଅବସ୍ଥିତି

**ଏକାଦଶ ଅଧ୍ୟାୟ -** କେଦାରନାଥ ମହାପାତ୍ର
ଉତ୍କଳରେ ଜୈନଧର୍ମ ପ୍ରଚାର
ମହାବୀର ଓ ଉତ୍କଳରେ ଜୈନଧର୍ମ
ଖାରବେଳ ଓ ଉତ୍କଳରେ ଜୈନଧର୍ମ
ଜୈନଧର୍ମ ଓ ଉତ୍କଳୀୟ ଶିଳ୍ପର ବିକାଶ

ଦ୍ୱାଦଶ ଅଧ୍ୟାୟ - କେଦାରନାଥ ମହାପାତ୍ର

ଖାରବେଳଙ୍କ ଗାର୍ହସ୍ଥ୍ୟ ଜୀବନ, ସୈନ୍ୟବଳ,
ଐଶ୍ୱର୍ଯ୍ୟ, ରାଜ୍ୟଶାସନ ପ୍ରଣାଳୀ, ବ୍ୟକ୍ତିତ୍ୱ ଓ
ଭାରତ ଇତିହାସରେ ତାଙ୍କର ସ୍ଥାନ ।

**ପରିଶିଷ୍ଟ-**

୧. ଶିଶୁପାଳ ଦୁର୍ଗରୁ ମିଳିଥିବା ପ୍ରାଚୀନ ସିଲ୍ ମୋହର ଓ ଲେଖ
୨. ଶ୍ରୀ ଖାରବେଳଙ୍କ ରାଜତ୍ୱରେ ବ୍ୟବହୃତ ମୁଦ୍ରା
୩. ଶ୍ରୀ ଖାରବେଳ ଯୁଗର ଅନ୍ୟ କେତେକ କୀର୍ତ୍ତି
କ) ଉଦୟଗିରି ଶିଖରସ୍ଥ ଚୈତ୍ୟଗୃହ ବା ଉପାସନା ମନ୍ଦିର
ଖ) ଗୁମ୍ଫାମୁଣ୍ଡିଆର ପ୍ରାଚୀନ ଗୁମ୍ଫା ସକଳ
୪. ଦିଗମ୍ବର ଜୈନଧର୍ମର କେନ୍ଦ୍ର କୁମାର ପର୍ବତ (ଖଣ୍ଡଗିରି)
୫. ଦିଗମ୍ବର ଜୈନଆଚାର୍ଯ୍ୟ ଶ୍ରୀ କୁଳଚନ୍ଦ୍ର ଓ ତାଙ୍କର ଶିଷ୍ୟ
ଶ୍ରୀ ଶୁଭଚନ୍ଦ ।
୬. ଖାରବେଳଙ୍କ ସମୟ ନିରୂପଣ

# ଶ୍ରୀ ଖାରବେଳ

## ପ୍ରଥମ ଅଧ୍ୟାୟ

## ଚେତରାଜ ବଂଶ, ଖାରବେଳଙ୍କ ଶୈଶବ, ବାଲ୍ୟ ଯୌବନ ଓ ଯୌବରାଜ୍ୟ

ହିମାଚଳଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ଓ ବ୍ରହ୍ମପୁତ୍ରଠାରୁ ହିନ୍ଦୁକୁଶ ପର୍ବତ ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ସାମ୍ରାଜ୍ୟର ପତନ ପରେ ଭାରତ ଇତିହାସରେ ପୁନର୍ବାର ଅନ୍ଧକାରମୟ ଯୁଗର ଆରମ୍ଭ ହେଲା । ଭାରତର ରାଜନୈତିକ ଏକତା ନଷ୍ଟ ହୋଇ ଏହା ପୁନଶ୍ଚ ବହୁ କ୍ଷୁଦ୍ରକ୍ଷୁଦ୍ର ଯୁଧିରତ ସ୍ୱାଧୀନ ରାଜ୍ୟରେ ବିଭକ୍ତ ହେଲା । ଉତ୍ତର ପଶ୍ଚିମାଗତ ଯବନ (ଗ୍ରୀକ୍), ଶକ ପ୍ରଭୃତି ବୈଦେଶିକ ଜାତିମାନେ ଭାରତର ସ୍ୱାଧୀନତା ଅପହରଣ କରି ଏଠାରେ ନିଜ ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିବାକୁ ଯତ୍ନବାନ ହେଲେ । ଏପରି ଦାରୁଣ ଅବସାଦମୟ ଦୁର୍ଦ୍ଦିନରେ ପ୍ରସିଧି ଚେତବଂଶରେ କଳିଙ୍ଗ ଗୌରବ ଦିଗ୍‌ବିଜୟୀ ଶ୍ରୀ ଖାରବେଳ ଜନ୍ମଗ୍ରହଣ କରିଥିଲେ ।

ଅଶୋକଙ୍କ କଳିଙ୍ଗ ବିଜୟ ଫଳରେ ବୀପ୍ରସୂ କଳିଙ୍ଗରାଜ୍ୟ ଧ୍ୱସ୍ତ ଓ ଶ୍ରୀହୀନ ହୋଇଗଲା । ଏହାର ଅଧିବାସୀମାନେ ପରାଧୀନତା ପାଶରେ ଆବଧି ହୋଇ ଭୀତଗ୍ରସ୍ତ, ଭଗ୍ନୋତ୍ସାହ ଓ ଅବସାଦଗ୍ରସ୍ତ ହୋଇ ପଡ଼ିଥିଲେ । ଉଦ୍ଦାମ ବିଜିଗୀଷା ପରିବର୍ତ୍ତରେ ଦାସମନୋଭାବ ସମଗ୍ର ଜାତିକୁ ଗ୍ରାସ କରିଥିଲା । ଦେଶରୁ ମୁକ୍ତ ଜାତିର ଆନନ୍ଦଧ୍ୱନି ଓ ବିଜୟଉତ୍ସବ ଲୁପ୍ତ ହୋଇଥିଲା । ଠିକ୍ ଏପରି ସମୟରେ ବୀରଭୂମି କଳିଙ୍ଗଜନନୀ ମୁଖରୁ ବିଷାଦ କାଳିମା ପୋଛିଦେଇ ତାର ମୁଖଶ୍ରୀ ଉଜ୍ଜ୍ୱଳ କରିବା ନିମିତ୍ ସତେ ଯେପରି ଖାରବେଳଙ୍କ ଅଭ୍ୟୁଦୟ ହୋଇଥିଲା ।

ଚେତ ବା ଚେଦୀବଂଶ ଭାରତର ଗୋଟିଏ ଲବ୍ଧପ୍ରତିଷ୍ଠ ପ୍ରାଚୀନ ରାଜବଂଶ । ଋକ୍‌ବେଦ, ମହାଭାରତ, ପୁରା ଓ ବୌଧିଗ୍ରନ୍ଥମାନଙ୍କରେ ଏହି ବଂଶର ବିସ୍ତୃତ ମାହାତ୍ମ୍ୟ ଲିପିବଧି ହୋଇଅଛି । ଚେଦୀମାନେ ଚନ୍ଦ୍ରବଂଶୀୟ ଥିଲେ । ଋକ୍‌ବେଦର ଅଷ୍ଟମ ମଣ୍ଡଳରେ ଲିଖିତ ଦାନ - ସ୍ତୁତିରୁ ଜଣାଯାଏ ଯେ, ଚେଦୀ-ପୁତ୍ର କସୁ ଚୈଦ୍ୟ ଅତ୍ୟନ୍ତ ଦାନଶୀଳ ରାଜା ଥିଲେ । ସେ ଜଣେ କବିଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାକୁ ଏକଶତ ମହିଷ ଓ ଦଶସହସ୍ର ଗାଭୀ ଦାନ କରିଥିଲେ । ମହାଭାରତରେ ଚେଦୀରାଜ ବସୁ ଉପରିଚରଙ୍କ କୀର୍ତ୍ତିକଳାପ ଓ ଗୌରବମୟ ରାଜତ୍ୱର ଉଲ୍ଲେଖ ଅଛି । ସେ ଜନକଙ୍କ ତୁଲ୍ୟ ଜଣେ ରାଜର୍ଷି ଥିଲେ ଓ ତାଙ୍କର ୫ପୁତ୍ର ପାଚୋଟି ସ୍ୱାଧୀନ ରାଜ୍ୟ ସ୍ଥାପନ କରିଥିଲେ । ବୌଧିଗ୍ରନ୍ଥ 'ଚେତିୟ ଜାତକ'ରୁ ଜଣାଯାଏ ଯେ କପିଳଦ୍ୱିଜ ତାଙ୍କର ବଂଶପୁରୋହିତ ଥିଲେ । ଜ୍ୟୋତିଷପ୍ରବର ବରାହମିହିରଙ୍କର ବୃହଦ୍‌ସଂହିତା ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ, ବସୁ ଉପରିଚରଙ୍କର ଶୌର୍ଯ୍ୟ ବୀର୍ଯ୍ୟରେ ଦେବରାଜ ଇନ୍ଦ୍ର ମୁଗ୍ଧ ହୋଇ ତାଙ୍କୁ ଇନ୍ଦ୍ରଧ୍ୱଜ ନାମ ପତାକା ଶୋଭିତ ବଂଶଦଣ୍ଡ ଅର୍ପଣ କରିଥିଲେ । ଚେଦୀରାଜ ଏହାକୁ ମହାସମାରୋହରେ ଗ୍ରହଣ କରିଥିଲେ ଏବଂ ଏହାର ପୂଜାଫଳରେ ସେ ପ୍ରତ୍ୟେକ ଯୁଧିକ୍ଷେତ୍ରରେ ଜୟଶ୍ରୀମଣ୍ଡିତ ହୋଇ ବିପୁଳ ଐଶ୍ୱର୍ଯ୍ୟ ଲାଭ କରିଥିଲେ । ଶୁକ୍ତମତୀ ନଦୀ କୂଳରେ ତାଙ୍କର ରାଜଧାନୀ ଅବସ୍ଥିତ ଥିଲା ।

ଇତିହାସ ପ୍ରସିଧି ଚେଦୀ ରାଜର୍ଷି ବଂଶର ଗୋଟିଏ ଶାଖା ମୌର୍ଯ୍ୟ ରାଜତ୍ୱ କାଳରେ କଳିଙ୍ଗରେ ରାଜତ୍ୱ କରୁଥିଲେ ।' ଖାରବେଳ କଳିଙ୍ଗସ୍ଥ ଚେତ ବା ଚେଦୀ ରାଜବଂଶର ୫ମ ରାଜା । ତାଙ୍କର ପୂର୍ବପୁରୁଷ

ଓ ପିତାମାତାଙ୍କ ସମ୍ବନ୍ଧରେ ଇତିହାସ ନୀରବ । ଖାରବେଳ କେଉଁ ନରପତିଙ୍କର ଏକନିଷ୍ଠ ତପସ୍ୟା ବା ପୂର୍ବଜନ୍ମର ଫଳ ସ୍ୱରୂପ ଜାତ ହୋଇଥିବେ ଓ କେଉଁ ଭାଗ୍ୟବତୀ ରାଜମହିଷୀଙ୍କର ଅଙ୍କ ମଣ୍ଡନ କରିଥିଲେ, ତାହା ଜଣା ଯାଇନାହିଁ । ମହାମାନବ ଗୌରବ ଅପ୍ରସିଧ୍ ଶାକ୍ୟବଂଶର ଗୌରବ ବୃଦ୍ଧି କଲାପରି ଖାରବେଳ ନିଜ ଜୀବନକାଳ ମଧରେ ଚେତରାଜବଂଶର ସମୁଜ୍ଜ୍ୱଳ ରତ୍ନସ୍ୱରୂପ ଦେଦୀପ୍ୟମାନ ହୋଇଥିଲେ ।

ଅତି ପ୍ରାଚୀନ କାଳରୁ ଭାରତରେ ତ୍ରିକାଳଦର୍ଶୀ ମୁନି ଋଷି, ପ୍ରସିଧ୍ ଗଣକ ଓ ଜ୍ୟୋତିଷୀମାନେ ରାଜକୁଳ ସମ୍ଭୂତ ନବଜାତ ଶିଶୁର ଜନ୍ମକାଳୀନ ଲଗ୍ନ ଗ୍ରହନକ୍ଷତ୍ରମାନଙ୍କର ଅବସ୍ଥିତି ଏବଂ ଶରୀରସ୍ଥ ଲକ୍ଷଣମାନଙ୍କ ସମ୍ବନ୍ଧରେ ଆଲୋଚାନ କରି ତାର ଭବିଷ୍ୟତ ଜୀବନ ସମ୍ବନ୍ଧରେ ମତ ପ୍ରକାଶ କରିବାର ପ୍ରଥା ପ୍ରଚଳିତ ଅଛି । ରାମଚନ୍ଦ୍ର, ଶ୍ରୀକୃଷ୍ଣ, ବୁଧ୍ ପ୍ରଭୃତି ମହାପୁରୁଷମାନଙ୍କ ଆବିର୍ଭାବ ସମୟରେ ଜ୍ୟୋତିଷୀମାନେ ସେମାନଙ୍କର ଜୀବନ ଗୌରବମୟ, ଉଜ୍ଜ୍ୱଳ ଓ ମହୀୟାନ ହେବ ବୋଲି ଭବିଷ୍ୟତ୍ ବାଣୀ ଶୁଣାଇଥିଲେ । ନବଜାତ ଶିଶୁ ଖାରବେଳଙ୍କ ଜନ୍ମ ସମୟରେ ତାଙ୍କର ପିତା ଚିରାଚରିତ ପ୍ରଥା ଅନୁସରଣ କରି ପଞ୍ଚଜ୍ୟୋତିଷୀମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ ଶିଶୁ କର କପାଳ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗରେ ଶଙ୍ଖ, ଚକ୍ର, ଧ୍ୱଜ, ମତ୍ସ୍ୟ ପ୍ରଭୃତି ପ୍ରଶସ୍ତ ଶୁଭ ଲକ୍ଷଣମାନ ଅବଲୋକନ ସ ଜନ୍ମକାଳୀନ ଲଗ୍ନ ଓ ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ସମ୍ବନ୍ଧରେ ଆଲୋଚନା କରି ସେ ଭବିଷ୍ୟତ ଜୀବନରେ ଜଣେ ଏକାଙ୍ଗ ଚକ୍ରବର୍ତ୍ତୀ ସମ୍ରାଟ୍ ହେବାର ସ୍ଥିର କରିଥିଲେ । ଶିଶୁର ଉଜ୍ଜ୍ୱଳ ଭବିଷ୍ତତ ବିଷୟ ଶ୍ରବଣ କରି ରାଜ ଦମ୍ପତିଙ୍କର ହୃଦୟ ଅପାର ଆନ୍ଦରେ ପୂର୍ଣ୍ଣ ହେଲା । ରାଜା ନବଜାତ ଶିଶୁର ଜାତକ କର୍ମସକଳ ମହାସମାରୋହରେ ସମ୍ପନ୍ନ କଲେ । ପୁତ୍ରଲାଭ ସମ୍ବାଦ ପ୍ରଚାରିତ ହୁଅନ୍ତେ କଳିଙ୍ଗର ପ୍ରକୃତିପୁଞ୍ଜଙ୍କୁ ହୃଦୟରେ ଆନନ୍ଦ ଲହରୀ ଖେଳିଗଲା । ଗୀତ, ନୃତ୍ୟ, ବାଦିତ୍ର, ଉତ୍ସବ, ସମାଜ ପ୍ରଭୃତିର ଅନୁଷ୍ଠାନ ଓ ପାନଭୋଜନର ବ୍ୟବସ୍ଥା ଦ୍ୱାରା ପ୍ରଜାବର୍ଗରଙ୍କର ଆନନ୍ଦବିଧାନ କରାଗଲା । ଶିଶୁଟି ରମାରମଣ ଶ୍ରୀକୃଷ୍ଣଙ୍କ ପରି ଅପୂର୍ବ ରୂପଲାବଣ୍ୟ ସମ୍ପନ୍ନ ଥିଲା । ତାହାର ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳ, ତପ୍ତକାଚନ କାନ୍ତି ଶରୀର ଅବଲୋକନ କରି ଜନକ-ଜନନୀ ସର୍ବଦା ହର୍ଷୋତ୍ଫୁଲ୍ଲ ଏବଂ ଦର୍ଶକବୃନ୍ଦ ମୁଗ୍ଧ ଓ ଆପ୍ୟାୟିତ ହେଉଥିଲେ । ଶୁକ୍ଲପକ୍ଷର ଶଶିକଳା ପରି କ୍ଷୁଦ୍ର ଶିଶୁର ଅଙ୍ଗସୌଷ୍ଠବ କ୍ରମଶଃ ବୃଦ୍ଧିଲାଭ କଲା । ବସନ୍ତର ମନ୍ଦମଳୟ ସ୍ପର୍ଶରେ ପ୍ରକୃତିରାଣୀ ସଜୀବିତ, ଶ୍ରୀମଣ୍ଡିତ ହେଲାପରି ଶୈଶବର ମୋହନ ମାଧୁରୀ ବିଶାଳ ରାଜପରିବାରକୁ ବିମଳାନନ୍ଦରସରେ ଆପ୍ଳୁତ କଲା । ବାସ୍ତବିକ୍ ଶୈଶବାବସ୍ଥାହିଁ ମାନବ ଜୀବନରେ ସର୍ବପେକ୍ଷା ସୁଖମୟ ସମୟ । ସଂସାରର ମାୟା, ମୋହ, ଶୋକ ପରତାପ ଶିଶୁ ସରଳ, ବିମଳ ଓ କୋମଳ ହୃଦୟକୁ ଆବିଳ କରିନଥାଏ । ପ୍ରଣୟର ବିରାଟ କଳ୍ପନା, ସ୍ୱାର୍ଥ ଦ୍ୱେଷ, ଲୋଭ, ଅହଙ୍କାର ପ୍ରଭୃତି ଦ୍ୱାରା ଶିଶୁ ପୂତ ହୃଦୟ କଳୁଷିତ ହୋଇନଥାଏ । ଅନନ୍ତଲୀଳାମୟଙ୍କ ସୃଷ୍ଟିର ବୈଚିତ୍ର୍ୟ ଶିଶୁ ଜୀବନରେ ବିକଶିତ ହୋଇଥାଏ । ଶିଶୁ ପାର୍ଥିବ ହେଲେ ସର୍ବଦା ମଧୁମୟ ସ୍ୱପ୍ନ ରାଜ୍ୟରେ ବିଚରଣ କରେ । ଶିଶୁ ଆନନ୍ଦର ଉତ୍ସ, ତାହାର ର୍ଦନ ନୟନାଭିରାମ, ତାହାର ଅସ୍ପଷ୍ଟ ଅମୃତ ବଚନ କର୍ଣ୍ଣରେ ପୀୟୁଷ ଢ଼ାଳିଦିଏ । ତାହାର ଗତିବିଧି ଦର୍ଶକ ପ୍ରାଣରେ ଆନନ୍ଦର ଢ଼େଉ ଖେଳାଇଦିଏ । ସେ ନିଜର ଚପଳ କ୍ରୀଡ଼ା କୌତୁକରେ ସୃଷ୍ଟିର ଅଭିନୟ କରେ । ପ୍ରତି ଯୁଗରେ, ପ୍ରତି ଦେଶରେ କବିମାନଙ୍କ ହୃଦୟରୁ ସେଥିପାଇଁ ମଧୁମୟ ଶୈଶବ ସମ୍ବନ୍ଧରେ ମଧୁରଗାନ ନିଃସୃତ ହୋଇଛି ।

ରାଜପୁତ୍ର ଖାରବେଳ କ୍ରମଶଃ ମଧୁମୟ ଶୈଶବକାଳ ଅତିକ୍ରମ କରି ବାଲ୍ୟାବସ୍ଥାରେ ପଦାର୍ପଣ କଲେ । ବାଲ୍ୟାବସ୍ଥା ଉପନୀତ ହୁଅନ୍ତେ ପ୍ରାଚୀନ ପାରିବାରିକ ବିଧି ଅନୁଯାୟୀ ବିଦ୍ୟାଶିକ୍ଷା ଆରମ୍ଭ ହେଲା । ପୁତ୍ରର

ଶିକ୍ଷା ନିମିତ୍ ପ୍ରସିଧ୍ ପଣ୍ଡିତମାନେ ନିଯୁକ୍ତ ହେଲେ । ତାଙ୍କର ସ୍ମୃତିଶକ୍ତି ଅତି ତୀକ୍ଷ୍ଣ ଥିଲା । ସେ ଅଳ୍ପକାଳ ମଧରେ ଲିଖନ, ପଠନ, ସଂଗୀତ ପ୍ରଭୃତିରେ ବିଶେଷ ପ୍ୟୁତ୍ପତ୍ତି ଲାଭ କରିଥିଲେ । ରାଜପୁତ୍ର ଉପଯୋଗୀ ନାନାପ୍ରକାର କ୍ରୀଡ଼ା କୌତୁକ ଓ ବ୍ୟାୟାମ ଶିକ୍ଷା ଫଳରେ ତାଙ୍କର ଶରୀର କ୍ରମଶଃ ସୁସ୍ଥ, ସବଳ ଓ ହୃଷ୍ଟପୁଷ୍ଟ ହେଲା । ରାଜପ୍ରାସାଦକୁ ନାନାଦେଶାଗତ ଯତି, ଋଷି ଓ ଶ୍ରମଣମାନଙ୍କର ସାହର୍ଯ୍ୟେ ଓ ସଦୁପଦେଶ ଲାଭ ଫଳରେ ଶିଶୁର ନୈତିକ ଉନ୍ନତି ସାଧିତ ହେଲା । ବାଲ୍ୟକାଳରେ ଆଦର୍ଶ ଶିକ୍ଷାଦାନ ଦ୍ୱାରା, ଏକାଧାରରେ ତାଙ୍କର କାୟିକ, ମାନସିକ ଓ ନୈତିକ ଉନ୍ନତି ସାଧିତ ହେବାରୁ ସେ ଭବିଷ୍ୟତରେ ଜଣେ ଆଦର୍ଶ ରାଜା ହେବାକୁ ସମର୍ଥ ହୋଇଥିଲେ ।

ପ୍ରାଚୀନ ବୌଧ୍ ଯଗୁରେ ରାଜପୁତ୍ର, ଧନିକ ଓ ସମ୍ଭ୍ରାନ୍ତ ସନ୍ତାନଗଣ ବାଲ୍ୟଶିକ୍ଷା ସମାପ୍ତ କରି ବହୁଦୂରବର୍ତ୍ତୀ ତକ୍ଷଶୀଳା, କାଶୀ, ଶ୍ରୀବସ୍ତୀ ପ୍ରଭୃତି ପ୍ରସିଧ୍ ବିଦ୍ୟାପୀଠ ମାନଙ୍କର ସଦ୍‌ଗୁରୁମାନଙ୍କ ଦତ୍ୱାବଧାନରେ ବହୁକାଳ ରହି ସ୍ୱ ସ୍ୱ ଶିକ୍ଷା ସମାପ୍ତ କରୁଥିଲେ । କେତେକ ରାଜପୁତ୍ର ସ୍ୱ ସ୍ୱ ରାଜଧାନୀରେ ରହି ଜ୍ଞାନବୃଧି, ଅଭିଜ୍ଞ, ନାନା-ବିଦ୍ୟା-ବିଶାରଦ କୁଳଗୁରୁମାନଙ୍କଠାରୁ ରାଜନୀତି, ଧର୍ମନୀତି, ଯୁଧ୍‌ବିଦ୍ୟା, ସଂଗୀତ ପ୍ରଭୃତି ରାଜପଦୋପଯୋଗୀ ନାନା ବିଷୟରେ ଜ୍ଞାନାର୍ଜନ କରି ନିଜର ନିଜର ଶିକ୍ଷା ସମାପ୍ତ କରୁଥିଲେ । ପିତାମାତା ଓ ଗୁରୁଜନମାନଙ୍କର ତତ୍ୱବଧାନରେ ସ୍ୱୀୟ ରାଜଧାନୀରେ ରହି ଶିକ୍ଷାଲାଭ ଅପେକ୍ଷା ଅଧିକ ଉପଯୋଗୀ ଓ ସୁଫଳପ୍ରଦ ବୋଲି କୂଟନୀତି ବିଶାରଦ ଚାଣକ୍ୟ ନିଜ ପ୍ରସିଧ୍ ଗ୍ରନ୍ଥ ଅର୍ଥଶାସ୍ତ୍ରରେ ଲେଖିଛନ୍ତି । ସାଧାରଣତଃ ସେ ଯୁଗର ରାଜାମାନେ ରାଜକୁମାରମାନଙ୍କୁ ଶିକ୍ଷା ପ୍ରଦାନ ନିମିତ୍ ଚାଣକ୍ୟଙ୍କ ନୀତ ଅବଲମ୍ବନ କରୁଥିଲେ । ଲଳିତ ବିସ୍ତର ନାମକ ବୌଧ୍‌ଗ୍ରନ୍ଥରୁ ଜଣାଯାଏଯେ, ବୁଧ୍‌ଦେବ ବିଶ୍ୱାମିତ୍ର ନାମକ ଗୁରୁଙ୍କଠାରୁ ଶିକ୍ଷାଲାଭ କରିଥିଲେ । କୃଷ୍ଣ ଓ ବଳରାମ ସନ୍ଦୀପନୀ ଋଷିଙ୍କଠାରୁ ଶିକ୍ଷାଲାଭ କରିଥିଲେ । ଭାରତ ପ୍ରସିଧ୍ ସମ୍ରାଟ୍ ଅଶୋକ ମଧ ସ୍ୱୀୟ ରାଜଧାନୀ ପାଟଳୀପୁତ୍ରରେ ରହି ନିଜର ଶିକ୍ଷା ସମାପ୍ତ କରିଥିଲେ । ଶ୍ରୀ ଖାରବେଳଙ୍କ ଲେଖାପାଠରୁ ଜଣାଯାଏ ଯେ, ସେ ୫ଦଶ ବର୍ଷଠାରୁ ଚତୁର୍ବିଂଶ ବର୍ଷ ପର୍ଯ୍ୟନ୍ତ କଳିଙ୍ଗ ରାଜଧାନୀରେ ରହି ପ୍ରବୀଣ ଜ୍ଞାନବୃଧ୍ ଗୁରୁମାନଙ୍କଠାରୁ ନାନା ବିଷୟରେ ଶିକ୍ଷାଲାଭ କରିଥିଲେ । ସେ ଏହି ନଅ ବର୍ଷ ମଧରେ (୧)ଲେଖ (୨) ରୂପ (୩) ଗଣନା (୪) ବ୍ୟବହାର (୫) ବିଧି (୬) ଗନ୍ଧର୍ବ ବେଦ, ଧନୁର୍ବେଦ, ଯୁଧ୍‌ବିଦ୍ୟା ଓ ଅନ୍ୟାନ୍ୟ କଳା ବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ବିଦ୍ୟାଶିକ୍ଷା ସଂଗେ ସଂଗେ ନିଜର ବହୁଦର୍ଶିତା, ଅଭିଜ୍ଞତା ଓ ବୈଷୟିକ ଜ୍ଞାନର ବୃଧି ଓ ରାଜ୍ୟଶାସନ ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ନିମିତ୍ ସେ ରାଜ୍ୟର ମନ୍ତ୍ରୀ, ସେନାପତି, କୋଷାଧକ୍ଷ ଓ ସଂଗ୍ରାହକ ପ୍ରଭୃତି କର୍ମଚାରୀମାନଙ୍କର କାର୍ଯ୍ୟକଳାପ ତତ୍ୱାବଧାନ କରୁଥିଲେ । ଯୁବରାଜ ଖାରବେଳଙ୍କ କାର୍ଯ୍ୟକୁଶଳତା ଓ ଶାସନ ଦକ୍ଷତା ଫଳରେ କଳିଙ୍ଗ ରାଜାଙ୍କ ଦାୟିତ୍ୱ ଓ ଶ୍ରମ ଅନେକାଂଶରେ ଲାଘବ ହୋଇଥିଲା ।

ଅର୍ଥଶାସ୍ତ୍ର, ମନୁ, ଯାଜ୍ଞବଲ୍‌କ୍ୟ ଓ ପରାଶରଙ୍କ ଦ୍ୱାରା ପ୍ରଣୀତ ସ୍ମୃତିଶାସ୍ତ୍ର, ପୁରାଣ, ରାମାୟଣ ଓ ମହାଭାରତ ପ୍ରଭୃତି ଗ୍ରନ୍ଥରୁ ଜଣାଯାଏ ଯେ, ପୂର୍ବକାଳରେ ରାଜା ନିଜର କାର୍ଯ୍ୟକଳାପ ଯୋଗୁଁ ସମାଜରେ ସର୍ବୋଚ୍ଚ ସ୍ଥାନ ଅଧିକାର କରୁଥିଲେ। ରାଜାଙ୍‌କୁ ମାନବରୂପୀ ଦେବତା ମନେକରି ଲୋକମାନେ ତାଙ୍କୁ ଦେବଯୋଗ୍ୟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ରାଜା ପ୍ରଜାମାନଙ୍କର ଦୁଃଖ, ସୁଖ, ପାପ, ପୁଣ୍ୟ, ଉନ୍ନତି ଓ ଅବନତି ପାଇଁ ସମ୍ପୂର୍ଣ୍ଣରୂପେ ଦାୟୀ ଥିଲେ । ରାଜ୍ୟକୁ ବହିଃଶତ୍ରୁ ଓ ଅନ୍ତଃଶତ୍ରୁର ଆକ୍ରମଣରୁ ରକ୍ଷା, ବିପ୍ଳବ ଦମନ, ଅରାଜକତାର ଧ୍ୱଂସସାଧନ, ଧର୍ମରକ୍ଷା ଓ ଧର୍ମର ଅଭିବୃଧି, ଲଘୁକର ଆଦାୟଦ୍ୱାରା

ପ୍ରଜାହିତକର ନାନାବିଧ କାର୍ଯ୍ୟର ଅନୁଷ୍ଠାନ, ସତ୍ୟ ଓ ଧର୍ମ ଓ ନ୍ୟାୟକୁ ଆଶ୍ରୟ କରି ଅପତ୍ୟ ନିର୍ବିଶେଷରେ ପ୍ରଜାପାଳନ, ଦୁର୍ଭିକ୍ଷ, ବନ୍ୟା, ଭୂକମ୍ପ, ଅଗ୍ନିକାଣ୍ଡ ପ୍ରଭୃତି ଦୈବୀ ବିପତ୍ତିର ଯଥୋଚିତ ପ୍ରତିକାର ବିଧାନ ରାଜାଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ପ୍ରଜାମାନଙ୍କୁ ଶୋଷଣ, ପୀଡ଼ନ, ଦମନ, ଧର୍ଷଣ ଏବଂ ଭୋଗବିଳାସରେ ରାଜ-ବିଭବର ବ୍ୟୟ, ରାଜଧର୍ମ ବିରୁଦ୍ଧ ଥିଲା । ପ୍ରଜାରଞ୍ଜନ ରାଜାଙ୍କର ପ୍ରଧାନ ଧର୍ମ ଥିଲା ଏବଂ ଏହାଦ୍ୱାରା ହିଁ ଐହିକ, ପାରତ୍ରିକ ସୁଖ ଓ ମୁକ୍ତିଲାଭ କରିବା ଧାରଣା ସେମାନଙ୍କର ହୃଦୟରେ ବଦ୍ଧମୂଳ ଥିଲା । ଯୁବରାଜ ଶ୍ରୀ ଖାରବେଳ ପ୍ରାଚୀନ ଯୁଗର ଏହି ମହତ୍ ରାଜାଦର୍ଶ ଅନୁସରଣ କରି କଳିଙ୍ଗ ଜନନୀର ମୁଖ ଉଜ୍ଜ୍ୱଳ କରିଥିଲେ ଏବଂ ପରାଧୀନ କଳିଙ୍ଗବାସୀଙ୍କ ହୃଦୟରେ ନବୀନ ବଳ, ସାହସ ଓ ଉତ୍ସାହ ସଚାର କରିଥିଲେ ।

!!!

# ଦ୍ୱିତୀୟ ଅଧାୟ

## ରାଜ୍ୟାଭିଷେକ, ରାଜତ୍ୱ ଓ ଭାରତ ବିଜୟ

ଶ୍ରୀ ଖାରବେଳଙ୍କ ଚତୁର୍ବିଂଶତି ବର୍ଷ ବୟସରେ ତାଙ୍କର ପିତା ଇହଧାମ ତ୍ୟାଗ କରିଥିଲେ । ଜ୍ୟୋତ୍ସ୍ନାବିଧୌତ ପୂର୍ଣ୍ଣିମା ରଜନୀରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ପୃଥିବୀକୁ ଅନ୍ଧକାରାଚ୍ଛନ୍ନ କଲାପରି କଳିଙ୍ଗର ସର୍ବାଙ୍ଗୀନ ଉନ୍ନତି ବିଧାୟକ ବୃଧ୍ ରାଜାଙ୍କର ମୃତ୍ୟୁରେ ରାଜ୍ୟରେ ବିଷାଦର ତାମସୀ ଛାୟା ଘୋଟିଗଲା । କଳିଙ୍ଗର ପ୍ରକୃତପୁଞ୍ଜ ଗଭୀର ଶୋକରରେ ଅଭିଭୂତ ହେଲେ । କିନ୍ତୁ ପ୍ରଜାବର୍ଗଙ୍କର ଏ ଦୁଃଖ ବହୁଦିନ ସ୍ଥାୟୀ ହେଲାନାହିଁ । ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ମହାସମାରୋହରେ ସମ୍ପନ୍ନ କରିଥିଲେ । ରାଜ୍ୟର ନିରନ୍ନ, ଦରିଦ୍ର, ସମ୍ବଳହୀନ, କାଙ୍ଗାଳମାନଙ୍କୁ ଭୂରିଭୋଜନ, ଅର୍ଥ ଓ ବସ୍ତ୍ର ପ୍ରଦତ୍ ହୋଇଥିଲା । ପାନ ଭୋଜନ ଓ ବିପୁଳ ଅର୍ଥଦାନ ଦ୍ୱାରା ବ୍ରାହ୍ମଣ, ଜୈନ ଓ ବୌଧ୍ ଶ୍ରମଣମାନଙ୍କର ତୁଷ୍ଟି ବିଧାନ କରାହୋଇଥିଲା ।

ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନ ପରେ ଶ୍ରୀ ଖାରବେଳଙ୍କ ରାଜ୍ୟାଭିଷେକ ଉତ୍ସବ ପାଇଁ ଗଣକ ଓ ଜୋତିଷୀମାନଙ୍କ ଦ୍ୱାରା ଶୁଭଦିନ ନିର୍ଦ୍ଧିଷ୍ଟ ହୋଇଥିଲା । ଶ୍ରୀ ଖାରବେଳ ଜୈନଧର୍ମାବଲମ୍ବୀ ହେଲେ ମଧ ପରମ୍ପରା ଅନୁସୃତ ପ୍ରାଚୀନ ବୈଦିକ ବିଧିବିଧାନ ଅନୁଯାୟୀ ନିର୍ଦ୍ଧିଷ୍ଟ ଦିବସରେ ତାଙ୍କର ଅଭିଷେକ ଉତ୍ସବ ବହୁ ଆଡ଼ମ୍ବର ସହକାରେ ରାଜଧାନୀ କଳିଙ୍ଗ ନଗରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିବସ ରାଜ୍ୟର ସର୍ବାଚଳରେ ଆନନ୍ଦର ସ୍ରୋତ ପ୍ରବାହିତ ହେବାକୁ ଲାଗିଲା । ରାଜ୍ୟର ଦେବାୟତନ, ମଠ, ବିହାର, ଚୈତ୍ୟମାନଙ୍କରେ ରାଜାଙ୍କର ଭବିଷ୍ୟତ ଶୁଭ ପାଇଁ ସମଗ୍ର ଦିବସ ସ୍ୱସ୍ତିବାଚନ, ପୂଜା, ଆରାଧନା, ପ୍ରାର୍ଥନା ହୋଇଥିଲା । ଏହି ପବିତ୍ର ଦିବସରେ ରାଜ୍ୟର ପ୍ରତ୍ୟେକ ନଗର ଓ ଗ୍ରାମରେ ନାନାପ୍ରକାର ଉତ୍ସବ ଓ ସମାଜ ଅନୁଷ୍ଠିତ ହେଲା । ରାଜା ଦେଶର ନିଃସ୍ୱ, ପୌର ଓ ଜାପଦମାନଙ୍କ ମଧରେ ବିପୁଳ ଅର୍ଥ ବ□ନ କରାଯାଇଥିଲା । ଉକ୍ତ ମଙ୍ଗଳ କାର୍ଯ୍ୟକୁ ସ୍ମରଣୀୟ କରିବା ପାଇଁ ପ୍ରଜାମାନଙ୍କୁ ନାନାବିଧ କର ଓ ପଣ୍ୟରୁ ଅବ୍ୟାହତି ଦିଆଗଲା । ସାମନ୍ତ, ମହାସାମନ୍ତ, ଭୋଗୀ, ମାଣ୍ଡଳିକ ପ୍ରଭୃତି ଅନୁଗତ ଶାସକବୃନ୍ଦ ଓ ବିଶିଷ୍ଟ ରାଜକର୍ମଚାରୀମାନେ ନାନାବିଧ ଉପାଧିରେ ଭୂଷିତ ଓ ବହୁଭାବରେ ରାଜାନୁଗ୍ରହ ଲାଭ କରିଥିଲେ । ଅଭିଷେକୋତ୍ସବ ସମାପନା ପରେ କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳ ଶାସନ ଦଣ୍ଡ ସ୍ୱହସ୍ତରେ ଗ୍ରହଣ କରି ଗୁରୁ ଦାୟିତ୍ୱପୂର୍ଣ୍ଣ ନାନାବିଧ ବିପଦର ଆଧାର ରାଜ୍ୟଶାସକ କାର୍ଯ୍ୟ ଆରମ୍ଭ କଲେ ।

ହାତୀଗୁମ୍ଫା ଲେଖରୁ କଳିଙ୍ଗ ସମାଟ ଶ୍ରୀ ଖାରବେଳଙ୍କର ଚତୁର୍ବିଂଶତି ବର୍ଷ ବୟସ ଠାରୁ ସପ୍ତତ୍ରିଂଶ ବର୍ଷ ବର୍ଷ ବୟସ ପର୍ଯ୍ୟନ୍ତ ଚତୁର୍ଦ୍ଦଶ ବର୍ଷ ରାଜତ୍ୱର ବୃତାନ୍ତ ମିଳେ । ସେ ଏହି କ୍ଷୁଦ୍ର ରାଜତ୍ୱକାଳ ମଧରେ ଶତ ଶତ ଗୁହା, ବାପୀ, ତଡ଼ାଗ, ଉଦ୍ୟାନ, ମନ୍ଦିର, ଗୋପୁର, ପ୍ରାସାଦ ପ୍ରଭୃତି କରାଇଥିଲେ ମଧ ଭାରତ ବିଜୟ ତାଙ୍କ ରାଜତ୍ୱର ପ୍ରଧାନ ଘଟଣା । ଶ୍ରୀ ଖାରବେଳଙ୍କ ଦିଗ୍‌ବିଜୟ ବୃତାନ୍ତ ଆଲୋଚନା କଲେ ମନେହୁଏ ଯେ, ସେ ଗ୍ରୀକ୍ ଆଲୋଜାଣ୍ଡର, ରୋମୀୟ ବିଜେତା ସିଜର୍, ବିଶ୍ୱବିଜୟୀ ନେପୋଲୀୟନ, ମୌର୍ଯ୍ୟସମ୍ରାଟ ଚନ୍ଦ୍ରଗୁପ୍ତ, ଭାରତ ବିଜୟୀ ସମୁଦ୍ରଗୁପ୍ତ ଓ ମୋଗଲବାଦସା ଆକବର ପ୍ରଭୃତି ପୃଥିବୀର ବରେଣ୍ୟ ବୀରଗ୍ରଣୀମାନଙ୍କ ସହିତ ଆସନ ଲାଭ କରିବା ପାଇଁ ସର୍ବଥା ଉପଯୁକ୍ତ । ସୁଦୂର ଅତୀତର ତାଙ୍କର ବିଜୟ ସ୍ମୃତି ସକଳ ବିଷୟରେ ଚିନ୍ତାକଲେ ମନରେ ଅପାର ଆନନ୍ଦ, ଗର୍ବ ଓ ଗୌରବ, ହୃଦୟରେ ନବୀନ ବଳ, ସାହସ ଓ ଉତ୍ତେଜନାର ସଚାର ହୁଏ । ତାଙ୍କର ବୀରତ୍ୱ ଗାଥା ପତିତ, ପଦାନତ, ଅବସନ୍ନ ଓ ବିଚ୍ଛିନ୍ନ ଓଡ଼ିଆ

ଜାତିର ମୃତସଞ୍ଜୀବନୀ ସୁଧା ।

ଅଭିଷିକ୍ତ ହେବା ମାତ୍ରେ ଶ୍ରୀ ଖାରବେଳ ସ୍ୱୀୟ ରାଜଧାନୀ କଳିଙ୍ଗ ନଗରର ଜୀର୍ଣ୍ଣ ସଂସ୍କାର ଓ ଶ୍ରୀବୃଦ୍ଧି ସାଧନା ପାଇଁ ଯତ୍ନବାନ ହେଲେ । ତାଙ୍କ ରାଜତ୍ୱ ପୂର୍ବରୁ ପ୍ରବଳ ପ୍ରଭଞ୍ଜନ ଓ ଧାରାପତା ଦ୍ୱାରା କଳିଙ୍ଗ ନଗରର ଅନେକ ଗୋପୁର, ପ୍ରାକାର, ନିବେଶନ ପ୍ରଭୃତି ନଷ୍ଟ ହୋଇଥିଲା । ପୁଷ୍କରିଣୀ ଓ ପ୍ରଣାଳୀଗୁଡ଼ିକର ବନ୍ଧ ଭାଙ୍ଗିଯାଇଥିଲା, ଉଦ୍ୟାନ ସକଳ ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା । ସେ ସିଂହାସନ ଆରୋହଣ କରିବା ପରେ ୫ତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟ କରି ଭଗ୍ନ ପ୍ରାସାଦ, ଉଦ୍ୟାନ ବନ୍ଧମାନ ପୁନର୍ନିର୍ମାଣ କରିଥିଲେ । ସ୍ୱୀୟ ରାଜଧାନୀର ଜୀର୍ଣ୍ଣସଂସ୍କାର କାର୍ଯ୍ୟ ସମାପନାନ୍ତେ ସେ ମାନ୍ଧାତା, ପୃଥୁ, ଭରତ, ଭଗୀରଥ, ରଘୁ ପ୍ରଭୃତି ପ୍ରାଚୀନ ଦିଗ୍‌ବିଜୟୀ ନୃପତିମାନଙ୍କ ପରି ଆସମୁଦ୍ର-କ୍ଷିତିର-ଅଧିଶ୍ୱର ହେବାର ଅଭିଳାଷ ପୂରଣ କରିବା ପାଇଁ ବିପୁଳ ଆୟୋଜନ କଲେ । ଏହି ଉଦ୍ଦେଶ୍ୟରେ ସେ ରାଜଧାନୀରେ ଅସଂଖ୍ୟ ସୈନ୍ୟ, ବିପୁଳ ଅସ୍ତ୍ରଶସ୍ତ୍ର ଓ ଖାଦ୍ୟସମ୍ଭାର, ଶତ ଶତ ଯାନବାହନ ସଂଗ୍ରହ କରିଥିଲେ । ଅନ୍ତର୍ବିପ୍ଳବ, ଅରାଜକତା ଓ ବାହ୍ୟଶତ୍ରୁର ଆକ୍ରମଣରୁ ଦେଶକୁରକ୍ଷା କରିବା ପାଇଁ କଳିଙ୍ଗର କେନ୍ଦ୍ରସ୍ଥାନ ଓ ଉପାନ୍ତ ଅଚଳରେ ସୈନ୍ୟ ସମାବେଶ କରାଗଲା । ଦେଶରକ୍ଷାର ସମସ୍ତ ସୁବ୍ୟବସ୍ଥା କରି ସେ ପୁରାଣ ପ୍ରସିଧ୍ ନୃପତିମାନଙ୍କର ପଦାଙ୍କ ଅନୁସରଣ ପୂର୍ବକ ଦିଗ୍‌ବିଜୟରେ ବହିର୍ଗତ ହେଲେ ।

ଶ୍ରୀ ଖାରବେଳଙ୍କ ରାଜତ୍ୱ ପୂର୍ବରୁ ମହାରାଷ୍ଟ୍ର ପ୍ରଦେଶରେ ଆନ୍ଧ୍ର ସାତବାହନ ବଂଶୀୟ ରାଜାମାନେ ବିଶେଷ କ୍ଷମତାଶୀଳ ହୋଇ ସମଗ୍ର ଦାକ୍ଷିଣାତ୍ୟରେ ନିଜର କ୍ଷମତା ଓ ପ୍ରଭାବ ବିସ୍ତାର କରିଥିଲେ । ପ୍ରାୟ ଖ୍ରୀ.ପୂ. ୨୩୦ ଅବଦରେ ସିମୁକ ଏହି ବଂଶ ପ୍ରତିଷ୍ଠା କରିଥିଲେ । ଏହି ବଂଶର ତୃତୀୟ ରାଜା, ସିମୁକଙ୍କର ପୁତ୍ର ଓ ନୟନିକାଙ୍କର ସ୍ୱାମୀ ଶ୍ରୀ ସାତକର୍ଣ୍ଣୀ ଶ୍ରୀ ଖାରବେଳଙ୍କର ସମସାମୟିକ ଥିବାରୁ ଐତିହାସିକମାନେ ସ୍ଥିର କରିଅଛନ୍ତି । ସେ ସମଗ୍ର ଦକ୍ଷିଣାପଥର ଅଧିପତି ଥିଲେ । ଗୋଦାବରୀ ନିକଟବର୍ତ୍ତୀ 'ପୈଥାନ' ବା 'ପ୍ରତିସ୍ଥାନ' ତାଙ୍କର ରାଜଧାନୀ ଥିଲା । ନାସିକ ଶିଳାଲିପିରୁ ଜଣାଯାଏ ଯେ, ଅସିକ, ଅସକ, ମୂଳକ, ସୁରାଷ୍ଟ୍ର, କୁକ୍‌କୁର, ଅପରାନ୍ତ, ଅନୂପ, ବିଦର୍ଭ, ଆକର ଓ ଅବନ୍ତୀ ପ୍ରଭୃତି ରାଜ୍ୟମାନ ତାଙ୍କର ଅଧୀନ ଥିଲା । ଏ ସମସ୍ତ ରାଜ୍ୟର ଭୌଗୋଳିକ ଅବସ୍ଥିତି ଆଲୋଚନା କଲେ ଜଣାଯାଏ ଯେ, ଆଧୁନିକ ମଧପ୍ରଦେଶର ପଶ୍ଚିମାଂଶ ମହାରାଷ୍ଟ୍ର ପ୍ରଦେଶର ଉତ୍ତରାଂଶ ଓ ଆନ୍ଧ୍ରରାଜ୍ୟର ଅଧିକାଂଶ ଶ୍ରୀ ସାତକର୍ଣ୍ଣୀଙ୍କ ଶାସନାଧୀନ ଥିଲା । ତେଣୁ ଶ୍ରୀ ସାତକର୍ଣ୍ଣୀ ଯେ ଦାକ୍ଷିଣାତ୍ୟର ଜଣେ ପ୍ରସିଧ୍ ନରପତି ଥିଲେ, ଏଥିରେ ସନ୍ଦେହ ନାହିଁ । ଅଶୋକଙ୍କ ମୃତ୍ୟୁପରେ ଦାକ୍ଷିଣାତ୍ୟରେ ଆନ୍ଧ୍ର ଓ କଳିଙ୍ଗ ରାଜ୍ୟ ପୁନର୍ବାର ସ୍ୱାଧୀନ ହୋଇ ରାଜ୍ୟ ବୃଧି ଓ କ୍ଷମତା ବିସ୍ତାର ପାଇଁ ପରସ୍ପର ସହିତ ବାରମ୍ବାର ଯୁଧିରେ ବୈରଭାବ ପ୍ରବଳ ଥିଲା । ଗୋଦାବରୀ ନଦୀ ଉଭୟ ରାଜ୍ୟର ନୈସର୍ଗିକ ସୀମା ଥିଲା । ଶ୍ରୀ ଖାରବେଳ ରାଜତ୍ୱର ଦ୍ୱିତୀୟ ବର୍ଷରେ ନର-ଗଜ-ହୟ-ରଥ ବିଶିଷ୍ଟ ଚତୁରଙ୍ଗ ବଳ ପଶ୍ଚିମ ଦିଗକୁ ପରିଚାଳନ କଲେ ଏବଂ ନିଜର ରାଜ୍ୟ ଓ ବଂଶମର୍ଯ୍ୟାଦା ବୃଧି ନିମିତ୍ ଗୋଦାବରୀ ନଦୀ ଅତିକ୍ରମ କରି ଅତର୍କିତ ଭାବରେ ଶ୍ରୀ ସାତକର୍ଣ୍ଣୀଙ୍କ ରାଜ୍ୟ ଆକ୍ରମଣ କରି ତାଙ୍କୁ ପରାସ୍ତ କରିଥିଲେ ।

ସାତକର୍ଣ୍ଣୀଙ୍କୁ ପରାସ୍ତ କରି ଶ୍ରୀ ଖାରବେଳ ଆନ୍ଧ୍ର ସାମ୍ରାଜ୍ୟର ପ୍ରଧାନ ରାଜ୍ୟ ଅସକ (ଅସିକ) ବିରୁଧିରେ ଅଭିଯାନ ଚଳାଇଥିଲେ । ଅସିକ (ଅସକ) ବା ପ୍ରାଚୀନ ଅସ୍ମ ରାଜ୍ୟ ଗୋଦାବରୀ ନଦୀକୂଳରେ ଅବସ୍ଥିତ ଥିଲା ଓ ପୋତନ (ପତ୍‌ନ) ଏହାର ରାଜଧାନୀ ଥିଲା । କଳିଙ୍ଗ ଓ ଅସ୍ମକ ରାଜ୍ୟ ମଧରେ ଶ୍ରୀ ଖାରବେଳଙ୍କ

ରାଜତ୍ୱର ବହୁ ପୂର୍ବରୁ ଶତ୍ରୁତା ଥିଲା ଉଭୟ ରାଜ୍ୟ ମଧରେ ମଧେ ମଧେ ଯୁଧ୍ ବିଗ୍ରହ ହେଉଥିଲା । ଶ୍ରୀ ଖାରବେଳ ଉକ୍ତ ରାଜ୍ୟ ଆକ୍ରମଣ କରିବାରୁ ଉଭୟ ରାଜ୍ୟ ମଧରେ ଭୀଷଣ ଯୁଧ୍ ଆରମ୍ଭ ହେଲା । ପ୍ରଥମେ ସେ ଉକ୍ତ ରାଜ୍ୟ ଜୟ କରିବା ପାଇଁ ସମର୍ଥ ହୋଇନଥିଲେ । ତେଣୁ କଳିଙ୍ଗରୁ ତାଙ୍କୁ ସାହାଯ୍ୟ ଦେବାପାଇଁ ପୁନର୍ବାର ଦଳେ ସେନା ପ୍ରେରିତ ହୋଇଥିଲେ । ଏହା ସାହାଯ୍ୟରେ ଶେଷରେ ଶ୍ରୀ ଖାରବେଳ ଜୟଲାଭ କଲେ ଓ ଉକ୍ତ ରାଜ୍ୟ ତାଙ୍କର ଅଧୀନତା ସ୍ୱୀକାର କଲା । ଏହି ରାଜ୍ୟର ପତନ ପରେ ଆନ୍ଧ୍ର ସମ୍ରାଟ୍ ସାତକର୍ଣ୍ଣୀ ଶ୍ରୀ ଖାରବେଳଙ୍କ ଅଧୀନତା ସ୍ୱୀକାର କରିଥିଲେ ।

ଏହାପରେ ବିଜୟ ମଦ୍‌ମତ୍ ଶ୍ରୀ ଖାରବେଳ ସ୍ୱୀୟ ରାଜଧାନୀ କଳିଙ୍ଗ ନଗରକୁ ଫେରିଆସି ଉତ୍ସବ, ସମାଜ ପ୍ରଭୃତି ଅନୁଷ୍ଠାନ ଓ ଗୀତ, ନୃତ୍ୟ, ବାଦ୍ୟ ଇତ୍ୟାଦିର ସନ୍ଦର୍ଶନ ଦ୍ୱାରା ସ୍ୱୀୟ ପ୍ରଜାମାନଙ୍କର ଚିତ୍‌ବିନୋଦନ କରିଥିଲେ । ରାଜତ୍ୱର ତୃତୀୟ ବର୍ଷ ସେ ଆମୋଦ ପ୍ରମୋଦରେ କଟାଇଥିଲେ । କିନ୍ତୁ ଦାକ୍ଷିଣାତ୍ୟର ସମସ୍ତ ରାଜ୍ୟ ଜୟ କରିନଥିବାରୁ ସେ ସୁଖ ଶାନ୍ତିରେ କାଳ କଟାଇ ପାରିଲେ ନାହିଁ । ତାଙ୍କର ପ୍ରବଳ ବିଜିଗୀଷା ପୂର୍ଣ୍ଣ କରିବା ପାଇଁ ସେ ରାଜତ୍ୱର ଚତୁର୍ଥ ବର୍ଷରେ ରାଷ୍ଟ୍ରିକ ଓ ଭୋଜକମାନଙ୍କ ବିରୁଧ୍‌ରେ ଯୁଧ୍‌ଯାତ୍ରା କରିଥିଲେ । ରାଷ୍ଟ୍ରିକ୍ ଓ ଭୋଜକମାନେ ଆଧୁନିକ ମଧପ୍ରଦେଶରେ ପଶ୍ଚିମାଚଳରେ ନର୍ମଦା ନଦୀ କୂଳବର୍ତ୍ତୀ ଭୂଖଣ୍ଡରେ ବାସ କରୁଥିଲେ । ଅଶୋକଙ୍କ ରାଜତ୍ୱରେ ଏମାନେ ପରାକ୍ରମଶାଳୀ ଥିବାର ତାଙ୍କର ଶୀଳାଲେଖମାନଙ୍କରୁ ଜଣାଯାଏ । ଏମାନଙ୍କୁ ପରାସ୍ତ କରିବା ଫଳରେ ଦାକ୍ଷିଣାତ୍ୟରେ ଅଧିକାଂଶ ତାଙ୍କର ପଦାନତ ହେଲା । ତାଙ୍କର ବିଜୟ ଫଳରେ ନବୋତ୍‌ଥିତ ଆନ୍ଧ୍ର ସାତବାହନ ବଂଶର କ୍ଷମତା କିଛିକାଳ ପାଇଁ ହ୍ରାସଲାଭ କରିଥିଲା ।

ରାଜତ୍ୱର ୫ମ, ଷଷ୍ଠ ଓ ସପ୍ତମ ବର୍ଷରେ ସେ କୌଣସି ଦେଶ ଜୟ କରିବା ପାଇଁ ଯାଇନଥିଲେ । ଇତିମଧରେ ସେ ଦାକ୍ଷିଣାତ୍ୟ ବିଜୟ ପରେ ସମଗ୍ର ଉତ୍‌ର ଭାରତ ଜୟ କରିବାପାଇଁ ସକଳ ପ୍ରକାର ଆୟୋଜନ କରିଥିଲେ । ସେ ସମୟରେ ମଗଧ ରାଜ ସମଗ୍ର ଭାରତ ବର୍ଷରେ ଧନ, ଜନ ଓ ଶକ୍ତିରେ ଶୀର୍ଷସ୍ଥାନ ଅଧିକାର କରିଥିଲା । ତାଙ୍କ ରାଜତ୍ୱର କେତେକ ବର୍ଷ ପୂବେ ଖ୍ରୀଷ୍ଟପୂର୍ବ ୨୬୧ ଅବ୍ଦରେ ମଗଧାଧିପତି ଭାରତ ସମ୍ରାଟ ଅଶୋକ ପୃଥିବୀ ବିଖ୍ୟାତ କଳିଙ୍ଗ ଯୁଦ୍ଧରେ ତାଙ୍କର ପୂର୍ବପୁରୁଷଙ୍କ ପରାସ୍ତ କରି କଳିଙ୍ଗର ସ୍ୱାଧୀନତା ଅପହରଣ କରିଥିଲେ । ସେହି ଅପମାନର ଭୀଷଣ ପ୍ରତିଶୋଧ ନେବା ନିମିତ୍ ସେ ସମସାମୟିକ ଅଙ୍ଗ ମଗଧ ରାଜ୍ୟର ଅଧିପତି ମୌର୍ଯ୍ୟବଂଶୀୟ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ଉକ୍ତ ରାଜ୍ୟକୁ ପଦାନତ କରିବା ପାଇଁ ଦୃଢ଼ପ୍ରତିଜ୍ଞା ହୋଇଥିଲେ ।

ମଗଧ ବିଜୟରେ ବହିର୍ଗତ ହେବା ପୂର୍ବରୁ ସେ ରାଜତ୍ୱର ସପ୍ତମ ବର୍ଷରେ ନିଜର ସାମରିକ ଶକ୍ତି ବୃଧିକରିବା ପାଇଁ ଆସି, ଛତ୍ର, ଧ୍ୱଜ, ରକ୍ଷୀ, ତୁରଙ୍ଗ, ହସ୍ତୀ ଓ ରଥ ପ୍ରଭୃତିର ସଂଖ୍ୟା ବୃଧି କରିଥିଲେ । ମଗଧ ଅଭିଯାନ ପାଇଁ ବିପୁଳ ସୈନ୍ୟ ସମାବେଶ ଓ ଅସ୍ତ୍ରଶସ୍ତ୍ର ସଜ୍ଜା ଆରମ୍ଭ ହେଲା । ସେ ରାଜତ୍ୱର ଅଷ୍ଟମ ବର୍ଷରେ ବିଶାଳ ଚତୁରାଙ୍ଗ ବାହିନୀ ସହ ମଗଧ ଅଭିଯାନରେ ବହିର୍ଗତ ହେଲେ, କିନ୍ତୁ ସେ କଳିଙ୍ଗରୁ ହଠାତ୍ ମଗଧକୁ ଦକ୍ଷିଣ ଦିଗରୁ ଆକ୍ରମଣ କରି ମଥୁରା ଅଭିମୁଖରେ ଯାତ୍ରା କଲେ । ସେ ଦକ୍ଷିର କୋଶଳ (ଆଧୁନିକ ସମ୍ବଲପୁର, ରାୟପୁର ଅଚଳ) ଜବଲପୁର ଅଞ୍ଚଳ ଓ ଉତ୍‌ର କୋଶଳ (ଉତ୍‌ର ପ୍ରଦେଶର ପୂର୍ବାଂଶ) ଅତିକ୍ରମ କରି ମଥୁରା ଅବରୋଧ କରିଥିବା ସମ୍ଭବପର । ପଥପାର୍ଶ୍ୱବର୍ତ୍ତୀ ରାଜମାନେ ତାଙ୍କର ପ୍ରବଳ ଶକ୍ତିକୁ

ପ୍ରତିରୋଧ କରିବା ପାଇଁ ସମର୍ଥ ହୋଇ ନଥିଲେ । କାରଣ ସେ ବର୍ଷକ ମଧ୍ୟରେ ମଥୁରା ଅଧିକାର କରି ମଗଧ ଆକ୍ରମଣ ସମାପ୍ତ କରିଥିଲେ । ସେମାନଙ୍କର ପ୍ରତିରୋଧ ପ୍ରବଳ ହୋଇଥିଲେ ଏହା ସମ୍ଭବପର ହୋଇନଥାନ୍ତା ।

ମଥୁରା ଯମୁନା ନଦୀ କୂଳରେ ଅବସ୍ଥିତ ଓ ଶ୍ରୀ ଖାରବେଳଙ୍କ ସମୟରେ ଏହା ଉତ୍ତର ଭାରତରେ ଧର୍ମ, ଶିକ୍ଷା, ସଭ୍ୟତା ଓ ରାଜନୀତିର ଗୋଟିଏ ପ୍ରଧାନ କେନ୍ଦ୍ର ଥିଲା । ସେଠାରେ ସେ ସମୟରେ ଯବନ ଓ ଶକମାନଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା । ସେଠାରେ ସେ ଯବନ ରାଜ ଦିମିତଙ୍କୁ ପରାସ୍ତ କରିଥିବାର ସ୍ୱର୍ଗତ କାଶୀପ୍ରସାଦ ଜୟସ୍ୱାଲ ଓ ସ୍ୱର୍ଗତ ରଖାଲଦାସ ବାନାର୍ଜୀ ମହାଶୟ ମତପ୍ରକାଶ କରିଥିଲେ । କିନ୍ତୁ ଏ ବିଷୟରେ କେତେକ ସନ୍ଦେହ ପ୍ରକାଶ କରନ୍ତି । ସେ ସମୟରେ ମଥୁରାର ରାଜା ଯେ ଥାଉନା କାହିଁକି, ଖାରବେଳ ଉକ୍ତ ନଗର ସମ୍ପୂର୍ଣ୍ଣରୂପେ ଜୟକରି ମଗଧ ଅଭିମୁଖରେ ଯୁଦ୍ଧଯାତ୍ରା କଲେ ।

ମଗଧରେ ପ୍ରବେଶ କରି ସେ ଉକ୍ତ ରାଜ୍ୟର ଦକ୍ଷିଣରେ ଥିବା ସୁଦୃଢ଼ 'ଗୋରଥଗିରି' ଦୁର୍ଗ ଅବରୋଧ କରିଥିଲେ । 'ଗୋରଥଗିରି' ଦୁର୍ଗ ଗୟ ଜିଲ୍ଲାରେ ପାଟଳିପୁତ୍ର ଓ ଗୟା ମଧ୍ୟରେ ଖଲ୍ଲତିକ ପର୍ବତ ନିକଟରେ ବିଦ୍ୟମାନ ଥିଲା । ଗୋରଥଗିରିର ଆଧୁନିକ ନାମ ବାରବର ପର୍ବତ । ମହାଭାରତରେ ଏହା 'ପବର' ପବର୍ତ ନାମରେ ବର୍ଣ୍ଣିତ ହୋଇଅଛି । ବାରବର ପର୍ବତରେ ଶ୍ରୀ ଖାରବେଳଙ୍କ ଦ୍ୱାରା ବ୍ରାହ୍ମୀ ଅକ୍ଷରରେ ଖୋଦିତ 'ଗୋରଥଗିରି' ଶବ୍ଦ ଅଦ୍ୟାପି ବିଦ୍ୟମାନ ଅଛି ।

ପ୍ରସିଦ୍ଧ ଗୋରଥଗିରି ଦୁର୍ଗ ଅଧିକାର କରିବ ପରେ ଶ୍ରୀ ଖାରବେଳ ଇତିହାସ ପ୍ରସିଦ୍ଧ ରାଜଗୃହ ଅଭିମୁଖରେ ସୈନ୍ୟଚାଳନ କଲେ । ପାଟଳିପୁତ୍ରର ପ୍ରତିଷ୍ଠା ପୂର୍ବେ ବହୁ ପ୍ରାଚୀନ କାଳରୁ ରାଜଗୃହ ମଗଧ ସାମ୍ରାଜ୍ୟର ରାଜଧାନୀ ଓ ଉତ୍ତର ଭାରତର ଏକ ପ୍ରଧାନ ରାଜନୈତିକ କେନ୍ଦ୍ରରୂପ ଖ୍ୟାତିଲାଭ କରିଥିଲା । ମହାଭରତୀୟ ଯୁଗର ଜଣେ ପ୍ରସିଦ୍ଧ ସମ୍ରାଟ୍ ଜରାସନ୍ଧ ଏଠାରେ ଅବସ୍ଥାନ କରୁଥିଲେ । ଏହା ଗୟା ଜିଲ୍ଲାରେ ଅବସ୍ଥିତ ଥିଲା ଓ ଏହାର ପ୍ରାଚୀନ ନାମ ଗିରିବ୍ରଜ । ଏହାର ଚତୁର୍ଦ୍ଦିଗରେ ବେଭାର, ପାଣ୍ଡବ, ବେପୁଳ, ଗୃଧ୍ରକୂଟ ଓ ଋଷିଗିରି ନାମକ ପାଚଟି ପର୍ବତ ନୈର୍ସର୍ଗିକ ପ୍ରାଚୀର ସ୍ୱରୂପ ଦଣ୍ଡାୟମାନ ରହି ଏହାକୁ ବାହ୍ୟଶତ୍ରୁର ଆକ୍ରମଣରୁ ରକ୍ଷା କରୁଥିଲା । କିନ୍ତୁ ଖାରବେଳ ଏହାର ଦୁର୍ଭେଦ୍ୟ ନୈସର୍ଗିକ ବେଷ୍ଟନୀ ଓ ସୁଦୃଢ଼ ଅବସ୍ଥିତ ପ୍ରତି ଭ୍ରୂକ୍ଷେପ ନକରି ନିଜର ବିପୁଳ ସେନା ସାହାଯ୍ୟରେ ଏହାକୁ ଅବରୋଧ କଲେ ।

ହାତୀଗୁମ୍ଫା ଲେଖର ପାଟଳିପୁତ୍ରର କୌଣସି ଉଲ୍ଲେକ ନାହିଁ । ଏହା ନନ୍ଦବଂଶ ରାଜତ୍ୱର ମଗଧ ସାମ୍ରାଜ୍ୟର ରାଜଧାନୀ ଥିଲା । ସମତଳ ପ୍ରଦେଶର ଶତ୍ରୁ ଆକ୍ରମଣ ପ୍ରବଳ ହେଲେ ଶତ୍ରୁହସ୍ତରୁ ରକ୍ଷାପାଇବା ନିମିତ୍ ଆକ୍ରାନ୍ତ ରାଜ୍ୟର ନୃପତିମାନେ ଦୁର୍ଭେଦ୍ୟ ଅରଣ୍ୟ ବେଷ୍ଟିତ ଗିରିଦୁର୍ଗମାନଙ୍କର ଆଶ୍ରୟ ନେବା ପ୍ରାଚୀନ ଭାରତର ଗୋଟିଏ ଚିରାଚରିତ ପ୍ରଥା ଥିଲା । ସେହିପରି ମଗଧର ସମତଳ ପ୍ରଦେଶ ଶ୍ରୀ ଖାରବେଳଙ୍କ ଦ୍ୱାରା ବିଜିତ ହେବାରୁ ସେ ରାଜ୍ୟର ମୌର୍ଯ୍ୟବଂଶୀୟ ରାଜା ବୃହସ୍ପତି ମିତ୍ର ରାଜଗୃହକୁ ଅଧିକ ନିରାପଦ ମନେକରି ଶତ୍ରୁ ହସ୍ତରୁ ନିଜକୁ ରକ୍ଷା କରିବା ପାଇଁ ସେଠାରେ ଆଶ୍ରୟ ଗ୍ରହଣ କରିଥିଲେ, ତେଣୁ ଶ୍ରୀ ଖାରବେଳ ଶତ୍ରୁକୁ ପରାସ୍ତ କରିବା ପାଇଁ ଏହା ଅବରୋଧ କରିବାର ଆବଶ୍ୟକତା ଅନୁଭବ କଲେ । ମଗଧର ସୈନ୍ୟମାନେ ଆକ୍ରମଣକାରୀଙ୍କ ନିକଟରେ ସହଜରେ ଆତ୍ମସମର୍ପଣ ନକରି ବହୁଦିନ ପର୍ଯ୍ୟନ୍ତ ଭୀଷଣ ପ୍ରତିରୋଧ କରିଥିଲେ, କିନ୍ତୁ ସମସ୍ତ ପ୍ରତିରୋଧ ବ୍ୟର୍ଥ ହେବାରୁ ଶେଷରେ ମଗଧରାଜ ପରାଜିତ ହେଲେ ।

ରାଜଗୃହ ଅଧିକାର ପରେ ଖାରବେଳ ଶତ୍ରୁ ସୈନ୍ୟମାନଙ୍କର ପ୍ରବଳ ପ୍ରତିରୋଧଜନିତ କ୍ଲାନ୍ତି ଓ ଅବସାଦ ଦୂର କରିବା ପାଇଁ ସୈନ୍ୟମାନଙ୍କୁ ପୁନର୍ବାର ମଥୁରା ନେଇଯାଇଥିଲେ । ସେଠାରେ ଉପଗତ ହୋଇ ସେ ସମସ୍ତ ଗୃହବାସୀ, ଗୃହପତି, ବ୍ରାହ୍ମଣ ଓ ଶ୍ରମଣମାନଙ୍କୁ ପାନଭୋଜନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ତତ୍ପରେ ସେ ବହୁ ହୟ, ଗଜ, ନର, ରଥବେଷ୍ଟିତ 'ପଲ୍ଲବଭାର କଳ୍ପବୃକ୍ଷ' (ଏହା ଜୈନମାନଙ୍କର ବିଜୟସୂଚକ) ସହ କଳିଙ୍ଗକୁ ଫେରିଆସିଥିଲେ । ମଗଧ ବିଜୟ ସ୍ମୃତିକୁ ଚିରସ୍ମରଣୀୟ କରିବା ନିମିତ୍ ସେ ରାଜତ୍ୱର ନବମ ବର୍ଷରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟ କରି ବୈଦୁର୍ଯ୍ୟଖଚିତ ମହାବିଜୟ ପ୍ରାସାଦ ନାମକ ବିରାଟ କଳିଙ୍ଗ ରାଜନିବାସ ନିର୍ମାଣ କରିଥିଲେ ।

ଦିଗ୍‌ବିଜୟୀ ନରପତିମାନେ ନିଜ ବିଜୟର ସ୍ମୃତି ସ୍ୱରୂପ ସ୍ତମ୍ଭ, ନଗର ଓ ହର୍ମ୍ମ୍ୟ ପ୍ରଭୃତି ନିର୍ମାଣ କରିବା ପୃଥିବୀ ଇତିହାସରେ ଗୋଟିଏ ପରମ୍ପରା ଅନୁସୃତ ବିଧି । ବୀରଗ୍ରଣୀ ଆଲେକଜାଣ୍ଡର ଇତିହାସ ପ୍ରସିଧ୍ ମିଶର ରାଜ୍ୟ ଜୟର ଚିହ୍ନ ସ୍ୱରୂପ ନୀଳନଦୀର ସାଗର ସଙ୍ଗମ ସ୍ଥଳରେ 'ଆଲେକ୍‌ଜାଣ୍ଡ୍ରିଆ' ନଗର ପ୍ରତିଷ୍ଠା କରିଥିଲେ । ମୋଗଲ ସମ୍ରାଟ୍ ଆକବର ଚିତୋର ବିଜୟର ସ୍ମାରକ ସ୍ୱରୂପ ବହୁ ସୁରମ୍ୟ ହର୍ମ୍ମ୍ୟ ଶୋଭିତ "ଫତେପୁର ସିକ୍ରୀ' ନାମକ ନଗର ନିର୍ମାଣ କରିଥିଲେ । ପ୍ରସିଧ୍ ଇଂରେଜ ନୌ-ସେନାପତି ନେଲସନ୍‌ଙ୍କ ଦ୍ୱାରା ବିଶ୍ୱବିଜୟୀ ନେପୋଲିୟନଙ୍କର ଟ୍ରାଫଲ୍‌ଗାର ନୌଯୁଧ୍‌ରେ ପରାଭବକୁ ସ୍ମରଣୀୟ କରିବା ପାଇଁ ଲଣ୍ଡନ ସହରରେ 'ଟ୍ରାଫଲ୍‌ଗାର ପ୍ରାସାଦ' ନିର୍ମିତ ହୋଇଥିଲା । ସେହିପରି କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳ ଭାରତର ତଦାନୀନ୍ତନ ଶ୍ରେଷ୍ଠ ରାଜ୍ୟ ମଗଧ ବିଜୟର ସ୍ମୃତିରକ୍ଷା ପାଇଁ ଏହି ବିଶାଳ 'ମହାବିଜୟ ପ୍ରାସାଦ' ନିର୍ମାଣ କରିଥିଲେ ।

ସେ ରାଜତ୍ୱର ଦଶମ ଓ ଏକାଦଶ ବର୍ଷରେ ଅନ୍ୟ କୌଣସି ରାଜ୍ୟଜୟରେ ବହିଗତ ନହୋଇ ସ୍ୱଦେ ଓ ସ୍ୱୀୟ ରାଜଧାନୀ କଳିଙ୍ଗ ନଗରରେ ବହୁ କୀର୍ତ୍ତି ନିର୍ମାଣ କରିଥିଲେ । କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସ୍ଥାପିତ ଓ ଏକଶହ ତେରବର୍ଷ ପର୍ଯ୍ୟନ୍ତ ପରିତ୍ୟକ୍ତ 'ପୃଥୁଦକଦର୍ଭପୂର୍ଣ୍ଣ' ନଗର ପରିସ୍କାର କରି 'ଜୀନପଦ ଭବନ' ଉଧାର କରିଥିଲେ ।

ରାଜତ୍ୱର ଦ୍ୱାଦଶ ବର୍ଷରେ ଶ୍ରୀ ଖାରବେଳ ପୁନର୍ବାର ପଥପାର୍ଶ୍ୱବର୍ତ୍ତୀ ବହୁ ରାଜ୍ୟ ମଧରେ ଯୁଧ୍‌ଯାତ୍ରା କରି ସୁଦୂର ଉତ୍ତରାପଥ ରାଜାମାନଙ୍କର ଭୟ ଉତ୍ପାଦନ କରିଥିଲେ । ବୌଧ୍ ଗ୍ରନ୍ଥମାନଙ୍କରେ ଶ୍ରୀବସ୍ତିଠାରୁ ତକ୍ଷଶୀଳା ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟ ବା ଆଧୁନିକ ଉତ୍ତର ପ୍ରଦେଶର ପଶ୍ଚମାର୍ଧ୍ୱ ଓ ପଞ୍ଜାବ ପ୍ରଦେଶ ଉତ୍ତରାପଥ ନାମରେ ବର୍ଣ୍ଣିତ ହୋଇଅଛି । 'କାବ୍ୟମୀମାଂସା' ପୁସ୍ତକରେ 'ପୃଥୁଦକାତ୍' ପରତଃ ଉତ୍ତରାପଥଃ ଅର୍ଥାତ୍ ଥାନେଶ୍ୱର ନିକଟବର୍ତ୍ତୀ 'ପୃଥୁଦକ' ନାମକ ସ୍ଥାନର ଉତ୍ତର ପଶ୍ଚମରେ ଥିବା ସକଳ ଉତ୍ତରାପଥ ନାମରେ ଅଭିହିତ ହୋଇଅଛି । ହାତୀଗୁମ୍ଫା ଲେଖର ରାଜା ଶବ୍ଦ ବହୁବଚନାନ୍ତ ହୋଇଥିବାର ସ୍ପଷ୍ଟ ଜଣାଯାଏ ଯେ, ଉତ୍ତରାପଥରେ କୌଣସି ଏକଛତ୍ରାଧିପତି ସମ୍ରାଟ୍ ନଥିଲେ । ଏହା ସ୍ୱଳ୍ପ ଶକ୍ତିଶାଳୀ ନୃପତିମାନଙ୍କ ଦ୍ୱାରା ଶାସିତ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଥିଲା । ଶ୍ରୀ ଖାରବେଳ ସେମାନଙ୍କୁ ଅକ୍ଲେଶରେ ପରାସ୍ତ କରି ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପର୍ଯ୍ୟନ୍ତ କଳିଙ୍ଗର ବୈଜୟନ୍ତୀ ଉଡ଼ାଇଥିଲେ । ଦାକ୍ଷିଣାତ୍ୟର ପ୍ରସିଧ୍ ନୃପତିମାନଙ୍କ ମଧରେ ଏକମାତ୍ର ଶ୍ରୀ ଖାରବେଳ ସୁଦୂର ସିନ୍ଧୁନଦୀ ପର୍ଯ୍ୟନ୍ତ ରାଜ୍ୟବିସ୍ତାର କରିବାକୁ ସମର୍ଥ ହୋଇଥିଲେ । ଏହା ଓଡ଼ିଆ ଜାତି ପକ୍ଷରେ କମ୍ ଗର୍ବ ଓ ଗୌରବର ବିଷୟ ନୁହେଁ ।

ଉତ୍ରାପଥ ବିଜୟ ପରେ ଜୟଶ୍ରୀମଣ୍ଡିତ ଶ୍ରୀ ଖାରବେଳ କୋଲ, କାଶୀ ପ୍ରଭୃତି ରାଜ୍ୟମାନଙ୍କ ମଧରେ ନିଜର ବିପୁଳ ସେନା ଚାଳନ କରି ପୂନର୍ବାର ପ୍ରବଳ ଭାବରେ ମଗଧ ଆକ୍ରମଣ କରିଥିଲେ । ସେଠାରେ ପ୍ରବେଶ କରି ସେ ଗଙ୍ଗାନଦୀ କୂଳରେ ସୈନ୍ୟ ସମାବେଶ କରିଥିଲେ, ତେଣୁ ସେ ପ୍ରଥମେ ପାଟଳିପୁତ୍ର ଅବରୋଧ କରିଥିବା ସମ୍ଭବପର । ସେଠାରେ ତୁମୁଳ ସଂଗ୍ରାମ ପରେ ଅଙ୍ଗ ମଗଧର ରାଜା ବୃହସ୍ପତି ମିତ୍ର ସମ୍ପୂର୍ଣ୍ଣ ରୂପେ ପରାସ୍ତ ହୋଇ ତାଙ୍କର ଅଧୀନତା ସ୍ୱୀକାର କରିଥିଲେ ।

ଅଶୋକଙ୍କ କଳିଙ୍ଗ ବିଜୟର ଭୀଷଣ ପ୍ରତିଶୋଧ ନେବା ନିମିତ୍ ଶ୍ରୀ ଖାରବେଳ ପାଚବର୍ଷ ମଧରେ ଦୁଇଥର ମଗଧ ରାଜ୍ୟ ଆକ୍ରମଣ କରିଥିଲେ । ପ୍ରଥମ ମଗଧ ବିଜୟରେ ପୂର୍ଣ୍ଣ ସନ୍ତୋଷ ଲାଭ ନକରି ସେ ପୁନର୍ବାର ପ୍ରବଳ ଭାବରେ ବଗଧ ଆକ୍ରମଣ କରି ଏହାର ଅଧିବାସୀମାନଙ୍କୁ ସର୍ବତୋଭାବରେ ପଦାନତ କରିଥିଲେ । ଏହା ଫଳରେ ତାଙ୍କର ବହୁକାଳ ପୋଷିତ ମଗଧ ଧର୍ଷଣ ଅଭିଳାଷ ପୂର୍ଣ୍ଣ ହୋଇଥିଲା । ଭୀଷଣ କଳିଙ୍ଗ ଯୁଧିପରେ କଳିଙ୍ଗବାସୀମାନେ ଯେପରି ଭୀତ, ତ୍ରସ୍ତ ଓ ଅବସନ୍ନ ହୋଇଥିଲେ, ଶ୍ରୀ ଖାରବେଳଙ୍କ ମଗଧ ବିଜୟ ଫଳରେ ମଗଧବାସୀମାନେ ସେହିପରି ଭୀତଗ୍ରସ୍ତ ଓ ଭଗ୍ନୋତ୍ସାହ ହୋଇ ପଡ଼ିଥିଲେ । ସେ ମଗଧ ବିଜୟର ସ୍ମାରକ ସ୍ୱରୂପ ବହୁବର୍ଷ ପୂର୍ବେ କଳିଙ୍ଗରୁ ନନ୍ଦରାଜା ମହାପଦ୍ମ ନନ୍ଦଙ୍କ ଦ୍ୱାରା ନୀତି 'କଳିଙ୍ଗ କିନାସନ'କୁ ଅଂସଖ୍ୟ ଅଶ୍ୱ, ରଥ, ଗଜ, ସେନା ଓ ପରିଚରମାନଙ୍କ ଶୋଭାଯାତ୍ରା ମଧରେ ପୁନର୍ବାର ସ୍ୱଦେଶକୁ ଘେନି ଆସିଥିଲେ । ମଗଧ ବିଜୟ ତାଙ୍କ ଜୀବନର ତଥା ଭାରତ ଇତିହାସରେ ଗୋଟିଏ ପ୍ରସିଧ୍ ଘଟଣା । ଦାକ୍ଷିଣାତ୍ୟରେ କୌଣସି ନୃପତି ଇତିହାସ ପ୍ରସିଧ୍ ଶକ୍ତିଶାଳୀ ମଗଧ ରାଜ୍ୟକୁ ଏପରି ଭାବରେ ପଦାନତ କରିଥିବାର ଉଲ୍ଲେଖ ଇତିହାସରୁ ମିଳେନାହିଁ ।

ପ୍ରସିଧ୍ କାଞ୍ଚିଯୁଧିରେ ଜୟଲାଭ କରି ଗଜପତି ପୁରୁଷୋତ୍ମ ଦେବଙ୍କ ନେତୃତ୍ୱରେ ଓଡ଼ିଆ ପାଇକବାହିନୀ ବିଜୟର ସ୍ମାରକ ସ୍ୱରୂପ ଗଣେଷ ଓ ସାକ୍ଷୀଗୋପଳ ମୂର୍ତିଦ୍ୱୟ ଓ କାଚ ରାଜକନ୍ୟ ପଦ୍ମାବତୀଙ୍କୁ ସ୍ୱଦେଶକୁ ଆଣିବା ସମୟରେ ହୃଦୟରେ ଯେପରି ଅପାର ଆନନ୍ଦ ଓ ଗର୍ବ ଅନୁଭବ କରିଥିଲେ, ସେହି ସୁଦୂର ଅତିତରେ କଳିଙ୍ଗବାହିନୀ ମଗଧାଧିପ ନନ୍ଦରାଜାଙ୍କ ଦ୍ୱାରା କଳିଙ୍ଗରୁ ଅପହୃତ ଜିନାସନ ପୁନରୁଧାର ପୂର୍ବକ ସ୍ୱଦେଶକୁ ବିରାଟ ଶୋଭାଯାତ୍ରା କରି ଫେରିବା ସମୟରେ ସେହିପରି ଗର୍ବ, ଗୌରବ ଓ ଆନନ୍ଦ ଅନୁଭବ କରିଥିଲେ । ସେମାନଙ୍କର ବିଜୟ ଓ ଆନନ୍ଦ କୋଳାହଳରେ ଗଗନ ଓ ପବନ ଶତଧାବଦୀର୍ଣ୍ଣ ହୋଇ ଯାଇଥିଲା । ଜୟଶ୍ରୀମଣ୍ଡିତ କଳିଙ୍ଗବାହିନୀ ସ୍ୱଦେଶକୁ ଫେରିବା ପରେ ବିରାଟ କଳିଙ୍ଗ ରାଜ୍ୟର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଗର୍ବ ଓ ଆନନ୍ଦରେ ଗୋଟାଏ ପ୍ରବଳ ସ୍ରୋତ ପ୍ରବାହିତ ହୋଇ ରାଜ୍ୟର ଅଧିବାସୀମାନଙ୍କୁ ଉଦ୍‌ବୁଧ୍, ଉତ୍ସାହିତ ଓ ଉତ୍‌ଫୁଲ୍ଲ କରିଥିଲା । ଏହି ବିଜୟର ସ୍ମୃତିକୁ ଜାତିର ହୃଦୟରେ ବଧିମୂଳ କରିବା ପାଇଁ ସେ ରାଜ୍ୟର ନାନାସ୍ଥାନରେ ବିରାଟ ଶୋଭାଯାତ୍ରା ଓ ଉତ୍ସବାଦୀ କରାଇଥିଲେ । ବିଜୟଲବ୍ଧ ବିପୁଳ ଧନରତ୍ନ ବ୍ୟୟରେ ରାଜ୍ୟର ନାନାସ୍ଥାନରେ ନଗର, ଗୋପୁର, ମନ୍ଦି, ଅଟ୍ଟାଳିକା ଓ ସ୍ତମ୍ଭ ପ୍ରତିଷ୍ଠିତ ହୋଇଥିଲା । ମଗଧ ବିଜୟ ଫଳରେ ଶ୍ରୀ ଖାରବେଳ ସମଗ୍ର ଭାରତରୁ ଅପ୍ରତିଦ୍ୱନ୍ଦୀ ଏକଛତ୍ର ସମ୍ରାଟର ସ୍ଥାନ ଅଧିକାର କରିଥିଲେ । ଏହାପରେ ଅନ୍ୟାନ୍ୟ ଅବିଜିତ ରାଜ୍ୟର ନୃପତିମାନେ ତାଙ୍କ ପ୍ରଚଣ୍ଡ ପ୍ରତାପର ସମ୍ବାଦ ପାଇଁ ପାଇ ତାଙ୍କର ତୁଷ୍ଟିବିଧାନ ନିମିତ୍ ଯତ୍ନବାନ୍ ହୋଇଥିଲେ କଳିଙ୍ଗର ପଶ୍ଚିମରେ ମଧପ୍ରଦେଶସ୍ଥ ଦୁର୍ଗମ ପର୍ବତଶ୍ରେଣୀ ଓ ନିବିଡ଼ ଅରଣ୍ୟାନୀପୂର୍ଣ୍ଣ ରାଜ୍ୟମାନଙ୍କରେ ନାଗବଂଶୀ ରାଜାମାନେ ରାଜତ୍ୱ କରୁଥିଲେ । ସେମାନେ ତାଙ୍କ ନିକଟକୁ ମଣି ମୁକ୍ତାଦି ନାନାବିଧ ରତ୍ନ ଓ ଦୁଲ୍ଲର୍ଭ ବିସ୍ମୟୋତ୍ପାଦକ ହସ୍ତୀ, ଅଶ୍ୱ, କୃଷ୍ଣସାର ପ୍ରଭୃତି ଜୀବ ସକଳ ଉପଢ୍ୌକନ ସ୍ୱରୂପ ପଠାଇଥିଲେ ।

ଭାରତର ସୁଦୂର ଦକ୍ଷିଣ ସୀମାନ୍ତବର୍ତ୍ତୀ ପାଣ୍ଡ୍ୟ ରାଜ୍ୟର ରାଜା ତାଙ୍କର ପ୍ରବଳ ପରାକ୍ରମ ଶ୍ରବଣରେ ଭୀତ ହୋଇ ତାଙ୍କ ନିକଟକୁ ନାନାବିଧ ଆଭରଣ ଓ ମଣିମୁକ୍ତାଦି ଉପାହାର ସ୍ୱରୂପ ପ୍ରେରଣ କର କରିଥିଲେ । ଏହି ଚତୁର୍ଦ୍ଦଶ ବର୍ଷ ରାଜତ୍ୱକାଳ ମଧରେ 'ଅପ୍ରତିହତ', 'ଚକ୍ରବାହନ', 'ଚକ୍ରଧର', 'ଗୁପ୍ତଚକ୍ର', 'ପ୍ରବର୍ତ୍ତଚକ୍ର', 'ମହାବିଜୟୀ' ପ୍ରଭୃତି ଚକ୍ରବର୍ତ୍ତୀ ଉପାଧି ଭୂଷିତ ଶ୍ରୀ ଖାରବେଳ ଅକୁମାରୀ ହିମାଳୟ ବିସ୍ତୃତ ଭାରତ ଭୂମିରେ ୩ନିଜର ପ୍ରବଳ ଶକ୍ତି ପ୍ରତିଷ୍ଠା ଦ୍ୱାରା ପ୍ରାଚୀନ ବୀରଭୂମି କଳିଙ୍ଗକୁ ଜୟଶ୍ରୀମଣ୍ଡିତ ଓ ଗୌରବାନ୍ୱିତ କରି ଭାରତର ରାଜ୍ୟଗୋଷ୍ଠୀ ମଧରେ ଏହାକୁ ଶୀର୍ଷସ୍ଥାନ ପ୍ରଦାନ କରିବାକୁ ସମର୍ଥ ହୋଇଥିଲେ ।

## ତୃତୀୟ ଅଧ୍ୟାୟ

# କଳିଙ୍ଗ ନଗର ଓ ତାହାର ଅବସ୍ଥିତି ନିର୍ଣ୍ଣୟ

ଉଦୟଗିରିର ହାତୀଗୁମ୍ଫାରେ ଖୋଦିତ ଶ୍ରୀ ଖାରବେଳଙ୍କ ବିରାଟ ପ୍ରଶସ୍ତିରୁ ତତ୍କାଳୀନ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ କଳିଙ୍ଗ-ନଗରର ପ୍ରାକୃତିକ ଅବସ୍ଥାନ, ଗଠନ ଓ ସୌନ୍ଦର୍ଯ୍ୟ, ରାଜପ୍ରସାଦର କମନୀୟତା, ନାଗରୀକମାନଙ୍କର ଆମୋଦପ୍ରମୋଦର, ସୁଖ ଓ ସମୃଧି୍ ଏବଂ ପୌରବର୍ଗକଙ୍କ ପ୍ରତି ଚେତରାଜ ବଂଶର ପବିତ୍ର ବଦାନ୍ୟତା ସମ୍ବନ୍ଧରେ ଅନେକ ବିଷୟ ଜଣାଯାଏ । ଏପର୍ଯ୍ୟନ୍ତ ଉତ୍କଳର ଶିଶୁପାଳଗଡ଼, ଧଉଳୀ, ଯୌଗଡ଼ ପ୍ରଭୃତି ଅଳ୍ପ କେତେକ ସ୍ଥାନରେ ଭାରତ ସରକାରଙ୍କ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ଭୂଖୋଦନ କାର୍ଯ୍ୟ ସାଧିତ ହୋଇଥିବାରୁ ଏହାର ଅବସ୍ଥିତି ନିଃସନ୍ଦେହ ରୂପେ ନିର୍ଣ୍ଣୟ କରିବା ବର୍ତ୍ମାନ ସମ୍ଭବପର ନୁହେଁ । ତେଣୁ ଉପରୋକ୍ତ ଲେଖି ଓ ଅନ୍ୟାନ୍ୟ କେତେକ ତାମ୍ର ଶାସନ ଓ ଗ୍ରନ୍ଥର ଅବଲମ୍ବନରେ ଏହି ନଗରର ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ଅବସ୍ଥିତି ସମ୍ବନ୍ଧରେ ନିମ୍ନୋକ୍ତ ବିବରଣ ପ୍ରଦତ୍ ହେଲା ।

ଶ୍ରୀ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ବୃତା୍ନ୍ତରୁ ଜଣାଯାଏ ଯେ, କଳିଙ୍ଗ ନଗରରେ ଗୋପୁର, ପ୍ରକାର, ନିବେଶନ (ରାଜପ୍ରାସାଦ), ତଡ଼ାଗ, ଉଦ୍ୟାନ ପ୍ରଭୃତି ବହୁ ସଂଖ୍ୟାରେ ତାଙ୍କ ରାଜତ୍ୱ ପୂର୍ବରୁ ବିଦ୍ୟମାନ ଥିଲା । କିନ୍ତୁ ସେଗୁଡ଼ିକ ପ୍ରବଳ ପ୍ରଭଞ୍ଜନ ଦ୍ୱାରା ନଷ୍ଟ ହୋଇ ଯାଇଥିବାରୁ ସେ ରାଜ୍ୟାଭିଷେକର ବର୍ଷକ ମଧରେ ବାତ-ବିନିଷ୍ଟ ଗୋପୁର, ପ୍ରାକାର, ନିବେଶନ ଇତ୍ୟାଦିର ପୁନଃ ସଂସ୍କାର, ଗଭୀର ଶୀତଳ ତଡ଼ାଗମାନଙ୍କର ବନ୍ଧନିର୍ମାଣ ଓ ଉଦ୍ୟାନ ସକଳର ପୁନଃ ପ୍ରତିଷ୍ଠା କରିଥିଲେ । ଏଥିରେ ୩୫ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ନବମ ବର୍ଷ ବୃତାନ୍ତରୁ ଜଣାଯାଏ ଯେ, ଶ୍ରୀ ଖାରବେଳ ମଗଧ ବିଜୟର ସ୍ମୃତିସ୍ତମ୍ଭ ସ୍ୱରୂପ ଏଠାରେ ବୈଦୂର୍ଯ୍ୟଖଚିତ 'ମହାବିଜୟ ପ୍ରାସାଦ' ନାମକ ରାଜନିବାସ ନିର୍ମାଣ କରିଥିଲେ । ଏହାର ନିର୍ମାଣରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ଏହି ବିରାଟ ରାଜପ୍ରସ୍ତ ଦରଗଠନ ଓ କାରୁକାର୍ଯ୍ୟ ଯେ ଅତି ଚମତ୍କାରି ହୋଇଥିବ ତାହା ଉପରୋକ୍ତ ବିପୁଳ ଧନବ୍ୟୟରୁ ସୁସ୍ପଷ୍ଟ ଜଣାଯାଏ । ଭାରତର ଅନ୍ୟ କୌଣସି ସ୍ଥାନରେ ଏପରି 'ବୈଦୁର୍ଯ୍ୟ ପ୍ରାସାଦ' ଥିବାରୁ ପ୍ରାଚୀନ ଭାରତୀୟ ଲେଖମାନଙ୍କରୁ ଜଣାଯାଏ ନାହିଁ । କବେଳ ପ୍ରାଚୀନ ବୌଧ୍ ଜାତକରେ ଏପରି ଏକ ପ୍ରାସାଦର ସୂଚନା ମିଳେ ।" ଲେଖି ବର୍ଣ୍ଣିତ ଦ୍ୱାଦଶ ବର୍ଷ ବୃତା୍ନ୍ତରୁ ଜଣାଯାଏ, କଳିଙ୍ଗ ନଗରରେ ଶ୍ରୀ ଖାରବେଳ ଉକ୍ତ ବର୍ଷ ଅନେକଗୁଡ଼ିଏ ରାଜପଥ, ଚତ୍ୱର (ଚଉତରା) "ପଳିଘା' ବା ତୋରଣ, ଗୋପୁର ବା ମୁଗଶାଳୀ ଓ ଶିଖରମାନ (ଶିଖରଯୁକ୍ତ ମନ୍ଦିର ଓ ପ୍ରାସାଦ) ନିର୍ମାଣ କରିଥିଲେ ।"

କଳିଙ୍ଗ ରାଜଧାନୀର ବର୍ଣ୍ଣନା ପାଠ କଲେ ଜଣାଯାଏ ଯେ, ଭାରତର ଅନ୍ୟାନ୍ୟ ରାଜ୍ୟର ପ୍ରାଚୀନ ରାଜଧାନୀମାନଙ୍କ ସହିତ ଏହାର ଅନେକ ସାମଞ୍ଜସ୍ୟ ବିଦ୍ୟମାନ ଥିଲା । 'ମିଳିନ୍ଦପାହ୍ନ' ନାମକ ପ୍ରାଚୀନ ପାଲିଗ୍ରନ୍ଥରେ ପୁଷ୍ୟମିତ୍ର ସୁଙ୍ଗଙ୍କ ସମସାମୟିକ ଗ୍ରୀକ୍ ନୃପତି ମିନେନ୍ଦାର ବା ମିଳିନ୍ଦଙ୍କ ରାଜଧାନୀ ସଗଳ ବର୍ଣ୍ଣନାରେ ଆମ୍ଭେମାନେ ଉପରୋକ୍ତ ଅନୁଷ୍ଠାନମାନଙ୍କର ପରିଚୟ ପାଉଁ । ଯଥା : 'ଗୋପୁର, ତଲାକ (ତଡ଼ାଗ), ଆରାମ, ଉଦ୍ୟାପନ (ଉଦ୍ୟାନ), ଉପବନ, ବୀଥି, ଚତ୍ୱର ଚତୁକ୍କ (ଚତୁଷ୍କ), ଶିଙ୍ଗାଟକ (ଶୃଙ୍ଗାଟକ), ଅନ୍ତରାପାନ, ଜନଗ୍ରସତ, ହିମଗିରି ଶିଖର ସଂକାଶ ବର ଭବନ" ଇତ୍ୟାଦି । ଏଗୁଡ଼ିକ ସଗଳ ନଗରୀରେ ପ୍ରତିଷ୍ଠିତ ହୋଇଥିଲା । ଶ୍ରୀ ଖାରବେଳ ପ୍ରାଚୀନ ଭାରତୀୟନଗର ନିର୍ମାଣ ପ୍ରଣାଳୀ ଅନୁସରଣ କରି କଳିଙ୍ଗ ରାଜଧାନୀର ସୌନ୍ଦର୍ଯ୍ୟ ବୃଧି୍ ନିମିତ୍ ଲକ୍ଷ ଲକ୍ଷ ମୁଦ୍ରା ବ୍ୟୟରେ ଉପରୋକ୍ତ ଅନୁଷ୍ଠାନମାନେ ନିର୍ମାଣ କରିଥିଲେ । କେବଳ ସେତିକି ନୁହେଁ, ସେ ନନ୍ଦରାଜାଙ୍କ ଦ୍ୱାରା ୧୦୩ ବର୍ଷ ପୂବେ କୋଦିତ ପ୍ରଣାଳୀକୁ ରାଜତ୍ୱର ୫ମ ବର୍ଷରେ

ତନସୁଲୀ ବାଟରେ ନିଜ ନଗରର ମଧକୁ ଖୋଳାଇ ଥିଲେ । ଏହା ତାଙ୍କ ରାଜତ୍ୱର ଗୋଟିଏ ପ୍ରଧାନ କୀର୍ତ୍ତି ଓ ଏଥିରେବହୁ ସହସ୍ର ମୁଦ୍ରା ବ୍ୟୟିତ ହୋଇଥିଲା । ଏହି ପ୍ରଣାଳୀ ଦ୍ୱାରା ନଗରର ପ୍ରାଧାନ୍ୟ ବୃଧି ସଂଗେ ସଂଗେ ନାଗରୀକମାନଙ୍କର ଜଳସେଚନ କାର୍ଯ୍ୟ ମଧ ସୁଗମ ହୋଇଥିଲା ।

ହାତୀଗୁମ୍ଫା ଲେଖରେ ଗୋପୁର, ଶିଖର ପ୍ରଭୃତି 'ଦେବାୟତନ' ବା ଦେବାୟତନ' ବା ଦେବମନ୍ଦିର ମାନଙ୍କର ବହୁଳ ବର୍ଣ୍ଣନା ଥିବାରୁ ନିଃସନ୍ଦେହ ରୂପେ ପ୍ରମାଣିତ ହୁଏ ଯେ, ସେହି ପ୍ରାଚୀନ ଯୁଗରେ ମଧ କଳିଙ୍ଗରେ ଶତ ଶତ ମନ୍ଦିର ବିଦ୍ୟମାନ ଥିଲା । ଗୋପୁରର ଅର୍ଥ ମୁଖଶାଳା ଓ ଏହା ଧର୍ମ ମନ୍ଦିରର ଶୋଭର୍ଧକ ଅଂଶ ରୂପେ ନିର୍ମିତ ହେଉଥିଲା । ବର୍ତ୍ତମାନ କେବଳ ଦାକ୍ଷିଣାତ୍ୟର ମନ୍ଦିରମାନଙ୍କ ସମ୍ମୁଖରେ ଗୋପୁରମାନ ଦେଖଯାଏ । କିନ୍ତୁ ଅତି ପ୍ରାଚୀନ କାଳରେ ସମଗ୍ର ଭାରତ ବର୍ଷରେ ଗୋପୁର ନିର୍ମାଣ ପ୍ରଥା ପ୍ରଚଳିତ ଥିବା 'ମଳିନ୍ଦପାହ୍ନ' ବର୍ଣ୍ଣିତ ସଗଲ ନଗରୀର ବୃତ୍ତାନ୍ତଦ ଓ ହାତୀଗୁମ୍ଫା ପ୍ରଦତ୍ତ କଳିଙ୍ଗ ନଗର ବର୍ଣ୍ଣନାରୁ ଜଣାଯାଏ । ହାତୀଗୁମ୍ଫା ଲିପିରେ 'ଗୋପୁରାଣି' ପଦ ବହୁବଚନ ଜ୍ଞାପକ, ତେଣୁ ସେହି ପ୍ରାଚୀନ ଯୁଗରେ ମଧ ଏଠାରେ ଅନେକ ଗୋପୁର ଲୋକମାନଙ୍କର ଦେବାର୍ଚ୍ଚନ ଓ ଧର୍ମାଲୋଚନା ନିମିତ୍ତ ନିର୍ମିତ ହୋଇଥିଲା । 'ଶିଖରାଣି' ଶବ୍ଦରୁ ଜଣାଯାଏ, ଏଠାରେ ଅନେଗ ଗୁଡ଼ିଏ ଶିଖରଯୁକ୍ତ ମନ୍ଦିର ବିଦ୍ୟମାନ ଥିଲା । ଆଧୁନିକ ଉତ୍କଳୀୟ ମନ୍ଦିରମାନ ଶିଖର ଜାତୀୟ । ପୂର୍ବେ ରାଜପ୍ରାସାଦର ହଂସଶାଳାଗୁଡ଼ିକ ମଧ ଶିଖରକାରରେ ନିର୍ମିତ ହେଉଥିଲା ବୋଲି ବିଶେଷଜ୍ଞ ମାନଙ୍କର ମତ । କିନ୍ତୁ ଏହା ମନ୍ଦିରମାନଙ୍କ ପ୍ରତି ବିଶେଷ ଭାବରେ ପ୍ରଯୁଜ୍ୟ । ଆଜିପର୍ଯ୍ୟନ୍ତ ଐତିହାସିକ ମାନଙ୍କର ଧାରଣା ଥିଲା ଯେ, କୁଶାଣ-ରାଜ କନିଷ୍କଙ୍କ ରାଜତ୍ୱ ସମୟରେ ବୌଧମାନେ ପ୍ରଥମେ ବୁଧଙ୍କ ମୂର୍ତ୍ତିପୂଜା ନିମିତ୍ତ ମନ୍ଦିର ନିର୍ମାଣ କରିଥିଲେ । ପରବର୍ତ୍ତୀ କାଳରେ ହିନ୍ଦୁମାନେ ସେମାନଙ୍କ ଠାରୁ ମନ୍ଦିର ନିର୍ମାଣ ପ୍ରଣାଳୀ ଶିକ୍ଷା କରି ତାହା ପ୍ରଚଳନ କରିଥିଲେ । ହାତୀଗୁମ୍ଫା ଲେଖା ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରାମାତ୍ମକ ବୋଲି ପ୍ରମାଣ କରେ । କନିଷ୍କଙ୍କର ପାୟ ଦୁଇଶତାବ୍ଦୀ ପୂର୍ବରୁ କଳିଙ୍ଗ ନଗରରେ ଦେବପୂଜା ନିମିତ୍ତ ଶିଖରଜାତୀୟ ମନ୍ଦିରମାନ ନିର୍ମିତ୍ ହୋଇଥିଲା । ଦେବପ୍ରିୟ ପ୍ରିୟଦର୍ଶୀ ଅଶୋକଙ୍କ ପରି ଜୈନଧର୍ମାବଲମ୍ବୀ କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳ ଅନ୍ୟାନ୍ୟ ଧର୍ମମାନଙ୍କ ପତି ସାମ୍ୟ ଓ ମୈତ୍ରୀ ଭାବ ପ୍ରଦର୍ଶନ କରୁଥିଲେ । ଉକ୍ତ ଲେଖର ଷୋଡ଼ଶ ଧାଡ଼ିରୁ ଜଣାଯାଏ ଯେ, ସେ ଅନ୍ୟାନ୍ୟ ଧର୍ମମାନଙ୍କ ପ୍ରତି ଶ୍ରଧା ଓ ଭକ୍ତି ଦେଖାଉଥିଲେ (ସର୍ବ-ପାଷାଣ୍ଡ-ପୂଜକଃ) ଓ ପ୍ରାଚୀନ ଦେବମନ୍ଦିରମାନଙ୍କର ସଂସ୍କାର କରିଥିଲେ ସର୍ବ-ଦେବାୟତନ-ସଂସ୍କାର-କରକଃ । କଳିଙ୍ଗ ନଗରରେ ମଧ ତାଙ୍କ ରାଜତ୍ୱ ପୂର୍ବରୁ ଅନେକ ଦେବାୟତନ ବା ଦେବମନ୍ଦିର ଥିଲା । ଏଗୁଡ଼ିକ ହିନ୍ଦୁ ଦେବାଦେବୀ ମନ୍ଦିର ବ୍ୟତୀତ ଅନ୍ୟକିଛି ନୁହେଁ । କାରଣ ସୈନ୍ଧବ ଉପତ୍ୟକାରେ ଭୂଗର୍ଭରୁ ଖୋଦିତ ହରପ୍ପା ଓ ମହେଞ୍ଜୋଦାରୋ ନାମକ ଭାରତର ପ୍ରାଚୀନ ସ୍ଥାନ ଦୁଇଟିରେ ଲିଙ୍ଗ, ନାନାବିଧ ଶିବମୂର୍ତ୍ତି, ଶକ୍ତି ଓ ଅନ୍ୟାନ ଦେବୀ ମୂର୍ତ୍ତୀମାନ ପୂଜିତ ହେଉଥା ନିଃସନ୍ଦେହରେ ପ୍ରମାଣିତ ହେଲାଣି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ, ପ୍ରାଚୀନ ପାଟଳିପୁତ୍ର ନଗରୀରେ ଶିବ, କୁବେର, ଦୁର୍ଗା ଇତ୍ୟାଦି ବିଭିନ୍ନ ଦେବଦେବୀଙ୍କର ମନ୍ଦିର ବିଦ୍ୟମାନ ଥିଲା । ନଗର ମଧରେ ଦେବମନ୍ଦିର ନିର୍ମାଣ ସମ୍ପର୍କମରେ ସେ କେତେକ ନିୟମ ମଧ ତାଙ୍କ ଗ୍ରନ୍ଥରେ ଲିପିବଧ କରିଛନ୍ତି । ସାଧାରଣତଃ ବୌଧ ମନ୍ଦିର ଗୁଡ଼ିକ "ପ୍ରାସାଦ" , 'ବିହାର' ଇତ୍ୟାଦି ନାମରେ କଥିତ ହୁଏ । କିନ୍ତୁ ଗୋପୁର ଓ ଶିଖର ଜାତୀୟ ଦେବାୟତନ ଗୁଡ଼ିକ ଯେ ହିନ୍ଦୁ ମନ୍ଦିର, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ତାହାହେଲେ ଶ୍ରୀ ଖାରବେଳଙ୍କ ରାଜତ୍ୱ ପୂର୍ବରୁ କଳିକାରେ ହିନ୍ଦୁଧର୍ମ ପ୍ରଚଳିତ ଥିଲା ଓ ଅନେକ ହିନ୍ଦୁ ମିନ୍ଦିର ମଧ ନିର୍ମିତ ହୋଇଥିଲା । ଗେଡ଼ିକ ଜୀର୍ଣ୍ଣ ଓ ଭଗ୍ନଦଶାପନନ୍ନ ହୋଇଯିବାରୁ ଉଦାରଚେତା ସକଳ ଧର୍ମପ୍ରିୟ ଶ୍ରୀ ଖାରବେଳ ସେଗୁଡ଼ିକ ସଂସ୍କାର କରିଥିଲେ । କଳିଙ୍ଗ ନଗରରେ 'ବିରାଟ ସେନା ନିବାସ' ମାନ ବିଦ୍ୟମାନ ଥିଲା । ଏଥିରେ

ଅଶ୍ୱାରୋହୀ, ରାଜାରୋହୀ, ରଥାରୋହୀ, ପଦାତି ପ୍ରଭୃତି ପ୍ରାଚୀନ ଭାରତୀୟ ଚତୁରଙ୍ଗ ସେନାବାସ କରୁଥିଲେ । ଖାରବେଳ ନିଜର ବିରାଟ ବାହିନୀମାନଙ୍କ ପାଇଁ ଅସଂଖ୍ୟ ଗୃହ ନିର୍ମାଣ କରିଥିଲେ । ହାତୀଗୁମ୍ଫା ଲେଖର ବର୍ଣ୍ଣନାରୁ ଜଣାଯାଏ, ଆଜକୁ ପ୍ରାୟ ୨୧୦୦ ବର୍ଷ ପୂର୍ବେ କଳିଙ୍ଗ ନଗରର ସମଗ୍ର ଭାରତବର୍ଷରେ ଦ୍ୱିତୀୟ ଅମରାବତୀ ତୁଲ୍ୟ ଗୋଟିଏ ଅପୂର୍ବ ରମଣୀୟ ନଗରୀ ରୂପେ ଖ୍ୟାତିଲାଭ କରିଥିଲା ।

ନାଗରୀକମାନଙ୍କ ଅବସ୍ଥା ବର୍ଣ୍ଣନା ବ୍ୟତୀତ ନଗର ବର୍ଣ୍ଣନା ପୂର୍ଣ୍ଣାଙ୍ଗ ହେବନାହିଁ । ତେଣୁ ଏହାର ସାମାନ୍ୟ ଆଲୋଚନା ଆବଶ୍ୟକ । ପ୍ରତ୍ୟେକ ରାଜଧାନୀ ପରି କଳିଙ୍ଗ ରାଜଧାନୀରେ ମଧ ରାଜପ୍ରାସାଦ ନଗରର ପ୍ରଧାନ କେନ୍ଦ୍ରସ୍ଥଳୀ ଥିଲା । ଏଠାକୁ ରାଜ୍ୟର ପ୍ରଜାବର୍ଗ ଓ ନାଗରୀକମାନେ ବହୁ କାର୍ଯ୍ୟ ଉପଲକ୍ଷରେ ଗମନାଗମନ କରୁଥିଲେ । ପ୍ରାଚୀନ ପାଟଳିପୁତ୍ର ପରି ଏହା ଚତୁର୍ଦ୍ଦିଗରେ ବଡ଼ ପ୍ରାଚୀର ଦ୍ୱାରା ଆବୃତ ଥିଲା । ଚତ୍ୱର ବା କ୍ରୀଡ଼ାଙ୍ଗନ, ଆରାମ, ଉଦ୍ୟାନ, ବୃକ୍ଷବାଟିକା ଓ ଉପବନ ପ୍ରଭୃତି ନାଗରୀକମାନଙ୍କର ବିହାରସ୍ଥଳୀ ଥିଲା । ଗମନାଗମନର ସୁବିଧା ପାଇଁ ଅନେକ ପ୍ରଶସ୍ତ ପଥ ନିର୍ମିତ ହୋଇଥିଲା । ଗଭୀର ଶୀତଳ ତଡ଼ାଗମାନ ଓ ବିରାଟ ଜଳପ୍ରଣାଳୀ ନାଗରୀକମାନଙ୍କର ସ୍ନାନ, ପାନ ଓ ଜଳସେଚନାଦି କାର୍ଯ୍ୟରେ ବ୍ୟବହୃତ ହେଉଥିଲା । ଗ୍ରୀଷ୍ମକାଳରେ ପ୍ରଜାମାନେ ଜଳକଷ୍ଟ ଅନୁଭବ କରୁନଥିଲେ । ଶିଖର ଶୋଭିତ ତୋରଣ ବିଭୂଷିତ କାରୁକାର୍ଯ୍ୟ ଖଚିତ ମନ୍ଦିର ମାନଙ୍କରେ ଲୋକମାନେ ଦେବାର୍ଚ୍ଚନା ଓ ଧର୍ମାଲୋଚନା କରି ନିଜ ନିଜର ଜୀବନକୁ ପବିତ୍ର କରୁଥିଲେ । ନଗରରେ ହିନ୍ଦୁ, ଜୈନ, ବୌଧ୍ ପ୍ରଭୃତି ଧର୍ମବଲମ୍ବୀମାନେ ସୁଖରେ କାଳଯାପନ କରୁଥିଲେ ଓ ରାଜା ମଧ ପ୍ରତ୍ୟେକ ଧର୍ମର ଉନ୍ନତି ପାଇଁ ଯତ୍ନ କରୁଥିଲେ ।

ଦେଶ ସର୍ବଦା ବିଦେଶୀୟ ଆକ୍ରମଣ ଭୟରୁ ମୁକ୍ତ ଥିଲା । ତେଣୁ ନାଗରିକମାନେ ସୁଖଶାନ୍ତିରେ କାଳଯାପନ କରୁଥିଲେ । ହାତୀଗୁମ୍ଫା ଲେଖର କେତେକ ପଂକ୍ତି ପାଠକମାନଙ୍କ ମନରେ ନାଗରିକ ଜୀବନ ସମ୍ବନ୍ଧରେ ଗୋଟିଏ ଉଚ୍ଚ ଧାରଣା ଦେବ । ରାଜା ନିଜେ ସଙ୍ଗୀତ ବିଦ୍ୟାରେ ନିପୁଣ ଥିଲେ ଓ ସଙ୍ଗୀତ, ବାଦ୍ୟ, ଦର୍ପ, କ୍ରୀଡ଼ା, ନୃତ୍ୟାଦି ପ୍ରଦର୍ଶନ ଦ୍ୱାରା ନାଗରିକମାନଙ୍କର ଆନନ୍ଦ ବିଧାନ କରୁଥିଲେ । ନାଗରିକମାନେ ନାନାପ୍ରକାର ଭୋଜି, ଉତ୍ସବ, ସମାନ (ଯାତ୍ରା କ୍ରୀଡ଼ା, କୌତୁକ, କସରତ) ଇତ୍ୟାଦିରେ ଯୋଗଦେଇ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସମୟ ସମୟରେ ରାଜକର୍ମଚାରୀ, ରାଜଭୃତ୍ୟ, ଗୃହସ୍ଥ, ବ୍ରାହ୍ମଣ ବୌଧ୍ଶ୍ରମଣ, ଜୈନଶ୍ରାବକ ପ୍ରଭୃତି ବିଭିନ୍ନ ଶ୍ରେଣୀର ଲୋକେ ବଡ଼ ବଡ଼ ଭୋଜିକୁ ନିମନ୍ତ୍ରିତ ହେଉଥିଲେ । ମଙ୍ଗଳ ଅନୁଷ୍ଠାନ ସମୟରେ ଅସୀ, ଛତ୍ର, ଘଟ, ପତାପାଧାରୀ ଲୋକମାନେ ଓ ଗଜ ଅଶ୍ୱ ରଥାରୋହୀ ସୈନ୍ୟମାନେ, ରକ୍ଷୀ ଓ ପରିଚରବୃନ୍ଦଙ୍କ ସହ ବିରାଟ ପଟୁଆରରେ ବାହାରି ନଗର ପରିକ୍ରମା କରୁଥିଲେ । ବୌଧ୍ମାନଙ୍କ ମଧରେ ପ୍ରଚଳିତ 'ବୋଧି ଦ୍ରୁମ ପୂଜାର ଚିତ୍ର ସାରନାଥ, ମଥୁରା, ସାଚୀ, ବରହୁତ ପ୍ରଭୃତି ସ୍ଥାନରେ ଅବସ୍ଥିତ ସ୍ତୁପଗୁଡ଼ିକର ରେଲିଙ୍ଗରେ ଅନେକ ସ୍ଥାନରେ ଖୋଦିତ ହୋଇଅଛି । ବୌଧ୍ମାନଙ୍କର ବୋଧିଦ୍ରୁମ ପୂଜା ପରି ଜୈନମାନଙ୍କର 'ପଲ୍ଲବ ଭାର କଳ୍ପବୃକ୍ଷ'ର ପୂଜା ଗୋଟିଏ ପରମ ପବିତ୍ର ଅନୁଷ୍ଠାନ ଥିଲା । ତେଣୁ ଜୈନ ଶ୍ରୀ ଖାରବେଳ କଳିଙ୍ଗ ନଗରରେ 'ପଲ୍ଲବ ଭାର କଳ୍ପବୃକ୍ଷ'ର ଚିତ୍ର ବା ମୂର୍ତ୍ତୀ ବିରାଟ ପଟୁଆର ସହିତ ବୁଲାଉଥିଲେ । ସେ ରାଜବିଭବ ପ୍ରଦର୍ଶନ ନିମିତ୍ ସମୟ ସମୟରେ ନାଗରିକ ଓ ପଲ୍ଲୀବାସୀମାନଙ୍କୁ ସମସ୍ତ ପ୍ରକାର କର ଓ ପଣ୍ୟଭାରରୁ ମୁକ୍ତ କରୁଥିଲେ ଓ ରାଜକୋଷରୁ ବହୁ ମୁଦ୍ରା ବ୍ୟୟ କରି ଲୋକମାନଙ୍କ ମଧରେ ଦାନ ଧର୍ମାଦି କାର୍ଯ୍ୟ ସମ୍ପନ୍ନ କରୁଥିଲେ । ସମୟ ସମୟରେ ସେ ନାଗରିକମାନଙ୍କର କୌତୁହଳ ଚରିତାର୍ଥ କରିବା ନିମିତ୍ ଅନେକ ପ୍ରକାର ବିସ୍ମୟୋଦ୍ଦୀପକ ବନ୍ୟ ପଶୁପକ୍ଷୀମାନେ ପ୍ରଦର୍ଶନ କରୁଥିଲେ । ରାଜତ୍ୱର ଏକାଦଶ ବର୍ଷରେ ସେ ଗୋଟିଏ ବିରାଟ ସାମାଜିକ ଅନୁଷ୍ଠାନରେ କଳିଙ୍ଗର

ପୂର୍ବ ରାଜମାନଙ୍କ ପ୍ରତି ଶ୍ରଧା ଓ ଭକ୍ତି ପ୍ରଦର୍ଶନ କରିଥିଲେ । ହାତୀଗୁମ୍ଫା ଲେଖର ଏହି ସମସ୍ତ ପଂକ୍ତିରୁ ସ୍ପଷ୍ଟ ଜଣଶଯାଏ ଯେ, ଶ୍ରୀ ଖାରବେଳଙ୍କ ସମୟରେ କଳିଙ୍ଗ ନଗରର ଅଧିବାସୀମାନେ ପରମ ସୁଖ ଓ ଶାନ୍ତିରେ କାଳ ଯାପନ କରୁଥିଲେ । ରାଜା ଓ ପ୍ରଜାଙ୍କ ସମ୍ପର୍କ ଅତ୍ୟନ୍ତ ମଧୁମୟ ଓ ପବିତ୍ର ଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ, ଏହି ପ୍ରସିଧ୍ ରାଜଧାନୀର ଅବସ୍ଥିତି ଆଜିପର୍ଯ୍ୟନ୍ତ ନିର୍ଣ୍ଣିତ ହେଲାନାହିଁ । ତେଣୁ ଲେଖ ବର୍ଣ୍ଣିତ ସମସ୍ତ ଅନୁଷ୍ଠାନ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନଲାଭ କରିବା ବର୍ତ୍ତମାନ ସମ୍ଭବପର ନୁହେଁ । ତଥାପି ଏହାର ଅବସ୍ଥିତି ପ୍ରାଚୀନ ଗ୍ରନ୍ଥ ଓ ଲେଖକମାନଙ୍କ ସାହାଯ୍ୟରେ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଛି ।

**କଳିଙ୍ଗ ନଗରର ଅବସ୍ଥିତି** - ଦକ୍ଷିଣ ଓଡ଼ିଶାର ନାନାସ୍ଥାନରୁ ପ୍ରାପ୍ତ ଗଙ୍ଗବଂଶୀୟ ରାଜାମାନଙ୍କ ତାମ୍ରଶାସନ ଗୁଡ଼ିକରୁ ଜଣାଯାଏ ଯେ, କଳିଙ୍ଗ ନଗର ପ୍ରଥମ ଦେବେନ୍ଦ୍ର ବର୍ମାଙ୍କ ସମୟରୁ ପ୍ରଥମ କାମାର୍ଣ୍ଣବଙ୍କ ରାଜତ୍ୱ ପର୍ଯ୍ୟନ୍ତ କଳିଙ୍ଗର ରାଜଧାନୀ ଥିଲା ଏବଂ ସେଠାରୁ ଦାନପତ୍ରମାନ ପ୍ରଦ□ ହେଉଥିଲା । ପ୍ରଥମ ଦେବେନ୍ଦ୍ର ବର୍ମାଙ୍କ ରାଜତ୍ୱରେ ୫୧ ଗଙ୍ଗାବ୍ଦ ବା ୫୪୭ ଖ୍ରୀଷ୍ଟାବ୍ଦରେ ପ୍ରଦ□ ତାମ୍ରଶାସନରୁ ପ୍ରଥମେ କଳିଙ୍ଗ ନଗରର ନାମ ମିଳେ । ତତପୂର୍ବରୁ ମାଠରବଂଶୀୟ ରାଜାମାନେ ପ୍ରଥମେ ସିଂହପୁର ଓ ପରେ ଦନ୍ତପୁରରୁ ତାମ୍ରଶାସନମାନ ଦାନ କରିଥିଲେ । ଏହା ବ□ମାନ ନିଃସନ୍ଦେହରେ ଜଣାଯାଏ ଯେ, ୬ଷ୍ଠ ଶତାବ୍ଦୀର ମଧଭାଗରୁ କଳିଙ୍ଗର ରାଜଧାନୀ କଳିଙ୍ଗ ନଗର ନାମରେ ଖ୍ୟାତିଲାଭ କରିଥିଲା । ଗଙ୍ଗରାଜ ଇନ୍ଦ୍ର ବର୍ମାଙ୍କ ଦ୍ୱାରା ୧୪୬ ଶକାବ୍ଦ ବା ୬୪୨ ଖ୍ରୀଷ୍ଟାବ୍ଦରେ ପ୍ରଦ□ ତାମ୍ରଶାସନରୁ ଜଣାଯାଏ ଯେ, କଳିଙ୍ଗ ନଗର ସମୁଦ୍ରକୂଳରେ ଅବସ୍ଥିତ ଥିଲା । ଯଥା : "ଜଳଧି-ଜଳ-ତରଙ୍ଗ-କର-ପଲ୍ଲବାଲିଙ୍ଗିତ୍" ଅର୍ଥାତ୍ କଳିଙ୍ଗ ରାଜ୍ୟର ତିଳକ ସ୍ୱରୂପ କଳିଙ୍ଗ ନଗରକୁ ସମୁଦ୍ର ନିଜର ତରଙ୍ଗ ରୂପକ କରପଲ୍ଲବ ଦ୍ୱାରା ଆଲିଙ୍ଗନ କରୁଥିଲା । ଏହି ନଗରଟି ସମୁଦ୍ରକୂଳବର୍ତ୍ତୀ ପ୍ରାୟ ଦ୍ରାଘିମା ଓ ୧୮ ଅକ୍ଷାଂଶରେ ଅବସ୍ଥିତ କୋଙ୍ଗୁର ସହିତ ଚିହ୍ନିତ ହୋଇଅଛି ।

ସମୁଦ୍ର ଗୁପ୍ତଙ୍କ ଦାକ୍ଷିଣାତ୍ୟ ବିଜୟ କାଳରେ ଗିରିଦୁର୍ଗ କୋଙ୍ଗୁର କଳିଙ୍ଗର ରାଜଧାନୀ ଥିଲା ଏବଂ ସେଠାରେ ସ୍ୱାମୀଦତ୍ ରାଜତ୍ୱ କରୁଥିଲେ । ମହାକବି କାଳିଦାସ ରଘୁବଂଶର ଷଷ୍ଠ ସର୍ଗରେ କଳିଙ୍ଗର ରାଜଧାନୀ ମହେନ୍ଦ୍ର ପର୍ବତରେ ଅନତିଦୂରରେ ସମୁଦ୍ରକୂଳରେ ଅବସ୍ଥିତ ଥିବାର ବର୍ଣ୍ଣନା କରିଛନ୍ତି ।

"ଯମାତ୍ମନଃ ସଦ୍ମନି ସନ୍ନିକୃଷ୍ଟ ମନ୍ଦ୍ରଧ୍ୱନି -ତ୍ୟାଜିଯୋମତୂର୍ଯ୍ୟ,
ପ୍ରାସାଦବାତାୟନଦୃଶ୍ୟବୀଚିଃ ପ୍ରବୋଧୟତ୍ୟର୍ଣ୍ଣବ ଏବ ସୁପ୍ତଂ ।"

ଅର୍ଥାତ୍ କଳିଙ୍ଗ ରାଜାପ୍ରସାଦରୁ ସମୁଦ୍ର ଲହରୀଗୁଡ଼ିକ ଦେଖାଯାଉଥିଲା ଏବଂ ସେଗୁଡ଼ିକର ଭୀଷଣ ଗର୍ଜ୍ଜନ ପ୍ରତ୍ୟେକ ଯାମରେ ବଜା ଯାଉଥିବା ଢ଼ୋଲ ଶବ୍ଦକୁ ବଳି ଯାଉଥିଲା ।

ଗଙ୍ଗ ରାଜତ୍ୱକାଳରେ ବହୁକାଳ ପର୍ଯ୍ୟନ୍ତ କଳିଙ୍ଗର ରାଜଧାନୀ ଥିବା 'କଳିଙ୍ଗ ନଗର' ଏକ ଓ ଅଭିନ୍ନ ବୋଲି ଐତିହାସିକ ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମଜୁମଦାର ମତ ପ୍ରକାଶ କରିଛନ୍ତି । କିନ୍ତୁ ଏହା ବିରୁଧିରେ କେତେକ ଯୁକ୍ତ ପ୍ରଦତ୍ ହୋଇପାରେ । ପ୍ରଥମେ କଳିଙ୍ଗ ନରକର "କଟକ" ପରି ଗୋଟିଏ ସାଧାରଣ ନାମବାଚକ ଶବ୍ଦ । ଏହାର ଅର୍ଥ କଳିଙ୍ଗର ରାଜଧାନୀ । "କଟକ" ଶବ୍ଦର ରାଜାଙ୍କର ସାମୟିକ ରାଜଧାନୀ । ଇତିହାସ ପର୍ଯ୍ୟାଲୋଚନା କଲେ ଆମ୍ଭେମାନେ ଜାଣିପାରୁ ଯେ, ଶ୍ରୀଧାନ୍ୟ କଟକ, ଅମରାବତୀ, କଟକ, ସାଚୀ କଟକ ପରି ଓଡ଼ିଶାରେ ମଧ ସୁବର୍ଣ୍ଣପୁର କଟକ, ମରୁସୀମ କଟକ, ବନୀତପୁର କଟକ, ଚଉଦ୍ୱାରା କଟକ (ପୁରୀ),

ରେମୁଣା କଟକ, ନାରାୟଣପୁର କଟକ ପ୍ରଭୃତି ଅନେକ କଟକ ଥିଲା । କଟକ ଶବ୍ଦର ରାଜଧାନୀ ରୂପେ ବ୍ୟବହୃତ ହେଉଥିବା ନଗରକୁ ବୁଝାଇଲା ପରି କଳିଙ୍ଗ ନଗର କୌଣସି ସ୍ଥାନ ବିଶେଷରେ ନାମ ନହୋଇ କଳିଙ୍ଗର ରାଜଧାନୀ ଥିବା ନଗର ବିଶେଷକୁ ବୁଝାଉଥିଲା । କୋଙ୍ଗୁର ଗିରିଦୁର୍ଗ ପ୍ରଥମେ ବହୁକାଳ 'କଳିଙ୍ଗ ନଗର' ନାମରେ ପରିଚିତ ଥିଲା । ପରବର୍ତ୍ତୀକାଳରେ ବେତନ ପୂର୍ବତନ ପାରଲାଖେମୁଣ୍ଡି ଜମିଦାରୀ ମଧରେ ବଂଶଧାରା ନଦୀକୂଳରେ ଅବସ୍ଥିତ ମୁଖଲିଙ୍ଗସ ବା ନଗରୀ କଟକ 'କଳିଙ୍ଗ ନଗର' ନାମ ଧାରଣ କରିଥିଲା । ତେଣୁ ଶ୍ରୀ ଖାରବେଳଙ୍କ ସମୟରେ ପ୍ରସିଧ୍ ଐତିହାସିକ କେନ୍ଦ୍ର ଖଣ୍ଡଗିରି ନିକଟବର୍ତ୍ତୀ କୌଣସି ଅଚଳ 'କଳିଙ୍ଗ ନଗର' ବା କଳିଙ୍ଗର ରାଜଧାନୀ ଥିଲା ।

ଏହା ସପକ୍ଷରେ ଅନେକ ଯୁକ୍ତି ଦିଆଯାଇପାରେ । ଅଶୋକଙ୍କ ଅନୁଶାସନରୁ ସ୍ପଷ୍ଟ ଜଣାଯାଏ ଯେ, ତାଙ୍କ ରାଜତ୍ୱକାଳରେ ତୋଷଳି ବା ଆଧୁନିକ ଧଉଳି ପର୍ବତର ନିକଟବର୍ତ୍ତୀ ଅଚଳ କଳିଙ୍ଗର ରାଜଧାନୀ ଥିଲା । ଶ୍ରୀ ଖାରବେଳ ମୌର୍ଯ୍ୟବିଜୟର ସ୍ମୃତିକୁ ଲୋକମାନଙ୍କ ମାନସପଟରୁ ପୋଛି ଦେବାପାଇଁ ତୋଷାଳିରେ ବା ତୋଷଳି ନିକଟରେ ନିଜର ରାଧାନୀ ପ୍ରତିଷ୍ଠା କରିଥିବା ସମ୍ପୂର୍ଣ୍ଣ ସମ୍ଭବପର । ଇତିହାସ ପାଠକଲେ ଜଣାଯାଏ ଯେ, କୌଣସି ରାଜବଂଶର ପତନ ବା ପରାଜୟ ହେଲେ ବିଜୟୀ ରାଜା ବିଜିତ ରାଜାଙ୍କ ରାଜଧାନୀରେ ନିଜର ସ୍ତମ୍ଭ ପ୍ରେତଥିତ କରି ସେଠାରୁ ରାଜ୍ୟଶାସନ କରିବାକୁ ଗୌରବଜନକ ମନେ କରନ୍ତି । ପୃଥ୍ୱୀରାଜଙ୍କ ମୃତ୍ୟୁପରେ ତାଙ୍କର ରାଜଧାନୀ ଦିଲ୍ଲୀହିଁ କ୍ରମାନ୍ୱୟରେ ଦାସ ଖିଲ୍‌ଜୀ, ଟୋଗଲକ, ସୟଦ, ଲୋଦୀ ଓ ମୋଗଲ ରାଜବଂଶର ରାଜଧାନୀ ରୂପେ ବ୍ୟବହୃତ ହୋଇଥିଲା । ସେହିପରି ସୋମବଂଶର ଶେଷ ରାଜଧାନୀ କଟକ ନଗରୀ ଉକ୍ତ ବଂଶର ପତନ ପରେ ଯଥାକ୍ରମେ ଗଙ୍ଗ, ସୂର୍ଯ୍ୟ, ପଠାଣ, ମୋଗଲ ଓ ମରହଟ୍ଟାଙ୍କ ଦ୍ୱାରା ରାଜଧାନୀ ରୂପେ ବ୍ୟବହୃତ ହୋଇଥିଲା । ବ୍ରିଟିଶ ସରକାର ଓଡ଼ିଶା ଅଧିକାର ପରେ କଟକ ନିଜର ରାଜଧାନୀ ରୂପେ ବ୍ୟବହାର କରିଥିଲେ ।

ଖଣ୍ଡଗିରି ଓ ଉଦୟଗିରିରେ ଥିବା କେତେକ ପ୍ରାଚୀନ ବ୍ରାହ୍ମଲେଖିରୁ ସ୍ପଷ୍ଟ ଜଣାଯାଏ ଯେ, ଏହି ଦୁଇଟି ଶୈଳର ଅଦୂରରେ କୌଣସି ଏକ ନଗର ବିଦ୍ୟମାନ ଥିଲା । ଏହାହିଁ କଳିଙ୍ଗ ନଗର ନାମରେ ପରିଚିତ ଥିଲା ।

ଅଶୋକ ଓ ଶ୍ରୀ ଖାରବେଳଙ୍କ ସମୟରେ କଳିଙ୍ଗ ରାଜ୍ୟ ଉ□ରରେ ଗଙ୍ଗା ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ତେଣୁ ତୋଷଳିହିଁ ତାହାର କେନ୍ଦ୍ରଥିଲା ଓ ସେଠାରୁ ସମଗ୍ର ରାଜ୍ୟ ଶାସନ କରିବା ସହଜ ଓ ସୁବିଧାଜନକ ଥିଲା । କାଳିଦାସଙ୍କ ସମୟରୁ ଓ ତତପରେ କ୍ରମଶଃ କଳିଙ୍ଗ ରାଜ୍ୟ ସଂକୁଚିତ ହୋଇ ଋଷିକୁଲ୍ୟା ଓ ଗୋଦାବରୀ ମଧରେ ଆବନ୍ଧ ରହିଲା । ତେଣୁ କୋଙ୍ଗୁର ଦୁର୍ଗରୁ ଉକ୍ତ ସଂକୁଚିତ କଳିଙ୍ଗ । ରାଜ୍ୟ ଶାସନ କରିବା ସୁବିଧାଜନକ ହେଲା । କିନ୍ତୁ ଶ୍ରୀ ଖାରବେଳଙ୍କ ସମୟରେ କୋଙ୍ଗୁର ଉତ୍‌ତରରେ ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ କଳିଙ୍ଗ ରାଜ୍ୟର ରାଜଧାନୀ ନହୋଇ ତୋଷଳି ନିକଟବର୍ତ୍ତୀ କୌଣସି ନଗରୀ କଳିଙ୍ଗର ରାଜଧାନୀ ଥିଲା ।

ବ୍ରହ୍ମପୁରାଣର ପ୍ରଦତ୍ ଏକାମ୍ର କ୍ଷେତ୍ରରେ ବର୍ଣ୍ଣନା ( ୯ ) ସହିତ ହାତୀଗୁମ୍ଫା ଲେଖରେ ପ୍ରଦତ୍ କଳିଙ୍ଗ ନଗର ବର୍ଣ୍ଣନାର ବିଶେଷ ସାମଞ୍ଜସ୍ୟ ଦେଖାଯାଏ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ପ୍ରାୟ ଏକାମଇଲ ପୂର୍ବରେ ବିରାଟ ଶିଶୁପାଳ ଦୁର୍ଗର ଭଗ୍ନାବଶେଷ ଦେଖାଯାଏ । ଏହାର ଆକାର ବର୍ଗକ୍ଷେତ୍ର ପରି ପ୍ରତ୍ୟେକ ପ୍ରାଚୀର ପ୍ରାୟ ଏକମାଇଲ ଲମ୍ବ । ପ୍ରାଚୀର ଗୁଡ଼ିକ ବଡ଼ ବଡ଼ ଇଟାରେ ତିଆରି ହୋଇଥିଲା । ଏହିପରି ଇଟା ମୌର୍ଯ୍ୟ ବା ସୁଙ୍ଗ ବଂଶର କୀର୍ତ୍ତୀମାନଙ୍କରେ ସାଧାରଣତଃ ଦେଖାଯାଏ । ପ୍ରାଚୀରଗୁଡ଼ିକର ଧ୍ୱଂସାବଶେଷ ଭୂମି ପତନଠାରୁ

ପ୍ରାୟ ୪୦ ଫୁଟ ଉଚ୍ଚ । ପ୍ରତ୍ୟେକ ପ୍ରାଚୀରର ମଧ୍ୟଭାଗରେ ଗୋଟିଏ ଗୋଟିଏ ବିଶାଳ ଦ୍ୱାର ଥିଲା । ପଶ୍ଚିମ ଦ୍ୱାରଟି ବୃହତ୍ତମ ହୋଇଥିବାରୁ ଏହାହିଁ ସିଂହଦ୍ୱାରା ହୋଇଥିବାର ମନେହୁଏ । ଏହି ଦୁର୍ଗ ମଧ୍ୟରୁ ଗୋଟିଏ ସିଲ୍ ମିଳିଥିଲା । ସିଂହଦ୍ୱାରର ହଦୂରରେ ଭାସ୍କରେଶ୍ୱର ମନ୍ଦିର ନିକଟରୁ ସ୍ୱର୍ଗୀୟ ରାଖାଲ ଦାସ ବାନାର୍ଜୀ ମହାଶୟ ଗୋଟିଏ ପଥର ରେଲିଙ୍ଗ ପାଇଥିଲେ । ଏହି ରେଲିଙ୍ଗ ଦେହରେ ଖୋଦିତ ମୂର୍ତ୍ତି ମୌର୍ଯ୍ୟ ବା ସୁଙ୍ଗଯୁଗର ବୋଲି ସେ ମତ ପ୍ରକାଶ କରିଥିଲେ । ପ୍ରାୟ ଆଠଫୁଟ ଉଚ୍ଚ ବିଶାଳ ଭାସ୍କରେଶ୍ୱର ଶିବଲିଙ୍ଗ ଗୋଟିଏ ଅଶୋକସ୍ତମ୍ଭର ଭଗ୍ନାବଶେଷ ବୋଲି ରାଜେନ୍ଦ୍ରଲାଲ ମିତ୍ର ପ୍ରଭୃତି ପ୍ରସିଧ୍ ଐତିହାସିକ ସ୍ଥିର କରିଛନ୍ତି । ୧୯୪୮ ମସିହାରେ ଭାରତ ସରକାରଙ୍କ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ଏଠାରେ ଭୂଖୋଦନ ହୋଇଥିଲା । ଏହା ଫଳରେ ଏଠାରୁ ମୌର୍ଯ୍ୟଯୁଗରେ ବ୍ୟବହୃତ କେତେକ ମୃଣ୍ମୟ ପାତ୍ରର ଅଂଶବିଶେଷ, ଖ୍ରୀଷ୍ଟୀୟ ୨ ଶତାବ୍ଦୀର ଗୋଟିଏ ସୁବର୍ଣ୍ଣ ମୁଦ୍ରା ଓ କୁଶାଣ ଯୁଗର ବହୁ ତାମ୍ର ମୁଦ୍ରା ଆବିଷ୍କୃତ ହୋଇଥିଲା । ଏ ସମସ୍ତ ଆବିଷ୍କାର ଫଳରେ ଉକ୍ତ ଦୁଇଟି ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ନିର୍ମିତ ହୋଇଥିବାରୁ ଐତିହାସିକମାନେ ସ୍ଥିର କରିଛନ୍ତି ।

ଶିଶୁପାଳ ଦୁର୍ଗ ମଧ୍ୟରୁ ପ୍ରାପ୍ତ ପ୍ରାୟ ଦଶମ ଶତାବ୍ଦୀର ଗୋଟିଏ ସ୍ମୃତିସ୍ତମ୍ଭ ଓ ନବମ ବା ଦଶମ ଶତାବ୍ଦୀର ମୁଗୁନି ପଥରରେ ନିର୍ମିତ୍ ଗୋଟିଏ ମାହେଶ୍ୱରୀ ମୂର୍ତ୍ତିର ଯଥେଷ୍ଟ ଐତିହାସିକ ଗୁରୁତ୍ୱ ଅଛି ।

ଶିଶୁପାଳ ଦୁର୍ଗରୁ ଆବିଷ୍କୃତ ପ୍ରାଚୀନ ସ୍ମୃତିସ୍ତମ୍ଭରେ ଖୋଦିତ ଲେଖ ଓ ମାହେଶ୍ୱରୀ ମୂର୍ତ୍ତିର ପଛପାଖରେ ୧୭ ଧାଡ଼ିର ଗୋଟିଏ ଲେଖା ବିଦ୍ୟମାନ ।

ଦଣ୍ଡନାୟକ ଗୋସରଣଙ୍କ ସ୍ମୃତିସ୍ତମ୍ଭଟି ମୋ ଦ୍ୱାରା ୧୯୩୪ ମସିହାରେ ଏକ ଶସ୍ୟକ୍ଷେତ୍ରରୁ ଭୂଖୋଦନ ଫଳରେ ଆବିଷ୍କୃତ ହେଇ ରେଭେନ୍‌ସା କଲେଜ ମିଉଜିୟମରେ ସଂରକ୍ଷିତ ହୋଇଥିଲା । ଏହି ବର୍ତ୍ତମାନ କଲେଜ ଫାଟକଠାରୁ କଲେଜ ଭିତରକୁ ଯିବା ବାଟରେ ପୋତା ହୋଇଛି ।

ଏହି ଚତୁର୍ଭୁଜା ମାହେଶ୍ୱରମୀ ମୂର୍ତ୍ତି ବର୍ତ୍ତମାନ ଗଡ଼ଚଣ୍ଡୀ ରୂପେ ପୂଜିତ ହେଉଛନ୍ତି । ଏହାକୁ ଉର୍ଦ୍ଧ୍ୱ-ଦକ୍ଷିଣ ହସ୍ତରେ ଡ଼ମ୍ବରୁ, ନିମ୍ନ ଦକ୍ଷିଣ ହସ୍ତରେ ଗଦା, ଉର୍ଦ୍ଧ୍ୱ ବାମ ହସ୍ତରେ ତ୍ରିଶୁଳ ଓ ନିମ୍ନ ବାମ ହସ୍ତରେ ଅକ୍ଷମାଳା ଶୋଭିତ । ପାଦପୀଠରେ ବାହନ ବୃଷଭ ରହିଛି । ଖୋଦିତ ହୋଇଥିବା ମୁଗୁନି ପଥରର କେତେକାଂଶ ଭାଙ୍ଗିଯାଇଥିବାରୁ ଏହାର ପଛପଟେ ଥିବା ଲେଖ ମଧ ଖଣ୍ଡିତ ହୋଇଅଛି । ୨୦ଟି ଶ୍ଳୋକ ବିଶିଷ୍ଟ ଏହି ଲେଖରେ ଗଇସମ

ାଟ୍ ଗଙ୍ଗେଶ୍ୱର ବ ଚୋଳଗଙ୍ଗଦେବଙ୍କ ପ୍ରଶସ୍ତି ବର୍ଣ୍ଣିତ ହୋଇଅଛି । ଶ୍ରୀ ଅନିରୁଧ୍ ଦାସ, ଆଇ.ଏ.ଏସ୍. ଏହା ଏକ ପ୍ରବନ୍ଧରେ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରାଚୀନ ବ୍ରାହ୍ମୀବର୍ଣ୍ଣମାଳା ଖୋଦିତ ଲେଖ ଥିବା ଦୁଇଟି ସିଲ୍ ମଧ ଏଠାରୁ ମିଳିଅଛି । ଏଗୁଡ଼ିକ ଶିଶୁପାଳ ଦୁର୍ଗରୁ ପ୍ରାଚୀନର ଓ ଗୁରୁତ୍ୱର ପରିଚାୟକ ।

ଏତଦ୍‌ବ୍ୟତୀତ ବ୍ରହ୍ମେଶ୍ୱର ମନ୍ଦିର ଠାରୁ ଶିଶୁପାଳ ଦୁର୍ଗର ବାୟୁକୋଣ ପର୍ଯ୍ୟନ୍ତ ଗୋଟିଏ ବିଶାଳ ଲମ୍ବ ସ୍ତୁପ ବିଦ୍ୟମାନ । ଏହା ଗୋଟିଏ ପ୍ରାଚୀନ ପଥ ବୋଲି ସ୍ପଷ୍ଟ ଜଣାଯାଏ । ଏହା ଉପରେ ସ୍ଥାନେ ସ୍ଥାନେ ଶିଳାଲେଖ ଅଦ୍ୟାପି ଦେଖାଯାଏ । ଲେକଶ୍ରୁତିରୁ ଜଣାଯାଏ ଯେ, ମହାଭାରତ ବର୍ଣ୍ଣିତ ପ୍ରସିଧ୍ ଶିଶୁପାଳ ରାଜା ଏହି ବିଶାଳ ଦୁର୍ଗନିର୍ମାଣ କରିଥିଲେ । କଳିଙ୍ଗ ସମ୍ରାଟ ଖାରବେଳଙ୍କ ପରି ଶିଶୁପାଳ ଚେଦୀବଂଶୀୟ ଥିଲେ । ତେଣୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିବାର ମନେହୁଏ । ବ୍ରାହ୍ମଣଧର୍ମର ପୁନରୁତ୍ଥାନ ଯୁଗରେ ହିନ୍ଦୁମାନେ ପ୍ରସିଧ୍ ବୌଧ୍ ଓ ଜୈନକୀର୍ତ୍ତି

ଗୁଡ଼ିକ ନିଜ ଧର୍ମପୀଠ ରୂପେ ବ୍ୟବହାର କରି ସେଗୁଡ଼ିକର ନାମ ପରିବର୍ତ୍ତନ କରିଥିଲେ । ଉକ୍ତ ଯୁଗରେ ସୁରଭ ପର୍ବତ ଧଉଳିଗିରି, ଅଶୋକଙ୍କ ଅନୁଶାସନ ଥିବା ବିଶାଳ ଶୈଳଖଣ୍ଡ ଅଶ୍ୱତ୍ଥାମା ପାହାଡ଼, ଧଉଳିରେ ଥିବା ଅଶୋକ ନିର୍ମିତ ଗୁହା ସକଳ ୫ପାଣ୍ଡବ ଗୁମ୍ଫା ନାମ ଧାରଣ କରିଥିଲା । ବହୁ ଜୈନକୀର୍ତ୍ତି ଶୋଭିତ କୁମାର ଗିରି ଓ ଗୁମାରୀ ଗିରି ହିନ୍ଦୁମାନଙ୍କ ଦ୍ୱାରା ଯଥାକ୍ରମେ ଖଣ୍ଡଗିରି ଓ ଉଦୟଗିରି ନାମରେ ଅଖ୍ୟାତ ହୋଇଥିଲା । ଭାରତ ଇତିହାସରୁ ଏହିପରି ଆହୁରି ଅନେକ ଉଦାହରଣ ଦିଆଯାଇପାରେ । ତେଣୁ କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳ ଲୋକଶ୍ରୁତିରେ ପୁରାଣ ପ୍ରସିଦ୍ଧ ଶିଶୁପାଳ ନାମ ଧାରଣ କରିଥିବା ସମ୍ପୂର୍ଣ୍ଣ ସମ୍ଭବପର ।

ଶିଶୁପାଳ ଦୁର୍ଗ ଯଦି କଳିଙ୍ଗ ନଗର ହୁଏ, ତେବେ ନନ୍ଦରାଜାଙ୍କ ରାଜତ୍ୱରେ ଖୋଦିତ ଓ ଶ୍ରୀ ଖାରବେଳଙ୍କ ଦ୍ୱାରା ସମାପ୍ତ ପ୍ରଣାଳୀଟି କିଏ ? କପିଳସଂହିତାରୁ ଜଣାଯାଏ ଯେ, ଭୃଗୁ ନାମ ଜନୈକ ଋଷି ନିଜର ତପ ପ୍ରଭାବରେ ଭାର୍ଗବୀ ନଦୀର ସୃଷ୍ଟି କରିଥିଲେ ଓ ଏହା ନରାଜସ୍ତ ସିଦ୍ଧେଶ୍ୱର ମନ୍ଦିର ନିକଟରେ ମହାନଦୀରୁ ଉତ୍ପନ୍ନ ହୋଇଥିଲା । ପରେ ଦଧୀଚି ମହର୍ଷି ଏଥିରୁ ଦଧିଭଦ୍ରା ବା ଦୟାନଦୀ ନନ୍ଦରାଜାଙ୍କ ରାଜତ୍ୱରେ ଆରମ୍ଭ ଓ ଖାରବେଳଙ୍କ ରାଜତ୍ୱରେ ସମାପ୍ତ ପ୍ରଣାଳୀ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ପ୍ରଣାଳୀ ନିକଟରେ ଅସଂଖ୍ୟ ମନ୍ଦିର, ଗୋପୁର, ମଠ, ଶାସନ ପ୍ରତିଷ୍ଠିତ ହେବାରୁ ବ୍ରାହ୍ମଣ୍ୟଧର୍ମର ପୁନରୁତ୍ଥାନ ଯୁଗରେ କପିଳସଂହିତାର ରଚୟିତା ବୋଧହୁଏ ନନ୍ଦରାଜ ଓ ଶ୍ରୀ ଖାରବେଳଙ୍କ ପରିବର୍ତ୍ତନରେ ଯଥାକ୍ରମେ ସୁନାମଧନ୍ୟ ଭୃଗୁ ଓ ପବିତ୍ରଯଶା ଦଧୀଚି ମହର୍ଷିଙ୍କର ନାମ ଏହା ସମହିତ ସଂଯୋଗ କରି ଲୋକଚକ୍ଷୁରେ ଏହରା ମାହାତ୍ମ୍ୟ ବୃଦ୍ଧି କରିବା ପାଇଁ ଚେଷ୍ଟା କରିଥିବେ । ଏପରି ଦୃଷ୍ଟାନ୍ତ ହିନ୍ଦୁଯୁଗର ଇତିହାସରେ ବହୁଳ ଦୃଷ୍ଟିଗୋଚର ହୁଏ । କଟକ ଠାରୁ ବାଲିଅନ୍ତା ପର୍ଯ୍ୟନ୍ତ ପ୍ରବାହିତ ଭାର୍ଗବୀର ଅଂଶକୁ ଆଜିକାଲି ଲୋକେ କୁଆଖାଇ ବୋଲି କହନ୍ତି । 'ଖାଇ' ଶବ୍ଦ ପରିଖା, ଖାଲ ବା ପ୍ରଣାଳୀକୁ ବୁଝାଏ । ତେଣୁ କୁଆଖାଇ ଶବ୍ଦରେ ନନ୍ଦରେ-ନୀତ ପ୍ରଣାଳୀର ଇତିହାସ ପ୍ରଚ୍ଛନ୍ନ ଭାବରେ ନିହତ ଥିବାରୁ ମନେହୁଏ ।

ଆଉମଧ ହାତୀଗୁମ୍ଫା ଲେଖରୁ ସ୍ପଷ୍ଟ ଲେଖାଯାଇଛି ଯେ, 'ତନଶୂଳୀୟ ବାଟା ପନାଡ଼ିଂ ନଗରଂ ପ୍ରବେଶୟତି' - ଅର୍ଥାତ୍ ତୋଷଳିକୁ ଯାଇଥିବା ବାଟରେ ଏହି ପ୍ରଣାଳୀଟି ଖୋଦିତ ହୋଇଥିଲା । ତୋଷଳି ଧଉଳିର ଦକ୍ଷିଣ ଦିଗରେ ଅବସ୍ଥିତ ଥିବାର ନିଃସନ୍ଦେହରେ ପ୍ରମାଣିତ ହୋଇଛି । ଦୟାନଦୀ ଧଉଳିର ଉତ୍ତର ଦିଗରେ ଶିଶୁପାଳ ଦୁର୍ଗର ପ୍ରାୟ ଅର୍ଦ୍ଧମାଇଲ ଦକ୍ଷିଣ ପୂର୍ବରେ ପ୍ରବାହିତ । ତେଣୁ ଏହା କଳିଙ୍ଗନଗରର ଜଳସେଚନ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥିବ । ଏହାର ଗତିପଥ ଦେଖିଲେ ଏକ ପ୍ରଣାଳୀ ପରି ମନେହୁଏ । ଏହା ସମତଳ ଅଚଳରୁ ପାର୍ବତ୍ୟ ଅଚଳ ମଧଦେଇ ପ୍ରବାହିତ ହୋଇ ପରିଶେଷରେ ଚିଲିକାରେ ମିଶିଅଛି । ଭୁବନେଶ୍ୱର ଠାରୁ କାକୁଡ଼ିଆ ଗ୍ରାମ ପର୍ଯନ୍ତ ପାର୍ବତ୍ୟ ଅଚଳରେ ଏହା ନୈସର୍ଗିକ ଜଳାଧାରା ରୂପେ ପ୍ରବାହିତ ନହୋଇ ମାନବ ନିର୍ମିତ ପ୍ରଣାଳୀ ରୂପେ ଖୋଦିତ ହୋଇଥିବାର ମନେହୁଏ ।

ଶିଶୁପାଳ ଗଡ଼ ଗୋଟିଏ କେନ୍ଦ୍ରସ୍ଥାନରେ ଅବସ୍ଥିତ ଥିଲା ଓ ଏହାର ନୈସର୍ଗିକ ଦୃଶ ଅତୀବ ମନୋହର । ଅଦୂରରେ ଏହାର ଦକ୍ଷିଣକୁ ଅଶୋକ କୀର୍ତ୍ତିଶୋଭିତ ଧଉଳି ପର୍ବତ (ପ୍ରାଚୀନ ସୁରଭ ପର୍ବତ) ଓ ଇତିହାସ ପ୍ରସିଦ୍ଧ ତୋଷଳି ନଗର ବିଦ୍ୟମାନ ଥିଲା । ଏହାର ପଶ୍ଚିମକୁ ପ୍ରାୟ ତିନିମାଇଲ ଦୂରରେ ବହୁ ଜୈନକୀର୍ତ୍ତି ଶୋଭିତ ଏବଂ ଶ୍ରୀ ଖାରବେଳ ଓ ତାଙ୍କ ପରିବାରର ପ୍ରିୟ ପୂଜାସ୍ଥଳୀ କୁମାର ପର୍ବତ (ଖଣ୍ଡଗିରି) ଓ କୁମାରୀ ପର୍ବତ (ଉଦୟଗିରି) ବିଦ୍ୟମାନ ଥିଲା । ଏହି ଦୁର୍ଗସ୍ଥିତ ବିଶାଳ ପ୍ରାସାଦରୁ ସମ୍ରାଟ୍ ଶ୍ରୀ ଖାରବେଳ ନିଜ ଦ୍ୱାରା

ନିର୍ମିତ କୁମାର ପର୍ବତ ଶିଖରସ୍ଥିତ ଶ୍ରୀ ପାର୍ଶ୍ୱନାଥ ମନ୍ଦିର ଓ କୁମାରୀ ପର୍ବତ ନିକଟବର୍ତ୍ତୀ ବୈଦୂର୍ଯ୍ୟଚୈତ୍ୟଗୃହ ପ୍ରତି ଦୃଷ୍ଟିପାତ କରି ଭକ୍ତି ନମ୍ର ହୃଦୟରେ ଅର୍ହତମାନଙ୍କରେ ସ୍ତୁତିଗାନ ଏବଂ ହୃଦୟରେ ଅପାର ଆନନ୍ଦ ଓ ଗୌରବ ଅନୁଭବ କରୁଥିଲେ । ଶିଶୁପାଳ ଦୁର୍ଗର ଚତୁର୍ଦ୍ଦିଗରେ ଅବସ୍ଥିତ ବିସ୍ତୀର୍ଣ୍ଣ ପ୍ରାନ୍ତର ବିରାଟ କଳିଙ୍ଗ ସେନାର ଶିକ୍ଷାକ୍ଷେତ୍ର ଓ ନିବାସ ପାଇଁ ଉପଯୁକ୍ତ କ୍ଷେତ୍ର । ଅରଣ୍ୟାନି ବେଷ୍ଟିତ ଏପରି ନିସର୍ଗ ସୁନ୍ଦର ମୁକ୍ତ ପ୍ରାନ୍ତରରେ କଳିଙ୍ଗ ନଗର ଅବସ୍ଥିତ ଥିବା ସଂପୂର୍ଣ୍ଣ ସମ୍ଭବପର ।

ଉପରୋକ୍ତ ପ୍ରମାଣମାନଙ୍କ ବଳରେ ପ୍ରାଚୀନ କଳିଙ୍ଗ ନଗର ଶିଶୁପାଳ ଦୁର୍ଗ ସହିତ ଚିହ୍ନିତ ହୋଇପାରେ । ଶିଶୁପାଳ ଦୁର୍ଗରେ ଐତିହାସିକ ଭୂଖୋଦନ ଫଳରେ ଏହା ମୌର୍ଯ୍ୟ ଯୁଗର ପରବର୍ତ୍ତୀ ଏକ ସୁଦୃଢ଼ ନଗର ଥିବାର ନିଃସନ୍ଦେହରେ ପ୍ରମାଣିତ ହେଲାଣି ।

# ଚତୁର୍ଥ ଅଧ୍ୟାୟ

## ଉତ୍କଳରେ ଜୈନଧର୍ମ ପ୍ରଚାର

ଉତ୍କଳରେ ଜୈନଧର୍ମ ପ୍ରଚାରର ସମୟ ଆଜିପର୍ଯ୍ୟନ୍ତ ସ୍ଥିରତର ରୂପେ ନିର୍ଣ୍ଣିତ ହୋଇନାହିଁ । ଏ ବିଷୟରେ ଭାରତୀୟ ତଥା ଉତ୍କଳୀୟ ଐତିହାସିକମାନେ ବିଶେଷ ଆଲୋଚନା କରିନାହାନ୍ତି । ତେଣୁ ଏ ବିଷୟ ଆଲୋଚନା କରିବା ପାଇଁ କିମ୍ବଦନ୍ତୀ, ଶିଳ୍ପ ଓ ଲେଖମାନଙ୍କ ଉପରେ ନିର୍ଭର କରିବାକୁ ହେବ । ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ ଐତିହାସିକ ଜୈନଧର୍ମର ପ୍ରବର୍ତ୍ତକ । ବାରଣସୀ ନୃପତି ଅଶ୍ୱସେନ ତାଙ୍କର ପିତା ଓ ଭାମା ଦେବୀ ତାଙ୍କର ମାତା । ସେ ଶତବର୍ଷ ପରମାୟୁ ଭୋଗକରି ବିହାର ପ୍ରଦେଶସ୍ଥ ପରେଶନାଥ ପର୍ବତରେ ନିର୍ବାଣ ଲାଭ କରିଥିଲେ । କିମ୍ବଦନ୍ତୀରୁ ଜଣାଯାଏ ଯେ, ସେ ଉତ୍କଳ ଓ କଳିଙ୍ଗ ଦେଶରେ ନିଜର ଧର୍ମଗତ ପ୍ରଚାର କରିଥିଲେ । ଏ କିମ୍ବଦନ୍ତୀ ସପକ୍ଷରେ ନିମ୍ନଲିଖିତ ଯୁକ୍ତିମାନ ଦିଆଯାଇପାରେ ।

ପାର୍ଶ୍ୱନାଥ ମହାବୀର ସ୍ୱାମୀନଙ୍କର ଦୁଇଶହ ବର୍ଷ ପୂର୍ବେ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲେ । ତାଙ୍କ ସମୟରେ ଉତ୍କଳରେ ବୈଦିକ ଆର୍ଯ୍ୟମାନଙ୍କର ପ୍ରାଧାନ୍ୟ ସ୍ଥାପିତ ହୋଇଥିବାର ଜଣାଯାଏ ନାହିଁ । ଯେଉଁ କେତେକ ବୈଦିକ ଆର୍ଯ୍ୟ ଏଠାରେ ବସତି ସ୍ଥାପନ କରିଥିଲେ, ସେମାନେ ପ୍ରାଚୀନ ବୈଦିକ କେନ୍ଦ୍ରମାନଙ୍କ ସହିତ କାଳକ୍ରମେ ସମ୍ପର୍କଚ୍ୟୁତି ହୋଇ ପତିତ ହୋଇଥିଲେ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ରଚିତ 'ବୌଧ୍ୟନ ଧର୍ମସୂତ୍ର'ରେ ବଙ୍ଗ ଓ କଳିଙ୍ଗରେ ଆର୍ଯ୍ୟମାନଙ୍କୁ ବସତି ସ୍ଥାପନ କରିବା ପାଇଁ ନିଷେଧ କରାଯାଇଥିଲା ଓ ଯେଉଁମାନେ ଏଠାରେ ସ୍ଥାୟୀ ଅଧିବାସୀ ରୂପେ ରହୁଥିଲେ ସେମାନେ ପତିତ ବୋଲି ପରିଗଣିତ ହେଉଥିଲେ । ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ରଚିତ ମନୁସ୍ମୃତି ଗ୍ରନ୍ଥରୁ ମଧ ଜଣାଯାଏ ଯେ, ଅଙ୍ଗ, ବଙ୍ଗ, କଳିଙ୍ଗ (ଉତ୍କଳ) ଦେଶକୁ ତୀର୍ଥଯାତ୍ରା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଗଲେ ପୁନର୍ବାର ଆବିର୍ଭାବ କାଳ ପର୍ଯ୍ୟନ୍ତ ଏଠାରେ ବୈଦିକ ଧର୍ମର ଆଧିପତ୍ୟ ବିସ୍ତୃତ ହୋଇନଥିଲା । ତେଣୁ ଅବୈଦିକ ଜୈନଧର୍ମ ଯେ ଏ ଲୋକମାନଙ୍କ ମଧରେ ବିଶେଷ ଆଦରଲାଭ କରିଥିବ, ଏଥିରେ କୌଣସି ସନ୍ଦେହ ନାହିଁ । ବେଦ ବିରୋଧୀ ଜୈନଧର୍ମ ମଗଧ, ଅଙ୍ଗ, ବଙ୍ଗ ଓ କଳିଙ୍ଗରେ ବିଶେଷ ଆଦୃତ ହୋଇଥିବାର ଜୈନଧର୍ମ ଗ୍ରନ୍ଥ ମାନଙ୍କରୁ ଜଣାଯାଏ ।

ଦ୍ୱିତୀୟ ପାର୍ଶ୍ୱନାଥଙ୍କ ସମ୍ବନ୍ଧରେ କିମ୍ବଦନ୍ତୀ ଆଜିପର୍ଯ୍ୟନ୍ତ ଲୋକମାନଙ୍କ ମଧରେ ପ୍ରଚଳିତ ଅଛି । କେତେକ ଐତିହାସିକ ଖଣ୍ଡଗିରି ଶିଖର ପ୍ରଦେଶରେ ନିର୍ମିତ ପାର୍ଶ୍ୱନାଥ ମନ୍ଦିର ଅଳ୍ପଦିନର ବୋଲି ସ୍ଥିର କରି ଏ କିମ୍ବଦନ୍ତୀକୁ ଅସତ୍ୟ ବୋଲି କହନ୍ତି । କିନ୍ତୁ ମନ୍ଦିର ଅପ୍ରାଚୀନ ହେଲେହେଁ ଶିଳାଲେଖରୁ ସ୍ପଷ୍ଟ ଜଣାଯାଏ ଯେ, ଏଠାରେ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ ସୁଧା ପାଶ୍ୱନାଥଙ୍କ ମନ୍ଦିର ବିଦ୍ୟମାନ ଥିଲା । ଏହି ନୂତନ ମନ୍ଦିରଟି ସେହି ପ୍ରାଚୀନ ମନ୍ଦିରର ଧ୍ୱଂସସ୍ତୁପ ଉପରେ ନିର୍ମିତ ହୋଇଛି । ଉଦ୍ୟୋତକେଶରୀଙ୍କ ୫ମ ବର୍ଷରେ ଲିଖିତ ନବମୁନି ଗୁମ୍ଫା ଲେଖରେ "ଶ୍ରୀ ପାର୍ଶ୍ୱନାଥସ୍ୟ' ୬ଟି ଅକ୍ଷର ପରିଷ୍କାର ଭାବରେ ଅଛି ଏବଂ ଏହି ପାଠ ସର୍ବବାଦିସମ୍ମତ । ଯଶନନ୍ଦୀ ଜଣଙ୍କର ନାମ । ଜୈନଗ୍ରନ୍ଥରେ ଅନେକ ଯଶନନ୍ଦୀ ଜଣକର ନାମ । ଜୈନଗ୍ରନ୍ଥରେ ଅନେକ ଯଶନନ୍ଦୀଙ୍କର ନାମ ଦେଖାଯାଏ । ଜୈନଗ୍ରନ୍ଥରେ ଅନେକ ଯଶନନ୍ଦୀଙ୍କର ନାମ ଦେଖାଯାଏ । ଯଶନନ୍ଦୀ ପାର୍ଶ୍ୱନାଥଙ୍କ କର୍ମରେ (ସେବାକାର୍ଯ୍ୟ) ନିଯୁକ୍ତି ହୋଇଥିବାର ରାଖାଲ ବାବୁ କହନ୍ତି । ତାହାହେଲେ ଏହା ନିଶ୍ଚୟ ଯେ, ଖ୍ରୀଷ୍ଟିୟ ଏକାଦଶ ଶତାବ୍ଦୀ ବା ଉଦ୍ୟୋଗକେଶରୀଙ୍କ ରାଜତ୍ୱର ବହୁକାଳ ପୂର୍ବରୁ କୁମାର ପର୍ବତରେ (ଖଣ୍ଡଗିରି) ପାର୍ଶ୍ୱନାଥଙ୍କ ମନ୍ଦିର ବିଦ୍ୟମାନ ଥିଲା । ଉଦ୍ୟୋତକେଶରୀ ଏହା ଜୀର୍ଣ୍ଣସଂସ୍କାର କରିଥିଲେ ବା

ଏଠାରେ ନୂତନ ମନ୍ଦିର ନିର୍ମାଣ କରିଥିଲେ । ତେଣୁ ଏହି କିମ୍ବଦନ୍ତୀ ସତ୍ୟ ବୋଲି ମନେହୁଏ । ଏହି ପ୍ରାଚୀନ ମନ୍ଦିର ଭଗ୍ନାବଶେଷ ଷ୍ଟାର୍ଲିଙ୍ଗ ସାହେବ ୧୮୨୨ ଖ୍ରୀଷ୍ଟାବ୍ଦରେ ଦେଖିଥିବାର ତାଙ୍କ ଗ୍ରନ୍ଥରେ ଲେଖିଛନ୍ତି ।

ତୃତୀୟତଃ ଉଦୟଗିରି ରାଣୀହଂସପୁର ଉପର ମହଲାରେ ଖୋଦିତ ଦୃଶ୍ୟାବଳୀ ଯଥାକ୍ରମେ କାନ୍ୟକୁବ୍ଜ ରାଜ୍ୟକନ୍ୟା ପ୍ରଭାବତୀଙ୍କର ସହଚରୀଗଣ ସହିତ ଉପବନ ବିହାର, କଳିଙ୍ଗର ଯବନ ରାଜାଙ୍କ ଦ୍ୱାରା ପ୍ରଭାବତୀ ହରଣ, ମୃଗୟାରତ ପାର୍ଶ୍ୱନାଥଙ୍କ ଦ୍ୱାରା ଶତ୍ରୁ ହସ୍ତରୁ ପ୍ରଭାବତୀଙ୍କ ଉଧାର, ଉକ୍ତ କାର୍ଯ୍ୟର ପୁରସ୍କାର ସ୍ୱରୂପ ରାଜକନ୍ୟାଙ୍କ ସହିତ ପାର୍ଶ୍ୱନାଥଙ୍କ ବିବାହ, ବିବାହକାଳୀନ ଶୋଭାଯାତ୍ରା ଓ ଉତ୍ସବ ପ୍ରଭୃତି ପାର୍ଶ୍ୱନାଥଙ୍କ ଜୀବନର ଓ ଯୌବନ ସମୟର କେତେକ ଘଟଣା ସହିତ ଚିହ୍ନିତ ହୋଇଅଛି । ଶ୍ରୀ ଖାରବେଳଙ୍କୁ ପୂର୍ବରୁ କଳିଙ୍ଗ ଦେଶରେ ପାର୍ଶ୍ୱନାଥଙ୍କ ମାହାତ୍ମ୍ୟ ବିଶେଷ ଭାବରେ ପ୍ରଚଳିତ ଥିଲା । ଜୈନସମ୍ରାଟ ଶ୍ରୀ ଖାରବେଳ ସର୍ବଜନ ପ୍ରଚଳିତ ପାର୍ଶ୍ୱନାଥଙ୍କ ଜୀବନର ଘଟଣାବଳୀକୁ ପ୍ରସ୍ତରଗାତ୍ରରେ ଖୋଦନ କରି ଅମର କରିଥିଲେ । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ - "ମହାବୀରଙ୍କ ସମୟରେ ଜୈନମାନେ ପଥରରେ ନାଗ ମୂର୍ତ୍ତି ଗଢ଼ାଇ ତାହାକୁ ପାର୍ଶ୍ୱନାଥ ନାମରେ ପୂଜା କରୁଥିଲେ । ପାର୍ଶ୍ୱନାଥଙ୍କୁ ପୁରୁଷୋତ୍ତମ ମଧ କହୁଥିଲେ । କଳିଙ୍ଗର ରାଜା ଏହି ପୁରୁଷୋତ୍ତମଙ୍କ ନାଗ ମୂର୍ତ୍ତି ଇନ୍ଦ୍ରନୀଳମଣିରେ ଗଢ଼ାଇ ପୁରୀରେ ଗୋଟିଏ ଦେଉଳ ତୋଳାଇ ତହିଁରେ ବସାଇଥିଲେ ।" ଏ ସମସ୍ତ ବିଷୟ ଆଲୋଚନା କଲେ ମହାବୀରଙ୍କ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ପ୍ରଚଳିତ ହୋଇଥିବାର ସ୍ଥିର କରାଯାଇପାରେ ।

ମହାବୀର ଓ ଉତ୍କଳରେ ଜୈନଧର୍ମ - ମହାବୀରଙ୍କ ଦ୍ୱାରା କଳିଙ୍ଗରେ ଜୈନଧର୍ମ ପ୍ରଚାରିତ ହୋଇଥିବା କେତେକ ଜୈନଗ୍ରନ୍ଥରୁ ଜଣାଯାଏ । ଜୈନ "ହରିବଂଶ ପୁରାଣ'ରେ ଲେଖାଅଛି ଯେ, ମହାବୀର ବର୍ଦ୍ଧମାନ କଳିଙ୍ଗରେ ନିଜର ଧର୍ମ ପ୍ରଚାର କରିଥିଲେ । ଜୈନଗ୍ରନ୍ଥ 'ହରିଭଦ୍ରୀୟ ବୃତ୍ତି' ମତରେ ତତ୍କାଳୀନ କଳିଙ୍ଗର ରାଜା ମହାବୀରଙ୍କ ପିତାଙ୍କର ଜଣେ ପରମ ବନ୍ଧୁ ଥିଲେ । ମହାବୀର ପିତାଙ୍କ ବନ୍ଧୁଙ୍କର ସାଦର ଆହ୍ୱାନରେ କଳିଙ୍ଗରେ ନିଜର ଧର୍ମମତ ପ୍ରଚାର କରିଥିଲେ । ଏ ଦୁଇଟି ଗ୍ରନ୍ଥରୁ ଜଣାଯାଏ ଯେ, ଜୈନଧର୍ମ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ କଳିଙ୍ଗ ରାଜାଙ୍କର ସହାୟତା ଲାଭ କରି ଉକ୍ତ ଦେଶରେ ପ୍ରଚାରିତ ହୋଇଥିଲା । ଅନ୍ୟ ଏକ ଦିଗରୁ ବିଚାର କଲେ ଏହାର ସତ୍ୟତା ଜଣାଯାଏ । କଳିଙ୍ଗ ସମ୍ରାଟ ଶ୍ରୀ ଖାରବେଳଙ୍କ ପ୍ରସଧି ହାତୀଗୁମ୍ଫା ଲେଖର ତ୍ରୟୋଦଶ ଧାଡ଼ି ପାଠରୁ କଳିଙ୍ଗ ବା ଉତ୍କଳରେ ଜୈନଧର୍ମ ପ୍ରଚାରର ଇତିହାସ ସୁସ୍ପଷ୍ଟ ହୁଏ । ପ୍ରଥମତଃ ନନ୍ଦ ରାଜତ୍ୱ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ପ୍ରଚାରିତ ହୋଇଥିଲା ଓ ଅନେକ ଲୋକ ଜୈନଧର୍ମାବଲମ୍ବୀ ଥିଲେ । ଦ୍ୱିତୀୟତଃ କଳିଙ୍ଗ ରାଜ୍ୟରେ ଜଣେ ଜିନ୍ ଆବିର୍ଭୁତ ହୋଇ ସ୍ୱଧର୍ମ ପ୍ରଚାର କରିଥିଲେ, କଳିଙ୍ଗର ଲୋକମାନେ ସେହି କଳିଙ୍ଗ ଜିନଙ୍କୁ ପୂଜା କରୁଥିଲେ । ନନ୍ଦରାଜ କଳିଙ୍ଗ ଆକ୍ରମଣ କରି କଳିଙ୍ଗବାସୀଙ୍କ ଆଦରର ବସ୍ତୁ କାଳିଙ୍ଗଜିନାସନଙ୍କୁ ସ୍ୱରାଜ ଅଙ୍ଗ ମଗଧକୁ ଘେନିଯାଇଥିଲେ । ଏହା କଳିଙ୍ଗ ଲୋକମାନଙ୍କର କିପରି ଗର୍ବର ବସ୍ତୁ ଥିଲା, ତାହା ହାତୀଗୁମ୍ଫା ଲେଖରୁ ସ୍ପଷ୍ଟ ଜଣାଯାଏ । ଶ୍ରୀ ଖାରବେଳ ମଗଧ ଜୟ ପରେ ସେହି କାଳିଙ୍ଗଜିନାସଙ୍କୁ ହୟ-ଗଜ-ନର-ରଥ ସେନା ସମଭିବ୍ୟହାରେ ବିଜୟମଦ ମତ୍ତ ହୋଇ ଫେରାଇ ଆଣିଥିଲେ ।

ଲେଖ ବର୍ଣ୍ଣିତ କାଳିଙ୍ଗଜିନଙ୍କ ସମ୍ବନ୍ଧରେ କୌଣସି ବିଶ୍ୱାସଯୋଗ୍ୟ ବୃତ୍ତାନ୍ତ ମିଳିନାହିଁ । ଚତୁର୍ବିଂଶତି ତୀର୍ଥଙ୍କରଙ୍କ ମଧ୍ୟରୁ କୌଣସି ତୀର୍ଥଙ୍କର କଳିଙ୍ଗରେ ଜନ୍ମ ହୋଇଥିବାର ଜଣାଯାଏ ନାହିଁ । ତଥାପି ଅନେକ ଐତିହାସିକ ଜୈନ ତୀର୍ଥଙ୍କରଙ୍କ ଜନ୍ମସ୍ଥାନମାନଙ୍କର ଆଧୁନିକ ସ୍ଥାନ ନିର୍ଦ୍ଦେଶ ବିଷୟରେ ସନ୍ଦିହାନ । ସ୍ୱର୍ଗୀୟ

ରାଖାଲ ଦାସ ବାନାର୍ଜୀ ଓ ସ୍ୱର୍ଗୀୟ କାଶୀପ୍ରସାଦ ଜୟସ୍ୱାଲ ଲେଖବର୍ଣ୍ଣିତ କାଳିଙ୍ଗଜିନଙ୍କୁ ଦଶମ ତୀର୍ଥଙ୍କର ଶୀତଳନାଥଙ୍କ ସହିତ ଚିହ୍ନିତ କରିଛନ୍ତି । ସେ ଭାଦିଲପୁରରେ (ଭଦ୍ରପୁର) ଜନ୍ମଗ୍ରହଣ କରିଥିଲେ । ଏମାନେ ଭଦ୍ରପୁରକୁ କଳିଙ୍ଗ ରାଜ୍ୟର ଗୋଦାବରୀ ନିକଟବର୍ତ୍ତୀ (ଆଧୁନିକ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ)ଭଦ୍ରାଚଳ ସହିତ ଚିହ୍ନିତ କରିଛନ୍ତି । କିନ୍ତୁ ଏହା ଆଜିପର୍ଯ୍ୟନ୍ତ ଅକାଟ୍ୟ ସତ୍ୟ ରୂପେ ପ୍ରମାଣିତ ହୋଇନାହିଁ । ତେଣୁ କାଳିଙ୍ଗଜିନ ନନ୍ଦ ରାଜତ୍ୱର ପୂର୍ବବର୍ତ୍ତୀ କଳିଙ୍ଗ ଦେଶୀୟ ଜଣେ ପ୍ରଧାନ ଜୈନ ପ୍ରଚାରକ ହେବା ସମ୍ପୂର୍ଣ୍ଣ ସମ୍ଭବପର ।

ଶ୍ରୀ ଖାରବେଳଙ୍କ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ସମ୍ବନ୍ଧରେ ବର୍ତ୍ତମାନ ଆଲୋଚନା କରିବା ଆବଶ୍ୟକ । ଅଶୋକଙ୍କ ପୂର୍ବରୁ ଜୈନଧର୍ମ ଉତ୍କଳରେ ପ୍ରବଳ ହୋଇଥିବାର ଜଣାଗଲା । ଅଶୋକ କଳିଙ୍ଗ ଯୁଦ୍ଧ ପରେ କଳିଙ୍ଗ ରାଜ୍ୟକୁ ନିଜର ସାମ୍ରାଜ୍ୟଭୁକ୍ତ କରିଥିଲେ ଏବଂ ଏଠାରେ ବୌଦ୍ଧଧର୍ମର ବିଶେଷ ପ୍ରଚାର ହୋଇଥିବା କଳିଙ୍ଗାନୁଶାସନ ଦ୍ୱୟରୁ ଜଣାପଡ଼େ । ବୌଦ୍ଧଧର୍ମର ପ୍ରବଳ ଗତି ସମ୍ମୁଖରେ ଅଶୋକ ସମୟରେ କଳିଙ୍ଗ ତଥା ସମଗ୍ର ଭାରତ ବର୍ଷରେ ଅନ୍ୟାନ ଧର୍ମର ଗତି ଶିଥିଳ ହୋଇପଡ଼ିଲା । କିନ୍ତୁ ଅଶୋକଙ୍କ ମୃତ୍ୟୁପରେ ବିରାଟ ମୌର୍ଯ୍ୟସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଥିଲା ଓ ଅନ୍ୟାନ୍ୟ ରୁଦ୍ଧଗତି ଧର୍ମମାନ ପୁନଶ୍ଚ ଉନ୍ନତି ସ୍ରୋତରେ ଧାବିତ ହେଲେ ।

ଶ୍ରୀ ଖାରବେଳ ଚେତବଂଶ ସମ୍ଭୁତ ଥିଲେ । କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପନ ସ୍ୱର୍ଗତଃ ବେନିମାଧବ ବରୁଆ ହାତୀଗୁମ୍ଫା ଲେଖର 'ତୃତୀୟ ପୁରୁଷ ଯୁଗେ' ଶବ୍ଦର ବିଶଦ୍ ବ୍ୟାଖ୍ୟା କରିଛନ୍ତି । ଏଥିରୁ ଜଣାଯାଏ ଯେ, ଖାରବେଳ ଚେତବଂଶର ୫ମ ରାଜା ଥିଲେ । ତାଙ୍କ ପୂର୍ବବର୍ତ୍ତୀ ପ୍ରତ୍ୟେକ ରାଜା ଅନ୍ତତଃ ୨୦ ବର୍ଷ ରାଜତ୍ୱ କରିଥିଲେ, ଶ୍ରୀ ଖାରବେଳଙ୍କ ୮୦ ବର୍ଷ ପୂର୍ବରୁ ଅର୍ଥାତ୍ ପ୍ରାୟ ଖ୍ରୀ.ପୂ. ୧୦୦=୮୦ = ଖ୍ରୀ.ପୂ. ୧୮୦ ଅବ୍ଦରୁ କଳିଙ୍ଗରେ ଚେତବଂଶ ରାଜତ୍ୱ କରିଥିଲେ । ସେମାନେ ଜୈନଥିବାର ହାତୀଗୁମ୍ଫା ଲେଖରୁ ଜଣାଯାଏ । ତାଙ୍କର ଚତୁର୍ଥ ବର୍ଷର ବୃତ୍ତାନ୍ତରୁ ଜଣାଯାଏ ଯେ, ଶ୍ରୀ ଖାରବେଳ ସ୍ୱବଂଶାନୁସୃତ ଧର୍ମ ଓ ନୀତି ଅନୁଯାୟୀ କଳିଙ୍ଗ ରାଜ୍ୟର ଲୋକମାନଙ୍କୁ ପାଳନ କରୁଥିଲେ ଏବଂ ବିଦ୍ୟାଧର ବାସସ୍ଥଳୀ ଅରହତପୁରକୁ ସ୍ୱବଂଶୀୟ ପୂର୍ବ କଳିଙ୍ଗ ରାଜାମାନଙ୍କ ପରି ପାଳନ କରିଥିଲେ । ଧର୍ମକୂଟ ବା ରାଜଧର୍ମକୁ ଐତିହାସିକ ଶ୍ରୀ ବରୁଆ ଜୈନଧର୍ମ ବୋଲି ଗ୍ରହଣ କରିଛନ୍ତି । ଅରହତ ପୁର ଶବ୍ଦରୁ ସ୍ପଷ୍ଟ ଜଣାଯାଏ ଯେ, ଏହି ଜୈନ ଅର୍ହତ (ସାଧକ)ଙ୍କର ନିବାସସ୍ଥଳୀ । ବଂଶ ପରମ୍ପରା ଅନୁସୃତ ପନ୍ଥା ତ୍ୟାଗ କରି ମୌର୍ଯ୍ୟସମ୍ରାଟ ଅଶୋକ ନୂତନ ଧର୍ମମାର୍ଗ ଅବଲମ୍ବନ ଓ ପ୍ରବର୍ତ୍ତନ କରିଥିଲେ । ଏ କଥା ତାଙ୍କର ଶିଳାଲେଖ ସକଳ ପାଠ କଲେ ଜଣାଯାଏ । କିନ୍ତୁ ହାତୀଗୁମ୍ଫା ଲେଖରୁ ଜଣାଯାଏ ଯେ ଖାରବେଳ କୁଳଧର୍ମର ପରିପାଳନ, ଉନ୍ନତି ବ୍ୟାପ୍ତିକଳ୍ପେ ପ୍ରୟାସ କରିଥିଲେ । ତେଣୁ ଏହା ନିଶ୍ଚୟ ଯେ, ଜୈନଧର୍ମ ଚେତବଂଶର ରାଜଧାନୀ ଥିଲା । ଏହା ରାଜବଂଶର ସହାୟତା ଲାଭ କରିଜୈନଧର୍ମ ଖ୍ରୀ.ପ. ୨ୟ ଶତାବ୍ଦୀ ଠାରୁ ଉତ୍କଳରେ ବିଶେଷଭାବରେ ପ୍ରଚଳିତ ହୋଇଥିଲା ।

ଶ୍ରୀ ଖାରବେଳଙ୍କ ପୂର୍ବରୁ ଉତ୍କଳର ଅନେକ ସ୍ଥାନ ଜୈନମାନଙ୍କର ପ୍ରଧାନ ତୀର୍ଥ ରୂପେ ପରିଗଣିତ ହୋଇଥିଲା । ଅରହତପୁର ବିଷୟ ପୂର୍ବରେ ଲେଖାଯାଇଛି । କୁମାରଗିରି (ଖଣ୍ଡଗିରି) ଓ କୁମାରୀଗିରି (ଉଦୟଗିରି) ପର୍ବତ ଦୁଇଟି ଜୈନମାନଙ୍କର କେନ୍ଦ୍ର ଥିଲା । ହାତୀଗୁମ୍ଫା ଲେଖ ଓ ଅସ୍ୟ ଅନ୍ୟାନ୍ୟ ପ୍ରାଚୀନ ବ୍ରାହ୍ମୀ ଲେଖମାନଙ୍କର ବିଚାର କଲେ ଜଣାଯାଏ ଯେ, ଏଠାରେ କଳିଙ୍ଗ ନାନାସ୍ଥାନରୁ ଆଗତ ଜୈନ ଶ୍ରମଣ, ଯତି ଓ ତାପସମାନେ ବାସ କରୁଥିଲେ ।

ଭାରତରେ ପ୍ରାଚୀନ ଇତିହାସ ପାଠକଲେ ଜଣାଯାଏ ଯେ, ବେଦିକ ଯୁଗରୁ ଭାରତୀୟ ଋଷି ଓ ସନ୍ୟାସୀମାନେ ବୃକ୍ଷକ୍ରୋଟରେ, ପର୍ବତ ଗୁହା ଓ ଶ୍ମଶାନ ପ୍ରଭୃତିରେ ବାସକରି ତପସ୍ୟାକରଣ କରୁଥିଲେ । ମନୁଷ୍ୟ ଖୋଦିତ ଗୁମ୍ଫା ପୂର୍ବରୁ ପ୍ରାକୃତିକ ଗିରିଗହ୍ୱର ସମୂହ ସନ୍ନ୍ୟାସୀମାନଙ୍କର ନିବାସ ଭୂମି ଥିଲା । ଅଳ୍ପ କେତେଦିନ ହେଲା ବୁଧ୍ଦେବଙ୍କ ତପସ୍ୟା ସ୍ଥାନ ଗୃଧ୍ରକୂଟ ଗୁହା ଆବିଷ୍କୃତ ହୋଇଅଛି । ଏହା ଗୋଟିଏ ପ୍ରାକୃତିକ ଗିରିଗହ୍ୱର । ଏହା ନିକଟରେ ଆହୁରି ଅନେକ ପ୍ରାକୃତି ଗୁହା ଅଦ୍ୟାପି ଦେଖାଯାଏ ।

ଶ୍ରୀ ଖାରବେଳଙ୍କ ପୂର୍ବରୁ ଖଣ୍ଡଗିରି ଓ ଉଦୟଗିରିରେ ହାତୀଗୁମ୍ଫା ଗୁପ୍ତଗଙ୍ଗା ପ୍ରଭୃତି ଅନେକ ପ୍ରାକୃତିକ ଗୁହାର ଅବସ୍ଥିତ ଜଣାଯାଏ । ଆହୁରି ଅନେକ ପ୍ରାକୃତିକ ଗିରିଗହ୍ୱର କାଳକ୍ରମେ ଲୋକଚକ୍ଷୁର ଅନ୍ତରାଳରେ ରହିଅଛି । ତାଙ୍କ ପୂର୍ବରୁ କଳିଙ୍ଗର ଅର୍ହତ ବା ଜୈନ ସନ୍ନ୍ୟାସୀମାନେ ଗ୍ରୀଷ୍ମର ପ୍ରଚଣ୍ଡ, ଉତ୍ତାପ, ବର୍ଷାର ପ୍ରବଳ ଧାରାପାତ, ଶୀତର ଭୀଷଣ ଜାଡ଼୍ୟରୁ ରକ୍ଷାପାଇବା ପାଇଁ ଏହି ପ୍ରାକୃତିକ ଗିରିଗହ୍ୱର ଗୁଡ଼ିକରେ ଜୀବନଯାପନ କରୁଥିଲେ । ଲେଖରୁ ସ୍ପଷ୍ଟ ଜଣାଯାଏ ଯେ, "ଅର୍ହତଃ ପରିନିବସତୋ ହି କାୟ-ନିଷୀଦୀ' ଅର୍ଥାତ୍ ବାସକରୁଥିବା ଅର୍ହତମାନଙ୍କ ପାଇଁ କାୟନିଷୀଦୀ ବା ବାସସ୍ଥାନ ଯୋଗାଇବା ପାଇଁ ଖଣ୍ଡଗିରି ଓ ଉଦୟଗିରିରେ ସମ୍ରାଟ୍ ଶ୍ରୀ ଖାରବେଳ ଓ ତାଙ୍କର ସମସ୍ତ ରାଣୀ, ପୁତ୍ର, ଭାଇ ଓ ଭୃତମାନେ ଅନେକ ଗୁମ୍ଫା ଖୋଳାଇଥିଲେ । ତାହାହେଲେ ତାଙ୍କ ପୂର୍ବରୁ ଏହା ଜୈନ ଅର୍ହତମାନଙ୍କ ଗୋଟିଏ ପ୍ରଧାନ ବାସଭୂମି ଥିବା ସୁନିଶ୍ଚିତ ।

ପୁରୀ ସେହି ପ୍ରାଚୀନ ଯୁଗରେ ଗୋଟିଏ ପ୍ରସିଧ୍ ଜୈନତୀର୍ଥ ଥିବାର ମଧ ସ୍ଥିର କରାଯାଇଅଛି । ଲେଖରେ ବର୍ଣ୍ଣିତ 'କଳିଙ୍ଗ-ପୂରାଜ ନିବେଶିତଂ ପୃତୁଦକଦର୍ଭ ନଗରରେ କାତୟତି ଜିନପଦଭବନ' । ବାକ୍ୟଟି ପୁରୀଙ୍କୁ ଲକ୍ଷକରି ଲେଖାଯାଇଛି । "ପୃଥୁଦକ-ଦର୍ଭ ଯେ ନଗରର ବିଶେଷଣ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉକ୍ତ ବାକ୍ୟରୁ ଅନେକ ନୂତନ ଐତିହାସିକ ତଥ୍ୟ ସ୍ୱର୍ଗତଃ ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ଆବିଷ୍କାର କରିଥିଲେ । ଏହାର ସାରମର୍ମ ହେଉଛି - କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ କୌଣସି ଗୋଟିଏ ପ୍ରସିଧ୍ ସ୍ଥାନ ବହୁକାଳ ପରିତ୍ୟକ୍ତ ହୋଇଥିବାରୁ ସେଠାରେ ବହୁତ ପାଣି ଜମା ହୋଇଥିଲା, ପ୍ରଚୁର କୁଶ ଓ ଘାସ ପ୍ରଭୃତ ଉଠିଥିଲା ଓ ନଗରଟି ପୋତି ହୋଇ ପଡ଼ିଥିଲା । ଶ୍ରୀ ଖାରବେଳ ସେହି ନଗରକୁ ଖୋଳି ଜିନପଦ ଭବନକୁ ଭୂଗର୍ଭରୁ କାଢ଼ିଥିଲେ (କାଢ଼ୟତି) । ଏହି ସ୍ଥାନଟି ପୁରୀ ବୋଲି ଉତ୍କଳ ପ୍ରଚଳିତ କିମ୍ବଦନ୍ତୀ ଆଲୋଚନା କଲେ ଜଣାଯାଏ ।

ପଦ୍ମପୁରାଣର ପାତାଳଖଣ୍ଡ ବର୍ଣ୍ଣନା ଅନୁସାରେ ଅରଣ୍ୟ ଭିତରେ ଲୁପ୍ତ ଥିବା ମନ୍ଦିରର ଶିଖର ଜଣେ ଶବର ବାଳକ ଦେଖି ଅନ୍ୟମାନଙ୍କୁ ଜଣାଇଥିଲା ଓ ଏହି ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ତାକୁ ଖୋଳାଇଥିଲେ ସ୍ୱର୍ଗତଃ ଗୋପାଳଚନ୍ଦ୍ର ପ୍ରହରାଜ "ଆମ ଯେଯେବାପାଙ୍କ କାହାଣୀ' ପୁସ୍ତକରେ ପୁରୀମନ୍ଦିର ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ପ୍ରକାଶ କରିଛନ୍ତି । ଏଥିରୁ ଜଣାଯାଏ "ବହୁ ପ୍ରାଚୀନ କାଳରେ ପୁରୀରେ ଗୋଟିଏ ମନ୍ଦିର ଥିଲା । ତାହା ବହୁକାଳ ପରିତ୍ୟକ୍ତ ହେବାରୁ କାଳକ୍ରମେ ବାଲୁକାଚ୍ଛାଦିତ କୁଶଭୂମିରେ ଲୁକ୍କାୟିତ ହେଲା । ଦିନେ ଓଡ଼ିଶା ରାଜା ଘୋଡ଼ା ଚଢ଼ି ଯାଉ ଯାଉ ତାଙ୍କ ଘୋଡ଼ାର ଖୁରା ମନ୍ଦିର ଅର୍ଦ୍ଧଲୁପ୍ତ କଳସ ଦେହରେ ବାଜିବାରୁ ରାଜା ତଳେ ପଡ଼ିଗଲେ । ରାଜା ପତନର କାରଣ ଅନୁସନ୍ଧା କରି ଜାଣିଲେ ଯେ, ଗୋଟିଏ ମନ୍ଦିର କଳସ ପର୍ଯ୍ୟନ୍ତ ଭୂମିରେ ପୋତିହୋଇ ପଡ଼ିଛି । କିଛିଦିନ ପରେ ରାଜାଦେଶରେ ସମସ୍ତ ସ୍ଥାନ ଖୋଳା ହେବାରୁ ଭୂମି ମଧରୁ ଗୋଟିଏ ସୁନ୍ଦର ମନ୍ଦିର ବାହାରିଲା । ଏ ପ୍ରବାଦ ପୁରୀ ଅଚଳରେ ସର୍ବତ୍ର ପ୍ରଚଳିତ ।

ଶ୍ରୀ ଖାରବେଳଙ୍କ ଲେଖର ବୃତ୍ତାନ୍ତ ଏବଂ ଏହି କିମ୍ବଦନ୍ତୀର ବିବରଣ ମଧରେ ଆଶ୍ଚର୍ଯ୍ୟ ସାମଞ୍ଜସ୍ୟ

ବିଦ୍ୟମାନ । ଉକ୍ତ ଲେଖରେ ଅନ୍ୟତ୍ର ଉଲ୍ଲେଖି ଅଛି ଯେ, କଳିଙ୍ଗରେ ଜଣେ ଜିନ ଥିଲେ । ତାଙ୍କର ଆସନ ଲୋକପ୍ରସିଧ୍ ଥିଲା । ତାକୁ ନନ୍ଦରାଜା କଳିଙ୍ଗ ଜୟ କରି ନେଇଯାଇଥିଲେ । ଜିନପଦ ଓ ଜିନାସର ଅର୍ଥ ଏକ । ଏହି ଜିନପଦ ଭ ଭବନରେ ଜିନାସନ ସୁରକ୍ଷିତ ହୋଇଥିଲା । ଶ୍ରୀ ଖାରବେଳଙ୍କ ପୂର୍ବରୁ ନନ୍ଦରାଜା ଏହି ଜିନାସନ ନେଇଯାଇଥିବାରୁ ମନ୍ଦିରଟି ପରିତ୍ୟକ୍ତ ହୋଇ ବାଲିରେ ପୋତିହୋଇ ପଡ଼ିଥିଲା । ଶ୍ରୀ ଖାରବେଳ ଉକ୍ତ ସ୍ଥାନର ମାହାତ୍ମ୍ୟ ବୁଝିପାରି ମନ୍ଦିରଟି ଭୂଗର୍ଭରୁ ଖୋଳାଇଥିଲେ । ଏହା ତାଙ୍କ ରାଜତ୍ୱର ଏକାଦଶ ବର୍ଷର ଘଟଣା । ଏ ସ୍ଥାନକୁ ଜିନାସନ ଫେରାଇ ଆଣିବା ପାଇଁ ରାଜତ୍ୱର ଦ୍ୱାଦଶ ବର୍ଷରେ ସେ ଅଙ୍ଗ ମଗଧର ରାଜା ବୃହସ୍ପତି ମିତ୍ରଙ୍କ ସହିତ ତୁମୁଳ ଯୁଧ୍ କରିଥିଲେ । ସେହ ଏହି କାର୍ଯ୍ୟରେ ସାଫଲ୍ୟ ଲାଭ କରିଥିଲେ ଓ ଜିନାସନ ଜିନପଦଭବନରେ ପୁନଃ ପ୍ରତିଷ୍ଠିତ ହୋଇଥିଲା । ତାହାହେଲେ ପୁରୀରେ ଗୋଟିଏ ଜିନପଦ ଭବନ ବା ଜୈନମନ୍ଦିର ଥିଲା । ସ୍ୱର୍ଗତଃ ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ଲେଖବର୍ଣ୍ଣିତ ଜିନପଦଭବନ ପୁରୀରେ ଥିବା ପାର୍ଶ୍ୱନାଥଙ୍କ ମନ୍ଦିର ବ୍ୟତୀତ ଅନ୍ୟ କିଛି ନୁହେଁ ଓ ସେଥିରେ ପାର୍ଶ୍ୱନାଥଙ୍କ ମୂର୍ତ୍ତି ଥିଲା । ନନ୍ଦରାଜା ପୁରୀରୁ ପାର୍ଶ୍ୱନାଥଙ୍କ ମୂର୍ତ୍ତି ନେଇଯାଇଥିଲେ । ଶ୍ରୀ ଖାରବେଳ ଏହି ମନ୍ଦିର ଜୀର୍ଣ୍ଣସଂସ୍କାର କରି ମଗଧରୁ ସେହି ମୂର୍ତ୍ତି ଅଣାଇ ପୁରୀରେ ପୁନର୍ବାର ରଖାଯାଇଥିଲେ ।

ନନ୍ଦରାଜାଙ୍କ ଦ୍ୱାରା କଳିଙ୍ଗ ଜିନାସନ ଅପରହରଣ କଳିଙ୍ଗବାସୀ ମାନଙ୍କ ପକ୍ଷରେ ଘୋର ଅପମାନର ବିଷୟ ହୋଇଥିଲା ।ପ୍ରତ୍ୟେକ ଓଡିଆ ଜାଣେ, ସମଗ୍ର ଭାରତର ଆରାଧ ଦେବତା ପ୍ରଭୁ ନୀଳାଚଳନାଥଙ୍କୁ ଯେତେବେଳେ ଦୁର୍ଦ୍ଦାନ୍ତ କଳାପାହାଡ ନେଇଗଲା, ସେ ସମୟରେ ଓଡିଆମାନେ ଦୁଃଖ ଓ ଅପମାନର ହିମାଳୟ ମସ୍ତକରେ ମହନ କରି ଅଧୀର ଓ ବିଚଳିତ ହୋଇପଡ଼ିଥିଲେ । ଭୋଇବଂଶର ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ଦ୍ୱାରା ଜଗନ୍ନାଥ ମହାପ୍ରଭୁ ପୁନର୍ବାର ପୁରୀରେ ସରକ୍ଷତ ଦେବାରୁ ସମଗ୍ର ଉତ୍କଳରେ ଆନନ୍ଦର ଢ଼େଉ ଖେଳିଯାଇଥିଲା । ଲକ୍ଷ ଲକ୍ଷ ଭକ୍ତ ଆନନ୍ଦାଶ୍ରୁ ବିସର୍ଜନ କରିଥିଲେ । ପ୍ରାୟ ଦୁଇହଜାର ବର୍ଷ ପୂର୍ବ କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳ ଅଙ୍ଗ ମଗଧରୁ କାଳିଙ୍ଗଜିନାସନ ପୂନର୍ବାର ଘେନିଆସବାରୁ କଳିଙ୍ଗର ଅସଂଖ୍ୟ ଜୈନ ଆନନ୍ଦିତ ହୋଇଥିଲେ । ଏହି ଘଟଣାଟି ସାମାନ୍ୟ ହେଲେ ମଧ ଧର୍ମର ଇତିହାସରେ ଏହାର ମୂଲ୍ୟ କଳ୍ପନାତୀତ । କଳିଙ୍ଗର ଲକ୍ଷ ଲକ୍ଷ ଜୈନଙ୍କ ହୃଦୟରେ ଅପହୃତ ଜିନାସନର ସ୍ମୃତି ବଧ୍ମୂଳ ହୋଇଥିଲା । ସେମନେ ନିଜର ହୃତ-ହୃଦୟ ରତ୍ନ ଫେରିଯାଇ ଅତିଶୟ ଆନନ୍ଦ ଅନୁଭବ କରିଥିଲେ । ଏହା ଫଳରେ କଳିଙ୍ଗରେ ଜୈନଧର୍ମ ମାହାତ୍ମ୍ୟ ବୃଧି ପାଇଥିଲା ଓ ଏହାର ପ୍ରଚାର କାର୍ଯ୍ୟ ସହଜ ଓ ସୁଗମ ହୋଇଥିଲା ।

ପୁରୀ ଗୋଟିଏ ପ୍ରାଚୀନ ଜୈନପୀଠ ଥିବାରୁ ବର୍ତ୍ତମାନ ଅନ୍ୟ କେତେକ ପ୍ରାଚୀନ ତଥ୍ୟ ଏବଂ ସେ ଅଚଳରୁ ଆବିଷ୍କୃତ ଜୈନ ମୂର୍ତ୍ତୀମାନଙ୍କ ଯୋଗୁଁ ଜଣାଗଲାଣି । ଶ୍ରୀ ଖାରବେଳଙ୍କ ପୂର୍ବରୁ ଉତ୍କଳର ଅନ୍ୟାନ୍ୟ ଜୈନ ତୀର୍ଥଗୁଡ଼ିକର ଇତିହାସ ଅଦ୍ୟାପି ଜଣାଯାଇନାହିଁ ।

**ଶ୍ରୀ ଖାରବେଳ ଓ ଉତ୍କଳରେ ଜୈନଧର୍ମ** - ଶ୍ରୀ ଖାରବେଳଙ୍କ ସମୟରେ ଉତ୍କଳରେ ଜୈନଧର୍ମ ଚରମ ସୀମାରୋଖା ଉପନୀତ ହୋଇଥିଲା । ତାଙ୍କ ରାଜତ୍ୱର ଇତିହାସ ଉତ୍କଳରେ ଜୈନଧର୍ମ ଶ୍ରୀବୃଧିର ଇତିହାସ । ବୁଧିଙ୍କ ମୃତ୍ୟୁ ପରେ ଭାରତରେ ନାନା ଅଚଳରେ ଧନିକ ବୌଧିମାନେ ବୌଧି ଯତିମାନଙ୍କର ଧର୍ମ ଓ ଜ୍ଞାନଚର୍ଚ୍ଚା । ନିମିତ୍ ପ୍ରାସାଦ, ବିହାର, ଗୁମ୍ଫା, ମଠ ଇତ୍ୟାଦି ନିର୍ମାଣ କରିଥିଲେ । ଅଶୋକ ଓ ତାଙ୍କ ନାତି ଦଶରଥ ଜୈନ ଅଜୀବକ ମାନଙ୍କର ନିବାସ ନିମିତ୍ ଯଥାକ୍ରମେ ବିହାର ପ୍ରଦେଶସ୍ଥ ଗୋରଥଗିରି ଓ ନାଗାର୍ଜୁନ ଗିରିରେ କେତେକ ଗୁମ୍ଫା ଖୋଳାଇଥିଲେ । ଶ୍ରୀ ଖାରବେଳ ପୂର୍ବତଳ ରାଜାମାନଙ୍କର ଆଦର୍ଶ ଅନୁସରଣ କରି

ସ୍ୱଧର୍ମର ଶ୍ରୀବୃଦ୍ଧି ନିମିତ୍ ଉଦୟଗିରି ଓ ଖଣ୍ଡଗିରିରେ ନିଜେ ଏବଂ ନିଜର ପୁତ୍ର ଭାର୍ଯ୍ୟା, ଭାଇ ଓ ଭୃତ୍ୟମାନଙ୍କ ଦ୍ୱାରା ୧୧୭ଟି ଗୁମ୍ଫା ଖୋଳାଇଥିଲେ । ଏଗୁଡ଼ିକ କଳିଙ୍ଗବସୀ ଅର୍ହତମାନଙ୍କର ନିବାସ ନିମିତ୍ ଖୋଦିତ ହୋଇଥିଲା । ଶ୍ରୀଖାରବେଳଙ୍କ ପୂର୍ବରୁ ବିମ୍ବିସାର, ଅଜାତଶତ୍ରୁ, ଦଶରଥ, ସାମ୍ପ୍ରତି ପ୍ରଭୃତି ମଗଧ ନରପତିମାନେ ଜୈନଧର୍ମର ଉନ୍ନତି କଳ୍ପେ ଚେଷ୍ଟା କରିଥିଲେ ସତ୍ୟ, କିନ୍ତୁ ସେମାନେ ଦିଗ୍‌ବିଜୟୀ ଭାରତ ସମ୍ରାଟ ଶ୍ରୀ ଖାରବେଳଙ୍କ ପରି ଜୈନଧର୍ମର ପ୍ରଚାର ଓ ଶ୍ରୀବୃଦ୍ଧି ନିମିତ୍ ନିଜର ସମସ୍ତ ସମୟ, ଶକ୍ତି ଓ ଧନ ନିୟୋଜିତ କରି ନଥିଲେ । ଦେବପ୍ରିୟ ପ୍ରିୟଦର୍ଶୀ ଅଶୋକ ଓ କୁଶାଣ ସମ୍ରାଟ କନିଷ୍କଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ବୌଦ୍ଧଧର୍ମର ଇତିହାସରେ ଯେପରି ଯୁଗାନ୍ତର ଆନୟନ କରିଥିଲେ, କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳ ସେହିପରି ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଭାରତର କେତେକାଚଳରେ ସୀମାବଧ୍ ଜୈନଧର୍ମର ଇତିହାସରେ ଗୋଟିଏ ନୂତନ ଯୁଗର ସୃଷ୍ଟି କରିଥିଲେ ।

ଭାରତରେ ଧର୍ମ ପ୍ରଚାରର ଇତିହାସ ସହିତ ଶିଳ୍ପ ଓ ସ୍ଥାପତ୍ୟର ଉନ୍ନତି ଘନିଷ୍ଠ ଭାବରେ ସଂପୃକ୍ତ । ବୌଧ୍ ଧର୍ମ ଭାରତରେ ପ୍ରବଳ ହୋଇଥିବା ସମୟରେ ଭାରତବର୍ଷ ଅସଂଖ୍ୟ ବୌଧ୍‌ବିହାର, ଚୈତ୍ୟ, ଗୁମ୍ଫା, ସ୍ତମ୍ଭାଦି ଦ୍ୱାରା ଶୁଶୋଭିତ ହୋଇଥିଲା ।

ଅଶୋକଙ୍କ ସମୟରେ କଳିଙ୍ଗ ରାଜଧାନୀ ତୋଷାଳି ନଗରୀରେ (ଧଉଳିଗଡ଼) ଅନେକ ବୌଧ୍‌ଗୁମ୍ଫା ଓ କୀର୍ତ୍ତି ନିର୍ମିତ ହୋଇଥିଲା । ଶ୍ରୀ ଖାରବେଳ ସ୍ୱଧର୍ମର ବୈଜୟନ୍ତୀ ଉଡ଼ାଇବା ନିମିତ୍ ଉଦୟଗିରି ଓ ଖଣ୍ଡଗିରିରେ ନିଜେ ଓ ନିଜର ପରିବାର ଓ ଭୃତ୍ୟମାନଙ୍କ ଦ୍ୱାରା ୧୧୭ଟି ଗୁମ୍ଫା ଓ ଅନ୍ୟାନ୍ୟ ଜୈନକୀର୍ତ୍ତି ପ୍ରତିଷ୍ଠା କରିଥିଲେ । ଭାରତର ଅନ୍ୟ କୌଣସି ପ୍ରଦେଶରେ ଦୁଇହଜାର ବର୍ଷ ପୂର୍ବର ଏପରି ବିଶାଳ ସୁନ୍ଦର ଜୈନଗୁମ୍ଫାମାନ ଆଜିପର୍ଯ୍ୟନ୍ତ ଆବିଷ୍କୃତି ହୋଇନାହିଁ । ମଗଧ ପ୍ରଦେଶସ୍ଥ ଗୋରଥଗିରି ଓ ନାଗାର୍ଜୁନ ପର୍ବତର ଜୈନଗୁମ୍ଫା ସକଳ ପ୍ରଶଂସନୀୟ ହେଲେ ମଧ ଉଦୟଗିରି ଓ ଖଣ୍ଡଗିରିର ଜୈନଗୁମ୍ଫାମାନଙ୍କ ସହିତ ଆଦୌ ତୁଳନୀୟ ନୁହେଁ । ଏଗୁଡ଼ିକ ଭାରତର ଶ୍ରେଷ୍ଠ, ସୁନ୍ଦରତମ ଓ ପ୍ରାଚୀନତମ ଜୈନଗୁମ୍ଫା । ଏତଦ୍‌ବ୍ୟତୀତ ସେ ନିଜର ପୂର୍ବପୁରୁଷମାନଙ୍କର କୀର୍ତ୍ତିଗୁଡ଼ିକର ସଂସ୍କାର କରିଥିଲେ ।

ତାଙ୍କ ପୂର୍ବରୁ ତାଙ୍କ ବଂଶୀୟ ରାଜାମାନେ ଅନେକ କୀର୍ତ୍ତି ସ୍ଥାପନ କରିଥିଲେ । ସେ ଚେତବଂଶର ଶ୍ରେଷ୍ଠ ନୃପତି ହୋଇଥିବାରୁ ପୂର୍ବ ରାଜାମାନଙ୍କର କୀର୍ତ୍ତିଗୁଡ଼ିକ ସଂସ୍କାର କରିଥିଲେ । ଭାରତର ଇତିହାସ ପାଠ କଲେ ଜଣାଯାଏ ଯେ, ରାଜା ଓ ସମ୍ରାଟ୍‌ମାନଙ୍କର ପୃଷ୍ଠପୋଷକତା ଲାଭକରି ଭାରତରେ ବିଭିନ୍ନ ପ୍ରକାର ଧର୍ମମତ ଓ ଶିଳ୍ପ ପ୍ରତିଷ୍ଠା ଲାଭ କରିଥିଲା । ମୌର୍ଯ୍ୟ ଗୌରବ ପ୍ରିୟଦର୍ଶୀ ଅଶୋକଙ୍କ ପ୍ରବଳ ଅଧବସାୟ ଓ ଏକାନ୍ତ ନିଷ୍ଠା ଯୋଗୁଁ ବୌଧ୍‌ଧର୍ମ ଭାରତର ପ୍ରଧାନ ଧର୍ମ ହୋଇପାରିଥିଲା । କିନ୍ତୁ ତାଙ୍କର ସମଗ୍ର ପରିବାର ଓ ରାଜକର୍ମଚାରୀମାନେ ବୌଧ୍‌ଧର୍ମାବଲମ୍ବୀ ଥିବାର କୌଣସି ପ୍ରମାଣ ନାହିଁ । ପରନ୍ତୁ ଲେଖି ଓ କିମ୍ବଦନ୍ତୀରୁ ଜଣାଯାଏ ଯେ, ସେମାନଙ୍କ ମଦ୍ୟରେ କେତେକ ଅନ୍ୟଧର୍ମାବଲମ୍ବୀ ଥିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଶ୍ରୀ ଖାରବେଳଙ୍କ ପରିବାରବର୍ଗ ଓ କର୍ମଚାରୀ ସକଳ ଜୈନଧର୍ମର ଭକ୍ତ ଥିଲେ । ତାଙ୍କର ସ୍ତ୍ରୀ, ପୁତ୍ର ଓ ଭୃତ୍ୟମାନେ ସ୍ୱତନ୍ତ୍ର ଗୁମ୍ଫା ଖୋଳାଇଥିଲେ । ବୈକୁଣ୍ଠପୁର ଗୁମ୍ଫାଟି କଳିଙ୍ଗର ଶ୍ରମଣମାନଙ୍କ ନିମିତ୍ ଶ୍ରୀ ଖାରବେଳଙ୍କ ପାଟରାଣୀ ଖୋଳାଇଥିଲେ ।

ମଚପୁର ଗୁମ୍ଫା ଶ୍ରୀ ଖାରବେଳଙ୍କ ପୁତ୍ର ଶ୍ରୀକଦମ୍ବ ବା ଶ୍ରୀକୁଦେବ ଖୋଳାଇଥିଲେ । ଶ୍ରୀ ଖାରବେଳଙ୍କ ଦ୍ୱିତୀୟ ପୁତ୍ର କୁମାର ବଡୁଖ ଯମପୁରୀ ଗୁମ୍ଫା ଖୋଳାଇଥିଲେ । ସର୍ପଗୁମ୍ଫା ଓ ହରିଦାସ ଗୁମ୍ଫା ବା ପାବନ ଗୁମ୍ଫାକୁ

ଖାରବେଳଙ୍କ କର୍ମଚାରୀ ଚୂଳକମ୍ ଖୋଳାଇଥିଲେ । ବ୍ୟାଘ୍ରଗୁମ୍ଫା ନଗର ବ୍ୟବହାରକ ଭୂତିଙ୍କ ଦ୍ୱାରା ଖୋଦିତ ହୋଇଥିଲା । ଜମ୍ଭେଶ୍ୱର ଗୁମ୍ଫା ମହାମଦ ନାକିୟ ଖୋଳାଇଥିଲେ । ଶ୍ରୀ ଖାରବେଳଙ୍କ ପାଦମୂଳିକ ବା ପାଦସେବୀ ଖଣ୍ଡଗିରିରେ ତତ୍ୱଗୁମ୍ଫା ପ୍ରଭୃତି ଅନେକ ଗୁମ୍ଫା ଖୋଳାଇଥିଲେ (ପାଦମୂଳକସ୍ୟ କୁସୁମସ୍ୟ ଲୟନାନି) । ଭାରତରେ ସ୍ୱଧର୍ମ ନିଷ୍ଠାର ଏପରି ଦୃଷ୍ଟାନ୍ତ ଅତି ବିରଳ । ଏମାନଙ୍କର ଆହୁରି ଅନେକ କୀର୍ତ୍ତି କାଳକ୍ରମେ ନଷ୍ଟ ଓ ଧ୍ୱସ୍ତ ହୋଇଯାଇଛି । ତଥାପି ସେମାନେ ଜୈନଧର୍ମର ଉନ୍ନତି ନିମିତ୍ ପ୍ରଗାଢ଼ ନିଷ୍ଠା ସହିତ ଯାହା କରିଯାଇଛନ୍ତି ତାହା ଚରିସ୍ମରଣୀୟ ।

ସ୍ୱର୍ଗୀୟ ଜୟସ୍ୱାଲ ଓ ସ୍ୱର୍ଗୀୟ ବାନାର୍ଜୀ ମହାଶୟ ଶ୍ରୀ ଖାରବେଳଙ୍କ ଜନଧର୍ମର ପ୍ରଚାର ସମ୍ବନ୍ଧରେ କେତେକ ନୂତନ ତଥ୍ୟ ପ୍ରକାଶ କରିଥିଲେ । ସେଥିରୁ ଜଣାଯାଏ ଯେ, ସେ ରାଜତ୍ୱର ତ୍ରୟୋଦଶ ବର୍ଷରେ ଜୈନ ଅର୍ହତମାନଙ୍କର ଗୋଟିଏ ସଭା କରାଇଥିଲେ । ଏଥିରେ ଭାରତର ଅନେକ ଅଚଳରୁ ଜୈନମାନେ ଯୋଗ ଦେଇଥିଲେ । ଉଦୟଗିରିରେ ବହୁକାଳ ପୂର୍ବରୁ ଗୋଟିଏ ଜୈନ ବସ୍ତୁ ବିଗ୍ରହ ବିଦ୍ୟମାନ ଥିଲା । ସେଠାରେ ଜୈନମାନେ ଧର୍ମାର୍ଚ୍ଚନା କରୁଥିଲେ । ସେ ଜୈନମାନଙ୍କର ଧର୍ମଗ୍ରନ୍ଥ ସପ୍ତାଙ୍ଗର ପୁନରୁଧାର କରି ଜୈନମାନଙ୍କରେ ଗୋଟିଏ ପ୍ରଧାନ ଅଭାବ ଦୂର କରିଥିଲେ । ଗ୍ରନ୍ଥସଂସ୍କାର ବିଷୟରେ ବୌଧ୍ କୁଶାଳରାଜ କିନଷ୍କଙ୍କ ପରି ଜୈନଧର୍ମର ଇତିହାସରେ ସେ ଅମର ଯଶ ଲାଭ କରିଛନ୍ତି । କେବଳ ଏତିକିରେ ତାଙ୍କର ଜୈନଧର୍ମର ନିଷ୍ଠା ଶେଷ ହୋଇନଥିଲା । ସେ ଏହି ୧ ୧ ୭ଟି ଗୁମ୍ଫା ବ୍ୟତୀତ ଆହୁରି ଅନେକ କୀର୍ତ୍ତି ନିର୍ମାଣ କରିଥିଲେ ।

ହାତୀଗୁମ୍ଫା ଲେଖର ଷୋଡ଼ଶ ଧାଡ଼ିରେ ପ୍ରଦତ୍ ବିବରଣୁ ଜଣାଯାଏ ଶ୍ରୀ ଖାରବେଳ ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ 'ଅର୍ହତନିସୀଦୀୟ' ସମୀପରେ ଶତ ଦିଗାଗତ ଯତି, ମୁନି, ଋଷି (ଏମାନେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ) ଓ ପ୍ରଖ୍ୟାତନାମା ଜୈନ ଶ୍ରମଣମାନଙ୍କ ନିମାସ ନିମିତ୍ ଗୋଟିଏ ବଡ଼ ଗୁମ୍ଫା ଖୋଳାଇଥିଲେ । ଅର୍ହତ ନିସୀଦୀକୁ ଜୟସ୍ୱାଲ ସମାଧିସ୍ତୂପ ବୋଲି ଅର୍ଥ କରିଛନ୍ତି । ଖଣ୍ଡଗିରିରୁ ଆବିଷ୍କୃତ ଭସ୍ମପୂର୍ଣ୍ଣ କେତେକ ସମାଧି ସ୍ଥାନ ତାଙ୍କର ଏ ଅର୍ଥର ପୋଷାକତା କରେ । ବରୁଆ ମହାଶୟ ଏହାକୁ ନିବାସ ସ୍ଥାନ ବୋଲି ସ୍ଥିର କରିଛନ୍ତି । କିନ୍ତୁ ପ୍ରଥମ ଅର୍ଥ ବିଶେଷ ଭାବେ ପ୍ରଯୁଜ୍ୟ । ସମ୍ଭବତଃ ସେ କୌଣସି ପ୍ରସିଧ୍ ଅର୍ହତମାନଙ୍କର ସମାଧିସ୍ତୂପ ନିକଟରେ ଏହି ବିଶାଳା ଗୁମ୍ଫାଟି ଖୋଦନ କରିଥିଲେ । ଏହା ନିକଟରେ ପର୍ବତର ପଭାର ବା କ୍ରମନିମ୍ନ ଭୂମିରେ ବହୁ ଯୋଜନ ଦୂରବର୍ତ୍ତୀ (ବରାକର) ଶ୍ରେଷ୍ଠ ଖଣିମାନଙ୍କରୁ ଆନୀତ ହୋଇଥିବା ୩୫ ଲକ୍ଷ ପଥର ଦ୍ୱାରା ଅନେକ ଶିଳାସ୍ତମ୍ଭ ଓ ଚୈତ୍ୟ ନିର୍ମାଣ କରିଥିଲେ ।

ପଟଳିତ ଚତ୍ୱର ବ ନାନାବିଧ ଚିତ୍ରଶୋଭିତ ଅଗଣାରେ ଗୋଟିଏ ବହୁସ୍ତମ୍ଭ ଶୋଭିତ ବୈଦୁର୍ଯ୍ୟଗୃହ ୭୫ ଲକ୍ଷ ମୁଦ୍ରା ବ୍ୟୟ କରି ନିର୍ମାଣ କରିଥିଲେ । ଚୈଦୁର୍ଯ୍ୟ ନୀଳଖଚିତ ୫୦ଟି ଚୈତ୍ୟ ଯଷ୍ଟି (ସ୍ତମ୍ଭ) ତାହାର ଚାରିପାଖେ ବସାଇଥିଲେ ।

ଶ୍ରୀ ଖାରବେଳଙ୍କ ରାଜତ୍ୱର ଶେଷ ବର୍ଷରେ ଖୋଦିତ ଏକ ବିରାଟ ଗୁମ୍ଫାଟି ଉଦୟଗିରିର ବହୁକାର୍ଯ୍ୟ ଖଚିତ, ପର୍ବତର କ୍ରମନିମ୍ନ (ପଭାର) ଭୂମିରେ ଖୋଦିତ ଓ ବୌଧିବିହାର ସଦୃଶ ପ୍ରତୀୟମାନ ହେଉଥିବାର ରାଣୀହଂସପୁର ନାମକ ଦ୍ୱିତଳ ପ୍ରାସାଦ ସହିତ ଚିହ୍ନିତ ହୋଇଅଛି । ଲେଖବର୍ଣ୍ଣିତ ପଟଳିକ ଚତ୍ୱର ରାଣୀହଂସପୁରର ସମ୍ମୁଖରେ ଥିବା ବୃହତ ଅଗଣା ହେବା ସମ୍ଭବପର ।

ସ୍ତମ୍ଭାବଳୀ ଶୋଭିତ, ଚନ୍ଦ୍ରତପ-ଖଚିତ, ବୈଦୁର୍ଯ୍ୟ ଗୃହଟି ଏହି ଅଗଣାରେ ନିର୍ମିତ ହୋଇଥିବାର ମନେହୁଏ । ଏହି ଉଭୟ ପର୍ବତର ଅନ୍ୟ କୌଣସି ଠାରେ ଏପରି ବଡ଼ ଚଉତରା ଦେଖାଯାଏ ନାହିଁ । ଏଠାରେ ଚୈତ୍ୟର ଅବସ୍ଥିତି ଆଜିପର୍ଯ୍ୟନ୍ତ ଜଣାଯାଇନାହିଁ । ତେବେ ଖଣ୍ଡଗିରିର ଦେବସଭାରେ ଛୋଟ ଛୋଟ ମନ୍ଦର ଗୁଡିଏ ଦେଖି ମନେହୁଏ ଏକ ସମୟରେ ଏ ଦୁଇ ପାହାଡରେ ଅନେକ ଗୁଡିଏ ଚୈତ୍ୟ ଥିଲା । ସେଗୁଡିକ କାଳକ୍ରମେ ନଷ୍ଟ ହୋଇଯିବାରୁ ସେହି ସ୍ମୃତିକୁ ଚିରସ୍ଥାୟୀ କରିବା ନିମିତ୍ ପରବର୍ତ୍ତୀ କାଳରେ ଏପରି କ୍ଷୁଦ୍ର କ୍ଷୁଦ୍ର ମନ୍ଦିରର ପ୍ରତିମୂର୍ତ୍ତି ଏକତ୍ରିତ କରାହୋଇଅଛି । ସ୍ତମ୍ଭାଳୟ, ଶିଳାସ୍ତମ୍ଭ ଓ ଚୈତ୍ୟ ଗୁଡିକ ଏକତ୍ର ଥିଲା ବା ଅଲଗା ଅଲଗା ଥିଲା, ତାହା କହିବା ସହଜ ନୁହେଁ । କିନ୍ତୁ ଚୈତ୍ୟର ଚତୁର୍ଦ୍ଦିଗରେ ସ୍ତମ୍ଭମାନ ନିର୍ମିତ ହୋଇଥିବା ସମ୍ଭବପର । କାରଣ କୃଷ୍ଣାନଦୀ ତୀରବର୍ତ୍ତୀ ନାଗାର୍ଜୁନ କୋଣ୍ଡା ନାମକ ଗୋଟିଏ ସ୍ଥାନରୁ ଖ୍ରୀଷ୍ଟୀୟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀର କେତେକ ବୌଧିକୀର୍ତ୍ତି ଖୋଳାହେବା ଦ୍ୱାରା ଦେଖାଯାଇଛି ଯେ, ସେଠାରେ ପ୍ରତି ଚୈତ୍ୟର ଚାରିକୋଣରେ (ଅଗ୍ନି, ବାୟୁ, ଐଶାନ୍ୟ, ନୈର୍ଋତ) ବୁଧିଙ୍କ ଜୀବନର ପାଚଟି ପ୍ରଧାନ ଘଟଣାର ସ୍ମାରକ ସ୍ୱରୂପ ୫ଟି ସାୟକ ସ୍ତମ୍ଭ ପ୍ରୋତ୍ଥିତ ହୋଇଥିଲା; ଅର୍ଥାତ୍ ପ୍ରତି ଚୈତ୍ୟ ନିକଟରେ ୨୦ଟି ସ୍ତମ୍ଭ ଥିଲା । ବୋଧହୁଏ ଶ୍ରୀ ଖାରବେଳ ଉଦୟଗିରି ନିକଟରେ ଏପରି ସ୍ତମ୍ଭାବୃତ୍ ଜୈନ ଚୈତ୍ୟମାନ ନିର୍ମାଣ କରିଥିଲେ । ଏଠାରେ ଖୋଦନ କାର୍ଯ୍ୟ ନହେବା ପର୍ଯ୍ୟନ୍ତ ଏ ବିଷୟରେ ଶେଷ ସିଧାନ୍ତ କରିବା ସମ୍ଭବ ନୁହେଁ । ଦୁଃଖର ବିଷୟ ବହୁଲକ୍ଷ ମୁଦ୍ରାବ୍ୟୟରେ ଶ୍ରୀ ଖାରବେଳଙ୍କ ରାଜତ୍ୱର ଶେଷ ନିର୍ମିତ ହୋଇଥିବା ଏହି ବିରାଟ ଜୈନକୀର୍ତିମାନଙ୍କର କୌଣସି ସନ୍ଧାନ ଏପର୍ଯ୍ୟନ୍ତ ମିଳିନାହିଁ ।

ଏତଦ୍‌ବ୍ୟତୀତ ସେ ସ୍ୱଧର୍ମକୁ ଲୋକପ୍ରିୟ କରିବା ପାଇଁ ମଧେ ମଧେ ବ୍ରାହ୍ମଣ ଓ ଶ୍ରବଣମାନଙ୍କୁ (ଜୈନ) ପାନା ଭୋଜନ ଇତ୍ୟାଦି ଦେଉଥିଲେ ଏବଂ ନାନାବିଧ ସମାଜ ଓ ଉତ୍ସବ ଅନୁଷ୍ଠାନ କରିଥିଲେ । ବୌଧିମାନେ ବୋଧିଦ୍ରୁମକୁ ପୂଜା କଲାପରି ଜୈନମାନେ କଳ୍ପବୃକ୍ଷକୁ ସମ୍ମାନ ଓ ଭକ୍ତି କରୁଥିଲେ । କଳ୍ପବୃକ୍ଷର ପୂଜା ସେମାନଙ୍କ ଧର୍ମର ପ୍ରଧାନ ଅଙ୍ଗ ଥିଲା । ଶ୍ରୀ ଖାରବେଳ ରାଜତ୍ୱର ଅଷ୍ଟମ ବର୍ଷରେ ମଥୁରାରୁ ହସ୍ୱ-ଗଜ-ନର-ରଥ ବେଷ୍ଟିତ ପଲାବଭାର କଳ୍ପବୃକ୍ଷ ଗୋଟିଏ ବିରାଟ ଶୋଭାଯାତ୍ରାରେ କଳିଙ୍ଗକୁ ଘେନିଆସିଥିଲେ । ହିନ୍ଦୁମାନଙ୍କ ଯାତ୍ରା ଉପବାସ କରି ଜୈନମାନେ ମଙ୍ଗଳକୃତ୍ୟମାନ କରନ୍ତି । ଏଗୁଡ଼ିକ ନାନାପ୍ରକାର । ସେ ରାଜତ୍ୱର ସପ୍ତମ ବର୍ଷରେ ଆସି, ଛତ୍ର, ଧ୍ୱଜ, ରଥ, ରକ୍ଷୀ, ତୁରଙ୍ଗ, ଘଟମାନ ସର୍ବତ୍ର ସଜ୍ଜିତ କର କରାଇ ବହୁମୁଦ୍ରା ବ୍ୟୟ କରି ଅନେକ ଜୈନ ମଙ୍ଗଳକୃତ୍ୟ କରିଥିଲେ । ଏ ସମସ୍ତ କାର୍ଯ୍ୟ ଦ୍ୱାରା ସେ ନିଜ ଧର୍ମକୁ ସରସ ଓ ଲୋକପ୍ରିୟ କରିଥିଲେ । ସେ ରକ୍ଷଣଶୀଳ ଜୈନ ନଥିଲେ । ତେଣୁ ସେ ସମୟରେ ଉତ୍କଳର ଅନେକ ଲୋକ ଜୈନଧର୍ମର ପ୍ରତି ଆକୃଷ୍ଟ ହୋଇ ଏହି ଧର୍ମ ଗ୍ରହଣ କରିଥିବେ ।

ଶ୍ରୀ ଖାରବେଳଙ୍କ ପରେ ଚେତବଂଶରେ ଆଉ ତିନିଜଣ ରାଜା ରାଜତ୍ୱ କରିଥିଲେ । ପୁରାଣମାନଙ୍କରୁ ଜଣାଯାଏ, ମହାମେଘବାହନ ବଂଶର ନଅଜଣ ରାଜା ଉତ୍କଳରେ ରାଜ୍ୱତ କରିଥିଲେ । ତାଙ୍କ ପୁତ୍ର କୁଦେବଶ୍ରୀ ବା କନ୍ଦର୍ପଶ୍ରୀ ଜେନ ଥିବା ଜଣାଯାଏ । ତାଙ୍କ ପରବର୍ତ୍ତୀ ଦୁଇଜଣ ରାଜା କେଉଁ ଧର୍ମର ପୃଷ୍ଟପୋଷକ ଥିଲେ ତାହା ଜଣାଯାଇନାହିଁ ।

ଜୈନଧର୍ମ ଓ ଉତ୍କଳୀୟ ଶିଳ୍ପର ବିକାଶ - ପ୍ରାଗୈତିହାସିକ ଯୁଗରୁ ଧର୍ମ ସହିତ ଭାରତୀୟ ଶିଳ୍ପ ସ୍ଥାପତ୍ୟ ଓ ଭାଷାର ନିଗୂଢ଼ ସମ୍ପର୍କ ବିଦ୍ୟମାନ । ଭାରତ ସରକାରଙ୍କ ଦ୍ୱାରା ଖୋଦିତ ସିନ୍ଧୁ ନଦୀ ତୀରବର୍ତ୍ତୀ ହରପ୍ପା ଓ ମହେଞ୍ଜୋଦାରୋ ନାମକ ଷଟ୍‌ସହସ୍ର ବର୍ଷର ପ୍ରାଚୀନ ନଗରଦ୍ୱୟରୁ ମିଳିଥିବା ଅସଂଖ୍ୟ ମୂର୍ତ୍ତୀ, ବୁଦ୍ରା, ସିଲ ଓ

ଲେଖ ପ୍ରଭୃତିରୁ ଭାରତର ତତ୍କାଳୀନ ଧର୍ମ, ସମାଜ, ଶିଳ୍ପ ଓ ଲିପି ସମ୍ବନ୍ଧରେ ଅନେକ ନୂତନ ତଥ୍ୟ ଜଣାଯାଏ । ସାରନାଥ, ସାଚୀ, ବରହୁତ, ପାଟଳୀପୁତ୍ର, ରାଜଗୃହ, ବୁଧ୍‌ଗୟା, ତକ୍ଷଶୀଳା, ମଥୁରା ଇତ୍ୟାଦି ସ୍ଥାନରେ ଥିବା ବୌଧ୍‌ସ୍ତୁପ, ଚୈତ୍ୟ ବିହାର ଓ ସ୍ତମ୍ଭଗୁଡ଼ିକର ବିଶ୍ୱବନ୍ଦନୀୟ ପୁନରୁତ୍‌ଥାନ ଯୁଗର ଇତିହାସ ଆକୁମାରୀ ହିମାଳୟ ବିସ୍ତୃତ ଭାରତର ସର୍ବାଚଳରେ ନିର୍ମିତ ଅସଂଖ୍ୟ ହିନ୍ଦୁ ଦେବାୟତନ, ମଠ ଓ ସ୍ତମ୍ଭ ଗାତ୍ରରେ ଶିଳ୍ପକଳା ରୂପେ ମୂର୍ତ୍ତିମନ୍ତ ହୋଇଅଛି । ସେହିପରି ଉତ୍କଳରେ ଜୈନଧର୍ମର ଇତିହାସ ଓ ପ୍ରଦେଶସ୍ଥ ଜୈନକୀର୍ତ୍ତି ସକଳ ସ୍ୱଗାତ୍ରରେ ଆତ୍ମପ୍ରକାଶ କରି ମହୀୟାନ୍ ହୋଇଅଛି ।

ଭାରତ ଗୌରବ ଅଶୋକଙ୍କ ରାଜତ୍ୱ କାଳରେ ଭାରତୀୟ ଶିଳ୍ପର ଇତିହାସରେ ନୂତନ ସୃଷ୍ଟି ହେଲା । ଅଶୋକଙ୍କ ଅସଂଖ୍ୟ କିର୍ତ୍ତି ଉତ୍ତର ଭାରତର ନାନାଚଳରୁ ଆବିଷ୍କୃତ ହୋଇଥବଲେ ମଧ ଉତ୍କଳରେ ତାଙ୍କର ଅଳ୍ପକେତୋଟି କୀର୍ତ୍ତି ପ୍ରାଚୀନକଳିଙ୍ଗ ରାଜଧାନୀ ତୋଷାଳି ବା ଧଉଳି ନିକଟରେ ପରିଦୃଷ୍ଟ ହୁଏ । ସେଥି ମଧରୁ ଧଉଳି ପର୍ବତସ୍ଥ ଅଶୋକ ପ୍ରଶସ୍ତି ଉପରେ ଖୋଦିତ ବିଶାଳ ହସ୍ତୀମୂର୍ତ୍ତି ଓ ତାହାର ନିକଟବର୍ତ୍ତି କେତେକ ଗୁମ୍ଫା ସର୍ବପ୍ରଧାନ । କିନ୍ତୁ ଧଉଳିର ଗୁମ୍ଫାଗୁଡ଼ିକ କ୍ଷୁଦ୍ର ଓ ଆଡ଼ମ୍ବରଶୂନ୍ୟ ଏବଂ ସେଗୁଡ଼ିକରେ କୌଣସି ଗୁରୁଶିଳ୍ପ ଖୋଦିତ ହୋଇନାହିଁ । ଶ୍ରୀ ଖାରବେଳଙ୍କ ଦ୍ୱାରା ନିର୍ମିତ ଖଣ୍ଡଗିରି ଓ ଉଦୟଗିରିର ଜୈନକିର୍ତ୍ତି ସକଳ ଉତ୍କଳର ସର୍ବ ପ୍ରାଚୀନ କୀର୍ତ୍ତି ଏବଂ ସେ ଉତ୍କଳୀୟ ପ୍ରସ୍ତର ଖୋଦନ ଶିଳ୍ପର ପ୍ରାଣ ପ୍ରତିଷ୍ଠାତା ରୂପେ ବିବେଚିତ ହୁଅନ୍ତି । ସେ ହୃଦୟରେ ଧର୍ମର ଗଭୀର ପ୍ରେରଣା ଅନୁଭବ କରି ସୁଧର୍ମର ଉନ୍ନତି ନିମିତ୍ ଗାତ୍ରରେ ସର୍ବଜନ ପ୍ରଶଂସିତ ଅନେକ ଗୁନିଏ କୀର୍ତ୍ତି ଖୋଦନ କରିଥିଲେ । ଐତିହାସିକ ବରୁଆଙ୍କ ମତରେ ସେ ପ୍ରସ୍ତର ଶିଳ୍ପର ଉନ୍ନତି ବିଷୟରେ ଅଶୋକଙ୍କ ସହିତ ସର୍ବଥା ତୁଳନୀୟ ।

“King Kharavela can equally cliam the credit with Ahoka for employing the stone-cutter’ Art successfully on an intesive scale for conjuring up all manners of figures even on the roofs of rock-cut caves”.

ଶ୍ରୀ ଖାରବେଳଙ୍କ ପୂର୍ବରୁ ଉତ୍କଳରେ ଖୋଦନଶିଳ୍ପ ପ୍ରସାରଲାଭ କରିଥିଲା ସତ୍ୟ; କିନ୍ତୁ ତାଙ୍କ ସମୟରେ ଏହା ଅଭୁତପୂର୍ବ ଓ ଅସାଧାରଣ ଉନ୍ନତି ଲାଭ କରିଥିଲା । ହାତୀଗୁମ୍ଫା ଲେଖରୁ ଜଣାଯାଏ ସେ ସେ ରାଜତ୍ୱର ଶେଷ ବର୍ଷରେ କେତେକ ଚୈତ୍ୟ ଓ ସ୍ତମ୍ଭ ନିର୍ମାଣ କରିବାପାଇଁ ଅନେକ ଯୋଜନା ଦୂରବର୍ତ୍ତି ଶ୍ରେଷ୍ଠ ଖଣିମାନଙ୍କରୁ ୩୫ଲକ୍ଷ ପଥର କଟାଇଥିଲେ । ଏହା ବ୍ୟତୀତ ସେ ଆହୁରି ଅନେକ କୀର୍ତ୍ତି ନିର୍ମାଣ କରିଥିଲେ । ଏଥବରୁ ସ୍ପଷ୍ଟ ଜଣାଯାଏ ଯେ, ତାଙ୍କ ସମୟରେ ଅସଂଖ୍ୟ ଲୋକ ଖଣିମାନଙ୍କରୁ ପ୍ରସ୍ତର ଉତ୍ତୋଳନ କାର୍ଯ୍ୟରେ ବ୍ୟାପୃତ ଥିବେ । ପର୍ବତ ଫଟାଇ ଶତ ଶତ ବିଶାଳ ଗୁମ୍ଫା ଖୋଳିବା ପାଇଁ ଅସଂଖ୍ୟ ଲୋକ ନିଯୁକ୍ତ ହୋଇଥିବେ । ଗୁମ୍ଫା ଗାତ୍ରରେ ଚାରୁଶିଳ୍ପ କଳା ଫୁଟାଇବା ପାଇଁ ସହସ୍ର ସହସ୍ର ଶିଳ୍ପୀ ବହୁବର୍ଷ ପରିଶ୍ରମ କରିଥିବେ । ସେ ଯୁଗରେ ପାହାଡ଼ ଫଟାଇବା ପାଇଁ ଡ଼ିନାମାଇଟ୍ ପାହାଡ଼ର ବା ତୋପ ଆବିଷ୍କୃତ ହୋଇ ନଥିଲା । ମନୁଷ୍ୟର ଦୈହିକ ଶକ୍ତି ହିଁ ଏପରି ଦୁଃସାଧ କାର୍ଯ୍ୟ ସାଧନ କରୁଥିଲା ଶ୍ରୀ ଖାରବେଳଙ୍କ ଦ୍ୱାରା ପ୍ରତିପାଳିତ ଓ ଉତ୍ସାହିତ ହୋଇ ଉତ୍କଳୀୟ ଶିଳ୍ପକଳା ଖୋଦନଶିଳ୍ପର ବିକାଶ ନିମିତ୍ ଏପରି ପ୍ରାଣପାତ ପରିଶ୍ରମ କରିଥିଲେ । ସେମାନଙ୍କ ବଂଶଧରମାନେ ପରବର୍ତ୍ତି କାଳରେ ଲଳିତଗିରି, ରତ୍ନଗିରି, ଯାଜପୁର, ଭୁବନେଶ୍ୱର, ପୁରୀ, କୋଣାର୍କରେ ଅସଂଖ୍ୟ ଉତ୍ତୁଙ୍ଗମନ୍ଦିର ନିର୍ମାଣ କରି ଉତ୍କଳୀୟ ଶିଳ୍ପର ଉତ୍ତରୋତ୍ତର ଉନ୍ନତି କରିଥିଲେ । ଭାରତର ସାହିତ୍ୟ, ଶିଳ୍ପ,ବିଜ୍ଞାନ ପ୍ରତ୍ୟେକର ଉନ୍ନତି ମୂଳରେ ପ୍ରବଳ ଧର୍ମନିଷ୍ଠା ପ୍ରଚ୍ଛନ୍ନ ଭାବରେ ବିଦ୍ୟମାନ । ପ୍ରିୟଦର୍ଶୀ ଅଶୋକଙ୍କ ପ୍ରଗାଢ଼ ଧର୍ମନିଷ୍ଠା ଯୋଗୁଁ

ସମଗ୍ର ଭାରତରେ ଓ ଭାରତ ବାହାରେ ବହୁଶତ ସ୍ତମ୍ଭ, ଚୈତ୍ୟ, ସ୍ତୂପ ବିହାର, ଗୁମ୍ଫା, ପାନ୍ଥଶାଳା, ଚିକିତ୍ସାଳୟ, କୂପ, ପୁଷ୍କରିଣୀ ଅତି ଅଳ୍ପକାଳ ମଧରେ ନିର୍ମିତ୍ ହୋଇପାରିଥିଲା; ସେହିପରି ଉତ୍କଳର ଜୈନକୀର୍ତ୍ତି ସକଳ ସମ୍ରାଟ୍ ଶ୍ରୀ ଖାରବେଳଙ୍କ ସ୍ୱଧର୍ମାନୁରାଗର ଜ୍ୱଳନ୍ତ ନିଦର୍ଶନ ।

ପ୍ରାଚୀନ କାଳରେ ଜୈନ, ବୌଧ୍ ଓ ହିନ୍ଦୁ ସନ୍ନ୍ୟାସୀମାନେ ପ୍ରାକୃତିକ ଗିରିଗହ୍ୱରମାନଙ୍କରେ ଅନନ୍ତ ନୀଳାକାଶ ଓ ବିରାଟ ପ୍ରକୃତିର ସୌନ୍ଦର୍ଯ୍ୟ ମଧରେ ବାସକରି ବିଶ୍ୱସ୍ରଷ୍ଟା ଭଗବାନଙ୍କ ଧାନରେ ଏକାଗ୍ର ଚିତ୍ତରେ ନିରତ ହେଉଥିଲେ । ସେମାନଙ୍କ ଶରୀରକୁ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର, ଶୀତର ହୃତ୍‌କମ୍ପକାରୀ ଜାଡ୍ୟ, ବର୍ଷାର ବିତାଡ଼ିତ ବଜ୍ର ଗର୍ଜ୍ଜନ ଝଙ୍କାରିତ ଧାରାପାତରୁ ରକ୍ଷା କରିବା ପାଇଁ ପ୍ରଥମେ ପ୍ରିୟଦର୍ଶୀ ଅଶୋକ ଗୁମ୍ଫା ଖୋଳିବା ପ୍ରଥା ଆରମ୍ଭ କରିଥିଲେ । ତାଙ୍କ ଦ୍ୱାରା ଜୈନ ଆଜୀବକମାନଙ୍କ ପାଇଁ ମଗଧର ଗୋରଥଗିରି (ବାରବାର ପର୍ବତ) ଓ ନାଗାର୍ଜୁନ ପର୍ବତରେ ଖୋଦିତ ଗୁମ୍ଫା ସକଳ ଭାରତର ସର୍ବପ୍ରାଚୀନ ଗୁମ୍ଫା । ଯେ କୌଣସି ପ୍ରକାରେ ଶରୀରକୁ ରକ୍ଷା କରିବା ଗୁମ୍ଫା ଖୋଦନର ଉଦ୍ଦେଶ୍ୟ ଥିଲା । ତେଣୁ ମାନବ ଦ୍ୱାରା ଖୋଦିତ ଗୁମ୍ଫା ଗୁଡ଼ିକ ନାତି ଉଚ୍ଚ, କ୍ରମନିମ୍ନ, ଅପ୍ରଶସ୍ତ ଓ କ୍ଷୁଦ୍ର କ୍ଷୁଦ୍ର ଦ୍ୱାରଶୋଭିତ । ପ୍ରତ୍ୟେକଟିରୁ ଜଳ ନିର୍ଗମନ ପାଇଁ ପଥ ଥାଏ । ଶ୍ରୀ ଖାରବେଳଙ୍କ ଲେଖରେ ବାରମ୍ବାର ବ୍ୟବହୃତ "ଲେଣ' ଶବ୍ଦ ସମ୍ବନ୍ଧରେ ଆଲୋଚନା କଲେ ଶିଳ୍ପର ଇତିହାସ ସମ୍ୟକ୍ ବୋଧଗମ୍ୟ ହେବ । ପାଲିରେ ଲିଖିତ 'ବିନୟ ମହାଭଗ୍‌ଗ' ଓ 'ବିନୟ ତୁଲଭଗ୍‌ଗ' ଗ୍ରନ୍ଥ ଦ୍ୱୟରେ 'ଲେଣ' ଶବ୍ଦର ବିସ୍ତୃତ ଆଲୋଚନା ହୋଇଅଛି । ଏଥିରୁ ଜଣାଯାଏ ଯେ, ଏହା ପାଚପ୍ରକାର ସାଧକ ନିବାସ, ଯଥା (୧) ବିହାର, (୨) ଅଧ୍ୟୋଗ (୩) ପ୍ରାସାଦ (୪) ହର୍ମ୍ୟ ଓ (୫) ଗୁହା । ଏଗୁଡ଼ିକ ଏହାର ବିସ୍ତୃତ ଅର୍ଥ । ସଂକୀର୍ଣ୍ଣ ଅର୍ଥରେ ଏହା ପ୍ରତି ପ୍ରଯୁଜ୍ୟ । ପ୍ରାକୃତିକ ଗିରିଗହ୍ୱର ଖୋଦନ ଶିଳ୍ପଦ୍ୱାରା ବିସ୍ତୃତ ସୁନ୍ଦର ଓ ଚିକ୍‌କଣ ହୋଇ ମନୁଷ୍ୟ ବାସୋପଯୋଗୀ ହେଲେ ତାକୁ ଲେଣ କୁହାଯାଏ । ବୁଧ୍‌ଘୋଷଙ୍କ ମତରେ କ୍ରମନିମ୍ନ ଭୂମିରେ ଖୋଦିତ କୌଣସି ଗୁହା ବା ପ୍ରାଚୀରାବୃତ୍ କୌଣସି ନୈସର୍ଗିକ ଗହ୍ୱରକୁ ଲେଣ କୁହାଯାଏ ଏବଂ ଏଥିରେ କେବଳ ବସିବା ଓ ଶୋଇବା ପାଇଁ ସୁବିଧା ହୁଏ ।

ଶ୍ରୀ ଖାରବେଳଙ୍କ ପୂର୍ବରୁ ଉତ୍କଳରେ ଲେଣ ବା ଗୁମ୍ଫା ଖୋଦନ ପ୍ରଣାଳୀ ପ୍ରଚଳିତ ଥିଲେ ମଧ ସେ ଏହାର ସମ୍ୟମ୍ ବିକାଶ ପାଇଁ ଯତ୍ନ କରିଥିଲେ । ତେଣୁ ମଗଧରେ ଅଶୋକଙ୍କ ଦ୍ୱାରା ନିର୍ମିତ୍ ଗୁମ୍ଫାମାନଙ୍କ ଠାରୁ ଖଣ୍ଡଗିରି ଓ ଉଦୟଗରିର ଗୁମ୍ଫାସକଳ ଅଧିକ ଲମ୍ବ, ପ୍ରସ୍ଥ, ଉଚ୍ଚ, ମସୃଣ ଓ ସୁନ୍ଦର । ମଗଧର ଗୁମ୍ଫାମାନଙ୍କରେ ଆଦୌ ବାରଣ୍ଡା ନାହିଁ । କିନ୍ତୁ ଉପରୋକ୍ତ ଜୈନ ଗୁମ୍ଫାମାନଙ୍କରେ ବହୁ ସ୍ତମ୍ଭଶୋଭିତ ବିସ୍ତୃତ ବାରଣ୍ଡାମାନ ରହିଛି । ଏହା ଉତ୍କଳୀୟ ଶିଳ୍ପର ଗୋଟିଏ ବିଶେଷତ୍ୱ । ଅଶୋକଙ୍କ ଅନୁକରଣରେ ସେ ସର୍ବପ୍ରଥମେ ଉତ୍କଳୀୟ ଶିଳ୍ପରେ ଆର୍ଯ୍ୟ ପାରସିକ ସ୍ତମ୍ଭ ପ୍ରଚଳନ କରିଥିଲେ । ଖଣ୍ଡଗିରିର ଅନନ୍ତ ଗୁମ୍ଫା ଓ ଉଦୟଗିରିର ରାଣୀହଂସପୁରରେ ଏପ୍ରକାର ସ୍ତମ୍ଭର ବ୍ୟବହାର ଦେଖାଯାଏ । ଏହାଦ୍ୱାରା ଉତ୍କଳୀୟ ଶିଳ୍ପରେ ସ୍ତମ୍ଭନିର୍ମାଣ ପ୍ରଣାଳୀର ଗୋଟିଏ ନୂତନ ଧାରା ପ୍ରଚଳିତ ହେଲା । ଆଉମଧ ସେ ସମୟରେ ଉତ୍କଳନୀୟ ଶିଳ୍ପୀମାନେ ବୌଧ୍‌ଶିଳ୍ପର ଅନୁକରଣରେ ଗୁମ୍ଫାଗୁଡ଼ିକରେ ରେଲିଙ୍ଗ ଓ କ୍ଷୁଦ୍ର ଚୈତ୍ୟର ମୂର୍ତ୍ତି ଖୋଦନ କରିଥିଲେ । ସେମାନେ ଏକ ପ୍ରସ୍ତର ସ୍ତମ୍ଭର ଗଠନ କୌଶଳ ଓ ଚୈତ ଏବଂ ସ୍ତୂପ ନିର୍ମାଣ ପ୍ରଣାଳୀ ପ୍ରାଚୀନ ବୌଧ୍ ଶିଳ୍ପରୁ ଗ୍ରହଣ କରିଥିଲେ । ଉତ୍କଳୀୟ ଶିଳ୍ପ ବୌଧ୍ ଶିଳ୍ପ ଦ୍ୱାରା ପ୍ରଭାବିତ ହେଲେ ମଧ ଜୈନ ଗୁମ୍ଫାମାନଙ୍କରେ ଖୋଦିତ ହସ୍ତୀ, ସ୍ତ୍ରୀ ଓ ଅନ୍ୟାନ୍ୟ ସାମାଜିକ ଚିତ୍ରମାନଙ୍କରେ ଉତ୍କଳୀୟ ଶିଳ୍ପୀ କେତେକ ନୂତନତ୍ୱ ଓ ବିଶେଷତ୍ୱ ପ୍ରକାଶ କରିଛନ୍ତି । ଜୈନଧର୍ମ ଉତ୍କଳରୁ ଲୁପ୍ତ ହୋଇଛି ସତ୍ୟ, କିନ୍ତୁ ଏହି ଧର୍ମ ଯୋଗୁହିଁ ଉତ୍କଳୀୟ ଶିଳ୍ପକଳା କୁସୁମର ପ୍ରଥମ ବିକାଶ ଘଟିଥିଲା ।

ଜୈନଧର୍ମ ଓ ଉତ୍କଳର ଭାଷା - ପୂର୍ବକାଳରେ ଶିଳ୍ପ କରି ଭାଷାର ମଧ ଧର୍ମ ସହିତ ଘନିଷ୍ଠ ସମ୍ପର୍କ ବିଦ୍ୟମାନ ଥିଲା । ଯେଉଁ ବିରାଟ ସଂସ୍କୃତ ସାହିତ୍ୟ ନିକଟରେ ସଭ୍ୟତାଭିମାନୀ ପାଶ୍ଚାତ୍ୟ ଜାତିମାନେ ବିସ୍ମୟରେ ନତମସ୍ତକ ହୁଅନ୍ତି, ତାହାର ଏବଂ ବିଧ ଉନ୍ନତି ସନାତନ ଆର୍ଯ୍ୟଧର୍ମର ବିକାଶ ଓ ଅଭିବୃଧି ଯୋଗୁଁ ସମ୍ଭବପର ହୋଇଥିଲା । ମଧ୍ୟଯୁଗରେ ବୈଷ୍ଣବଧର୍ମର ପ୍ରଚାର ଫଳରେ ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ସାହିତ୍ୟକଙ୍କୁ ସୁବିଦିତ । ଜୈନଧର୍ମର ପ୍ରଚା ପୂର୍ବରୁ ଉତ୍କଳରେ ଆର୍ଯ୍ୟ ସଂସ୍କୃତ ଭାଷା ଓ ଦ୍ରାବିଡ଼ ଭାଷାର ସଂମିଶ୍ରଣରେ ଉତ୍ପନ୍ନ ଏକ ଭାଷା ପ୍ରଚଳିତ ଥିବାର ଭାଷାତତ୍ତ୍ୱବିତ୍ ପଣ୍ଡିତମାନେ ମତ ପ୍ରକାଶ କରନ୍ତି, କିନ୍ତୁ ବହୁକାଳ ପର୍ଯ୍ୟନ୍ତ ଜୈନଧର୍ମର ପ୍ରଚାର ଫଳରେ ଉତ୍କଳୀୟ ଭାଷାରେ ପାଲିଭାଷାର ପ୍ରଭାବ କ୍ରମଶଃ ବୃଧିଲାଭ କଲା । ଆଧୁନିକ ଯୁଗର ଖ୍ରୀଷ୍ଟିୟାନ ପ୍ରଚାରକମାନେ ଯେପରି ପାର୍ବତ୍ୟ ଜାତିମାନଙ୍କ ମଧରେ ଧର୍ମ ପ୍ରଚାର ସଂଗେ ସଂଗେ ଓଡ଼ିଆ, ହିନ୍ଦୀ ପ୍ରଭୃତି ପ୍ରାଦେଶିକ ଭାଷା ପ୍ରଚଳନ କରୁଛନ୍ତି, ସେହି ସୁଦୃଢ଼ ଅତୀତ କାଳରେ ଉତ୍କଳୀୟମାନଙ୍କୁ ଜୈନ ଯତି, ଶ୍ରମଣ ଓ ପ୍ରଚାରକମାନେ ଉତ୍ର ଭାରତୀୟ ପାଲିଭାଷାରେ ଧର୍ମଶିକ୍ଷା ଦେଉଥିଲେ । ଲେଖକମାନଙ୍କରେ ଓ ଧର୍ମପ୍ରଚାରରେ ପାଲିଭାଷାର ବହୁଳ ବ୍ୟବହାର ଫଳରେ ସେ ଯୁଗର ଉତ୍କଳୀୟ ଭାଷଶରେ ଅସଂଖ୍ୟ ପାଲି ଶବ୍ଦ ପ୍ରବେଶ କରିଥିଲା । ଏହା ଫଳରେ ଆଧୁନିକ ଓଡ଼ିଆ ଭାଷାର ଜନନୀ ଉଡ୍ର ପ୍ରାକୃତର ସୃଷ୍ଟି ହୋଇଥିଲା ଏବଂ ଦ୍ରାବିଡ଼ ଭାଷଶା ଠାରୁ କ୍ରମଶ ପୃଥକ୍ ହୋଇ ଉତ୍ର ଭାରତୀୟ ଭାଷା ଶ୍ରେଣୀର ଅନ୍ତର୍ଭୁକ୍ତ ପ୍ରଚାରର ଇତିହାସ ଅତୀତର ଘନ ଅନ୍ଧାରରେ ଆଛନ୍ନ, କିନ୍ତୁ ଜୈନଧର୍ମର ଭାଷାହିଁ (ପାଲି) କାଳକ୍ରମେ ନାନା ବିବର୍ତ୍ତନ, ପରବର୍ତ୍ତନ ଓ ପରିବର୍ଦ୍ଧନ ମଧରେ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଅଛି ।

# ୫ମ ଅଧ୍ୟାୟ

## ଶ୍ରୀ ଖାରବେଳଙ୍କ ଜୀବନ, ସୈନ୍ୟବଳ, ଐଶ୍ୱର୍ଯ୍ୟ, ରାଜ୍ୟଶାସନ ପ୍ରଣାଳୀ, ବ୍ୟକ୍ତିତ୍ୱ ଓ ଭାରତର ଇତିହାସରେ ତାଙ୍କର ସ୍ଥାନ

**ଗୃହସ୍ଥାଶ୍ରମ** - କଳିଙ୍ଗ ସମ୍ରାଟ୍ ଶ୍ରୀ ଖାରବେଳଙ୍କ ଗାର୍ହ୍ୟସ୍ଥ ଜୀବନ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରେ ବିଶେଷ ବର୍ଣ୍ଣନା ନାହିଁ । ସାଧାରଣ ଭାରତୀୟ ନୃପତିମାନଙ୍କ ପରି ସେ ବହୁ ଦାର ପରିଗ୍ରହ କରିଥବଲେ ଓ ନାନାଦେଶର ରାଜକନ୍ୟା ତାଙ୍କ ଅନ୍ତଃପୁରର ଶୋଭାର୍ଧବନ କରୁଥିଲେ । ଉଦୟଗିରିର ସ୍ୱର୍ଗପୁରୀ ଗୁମ୍ଫାରେ ଖୋଦିତ ଲେଖରୁ ଜଣାଯାଏ ଯେ, ଉକ୍ତ ଗୁମ୍ଫା ତାଙ୍କର ଅଗ୍ରମହିଷୀ ବା ପାଟରାଣୀଙ୍କ ଦ୍ୱାରା ଖୋଦିତ ହୋଇଥିଲା। ସେ ହସ୍ତୀସିଂହ ନାମକ ଲାଲରାଜ୍ୟର ଅଧିପତିଙ୍କ କନ୍ୟା ଥିଲେ। ଲାଲରାଜ୍ୟ ରାଢ (ପଶ୍ଚିମ ମଙ୍ଗ) ବା ଲାଟ (ଗୁଜୁରାଟ) ସହିତ ଚିହ୍ନିତ ହୋଇପାରେ । ପାଟରାଣୀଙ୍କ ନାମ ଧୂସିବୋଲି ସ୍ୱର୍ଗୀୟ ଜୟସ୍ୱାଲା ମତ ପ୍ରକାଶ କରିଥିଲେ । ଅଗ୍ରମହିଷୀ ଶବ୍ଦ ବ୍ୟବହାରରୁ ସ୍ପଷ୍ଟ ଜଣାଯାଏ, ତାଙ୍କର ଅନ୍ୟାନ୍ୟ କେତେକ ରାଣୀ ମଧ୍ୟ ଥିଲେ । ସେମାନଙ୍କର ନାମ ଓ ସେମାନେ କେଉଁ କେଉଁ ଦେଶର ରଜକନ୍ୟା ତାହା ଜଣାଯାଏ ନାହିଁ।

ଉଦୟଗିରିର ମଚପୁରୀ, ଯମପୁରୀ ଓ ଛୋଟ ହାତୀ ଗୁମ୍ଫାରେ ଥିବା ବ୍ରାହ୍ମୀଲେଖ ମାନଙ୍କରୁ ତାଙ୍କର ଦୁଇଟି ପୁତ୍ର କନ୍ଦର୍ପଶ୍ରୀ ଓ ବରୋକ୍ଷଶ୍ରୀଙ୍କ ନାମ ମିଳେ । କନ୍ଦର୍ପଶ୍ରୀ ସମ୍ରାଟ ଶ୍ରୀ ଖାରବେଳଙ୍କ ଦ୍ୱାରା ବ୍ୟବହୃତ ମହାରାଜା ମହାବେଘବାହନ, କଳିଙ୍ଗାଧିପତି ପ୍ରଭୃତି ବିରୁଦାବଳୀ ବ୍ୟବହାର କରିଥିବାରୁ ଏବଂ ପାଟରାଣୀଙ୍କ ଲେଖ ତାଙ୍କ ଲେଖ ନିକଟରେ ଅବସ୍ଥିତ ଥିବା ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ସେ ପାଟରାଣୀଙ୍କର ଜ୍ୟେଷ୍ଠ ପୁତ୍ର ଏବଂ ଶ୍ରୀ ଖାରବେଳଙ୍କ ପରେ କଳିଙ୍ଗ ସାମ୍ରାଜ୍ୟର ଉତ୍ତରାଧିକାରୀ ହୋଇଥିଲେ ।

ମାତାଙ୍କ କୀର୍ତ୍ତି ନିଟକରେ ପୁତ୍ରର କୀର୍ତ୍ତି ନିର୍ମାଣ ପ୍ରାଚୀନ ଭାରତର ଗୋଟିଏ ଚିରାଚରିତ ପ୍ରଥା । ତନୁଯାୟୀ କନ୍ଦର୍ଷଶ୍ରୀ ମାତାଙ୍କ ଗୁମ୍ଫା ନିଟରେ ପରମପୂଜ୍ୟା ଜନନୀଙ୍କ ପ୍ରତି ଭକ୍ତି ଓ ସ୍ନେହର ନିଦର୍ଶନ ସ୍ୱରୂପ ଗୋଟିଏ ଗୁମ୍ଫା ଖୋଳାଇଥିଲେ । କୁମାର ବଡୁଖ ବା ବରେକ୍ଷଶ୍ରୀଙ୍କ ଦ୍ୱାରା ଖୋଦିତ ଯମୁପରୀ ଗୁମ୍ଫା, ମଚପୁରୀ ଗୁମ୍ଫାର ଗୋଟିଏ ଅଂଶ ହୋଇଥିବାରୁ ଓ ଉଭୟ ରାଜକୁମାରଙ୍କ ଲେଖ ପରସ୍ପର ଠାରୁ ଅଦୂରରେ ଖୋଦିତ ହୋଇଥିବାରୁ କନ୍ଦର୍ପ ଓ ବରେକ୍ଷ ସହୋଦର ଭ୍ରାତା ଥିବାର ମନେହୁଏ । ଅନ୍ୟାନ୍ୟ ରାଣୀମାନଙ୍କ ଗର୍ଭଜାତ ସନ୍ତାନ ମାନଙ୍କର ନାମ ଓ ସେମାନଙ୍କ କୀର୍ତ୍ତିକଳାପ ସମ୍ବନ୍ଧରେ ଲେଖଗୁଡ଼ିକ ନୀରବ । ନିଜର ପୂର୍ବଜନ୍ମର ସୁକୃତ ଓ ଭାଗ୍ୟବଳରୁ ଶ୍ରୀ ଖାରବେଳଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ଥିଲା ଏବଂ ମୃତ୍ୟୁ ପୂର୍ବରୁ ସେ ଯୁବରାଜ କନ୍ଦର୍ପଶ୍ରୀ ଠାରେ ବିଶାଳ ସାମ୍ରାଜ୍ୟର ଶାସନଭାର ଅର୍ପଣ କରି ଶାନ୍ତିରେ ପ୍ରାଣ ବିସର୍ଜନ କରିଥିଲେ ।

ସୈନ୍ୟବଳ : ସମଗ୍ର ଭାରତ ବିଜୟ ଓ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଶ୍ରୀ ଖାରବେଳ ବିରାଟ ସେନାବାହିନୀରେ ଅଧିକାର ଥିଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ସମଗ୍ର ଦାକ୍ଷିଣାପଥର ଅଧିପତି ସାତକର୍ଣ୍ଣୀଙ୍କୁ ନର, ଗଜ,ରଥ, ତୁରଙ୍ଗ ସମନ୍ୱିତ ଚତୁରଙ୍ଗ ବଳ ସଙ୍ଗରେ ନେଇ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ, ତାଙ୍କ ରାଜତ୍ୱ ପୂର୍ବରୁ କଳିଙ୍ଗର ବିରାଟ ସେନାବାହିନୀର ଥିଲା ଓ ତାହା ସାହାଯ୍ୟରେ ସେ ରାଜତ୍ୱର ପ୍ରାରମ୍ଭରେ ଏପରି ଦୁଃସାଧ ଅଭିଯାନରେ ପ୍ରବୃତ୍ତ ହେବାକୁ ସାହସୀ ହୋଇଥିଲେ ।

ମେଗାସ୍ଥିନିସଙ୍କ ବିବରଣିରୁ ଜଣାଯାଏ ଯେ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ କଳିଙ୍ଗରେ ୬୦ ହଜାର

ପଦାତି, ୧୦୦୦ ଅଶ୍ୱ, ୭୦୦ ଯୁଧାଶ୍ୱ ଓ ବହୁ ସହସ୍ର ହସ୍ତୀ ଥିଲେ । ଏହି ସୈନ୍ୟ ସଂଖ୍ୟା ଅଶୋକଙ୍କ ସମୟରେ ବୃଧି ଲାଭ କରିଥିଲା, କାରଣ ଭାରତ ପ୍ରସିଧି କଳିଙ୍ଗ ଯୁଧିରେ କଳିଙ୍ଗର ଦେଢ଼ଲକ୍ଷ ସୈନ୍ୟ ବନ୍ଦୀ ଓ ଦେଶାନ୍ତରିତ ଏବଂ ପ୍ରାୟ ଏକଲକ୍ଷ ସୈନ୍ୟ ରଣଭୂମିରେ ପ୍ରାଣତ୍ୟାଗ କରିଥିଲେ ଏବଂ ବହୁସଂଖ୍ୟକ ସୈନ୍ୟ କ୍ଷତ ବିକ୍ଷତ ଓ ଆହତ ହୋଇଥିଲେ । ଅଶୋକଙ୍କ ସମୟରେ କଳିଙ୍ଗ ରାଜାଙ୍କର ପ୍ରାୟ ପାଚଲକ୍ଷ ସୈନ୍ୟଥିବାର ପ୍ରସିଧି ଐତିହାସିକ ରାଧାକୁମୁଦ ମୁଖର୍ଜୀ ସ୍ଥିର କରିଛନ୍ତି । ଅଶୋକଙ୍କ ସମୟରେ ସେମାନେ କେବଳ ରାଜ୍ୟରକ୍ଷା କାର୍ଯ୍ୟରେ ବ୍ୟାପୃତ ଥିଲେ । କିନ୍ତୁ ଶ୍ରୀ ଖାରବେଳଙ୍କ ରାଜତ୍ୱରେ କଳିଙ୍ଗ ସୈନ୍ୟମାନେ ରାଜ୍ୟରକ୍ଷା ଓ ସମଗ୍ର ଭାରତ ବିଜୟରେ ନିୟୋଜିତ ହୋଇଥିଲେ । ତାହାହେଲେ ଶ୍ରୀ ଖାରବେଳଙ୍କ ସୈନ୍ୟସଂଖ୍ୟା ଅଶୋକଙ୍କ ସମୟର ସୈନ୍ୟସଂଖ୍ୟା ଅଶୋକଙ୍କ ସମୟର ସୈନ୍ୟସଂଖ୍ୟା ଅର୍ଥାତ୍ ୫ ଲକ୍ଷ ଅପେକ୍ଷା ନିଶ୍ଚୟ ଅଧିକ ଥିଲା ।

ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ନବଗଠିତ ସାମ୍ରାଜ୍ୟରେ ନିଜର ଆଧିପତ୍ୟ ଅକ୍ଷୁର୍ଣ୍ଣ ରଖିବାପାଇଁ ପ୍ରାୟ ୬ ଲକ୍ଷ ସୈନ୍ୟ ରଖିଥିଲେ । ଭାରତ ବିଜୟୀ ଶ୍ରୀ ଖାରବେଳଙ୍କ ସାମ୍ରାଜ୍ୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟଠାରୁ ଆକାରରେ ବରଂ ବୃହତ୍ର ଥିଲା । କାରଣ ସମଗ୍ର ଦାକ୍ଷିଣାତ୍ୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିବାର କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ମିଳିନାହିଁ । କିନ୍ତୁ ଶ୍ରୀ ଖାରବେଳ ଆକୁମାରୀ ବିସ୍ତୃତ ସମଗ୍ର ଦକ୍ଷିଣାପଥରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ତେଣୁ ତାଙ୍କର ପ୍ରାୟ ଛଅ ଲକ୍ଷ ବା ତତୋଧିକ ସୈନ୍ୟ ଥିବା ସମ୍ପୂର୍ଣ୍ଣ ସମ୍ଭବପର । ତେଣୁ ହାତୀଗୁମ୍ଫା ଲେଖ ବ୍ୟବହୃତ 'ଅପ୍ରତିହତ-ଚକ୍ର (ସେନା) 'ବାହାନବଳ' ଶବ୍ଦ ତାଙ୍କ ଠାରେ ସର୍ବାଦୌ ପ୍ରଯୁଜ୍ୟ ।

କଳିଙ୍ଗ ସେନା ନିଜର ବୀରତ୍ୱ, ସାହସ, ଧୈର୍ଯ୍ୟ ଓ ରଣନୈପୁଣ୍ୟ ଯୋଗୁଁ ସମଗ୍ର ଭାରତରେ ଅଜେୟ ବୋଲି ଖ୍ୟାତିଲାଭ କରିଥିଲା । ବିଶ୍ୱବିଜୟୀ ନେପୋଲିୟନଙ୍କ ପରି ସମ୍ରାଟ ଶ୍ରୀ ଖାରବେଳ ସୈନ୍ୟମାନଙ୍କୁ ଜାତୀୟ ଭାବରେ ଉଦ୍‌ବୁଧି କରୁଥିଲେ ଏବଂ ବିଜୟର ଗୌରବମୟ ଚିତ୍ର ଓ କଳିଙ୍ଗର ଉଜ୍ଜ୍ୱଳ ଭବିଷ୍ୟତର ଆଲେଖ୍ୟ ସେମାନଙ୍କ ମାନସ ପଟରେ ଅଙ୍କନ କରି ସେମାନଙ୍କୁ ମାତୃଭୂମିର ମଙ୍ଗଳପାଇଁ ନିଜର ଜୀବନ ଓ ଧନ ଅକାତରରେ ଉତ୍ସର୍ଗ କରିବାକୁ ପ୍ରଚୋଦିତ ଓ ଉତ୍ସାହିତ କରୁଥିଲେ । ଏହା ଫଳରେ କଳିଙ୍ଗ ସୈନ୍ୟଗଣ ସର୍ବଦା ଯୁଧିପାଇଁ ପ୍ରସ୍ତୁତ୍ ଥିଲେ ଏବଂ ରାଜାଦେଶ ମାତ୍ରେ ଶତ ଶତ ସୈନିକ ରଣାଙ୍ଗନକୁ ଅମ୍ଳାନବଦନରେ ଲମ୍ଫ ପ୍ରଦାନ କରୁଥିଲେ ।

ଐଶ୍ୱର୍ଯ୍ୟ - ପୃଥିବୀ ପ୍ରସିଧି ରାଜମହଲ ଓ ମୋତି ମସ୍‌ଜିଦର ନିର୍ମାତା ବିଳାସୀ ଶିରୋମଣି ମୋଗଲ ସମ୍ରାଟ୍ ସାହଜାନଙ୍କ ପରି ଶ୍ରୀ ଖାରବେଳଙ୍କ ରାଜକୋଷ ଅପରିମିତ ଧନରତ୍ନରେ ପୂର୍ଣ୍ଣ ଥିଲା । ତାଙ୍କ ପୂର୍ବରୁ କଳିଙ୍ଗ ରାଜକୋଷରେ ବିପୁଳ ଧନରତ୍ନ ସଚିତ ହୋଇଥିଲା । ବ୍ରହ୍ମ, ଶ୍ୟାମ ପ୍ରଭୃତି ସାଗର ପରବର୍ତ୍ତୀ ଦୂରଦେଶ ଏବଂ ଯବ, ସୁମାତ୍ରା ଓ ସିଂହଳ ପ୍ରଭୃତି ଦ୍ୱୀପମାନଙ୍କରେ ବାଣିଜ୍ୟ ବ୍ୟବସାୟ ଫଳରେ ସେ ଯୁଗରେ କଳିଙ୍ଗକୁ ଧନର ସ୍ରୋତ ପ୍ରବାହିତ ହେଉଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଧନୀ ବ୍ୟବସାୟୀମାନେ ଦୁର୍ଲ୍ଲଭ ମଣିମୁକ୍ତା ପ୍ରବଳାଦି ରତ୍ନମାନ ଅଚଳା ଭକ୍ତିର ନିଦର୍ଶନ ସ୍ୱରୂପ ରାଜାଙ୍କୁ ପବିତ୍ର ଦିବସମାନଙ୍କରେ ଉପହାର ଦେଇ ରାଜକୋଷ ବୃଧି କରୁଥିଲେ । ବିଶାଳ ସାମ୍ରାଜ୍ୟରୁ କର, ଶୁଳ୍କ ଓ ପଣ ପ୍ରଭୃତି ଦ୍ୱାରା ବିପୁଳ ଅର୍ଥ ସଂଗୃହୀତ ହେଉଥିଲା । ବାରମ୍ବାର ଯୁଧିଯାତ୍ରା କରି ସେ ପରାଭୂତ ଓ ପଦାନତ ନୃପତିମାନଙ୍କଠାରୁ ନାନାବିଧ ଧନରତ୍ନ, ମୂଲ୍ୟବାନ ପରିଚ୍ଛଦ ଏବଂ ମୁକ୍ତିପଣ ସ୍ୱରୂପ ବିପୁଳ ଅର୍ଥ ଗ୍ରହଣ କରି ନିଜ ରାଜକୋଷରେ ଶ୍ରୀବୃଧି ସାଧନ କରୁଥିଲେ । ସାମନ୍ତ ପାଣ୍ଡ୍ୟରାଜା, ବାସୁକୀ (ନାଗବଂଶୀୟ ରାଜା) ଓ ବିଦ୍ୟାଧରମାନେ ସମୟ ସମୟରେ ତାଙ୍କୁ ବହୁ

ଧନରତ୍ନ ଉପହାର ଦେଇଥିଲେ । ଏହିପରି ବହୁ ଉପତ୍ର ଦ୍ୱାରା ଧନରତ୍ନ ସଂଗ୍ରହ କରି ସେ କଳିଙ୍ଗ ରାଜଭଣ୍ଡାର ପୂର୍ଣ୍ଣ କରୁଥିଲେ ।

ଗୁରୁକଳା ଶୋଭିତ ଦୁର୍ମୂଲ୍ୟ ଆଭରଣ ଓ ପରିଚ୍ଛଦମାନ ଭଣ୍ଡାରରେ ସହସ୍ର ସହସ୍ର ସଂଖ୍ୟାରେ ସଂରକ୍ଷିତ ଥିଲା । ରାଜଧାନୀ ଓ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ବିଶାଳ ଶସ୍ୟାଗାରମାନ ପ୍ରତିଷ୍ଠିତ ହୋଇଥିଲା ତାଙ୍କ ଭଣ୍ଡାରରେ ହୀରା, ନୀଳା, ମଣି, ମୁକ୍ତା, ବୈଦୁର୍ଯ୍ୟ, ପ୍ରବାଳ ପ୍ରଭୃତି ମୂଲ୍ୟବାନ ରତ୍ନମାନ ଓ କୋଟି କୋଟି ମୁଦ୍ରା ସଚିତ ହୋଇଥିଲା । ତାଙ୍କ ଦ୍ୱାରା ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟରେ ବୈଦୁର୍ଯ୍ୟମଣ୍ଡିତ ବିଶାଳ 'ମହାବିଜୟ' ଏବଂ ରାଜତ୍ୱର ଶେଷରେ ବର୍ଷରେ ପ୍ରାୟ ଷାଠିଏ ଲକ୍ଷ ମୁଦ୍ରା ବ୍ୟୟରେ ଉଦୟଗିରି ନିକଟରେ ବୈଦୁର୍ଯ୍ୟଖଚିତ ଚୈତ୍ୟଗୃହ ପ୍ରଭତିର ନିର୍ମାଣ ତାଙ୍କର ବିପୁଳ ବିଭବର ପରିଚୟ ହୁଏ । ବିବିଧ କାରୁକାର୍ଯ୍ୟ ଖଚିତ, ନାନାଭରଣ ଭୂଷିତ, ନାନାରତ୍ନ ବିମଣ୍ଡିତ ଉକ୍ତ ପ୍ରାସାଦଯୁଗଳ କାଳସ୍ରୋତରେ ଭୀଷଣ ପ୍ରବାହରେ ଧ୍ୱଂସ ପାଇଛି ସତ୍ୟ, କିନ୍ତୁ ଏ ଦୁଇଟି ହର୍ମ୍ୟ ସେ ଯୁଗର ପ୍ରାସାଦ ଗୋଷ୍ଠୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବ, ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ଖାରବେଳ ମୌର୍ଯ୍ୟ ସମ୍ରାଟ୍ ଚନ୍ଦ୍ରଗୁପ୍ତଙ୍କ ତୁଲ୍ୟ ପ୍ରାୟ ୬ ଲକ୍ଷ ସୈନ୍ୟ, ଅସଂଖ୍ୟ କର୍ମଚାରୀ ଓ ଭୃତ୍ୟଙ୍କୁ ଗ୍ରାସାଚ୍ଛାଦନ ପ୍ରଦାନ କରି ଚିରସ୍ଥାୟୀ ଭାବରେ ପ୍ରତିପୋଷଣ ଏବଂ ଯୁଧୋପ୍ରଯୋଗୀ ତଥା ଭାରବାହୀ ହସ୍ତୀ, ଅଶ୍ୱ, ମହିଷ, ବଳିବର୍ଧ, ଗଂଧର୍ଭ, ଉଷ୍ଟ୍ର ପ୍ରଭୃତି ପଶୁ ସହସ୍ର ସଂଖ୍ୟାରେ ପ୍ରତିପାଳନ କରିବାକୁ ସମର୍ଥ ହୋଇଥିଲେ । ରାଜକୋଷରେ ଆକଳନ ଧନ ଥିବାରୁ ସେ ରାଜ୍ୟାଭିଷେକ ପରେ ବହୁଲକ୍ଷ ମୁଦ୍ରା ବ୍ୟୟକରି କଳିଙ୍ଗ ନଗରସ୍ଥ ପ୍ରାଚୀନ କୀର୍ତ୍ତିମାନଙ୍କର ଜୀର୍ଣ୍ଣ ସଂସ୍କାର କରିଥିଲେ । ସେ ରାଜତ୍ୱର ୫ମ ବର୍ଷରେ ସ୍ୱୀୟ ରାଜଧାନୀକୁ ପ୍ରଣାଳୀ ଖୋଦନ କାର୍ଯ୍ୟରେ ଏକଲକ୍ଷ, ସପ୍ତମ ବର୍ଷରେ ଉତ୍ସବ ସମାଜ ଇତ୍ୟାଦି କାର୍ଯ୍ୟରେ ବହୁ ଲକ୍ଷ, ପିତୃ ପୁରୁଷମାନଙ୍କର ଶ୍ରାଧ୍ ଓ ଯଶଃ ସଂସ୍କାର କାର୍ଯ୍ୟରେ ଏକଲକ୍ଷ, ରାଜତ୍ୱର ଶେଷ ବର୍ଷରେ ଉଦୟଗିରିରେ ୧୧୭ଟି ଗୁମ୍ଫା ଖୋଦନ କାର୍ଯ୍ୟରେ ବହୁଲକ୍ଷ ଏବଂ ରାଜତ୍ୱର ଦ୍ୱିତୀୟ, ଚତୁର୍ଥ, ଅଷ୍ଟମ ଓ ଦ୍ୱାଦଶ ବର୍ଷରେ ଯୁଧାଭିଯାନରେ ଲକ୍ଷ ଲକ୍ଷ ମୁଦ୍ରା ଅକୁଣ୍ଠିତ ଚିତ୍ରେ ବ୍ୟୟ କରିବାକୁ ସମର୍ଥ ହୋଇଥିଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଅପ୍ରକାଶିତ ଶତ ଶତ ପ୍ରଜାହିତକର କାର୍ଯ୍ୟରେ ସେ ଯେଅକାତରରେ ଲକ୍ଷଲକ୍ଷ ମୁଦ୍ରା ବ୍ୟୟ କରିଥିବେ, ଏଥିରେ ସନ୍ଦେହ ନାହିଁ । ଏ ସକଳ କାର୍ଯ୍ୟକଳାପ ତାଙ୍କର ବିପୁଳ ଐଶ୍ୱର୍ଯ୍ୟ, ଅସାଧାରଣ ଦାନଶୀଳତା ଓ ପ୍ରଜାବାତ୍ସଲ୍ୟର ସ୍ପଷ୍ଟ । ନିଜର ମହନୀୟ ଅକ୍ଷୟ କୀର୍ତ୍ତିକଳାପ ଓ ଅସାଧାରଣ ଦେଶ ପ୍ରାଣତା ପ୍ରମାଣ ଯୋଗୁଁ ସେ ଭାରତ ତଥା ପୃଥିବୀର ପ୍ରସିଧ୍ ସମ୍ରାଟମାନଙ୍କ ସହିତ ସମକକ୍ଷ ଓ ସମାସୀନ ବୋଲି ବିବେଚିତ ହୁଅନ୍ତି ।

ରାଜ୍ୟଶାସନ ପ୍ରଣାଳୀ - ଶ୍ରୀ ଖାରବେଳ ରାଜ୍ୟଶାସନ ସମ୍ବନ୍ଧରେ କଳିଙ୍ଗର ପୂର୍ବ ରାଜାମାନଙ୍କର ପଦାଙ୍କ ଅନୁସରଣ କରିଥିଲେ ଓ ପୂର୍ବ ପ୍ରଚଳିତ ଶାସନ ପ୍ରଣାଳୀକୁ ଅକ୍ଷୁର୍ଣ୍ଣ ରଖିଥିଲେ । ତାଙ୍କ ଶାସନ ପ୍ରଣାଳୀ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରୁ କୌଣସି ସ୍ପଷ୍ଟ ସୂଚନା ନିମିଳିଲେ ମଧ ଏହା ଯେ ମୁଖ୍ୟତଃ ରାଜତନ୍ତ୍ର ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଭାରତର ପ୍ରାଚୀନ ରାଜାଦର୍ଶ ଅନୁସରଣ ଦ୍ୱାରା ପ୍ରଜାବର୍ଗଙ୍କ ହିତସାଧନ ତାଙ୍କ ଶାସନର ମୂଳ ମନ୍ତ୍ର ଥିଲା । ସେଥିପାଇଁ ସେ ପ୍ରଜାମାନଙ୍କୁ କରପୀଡ଼ା ନଦେଇ କୃଷି, ଶିଳ୍ପ, ବାଣିଜ୍ୟର ଉନ୍ନତି ସାଧନ, ସ୍ୱଦେଶକୁ ବୈଦେଶିକ ଆକ୍ରମଣ, ଅନ୍ତର୍ବିବାଦ ଓ ଅରାଜକତାରୁ ରକ୍ଷା ଶାନ୍ତି, ଶୃଙ୍ଖଳା ଓ ନ୍ୟାୟର ପ୍ରତିଷ୍ଠା ଏବଂ ନାନାବିଧ ହିତକର କୀର୍ତ୍ତିକଳାପ ସ୍ଥାପନ କରିଥିଲେ ।

ଧର୍ମନୀତି - ଧର୍ମ ସମ୍ବନ୍ଧରେ ସେ ଉଦାର ନୀତି ଅବଲମ୍ବନ କରିଥିଲେ । ସେ ଓ ତାଙ୍କର ପୂର୍ବପୁରୁଷ ଏବଂ

ପରିବାରର ଅନ୍ୟାନ୍ୟମାନେ ସମସ୍ତେ ଜୈନଧର୍ମାବଲମ୍ବୀ ଥିଲେ । କିନ୍ତୁ ସମ୍ରାଟ୍ ଅଶୋକ ବୌଧଧର୍ମର ଉନ୍ନତି ପାଇଁ ଯେପରି ମନଃପ୍ରାଣ ଢ଼ାଳିଦେଇଥିଲେ, ସେ ନିଜର କୁଳାଚରିତ ଜୈନଧର୍ମର ପ୍ରସାର ପାଇଁ ସେପରି କରିନଥିଲେ । ଅଶୋକଙ୍କ ପିତୃପିତାମହ ଓ ସେ ନିଜେ ପ୍ରଥମ ଜୀବନରେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ଥିଲେ, କିନ୍ତୁ ବୌଧ୍ ଧର୍ମ ଗ୍ରହଣକରି ସେ ନବଦୀକ୍ଷିତ ସୁଲଭ ଅପୂର୍ବ ଉତ୍ସାହ, ପ୍ରଗାଢ଼ ଧର୍ମନିଷ୍ଠା ଓ ଅସାଧାରଣ, ଧର୍ମପ୍ରଣତା ପ୍ରକାଶ କରିଥିଲେ ।

ରଜ୍ୟାଲିପ୍ସୁ ସାମ୍ରାଜ୍ୟ ପ୍ରତିଷ୍ଠାବ୍ରତ ସ୍ୱଦେଶପ୍ରାଣ ସମ୍ରାଟ ଶ୍ରୀ ଖାରବେଳଙ୍କ ଜୀବନରେ ପ୍ରଗାଢ଼ ଧର୍ମନିଷ୍ଠା ବା ସ୍ୱଧର୍ମ ପ୍ରଚାର ପାଇଁ ଅଦମ୍ୟ ଉତ୍ସାହ ଦେଖାଯାଏ ନାହିଁ । ସେ ଜୈନ ଥିଲେ ମଧ ସେଯୁଗର ଅନ୍ୟାନ୍ୟ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ରାଜାମାନଙ୍କ ପରି ବାଲ୍ୟ ଓ ଯୌବନର ଶିକ୍ଷା ସମାପ୍ତ କରିଥିଲେ । ତାଙ୍କର ରାଜ୍ୟାଭିଷେକ ବୈଦିକ ବିଧିବିଧାନାନୁଯାୟୀ ସମ୍ପନ୍ନ ହୋଇଥିଲା । ସେ ପ୍ରାଚୀନ ସ୍ମୃତିସମ୍ମତ ପ୍ରଣାଳୀରେ ରାଜ୍ୟଶାସନ କରୁଥିଲେ । ଜୈନ ହୋଇ ମଧ ସେ ପ୍ରଜାରଂଜନ ପାଇଁ ଜୈନ ଧର୍ମଶାସ୍ତ୍ର ନିଷିଧ୍ ସମାଜ, ଉତ୍ସବ, ନୃତ୍ୟଗୀତ, ଦର୍ପ ଇତ୍ୟାଦିରେ ଅମ୍ଳାନ ବଚନରେ ଯୋଗଦାନ କରୁଥିଲେ । ସେ ଧର୍ମବିଜୟ ବା ଧର୍ମଘୋଷ ପରିବର୍ତ୍ତନରେ ଭେରୀଘୋଷର ପକ୍ଷପାତୀ ଥିଲେ । ଜୈନଧର୍ମର ପ୍ରଧାନ ନୀତି ଅହିଂସା ଦ୍ୱାରା ପ୍ରଣୋଦିତ ହୋଇ ସେ ଯୁଧ୍ ଓ ନରହତ୍ୟାରୁ ନିବୃତ୍ ହୋଇନଥିଲେ । ପରନ୍ତୁ ନଜର ସମଗ୍ର ଜୀବନ ଯୁଧ୍ ଓରାଜ୍ୟ ଜୟରେ କଟାଇଥିଲେ ।

ସେ ଜୈନଧର୍ମର ଉନ୍ନତି ଓ ପ୍ରସାର ପାଇଁ ନାନାବିଧ କୀର୍ତ୍ତି ପ୍ରତିଷ୍ଠା କରିଥିଲେ ସତ୍ୟ, କିନ୍ତୁ ଅନ୍ୟାନ୍ୟ ଧର୍ମ ପ୍ରତି ତାଙ୍କର ଯଥେଷ୍ଟ ଶ୍ରଧା ଓ ଭକ୍ତି ମଧ ଥିଲା । ନିଜ ଲେଖରେ ସେ 'ସର୍ବପାଷାଣ୍ଡ-ପୂଜକ' ଓ 'ସର୍ବ-ଦେବାୟତନ ସଂସ୍କାରକାରକ' ପ୍ରଭୃତି ଉପାଧିରେ ମଣ୍ଡିତ ହେବାକୁ ଗର୍ବ ଅନୁଭବ କରୁଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ସକଳ ଧର୍ମାବଲମ୍ବୀ ସମାନ ଭାବରେ ତାଙ୍କର ସ୍ନେହ, ଶ୍ରଧା ଓ ଅନୁଗ୍ରହ ଲାଭ କରୁଥିଲେ । ପ୍ରାଚୀନ ଭଗ୍ନ ହିନ୍ଦୁ ମନ୍ଦିରମାନଙ୍କର ସଂସ୍କାର କାର୍ଯ୍ୟକୁ ସେ ପବିତ୍ର ବୋଲି ମନେ କରୁଥିଲେ । ମଥୁରା ବିଜୟ ସମୟରେ ସେ ବ୍ରାହ୍ମଣମାନଙ୍କୁ ଭୂରିଭୋଜନ ଓ ବିପୁଳ ଅର୍ଥଦାନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ସାର୍ବଜନୀନ ମୈତ୍ରୀଭାବ ଓ ଧର୍ମ ସମ୍ବନ୍ଧରେ ସାମ୍ୟ ଓ ଉଦାର ନୀତି ଅବଲମ୍ବନରେ ସେ ମୌର୍ଯ୍ୟ ସମ୍ରାଟ୍ ଅଶୋକଙ୍କର ସମକକ୍ଷ ଥିଲେ । ,ହି ଉଦାର ନୀତି ଓ ମହାନୁଭବତା ଯୋଗୁଁ ସେ କଳିଙ୍ଗବାସୀ ସକଳ ସଂପ୍ରଦାୟର ଶ୍ରଧା ଓ ପ୍ରୀତି ଆକର୍ଷଣ କରିଥିଲେ ।

ବ୍ୟକ୍ତିତ୍ୱ – ଶ୍ରୀ ଖାରବେଳ ଜଣେ ଜାତୀୟ ଭାବାପନ୍ନ ଆଦର୍ଶ ସମ୍ରାଟ ଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଦେଶପ୍ରାଣତା ଓ ସ୍ୱଦେଶ ବାତ୍ସଲ୍ୟ ପ୍ରକାଶିତ ହୋଇଥିଲା । ନିଜର ବଂଶ, ରାଜ୍ୟ ପ୍ରଜାବର୍ଗଙ୍କର ଗୌରବ ଓ ଖ୍ୟାତି ବୃଧି ତାଙ୍କ ଜୀବନର ପ୍ରଧାନ ବ୍ରତ ଥିଲା । ସେଥିପାଇଁ ସେ ହାତୀଗୁମ୍ଫା ଲେଖରେ ବାରମ୍ବାର ନିଜର ବଂଶ,ରାଜ୍ୟ ରାଜଧାନୀ ଓ ପ୍ରଜାବର୍ଗଙ୍କ ବିଷୟ ଉଲ୍ଲେଖ କରିଛନ୍ତି । ଏ ବିଷୟରେ ସେ ସୁନାମଧନ୍ୟ ସମ୍ରାଟ୍ ଅଶୋକଙ୍କ ଠାରୁ ପୃଥକ୍ ଥିଲେ । ଅଶୋକ ନିଜର କାର୍ଯ୍ୟକଳାପ ନିମିତ୍ ସମଗ୍ର ଜଗତରେ ଖ୍ୟାତିଲାଭ କରିଥିଲେ ସତ୍ୟ, କିନ୍ତୁ ସେ ମୌର୍ଯ୍ୟ ବଂଶ ଓ ବିଶାଳ ମଗଧ ସାମ୍ରାଜ୍ୟ ଯୋଗୁଁ ଗର୍ବ ଓ ଆନନ୍ଦ ଅନୁଭବ କରୁନଥିଲେ । ତାଙ୍କର ଶତ ଶତ ଲେଖ ଆବିଷ୍କୃତ ହୋଇଥିଲେ ମଧ କୁତ୍ରାପି ମୌର୍ଯ୍ୟବଂଶର ନାମ ମିଳେନାହିଁ । ରାଜପରିବାର ସମ୍ବନ୍ଧରେ ସେଗୁଡ଼ିକ ନୀରବ ।

ଆନ୍ଧ୍ର ରାଜ୍ୟ ଅନ୍ତର୍ଗତ ମାଷୀରୁ ପ୍ରାପ୍ତ ଶିଳାଲେଖ ବ୍ୟତୀତ ତାଙ୍କର ତଥା ତାଙ୍କ ପରିବାରର ଶତ ଶତ

ଲେଖରେ ଅଶୋକଙ୍କ ନାମ ସୁଧା ମିଳେ ନାହିଁ । କେବଳ ବରହୁତ ସ୍ତୂପରେ ଥିବା ଗୋଟିଏ ଲେଖରେ ସେ ନିଜକୁ ମଗଧରାଜା ବୋଲି ଅଭିହିତ କରିଅଛନ୍ତି । 'ଦେବପ୍ରିୟ ପ୍ରିୟଦର୍ଶୀ' ଅଶୋକ ରାଜା ହୋଇ ମଧ ଜେଣ ଧର୍ମ ପ୍ରଚାରକ ଓ ଧର୍ମ ସଂସ୍କାରକ ମହାପୁରୁଷ ହେବା ପାଇଁ ଚେଷ୍ଟା କରିଥିଲେ । ମହାମାନବ ଗୌତମ ବୁଧଙ୍କର ପବିତ୍ର ଧର୍ମ ପ୍ରଚାର ତାଙ୍କ ଜୀବନର ପ୍ରଧାନ ଲକ୍ଷ ଥିଲା, ତେଣୁ ସେ ନିଜତ୍ୱକୁ ଲୋପ କରି ଏହି ପବିତ୍ର କାର୍ଯ୍ୟରେ ମନ, ପ୍ରାଣ ଓ ଧନ ଉତ୍ସର୍ଗ କରିଥିଲେ । ଅଶୋକ ମହାମାନବସୁଲଭ ବ୍ୟକ୍ତିର ବିରାଟ, ପବିତ୍ର ଓ ମହୀୟାନ ହେଲେ ମଧ ଶ୍ରୀ ଖାରବେଳ ନିଜର ମହାନୀୟ ଅକ୍ଷୟ କୀର୍ତ୍ତିକଳାପ ଓ ଅସାଧାରଣ ଦେଶ ପ୍ରାଣତା ଯୋଗୁଁ ଭାରତ ତଥା ପୃଥିବୀର ପ୍ରସିଧ ସମ୍ରାଟମାନଙ୍କ ସହିତ ସମକକ୍ଷ ଓ ସମାସୀନ ବୋଲି ବିବେଚିତ ହୁଅନ୍ତି ।

ଭାରତ ଇତିହାସରେ ଶ୍ରୀ ଖାରବେଳଙ୍କ ସ୍ଥାନ - ଶ୍ରୀ ଖାରବେଳ ନିଜର ନାନାବିଧ ସଦ୍‌ଗୁଣ, ଲୋକହିତକର କାର୍ଯ୍ୟକଳା ଓ ବିଶାଳ ସାମ୍ରାଜ୍ୟର ପ୍ରତିଷ୍ଠା ନିମିତ୍ ଭାରତ ଇତିହାସ ଗୋଟିଏ ଉଚ୍ଚମ ସ୍ଥାନ ଅଧିକାର କରିବା ପାଁ ସର୍ବଥା ଯୋଗ୍ୟ । ମହୋଦର ଧର୍ମସାମ୍ୟ, ସାର୍ବଜନୀନ ମୈତ୍ରୀଭାବ ଓ ମହାନୁଭବତା ବିଷୟରେ ପୁଣ୍ୟଶ୍ଳୋକ ବୌଧ୍ ସମ୍ରାଟ୍ ଅଶୋକ ଏବଂ ବିଶାଳ ସାମ୍ରାଜ୍ୟର ପ୍ରତିଷ୍ଠାତା ରୂପେ ମୌର୍ଯ୍ୟ ଚନ୍ଦ୍ରଗୁପ୍ତ ଓ ଗୁପ୍ତବଂଶାବତଂସ ଭାରତ ବିଜୟୀ ସମୁଦ୍ରଗୁପ୍ତଙ୍କ ଠାରୁ ଯେ କୌଣସି ପ୍ରକାର ନ୍ୟୂନ ନୁହନ୍ତି । ତାଙ୍କର ଦେଶପ୍ରାଣତା ପ୍ରାଚୀନ ଭାରତର ଅନ୍ୟାନ୍ୟ ପ୍ରସିଧ୍ ନରପତି ମାନଙ୍କଠାରେ କ୍ୱଚିତ୍ ଦେଖାଯାଏ ।

ଶ୍ରୀ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ମଧ ଗୋଟିଏ ଅଦ୍ୱିତୀୟ ଜୀବନ ବୃତ୍ତାନ୍ତ । ଅଶୋକ, ସମୁଦ୍ରଗୁପ୍ତ, ପ୍ରଭୃତି ପ୍ରସିଧ୍ ନୃପତିମାନଙ୍କ ପ୍ରଶସ୍ତିରେ ସ୍ୱ ସ୍ୱ ଜୀବନର ଘଟଣାବଳୀର ଧାରାବାହିକତା ଓ ପୌର୍ବାପୌର୍ଯ୍ୟ ପ୍ରତି ଆଦୌ ଦୃଷ୍ଟି ଦିଆଯାଇନାହିଁ, କିନ୍ତୁ ଶ୍ରୀ ଖାରବେଳ ନିଜ ଜୀବନର ପ୍ରସିଧ୍ ଘଟଣାବଳୀ ସମୟାନୁକ୍ରମରେ ତତା ଧାରାବାହିକ ଭାବରେ ଲିପିବଧ୍ କରି ସମଗ୍ର ଭାରତ ସମ୍ମୁଖରେ ଗୋଟିଏ ଉଚ୍ଚ ଆଦର୍ଶ ଉପସ୍ଥାପିତ କରିଛନ୍ତି । ଅନ୍ୟାନ୍ୟ ପ୍ରାଚୀନ ନରପତିମାନଙ୍କ ଦ୍ୱାରା ଉକ୍ତ ଆଦର୍ଶ ଅନୁସୃତ ହୋଇଥିଲେ ଆଜି ଭାରତର ଧାରାବାହିକ ଇତିହାସ ସଙ୍କଳନ ସହଜତ ଓ ସୁଗମ ହୋଇଥାନ୍ତା ଏବଂ ଉଜ୍ଜ୍ୱଳ ଆଲୋକପାତ ଦ୍ୱାରା ପ୍ରାଚୀନ ଭାରତ ଇତିହାସର ନାନାସ୍ଥାନରେ ପୁଞ୍ଜୀଭୂତ ଅନ୍ଧକାରରାଶି ଦୂରୀଭୂତ ହୋଇ ସମଗ୍ର ଜାତିର ବିରାଟ ମହୀୟାନ୍ ଇତିବୃତ୍ତି ଦେଦୀପ୍ୟମାନ ହେଉଥାନ୍ତା । କଳିଙ୍ଗର ପ୍ରାଚୀନ ଇତିହାସ ରୂପ ଅନ୍ଧାକାରଚ୍ଛନ୍ନ ଗେନପଟରେ ସମ୍ରାଟ୍ ଶ୍ରୀ ଖାରବେଳ ନବୋଦିତ ଦିନମଣି ତୁଲ୍ୟ ନିଜର ଜନକ କିରଣଜାଳ ବିସ୍ତାର କିର ସ୍ୱୀୟ ଜନ୍ମଭୂମି ତଥା ପୂର୍ଣ୍ଣଭୂମି ଭାରତବର୍ଷର ମୁଖ ଉଜ୍ଜ୍ୱ କରିଥିଲେ ।

# ଷଷ୍ଠ ଅଧ୍ୟାୟ

# ହାତୀଗୁମ୍ଫା ଶିଳାଲେଖ

ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରିରେ ଥିବା ଭାରତ ବିଖ୍ୟାତ ହାତୀଗୁମ୍ଫା ଶିଳାଲେଖ ବହୁଯୁଗ ପର୍ଯ୍ୟନ୍ତ ମୂଳ ଓ ପ୍ରାଣହୀନ ଅବସ୍ଥାରେ ରହିଥିଲା । ଦୁଇହଜାର ବର୍ଷ ପୂର୍ବର କଳିଙ୍ଗର ଗୌରବମୟ ଇତିହାସ ଉତ୍କଳୀୟମାନଙ୍କ ପ୍ରାଣରେ ସ୍ପନ୍ଦନ ଆଣୁନଥିଲା । କଳିଙ୍ଗାଧିପତି ଭାରତ ବିଜୟୀ ଶ୍ରୀ ଖାରବେଳଙ୍କ ବିରାଟ ପ୍ରଶସ୍ତି କୌଣସି ଐତିହାସିକଙ୍କର ଦୃଷ୍ଟି ଆକର୍ଷଣ କରୁନଥିଲା, କିନ୍ତୁ ଗତ ଶତାବ୍ଦୀର ପ୍ରଥମ ରାଜତ୍ୱର ବିଭବମୟ ଇତିହାସ ଜଗତ ସମ୍ମୁଖରେ ପ୍ରଚାର କରିବା ପାଇଁ ପ୍ରଥମେ ପ୍ରାତଃସ୍ମରଣୀୟ ଷ୍ଟାର୍ଲିଙ୍ଗ ବ୍ରତୀ ହୋଇଥିଲେ । ସେ ଏହି ବୃହତ୍ ଶିଳାଲେଖର ଗୋଟିଏ ହସ୍ତଲିପି ୧୮୨୭ ମସିହାରୁ ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରକାଶ କରିଥିଲେ । ସେହିଦିନୁ ଏହ ଭାରତରେ ପ୍ରବୀଣ ପତ୍ନତତ୍ତ୍ୱାନ୍ୱେଷୀମାନଙ୍କର ଦୃଷ୍ଟି ଆକର୍ଷଣ କରିଅଛି ।

ସ୍ୱର୍ଗୀୟ ଷ୍ଟାର୍ଲିଙ୍ଗଙ୍କ ପରେ କିଟୋ ଜେମସ୍ ପ୍ରିସ୍‌ସେପ୍, ଜେନୋରାଲ କନିଙ୍ଗହାମ୍ ଓ ରାଜେନ୍ଦ୍ରଲାଲ ମିତ୍ର ପ୍ରଭୁଖ ବିଖ୍ୟାତ ଐତିହାସିକମାନେ ଏହି ଲିପି ପାଠ କରିବାକୁ ବହୁ ଚେଷ୍ଟା କରିଥିଲେ । କିନ୍ତୁ ଦୁଃଖର ବିଷୟ, ଏମାନେ ଶ୍ରୀ ଖାରବେଳଙ୍କ ନାମ ପର୍ଯ୍ୟନ୍ତ ପଢ଼ିବାକୁ ସମର୍ଥ ହୋଇନଥିଲେ । ସ୍ୱର୍ଗତଃ ପଣ୍ଡିତ ଭଗବାନଲାଲ ଇନ୍ଦ୍ରଜୀ ପ୍ରଥମେ ଏହି ଲେଖ ପ୍ରାୟ ଶୁଧ୍ ଭାବରେ ପାଠକରି ଏହାର ବିଶଦ ଆଲୋଚନା କରିବାକୁ ସମର୍ଥ ହୋଇଥିଲେ । ତାଙ୍କର ପ୍ରଗାଢ଼ ପରିଶ୍ରମ ଓ ଏକାନ୍ତ ଅଧବସାୟ ଯୋଗୁଁ ଏହି ଲେଖର ଅଧିକାଂଶ ସର୍ବଜନବୋଧ ହୋଇ ପାରିଥିଲା । ସେ ଏ ବିଷୟରେ ୧୯୦୭ ମସିହାରେ ଗୋଟିଏ ସୁଚିନ୍ତିତ ଗବେଷଣାପୂର୍ଣ୍ଣ ପ୍ରବନ୍ଧ "ଆନ୍ତର୍ଜାତିକ ପ୍ରାଚ୍ୟ ଇତିହାସ ପରିଷଦ'ରେ ପାଠ କରିଥିଲେ ମଧ ଏହି ଲେଖର କେତେକାଂଶ ଦୁର୍ବୋଧ ହୋଇ ରହିଥିଲା ।

ତତପରେ ୧୯୧୭ ମସିହାରେ ଭାରତର ବିଖ୍ୟାତ ଐତିହାସିକ ସ୍ୱର୍ଗତଃ କାଶୀପ୍ରସାଦ ଜୟସ୍ୱାଲ ବହୁବର୍ଷବ୍ୟାପୀ ସାଧନା ଫଳରେ ଏହି ଲେଖର ସମସ୍ତ ଅଂଶ ସୁସ୍ପଷ୍ଟ ଭାବରେ ବିହାର ଓଡିଶା ପ୍ରତ୍ନତତ୍ତ୍ୱ ପତ୍ରିକା ରେ ପ୍ରକାଶ କରିଥିଲେ । ତାଙ୍କର ଅକ୍ଲାନ୍ତ ପରିଶ୍ରମ ଫଳରେ ଦୁଇହଜାର ବର୍ଷର କଳିଙ୍ଗ ଇତିହାସ ଲୋକସମାଜରେ ପ୍ରଚାରିତ ହେଲା । କଳିଙ୍ଗ ସମ୍ରାଟ୍ ଭାରତ ବିଜୟୀ ଶ୍ରୀ ଖାରବେଳଙ୍କ ଲୁପ୍ତ ଗୌରବଗାଥର ପୁନରୁଧାର କରି ସେ ଓଡିଆ ଜାତିର କୃତ୍ ତା ଭାଜନ ହୋଇଅଛନ୍ତି । ତାଙ୍କ ଉଦ୍ୟମରୁ ଆଜି ଉତ୍କଳବାସୀ ଶ୍ରୀ ଖାରବେଳକୁ ଚିହ୍ନିବାକୁ ସମର୍ଥ ହୋଇଛନ୍ତି ।

ଇଂରେଜୀରେ ଓଡିଶାର ଇତିହାସ ପ୍ରଣେତା ସ୍ୱର୍ଗତଃ ରାଖାଲ ଦାସ ବାନାର୍ଜୀ ମହାଶୟ ଜୟସ୍ୱାଲଙ୍କ ପାଠକୁ ଗ୍ରହଣ କରିଥିଲେ । କୁନ୍ତୁ ସ୍ୱର୍ଗତଃ ଅଧାପକ ବିଜୟଚନ୍ଦ୍ର ମଜୁମଦାର, ସ୍ୱର୍ଗତଃ ରମାପ୍ରସାଦ ଚନ୍ଦ ଓ କଲିକତା ବିଶ୍ୱବିଦ୍ୟାଳୟର ପାଲି ଅଧାପକ ସ୍ୱର୍ଗତଃ ବେନିମାଧବ ବରୁଆ ପ୍ରଭୃତି ବହୁ ଅକାଟ୍ୟ ଯୁକ୍ତି ସାହାଯ୍ୟରେ ଜୟସ୍ୱାଲଙ୍କ ପାଠରେ କେତେକ ଭ୍ରମପ୍ରମାଦ ପ୍ରଦର୍ଶନ କରିଥିଲେ । ବରୁଆ ମହାଶୟ ପାଚବର୍ଷ କାଳ ପ୍ରଗାଢ ପରିଶ୍ରମ କରି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ଥିବା ବ୍ରାହ୍ମୀଲେଖ ସକଳ (୧) ଗୋଟିଏ ଗ୍ରନ୍ଥରେ ପ୍ରକାଶ କରିଥିଲେ । ସ୍ୱର୍ଗତଃ ରାଖାଲଦାସ ହାତୀଗୁମ୍ଫା ଓ ଅନ୍ୟାନ୍ୟ ଗୁମ୍ଫାମାନଙ୍କରେ ଥିବା ଲେଖ ସକଳ ପାଠକରି ତ୍ରୟୋଦଶ ଭାଗରେ ପ୍ରକାଶ କରିଥିଲେ । କିନ୍ତୁ ଏମାନଙ୍କ ମଧରେ କୌଣସି ସମ୍ପର୍କ ଥିବାର ପ୍ରମାଣ କରିଛନ୍ତି ଓ ପ୍ରଶସ୍ତିର ଅନେକ ଦୁର୍ବୋଧ ଅଂଶ ସୁସ୍ପଷ୍ଟ କରିଛନ୍ତି ।

ଏଗୁଡିକ କଳିଙ୍ଗର ପ୍ରାୟ ଅର୍ଦ୍ଧଶତାବ୍ଦୀର ଇତିହାସ । ଦୁଃଖର ବିଷୟ, କୌଣସିଟିରେ ରଚୟିତାର ନାମ ନାହିଁ । କେଉଁ ଅଜ୍ଞାତ କାଳିଦାସ, ହରିସେନ ବା ବାଣଭଟ୍ଟଙ୍କ ତୁଲ୍ୟ କବି ଶ୍ରୀ ଖାରବେଳଙ୍କ ସଭାମଣ୍ଡନ କରୁଥିଲେ ତାହା ଜାଣିବା କଷ୍ଟସାଧ୍ୟ । ଏହାର ଭାଷା ଲଳିତ ଓ ସୁନ୍ଦର । ପାଲିରେ ଲିଖିତ ବିଖ୍ୟାତ "ମିଳିନ୍ଦ ପାହ୍ନ'ର ଭାଷା ସହିତ ଏହାର ସାମଞ୍ଜସ୍ୟ ଥିବାର ସେ ପ୍ରମାଣିତ କରିଛନ୍ତି । ବରୁଆ ମହାଶୟ ନିମ୍ନୋକ୍ତ କେତେକ ବିଷୟରେ ଜୟସ୍ୱାଲଙ୍କ ଠାରୁ ପୃଥକ୍ ମତ ଦେଇଛନ୍ତି ।

ବରୁଆଙ୍କ ସମସ୍ତ ମତ ଗ୍ରାହ୍ୟ ନ ହେଲେ ମଧ ଐତିହାସିକମାନଙ୍କର ବିଚାର ପାଇଁ ତାଙ୍କର ପୃଥକ୍ ମତମାନ ଏଠାରେ ଦିଆଯାଇଛି । (୧)ହାତୀଗୁମ୍ଫା ଲେଖରେ ନନ୍ଦାବ୍ଦର କୌଣସି ସୂଚନା ନାହିଁ । (୨)ଗୋରଥ ଗିରି' ଜଣେ ଲୋକର ନାମ ବୋଲି ସେ ସ୍ଥିର କରିଛନ୍ତି । (୩) ଏଥିରେ ଋଷି ଖବୀରଙ୍କ ସମ୍ବନ୍ଧରେ କୌଣସି କିମ୍ବଦନ୍ତୀ ନାହିଁ । (୪) ଏଥିରେ 'ଯବନରାଜ' ଦିମିତ ବା ମଥୁରା ପରିତ୍ୟାଗ ସମ୍ବନ୍ଧରେ କୌଣସି ସୂଚନା ନାହିଁ । (୫) ଏଥିରେ କଳିଙ୍ଗର ଲୋକସଂଖ୍ୟା ଆଦୌ ବର୍ଣ୍ଣିତ ହୋଇନାହିଁ । (୬) ପିଥୁଡି ବା ପିଥୁଣ୍ଡ ନଗର ଗଧଯୋଚା ହୋଇଥିବା ହଳରେ ଚାଷ ହୋଇଥିବାର କୌଣସି ବର୍ଣ୍ଣନା ନାହିଁ । (୭) ତାମିଲ ରାଜ୍ୟସଂଘ ସମ୍ବନ୍ଧରେ ଏଥିରୁ କୌଣସି ପ୍ରମାଣ ମିଳେ ନାହିଁ । (୮) ଏଥିରେ ମୌର୍ଯ୍ୟାବ୍ଦ ଓ ଖାରବେଳଙ୍କ ରାଜତ୍ୱରେ ଜୈନଗ୍ରନ୍ଥମାନଙ୍କର ପ୍ରଧାନ ବିଭାଗ ବିଷୟରେ କୌଣସି ଉଲ୍ଲେଖ ନାହିଁ । ଦ୍ୱିତୀୟ ମତ ବ୍ୟତୀତ ତାଙ୍କର ଅନ୍ୟାନ୍ୟ ମତମାନ ବିଶେଷ ବିଶ୍ୱାସଯୋଗ୍ୟ ଥିବାରୁ ମୁଁ ସାମାନ୍ୟ ପରିବର୍ତ୍ତନ ସହ ଗ୍ରହଣ କରିଅଛି ।

ହାତୀଗୁମ୍ଫା ଉଦୟଗିରିର ଗୋଟିଏ 'ବିଶାଳ ଗିରିଗହ୍ୱର' । ଏହାର ଉପର ପାଖରେ ୧୭ ଧାଡ଼ି ବିଶିଷ୍ଟ ବ୍ରାହ୍ମୀ ଲେଖଟିରେ ଶ୍ରୀ ଖାରବେଳ ପ୍ରଶସ୍ତି ବର୍ଣ୍ଣିତ ହୋଇଅଛି । ଏତଦ୍‌ବ୍ୟତୀତ ଏହି ଗୁମ୍ଫାରେ ଥିବା ଆହୁରି ଅନେକ କ୍ଷୁଦ୍ର କ୍ଷୁଦ୍ର ଲେଖ ଅଦ୍ୟାବଧି ପଠିତ ବା ଆଷଲୋଚିତ ହୋଇନାହିଁ । ଅନେକ ଶିକ୍ଷିତ ଲୋକଙ୍କର ଧାରଣା ଯେ, ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାସକଳ ବୌଧସନ୍ନ୍ୟାସୀମାନଙ୍କ ନିମିତ୍ ଖୋଦିତ ହୋଇଥିଲା । କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଶ୍ରୀ ଖାରବେଳ ଜୈନଧର୍ମାବଲମ୍ବୀ ଥିଲେ ଓ ତାଙ୍କ ସମୟରେ ଖୋଦିତ ଗୁମ୍ଫାସକଳ ଜୈନ୍ୟ ମୁନିଋଷିମାନଙ୍କ ବ୍ୟବହାର ପାଇଁ ଖୋଦିତ ହୋଇଥିଲା । ଏହି ଲେଖଟି ସମଗ୍ର ଭାରତରେ ଗୋଟିଏ ପ୍ରଧାନ ଜୈନଲେଖ । ଏହି ଲେଖର ଦକ୍ଷିଣଭାଗରେ 'ବଧ୍‌ମଙ୍ଗଳ', 'ବୃକ୍ଷଚୈତ୍ୟ' ଓ ବାମଭାଗରେ 'ସ୍ୱସ୍ତିକ ଓ 'ନନ୍ଦୀପଦ' ପ୍ରଭୃତି ଜୈନ ସଙ୍କେତମାନ ଶିଳା ଦେହରେ ଖୋଦିତ ହୋଇଅଛି । ଉତ୍କଳୀୟ ଐତିହାସିକ ଓ ଶିକ୍ଷିତ ଜନସାଧାରଣଙ୍କ ପ୍ରତ୍ନତତ୍ୱ ଗବେଷଣା ଓ ଆଲୋଚନା ନିମିତ୍ ଉକ୍ତ ଶିଳାଲେଖର ମୂଳ, ସଂସ୍କୃତାନୁବାଦ ଓ ଓଡ଼ିଆ ଅନୁବାଦ ନିମ୍ନରେ ପ୍ରଦତ୍ ହେଲା ।

## ହାତୀଗୁମ୍ଫା ଶିଳାଲେଖ (ବରୁଆଙ୍କ ପାଠ)

### ମୂଳ

ପ୍ରଥମ ଧାଡ଼ି - ନମେ ଅରହଂ ତାନଂ, ନମୋ ସବସିଧାନଂ, ଏରେନ ମହାରାଜେନ ମହାମେଘବାହନେନ ଚେତ୍ ରାଜବଂଶଧନେ ପସଥ ଶୁଭ-ଲଖନେନ ଚତୁରଂତ-ରଖଣ-ଗୁଣ-ଉପତେନ, କଳିଂ, କାଳିଂଗାଧିପତିନା, ସିରି ଖାରବେଳନ ।

ଦ୍ୱିତୀୟ ଧାଡ଼ି - ପଂଦରସ-ବସନି ସିରି-କଡ଼ାର ଶରୀରବତା କୀଡ଼ିତା କୁମାର କୀଡ଼ିକା । ତତୋ ଲେଖ ରୂପ ଗଣାନା ବ୍ୟବହାର ବିଧି ବିସାରଦେନ ସବ ବିଜା-ବିଦାତେନ ନବବସାନି ଯୋବରଜଂ ବ ସାସିତଂ ।

ସଂପୁଣ ଚତୁବିସତି ବସୋ ସେଦାନି ବଧମାନ-ସେସ-ଯୋବନାଂଭିୟୋ ତତିୟେ ।

ତୃତୀୟ ଧାଡ଼ି - କଳିଙ୍ଗ ରାଜବଂଶେ ପୁରିସୟୁଗେ ମହାରାଜାଭିସେତନଂ ପାପୁନାତି ।ଅଭିସିତୋମତୋ ଚ ପଧମେ ବସେ ବାତ-ବିହତ ଗୋପୁର ପାକା-ନିବେସନଂ ପଟିସଂଖାରୟତି କଳିଙ୍ଗ ନଗରି । ଗଭୀର ସୀତଳ ତଡ଼ାଗ ପାଡ଼ିୟୋ ଚ ବଂଧାପୟତି । ସବୂୟାନ ପଟି ସଠପନଂ ।

ଚତୁର୍ଥ ଧାଡ଼ି - ଚ କାରୟତି ପନତୀସାହି ସତ-ସହସେହି । ପକତିୟୋ ଚ ରଂଜୟତି । ଦୁତୀୟେ ଚ ବସେ ଅଚିତୟିତା ସାତକର୍ଣ୍ଣି ପଛିମ-ଦାସ ହୟ-ଗଜ-ନର-ରଧ-ବହୁଲଂ ଦଂଡ଼ଂ ପଠାପୟତି । କଳିଙ୍ଗାଗତୟା ଚ ସେନାୟ ବିତାସେତି ଅସକ ନଗରଂ (ଅସିକ ନଗରମିତୀ ବା) । ତତିୟେ ପୁନ ବସେ ।

୫ମ ଧାଡ଼ି - ଗଂଧର୍ବ ବେଦ ବୁଦୋ ଦଂପ-ନତ-ଗୀତ ବାଦିତ-ସଦସନାହିଁ ଉତ୍ସବ ସମାଜ କାରାପନାହି ଚ କୀଡ଼ାପୟତି ନଗରି । ତଥା ଚବୁଥେ ବସେ ବିଜାଧରାଧିବାସ ଅରହତପୁରଂ କଳିଙ୍ଗ ଯୁବରାଜାନଂ ଧମନେ ବ ନିତିନା ବ ପସାସୟତି ସବତ ଧମକୁଟେନ । ଭୀତ-ତସିତେ ଚ ନିଖିତ - ଛତ -ଭିଙ୍ଗାରେ ।

ଷଷ୍ଠ ଧାଡ଼ି - ହିତରତନ ସାପତେୟେ ସବ ରଠିକ୍ ଭୋଜେନ ପାଦେ ବଂଦାପୟତି । ପଂଚମେ ଚ ଦାନି ବସେ ନନ୍ଦରାଜ - ତିବସସତ ଓଘାଟିତଂ ତଉସୁଲିୟାବାଟା ପନାଡ଼ିଂ ନଗରଂ ପବେସୟତି ସତସହ ସେହି ଚ ଖାନପୟତି । ଅଭିସିତୋ ଚ ଛଟେ ବସେ ରାଜସିରଂ ସଂଦଂସୟଂତୋ ।

ସପ୍ତମ ଧାଡ଼ି : ସବ-କର-ପଣ-ଅନୁଗ୍ରହ ଅନେକାନି ସତ-ସହସାନି ବିସିଜିତେ ପୋରଜାନପଦଂ । ସତମେ ଚ ବସେ ଆସି ଛତଧଜ ରଧରଖି ତୁରଂଗ ସତ ଘଟାନି ସବତ ସଦଂସନଂ ସବମଂଗଳାନି କାରୟତି ସତ ସହସେହି । ଅଠମେ ଚ ବସେ ମହତି ସେନାୟ ମଧୁରାଂ ଅନୁପତୋ ଗୋରଧଗିରିଂ ।

ଅଷ୍ଟମ ଧାଡ଼ି - ଘାତପୟିତା ରାଗହାନଂ ପପୀଡ଼ାପୟତି । ଏତିନଂ ଚ କଂମ ପଦାନ ପନାଦେନ ସଭୀତ ସେନ ବାହନେ ବିପମୁଂଚିତୁଂ ମଧୁରାଂ ଅପଯାତୋ ଯେବ ନରିଦୋ ସଘରବାସିନଂ ଚ ସବ ଗହପତିନଂ ଚ ପାନଭୋଜନଂ ଦଦାତି । କଳିଙ୍ଗଯାତି । ପଲ୍ଲବଭାର -

ନବମ ଧାଡ଼ି - କପରୁଖ ହୟ ଗଜ ନର ରଧ ସହ ଯାତି । ସବ ଘରବାସିନଂ ଚ ସବରାଭତକାନଂ ଚ ସବ ଗହପତିକାନଂ ଚ ସବ ବଂହ୍ମଣାନଂ ଚ ପାନ ଭୋଜନ ଦଦାତି । ଅରହତାନଂ (ନିଗଂଥାନଂ) ସମଣାନଂ ଚ.... ଦଦାତି ସତସହସେହି । ନମବେ ଚ ବସେ -

ଦଶମ ଧାଡ଼ି - ବେଡୁରିୟ କଳିଙ୍ଗ ରାଜନିବାସଂ ମହା ବିଜୟପାସାଦଂ କାରୟତି ଅଠତିସାୟ ସତ ସହସେହି । ଦଶମେ ଚ ବସେ କଳିଙ୍ଗରାଜର୍ବସାନଂ ତତିୟ ଯୁଗ ସଗାବସାନେ କଳିଙ୍ଗପୁବରାଜାନଂ ଯସସକାରଂ କାରାପୟତି ସତସହସେହି । ଏକାଦେଶମେ ଚ ବସେ... ମଣି ରତନାନି ସହ ଯାତି ।

ଏକାଦଶ ଧାଡ଼ି - କଳିଙ୍ଗ ଯୁବରାଜ ନିବେସିତ ପିଥୁଗଦର ନଗରିନେ କାତୟତି ଜୀନପଦ ଭବନଂ ଚ ତେସ ବସ ସତ କତଂ ଭିଦତି ତିମର ଦହ ସଂଘାତଂ । ବାରସମେ ଚ ବସେ ସତ ସହସେହି ବିତାସୟତି ଉତରାପଥ ରାଜାନୋ ।

ଦ୍ୱାଦଶ ଧାଡ଼ି - ମାଗାଧାନାଂ ଚ ବିପୁଳଂ ଭୟଂ ଜନୟତୋ ହଥୀସଂ ଗଂଗାୟ ପାୟୟତି । ମଗଧାନଂ ତ

ରାଜାନଂ ବହସତିମିତଂ ପାଦେ ବଂଦାପୟତି । ଫଂଦ ରାଜ ନୀତଂ କଳାଂଗୀନ ସନଂ ଅଂଗମଗଧତୋ କଳିଙ୍ଗ ଆନେତି ହୟ-ଗଜ-ସେନା-ବାହାନ-ସତେସେହି । ଅଙ୍ଗ ମଗଧ ବାସିନଂ ଚ ପାଦେ ବଂଦାପୟତି ।

ତ୍ରୟୋଦଶ ଧାଡ଼ି - ବୀଥି ଚତର ପଳିଘାନି ଗୋପୁରାନି ସିହରାନି ନିବେସୟତି । ସତବାସୁକୀ ରତନଂ ପେଷୟଂତି । ଅଭୂତଂ ଅଛପ୍ରିୟଂ ହଥୀସ ପସବଂ ପରିହରଂତି । ମିଗ ହୟ ହଥୀ ଉପନାମୟତି । ଫଂଡ଼ରାଜା ବିବଧାଭରଣାନି ମୁତା ମଣି ରତନାନି ଆହରାପୟତି ଇଧ ସତ ସହସାନି ।

ଚତୁର୍ଦ୍ଦଶ ଧାଡ଼ି - ସନୋ ବସୀକରୋତି । ତେସମେ ଚ ବସେ ସୁପବତ - ବିଜୟ - ଚକେ କୁମାରୀ ପତେ ଅରହତୋ ପରିନିବସତୋ ହି କାୟନିସୀଦାୟାୟ ରାଜଭତକେହି, ରାଜଭାତିହି, ରାଜପୁତେହି, ରାଜମହିସହି ଖାରବେଳ ସିରିନା ।

୫ଦଶ ଧାଡ଼ି - ସତ-ଦଶ-ଲେଣ-ସତଂ କାରାପିତଂ । ସକତ ସମଣ ସୁବିହିତାଂ ଚ ସତ ଦିସାନଂ ଯତିନଂ ତାପସ ଇସିନଂ ଲେଣଂ କାରୟତି । ଅରହତ ନିସୀଦୀୟ ସମୀପେ ପଭାକର ସମୁଥାପିତାହି ଅନେକଯୋଜନାହିତାହି ପନତୀସ ହି ସତ ସହସାହି ସଳାହି ସିଳଥଂଭାନି ଚ ଚେତୟାନି ଚ କାରାପୟତି ।

ଷୋଡ଼ଶ ଧାଡ଼ି - ପଟଳିକା ଚତରେ ଚ ବେଡ଼ିରୟ ଗଭେ ଥଂଭେ ପତିଠାପୟତି ପନତରିୟ ସତ ସହସେହି । ବେଡ଼ରିୟ ନୀଳ ବୋଛିଂନଂ ଚେତ ଯଠି ଅଧସତିକଂ ତିରିୟଂ ଉପାଦୟତି । ଖେମରାଜା ସ ବଧରାଜା ସଂ, ଇଂଦରାଜା ସ, ଧର୍ମରାଜା ପସତୋ ସୁନଂତୋ ଅନୁଭବଂତୋ କଲାଣାନି ।

ସପ୍ତଦଶ ଧାଡ଼ି - ଗୁରବିଶେଷକୁସକଳ ସବ ପାସଡ଼ ପୂଜକୋ ସବ ଦେବାୟତନ ସଂକାର କାରକୋ ଅପ ତିହତ ଚକ ବାହନ ବଳୋ ଚକ ଧାରୋ ଗୁଥ ଚକୋ ପବତ ଚକୋ ରାଜିସି ବଂସ କୁଳ ବିନସିତୋ ମହାବିଜୟୋ ରାଜା ଖାରବେଳ ସିରି ।

## - ସଂସ୍କୃତାନୁବାଦଃ -

ନମୋଽର୍ହଦ୍ଭ୍ୟଃ । ନମଃ ସର୍ବସିଦ୍ଧେଭ୍ୟଃ । ଆର୍ଯ୍ୟେଣ ମହାରାଜେନ ମହାମେଘବାହନେନ ଚେତ ରାଜବଂଶ ବର୍ଧନେନ ପ୍ରଶସ୍ତ ଶୁଭ ଲକ୍ଷଣେନ ଚତୁରନ୍ତ ରକ୍ଷଣ ଗୁଣୋପେତେନ କଳିଙ୍ଗାଧିପତିନା ଶ୍ରୀ ଖାରବେଳେନ ୫ଦଶବର୍ଷାଣି ଶ୍ରୀ କଡ଼ାର ଶରୀରବତା କ୍ରୀଡ଼ିତାଃ କୁମାରକ୍ରୀଡ଼ାଃ । ତତୋ ଲେଖ ରୂପ ଗଣନା ବ୍ୟବହାର ବିଧି ବିଶାରଦେନ ସର୍ବ ବିଦ୍ୟା ବଦାତେନ ନବବର୍ଷାଣି ଯୌବରାଜ୍ୟମେବ ଶାସିତମ । ସମ୍ପୂର୍ଣ୍ଣ ଚତୁର୍ବିଂଶତିବର୍ଷ ସ ଇଦାନୀଂ ବର୍ଧମାନ ଶେଷ ଯୌବନାଭିବିଜୟ ସ୍ତୃତୀୟେ କଳିଙ୍ଗ ରାଜବଂଶେ ପୁରୁଷ ଯୁଗେ ମହାରାଜାଭିଷେଚନଂ ପ୍ରାପ୍ନୋତି । ଅଭିଷିକ୍ତ ମାତ୍ରଶ୍ଚ ପ୍ରଥମେ ବର୍ଷେ ବାତ ବିହତ ଗୋପୁର ପ୍ରାକାର ନିବେଶନଂ ପ୍ରତି ସଂସ୍କାରୟତି କଳିଙ୍ଗନଗରରେ, ଗଭୀର ଶୀତଳ ତଡ଼ାଗ ପାଳୀଶ୍ଚ ବନ୍ଧୟତି, ସର୍ବୋଦ୍ୟାନ ପ୍ରତିସଂସ୍ଥାପନଚ କାରୟତି ୫ତ୍ରିଂଶ ଶତସହସ୍ରୈଃ । ପ୍ରକୃତିଶ୍ଚ ରଞ୍ଜୟତି ।

ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ଶାତକର୍ଣ୍ଣି ପଶ୍ଚିମାଂଦିଶଂ ହୟ-ଗଜ-ନର-ରଥ ବହୁଳଂ ଦଣ୍ଡ ପ୍ରସ୍ଥାପୟତି । କଳିଙ୍ଗତେୟା ଚ ସେନୟା ବିତ୍ରାସୟତି ଅଶ୍ମକ ନଗରଂ (ଋଷିକ ନଗରମିତିବା) । ତୃତୀୟେ ପୁନର୍ବର୍ଷେ ଗନ୍ଧର୍ବ ବେଦବୁଧଃ ଦର୍ପ ନୃତ୍ୟ ଗୀତ ବାଦିତ୍ର ସନ୍ଦର୍ଶନୈରୁତ୍ସବ ସମାଜ କାରଣାଭିଶ୍ଚ କ୍ରୀଡ଼ୟତି ନଗରୀଂ ।

ତଥା ଚତୁର୍ଥେ ବର୍ଷେ ବିଦ୍ୟାଧରାଦିବାସଂ ଅର୍ହତପୁରଂ କଳିଙ୍ଗ ପୁର୍ବରାଜାନାଂ ଧର୍ମେଣ ବୈ ନୀତ୍ୟା ବୈ ପ୍ରଶାସୟତି ସର୍ବତ ଧର୍ମକୁଟେନା ଭୀତତ୍ରସ୍ତାନ୍ ଚ ନିକ୍ଷିପ୍ତ ଛତ୍ର ଭୃଙ୍ଗାରାନ ହୃତରତ୍ନ-ସ୍ୱ ପତେୟାନ୍ ସର୍ବ ରାଷ୍ଟ୍ରିକ ଭୋଜକାନ୍ ପାଦୌ ବନ୍ଦୟତି ।

ପଞ୍ଚମେ ଚେଦାନାଂ ବର୍ଷେ ନନ୍ଦରାଜେନ ତ୍ରିବର୍ଷ ଶତାତ୍ ପୂର୍ବମୁଦାଘାଟିତଂ ଚଉଶୂଳୀୟବତ୍ମନଃ ପ୍ରଣାଳୀଂ ନଗରଂ ପ୍ରବେଶୟତି ।ଶତସହସ୍ରୈଶ୍ଚ ଖାନୟତି ।

ଅଭିଷିକ୍ତଶ୍ଚ ଷଷ୍ଠେ ବର୍ଷେ ରାଜଶ୍ରିୟଂ ସନ୍ଦର୍ଶୟନ୍ ସର୍ବକର ପଣାଦ୍ୟନେକାନୁଗ୍ରହାନ୍ ଶତ ସହସ୍ର ସଖୃକାନ୍ ବିସୃଜତି ପୌରାଜାନ ପଦେ ।

ସପ୍ତବେ ଚ ବର୍ଷେ ଅସି-ଛତ୍ର-ଧ୍ୱଜ-ରଥ-ଋଷି-ରକ୍ଷି-ତୁରଙ୍ଗ ଶତ ଘଟାନାଂ ସର୍ବତ୍ର ସନ୍ଦର୍ଶନଂ ସର୍ବମଙ୍ଗଳାନି ଚ କାରୟତି ଶତସହସ୍ରୈଃ ।ଅଷ୍ଟମେ ଚ ବର୍ଷେ ମହତ୍ୟା ସେନୟା ମଥୁରା ମନୁ ପ୍ରାପ୍ତଃ ଗୋରଥଗିରିଂ ଘାତୟିତ୍ୱା ରାଜଗୃହକାନ୍ ପ୍ରପୀଡ଼ୟତୀ । ଏତେଷାଚ କର୍ମପ୍ରଦାନ ପ୍ରଣାଦେନ ସମ୍ଭୀତାନ୍ ସେନାବାହାନାନ୍ ବିପ୍ରମୋକ୍ତୁଂ ମଥୁରାମୟାତ ଏବ ନରେନ୍ଦ୍ରଃ ସର୍ବଗୃହବାସଭ୍ୟଶ୍ଚ ସର୍ବ ଗୃହପତିଭ୍ୟଶ୍ଚ ପାନଭୋଜନଂ ଦଦାତି ।କଳିଙ୍ଗ୍ ଯାତି । ପଲ୍ଲବଭାର କଳ୍ପବୃକ୍ଷ ହୟ ଗଜ ନର ରଥୈଃ ସହ ଯାତି । ସର୍ବଗୃହବାସିଭ୍ୟଶ୍ଚ ସର୍ବଗୃହପତିଭ୍ୟଶ୍ଚ ସର୍ବ ବ୍ରାହ୍ମଣେଭ୍ୟେଶ୍ଚ ପାନଭୋଜନଂ ଦଦାତି ।ଅର୍ହତେଭ୍ୟଃ ଶ୍ରମଣେଭ୍ୟଶ୍ଚ ଶତସହସ୍ରୈଃ ।

ନବମେ ଚ ବର୍ଷେ ବୈଦୁର୍ଯ୍ୟ କଳିଙ୍ଗ ରାଜ ନିବାସଂ ମହାବିଜୟ ପ୍ରାସାଦଂ କରାୟତି ଅଷ୍ଟତ୍ରିଂଶତ୍ ଶତସହସ୍ରୈଃ ।

ଦଶମେ ଚ ବର୍ଷେ କଳିଭ୍ଗ ରାଜବଂଶାନଂ ତୃତୀୟ ଯୁଗ ସର୍ଗାବସାନେ କଳିଙ୍ଗ୍‌ପୂର୍ବ ରାଜାନଂ ଯଶଃସତ୍କାରଂ କାରୟତି ଶତସହସ୍ରୌଃ ।

ଏକାଦଶେ ଚ ବର୍ଷେ ମଣିରତ୍ନୈଃ ସହ ଯାତି ।କଳିଭ୍ଗ ପୂର୍ବ ରାଜ ନିବେଶିତଂ ପୃଥୂଦକଦର୍ଭନଗରେ ନିଷ୍କାସୟତି ଜୀନପଦଭବନଚ ତ୍ରୟୋଦଶ ବର୍ଷ ଶତ କୃତଂ ଭିନତି୍ ତିମର ହ୍ରଦ ସଂଖ୍ୟାତଂ ।

ଦ୍ୱାଦଶେ ଚ ବର୍ଷେ ଶତସହସ୍ରୈଃ ବିତ୍ରାସୟତି ଉତ୍‌ରପଥ ରଜାନ୍ ।ମାଗାଧାନ୍ ଚ ବିପୁଳଂ ଭୟଂ ଜନୟତୋ ହସ୍ତ୍ୟଶ୍ୱଂ ଗଙ୍ଗାୟା ପାୟୟତି । ମାଗଧାନାଚ ରାଜାନଂ ବୃହସ୍ପତି ମିତ୍ରଂ ପାଦୌ ବନ୍ଦୟତି । ନନ୍ଦରାଜା ନୀତଂ କାଳିଙ୍ଗ ଜୀନାସନଂ ଅଙ୍ଗମଗଧେଭ୍ୟଃ କଳିଙ୍ଗ ମାୟତି ହୟ ଗତ ସେନାବାହନ ସହସ୍ରୈଃ ।ଅଙ୍ଗମଗଧ ବାସିନଃ ପାଦୌ ବନ୍ଦୟତି । ବୀଥ ଚତ୍ୱର ପଳିଘାନ୍ ଗୋପୁରାଣି ଶିଖରାଣି ନିବେଶୟତି । ଶତଂ ବାସୁକୟୋ ରତ୍ନଂ ପ୍ରେଷୟନ୍ତି ।ଅଭୁତାନାଶ୍ଚର୍ଯ୍ୟାନ୍ ହସ୍ତ୍ୟସ୍ୱପଶୂନ୍ ପରିହାରୟନ୍ତି । ମୃଗ ଦ୍ୱୟ ହସ୍ତିନଃ ଉପନାମୟନ୍ତି ।ପାଣ୍ଡ୍ୟ ରାଜା ବିବିଦାଭରଣାନି ମୁକ୍ତା ମଣି ରତ୍ନାନି ଆହାରୟନ୍ତି ଇହ ଶତସହସ୍ର ସଖ୍ୟକାନି ।ସିନଃ ବଶୀକାରୟତି ।

ତ୍ରୟୋଦଶେ ଚ ବର୍ଷେ ସ୍ୱପ୍ରବର୍ତ୍ ବିଜୟ ଚକ୍ରେ କୁମାରୀ ପର୍ବତେ ଅର୍ହତଃ ପରିନିବସତୋ ହି କାୟନିଷୀଦାଂ ରାଜଭୃତୈଃ ରାଜଭ୍ରାତୃଭିଃ ରାଜପୁତ୍ରୈଃ । ରାଜମହିଷୀଭିଃ ଖାରବେନେ ଶ୍ରୀମତା ସପ୍ତଦଶ ଲୟନଶତଂ କାରିତମ୍ ।

ସତ୍କୃତ ଶ୍ରମଣେଭ୍ୟଃ ସୁବିହିତେଭ୍ୟଶ୍ଚ ସତସ୍ୟ ଦିଶାଂ ଯତିଭ୍ୟଃ ତାପସର୍ଷିଭ୍ୟଃ ଲୟନଂ କାରୟତି । ଅର୍ହନ୍ନିଷୀଦ୍ୟାଃ ସୀପେ ପ୍ରାଗ୍‌ଭାରେ ବରାକର ସମୁତ୍‌ଥାପିତାଭିରନେକଯୋଜନା ହିତାଭିଃ ୫ତ୍ରିଂଶଚ୍ଛତସହସ୍ରାଭିଃ

ଶିଳ ଭିଃ ଶିଳାସ୍ତମ୍ଭାନ୍ ଚ ଚୈତ୍ୟାନି ଚ କାରୟତି । ପାଟଳିକ ଚତ୍ୱରେ ଚ ବୈଦୁର୍ଯ୍ୟ ଗର୍ଭେ ସ୍ତମ୍ଭାନ୍ ପ୍ରତିଷ୍ଠାପୟତି ୫ସପ୍ତତିଶତସହସ୍ରୈଃ । କ୍ଷେମରାଜଃ ସ । ବର୍ଧ୍ୱରାଜଃ ସ । ଇନ୍ଦ୍ରରାଜଃ ସ । ଧର୍ମରାଜଃ ପଶ୍ୟନ୍ ଶୃଣ୍ୱନ୍ନନୁଭବନ୍ କଲ୍ୟାଣାନି । ଗୁଣବିଶେଷ କୁଶଳଃ ସର୍ବପାଷଣ୍ଡ ପୁଜକଃ, ସର୍ବଦେବାୟତନ ସଂସ୍କାର କାରକଃ, ଅପ୍ରତିହତ ଚକ୍ର ବାହନ ବଳଃ, ଚକ୍ରଧରଃ, ଗୁପ୍ତଚକ୍ରଃ ପ୍ରବର୍ତ୍ ଚକ୍ରଃ, ରାଜର୍ଷି ବଂଶ କୁଳ ବିନିସ୍ଥତୋ ମହାବିଜୟୋ ରାଜା ଖାରବେଳ ଶ୍ରୀଃ ।

## - ଓଡ଼ିଆ ଅନୁବାଦ -

୧ - ଅର୍ହତମାନଙ୍କୁ ନମସ୍କାର (୧) ସକଳ ସିଧ୍ମାନଙ୍କୁ ନମସ୍କାର । ଆର୍ଯ୍ୟ (୨) ମହାରାଜା, ମହାମେଘବାହନ (୩) 'ଚେତ' ରାଜାବଂଶ ବର୍ଦ୍ଧନ (୪) ପ୍ରଶସ୍ତ ଶୁଭଲକ୍ଷଣ (୫) ଆସମୁଦ୍ର କ୍ଷିତିର ଶାସକ ହେବା ପାଇଁ (୬) ସକଳ ଗୁଣରେ ଭୂଷିତ ଶ୍ରୀଧରଙ୍କ ପରି ରୂପସପନ୍ନ କଳିଙ୍ଗର ରାଜା ଶ୍ରୀ ଖାରବେଳ ୫ଦଶ ବର୍ଷ ପର୍ଯ୍ୟନ୍ତ କୁମାର ରୂପେ କ୍ରୀଡ଼ା କୌତୁହଳରେ କଟାଇଥିଲେ । ତାହାପରେ ଲେଖ (ଲିଖନ), ରୂପ (ମୁଦ୍ରାତତ୍ୱ), ଗଣନା (ଆୟବ୍ୟୟ ସମୀକ୍ଷଣ) ବ୍ୟବହାର (ମକଦ୍ଦମା ବିଚାର) ବିଧି (ରାଜ୍ୟ ଶାସନ ନିୟମମାନ) ପ୍ରଭୃତି ସର୍ବବିଦ୍ୟାରେ ନିପୁଣ ହୋଇ ନଅବର୍ଷକାଳ ଯୁବରାଜ ରୂପେ ଶାସନ କରିଥିଲେ । ଚତୁର୍ବିଂଶଶତି ବର୍ଷ ଉପଗତ ହୁଅନ୍ତେ, ସେ କଳିଙ୍ଗ ରାଜବଂଶର 'ତୃତୀୟ ପୁରୁଷ ଯୁଗ' (୫ମ ପୁରୁଷ (୮) ମହାରାଜ ରୂପେ ଅଭିଷିକ୍ତ ହୋଇଥିଲେ ଓ ଜୀବନର ଅବଶିଷ୍ଟାଂଶ ଦିଗ୍‌ବିଜୟ ଓ ଶାସନ କାର୍ଯ୍ୟରେ କଟାଇଥିଲେ ।

୨ - ଅଭିଷିକ୍ତ ହେବା ମାତ୍ରେ ସେ ରାଜତ୍ୱର ପ୍ରଥମ ବର୍ଷରେ (କଳିଙ୍ଗର ରାଜଧାନୀ) କଳିଙ୍ଗ ନଗରର ପ୍ରବଳ ବାୟୁପ୍ରବାହ ଦ୍ୱାରା ନଷ୍ଟ ହୋଇଥିବା ଗୋପୁର ପ୍ରାକର ଓ ନିବେଶନ (ପ୍ରାସାଦ) ମାନଙ୍କର ସଂସ୍କାର କରିଥିଲେ । ଗଭୀର ଓ ଶୀତଳ ପୋଖରୀ ଓ ପ୍ରଣାଳୀମାନଙ୍କୁ ବନ୍ଧାଇଥିଲେ । ଉଦ୍ୟାନ ସକଳର ପୁନଃନିର୍ମାଣ କରିଥିଲେ । ଏଥିରେ ୫ତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ସେ ପ୍ରଜାମାନଙ୍କୁ ରଞ୍ଜନ କରିଥିଲେ ବା ନାନାପ୍ରକାର ସୁଖ ଦେଇଥିଲେ ।

୩ - ରାଜତ୍ୱର ଦ୍ୱିତୀୟ ବର୍ଷରେ ହୟ-ଗଜ-ନର-ରଥଯୁକ୍ତ ଚତୁରଙ୍ଗ ବଳ (ଦଣ୍ଡ) ପଶ୍ଚିମ ଦିଗକୁ ଚଳାଇ ଅତର୍କିତ ଭାବରେ ସାତକର୍ଣ୍ଣିଙ୍କୁ (ଆନ୍ଧ୍ରରାଜା) ଆକ୍ରମଣ କରିଥିଲେ । କଳିଙ୍ଗରୁ ପରେ ଆସିଥିବା ସେନା ଦ୍ୱାରା ଅସିକ ବା ଅସୁକ ନଗର ଆକ୍ରମଣ କରିଥିଲେ ।

୪ - ରାଜତ୍ୱର ତୃତୀୟ ବର୍ଷରେ ଗନ୍ଧର୍ବ ବେଦରେ ବିଶାରଦ (ଶ୍ରୀ ଖାରବେଳ) ଦର୍ପ (ପଶୁଯୁଧ୍) ନୃତ୍ୟ,ଗୀତ, ବାଦିତ୍ର (ବାଇଦ) ଇତ୍ୟାଦି ଦେଖାଇ ଉତ୍ସବ ଓ ସମାଜ ପ୍ରଭୃତି କରାଇ କଳିଙ୍ଗ ନଗରର ଲୋକମାନଙ୍କ ଆନନ୍ଦ ବିଧାନ କରିଥିଲେ ।

୫- ରାଜତ୍ୱର ଚତୁର୍ଥ ବର୍ଷରେ ବିଦ୍ୟାଧର ବାସସ୍ଥାନ ଅରହତପୁରକୁ କଳିଙ୍ଗର ପୂର୍ବ ରାଜାମାନଙ୍କର ଧର୍ମ, ନୀତି ଓ ଧର୍ମକୂଟ ଦ୍ୱାରା ଶାସନ କରିଥିଲେ । ଯୁଧ୍ରେ ଭୀତତ୍ରସ୍ତ ହୋଇଥିବା (ପରାସ୍ତ ହୋଇଥିବା) ରାଷ୍ଟ୍ରିକ ଓ ଭୋଜକମାନଙ୍କ ଛତ୍ର ଓ ଭୃଙ୍ଗାର (ସ୍ୱର୍ଣ୍ଣପାତ୍ର) ସମୂହ ନିକ୍ଷିପ୍ତ ହୋଇଥିଲା ଓ ସେମାନଙ୍କର ସମସ୍ତ ଧନରତ୍ନ ଅପହୃତ ହୋଇଥିଲା । ସେମାନେ ଶ୍ରୀ ଖାରବେଳଙ୍କ ପାଦବନ୍ଦାନ କରିଥିଲେ ।

୬- ରାଜତ୍ୱର ୫ମ ବର୍ଷରେ 'ନନ୍ଦରାଜା'ଙ୍କ ଦ୍ୱାରା ୩୦୦ ବର୍ଷ ବା ୧୦୩ ବର୍ଷ ପୂର୍ବେ ଖୋଦିତ

ହୋଇଥିବା ପ୍ରଣାଳୀକୁ ତଉଶୂଳୀ ବାଟରେ ନଗର ଭିତରକୁ ଅଣାଇଥିଲେ । ଏଥିରେ ଏକଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା ।

୭ - ରାଜତ୍ୱର ଷଷ୍ଠ ବର୍ଷରେ ନିଜର ବିପୁଳ ଐଶ୍ୱର୍ଯ୍ୟ ଦେଖାଇବା ପାଇଁ କର (ଖଜଣା), ପଣ (ମହାସୁଲ) ପ୍ରଭୃତି ରାଜସ୍ୱ ଛାଡ଼ି ଦେଇଥିଲେ ଏବଂ ନଗର ଓ ଗ୍ରାମର ଲୋକମାନଙ୍କୁ ନାନାପ୍ରକାର ଅନୁଗ୍ରହ ଦେଖାଇଥିଲେ ।

୮ - ସପ୍ତମ ବର୍ଷରେ ସହସ୍ର ସହସ୍ର ମୁଦ୍ରା ବ୍ୟୟ କରି ଅସି, ଛତ୍ର ଧ୍ୱଜ,ରଥ, ରକ୍ଷୀ, ତୁରଙ୍ଗ, ଘଟ, ପ୍ରଭୃତି ସନ୍ଦର୍ଶନ ଦ୍ୱାରା ସମାଜ ଓ ମଙ୍ଗଳ ବା ଉତ୍ସବ ଇତ୍ୟାଦି କରିଥିଲେ ।

୯ - ଅଷ୍ଟମ ବର୍ଷରେ ବିପୁଳ ବାହିନୀ ସଙ୍ଗରେ ନେଇ ମଥୁରା ଯାଇଥିଲେ । ସେଠାରୁ ଯୁଧ୍ୟାତ୍ରା କରି ଗୋରଥଗିରିର ରାଜାଙ୍କୁ ପରାସ୍ତ କରି ମଗଧ ରାଜଧାନୀ ରାଜଗୃହକୁ ଅବରୋଧ କରିଥିଲେ । ଶତ୍ରୁ ସୈନ୍ୟମାନଙ୍କର ପ୍ରତିରୋଧ ଜନିତ କ୍ଳାନ୍ତି ଓ ଅବସାଦ ଦୂର କରିବା ପାଇଁ ସେ ନିଜ ସୈନ୍ୟମାନଙ୍କୁ ପୁଣି ମଥୁରା ନେଇ ଯାଇଥିଲେ । ସେଠାରେ ଉପଗତ ହୋଇ ସେ (ଶ୍ରୀ ଖାରବେଳ) ସମସ୍ତ ଗୃହବାସୀ, ଗୃହପତି, ବ୍ରାହ୍ମଣ, ଶ୍ରମଣମାନଭ୍‌କୁ ପାନ ଭୋଜନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ଦ୍ୱୟ, ଗଜ, ନର, ରଥ ବେଷ୍ଟିତ ପଲ୍ଲବଭାର କଳ୍ପବୃକ୍ଷ ସହିତ ସେ କଳିଙ୍ଗକୁ ଫେରି ଆସିଥିଲେ । (ପଲ୍ଲବଭାର କଳ୍ପବୃକ୍ଷ ଦ୍ୱାରା ତାଙ୍କର ବିଜୟ ସୂଚିତ ହୁଏ) ।

ଏଠାରେ ପହଚି ସେ ଶତ ସହସ୍ର ମୁଦ୍ରା ବ୍ୟୟ କରି ଗୃହବାସୀ, ରାଜଭୃତ୍ୟ, ଗୃହପତି, ବ୍ରାହ୍ମଣ, ଅର୍ହତ ସ ଶ୍ରମଣମାନଙ୍କୁ ପାନ ଭୋଜନରେ ସନ୍ତୁଷ୍ଟ କରିଥିଲେ ।

୧୦ - ନବମ ବର୍ଷରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟ କରି ସେ ବୈଦୁର୍ଯ୍ୟଖଚିତ 'ମହାବିଜୟ ପ୍ରାସାଦ' ନାମକ କଳିଙ୍ଗ ରାଜନିବାସ ନିର୍ମାଣ କରିଥିଲେ ।

୧୧ - ଦଶମ ବର୍ଷରେ କଳିଙ୍ଗ ରାଜବଂଶର 'ତୃତୀୟ ଯୁଗସର୍ଗ'ର ଅବସାନ ହୁଅନ୍ତେ ସେ ବହୁସଂଖ୍ୟକ ମୁଦ୍ରା ବ୍ୟୟ କରି କଳିଙ୍ଗର ପୂର୍ବ ରାଜାମାନଙ୍କର ଯଶଃ ସଂସ୍କାର କରିଥିଲେ ।

୧୨ - ଏକାଦଶ ବର୍ଷରେ ମଣିରତ୍ନ ବିମଣ୍ଡିତ ପଟୁଆରରେ ବହିର୍ଗତ ହୋଇଥିଲେ । କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସ୍ଥାପିତ ବହୁ ଉଦକପୂର୍ଣ୍ଣ ଖାତ ଓ ଘନକୁଶାଚ୍ଛାଦିତ ନଗରକୁ ପରିଷ୍କାର 'ଜୀନପଦ ଭବନ' ବାହାର କରିଥିଲେ । ଏକାଶତ ତେରବର୍ଷ କାଳ ପରିତ୍ୟକ୍ତ ହୋଇଥିବାରୁ ସେଠାରେ ଅନେକ ଦହ ସୃଷ୍ଟି ହୋଇଥିଲା । ସେଗୁଡ଼ିକ ମଧ ପରିଷ୍କାର କରାଇଥିଲେ ।

୧୩ - ଦ୍ୱାଦଶ ବର୍ଷରେ ଅସଂଖ୍ୟ ମୁଦ୍ରା ବ୍ୟୟ (କୌଣସି ଏକ ଅନୁଷ୍ଠାନରେ) କରିଥିଲେ । ଉତ୍ରାପଥ ରାଜାମାନଙ୍କରେ ଭୟ ଉତ୍ପାଦନ କରିଥିଲେ । ମଗଧବାସୀଙ୍କ ମଧରେ ବିପୁଳ ଭୟ ଜାତ କରାଇ ହସ୍ତୀ ଓ ଅଶ୍ୱମାନଙ୍କୁ ଗଙ୍ଗାଜଳ ପିଆଇଥିଲେ ଅର୍ଥାତ୍ ମଗଧ ଆକ୍ରମଣ କରି ସୈନ୍ୟମାନଙ୍କୁ ଗଙ୍ଗାକୂଳରେ ରଖାଇଥିଲେ । ମଗଧରାଜା ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରିଥିଲେ । ବହୁବର୍ଷ ପୂର୍ବେ କଳିଙ୍ଗରୁ ନନ୍ଦରାଜାଙ୍କ ଦ୍ୱାରା ନୀତ 'କଳିଙ୍ଗ ଜୀନାସନ'କୁ ଅଙ୍ଗ ମଗଧ ଦେଶରୁ ବିଜୟର ସ୍ମାରକ ସ୍ୱରୂପ ଅସଂଖ୍ୟ ଅଶ୍ୱ-ଗଜ-ରଥାରୋହୀ ସୈନ୍ୟବାହିନୀଙ୍କ ପଟୁଆର ମଧରେ କଳିଙ୍ଗକୁ ଘେନିଆସିଥିଲେ । ଅଙ୍ଗ ଓ ମଗଧର ଲୋକମାନଙ୍କୁ ପଦଦଳିତ କରିଥିଲେ । ରାଜ୍ୟରେ ରାସ୍ତା, ଚତ୍ୱର, ପରିଖା, ଗୋପୁର, ଶିଖର ବା ମନ୍ଦିର ପ୍ରଭୃତି ନିର୍ମାଣ କରିଥିଲେ । ଶତ ବାସୁକି ତାଙ୍କ ନିକଟକୁ ମଣିମୁକ୍ତାଦି ମୂଲ୍ୟମାନ୍ ରତ୍ନ ଏବଂ ଦୁଲ୍ଲର୍ଭ ବିସ୍ମୟୋତ୍ପାଦକ ହସ୍ତୀ, ଅଶ୍ୱ, କୃଷ୍ଣସାର ପ୍ରଭୃତି ନାନାବିଧ ଜନ୍ତୁ

ଉପଢ୍ୌକନ ସ୍ୱରୂପ ପଠାଇଥିଲେ । ପାଣ୍ଡ୍ୟରାଜା କଳିଙ୍ଗ ନଗରର ସୌନ୍ଦର୍ଯ୍ୟ ବୃଦ୍ଧି ନିମିତ୍ ନାନାବିଧ ଆଭରଣ ମଣିମୁକ୍ତାଦି ରତ୍ନମାନ ଉପହାର ଦେଇଥିଲେ । ଅନେକ ..... ଦମନ କରିଥିଲେ ।

୧୪ - ରାଜତ୍ୱର ତ୍ରୟୋଦଶ ବର୍ଷରେ ସୁପ୍ରବର୍ତ୍ ବିଜୟ ଚକ୍ର ବା ବିଜୟ ରାଜ୍ୟରେ ଅବସ୍ଥିତ କୁମାରୀ ପର୍ବତ ବା ଉଦଦୟଗିରିରେ ଶ୍ରୀ ଖାରବେଳ ଓ ତାଙ୍କର ମହିଷୀ, ପୁତ୍ର, ଭ୍ରାତା, ବନ୍ଧୁ ଓ ରାଜଭୃତ୍ୟମାନେ ଅର୍ହତ ବା ଜୈନ ଶ୍ରମଣଙ୍କର ନିବାସ ନିମିତ୍ ୧୧୭ଟି ଗୁମ୍ଫା ଖୋଳାଇଥିଲେ ।

୧୫- ଚତୁର୍ଦ୍ଦଶ ବର୍ଷରେ ରାଜା ଶ୍ରୀ ଖାରବେଳ ଲବ୍ଧପ୍ରତିଷ୍ଠା ଶ୍ରମଣ ଓ ଗତଦିଗାଗତ ବ୍ରାହ୍ମଣ୍ୟଧର୍ମାବଲମ୍ବୀ ଯତି, ତାପସ ଓ ଋଷିମାନଙ୍କ ନିମିତ୍ ଗୋଟିଏ ବିଶାଳ ଗୁମ୍ଫା ଖୋଳାଇଥିଲେ । ଏହି ଗୁମ୍ଫାଯି ପାହାଡ଼ର କ୍ରମନିମ୍ନ ପ୍ରଦେଶରେ ଅର୍ହତମାନଙ୍କ ବାସସ୍ଥାନ ବା ସମାଧିସ୍ଥଳ କାୟନିଷୀଦି ନିକଟରେ ଖୋଦିତ ହୋଇଥିଲା । ଏଥିରେ ବା ଏହା ନିକଟର ଚତୁର୍ଦ୍ଦିଗରେ ଥିବା ଶ୍ରେଷ୍ଠ ଖଣିମାନଙ୍କରୁ ଖୋଦିତ ଲକ୍ଷ ଲକ୍ଷ ପଥର ଦ୍ୱାରା ଶିଳାସ୍ତମ୍ଭ ଓ ଚୈତ୍ୟସମୂହ ନିର୍ମାଣ କରିଥିଲେ । ନାନାଭରଣମଣ୍ଡିତ ତଳ ଓ ଛାତ ଥିବା ଏକ ବିଶାଳ ଗୃହରେ ୭୫ ଲକ୍ଷ ମୁଦ୍ରା ବ୍ୟୟ କରି ବୈଦୁର୍ଯ୍ୟାଚ୍ଛାଦିତ ସ୍ତମ୍ଭମାନ ସ୍ଥାପନ କରିଥିଲେ । ଏକାନ୍ତର ଭାବରେ ବୈଦୁର୍ଯ୍ୟ ଓ ନୀଳ ଖଚିତ ଅର୍ଦ୍ଧଶତ ଚୈତ୍ୟଯଷ୍ଟି ବା ଛତ୍ରଯଷ୍ଟି ସ୍ଥାପନ କରିଥିଲେ ।

୧୬ - ସେ (ଶ୍ରୀ ଖାରବେଳ) କ୍ଷେମରାଜା (ମଙ୍ଗଳକାରକ) ବର୍ଦ୍ଧିରାଜ (ଦାନଶୀଳ), ଇନ୍ଦ୍ରରାଜ (ପରାକ୍ରମଶାଳୀ, ଧର୍ମରାଜ (ନ୍ୟାୟ ଓ ସତ୍ୟପାଳକ), ନିଜର ଦୃଷ୍ଟି, ଶ୍ରୁତି ଓ ଅନୁଭବ ସାହାଯ୍ୟରେ (ପ୍ରଜାମାନଙ୍କର) ବିବିଧ କଲ୍ୟାଣ ସର୍ବଦା କରିବାକୁ ଚେଷ୍ଟା କରୁଛନ୍ତି । ଶ୍ରୀ ଖାରବେଳ ନାନାବିଧ ଗୁଣରେ ଭୂଷିତ ଅଟନ୍ତି । ସେ ସକଳ ଧର୍ମବାଲମ୍ବୀମାନଙ୍କ ପୂଜକ ଓ ଆଶ୍ରୟଦାତା, ସେ ଦେବମନ୍ଦିର ମାନଙ୍କର ସଂସ୍କାରକାରକ ଅଟନ୍ତି । ସେ ଅପ୍ରତିହତ ଚକ୍ରବାହନ ବଳ ଚକ୍ରଧର ଗୁପ୍ତଚକ୍ର, ପ୍ରବର୍ତନଚକ୍ର, ରାଜର୍ଷି ବଂଶକୂଳ ବିନିସୃତ ମହାବିଜୟୀ ଅଟନ୍ତି ।

ହାତୀଗୁମ୍ଫା ଲେଖ (ଜୟସ୍ୱାଲଙ୍କ ପାଠ)

ସଂସ୍କୃତାନୁବାଦ

ପ୍ରଥମ ଧାଡ଼ି - ନମୋଽର୍ହଦ୍ଭ୍ୟଃ, ନମଃ ସର୍ବସିଦ୍ଧେଭ୍ୟଃ, ଏଲେନ ମହାରାଜେନ ମହାମେଘବାହନେନ ଚୈତ୍ରରାଜବଂଶ ବର୍ଦ୍ଧନେନ, ପ୍ରଶସ୍ତଶୁଭଲକ୍ଷଣେନ ଚତୁରାଂତରସ୍ଥୁଣଗୁଣୋପହିତନୋ, କଳିଙ୍ଗାଧିପତିନା ଶ୍ରୀ ଖାରବେଳେନ ।

ଦ୍ୱିତୀୟ ଧାଡ଼ି - ପଦଶବର୍ଷାଣି ଶ୍ରୀକଡ଼ାର ଶରୀରବତା କ୍ରୀଡ଼ିତାଃ କୁମାରକ୍ରୀଡ଼ାଃ । ତତୋ ଲେଖିରୁ ପଗଣନା ବ୍ୟବହାର ବିଧି ବିଶାରଦନେ ସର୍ବବିଦ୍ୟାବଦତେନ ନବବର୍ଷାଣି ଯୌବରାଜଂ ପ୍ରଶାସିତମ୍ । ସଂପୂର୍ଣ୍ଣ ଚତୁର୍ବିଂଶତି ବର୍ଷ ସ୍ତଦାନୀ ବର୍ଦ୍ଧମାନଶେଷ ଯୌବନାଭିବିଜୟ ସ୍ତୃତୀୟେ ।

ତୃତୀୟ ଧାଡ଼ି - କଳିଙ୍ଗରାଜବଂଶେ ପୁରୁଷଯୁଗାୟ ମହାରାଜ୍ୟାଭିଷେକଂ ପ୍ରାପ୍ନୋତି । ଅଭିଷିକ୍ତମାତ୍ରଶ୍ଚ ପ୍ରଥମେ ବର୍ଷେ ବାତବିହତଂ ଗୋପୁର ପ୍ରାକାର ନିବେଶନଂ ପ୍ରତିସଂସ୍କାରୟତି କଳିଙ୍ଗନଗର୍ଯ୍ୟାଂ ଋଷିକାବିଲ୍ଲଂ ଇଷିତଲ୍ଲଂ ଚଡ଼ାଗପାଲୀଶ୍ଚ ବନ୍ଧୟତି । ସର୍ବେଦ୍ୟାନ ପ୍ରତସସ୍ଥାପନଚ କାରୟତି ।

ଚତୁର୍ଥ ଧାଡ଼ି - ଷିତ୍ରଂଶତ୍ ଶତସହସ୍ରୈଃ ପ୍ରକୃତୀଶ୍ଚ ରଚୟତୀ । ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ସାତକର୍ଣ୍ଣି

ପଶ୍ଚିମଦେଶଂ ହୟ-ଗଜ-ନର-ରଥ-ବହୁଳଂ ଦଣ୍ଡଂ ପ୍ରସ୍ଥାପୟତି ।କୃଷ୍ଣବେଣାଂ ଗତୟା ଚ ସେନୟା ବିତାପୟତି ମୂଷିକନଗରଂ ।ତୃତୀୟେ ପୁନର୍ବର୍ଷେ ।

୫ମ ଧାଡ଼ି - ଗନ୍ଧର୍ବବେଦବୁଧୋ ଦମ୍ପ-ନୃତ୍ୟ-ଗୀତ-ବାଦିତ୍ର-ସନ୍ଦର୍ଶନୈରୁତ୍ସବସମଜ-କାରଣୈଶ୍ଚ କ୍ରୀଡୟତି ନଗରୀଂ । ତଥା ଚତୁର୍ଥେ ବର୍ଷେ ବିଦ୍ୟାଧରାଧିବାସମ୍ ଅହତପୂର୍ବଂ କଳିଙ୍ଗପୂର୍ବରାଜନିବେଶିତଂ ... ... ବିତଥ-ମୁକୁଟାନ୍ ସାର୍ଧିତବିଲାଂଶ୍ଚ ନିକ୍ଷିପ୍ତ-ଛତ୍ର-ଭୃଙ୍ଗାରାନ୍ ।

ଷଷ୍ଠ ଧାଡି- ହୃତ-ରତ୍ନ ସ୍ୱାପତେୟାନ୍ ସର୍ବରାଷ୍ଟ୍ରିକ୍ ଭୋଜକାନ୍ ପାଦାବଭିବାଦୟତେ ।୫ମେ ଚେଦାନୀଂ ବର୍ଷେ ନନ୍ଦରାଜେନ ତ୍ରି-ଶତ-ବର୍ଷୀୟାମ୍ ଅବଘଟିତା ତନସୁଲୀବାଟତ୍ ପ୍ରଣାଳୀଂ ନଗରଂ ପ୍ରବେଶୟତି ।ସେ (୧ପିଚ ବର୍ଷେ) ଷଷ୍ଟେଽଭିଷିକ୍ତଶ୍ଚ ରାଜସୂୟଂ ସନ୍ଦର୍ଶୟନ୍ ସର୍ବକରପଣଂ ।

ସପ୍ତମଧାଡ଼ି - ଅନୁଗ୍ରହାନ୍‌ନେକାନ୍ ଶତସହସ୍ରଂ ବିସୃଜତି ପୌରାୟ ଜାନପଦାୟ ।ସପ୍ତମ ଚ ବର୍ଷଂ ପ୍ରଶାସତୋ ବଜ୍ରଗୃହବତୀ ଧୃଷ୍ଟିରିତି ଗୃହୀଣି ସନ୍-ମାତୃକପଦ ପୂର୍ଣ୍ଣା ସକୁମାର ଅଷ୍ଟମେ ଚ ବର୍ଷେ ମହତ୍ୟା ସେନୟା ବହା (ଭିତ୍ତିଂ) ଗୋରଥଗିରିଂ ।

ଅଷ୍ଟମଧାଡ଼ି - ଘାତୟିତ୍ୱା ରାଜଗୃହମୁପପୀଡ଼ୟତି ।ଏତେନ ଚ କର୍ମାବଦାନ ପ୍ରଣାଦେନ ସଂବୀତାଂ ସୈନ୍ୟବାହିନୀ ବିପ୍ରମୋକ୍ତୁଂ ମଥୁରାମପଯ ତ ଏବଂ ନରେନ୍ଦ୍ରୋ (ନାମ) ମୋ ... ଯଚ୍ଛତି (ବିଚ୍ଛ) .... ପଲଲବଭୃତାନି ।ନବମେ ଚ ବର୍ଷେ ।

ନବମ ଧାଡ଼ି - କଳ୍ପବୃକ୍ଷାନ୍ ହୟରାଜରଥାନ୍ ସଯନ୍ତୃନ୍ ସର୍ବଗୃହାବାସ ପରିବସନାନି ସାଗ୍ନିଷ୍ଠିକାନି ସର୍ବଗ୍ରହଣଂ ଚ କାରୟିତୁଂ ବ୍ରାହ୍ମଣାନାଂ ଜାତିପଙ୍‌କ୍ତ୍ୟୈ ପରିହାରଂ ଦଦାତି ।

ଅର୍ହତ ....ନ .. ଗିୟା ।

ଦଶମ ଧାଡ଼ି - (କ) ମାନେଃ ରାଜସନ୍ନ ବାସ ମହାବିଜୟଂ ପ୍ରାସାଦଂ କରାୟତି ଅଷ୍ଟାତ୍ରିଂଶତା ଶତ ସହସ୍ରୈଃ ।ଦଶମେ ତ ବର୍ଷେ ମହ-ତୃତାଭିସମୟୋ ଭାରତବର୍ଷ ପ୍ରସ୍ଥାନଂ ମହୀଜୟନଂ ତି କାରୟତି (ନିରିତ୍ୟା) ଉଦ୍ୟାତାନାଂ ଚ ମଣିରତ୍ନାନି ଉପଲଭତେ ।

ଏକାଦଶ ଧାଡ଼ି - (ଏକାଦଶେ ବର୍ଷେ ମଣ୍ଡେ ଚ ପୂର୍ବରାଜନିବେଶିତ ପୃଥୁଦଗ୍ର ଦଲ୍‌ଭ ଲାଙ୍ଗଳେ ନିଷ୍କାସୟତି ଜନପଦ ଭାବନଚ ତ୍ରୟୋଦଶ ଶତ ବର୍ଷୀୟସ୍ୟ କେତୁଭଦ୍ରସ୍ୟ ତିକ୍ତାମର ବେହ ସଂଘାତମ୍ ।ଦ୍ୱାଦଶେ ଚ ବର୍ଷେ ଭିଃ ବିତ୍ରାସୟତି ଉତ୍‌ରା ପଥରାଜାନ୍ ।

ଦ୍ୱାଦାଶ ଧାଡ଼ି - ମଗଧାନାଚ ବିପୁଳଂ ଭୟଂଜନୟନ୍ ହସ୍ତିଷୁ ଗଙ୍ଗାୟାଂ ପ୍ରାୟୟତି ।ମାଗଧଚ ରାଜାନଂ ବୃହସ୍ପତିମନ୍ତଂ ପାଦାବଭିବାଦୟତ ।ନନ୍ଦରରାଜନୀତଚ କାଲ୍‌ଗ ଜିନ୍ ସନ୍ନିବେଂ ଗୃହରତ୍ନାନାଂ ପ୍ରତିହାରୌ ଅଙ୍ଗ ମାଗଧ ବସୁନି ଚ ନାୟୟତି ।

ତ୍ରୟୋଦଶ ଧାଡ଼ି - ର ଜଠରୋଲ୍ଲିଖିତାନି ବରାଣି ଶିଖରାଣି ନିବେଶୟତି ଶତ ବୈଶିକାନାଂ ପରିହାରେଣ, ଅଭୁଦମାଶ୍ଚର୍ଯ୍ୟଂଚ ହସ୍ତାନାବାଂ ପାରିପୂରମ୍ ଉପଦେୟଂ ହୟ ହସ୍ତ ରତ୍ନ ମାଣିକ୍ୟଂ ପାଣ୍ଡ୍ୟରାଜାତ୍ ଇଦାନୀ ମନେକାନି ମଣିମୁକ୍ତା ରତ୍ନାନି ଆହାରୟତି ଇହଶତଶଃ ।

ଚତୁର୍ଦ୍ଦଶ ଧାଡ଼ି - ସିନୋ ବଶୀକରୋତି । ତ୍ରେୟୋଦଶେ ଚ ବର୍ଷେ ସୁପ୍ରବୃତ୍ ବିଜୟି ଚକ୍ରେ କୁମାରୀ ପର୍ବତେऽର୍ହତେ ଯାପ-କ୍ଷେମ-ବ୍ୟସଦ୍‌ଭ୍ୟଃ କାୟିକନିଷୀଦ୍ୟାଂ ଯାପ-ଜ୍ଞାପକେଭ୍ୟଃ ରାଜଭୃର୍ଣ୍ଣବ୍ରତାଃ ବ୍ୟବଶାସିତାଃ ପୂଜା କୃତୋପାସାଃ କ୍ଷାରବେଳେନ ଶ୍ରୀମତା ଶ୍ରୀ ଜୀବଦେବ କଳ୍ପଂ ରକ୍ଷିତାଃ ।

୧୫ଦଶ ଧାଡ଼ି - (ତା) ସୁ କୃତଂ ଶ୍ରମଣେଭ୍ୟଃ ସୁବିହିତେଭ୍ୟଃ ଶାସ୍ତ୍ରଦୃଗ୍‌ଭ୍ୟଃ ଜ୍ଞାତୃଭ୍ୟଃ ତପଋଷିଭ୍ୟଃ ସଘାୟନମ୍ ଅର୍ହନ୍ନିଷୀଦ୍ୟାଃ ସମୀପେ ପ୍ରାଗ୍‌ଭାରେ ବରାକରସମୁତ୍‌ଥାପିତାଭିରନେକ ଯୋଜନାହୃତାଭିଃ ଶିଳାଭିଃ ସିଂହପ୍ରସ୍ଥୀୟାୟୈ ରାଜ୍ଞ୍ୟୈ ଧୃଷ୍ଟ୍ୟୈ ନିଃଶ୍ରାୟାଣି ।

ଷୋଡ଼ଶ ଧାଡ଼ି - ପାଟଳିକା ବଚତ୍ୱରେ ଚ ବୈଦୁର୍ଯ୍ୟଗର୍ଭାନ୍ ସ୍ତମ୍ଭାନ୍ ପ୍ରତିଷ୍ଠାପୟତି ୧ସପ୍ତତ୍ୟା ଶତସହସ୍ରୈଃ । ମୁରିୟକାଳଂ ବ୍ୟବଚ୍ଛିନ୍ନଂଚ ଚତୁଃଷଷ୍ଟ୍ୟଗ୍ରଣତିକାନ୍ତରୀୟ ମୁପାଦାପୟତି । କ୍ଷେମରାଜଃ ସ ବର୍ଧରାଜଃ ସ ଭିକ୍ଷୁରାଜୋ ଧର୍ମାରାଜଃ ପଶ୍ୟନ୍ ଶୃଣ୍ୱନ୍ ଅନୁଭବନ୍ କଲ୍ୟାଣାନି ।

ସପ୍ତଦଶ ଧାଡି - ଗୁଣବିଶେଷକୁଶଳଃ ସର୍ବପାଷଣ୍ଡ-ପୂଜକଃ ସର୍ବଦେବାୟତନ-ସଂସ୍କାରକାରକଃ ଅପ୍ରତିହତ ଚକ୍ରିବାହିନୀ-ବଳଃ ଚକ୍ରଧରଃ-ଗୁପ୍ତଚକ୍ରଃ ପ୍ରବୃତ୍‌ଚକ୍ରେଃ ରାଜର୍ଷିବଂଶକୁଳବିନିଃସୃତୋ ମହାବିଜୟୋ ରାଜା କ୍ଷାରବେଳ ଶ୍ରୀଃ ।

ଶ୍ରୀ ଖାରବେଳଙ୍କ ରାଜତ୍ୱକାଳର ଅନ୍ୟ ଲେଖସମୂହ

( ୧ ) ବୈକୁଣ୍ଠପୁର ବା ସ୍ୱର୍ଗପୁର ଗୁମ୍ଫାରେ ଥିବା ଖାରବେଳଙ୍କ ପାଟରାଣୀଙ୍କ ଲେଖ

ମୂଳ - ଅରହତଂ ପସାଦା (ନଂ) କାଳିଂଗାନଂ ସମନାନଂ ଲେଣଂ କାରିତଂ । ରାଜିନୋ ଲାକସ ହଥିସୀହ ସଂପନାତସ ଧୁତୁନା କଂଳିଙ୍‌ଗଚକବିତିନୋ ସିରି ଖାରବେଳସ ଅଗ-ମହିସିନା କାରିତଂ ।

ସଂସ୍କୃତି - ଅର୍ହତ୍‌ସୁପ୍ରସନ୍ନେଭ୍ୟଃ କାଳିଙ୍ଗେଭ୍ୟଃ ଶ୍ରମଣେଭ୍ୟଃ ଲୟନଂ କାରିତଂ । ରାଜ୍ଞୋ ଲାଲାର୍କସ୍ୟ ହସ୍ତିସିଂହ - ସମ୍ପନ୍ନାମ୍ନଃ ଦୁହିତ୍ରା କଳିଙ୍ଗଚକ୍ରବର୍ତ୍ତିନଃ ଶ୍ରୀ ଖାରବେଳସ୍ୟ ଅଗ୍ରମହିଷ୍ୟା କାରିତଂ ।

ଓଡ଼ିଆ ଅନୁବାଦ - କଳିଙ୍ଗବାସୀ ଅର୍ହତଭକ୍ତ ବା ଜୈନଧର୍ମାବଲମ୍ବୀ ବାଳାଦିତ୍ୟଙ୍କ ପରି ତେଜସ୍ୱୀ (କିମ୍ବା ଲାଲାରାଜ୍ୟର ଅଧିପତି ) ହସ୍ତି ସିଂହ ବା ହସ୍ତିସାହଙ୍କ କନ୍ୟା ଏବଂ କଳିଙ୍ଗ ଚକ୍ରବର୍ତ୍ତୀ ଶ୍ରୀ ଖାରବେଳଙ୍କ ଅଗ୍ରମହିଷୀ ବା ପାଟରାଣୀ ଏହି ଗୁମ୍ଫା (ଲେଣ) ଖୋଳାଇଥିଲେ ।

( ୨ ) ପାତାଳପୁର ବା ମଚପୁର ଗୁମ୍ଫାରେ ଥିବା ଶ୍ରୀ କଦମ୍ବ ବା ଶ୍ରୀକୁଦେବଙ୍କ ଲେଖ

ମୂଳ - ଏରସ ମହାରାସ କଳିଂଗାଧିପତିନୋ ମହାମେଘବାହନସ କଦଂପ ସୀରିନୋ (ପୁଦେପ - ସିରିନୋ ଇତି ବା) ଲେଣଂ ।

ସଂସ୍କୃତ - ଆର୍ଯ୍ୟସ୍ୟ ମହାରାଜସ୍ୟ କଳିଙ୍ଗାଧିପତେ ର୍ମହାମେଘ ବାହନସ୍ୟ ଶ୍ରୀ କଦମ୍ବସ (ଶ୍ରୀ କୁଦେବସ୍ୟ ଇତି ବା) ଲୟନଂ ।

ଓଡ଼ିଆ ଅନୁବାଦ - ଆର୍ଯ୍ୟ ମହାରାଜା କଳିଙ୍ଗାଧିପତି ମହାମେଘବାହନ ଶ୍ରୀ କଦମ୍ବ ବା ଶ୍ରୀକୁଦେବ ଉକ୍ତ

ଗୁମ୍ଫା ଖୋଳାଇଥିଲେ ।

(୩) ଯମପୁର ଗୁମ୍ଫାରେ ଥିବା କୁମାର ବଡୁଖଙ୍କ ଲେଖ -

ମୂଳ - କୁମାରୋ ବଡୁଘସ (ବରିଖସ ଇତି ବା) ଲେଣଂ ।

ସଂସ୍କୃତ - କୁମାର ବଡୁଖସ୍ୟ (ବରେଷସ୍ୟ ଇତି ବା) ଲୟନଂ ।

ଓଡ଼ିଆ ଅନୁବାଦ - ରାଜକୁମାର ବଡୁଖ (କିମ୍ବା ବରେଷ) ଏହି ଗୁମ୍ଫା ଖୋଳାଇଥିଲେ ।

(୪) ଛୋଟ ହାତୀଗୁମ୍ଫାରେ ଥିବା ବଡୁଖଙ୍କ ଲେଖ -

ମୂଳ - ଖ... ସ ଲେଣଂ ।

ସଂସ୍କୃତ - ଖ ... ସ୍ୟ ଲୟନଂ ।

ଓଡ଼ିଆ ଅନୁବାଦ - କୁମାର ବଡୁଖ ଏହି ଗୁମ୍ଫା ଖୋଳାଇଥିଲେ ।

(୫) ସର୍ପଗୁମ୍ଫା ଦ୍ୱାର ଉପରେ ଥିବା ଚୂଳକମ୍ମଙ୍କ ଲେଖ

ମୂଳ - ଚୂଳକଂମସ କୋଜେୟା (ପାସାଦୋ)

ସଂସ୍କୃତ - କ୍ଷୁଦ୍ରକର୍ମସ୍ୟ କୋଷ୍ଠୋଜୟଶ୍ଚ ଚ (ପ୍ରାସାଦଃ)

ଓଡ଼ିଆ ଅନୁବାଦ - କାରୁକାର୍ଯ୍ୟ ଖୋଦିତ ସ୍ତମ୍ଭଯୁକ୍ତ ବରଣ୍ଡାଶୋଭିତ ପ୍ରାସାଦପ୍ରତିମ ଏହି କୋଠାକୁ ଚୂଳକମ୍ମ (କ୍ଷୁଦ୍ରକର୍ମ) ନାମକ (ରାଜକର୍ମଚାରୀ) ତିଆରି କରାଇଥିଲେ ।

(୬) ପାବନଗୁମ୍ଫା ବା ହରିଦାସ ଗୁମ୍ଫାରେ ଥିବା ଚୂଳକମ୍ମଙ୍କ ଲେଖ

ମୂଳ - ଚୂଳକଂମସ ପସାତୋ କୋଠାଜେୟା ଚ ।

ସଂସ୍କୃତ - କ୍ଷୁଦ୍ରକର୍ମସ୍ୟ ପ୍ରାସାଦଃ କୋଷ୍ଠଜେୟଶ୍ଚ ।

ଓଡ଼ିଆ ଅନୁବାଦ - ରାଜକର୍ମଚାରୀ ଚୂଳକମ୍ମ ବା କ୍ଷୁଦ୍ରକର୍ମ ରାଜପ୍ରାସାଦତୁଲ୍ୟ ବାରଣ୍ଡାଯୁକ୍ତ ଏହି କୋଠା ତିଆରି କରାଇଥିଲେ ।

(୭) ସର୍ପଗୁମ୍ଫା ପ୍ରବେଶଦ୍ୱାରା ବାମପାର୍ଶ୍ୱରେ ଥିବା କମ୍ମ ଓ ଖିଣାଙ୍କ ଲେଖ -

ମୂଳ - କଂମସ କୋଠା ଚ ଖୀଣାୟ ଚ ପସାଦୋ ।

ସଂସ୍କୃତ - କର୍ମସ୍ୟ କୋଷ୍ଠଶ୍ଚ କ୍ଷୀଣାୟାଶ୍ଚ ପ୍ରାସାଦୋ ।

ଓଡ଼ିଆ ଅନୁବାଦ - କମ୍ମ ବା କର୍ମଙ୍କ ଦ୍ୱାରା ତିଆରି କରାଯାଇଥିବା କୋଠା ଓ କ୍ଷୀଣଙ୍କ ଦ୍ୱାରା କାରିତ ପ୍ରାସାଦ (ପ୍ରାସାଦ ତୁଲ୍ୟ ବରଣ୍ଡା) । କର୍ମ କ୍ଷୀଣ ସ୍ୱାମୀ ଓ ସ୍ତ୍ରୀ ହୋଇଥିବାର ମନେହୁଏ ।

(୮) ବ୍ୟାଘ୍ର ଗୁମ୍ଫାରେ ଥିବା ଭୂତିଙ୍କ ଲେଖ

ମୂଳ - ନଗର ଅଖଦଂସସ ଭୂତିନୋ ଲେଣଂ ।

ସଂସ୍କୃତ - ନଗର ଅକ୍ଷଦର୍ଶସ୍ୟ ଭୂତେଃ ଲୟନଂ ।

ଓଡ଼ିଆ ଅନୁବାଦ - ନଗର ବିଚାରାଧକ୍ଷ (ବୋଧହୁଏ କଳିଙ୍ଗ ନଗରର ବିଚାରପତି) ଭୂତି (ପାଠାନ୍ତର ସୁଭୂତି) ଉକ୍ତ ଗୁମ୍ଫା ଖୋଳାଇଥିଲେ ।

(୯) ଜମ୍ୱେଶ୍ୱର (ଯମେଶ୍ୱର) ଗୁମ୍ଫାରେ ଥିବା ନାକିୟଙ୍କ ଲେଖ -

ମୂଳ - ମହାମଦସ ବାରିୟାୟ (ଭାରିୟାୟ) ନାକିୟସ ଲେଣଂ ।

ସଂସ୍କୃତି - ମହାମାତ୍ରସ୍ୟ (ମହାମଦସ୍ୟ ଇତି ବା) ବାର୍ଯ୍ୟାୟଃ (ଭାର୍ଯ୍ୟାୟାଃ) ନାକ୍ୟସ୍ୟ ଲୟନମ୍ ।

ଓଡ଼ିଆ ଅନୁବାଦ - ମହାମତ ବା ମହାମାତ୍ର (କ୍ଷମତା ସମ୍ପନ୍ନ ରାଜକର୍ମଚାରୀ) ନାକୀୟଙ୍କ ଭାର୍ଯ୍ୟା ବା ସ୍ତ୍ରୀ ଉକ୍ତ ଗୁମ୍ଫା ଖୋଳାଇଥିଲେ ।

(୧୦) ଅନନ୍ତ ଗୁମ୍ଫାର ବାରଣ୍ଡା ଉପରେ ଥିବା ଲେଖ -

ଅନନ୍ତ ଗୁମ୍ଫା, ଖଣ୍ଡଗିରିର ଗୁମ୍ଫାଗୁଡ଼ିକ ମଧ୍ୟରେ ପ୍ରାଚୀନତମ ଓ ସର୍ବଶ୍ରେଷ୍ଠ ।

ମୂଳ - ଶମଣାନଂ ଲେଣଂ ।

ସଂସ୍କୃତି - ଶ୍ରମଣାନାଂ ଲୟନମ୍ ।

ଓଡ଼ିଆ ଅନୁବାଦ - (ବୋଧହୁଏ କଳିଙ୍ଗବାସୀ) ଶ୍ରମଣମାନଙ୍କ ନିମିତ୍ ଉକ୍ତ ଗୁମ୍ଫା ଖୋଳାଯାଇଥିଲା ।

(୧୧) ଅନନ୍ତ ଗୁମ୍ଫା ନିକଟରେ ପାହାଡ଼ ଦେହରେ ଖୋଦିତ ଲେଖ -

ମୂଳ - କୋଠାଜେୟା

ସଂସ୍କୃତ - କୋଷ୍ଠୋଽଜେୟଃ ।

ଓଡ଼ିଆ ଅନୁବାଦ - ବରଣ୍ଡାଯୁକ୍ତ ଏହି କୋଠାଗୁଡ଼ିକ (ନିର୍ମାତା ନାମ ଲିଭଗଲାଣି) ।

(୧୨) ତତ୍ୱ ଗୁମ୍ଫା ଲେଖ -

ଏହା ଖଣ୍ଡଗିରିରେ ଥିବା ତତ୍ୱଗୁମ୍ଫା ଭିତରେ ପଛପାଖ କାନ୍ଥରେ ଖୋଦିତ ହୋଇଛି ।ଏହାର ଅଧିକାଂଶ ଅକ୍ଷର ଲିଭିଗଲାଣି ।

ମୂଳ - ରୀପୁତିସ କୟା ।

ସଂସ୍କୃତ - ରୀପୁତ୍ରସ୍ୟ କଲ୍ୟା ।

(୧୩) ତତ୍ୱଗୁମ୍ଫାର ଏକ ଦ୍ୱାର ଉପରେ ଖୋଦିତ ଲେଖ -

ମୂଳ - ପାଦମୂଳିମସ କୁସୁମସ ଲେଣାନି ।

ସଂସ୍କୃତ - ପାଦମୂଳିକସ୍ୟ କୁସୁସମ୍ୟ ଲୟନାନି ।

ଓଡ଼ିଆ ଅନୁବାଦ - ରାଜପଦାଶ୍ରିତ କୁସୁମ ଏ ସମସ୍ତ ଗୁମ୍ଫା ଖୋଳାଇଥିଲେ ।

(୧୪) ତତ୍ୱଗୁମ୍ଫାରେ ଖୋଦିତ ବ୍ରାହ୍ମୀ ବର୍ଣ୍ଣମାଳା

ତତ୍ୱଗୁମ୍ଫା ଭିତରେ ପଛପଟ କାନ୍ଥରେ ଛଅଧାଡ଼ି ବିଶିଷ୍ଟ ବ୍ରାହ୍ମୀ ବର୍ଣ୍ଣମାଳା ଖୋଦିତ ହୋଇଅଛି ।ସେଗୁଡ଼ିକ

ଏଠାରେ ଉଦ୍ଧାର କରିବା ଅନାବଶ୍ୟକ ।

# ସପ୍ତମ ଅଧ୍ୟାୟ

## ଶ୍ରୀ ଖାରବେଳଙ୍କ ସମୟ ନିରୂପଣ

କଳିଙ୍ଗ ସମ୍ରାଟ୍ ଭାରତବିଜୟୀ ଶ୍ରୀ ଖାରବେଳଙ୍କ ପ୍ରଶସ୍ତି ଉଦୟଗିରିର ହାତୀଗୁମ୍ଫା ଲେଖରେ ବର୍ଣ୍ଣିତ ହୋଇଅଛି । ୧୮୨୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଡ଼ିଭିଜନର କମିଶନରଙ୍କ ସେକ୍ରେଟାରୀ ଷ୍ଟର୍ଲିଙ୍ଗ୍ ସର୍ବପ୍ରଥମେ ଏହି ଅଦ୍ୱିତୀୟ ଶିଳାଲେଖ ପ୍ରତି ଭାରତର ଐତିହାସିକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସେ ଏହାକୁ ପଢ଼ିବାକୁ ସମର୍ଥ ହୋଇ ନଥିଲେ । ତାଙ୍କ ପରେ ଜେମ୍ସ ପ୍ରିନ୍‌ସେପ୍, କନିଙ୍ଗହାମ୍, ରାଜେନ୍ଦ୍ରଲାଲ୍ ମିତ୍ର ପ୍ରଭୃତି ପ୍ରତ୍ନତତ୍ୱାନ୍ୱେଷୀ ପଣ୍ଡିତମାନେ ଏହି 'ଲେଖ' ପଢ଼ିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ସେମାନେ ଆଂଶିକ ଭାବରେ କୃତକାର୍ଯ୍ୟ ହୋଇଥିଲେ । ରାଜେନ୍ଦ୍ରଲାଲ ମିତ୍ର ଏହାର ସମୟ ନିର୍ଦ୍ଧାରଣ ବା ଶ୍ରୀ ଖାରବେଳଙ୍କ ନାମ ପର୍ଯ୍ୟନ୍ତ ପଢ଼ିବାକୁ ସମର୍ଥ ହୋଇ ନଥିଲେ । ତାଙ୍କ ମତରେ ଏହା ଅଶୋକଙ୍କ ସମୟର ବା କିଚିତ୍ ପୂର୍ବବର୍ତ୍ତୀ । କିନ୍ତୁ ତାଙ୍କ ମତ ସମ୍ପୂର୍ଣ୍ଣ ଭ୍ରାନ୍ତ ବୋଲି ପ୍ରମାଣିତ ହେଲାଣି । ଲେଖ ବର୍ଣ୍ଣିତ ସାତକର୍ଣ୍ଣି ଅଙ୍ଗ ମଗଧର ବୃହସ୍ପତି ମିତ୍ର ଅଶୋକଙ୍କ ପରବର୍ତ୍ତୀ । ଏହି ଲେଖରୁ ସ୍ପଷ୍ଟ ଜଣାଯାଏ ସେ, ସେ ଅଙ୍ଗ ମଗଧର ନନ୍ଦରାଜାଙ୍କ ୩୦୦ ବା ୧୦୩ ବର୍ଷ ପରେ ରାଜତ୍ୱ କରିଥିଲେ । ତେଣୁ ମିତ୍ର ମହାଶୟଙ୍କ ମତ ଗ୍ରହଣୀୟ ନୁହେଁ ।

ଉତ୍କଳ ଇତିହାସ ଆଲୋଚନାର ପଥପ୍ରଦଶକ ସ୍ୱର୍ଗତ ପ୍ୟାରୀମୋହନ ଆଚାର୍ଯ୍ୟ ମିତ୍ର ମହାଶୟଙ୍କ ମତ ଗ୍ରହଣ କରିଥିଲେ । ଆଧୁନିକ ଐତିହାସିକମାନଙ୍କର ଏଥିପ୍ରତି ଦୃଷ୍ଟିଦେବା ଉଚିତ୍ ନୁହେଁ । ମିତ୍ର ମହାଶୟଙ୍କ ପରେ ଗୁଜୁରାଟର ସ୍ୱନାମଧନ୍ୟ ପଣ୍ଡିତ ଭଗବାନଲାଲ ଇନ୍ଦ୍ରଜୀ ସର୍ବପ୍ରଥମେ ଏହି ବିରାଟ ଶିଳାଲେଖକୁ ପଢ଼ିବା ପାଇଁ ସମର୍ତ ହୋଇଥିଲେ ଓ ତାହା ୧୯୦୭ ମସିହାରେ ଏକ ପୁସ୍ତକରେ ପ୍ରକାଶ କରିଥିଲେ । ସେ ଭାଷାତତ୍ୱ ଓ ବ୍ରାହ୍ମୀ ବର୍ଣ୍ଣମାଳାର କ୍ରମବିକାଶ ଇତ୍ୟାଦି ବହୁ ଗବେଷଣା ସହିତ ଆଲୋଚନା କରି ଏହା ଲେଖଟି ମୌର୍ଯ୍ୟସମ୍ରାଟ୍ ଅଶୋକଙ୍କ ପରବର୍ତ୍ତୀ ବୋଲି ସ୍ଥିର କରିଥିଲେ । କିନ୍ତୁ ସେ ଶ୍ରୀ ଖାରବେଳଙ୍କ ସମୟ ସ୍ଥିରରୂପେ ନିର୍ଣ୍ଣୟ କରିପାରି ନଥିଲେ । ତଥାପି ସେ ଏହି ଲେଖ ପାଠକରି ବିଶେଷ ଖ୍ୟାତି ଅର୍ଜ୍ଜନ କରିଥିଲେ ଓ ତାଙ୍କଠାରେ ଉତ୍କଳ ଏହି ନୂତନ ଆବିଷ୍କାର ପାଇଁ ଋଣୀ ।

ତାଙ୍କ ପରେ ଆଧୁନିକ ଯୁଗର ଏକତମ ଶ୍ରେଷ୍ଠ ଐତିହାସିକ ସ୍ୱର୍ଗତ କାଶୀପ୍ରସାଦ ଜୟସ୍ୱାଲ ୧୯୧୭ରେ ଏହି ଲେଖର ବିସ୍ତୃତ ସମାଲୋଚନା, ବହୁ ପାଠ, ଶବ୍ଦାର୍ଥ ଓ ଅନ୍ୟାନ୍ୟ ଐତିହାସିକମାନଙ୍କ ମତ ସହିତ "ବିହାର-ଓଡ଼ିଶା ଗବେଷଣା ସମିତି ପତ୍ରିକା'ର ତୃତୀୟ ଭାଗରେ ପ୍ରକାଶ କରିଥିଲେ । ତତ୍‌ପରବର୍ଷ ଉକ୍ତ ପତ୍ରିକାରେ ଜୟସ୍ୱାଲ ମହାଶୟ ଏ ସମ୍ପର୍କରେ ଆଉ ଦୁଇଟି ପ୍ରବନ୍ଧ ପ୍ରକାଶ କରିଥିଲେ । ପ୍ରସିଧ୍ ଐତିହାସିକ ସ୍ୱର୍ଗତଃ ରାଖାଲଦାସ ବନ୍ଦୋପଧାୟ ଖଣ୍ଡଗିରି ଓ ଉଦୟଗିରିରେ ଥିବା ଅନ୍ୟ ଲେଖଗୁଡ଼ିକର ପାଠ 'ଏପ୍ରଗ୍ରାଫିୟା ଇଣ୍ଡିକା' ପତ୍ରିକାର ତ୍ରୟୋଦଶ ଭାଗରେ ପ୍ରକାଶ କରିଥିଲେ । ଜୟସ୍ୱାଲ ଓ ବାନାର୍ଜୀ ଉପଯୁକ୍ତ ପ୍ରମାଣ ନପାଇ ମଧ ଖାରବେଳ ସୁଙ୍ଗବଂଶ ପ୍ରତିଷ୍ଠାତା ପୁଷ୍ପମିତ୍ରଙ୍କର ସମସାମୟିକ ବୋଲି ସ୍ଥିର କଲେ । ବାନାର୍ଜୀ ମହାଶୟ ସ୍ୱପ୍ରଣୀତ 'ଓଡ଼ିଶା ଇତିହାସ' ପ୍ରଥମ ଭାଗରେ ଏହି ଭ୍ରାନ୍ତ ମତ ସନ୍ନିବେଶ କରିଅଛନ୍ତି । କିନ୍ତୁ ଏହି ଶିଳାଲେଖଟି ୧୯୧୭ରେ ପ୍ରକାଶିତ ବୋ ପରେ ଭାରତର ଅନେକ ଐତିହାସକ ଏହାର ଆଲୋଚନା କରିବାକୁ ଆରମ୍ଭ କଲେ । ଭାରତ

ଇତିହାସରେ ଖାରବେଳ ଅଧ୍ୟାୟ ନୂତନ ଭାବରେ ଲେଖାଗଲା । ସ୍ମିଥ୍, ମାରଶାଲ୍ ପ୍ରଭୃତି କେତେଜଣ ଲବ୍‌ଧପ୍ରତିଷ୍ଠ ଐତିହାସିକ ଜୟସ୍ୱାଲଙ୍କର ଉକ୍ତ ଭ୍ରାନ୍ତ ମଧ ଗ୍ରହଣ କରିଥିଲେ । କିନ୍ତୁ ସ୍ୱର୍ଗତଃ ରମାପ୍ରାସାଦ ଚନ୍ଦ, ଶ୍ରୀଯୁକ୍ତ ହେବଚନ୍ଦ୍ର ରାୟଚୌଧୁରୀ ଓ ସ୍ୱର୍ଗତଃ ବେନିମାଧ୍ ବରୁଆ ନାନାଯୁକ୍ତି ଦ୍ୱାରା ଜୟସ୍ୱାଲ ଓ ବାନାର୍ଜୀଙ୍କ ମତ ଖଣ୍ଡନ କରିଅଛନ୍ତି । ସେମାନେ ଶ୍ରୀ ଖାରବେଳ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ସମ୍ରାଟ୍ ବୋଲି ସ୍ଥିତର କଲେ । କିନ୍ତୁ ଏମାନଙ୍କ ମତ ଅଭ୍ରାନ୍ତ ବୋଲି ପ୍ରତିପନ୍ନ ହେଉନାହିଁ ।

ଶ୍ରୀ ଖାରବେଳଙ୍କ ସମୟ ସ୍ଥିରରୂପେ ନିର୍ଦ୍ଧାରିତ ନହେଲେ ଉତ୍କଳରେ ଜୈନଧର୍ମ ପ୍ରଚାର, ଉତ୍କଳୀୟ ଶିଳ୍ପକଳା ଓ ଲିପିତତ୍ତ୍ୱର ବିକାଶର ଇତିହାସ ସ୍ଥିର ହୋଇପାରିବ ନାହିଁ । ଏହା ସହିତ ପ୍ରାଚୀନ କଳିଙ୍ଗ ସମ୍ରାଜ୍ୟର ଇତିହାସ ଘନିଷ୍ଠ ଭାବରେ ସଂପୃକ୍ତ । ସ୍ୱର୍ଗତଃ ପଣ୍ଡିତ ନୀଳକଣ୍ଠ ଦାସ, ସ୍ୱର୍ଗତଃ ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଅନ୍ୟାନ୍ୟ ଐତିହାସିକମାନେ ଜୟସ୍ୱାଲଙ୍କ ଭ୍ରାନ୍ତ ମତକୁ ନିର୍ବିଚାରରେ ଗ୍ରହଣ କରିଅଛନ୍ତି । ତେଣୁ ଏ ବିଷୟରେ ଏକ ସିଧାନ୍ତରେ ଉପନୀତ ହେବା ଆବଶ୍ୟକ । ସମସ୍ତଙ୍କ ମତ ଆଲୋଚନା କରିବା ବର୍ତ୍ତମାନ କ୍ଷେତ୍ରରେ ସମ୍ଭବପର ନୁହେଁ । ତେଣୁ କେବଳ ଜୟସ୍ୱାଲ, ବାନାର୍ଜୀ, ଚନ୍ଦ୍ର, ରାୟଚୌଧୁରୀ ଓ ବରୁଆଙ୍କ ମତ ଏଥିରେ ଆଲୋଚନା କରି ନିଜର ମତ ପ୍ରକାଶ କରୁଅଛି । ଏହି ମତ ପ୍ରତିଷ୍ଠିତ ହେଲେ ଉତ୍କଳର ପ୍ରାଚୀନ ଇତିହାସ ସୁଶୃଙ୍ଖଳ ଓ ଧାରାବାହିକ ହେବ ବୋଲି ମୋର ବିଶ୍ୱାସ । ଶ୍ରୀ ଖାରବେଳଙ୍କ ସମୟ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରୁ ନିମ୍ନଲିଖିତ ସୂଚନା ମିଳେ । ପାଠକମାନଙ୍କ ସୁଖବୋଧ ନିମିତ୍ ଲେଖର ସଂସ୍କୃତାନୁବାଦରୁ ଆବଶ୍ୟକ ପଂକ୍ତି ନିମ୍ନରେ ଉଧାର କରାଗଲା ।

(୧) ସମ୍ପୂର୍ଣ୍ଣ ଚତୁର୍ବିଂଶତି - ବର୍ଷଃ ସ-ଇଦାନୀଂ ବର୍ଦ୍ଧମାନ-ଶେଷ ଯୌବନାଭିବିଜୟ ସ୍ତୁତୀୟେ କଳିଙ୍ଗ - ରାଜବଂଶେ ପୁରୁଷଯୁଗେ ମହାରାଜାଭିଷେଚନଂ ପ୍ରାପ୍ନୋତି ।

(୨) ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ଶାତକଣ୍ଣିତ - ଦଣ୍ଡଂ ପ୍ରସ୍ଥାପୟତି ।

(୩) ୫ମେ ଚେଦାନୀଂ ବର୍ଷେ ନନ୍ଦରାଜେନ ତ୍ରିବର୍ଷ ତୋତ୍ ପୂର୍ବମୁଦ୍‌ଘାଟିତଂ ତଉଶୂଳି ବତ୍ମନଂ ପ୍ରଣାଳୀ, ନଗରଂ ପ୍ରବେଶୟତି ।

(୪) ଅଷ୍ଟମେ ଚ ବର୍ଷେ ମଥୁରାମୁପଯାତ ଏବ ନରେନ୍ଦ୍ରଃ ।

(୫) ଏକାଦଶେ ଚ ବର୍ଷେ କଳିଙ୍ଗ ପୂର୍ବରାଜ ନିବେଶିତ ପୃଥୂଦକ-ଦର୍ଭ-ନଗରେ ନିଷ୍କାସୟତି ଜୀନବଦ ଭବନଂ ଚ ତ୍ରୟୋଦଶ-ବର୍ଷ-ଶତକୃତଂ ଭିନତି୍ ତିମିର ହ୍ରଦ-ସଂଖ୍ୟାତଂ ।

(୬) ଦ୍ୱାଦଶେ ଚ ବର୍ଷେ ମାଗଧାନାଚ ରାଜ୍ଞଂ ବୃହସ୍ପତି ମିତ୍ର ପାଦୌ ବନ୍ଦୟତି । ନନ୍ଦରାଜ-ନୀତଂ କାଳିଭ୍‌ଗ ଜିନାସନଂ ଅଙ୍ଗ-ମଗ-ଧେଭ୍ୟଃ କଳିଙ୍ଗ ମାନୟତି ।

ହାତୀଗୁମ୍ଫା ଲେଖର 'ଶାତକର୍ଣ୍ଣି', 'ବୃହସ୍ପତି ମିତ୍ର' ଓ 'ନନ୍ଦରାଜ'ଙ୍କ ସମୟ ନିରୂପିତ ହେଲେ ଶ୍ରୀ ଖାରବେଳଙ୍କ ସମୟାନୁସାରେ ସ୍ଥିରି ହୋଇପାରିବ । ଭାରତର କେତେକ ପ୍ରାଚୀନ ଲେଖର ବ୍ରାହ୍ମୀ ବର୍ଣ୍ଣମାଳା ସହିତ ହାତୀଗୁମ୍ଫା ଲେଖର ବ୍ୟବହୃତ ବ୍ରାହ୍ମୀ ବର୍ଣ୍ଣମାଳାର ଅଳ୍ପ ବହୁତ ସାମଞ୍ଜସ୍ୟ ଲକ୍ଷିତ ହୁଏ । ସେଗୁଡ଼ିକ ମଧ୍ୟରୁ କେତେକରେ 'ଶାତକର୍ଣ୍ଣି' ଓ 'ବୃହସ୍ପତି ମିତ୍ର'ଙ୍କ ନାମ ମିଳେ ।

ମଗଧର ବାରବର ପର୍ବତରେ (ପ୍ରବରଗିରି) ଉକ୍ତ ପର୍ବତର ପ୍ରାଚୀନ ନାମ 'ଗୋରଧଗିରି' ଖୋଦିତ

ହୋଇଅଛି । ହାତୀଗୁମ୍ଫା ଲେଖରେ ମଧ୍ୟ 'ଗୋରଥଗିରି' ନାମ ମିଳେ । ବାନାର୍ଜୀଙ୍କ ମତରେ ଶ୍ରୀ ଖାରବେଳ ମଗଧ ଆକ୍ରମଣ ସମୟରେ ଏହାକୁ ଲେଖିଥିଲେ । ଏହା ସମୀଚୀନ ମନେହୁଏ ।

ସ୍ୱର୍ଗତଃ ଜୟସ୍ୱାଲ୍ ମହାଶୟ ନିମ୍ନଲିଖିତ ପ୍ରମାଣମାନ ଉପସ୍ଥାପିତ କରିଛନ୍ତି - (୧) ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ସେନାପତି ପୁଷ୍ୟମିତ୍ରଙ୍କ ସୁଙ୍ଗରାଜତ୍ୱ ଖ୍ରୀ.ପୂ. ୧୮୫ରେ ପ୍ରତିଷ୍ଠିତ ହୋଇଥିଲା । ସେ ବ୍ରାହ୍ମଣ୍ୟଧର୍ମର ପୁନରୁତ୍‌ଥାନ ପାଇଁ ଦୁଇଟି ଅଶ୍ୱମେଧ ଯଜ୍ଞ କରିଥିଲେ ଓ ବିଶେଷ ପରାକ୍ରମଶାଳୀ ଥିଲେ । ସେ ଯବନରାଜ ଡ଼ିମେଟ୍ରିୟସଙ୍କୁ ଯୁଧିରେ ପରସ୍ତ କରିଥିଲେ । ଜୟସ୍ୱାଲ୍ ସୁଙ୍ଗବଂଶ ପ୍ରତିଷ୍ଠିତା ପୁଷ୍ୟମିତ୍ର ଓ ହାତୀଗୁମ୍ଫା ଲେକର 'ବହସତି ମିତ' ବା 'ବୃହସ୍ପତି ମିତ୍ର' ଏକ ଓ ଅଭିନ୍ନ ବୋଲି ଗ୍ରହଣ କରିଅଛନ୍ତି । ଏହାର କାରଣ ସ୍ୱରୂପ ସେ ଲେଖିଛନ୍ତି - "Bahasati or Brahaspati finds mention in the Sankhyayana Grahyasutra as the presiding deity of the Pusya (ପୁଷ୍ୟ) constellatin of stars". ସାଂଖ୍ୟାୟନ ଗୃହ୍ୟସୂତ୍ରରୁ ସେ ଦୁହେଁ ଏକ ବ୍ୟକ୍ତି ଥିବାର କୌଣସି ପ୍ରମାଣ ମିଳେ ନାହିଁ । ଏଥିରୁ କେବଳ ଜଣାଯାଏ ଯେ, ପୁଷ୍ୟ ତାରକାପଂକ୍ତିରେ ବୃହସ୍ପତି ଶ୍ରେଷ୍ଠ ବୋଲି ପରିଗଣିତ । କିନ୍ତୁ ଏପରି ଗୋଟାଏ ସାମାନ୍ୟ କଥା ଉପରେ ନିର୍ଭର କରି ଇତିହାସ ଲେଖିବା ଆଦୌ ଯୁକ୍ତ୍ୟଯୁକ୍ତ ନୁହେଁ । ପୁନଶ୍ଚ 'ବୃହସ୍ପତି ମିତ୍ର' ନାମରେ ଅନେକ ରାଜାଙ୍କ ନାମ ମିଳେ ଓ ସେମାନଙ୍କ ମଧ୍ୟରୁ କେତେଜଣ ଅଙ୍ଗ ମଗଧର ମଧ୍ୟ ରାଜତ୍ୱ କରୁଥିଲେ ।

'ଦିବ୍ୟାବଦାନ'ରୁ ଜଣାଯାଏ ଯେ, ଅଶୋକଙ୍କ ନାତି ସମ୍ପ୍ରତିଙ୍କ ପରେ ମୌର୍ଯ୍ୟବଂଶୀୟ 'ବୃହସ୍ପତି' ମଗଧରେ ରାଜତ୍ୱ କରିଥିଲେ । ପୁରାଣମାନଙ୍କରୁ ମଧ୍ୟ ମୌର୍ଯ୍ୟ "ବୃହସ୍ପତି ମିତ୍ର'ଙ୍କର ନାମ ମିଳେ । ମୌର୍ଯ୍ୟଯୁଗର ବ୍ରାହ୍ମୀ ଅକ୍ଷରରେ ଲିଖିତ ଯଶମିତ୍ରାଙ୍କ ଇଷ୍ଟକ ଲିପିରି ଜଣାଯାଏ ଯେ, ସେ ବୃହସ୍ପତି ମିତ୍ରଙ୍କର କନ୍ୟା ଥିଲେ । ଅହିଛତ୍ର ରାଜା ଆଷାଢ଼ସେନଙ୍କ ପଭୋସା ଲେଖରେ ମଧ୍ୟ ବୃହସ୍ପତି ମିତ୍ରଙ୍କର ନାମ ଦୁଇବାର ଲିଖିତ ହୋଇଅଛି । ଆଷାଢ଼ସେନ ଉଦାକ ନାମକ ରାଜାଙ୍କର ରାଜତ୍ୱର ଦଶମ ବର୍ଷରେ ଗୋଟିଏ ଗୁମ୍ଫା ନିର୍ମାଣ କରିଥିଲେ । କୋଶାମ୍ବୀରୁ ପ୍ରାପ୍ତ କେତେକ ମୁଦ୍ରାରେ ଦୁଇଜଣ ବୃହସ୍ପତି ମିତ୍ରଙ୍କ ନାମ ମିଳେ । ସେଥିମଧ୍ୟରୁ ଜଣଙ୍କର ମୁଦ୍ରାରେ ମୌର୍ଯ୍ୟଯୁଗର ବ୍ରାହ୍ମୀ ବର୍ଣ୍ଣମାଳା ପରିଦୃଷ୍ଟ ହୁଏ । ଲଖନୌ ମିଉଜିୟମରେ ଥିବା ଗୋଟିଏ ମୁଦ୍ରାର ମଧ୍ୟ ବୃହସ୍ପତି ମିତ୍ରଙ୍କର ନାମ ମିଳେ । ଏତେଗୁଡ଼ିଏ ବୃହସ୍ପତି ମିତ୍ର ଥାଉଁ ଥାଉଁ ଜୟସ୍ୱାଲ ଟାଣିଓଟାରି ପୁଷ୍ୟମିତ୍ର ଓ ବୃହସ୍ପତି ମିତ୍ର ଅଭିନ୍ନ ବୋଲି ଉଲ୍ଲେଖ କରିଅଛନ୍ତି, ଏହା ଆଦୌ ସମ୍ଭବପର ନୁହେଁ । ହାତୀଗୁମ୍ଫା ଲେଖର ବୃହସ୍ପତି ମିତ୍ର ଉପରୋକ୍ତ 'ବୃହସ୍ପତି ମିତ୍ର' ମାନଙ୍କ ମଧ୍ୟରୁ ଜଣେ ହେବା ସମ୍ଭବପର । ପୁନଶ୍ଚ ପୁଷ୍ୟମିତ୍ର ବିଶେଷ ପରାକ୍ରମଶାଳୀ ଥିଲେ । ସେ ଉତ୍ତର ଭାରତର ଅଧିକାଂଶ ଜୟ ଓ ଯବନରାଜଙ୍କୁ ପରାସ୍ତ କରିଥିଲେ । ସେ ନିଜ କ୍ଷମତା ପ୍ରଦର୍ଶନ ନିମିତ୍ ଦୁଇଟି ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ । ଶ୍ରୀ ଖାରବେଳ ତାଙ୍କୁ ଦୁଇବାର ପରାସ୍ତ କରିବା ଅସମ୍ଭବ ପରି ଜଣାଯାଏ । ତେଣୁ ଜୟସ୍ୱାଲଙ୍କ ଏହି ମତ ଆଦୌ ଗ୍ରାହ୍ୟ ନୁହେଁ ।

(୨) ହାତୀଗୁମ୍ଫା ଲେଖର ଶାତକର୍ଣ୍ଣିଙ୍କୁ ସେ ଆନ୍ଧ୍ର ସାତବାହନ ବଂଶୀୟ ତୃତୀୟ ରାଜା 'ନାୟିନିକା ସ୍ୱାମୀ' ସିମୁକ ପୁତ୍ର ସମଗ୍ର ଦାକ୍ଷିଣାପତପତି ଶାତକର୍ଣ୍ଣି ବୋଲି ଗ୍ରହଣ କରିଛନ୍ତି । ତାଙ୍କର ଏହି ମତ ସମୀଚୀନ । ସେ ଖ୍ରୀ.ପୂ. ୨୦୦ ଅବ୍ଦରେ ସାତବାହନ ବଂଶ ପ୍ରତିଷ୍ଠିତ ହୋଇଥିବାର ସ୍ଥିରକରି ଶାତକର୍ଣ୍ଣିଙ୍କ ରାଜତ୍ୱ ଖ୍ରୀ.ପୂ. ୧୭୨ରେ ନିର୍ଦ୍ଧିଷ୍ଟ କରିଛନ୍ତି ।

(୩) ସେ ନନ୍ଦରାଜାଙ୍କ ମହାପଦ୍ମନନ୍ଦ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ହାତୀଗୁମ୍ଫା ଲେଖର

୩୦୦ ନନ୍ଦାବ୍ଦ ବ୍ୟବହୃତ ହୋଇଅଛି । ସେ କହନ୍ତି, ମହାପଦ୍ମନନ୍ଦଙ୍କ ପିତାମହ ନନ୍ଦିବର୍ଦ୍ଧନ ଖ୍ରୀ.ପୂ. ୪୮୫ ଅବ୍ଦରେ ନନ୍ଦାବ୍ଦ ଚଳାଇଥିଲେ । ତାଙ୍କ ମତର ପୋଷକତା କରିବା ପାଇଁ ସେ ଆଲ୍‌ବେରୁନି ଓ ଚାଲୁକ୍ୟରାଜ ଷଷ୍ଠ ବିକ୍ରମାଦିତ୍ୟଙ୍କ ଶିଳାଲେଖରୁ ପ୍ରମାଣ ସଂଗ୍ରହ କରିଅଛନ୍ତି ।

ଏହା ସୁନିଶ୍ଚିତ ଯେ, ହାତୀଗୁମ୍ଫା ଲେଖରେ ନନ୍ଦାବ୍ଦର କୌଣସି ସୂଚନା ନାହିଁ । ଏଥିରେ ସ୍ପଷ୍ଟ ଲେଖା ହୋଇଅଛି ଯେ, ଶ୍ରୀ ଖାରବେଳଙ୍କ ରାଜତ୍ୱର ୫ମ ବର୍ଷର ୩୦୦ ବର୍ଷ ବା ୧୦୩ ବର୍ଷ ପୂର୍ବରୁ ନନ୍ଦରାଜ ତୋଷଳି ବାଟରେ କଳିଙ୍ଗ ନଗରକୁ ଗୋଟିଏ କେନାଲ ଖୋଳାଇଥିଲେ । ଏହାକୁ ୩୦୦ ବା ୧୦୩ ନନ୍ଦାବ୍ଦ ବୋଲି ଧରି ସେ ଭ୍ରମରେ ପଡ଼ିଛନ୍ତି । ଭାରତର ପ୍ରାଚୀନ ଅବ୍ଦମାନଙ୍କରେ ନନ୍ଦାଙ୍କର ନାମ ମିଳେନାହିଁ । ତେଣୁ ଏହା ଆଦୌ ନନ୍ଦାବ୍ଦ ନୁହେଁ । ଦ୍ୱିତୀୟ କଥା, ମୌର୍ଯ୍ୟବଂଶ ନନ୍ଦବଂଶ ଧ୍ୱଂସ ପରେ ଖ୍ରୀ.ପୂ. ୩୨୪ ଅବ୍ଦରେ ପ୍ରତିଷ୍ଠିତ ହୋଇଥିଲା । ପୁରାଣ ଜୈନ ଓ ବୌଦ୍ଧଗ୍ରନ୍ଥମାନଙ୍କ ମତରେ ନନ୍ଦବଂଶ ପ୍ରାୟ ୧୦୦ ବର୍ଷ ରାଜତ୍ୱ କରିଥିଲେ । ନନ୍ଦମାନଙ୍କର ୯୧ ବର୍ଷ ରାଜତ୍ୱ 'ଅନନ୍ଦାବ୍ଦ' ବୋଲି ରକ୍ଷଣଶୀଳ ହିନ୍ଦୁମାନଙ୍କ ଦ୍ୱାରା ଗଣନା କରାହେଉଥିଲା । ତାହା ହେଲେ ନନ୍ଦମାନେ ପ୍ରାୟ ୩୨୪+୧୦୦=୩୨୪ ଖ୍ରୀଷ୍ଟପୂର୍ବରୁ ରାଜତ୍ୱ ଆରମ୍ଭ କରିଥିବେ ।

ନନ୍ଦମାନେ କ୍ଷତ୍ରୀୟ କୁଳଧ୍ୱଂସୀ ଓ ନୀଚ ବଂଶୋଦ୍ଭବ ବୋଲି ବ୍ରାହ୍ମଣମାନଙ୍କ ଦ୍ୱାରା ଘୃଣିତ ହେଉଥିଲେ । ବୌଦ୍ଧ ଓ ଜୈନମାନେ ମଧ ସେମାନଙ୍କୁ ଶ୍ରଧା କରୁନଥିଲେ । ଏପରି ଅବସ୍ଥାରେ ତାଙ୍କର ଅବ୍ଦ କିଏ ଗ୍ରହଣ କରିଥିଲା ? ଆଲ୍‌ବରୁନିଙ୍କ ଭାରତ ବିବରଣରେ ନନ୍ଦାବ୍ଦର ସୂଚନା ନାହିଁ । ଚାଲୁକ୍ୟ ରାଜା ଷଷ୍ଠ ବିକ୍ରମାଦିତ୍ୟଙ୍କ ୟେଉ୍ୱରା ଲେଖରୁ ଜଣାଯାଏ ଯେ, ସେ ନନ୍ଦ ଓ ବିକ୍ରମାଦିତ୍ୟଙ୍କ ଠାରୁ ଅଧିକତର ଯଶ ଓ ଗୌରବ ଲାଭ କରିଥିଲେ ।

ଏଥିରେ ନନ୍ଦାବ୍ଦର ନାମ ସୁଧା ନାହିଁ, ଶକାବ୍ଦର ନାମ ଅଛି । ଭାରତର ସହସ୍ର ସହସ୍ର ପ୍ରାଚୀନ ଲେଖ ଓ ଗ୍ରନ୍ଥମାନଙ୍କରେ ମାଳବାବ୍ଦ ବୁଧଙ୍କ ନିର୍ବାଣାବ୍ଦ, ବୀର ସମ୍ବତ୍ (ମହାବୀର), ବିକ୍ରମ ସମ୍ବତ, ଶକାଇ, କଳିଯୁଗାବ୍ଦ ପ୍ରଭୃତି କେତେକ ଅବ୍ଦ ବ୍ୟବହୃତ ହୋଇଥିବାର ଦେଖାଯାଏ । କିନ୍ତୁ କୌଣସି ଗୋଟିଏ ଗ୍ରନ୍ଥ ବା ଲେଖରେ ନନ୍ଦାବ୍ଦର ବ୍ୟବହାର ଏପର୍ଯ୍ୟନ୍ତ ମିଳିନାହିଁ । ହାତୀଗୁମ୍ଫା ଲେଖରେ ମଧ ଏହା ବ୍ୟବହୃତ ହୋଇନାହିଁ । ଏଥିରୁ କେବଳ ଏତିକି ଜଣାଯାଏ ସେ, ଶ୍ରୀ ଖାରବେଳଙ୍କ ରାଜତ୍ୱର ୫ମ ବର୍ଷର ୩୦୦ ବର୍ଷ ପୂର୍ବରୁ ନନ୍ଦରାଜା କଳିଙ୍ଗରେ ଗୋଟିଏ କେନାଲ ଖୋଳାଇଥିଲେ ।

ଜୟସ୍ୱାଲ ମହାଶୟ ହାତୀଗୁମ୍ଫା ଲେଖର ତ୍ରୟୋଦଶ ଧାଡ଼ିରେ ଥିବା 'ୟେ ବ ନରିଦୋ ସବଘା'କୁ 'ଯବନରାଜ ଦିମିତ' ପାଠକରି ତାଙ୍କୁ ଗ୍ରୀକ୍ ରାଜା ଡ଼େମିଟ୍ରିୟସ୍‌ଙ୍କ ସହିତ ଚିହ୍ନିତ କରିଛନ୍ତି । ତାଙ୍କ ମତରେ ଶ୍ରୀ ଖାରବେଳ, ଯବନରାଜ ଡ଼େମିଟ୍ରିୟସ୍‌ଙ୍କୁ ପରାସ୍ତ କରିଥିଲେ, କିନ୍ତୁ ଏହା ସତ୍ୟ ନୁହେଁ । କାରଣ ପ୍ରାଚୀନ ଲେଖ, ପୁରାଣ, ସଂହିତା ଓ ଅନ୍ୟାନ୍ୟ ବୌଦ୍ଧଗ୍ରନ୍ଥମାନଙ୍କରୁ ସ୍ପଷ୍ଟ ଜଣାଯାଏ ଯେ, ସୁଙ୍ଗବଂଶ ପ୍ରତିଷ୍ଠାତା ବ୍ରାହ୍ମଣ୍ୟଧର୍ମର ପୁନରୁତଥାନକାରୀ ପୁଷ୍ୟମିତ୍ର ଗ୍ରୀକ୍ ବା ମ୍ଳେଚ୍ଛମାନଙ୍କ ସମ୍ପୁର୍ଣ୍ଣ ରୂପେ ପରାସ୍ତ କରି ବିଜୟର ଚିହ୍ନ ସ୍ୱରୂପ ବହୁକାଳ ଲୁପ୍ତ ଅଶ୍ୱମେଧ ଯଜ୍ଞ ଖ୍ରୀ.ପୂ. ୧୭୫ ଅବ୍ଦରେ ଅନୁଷ୍ଠାନ କରିଥିଲେ । ଏହିପରି ଅକାଟ୍ୟ ପ୍ରମାଣ ଥାଉ ଥାଉ କେବଳ ପାଚଟି ଅର୍ଦ୍ଧଲୁପ୍ତ ଅକ୍ଷରର ଭ୍ରମପୂର୍ଣ୍ଣ ପାଠ ଉପରେ ନିର୍ଭର କରି 'ଖାରବେଳ ନରିଦୋ' ବୋଲି ପାଠ କରିଅଛନ୍ତି । ଜୟସ୍ୱାଲ ମହାଶୟ ମଧ ପ୍ରଥମେ 'ୟେବ ନରିଦୋ' ବୋଲି ପାଠ କରିଥିଲେ । ପରେ ଐତିହାସିକଙ୍କର ପାଠ ଅବଲମ୍ବନ କରି 'ଯବନରାଜ ଦିମିତ' ବୋଲି ପଢ଼ିଛନ୍ତି । ଏ ପାଠ ଯେ ଅଶୁଧ ଏହା

ହାତୀଗୁମ୍ଫା ଲେଖ ବା ପ୍ରତିଲିପି ଦ୍ୱାରା ପ୍ରମାଣିତ ହୋଇଅଛି । ତେଣୁ ଶ୍ରୀ ଖାରବେଳଙ୍କ ସହିତ 'ଯବନରାଜ ଦିମିତ' ବା ଡ଼େମିଟ୍ରିୟସ୍‌ଙ୍କର ସଂଘର୍ଷ ଆଦୌ ହୋଇନଥିଲା ବା ଶ୍ରୀ ଖାରବେଳ ତାଙ୍କର ସମସାମୟିକ ନୁହଁନ୍ତି ।

ସ୍ୱର୍ଗତଃ ରମାପ୍ରସାଦ ଚନ୍ଦ୍ର ଜୟସ୍ୱାଲଙ୍କ ମତ ଗ୍ରହଣ ନକରି ଏ ବିଷୟରେ ନୂତନ ଭାବରେ ଆଲୋଚନା କରିଅଛନ୍ତି । ତାଙ୍କ ମତରେ ଲେଖବର୍ଣ୍ଣିତ 'ନନ୍ଦରାଜ' ମହାପଦ୍ମନନ୍ଦ ବା ତାଙ୍କର କୌଣସି ବଂଶଧର ହୋଇପାରନ୍ତି । ପୁରାଣ କିମ୍ବଦନ୍ତୀମାନଙ୍କରୁ ଜଣାଯାଏ ଯେ, ମହାପଦ୍ମନନ୍ଦ ସମଗ୍ର ଭାରତ ବିଜୟ ସମୟରେ ଅନେକ ରାଜାଙ୍କୁ ପରାସ୍ତ କରି କ୍ଷତ୍ରିୟକୁଳ ନିଧନ କରିଥିଲେ । ଏହି ମତ ସମ୍ପୂର୍ଣ୍ଣ ସମୀଚୀନ ; କାରଣ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କୁଟନୀତିଜ୍ଞ ଚାଣକ୍ୟଙ୍କ ସାହାଯ୍ୟରେ ପାଟଳିପୁତ୍ରର ଶେଷ ନନ୍ଦରାଜାଙ୍କୁ ପରାସ୍ତ କରି ତାଙ୍କ ସାମ୍ରାଜ୍ୟ ଅଧିକାର କରିଥିଲେ । ବଙ୍ଗଳାର ବୁଗୁଡ଼ା ଜିଲ୍ଲାସ୍ଥ ମହାସ୍ଥାନ ଗଡ଼ରୁ ପ୍ରାପ୍ତ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଲେଖ ଓ ଦାକ୍ଷିଣାତ୍ୟ ପ୍ରଚଳିତ କିମ୍ବଦନ୍ତୀମାନଙ୍କରୁ ସ୍ପଷ୍ଟ ଜଣାଯାଏ ଯେ, ଚନ୍ଦ୍ରଗୁପ୍ତ ଦକ୍ଷିଣରେ କାବେରୀ ନଦୀ ଓ ପୂର୍ବରେ ବ୍ରହ୍ମପୁତ୍ର ନଦୀ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ବୋଧହୁଏ ଉକ୍ତ ବିଶାଳ ଭୂଖଣ୍ଡ ନନ୍ଦମାନଙ୍କ ଅଧୀନରେ ଥିଲା । ନନ୍ଦମାନେ ପରାସ୍ତ ହେବାରୁ ଚନ୍ଦ୍ରଗୁପ୍ତ ବିଶାଳ ନନ୍ଦ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ । ଚନ୍ଦ୍ର ମହାଶୟ ହାତୀଗୁମ୍ଫା ଲେଖର 'ତ୍ରବର୍ଷଶତ'କୁ ୩୦୦ ରୂପେ ଅର୍ଥ କରି ଶ୍ରୀ ଖାରବେଳ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ରାଜା ବୋଲି ସ୍ଥିତର କରିଅଛନ୍ତି, କିନ୍ତୁ ଏ ସମ୍ବନ୍ଧରେ ମତଦ୍ୱୈଧ ଦେଖାଯାଏ । ଲେଖର ସଂଖ୍ୟାବାଚନ  ଅନ୍ୟ ଦୁଇ ଶବ୍ଦ, ଯଥା 'ସତଦସ ଲେଣ-ସତ' ଅର୍ଥ ୧୧୭ଟି ଗୁମ୍ଫା, 'ତେରସ-ବସ-ସତ'ର ଅର୍ଥ ୧୧୩ ବର୍ଷ ବୋଲି ଗୃହୀତ ହୋଇଥିବା ସ୍ଥଳେ, କେତେକ ଐତିହାସିକ 'ତି-ବସ-ସତ'କୁ ୧୦୩ ପରିବର୍ତ୍ତରେ ୩୦୦ ବର୍ଷ ରୂପେ ଗ୍ରହଣ କରୁନାହାନ୍ତି । ଏ ସମ୍ପର୍କରେ ସ୍ୱର୍ଗତଃ ବିଜୟଚନ୍ଦ୍ର ମଜୁମଦାରଙ୍କ ମତ ଉଲ୍ଲେଖଯୋଗ୍ୟ ।

ସ୍ୱର୍ଗତଃ ଅଧାପକ ବରୁଆ ଓ ଅନ୍ୟାନ୍ୟ ପାଲିଭାଷାବିତ୍ ପଣ୍ଡିତମାନେ ମଧ ବ୍ୟାକରଣ ଓ ଭାଷାର ଶୈଳୀ ବିଚାର କରି ଏହାକୁ ୧୦୩ ବର୍ଷ ରୂପେ ଗ୍ରହଣ କରିଛନ୍ତି । ସେମାନଙ୍କ ମତରେ ଶ୍ରୀ ଖାରବେଳ ନନ୍ଦରାଜାଙ୍କର (୧୦୩-୫) = ୯୮ ବର୍ଷ ପରେ ରାଜତ୍ୱ କରିଥିଲେ ।

ଚନ୍ଦଙ୍କ ମତରେ ହାତୀଗୁମ୍ଫା ଲେଖର ଶାତକର୍ଣ୍ଣି, ଦ୍ୱିତୀୟ ଶାତକର୍ଣ୍ଣି । ତାହାର ପ୍ରମାଣ ସ୍ୱରୂପ ସେ ଲେଖିଅଛନ୍ତି ଯେ, ଅଶୋକଙ୍କ ଅନୁଶାସନ, ବେଶନଗର ଗରୁଡ଼ସ୍ତମ୍ଭ ଲେଖ (୧୫୦ ଖ୍ରୀ.ପୂ.) ପ୍ରଥମ ଶାତକର୍ଣ୍ଣିଙ୍କ ପତ୍ନୀ ନାୟିନୀକାଙ୍କ ନାନାଘାଟ ଶିଳାଲେଖ, ଦାନଭୂତିଙ୍କର ବାରହୂତ ତୋରଣ ଲେଖ, ହାତୀଗୁମ୍ଫା ଲେଖ ଓ ଶ୍ରୀ ଶାତକର୍ଣ୍ଣିଙ୍କ ସମସାମୟିକ ଆନନ୍ଦଙ୍କ ସାଚୀ ତୋରଣ ଲେଖରେ ବ୍ରାହ୍ମୀ ବର୍ଣ୍ଣମାଳାର କ୍ରମବିକାଶ ଲକ୍ଷିତ ହୁଏ । କିନ୍ତୁ ତାଙ୍କର ଏହି ମତ ଭ୍ରାନ୍ତିପୂର୍ଣ୍ଣ ବୋଲି ସ୍ୱର୍ଗତଃ ରାଖାଲଦାସ ବାନାର୍ଜୀ ନାନା ଅକାଟ୍ୟ ଯୁକ୍ତିଦ୍ୱାରା ପ୍ରମାଣ କରିଥିଲେ । ତେଣୁ ଏ ବିଷୟରେ ଅଧିକ ଆଲୋଚନା ଅନାବଶ୍ୟକ । ବାନାର୍ଜୀ ମହାଶୟ ବହୁ ଗବେଷଣା ଦ୍ୱାରା ଆଲୋଚନା ଅନାବଶ୍ୟକ । ବାନାର୍ଜୀ ମହାଶୟ ବହୁ ଗବେଷଣା ଦ୍ୱାରା ପ୍ରମାଣ କରିଅଛନ୍ତି ଯେ, ହାତୀଗୁମ୍ଫା ଲେଖରେ ପରବର୍ତ୍ତୀ ଯୁଗର କେତେକ ବ୍ରାହ୍ମୀ ଅକ୍ଷର ଦେଖାଗଲେ ମଧ ଏଥିରେ ମୌର୍ଯ୍ୟଯୁଗର ବ୍ରାହ୍ମୀ ବର୍ଣ୍ଣମାଳା ବହୁଳ ପରିମାଣରେ ବ୍ୟବହୃତ ହୋଇଅଛି ।

ଚନ୍ଦ ମହାଶୟ "ବହସତି-ମିତ'କୁ ଉଦିତ (ସୁଙ୍ଗବଂଶୀୟ ରାଜା) ଓ ଆଷାଢ଼ସେନଙ୍କ ପରବର୍ତ୍ତୀ ବୋଲି ସ୍ଥିର କରିଛନ୍ତି । କିନ୍ତୁ ମୌର୍ଯ୍ୟ ବଂଶରେ ଜଣେ ବୃହସ୍ପତି ଓ ମୌର୍ଯ୍ୟଯୁଗରେ ଆଉ ଦୁଇଜଣ ବୃହସ୍ପତିଙ୍କ ନାମ ମିଳୁଥିବାରୁ ଚନ୍ଦଙ୍କର ଏ ମତ ଯୁକ୍ତିସଙ୍ଗତ ନୁହେଁ ।

ବଙ୍ଗଳାର ଅନ୍ୟତମ ଐତିହାସିକ ଶ୍ରୀଯୁକ୍ତ ହେମଚନ୍ଦ୍ର ରାୟ ଚୌଧୁରୀ ଶ୍ରୀ ଖାରବେଳ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ରାଜାବୋଲି ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଏହା ଯେ ଏକାବେଳକେ ଭିତ୍‌ିହୀନ ଏଥିରେ ସନ୍ଦେହ ନାହିଁ । ଆନ୍ଧ୍ର ଦେଶର ସାତବାହନ ବଂଶୀୟ ରାଜାମାନେ ଗୋଦାବରୀ ଉପତ୍ୟକାରୁ ଉତ୍ତର ଆଡ଼କୁ କ୍ଷମତା ବିସ୍ତାର କରି ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗ ବା ଓଡ଼ିଶାର ଉପକୂଳ ଅଚଳ ଅଧିକାର କରିସାରିଥିଲେ । ତେଣୁ ଶ୍ରୀ ଖାରବେଳଙ୍କ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ଅବସ୍ଥାପିତ କରିବା ଦ୍ୱାରା ପ୍ରମାଣସିଧ୍ ଇତିହାସରେ ବିଭ୍ରାଟ ସୃଷ୍ଟି ହେବ ।

ରାୟଚୌଧୁରୀ ମହାଶୟ ଆନ୍ଧ୍ର, ସାତବାହନ ବଂଶର ପ୍ରତିଷ୍ଠାତା ସିମୁକ କାଣ୍ୱବଂଶ ଧ୍ୱଂସ କରି ଖ୍ରୀ.ପୂ. ୨୮ ଅବ୍ଦରେ ରାଜତ୍ୱ ଆରମ୍ଭ କରିଥିବାର ସ୍ଥିର କରିଅଛନ୍ତି । କିନ୍ତୁ ଅନୁସନ୍ଧାନ ଦ୍ୱାରା ସ୍ପଷ୍ଟ ଜଣାଗଲାଣି ଯେ, ଆନ୍ଧ୍ରର ଶ୍ରେଷ୍ଠ ରାଜା ଶକ ଶକ୍ତି ଧ୍ୱଂସକାରୀ ଗୋତମୀପୁତ୍ର ଶ୍ରୀ ଶାତକର୍ଣ୍ଣୀ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ପୁରାଣମାନଙ୍କ ମତରେ ସେ ସାତବାହନ ବଂଶର ତ୍ରୟୋବିଂଶ ରାଜା । ତାହାହେଲେ ଉକ୍ତ ବଂଶ ଖ୍ରୀ.ପୂ. ୨୮ ଅବ୍ଦର ବହୁ ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା । ଏପରି ଅବସ୍ଥାରେ ଶ୍ରୀ ଖାରବେଳଙ୍କ ସମାକଳୀନି ପ୍ରଥମ ଶାତକର୍ଣ୍ଣିଙ୍କୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ରାଜା ରୂପେ ଗ୍ରହଣ କଲେ ଐତିହାସିକ ସତ୍ୟର ଘୋର ଅପଳାପ ହେବ ।

ରାୟଚୌଧୁରୀ ମହାଶୟ ହାତୀଗୁମ୍ଫା ଲେକର ବୃହସ୍ପତି ମିତ୍ରଙ୍କୁ ମଗଧର 'ନବ ମିତ୍ର' ବଂଶର ଜଣେ ରାଜା ରୂପେ ଗ୍ରହଣ କରିଛନ୍ତି । କିନ୍ତୁ ମଗଧର ଏହି ନବମିତ୍ର ବଂଶ ସମ୍ବନ୍ଧରେ କୌଣସି ଅକାଟ୍ୟ ପ୍ରମାଣ ନଥିବା ଯୋଗୁଁ ଏହା ଗ୍ରହଣୀୟ ନୁହେଁ । ସେ ବିଦିଶାର ଶିଶୁନନ୍ଦୀବଂଶୀୟ ସିମୁକ ଓ ଆନ୍ଧ୍ର ସାତବାହନ ବଂଶର ପ୍ରଥମ ରାଜା ସିମୁକ ଏକ ଓ ଅଭିନ୍ନ ଥିବାର ଦର୍ଶାଇଛନ୍ତି । କିନ୍ତୁ ଏହା ଭିତିହୀନ ମନେହୁଏ । ସେ ନୂତନ ଭାବରେ ଭାରତର ଇତିହାସ ଲେଖିବାକୁ ଯାଇ ପ୍ରକାଶିତ, ସର୍ବଜନଗୃହୀତ ଅକାଟ୍ୟ ଐତିହାସିକ ସତ୍ୟମାନଙ୍କୁ ମଧ ଉପେକ୍ଷା କରିଛନ୍ତି । ତେଣୁ ତାଙ୍କ ମତ ଆଦୌ ଗ୍ରହଣୀୟ ନୁହେଁ ।

ସ୍ୱର୍ଗତଃ ଅଧାପତ ବେନିମାଧବ ବରୁଆ ମଧ ରାୟଚୌଧୁରୀଙ୍କ ପରି ସାତବାହନ ବଂଶୀୟ ପ୍ରଥମ ରାଜା ସିମୁକ ଖ୍ରୀ.ପୂ. ୨୮ ଅବ୍ଦରେ ରାଜତ୍ୱ କରିଥିବାର ଗ୍ରହଣ କରିଅଛନ୍ତି । ପୁରାଣମାନଙ୍କରୁ ଏତିକି ମାତ୍ର ଗ୍ରହଣ କରାଯାଇପାରେ ଯେ, କାଣ୍ୱବଂଶର ପତନ ସମୟକୁ ଆନ୍ଧ୍ରମାନେ ମଗଧ ପର୍ଯ୍ୟନ୍ତ ଅଧିକାର ବିସ୍ତାର କରିଥିଲେ । ତେଣୁ ଖ୍ରୀ.ପୂ. ୨୮ ଅବ୍ଦ କାଣ୍ୱବଂଶର ପତନ ଓ ଆନ୍ଧ୍ରମାନଙ୍କର ଉତ୍‌ଥାନ ସମୟ ରୂପେ ଗୃହତୀ ହୋଇପାରେ ।

ହାତୀଗୁମ୍ଫା ଲେଖର 'ନନ୍ଦରାଜ'ଙ୍କୁ ବରୁଆ ମହାଶୟ ଅଶୋକଙ୍କ ସହ ଚିହ୍ନିତ କରିଅଛନ୍ତି । ତାଙ୍କ ମତରେ ଅଶୋକଙ୍କ ପୂର୍ବରୁ କେହି କଳିଙ୍ଗ ଜୟ କରିନଥିଲେ । ଏଥିପାଇଁ ସେ ଅଶୋକଙ୍କ ତ୍ରୟୋଦଶ ଅନୁଶାସନର 'ଅବିଜିତଂ ବିଜିନତୁ' ଓ 'ଅଧୁନାଲବ୍‌ଧେଷଉ କଳିଙ୍ଗେଷୁ' ଇତ୍ୟାଦି ପଦ୍ୟାବଳୀ ପ୍ରାମାଣ୍ୟ ରୂପେ ଧରିଛନ୍ତି । ତ୍ରୟୋଦଶ ଅନୁଶାସନର କୌଣସି ଠାରେ ଅଶୋକଙ୍କ ପୂର୍ବରୁ କଳିଙ୍‌ଗ ବିଜିତ ହୋଇନଥିବାର ଆଭାସ ସୁଧା ନାହିଁ । ଏଥିରୁ ଏତିକି ମାତ୍ର ଜଣାଯାଏ ଯେ, ସେ ତାଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ଅବିଜିତ ବିଶାଳ କଳିଙ୍ଗ ରାଜ୍ୟକୁ ଅଧିକାର କରି ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ବରୁଆ ମହାଶୟ ସ୍ୱ ଗ୍ରନ୍ଥରେ 'ମହାଗୋବିନ୍ଦ ସୁତନ୍ତ' ବା 'ସୁତନ୍ତ ଜାତକ' ଓ 'ଶରଭଙ୍ଗ ଜାତକ'ରୁ ଅଶୋକଙ୍କ ପୂର୍ବରୁ କଳିଙ୍ଗର ଇତିହାସ ସମ୍ବନ୍ଧରେ ଉପାଦାନ ପ୍ରଦାନ କରିଅଛନ୍ତି । 'ସୁତନ୍ତ ଜାତକ'ରୁ ଜଣାଯାଏ ଯେ, ବହୁ ପ୍ରାଚୀନ କାଳରେ ଦନ୍ତପୁର କଳିଙ୍ଗର ରାଜଧାନୀ ଥିଲା ଏବଂ ଏହା ଅସ୍ମକ, ଅବନ୍ତୀ, ସୌଭିର, ବିଦେହ, ଅଙ୍ଗ ସହିତ କାଶୀ ସାମ୍ରାଜ୍ୟର ଅଧୀନସ୍ଥ ରାଜ୍ୟ ରୂପେ

ଶାସିତ ହେଉଥିଲା । କାଶୀ ସାମ୍ରାଜ୍ୟର ଉତ୍ଥାନ ମଗଧର ଶିଶୁନାଗବଂଶର ଉତ୍ଥାନ ବା ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀର ପୂର୍ବବର୍ତ୍ତୀ । 'ଶରଭଙ୍ଗ ଜାତକ'ରୁ ଜଣାଯାଏ ଯେ, ଦଣ୍ଡକ ସାମ୍ରାଜ୍ୟର କୁମ୍ଭବତୀ ରାଜଧାନୀ ଥିଲା ଓ କଳିଙ୍ଗରାଜ ଦଣ୍ଡକରାଜଙ୍କର ଅନ୍ତରରାଷ୍ଟ୍ରାଧିପତି ରୂପରେ ଶାସନ କରୁଥିଲେ । ମହାଭାରତରେ ମଧ ଦନ୍ତପୁର ଓ କଳିଙ୍ଗ ରାଜ୍ୟ ବିଷୟ ବର୍ଣ୍ଣିତ ହୋଇଅଛି ।

ଏହି ସମସ୍ତ ବିବରଣିରୁ ସ୍ପଷ୍ଟ ଜଣାଯାଏ ଯେ, ଅଶୋକଙ୍କ ପୂର୍ବରୁ କାଶୀସମ୍ରାଟ୍ ଓ ଦଣ୍ଡକ ସମ୍ରାଟ୍ କଳିଙ୍ଗକୁ ଜୟକରି ଶାସନ କରୁଥିଲେ । ତାହାହେଲେ ଅଶୋକଙ୍କ ପୂର୍ବରୁ କୌଣସି ରାଜା କଳିଙ୍ଗକୁ ଜୟକରି ନଥିଲେ ବୋଲି କହିବା ସମୀଚୀନ ନୁହେଁ । ପୁନଶ୍ଚ ରାଜ୍ୟର ସମ୍ପୂର୍ଣ୍ଣ ଅଧିକାର, ସାମୟିକ ଅଧିକାର ଓ ଦିଗ୍‌ବିଜୟ ମଧ୍ୟରେ ଅନେକ ପାର୍ଥକ୍ୟ ଲକ୍ଷିତ ହୁଏ । ବୈଦିକ ଯୁଗରୁ ଭାରତୀୟ ରାଜାମାନେ ଦିଗ୍‌ବିଜୟ ଉଦ୍ଦେଶ୍ୟରେ ବହିର୍ଗତ ହେବାର ପ୍ରଥା ପ୍ରଚଳିତ ଥିଲା । ସେଥିପାଇଁ ରାଜସୂୟ, ବାଜପେୟ ଓ ଅଶ୍ୱମେଧାଦି ଯଜ୍ଞର ସୃଷ୍ଟି । ଐତିହାସିକ ଯୁଗରେ ଶ୍ରୀ ଖାରବେଳ, ସମୁଦ୍ରଗୁପ୍ତ, ସ୍କନ୍ଦଗୁପ୍ତ, ଯଶୋଧର୍ମାନ୍ ଇତ୍ୟାଦି ଅନେକ ଦେଶ ଜୟ କରିଥିଲେ, କିନ୍ତୁ ସେମାନେ ସମସ୍ତ ରାଜ୍ୟ ନିଜ ଅଧୀନରେ ରଖିପାରି ନଥିଲେ । କେବଳ ସେମାନଙ୍କର ଶକ୍ତି ପ୍ରବଳ ଥିବାବେଳେ କେତେକ ରାଜ୍ୟ କିଛିକାଳ ପାଇଁ ଅଧିକାର କରିପାରିଥିଲେ ।

ପୁରାଣ ପ୍ରଦତ୍ ବଂଶନୁଚରିତ ଅନୁଯାୟୀ ଆନ୍ଧ୍ର ସାତବାହନ ବଂଶର ତୃତୀୟ, ଷଷ୍ଠ ଓ ଚତୁର୍ଦ୍ଦଶ ରଜା 'ଶାତକର୍ଣ୍ଣି' ନାମରେ ଅଭିହିତ ହେଉଥିଲେ । ଆଉ ମଧ ପୁରାଣମାନଙ୍କରୁ ଜଣାଯାଏ ଯେ, ଆନ୍ଧ୍ର ସାତବାହନ ବଂଶର ସାତଜଣ ରାଜା କୋଶଳର ମହାମେଘବାହନ ବଂଶୀୟ ସାତଜଣ ରାଜାଙ୍କର ସମସାମୟିକ ଥିଲେ ।

"କୋଶଳାୟାଂ ତୁ ରାଜାନୋ ଭବିଷ୍ୟନ୍ତି ମହାବଳାଃ ।
'ମେଘାଃ' ଇତି ସମାଖ୍ୟାତାଃ ବୁଧିମନ୍ତଃ ନବୈବ ତୁ ।।"

(ବାୟୁପୁରାଣ, ୯୯ ଅଧ୍ୟାୟ, ୩୪୭ ଶ୍ଳୋକ)

ଅନ୍ୟତ୍ର ଦେଖାଯାଏ 'ଏକକାଳାଃ ଇମେ ଭୂପାଃ ସପ୍ତ ଆନ୍ଧ୍ର ସପ୍ତ କୌଶଳାଃ' । ଶ୍ରୀ ଖାରବେଳ ମହାମେଘବାହନଙ୍କ ବଂଶ ବା ଚେତବଂଶର ତୃତୀୟ ରାଜା ଥିଲେ । ଯଦି ସାତଜଣ ଆନ୍ଧ୍ର ଓ ସାତ ଜଣ କୌଶଳ ବା ଚେତବଂଶୀୟ ରାଜା ସମସାମୟିକ ହୋଇଥାନ୍ତି ତାହାହେଲେ ଶ୍ରୀ ଖାରବେଳଙ୍କୁ ସାତବାହନ ବଂଶର ତୃତୀୟ ରାଜା ସାତକର୍ଣ୍ଣୀଙ୍କର ସମକାଳୀନ ରୂପେ ଗ୍ରହଣ କରାଯାଇପାରେ ।

ଏ ସଂକ୍ରାନ୍ତ ଦୀର୍ଘ ଆଲୋଚନା ଫଳରେ ନିମ୍ନଲିଖିତ ସର୍ବବାଦୀସମ୍ମତ ତଥ୍ୟ ଉପଲବ୍ଧ ହୁଏ ।

(୧) ଶ୍ରୀ ଖାରବେଳଙ୍କ ଦ୍ୱାରା ପରାଜିତ ମଗଧରାଜ ବୃହସ୍ପତି ମିତ୍ର ଏବଂ ସୁଙ୍ଗବଂଶ ପ୍ରତିଷ୍ଠାତା ପରାକ୍ରମଶଶାଳୀ ଦ୍ୱିଅଶ୍ୱମେଧଯାଜୀ ପୁଷ୍ୟମିତ୍ର ଏକ ଓ ଅଭିନ୍ନ ନୁହଁନ୍ତି । ତାଙ୍କୁ ମଗଧ ଅଚଳରେ ରାଜତ୍ୱ କରୁଥିବା ଅନ୍ୟ କୌଣସି ବୃହସ୍ପତି ମିତ୍ରଙ୍କ ସହିତ ଚିହ୍ନିତ କରାଯାଇପାରେ ।

୨) ହାତୀଗୁମ୍ଫା ଲେଖର ଦୁଇଟି ସ୍ଥାନରେ ଉଲ୍ଲେଖ ଲାଭ କରିଥିବା 'ନନ୍ଦରାଜ'ଙ୍କୁ ଭାରତବିଜୟୀ ନନ୍ଦବଂଶ ପ୍ରତିଷ୍ଠାତା ମହାପଦ୍ମନନ୍ଦ ରୂପେ ଗ୍ରହଣ କରିବା ସର୍ବଥା ଯୁକ୍ତିସଂଗତ । ଏପର୍ଯ୍ୟନ୍ତ ଭାରତର କୁତ୍ରାପି ନନ୍ଦାବ୍ଦ ପ୍ରଚଳନର କୌଣସି ପ୍ରମାଣ ମିଳିନଥିବାରୁ ଲେଖରେ ବର୍ଣ୍ଣିତ 'ତି-ବସ-ଶତ'କୁ ୩୦୦ ନନ୍ଦାବ୍ଦ ରୂପେ ଅର୍ଥ କରାଯାଇ ନପାରେ । ସେହିପରି ଲେଖର ପାଚଟି ଅକ୍ଷରକୁ ସ୍ୱର୍ଗତଃ ଜୟସ୍ୱାଲ 'ମୁରିୟକାଳ' (ମୌର୍ଯ୍ୟକାଳ) ରୂପେ ପାଠକରି ଏଥିରେ ମୌର୍ଯ୍ୟାବ୍ଦ ବ୍ୟବହୃତ ହୋଇଥିବାର ସ୍ଥିର କରିଥିଲେ । କିନ୍ତୁ ନନ୍ଦାବ୍ଦ ପରି ମୌର୍ଯ୍ୟାବ୍ଦ ବ୍ୟବହୃତ ହୋଇଥିବାର ସ୍ଥିର କରିଥିଲେ । କିନ୍ତୁ ନନ୍ଦାବ୍ଦ ପରି ମୌର୍ଯ୍ୟାବ୍ଦ ପ୍ରଚଳନର କୌଣସି ପ୍ରମାଣ ଏପର୍ଯ୍ୟନ୍ତ

ମିଳିନାହିଁ । ଅଶୋକଙ୍କ ଶତ ଶତ ଲେଖ ମଧ୍ୟରୁ କୌଣସି ଗୋଟିକରେ ମଧ୍ୟ ଏହା ବ୍ୟବହୃତ ହୋଇ ନଥିବାରୁ 'ମୌର୍ଯ୍ୟାବ୍ଦ'ର ଅସ୍ତିତ୍ୱ ସ୍ୱୀକୃତ ହୋଇ ନପାରେ ।

(୩) ହାତୀଗୁମ୍ଫା ଲେଖରେ 'ଯବନରାଜ ଦିମିତ' ବା 'ଦିମଳି'ଙ୍କ କୌଣସି ଉଲ୍ଲେଖ ନାହିଁ । ଏଠାରେ ଜୟସ୍ୱାଲଙ୍କ ପାଠରେ ଭ୍ରମଥିବାର ଶ୍ରୀ ଖାରବେଳ ଓ ଗ୍ରୀକ୍ ରାଜା ଡ଼ିମେଟ୍ରିୟସ୍‌ଙ୍କ ସମକାଳୀନତ୍ୱ ସମସ୍ୟାର ସୃଷ୍ଟି ହୋଇଛି ।

(୪) ଶ୍ରୀ ଖାରବେଳଙ୍କ ସମକାଳୀନ ସାତକର୍ଣ୍ଣିଙ୍କୁ ଆନ୍ଧ୍ର ସାତବାହନ ବଂଶୀୟ ପ୍ରଥମ ସାତକର୍ଣ୍ଣି ରୂପେ ନିଃସନ୍ଦେହରେ ଗ୍ରହଣ କରାଯାଇପାରେଯ ।

କେବଳ ଲେଖରେ ବ୍ୟବହାର 'ତି-ବସ-ସତ' ପଦର ଅର୍ଥ ଅର୍ଥାନ୍ତର ନେଇ ବିଭିନ୍ନ ଐତିହାସିକଙ୍କ ମଧ୍ୟରେ ମତ ଦ୍ୱୈଧ ଦେଖାଯାଏ । ସ୍ୱର୍ଗତଃ ବିଜୟ ଚନ୍ଦ୍ର ମଜୁମଦାର ଓ ବେନିମାଧ୍ ବରୁଆ ପ୍ରମୁଖ ପାଲିଭାଷାବିତ୍ ପଣ୍ଡିତମାନେ ଏହାର ଅର୍ଥ ୧୦୩ ବର୍ଷ ବୋଲି ସ୍ଥିର କରିଛନ୍ତି । କିନ୍ତୁ ସ୍ୱର୍ଗତଃ ରାମପ୍ରସାଦ ଚନ୍ଦ ଓ ଡ଼କ୍ଟର ଶ୍ରୀ ଦୀନେଶଚନ୍ଦ୍ର ସରକାର ପ୍ରମୁଖ ଐତିହାସିକମାନେ ଏହା ୩୦୦ ବର୍ଷକୁ ବୁଝାଉଥିବା ମତପ୍ରକାଶ କରନ୍ତି । ସେମାନଙ୍କ ମତରେ ସଂସ୍କୃତ ବ୍ୟାକରଣର ସୂତ୍ର ଅନୁସାରେ ଏହି ପଦ ଅସିଧ୍ ନୁହେଁ । ଆଧୁନିକ ଯୁଗର ଅଧିକାଂଶ ଗବେଷକ ଏହା ୩୦୦ ରୂପେ ଗ୍ରହଣ କରିଛନ୍ତି । ଏତଦ୍ ଅନୁଯାୟୀ ନନ୍ଦରାଜାଙ୍କର ଦ୍ୱାରା ୩୦୦ ବର୍ଷ ଅସମ୍ପୂର୍ଣ୍ଣ ଭାବରେ ଖୋଦିତ ପ୍ରଣାଳୀର ଖୋଦନ କାର୍ଯ୍ୟ ସମ୍ରାଟ୍ ଶ୍ରୀ ଖାରବେଳ ସମ୍ପୂର୍ଣ୍ଣ କରିଥିଲେ ।

ଆଧୁନିକ ଐତିହାସିକମାନଙ୍କ ମତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଖ୍ରୀଷ୍ଟପୂର୍ବ ୩୨୪ ଅବ୍ଦରେ ସିଂହାସନ ଆରୋହଣ କରିଥିଲେ । ନବ ନନ୍ଦ ବା ନଅଜଣ ନନ୍ଦରାଜା ପ୍ରାୟ ଏକଶତ ବର୍ଷ ରାଜତ୍ୱ କରିଥିବା ପୁରାଣମାନଙ୍କରୁ ଜଣାଯାଏ । ଅତଏବ ନନ୍ଦମାନେ ଖ୍ରୀ.ପୂ. ୪୨୪ ଖ୍ରୀ.ପୂ. ୩୨୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କେତେକଙ୍କ ମତରେ ନନ୍ଦମାନେ ୯୧ ବର୍ଷକାଳ ରାଜତ୍ୱ କରିଥିଲେ । ଏହି ଜନଶ୍ରୁତି ଉପରେ ନିର୍ଭରେ କଲେ ନନ୍ଦ ରାଜତ୍ୱ ଖ୍ରୀ.ପୂ. ୪୧୫ରୁ ଖ୍ରୀ.ପୂ. ୩୨୪ ପର୍ଯ୍ୟନ୍ତ ଗଣନୀୟ । ଶ୍ରୀ ଖାରବେଳଙ୍କ ରାଜତ୍ୱ ଆରମ୍ଭ ଓ ନନ୍ଦରାଜାଙ୍କ ପ୍ରଣାଳୀ ଖୋଦନ ମଧ୍ୟରେ ୩୦୦-୫ = ୨୯୫ ବର୍ଷ ବ୍ୟବଧାନ ରହୁଅଛି । ନନ୍ଦରାଜାଙ୍କ ସମଗ୍ର ଭାରତ ବିଜୟ ପାଇଁ ଅନ୍ତତଃ ୨୦ ବର୍ଷ ସମୟ ଦିଆଗଲେ ଖ୍ରୀ.ପୂ. ୪୧୫-୨୦ ଅର୍ଥାତ୍ ଖ୍ରୀ.ପୂ. ୩୯୫ ଅବ୍ଦରେ ନନ୍ଦରାଜାଙ୍କ କଳିଙ୍ଗ ବିଜୟ ସମାପ୍ତ ହୋଇଥିବ । ଉକ୍ତ ବର୍ଷର ୨୯୫ ବର୍ଷ ପରେ ଶ୍ରୀ ଖାରବେଳଙ୍କ ରାଜତ୍ୱ ଆରମ୍ଭ ହୋଇଥିବାରୁ ଅପାତତଃ ଖ୍ରୀ.ପୂ. ୧୦୦ ଅବ୍ଦରେ ସେ ସିଂହାସନରୂଢ଼ ହୋଇଥିବାର ସ୍ଥିର କରାଯାଇପାରେ । ସେ ଏହା କେତେ ବର୍ଷ ପୂର୍ବରୁ ରାଜତ୍ୱ ଆରମ୍ଭ କରିଥିବା ଅସମ୍ଭବ ନୁହେଁ ।

ଏହି ସିଧାନ୍ତ ଅନ୍ୟାନ୍ୟ ଆନୁସଂଗିକ ପ୍ରମାଣିତ ଦ୍ୱାରା ସମର୍ଥିତ ହୁଏ । ହାତୀଗୁମ୍ଫା ଲେକରେ ବ୍ରାହ୍ମୀ ବର୍ଣ୍ଣମାଳା ଗ୍ରୀକ୍ ରାଜଦୂତ ହେଲିଡ଼ୋରସଙ୍କ ବେସନଗରସ୍ଥିତ ଗରୁଡ଼ଧ୍ୱଜ (ସ୍ତମ୍ଭ) ଲେଖର ବ୍ରାହ୍ମୀ ବର୍ଣ୍ଣମାଳାର ପରବର୍ତ୍ତୀ ବିକାଶ ବୋଲି ଲିପିତତ୍ୱବିତ୍‌ମାନେ ମତ ପ୍ରକାଶ କରନ୍ତି । ଗରୁଡ଼ଧ୍ୱଜ ଲେଖ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ମଧ୍ୟଭାଗରେ ଲିଖିତ ହୋଇଥିବାର ସ୍ଥିର ହୋଇଛି ।

ହାତୀଗୁମ୍ଫା ଲେଖ ଖାରବେଳଙ୍କ ରାଜତ୍ୱର ବର୍ଷ ଅର୍ଥାତ୍ ୧୦୦-୧୫=ଖ୍ରୀ.ପୂ. ୮୫ ଅବ୍ଦରେ ଲିଖିତ ହୋଇଥିଲା । ନୂତନ ସିଧାନ୍ତ ଅନୁସାରେ ବର୍ଣ୍ଣମାଳାର କ୍ରମବିକାଶ କ୍ରମବିକାଶ ପାଇଁ ଅନ୍ୟୁନ ଅର୍ଦ୍ଧଶତାବ୍ଦୀ ଦିଆଗଲେ ଶ୍ରୀ ଖାରବେଳଙ୍କୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ପ୍ରଥମ ପାଦରେ ଅବସ୍ଥାପିତ କରାଯାଇପାରେ ।

ହାତୀଗୁମ୍ଫା ଲେଖରେ ବ୍ୟବହୃତ 'ମହାରାଜ' ଓ ତାଙ୍କ ପାଟରାଣୀଙ୍କ ସ୍ୱର୍ଗପୁର ଗୁମ୍ଫା ଲେଖରେ ପ୍ରଯୁକ୍ତ 'କଳିଙ୍ଗ ଚକ୍ରବର୍ତ୍ତୀ' ପଦବୀ ଦ୍ୱୟ ତାଙ୍କର ରାଜତ୍ୱକାଳ ନିର୍ଣ୍ଣୟ ପକ୍ଷରେ ସହାୟକ । ଐତରେୟ ବ୍ରାହ୍ମଣ, କୌଷିତକୀ ବ୍ରାହ୍ମଣ, ଶତପଥ ବ୍ରାହ୍ମଣ, ବୃହଦାରଣ୍ୟକ ଉପନିଷଦ୍, ମୈତ୍ରାୟଣୀ ଉପନିଷଦ୍ ପ୍ରଭୃତି ପ୍ରାଚୀନ

ଗ୍ରନ୍ଥମାନଙ୍କରେ 'ମହାରାଜ' ଶବ୍ଦର ପ୍ରୟୋଗ ପରିଦୃଷ୍ଟ ହୁଏ । ଐତରେୟ ବ୍ରାହ୍ମଣ ଓ ଶତପଥ ବ୍ରାହ୍ମଣରେ 'ଚକ୍ରବର୍ତ୍ତୀ' ହେଲେ 'ଐନ୍ଦ୍ରୀମହାଭିଷେକ' ସମ୍ପନ୍ନ କରିବାର ବିଧାନ ରହିଛି । କିନ୍ତୁ ଶ୍ରୀ ଖାରବେଳଙ୍କ ପୂର୍ବରୁ ମହାପଦ୍ମ ନନ୍ଦ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ ପ୍ରଭୃତି କୌଣସି ଦିଗ୍‌ବିଜୟୀ ନରପତି 'ମହାରାଜ' ଓ 'ଚକ୍ରବର୍ତ୍ତୀ' ପଦବୀ ଧାରଣ କରିଥିବାର ପ୍ରମାଣ ମିଳେ ନାହିଁ । ଖ୍ରୀ.ପୂ. ଦ୍ୱିତୀୟ ପ୍ରଥମ ଭାଗରେ ଭାରତର ଉତ୍ତର ପଶ୍ଚିମାଚଳରେ ରାଜତ୍ୱ କରୁଥିବା କେତେଜଣ ଭାରତୀୟ ଗ୍ରୀକ୍‌ରାଜ୍ୟ 'ମହାରାଜସ, ରାଜତିରାଜସ, ମହତସ' 'ମହାରାଜସ ଧର୍ମକସ ଜୟଧରସ' ପ୍ରଭୃତି ପଦବୀ ବ୍ୟବହାର କରିଥିବାର ଅକାଟ୍ୟ ପ୍ରମାଣ ମିଳେ । ସେମାନଙ୍କ ଅନୁକରଣରେ ଶ୍ରୀ ଖାରବେଳ 'ମହାରାଜ' ଓ 'କଳିଙ୍ଗଚକ୍ରବର୍ତ୍ତୀ' ପଦବୀ ବ୍ୟବହାର କରିଥିବା ସ୍ଥିର କରାଯାଇଛି । ତେଣୁ ଶ୍ରୀ ଖାରବେଳ ଏହି ସମୟର ନିଶ୍ଚୟ ପରବର୍ତ୍ତୀ ।

ମୌର୍ଯ୍ୟ ରାଜତ୍ୱ ଓ ସୁଙ୍ଗ ରାଜତ୍ୱକାଳୀନ ବହୁ ଲେଖର ଭାଷା ତୁଳନାରେ ହାତୀଗୁମ୍ଫା ଲେଖର ଭାଷା ବିକଶିତ ଓ ପରିମାର୍ଜିତ । ଏହାର ସମଗ୍ର ପ୍ରଥମ ପଂକ୍ତିରେ 'ନ' ଓ 'ଣ'ର ଅନୁପ୍ରାସ ଉଲ୍ଲେଖଯୋଗ୍ୟ । ରଚନା ଶୈଳୀରେ ଯତିପାତ, ଲାଳିତ୍ୟ, ସାବଲୀଳତା ପ୍ରତି ଯେପରି ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି ତତ୍‌ଦୃଷ୍ଟେ ଏହାକୁ ଏକ ଗଦ୍ୟ କବିତା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ପରବର୍ତ୍ତୀ କାବ୍ୟ ଯୁଗର ଦୀର୍ଘ ସମାସସିଧ୍ ପଦସମୂହ ପରିଦୃଷ୍ଟ ହୁଏ । ଧାରାବାହିକ ଭାବରେ ସମୟ କ୍ରମରେ ରାଜତ୍ୱର ଘଟଣାବଳୀର ବର୍ଣ୍ଣନା ଦିଗରୁ ଏହି ଲେଖ ଯେପରି ପ୍ରାଚୀନ ଭାରତରେ ଅଦ୍ୱିତୀୟ, ଗଦ୍ୟ ରଚନା ଶୈଳୀ ଦୃଷ୍ଟିରୁ ଏହା ମଧ ସେହିପରି ଏକ ଯୁଗାନ୍ତକାରୀ ଅଭିଲେଖ । ପ୍ରସିଧ୍ ପାଲିଭାଷାତତ୍ୱବିତ୍ ପଣ୍ଡିତ ସ୍ୱର୍ଗତଃ ବରୁଆ ଉଦୟଗିରିରି ଲେଖ ସମୂହର ଭାଷା ସମ୍ପର୍କରେ ଯଥାର୍ଥରେ ଲେଖିଛନ୍ତି ।

ମୁଦ୍ର ତତ୍ୱ ଆଲୋଚନା କଲେ ଜଣାଯାଏ ଯେ, କୌଣସି ମୌର୍ଯ୍ୟ ସମ୍ରାଟ୍ ସ୍ୱନାମାଙ୍କିତ ମୁଦ୍ରା ପ୍ରଚଳନ କରିନଥିଲେ । ସୁଙ୍ଗବଂଶୀୟ ସେମାନଙ୍କର ନାମାଙ୍କତ କୌଣସି ମୁଦ୍ରା ଏପର୍ଯ୍ୟନ୍ତ ମିଳିନାହିଁ । ଏହି ଦୁଇବଂଶର ରାଜାମାନେ ପ୍ରାଚୀନ ଭାରତରେ ପ୍ରଚଳିତ ବା ବିଭିନ୍ନ ସଙ୍କେତଯୁକ୍ତ ମୁଦ୍ରା ସମୂହ ବ୍ୟବହାର କରୁଥିଲେ । ହାତୀଗୁମ୍ଫା ଲେଖରେ ସହସ୍ର ସହସ୍ର ମୁଦ୍ରା ବ୍ୟୟର ଉଲ୍ଲେଖ ଥିଲେ ମଧ ଶ୍ରୀ ଖାରବେଳଙ୍କ ନାମାଙ୍କିତ କୌଣସି ମୁଦ୍ରା ଏପର୍ଯ୍ୟନ୍ତ ମିଳିନାହିଁ । ପରନ୍ତୁ ଖଣ୍ଡଗିରି ନିକଟବର୍ତ୍ତୀ ଜାଗମରା ଗ୍ରାମରୁ ବହୁସଖ୍ୟାରେ ସଙ୍କେତଯୁକ୍ତ ମୁଦ୍ରା ମାଟିତଳୁ ମିଳିଥିଲା । ସେଥିମଧରୁ ଅଧିକାଂଶ ଗ୍ରାମବାସୀମାନେ ଆତ୍ମସାତ୍ କରିନେଲେ । କେବଳ ୪୭ଟି ମୁଦ୍ରା ଉଧାର କରାଯାଇ ରାଜ୍ୟ ସଂଗ୍ରହାଳୟରେ ସଂଗ୍ରହିତ ହୋଇଅଛି । ଏଗୁଡ଼ିକ ଶ୍ରୀ ଖାରବେଳ ଯୁଗରେ ବ୍ୟବହୃତ ମୁଦ୍ରା ବୋଲି ସ୍ଥିର କରାଯାଇଛି । ସୁଙ୍ଗବଂଶ ରାଜତ୍ୱ ପରେ ଗ୍ରୀକ୍ ପ୍ରଭାବରେ ଭାରତୀୟ ନରପତିମାନେ ସ୍ୱନାମ ବା ସ୍ୱଲେଖାଙ୍କିତ ମୁଦ୍ରାମାନ ପ୍ରଚଳନ କରିଥିଲେ । ଶ୍ରୀ ଖାରବେଳ ଏପରି କରିନଥିବାରୁ ତାଙ୍କୁ ସୁଙ୍ଗ ରାଜତ୍ୱକାଳରେ ଅବସ୍ଥାପିତ କରାଯାଇପାରେ ।

ଭାରତୀୟ ପ୍ରସ୍ତର ଶିଳ୍ପ ଓ ଭାସ୍କର୍ଯ୍ୟ ସମ୍ବନ୍ଧରେ ଅଦ୍ୱିତୀୟ ପଣ୍ଡିତ ସାର୍ ଜନ ମାରସାଲ ସାହେବଙ୍କ ମତରେ ଉଦୟଗିରିର ମଚପୁରୀ ଗୁମ୍ଫାର ସାମନାରେ ଥିବା ପାହାଡ଼ ଦେହରେ ରେଲିଙ୍ଗର ଜାଲିବାଡ଼ ବାରହୁତ ସ୍ତୂପର ରେଲିଙ୍ଗ ଜାଲିବାଡ଼ ଅନୁକରଣରେ ଖୋଦିତ ହୋଇଥିବା ନିଃସନ୍ଦେହରେ ସ୍ଥିର କରାଯାଇପାରେ । ବାରହୁତ ସ୍ତୂପ ସୁଙ୍ଗଯୁଗର ଏକ ଅମର କୀର୍ତ୍ତି । ମଚପୁରୀ ଗୁମ୍ଫା କଳିଙ୍ଗ ଚକ୍ରବର୍ତ୍ତୀ ଶ୍ରୀ ଖାରବେଳଙ୍କ ପାଟରାଣୀ ଖୋଳାଇଥିଲେ । ମଚପୁରୀ ଗୁମ୍ଫା ସୁଙ୍ଗ ରାଜତ୍ୱର ଶେଷଭାଗରେ ନିର୍ମିତ ହୋଇଥିବାରୁ ଏହାର ନିର୍ମାତା ଶ୍ରୀ ଖାରବେଳଙ୍କୁ ସେହି ସମୟରେ ଆବିର୍ଭୂତ ହୋଇଥିବାର ସ୍ଥିର କରାଯାଇପାରେ । ତାଙ୍କର ସମସାମୟିକ ବୃହସ୍ପତି ମିତ୍ରଙ୍କୁ ଯଶଃମିତ୍ରାଙ୍କ ପିତା ଓ ଆଷାଢ଼ସେନଙ୍କ ଭଣଜା ବୃହସ୍ପତି ମିତ୍ରଙ୍କ ସହିତ ଚିହ୍ନିତ କରାଯାଇପାରେ । ଏ

ସମସ୍ତ ତଥ୍ୟ ସାହାଯ୍ୟରେ ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ପ୍ରଥମ ପାଦରେ ଆବିର୍ଭୁତ ହୋଇଥିବାର ସିଧାନ୍ତ କରାଯାଇପାରେ ।

# ଅଷ୍ଟମ ଅଧ୍ୟାୟ

## ଚେତରାଜ ବଂଶ, ଖାରବେଳଙ୍କ ଶୈଶବ, ବାଲ୍ୟ ଯୌବନ ଓ ଯୌବ୍ୟରାଜ୍ୟ

ହିମାଚଳଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ଓ ବ୍ରହ୍ମପୁତ୍ରଠାରୁ ହିନ୍ଦୁକୁଶ ପର୍ବତ ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ମୌର୍ଯ୍ୟ ସମ୍ରାଜ୍ୟର ପତନପରେ ଭାରତ ଇତିହାସରେ ପୁନର୍ବାର ଅନ୍ଧକାରମୟ ଯୁଗର ଆରମ୍ଭ ହେଲା । ଭାରତର ରାଜନୈତିକ ଏକତା ନଷ୍ଟ ହୋଇ ପୁନଶ୍ଚ ବହୁ କ୍ଷୁଦ୍ର କ୍ଷୁଦ୍ର ଯୁଧିରତ ସ୍ୱାଧୀନ ରାଜ୍ୟରେ ବିଭକ୍ତ ହେଲା । ଉତ୍ତର ପଶ୍ଚିମାଗତ ଯବନ (ଗ୍ରୀକ୍), ଶକ ପ୍ରଭୃତି ବୈଦେଶିକ ଜାତିମାନେ ଭାରତର ସ୍ୱାଧିନତା ଅପହରଣ କରି ଏଠାରେ ନିଜ ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିବାକୁ ଯତ୍ନବାନ ହେଲେ । ଏପରି ଦାରୁଣ ଅବସାଦମୟ ଦୁର୍ଦ୍ଦିନରେ ପ୍ରସିଧ୍ ଚେତବଂଶରେ କଳିଙ୍ଗ ଗୌରବ ଦିଗ୍ବିଜୟୀ ଶ୍ରୀ ଖାରବେଳ ଜନ୍ମଗ୍ରହଣ କରିଥିଲେ ।

ଅଶୋକଙ୍କ କଳିଙ୍ଗ ବିଜୟ ଫଳରେ ବୀରପ୍ରସୂ କଳିଙ୍ଗରାଜ୍ୟ ଧ୍ୱସ୍ତ ଓ ଶ୍ରୀହୀନ ହେଇଗଲା । ଏହାର ଅଧିବାସୀମାନେ ପରାଧୀନତା ପାଶରେ ଆବଧି ହେଇ ଭୀତଗ୍ରସ୍ତ, ଭଗ୍ନୋତ୍ସାହ ଓ ଅବସାଦଗ୍ରସ୍ତ ହୋଇପଡିଲେ । ଉଦାମ ବିଜିଗିଷା ପରିବର୍ତ୍ତରେ ଦାସମନୋଭାବ ସମଗ୍ର ଜାତିକୁ ଗ୍ରାସ କରିଥିଲା । ଦେଶରୁ ମୁକ୍ତ ଜାତିର ଆନନ୍ଦଧ୍ୱନି ଓ ବିଜୟଉତ୍ସବ ଲୁପ୍ତ ହେଇଥିଲା । ଠିକ ଏପରି ସମୟରେ ବୀରଭୂମି କଳିଙ୍ଗଜନନୀ ମୁଖରୁ ବିଷାଦ କାଳିମା ପୋଛିଦେି ତାର ମୁଖଶ୍ରୀ ଉଜ୍ଜ୍ୱଳ ନିମିତ୍ ସତେ ଯେପରି ଖାରବେଳଙ୍କ ଅଭ୍ୟୁଦୟ ହୋଇଥିଲା ।

ଚେତ ବା ଚେଦୀବଂଶ ଭାରତର ଗୋଟିଏ ଲବ୍ଧପ୍ରତିଷ୍ଠ ପ୍ରାଚୀନ ରାଜବଂଶ । ଋକ୍‌ବେଦ, ମହାଭାରତ, ପୁରାଣ ଓ ବୌଧିଗ୍ରନ୍ଥ ମାନଙ୍କରେ ଏହି ବଂଶର ବିସ୍ତୃତ ମାହାତ୍ମ୍ୟ ଲିପିବଧି ହୋଇଅଛି । ଚେଦୀମାନେ ଚନ୍ଦ୍ରବଂଶୀୟ ଥବଲେ । ଋକ୍‌ବେଦର ଅଷ୍ଟମ ମଣ୍ଡଳରେ ଲିଖିତ ଦାନସ୍ତୁତିରୁ ଜଣାଯାଏ ଯେ, ଚେଦୀ-ପୁତ୍ର କସୁ ଚୈଦ୍ୟ ଅତ୍ୟନ୍ତ ଦାନଶୀଳ ରାଜାଥିଲେ । ସେ ଜଣେ କବିଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କୁ ଏକଶତ ମହିଷ ଓ ଦଶସହସ୍ର ଗାଭୀ ଦାନ କରିଥିଲେ । ମହାଭାରତରେ ଚେଦୀରାଜ ବସୁ ଉପରିଚରଙ୍କ କୀର୍ତ୍ତିକଳାପ ଓ ଗୌରାବମୟ ରାଜତ୍ୱର ଉଲ୍ଲେଖ ଅଛି । ସେ ଜନକଙ୍କ ତୁଲ୍ୟ ଜଣେ ରାଜର୍ଷି ଓ ତାଙ୍କର ୫ପୁତ୍ର ପାଚୋଟି ସ୍ୱାଧୀନ ରାଜ୍ୟ ସ୍ଥାପନ କରିଥିଲେ । ବୌଧିଗ୍ରନ୍ଥ 'ଚେତିୟଜାତକ'ରୁ ଜଣାଯାଏ ଯେ କପିଳଦ୍ୱିଜ ତାଙ୍କର ବଂଶପୁରୋହିତ ଥିଲେ । ଜ୍ୟୋତିଷପ୍ରବର ବରାହମିହିରଙ୍କର ବୃହତ୍‌ସଂହିତା ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ, ବସୁ ଉପରିଚରଙ୍କର ଶୌର୍ଯ୍ୟ ବୀର୍ଯ୍ୟରେ ଦେବରାଜ ଇନ୍ଦ୍ର ମୁଗ୍ଧ ହୋଇ ତାଙ୍କୁ ଇନ୍ଦ୍ରଧ୍ୱଜ ନାମକ ପତାକା ଶୋଭିତ ବଂଶଦଣ୍ଡ ଅର୍ପଣ କରିଥିଲେ । ଚେଦୀରାଜ ଏହାକୁ ମହାସମାରୋହରେ ଗ୍ରହଣ କରିଥିଲେ ଏବଂ ଏହାର ପୂଜାଫଳରେ ସେ ପ୍ରତ୍ୟେକ ଯୁଧିକ୍ଷେତ୍ରରେ ଜୟଶ୍ରୀମଣ୍ଡିତ ହୋଇ ବିପୁଳ ଐଶ୍ୱର୍ଯ୍ୟ ଲାଭ କରିଥିଲେ । ଶୁକ୍ତିମତୀ ନଦୀ କୂଳରେ ତାଙ୍କର ରାଜଧାନୀ ଅବସ୍ଥିତ ଥିଲା ।

ଇତିହାସପ୍ରସିଧି ଚେଦୀରାଜର୍ଷିବଂଶର ଗୋଟିଏ ଶାଖା ମୌର୍ଯ୍ୟ ରାଜତ୍ୱ କାଳରେ କଳିଙ୍ଗରେ ରାଜତ୍ୱ କରିଥିଲେ । ଖାରବେଳ କଳିଙ୍ଗସ୍ଥ ଚେତ ବା ଚେଦୀବଂଶର ୫ମ ରାଜା । ତାଙ୍କର ପୂର୍ବପୁରୁଷ ଓ ପିତାମାତାଙ୍କ ସମ୍ବନ୍ଧରେ ଇତିହାସ ନୀରବ । ଖାରବେଳ କେଉଁ ନରପତିଙ୍କର ଏକନିଷ୍ଠ ତପସ୍ୟା ବା ପୂର୍ବଜନ୍ମର ସୁକୃତଫଳ ସ୍ୱରୂପ ଜାତ ହୋଇଥିଲେ ଓ କେଉଁ ଭାଗ୍ୟବତୀ ରାଜମହିଷୀଙ୍କର ଅଙ୍କମଣ୍ଡନ କରିଥିଲେ, ତାହା ଜଣା ଯାଇନାହିଁ ।

ମହାମାନବ ଗୌତମ ଅପ୍ରସିଧ୍ ଶାକ୍ୟବଂଶର ଗୌରବ ବୃଧି କଲାପରି ଖାରବେଳ ନିଜ ଜୀବନକାଳ ମଧରେ ଚେତରାଜବଂଶର ସମୁଜ୍ଜ୍ୱଳ ରତ୍ନସ୍ୱରୂପ ଦେଦୀପ୍ୟମାନ ହୋଇଥିଲେ ।

ଅତି ପ୍ରାଚୀନକାଳରୁ ଭାରତରେ ତ୍ରିକାଳଦର୍ଶୀ ମୁନି, ଋଷି, ପ୍ରସିଧ୍ ଗଣକ ଓ ଜ୍ୟୋତିଷୀମାନେ ରାଜକୁଳ ସମ୍ଭୁତ ନବଜାତ ଶିଶୁର ଜନ୍ମକାଳୀନ ଲଗ୍ନ ଗ୍ରହନକ୍ଷତ୍ରମାନଙ୍କର ଅବସ୍ଥିତି ଏବଂ ଶରୀରସ୍ଥ ଲକ୍ଷଣମାନଙ୍କ ସମ୍ବନ୍ଧରେ ଆଲୋଚନା କରି ତାରି ଭବିଷ୍ତତ ଜୀବନ ସମ୍ବନ୍ଧରେ ମତ ପ୍ରକାଶ କରିବାର ପ୍ରଥା ପ୍ରଚଳିତ ଅଛି । ରାମଚନ୍ଦ୍ର, ଶ୍ରୀକୃଷ୍ଣ, ବୁଧ୍ ପ୍ରଭୃତି ମହାପୁରୁଷମାନଭ୍କ ଆବିର୍ଭାବ ସମୟରେଜ୍ୟୋତିଷୀମାନେ ସେମାନଙ୍କର ଜୀବନ ଗୌରବମୟ, ଉଜ୍ଜ୍ୱଳ ଓ ମହୀୟାନ ବୋଲି ଭବିଷ୍ୟତ୍‌ବାଣୀ ସେମାନଙ୍କର ଜୀବନ ଗୌରବମୟ, ଉଜ୍ଜ୍ୱଳ ଓ ମହୀୟାନ ହେବ ବୋଲି ଭବିଷ୍ୟତ୍‌ବାଣୀ ଶୁଣାଇଥିଲେ । ନବଜାତ ଶିଶୁ ଖାରବେଳଙ୍କ ଜନ୍ମ ସମୟରେ ତାଙ୍କର ପିତା ଚିରାଚରିତ ପ୍ରଥା ଅନୁସରଣ କରି ପଞ୍ଚଜ୍ୟୋତିଷୀମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ ଶିଶୁ କର କପାଳ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗରେ ଶଙ୍ଖ, ଚକ୍ର, ଧ୍ୱଜ, ମତ୍ସ୍ୟ ପ୍ରଭୃତି ପ୍ରଶସ୍ତ ଶୁଭଲକ୍ଷଣମାନ ଅବଲୋକନ ଓ ଜନ୍ମକାଳୀନ ଆଲୋଚନା କରି ସେ ଭବିଷ୍ୟତ ଜୀବନରେ ଜଣେ ଏକାଙ୍ଗ ଚକ୍ରବର୍ତ୍ତୀ ସମ୍ରାଟ୍ ହେବାର ସ୍ଥିର କରିଥିଲେ । ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ  ବିଷୟ ଶ୍ରବଣ କରି ରାଜଦମ୍ପତିଙ୍କର ହୃଦୟ ଅପାର ଆନନ୍ଦରେ ପୂର୍ଣ୍ଣ ହେଲା । ରାଜା ନବଜାତ ଶିଶୁର ଜାତକ କର୍ମସକଳ ମହାସମାରୋହରେ ସମ୍ପନ୍ନ କଲେ । ପୁତ୍ରଲାଭ ସମ୍ବାଦ ପ୍ରଚାରିତ ହୁଅନ୍ତେ କଳିଙ୍ଗର ପ୍ରକୃତପୁଞ୍ଜଙ୍କ ହୃଦୟରେ ଆନନ୍ଦଲହରୀ ଖେଳିଗଲା । ଗୀତ, ନୃତ୍ୟ, ବାଦିତ୍ର, ଉତ୍ସବ, ସମାଜ ପ୍ରଭୃତିର ଅନୁଷ୍ଠାନ ଓ ପାନଭୋଜନର ବ୍ୟବସ୍ଥା ଦ୍ୱାରା ପ୍ରଜାବର୍ଗଙ୍କର ଆନନ୍ଦ ବିଧାନ କରାଗଲା । ଶିଶୁଟି ରମାରମଣ ଶ୍ରୀକୃଷ୍ଣଙ୍କ ପରି ଅପୂର୍ବ ରୂପଲାବଣ୍ୟ ସମ୍ପନ୍ନ ଥିଲ । ତାହାର ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳ, ତପ୍ତକାଚନ କାନ୍ତି ଶରୀର ଅବଲୋକନ କରି ଜନକ ଜନନୀ ସର୍ବଦା ହର୍ଷୋତ୍‌ଫୁଲ୍ ଏବଂ ଦର୍ଶକବୃନ୍ଦ ମୁଗ୍ଧ ଓ ଆପ୍ୟାୟିତ ହେଉଥିଲେ । ଶୁକ୍ଳପକ୍ଷର ଶଶିକଳା ପରି କ୍ଷୁଦ୍ର ଶିଶୁର ଅଙ୍ଗସୌଷ୍ଠବ କ୍ରମଶ ବୃଧିଲାଭ କଲା । ବସନ୍ତର ମନ୍ଦପ୍ରଳୟ ସ୍ପର୍ଶରେ ପ୍ରକୃତିରାଣୀ ସଂଜୀବିତ, ଶ୍ରୀମଣ୍ଡିତ ହେଲାପରି ଶୈଶବର ମୋହନମାଧୁରୀ ବିଶାଳ ରାଜପରିବାରକୁ ବିମଳାନନ୍ଦରସରେ ଆପ୍ଲୁତ କଲା । ବାସ୍ତବିକ୍ ଶୈଶବାବସ୍ଥାହିଁ ମାନବ ଜୀବନରେ ସର୍ବାପେକ୍ଷା ସୁଖମୟ ସମୟ । ସଂସାରର ମାୟା, ମୋହ, ଶୋକ, ପରିତାପ ଶିଶୁ ସରଳ ବିମଳ ଓ କୋମଳ ହୃଦୟକୁ ଆବିଳ କରି ନଥାଏ । ପ୍ରଣୟର ବିରାଟ କଳ୍ପନା, ସ୍ୱାର୍ଥ, ଦ୍ୱେଷ, ଲୋଭ, ଅହଙ୍କାର ପ୍ରଭୃତି ଦ୍ୱାରା ଶିଶୁର ପୂତ ହୃଦୟ କଳୁଷିତ ହୋଇନଥାଏ । ଅନନ୍ତଲୀଳାମୟଙ୍କ ସୃଷ୍ଟିର ବୈଚିତ୍ର୍ୟ ଶିଶୁ ଜୀବନରେ ବିକଶିତ ହୋଇଥାଏ । ଶିଶୁ ପାର୍ଥିବ ହେଲେ ସର୍ବଦା ମଧୁମୟ ସ୍ୱପ୍ନ ରାଜ୍ୟରେ ବିଚରଣ କରେ । ଶିଶୁ ଆନନ୍ଦରେ ଉତ୍ସ, ତାହାର ଦର୍ଶନ ନୟନାଭିରାମ, ତାହାର ଅସ୍ପଷ୍ଟ ଅମୃତ ବଚନ କର୍ଣ୍ଣରେ ପୀୟୁଷ ଢ଼ାଳିଦିଏ । ତାହାର ଗତିବିଧି ଦର୍ଶକ ପ୍ରାଣରେ ଆନନ୍ଦର ଢ଼େଉ ଖେଳାଇଦିଏ । ସେ ନିଜର ଚପଳ କ୍ରୀଡ଼ା କୌତୁକରେ ସୃଷ୍ଟିର ଅଭିନୟ କରେ । ପ୍ରତି ଯୁଗର ପ୍ରତି ଦେଶରେ କବିମାନଙ୍କ ହୃଦୟରୁ ସେଥିପାଇଁ ମଧୁମୟ ଶୈଶବ ସମ୍ବନ୍ଧରେ ମଧୁର ଗାନ ନିଃସୃତ ହୋଇଛି ।

ରାଜପୁତ୍ର ଖାରବେଳ କ୍ରମଶଃ ମଧୁମୟ ଶୈଶବକାଳ ଅତିକ୍ରମ କରି ବାଲ୍ୟାବସ୍ଥାରେ ପଦାର୍ପଣ କଲେ । ବାଲ୍ୟାବସ୍ଥା ଉପନୀତ ହୁଅନ୍ତେ ପ୍ରାଚୀନ ପାରିବାରିକ ବିଧି ଅନୁଯାୟୀ ବିଦ୍ୟାଶିକ୍ଷା ଆରମ୍ଭ ହେଲା । ପୁତ୍ରର ଶିକ୍ଷା ନିମିତ୍ ପ୍ରସିଧ୍ ପଣ୍ଡିତମାନେ ନିଯୁକ୍ତ ହେଲେ । ତାଙ୍କର ସ୍ମୃତିଶକ୍ତି ଅତି ତୀକ୍ଷ୍ଣ ଥିଲା । ସେ ଅଳ୍ପକାଳ ମଧରେ ଲିଖନ, ପଠନ, ସଂଗୀତ, ପ୍ରଭୃତିରେ ବିଶେଷ ବ୍ୟୁତ୍ପତି ଲାଭ କରିଥିଲେ । ରାଜପୁତ୍ର ଉପଯୋଗୀ ନାନାପ୍ରକାର କ୍ରୀଡ଼ା କୌତୁକ ଓ ବ୍ୟାୟାମ ଶିକ୍ଷା ଫଳରେ ତାଙ୍କର ଶରୀର କ୍ରମଶଃ ସୁସ୍ଥ, ସବଳ ଓ ହୃଷ୍ଟପୁଷ୍ଟ ହେଲା । ରାଜପ୍ରାସାଦକୁ ନାନାଦେଶାଗତ ଯତି, ଋଷି ଓ ଶ୍ରମଣମାନଙ୍କର ସାହଚର୍ଯ୍ୟ ଓ ସଦୁପଦେଶ ଲାଭ

ଫଳରେ ଶିଶୁର ନୈତିକ ଉନ୍ନତି ସାଧିତ ହେଲା । ବାଲ୍ୟକାଳରେ ଆଦର୍ଶ ଶିକ୍ଷାଦାନ ଦ୍ୱାରା, ଏକାଧାରରେ ତାଙ୍କର କାୟିକ, ମାନସିକ ଓ ନୈତିକ ଉନ୍ନତି ସାଧିତ ହେବାରୁ ସେ ଭବିଷ୍ୟତରେ ଜଣେ ଆଦର୍ଶ ରାଜା ହେବାକୁ ସମର୍ଥ ହୋଇଥିଲେ ।

ପ୍ରାଚୀନ ବୌଧ୍ ଯୁଗରେ ରାଜପୁତ୍ର, ଧନିକ ଓ ସମ୍ଭ୍ରାନ୍ତ ସନ୍ତାନଗଣତ ବାଲ୍ୟଶିକ୍ଷା ସମାପ୍ତ କରି ବହୁଦୂରବର୍ତ୍ତୀ ତକ୍ଷଶୀଳା, କାଶୀ, ଶ୍ରୀବସ୍ତୀ ପ୍ରଭୃତି ପ୍ରସିଧ୍ ବିଦ୍ୟାପୀଠମାନଙ୍କର ସଦ୍‌ଗୁରୁମାନଙ୍କ ତତ୍ୱାବଧାନରେ ବହୁକାଳ ରହି ସ୍ୱ ସ୍ୱ ଶିକ୍ଷା ସମାପ୍ତ କରୁଥିଲେ । କେତେକ ରାଜପୁତ୍ର ସ୍ୱ ସ୍ୱ ରାଜଧାନୀରେ ରହି ଜ୍ଞାନବୃଧ୍, ଅଭିଜ୍ଞ, ନାନା ବିଦ୍ୟା ବିଶାରଦ କୂଳଗୁରୁମାନଙ୍କଠାରୁ ରାଜନୀତି, ଧର୍ମନୀତି, ଯୁଧ୍‌ବିଦ୍ୟା, ସଂଗୀତ ପ୍ରଭୃତି ରାଜପଦୋପଯୋଗୀ ନାନା ବିଷୟରେ ଜ୍ଞାନର୍ଜନ କରି ନିଜ ନିଜର ଶିକ୍ଷା ସମାପ୍ତ କରୁଥିଲେ । ପିତାମାତା ଓ ଗୁରୁଜନମାନଙ୍କର ତତ୍ୱାବଧାନରେ ସ୍ୱୀୟ ରାଜଧାନୀରେ ରହି ଶିକ୍ଷାଲାଭ ବିଶେଶସ୍ଥ କୌଣସି ପ୍ରସିଧ୍ ବିଦ୍ୟାପୀଠରେ ରହି ଶିକ୍ଷାଲାଭ ଅପେକ୍ଷା ଅଧିକ ଉପଯୋଗୀ ଓ ସୁଫଳପ୍ରଦ ବୋଲି କୂଟନୀତି ବିଶାରଦ ଚାଣକ୍ୟ ନିଜ ପ୍ରସିଧ୍ ଗ୍ରନ୍ଥ ଅର୍ଥଶାସ୍ତ୍ରରେ ଲେଖିଛନ୍ତି । ସାଧାରଣତଃ ସେ ଯୁଗର ରାଜାମାନେ ରାଜକୁମାର ମାନଙ୍କୁ ଶିକ୍ଷା ପ୍ରଦାନ ନିମିତ୍ ଚାଣକ୍ୟଙ୍କ ନୀତି ଅବଲମ୍ୱନ କରୁଥିଲେ । ଲଳିତବିସ୍ତର ନାମକ ବୌଧ୍ ଗ୍ରନ୍ଥରୁ ଜଣାଯାଏ ଯେ ବୁଧ୍‌ଦେବ ବିଶ୍ୱାମିତ୍ର ନାମକ ଗୁରୁଙ୍କଠାରୁ ଶିକ୍ଷାଲାଭ କରିଥିଲେ । କୃଷ୍ଣ ଓ ବଳରାମ ସନ୍ଦୀପନୀ ଋଷୀଙ୍କଠାରୁ ଶିକ୍ଷାଲାଭ କରିଥିଲେ । କୃଷ୍ଣ ଓ ବଳରାମ ସନ୍ଦୀପନୀ ଋଷିଙ୍କଠାରୁ ଶିକ୍ଷାଲାଭ କରିଥିଲେ । ଭାରତ ପ୍ରସିଧ୍ ସମ୍ରାଟ୍ ଅଶୋକ ମଧ ସ୍ୱୀୟ ରାଜଧାନୀ ପାଟଳୀପୁତ୍ରରେ ରହି ନିଜ ନିଜର ଶିକ୍ଷା ସମାପ୍ତ କରିଥିଲେ । ଖାରବେଳଙ୍କ ଲେଖପାଠରୁ ଜଣାଯାଏ ଯେ, ସେ ୫ଦଶ ବର୍ଷଠାରୁ ଚତୁର୍ଦ୍ଦଶ ବର୍ଷ ପର୍ଯ୍ୟନ୍ତ କଳିଙ୍ଗ ରାଜଧାନୀରେ ରହି ପ୍ରବୀଣ ଜ୍ଞାନବୃଧ୍ ଗୁରୁମାନଙ୍କଠାରୁ ନାନା ବିଷୟରେ ଶିକ୍ଷାଲାଭ କରିଥିଲେ । ସେ ଏହି ନଅବର୍ଷ ମଧରେ (୧) ଲେଖ (୨) ରୂପ (୩) ଗଣନା (୪) ବ୍ୟବହାର (୫) ବିଧି (୬) ଗନ୍ଧର୍ବ ବେଦ, ଧନୁର୍ବେଦ ଯୁଧ୍‌ବିଦ୍ୟା ଓ ଅନ୍ୟାନ୍ୟ କଳାବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ବିଦ୍ୟା ଶିକ୍ଷା ସଂଗେ ସଂଗେ ନିଜର ବହୁଦର୍ଶିତା ଅଭିଜ୍ଞତା ଓ ବୈଷୟିକ ଜ୍ଞାନର ବୃଧି ଓ ରାଜ୍ୟଶାସନ ସମ୍ୱନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ନିମିତ୍ ସେ ରାଜ୍ୟର ମନ୍ତ୍ରୀ, ସେନାପତି, କୋଷାଧ୍ୟକ୍ଷ ଓ ସଂଗ୍ରାହକ ପ୍ରଭୃତି କର୍ମଚାରୀମାନଙ୍କର କାର୍ଯ୍ୟକଳାପ ତତ୍ୱାବଧାନ କରୁଥିଲେ । ଯୁବରାଜ ଖାରବେଳଙ୍କ କାର୍ଯ୍ୟକୁଶଳତା ଓ ଶାସନ ଦକ୍ଷତା ଫଳରେ କଳିଙ୍ଗ ଦାୟିତ୍ୱ ଓ ଶ୍ରମ ଅନେକାଂଶରେ ଲାଘବ ହୋଇଥିଲା ।

ଅର୍ଥଶାସ୍ତ୍ର, ମନୁ, ଯାଜ୍ଞବଲ୍‌କ୍ୟ ଓ ପରାଶର ଦ୍ୱାରା ପ୍ରାଣୀତ ସ୍ମୃତିଶାସ୍ତ୍ର, ପୁରାଣ, ରାମାୟଣ ଓ ମହାଭାରତ ପ୍ରଭୃତି ଗ୍ରନ୍ଥରୁ ଜଣାଯାଏ ଯେ ପୂର୍ବକାଳରେ ରାଜା ନିଜର କାର୍ଯ୍ୟକଳାପ ଯୋଗୁଁ ସମାଜରେ ସର୍ବୋଚ୍ଚ ସ୍ଥାନ ଅଧିକାର କରୁଥିଲେ । ରାଜାଙ୍କୁ ମାନବରୂପୀ ଦେବତା ମନେକରି ଲୋକମାନନେ ତାଙ୍କୁ ଦେବଯୋଗ୍ୟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁଥିଲେ । ରାଜା ପ୍ରଜାମାନଙ୍କର ଦୁଃଖ, ସୁଖ, ପାନ, ପୁଣ୍ୟ, ଉନ୍ନତି ଓ ଅବନତି ପାଇଁ ସମ୍ପୂର୍ଣ୍ଣ ରୂପେ ଦାୟୀ ଥିଲେ । ରାଜ୍ୟକୁ ବହିଃଶତ୍ରୁ ଓ ଅନ୍ତଃଶତ୍ରୁର ଆକ୍ରମଣରୁ ରକ୍ଷା, ବିପ୍ଲବ ଦମନ, ଅରାଜକତାର ଧ୍ୱଂସ ସାଧନ, ଧର୍ମରକ୍ଷା ଓ ଧର୍ମର ଅଭିବୃଧି, ଲଘୁକର ଆଦାୟ ଦ୍ୱାରା ପ୍ରଜାହିତକର ନାନାବିଧ କାର୍ଯ୍ୟର ଅନୁଷ୍ଠାନ, ସତ୍ୟଧର୍ମ ଓ ନ୍ୟାୟକୁ ଆଶ୍ରୟ କରି ଅପତ୍ୟ ନିର୍ବିଶେଷରେ ପ୍ରଜାପାଳନ, ଦୁର୍ଭିକ୍ଷ, ବନ୍ୟା, ଭୂକମ୍ପ, ଅଗ୍ନିକାଣ୍ଡ ପ୍ରଭୃତି ଦୈବୀ ବିପର୍ତ୍ତିର ଯଥୋଚିତ ପ୍ରତିକାର ବିଧାନ ରାଜାଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ପ୍ରଜାମାନଙ୍କୁ ଶୋଷଣ, ପୀଡ଼ନ, ଦମନ ଧର୍ଷଣ ଏବଂ ଭୋଗବିଳାସରେ ରାଜବିଭବର ବ୍ୟୟ, ରାଜଧର୍ମ ବିରୁଧ୍ ଥିଲା । ପ୍ରଜାରଞ୍ଜନ ରାଜାଙ୍କର ପ୍ରଧାନ ଧର୍ମ ଥିଲା ଏବଂ ଏହାଦ୍ୱାରାହିଁ ଐହିକ, ପାରତ୍ରିକ ସୁଖ ଓ ମୁକ୍ତିଲାଭ କରିବା

ଧାରଣା ସେମାନଙ୍କର ହୃଦୟରେ ବଧମୂଳ ଥିଲା । ଯୁବରାଜ ଖାରବେଳ ପ୍ରାଚୀନ ଯୁଗର ଏହି ମହତ୍ ରାଜାଦର୍ଶ ଅନୁସରଣ କରି କଳିଙ୍ଗ ଜନନୀର ମୁଖ ଉଜ୍ଜ୍ୱଳ କରିଥିଲେ ଏବଂ ପରାଧୀନ କଳିଙ୍ଗବାସୀଙ୍କ ହୃଦୟରେ ନବୀନ ବଳ, ସାହସ ଓ ଉତ୍ସାହ ସଚାର କରିଥିଲେ ।

# ନବମ ଅଧ୍ୟାୟ

## ରାଜ୍ୟାଭିଷେକ ରାଜତ୍ୱ ଓ ଭାରତବିଜୟ

ଖାରବେଳଙ୍କ ଚତୁର୍ବିଂଶତି ବର୍ଷ ବୟସରେ ତାଙ୍କର ପିତା ଇହଧାନ ତ୍ୟାଗ କରିଥିଲେ । ଜ୍ୟୋତ୍ସ୍ନାବିଧୌତ ପୂର୍ଣ୍ଣିମା ରଜନୀରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ପୃଥିବୀକୁ ଅନ୍ଧକାରାଚ୍ଛନ୍ନ କଲାପରି କଳିଙ୍ଗ ସର୍ବାଙ୍ଗୀନ ଉନ୍ନତି ବିଧାୟକ ବୃଧ୍ ରାଜାଙ୍କର ମୃତ୍ୟୁରେ ରାଜ୍ୟରେ ବିଷାଦର ତାମସୀଛାୟା ଘୋଟିଗଲା । କଳିଙ୍ଗର ପ୍ରକୃତିପୁଞ୍ଜ ଗଭୀର ଶୋକର ଅଭିଭୂତ ହେଲେ । କିନ୍ତୁ ପ୍ରଜାବର୍ଗଙ୍କର ଏ ଦୁଃଖ ବହୁଦିନ ସ୍ଥାୟୀ ହେଲା ନାହିଁ । ଶୋକସନ୍ତପ୍ତ ଖାରବେଳ ନିଜର ପଦମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ମହାସମାରୋହରେ ସମ୍ପନ୍ନ କରିଥିଲେ । ରାଜ୍ୟର ନିରନ୍ନ, ଦରିଦ୍ର ସମ୍ବଳହୀନ କାଙ୍ଗାଳମାନଙ୍କୁ ଭୂରି ଭୋଜନ, ଅର୍ଥ ଓ ବସ୍ତ୍ର ପ୍ରଦତ୍ ହୋଇଥିଲେ । ପାନ ଭୋଜନ ଓ ବିପୁଳ ଅର୍ଥଦାନ ଦ୍ୱାରା ବ୍ରାହ୍ମଣ, ଜୈନ ଓ ବୌଧ୍ ଶ୍ରମଣମାନଙ୍କର ତୁଷ୍ଟି ବିଧାନ କରାହୋଇଥିଲା ।

ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନ ପରେ ଖାରବେଳଙ୍କ ରାଜ୍ୟାଭିଷେକ ଉତ୍ସବ ପାଇଁ ଗଣକ ଓ ଜ୍ୟୋତିଷୀମାନଙ୍କ ଦ୍ୱାରା ଶୁଭଦିନ ନିର୍ଦ୍ଦିଷ୍ଟ ହୋଇଥିଲା । ଖାରବେଳ ଜୈନଧର୍ମାବଲମ୍ବୀ ହେଲେ ମଧ ପରମ୍ପରା ଅନୁସୃତ ପ୍ରାଚୀନ ବୈଦିକ ବିଧିବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ ଦିବସରେ ତାଙ୍କର ଅଭିଷେକ ଉତ୍ସବ ବହୁ ଆଡ଼ମ୍ବର ସହକାରେ ରାଜଧାନୀ କଳିଙ୍ଗ ଅଭିଷେକ ଉତ୍ସବ ବହୁ ଆଡ଼ମ୍ବର ସହକାରେ ରାଜଧାନୀ କଳିଙ୍ଗ ନଗରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିବସ ରାଜ୍ୟର ସର୍ବାଚଳରେ ଆନନ୍ଦର ସ୍ରୋତ ପ୍ରବାହିତ ହେବାକୁ ଲାଗିଲା । ରାଜ୍ୟର ଦେବାୟତନ, ମଠ, ବିହାର ଚୈତ୍ୟମାନଙ୍କରେ ରାଜାଙ୍କର ଭବିଷ୍ୟତ ଶୁଭ ପାଇଁ ସମଗ୍ର ଦିବସ ସ୍ୱସ୍ତିବାଚନ, ପୂଜା, ଆରଧନା, ପ୍ରାର୍ଥନା ହୋଇଥିଲା । ଏହି ପବିତ୍ର ଦିବସରେ ରାଜ୍ୟର ପ୍ରତ୍ୟେକ ନଗର ଓ ଗ୍ରାମରେ ନାନାପ୍ରକାର ଉତ୍ସବ ଓ ସମାଜ ଅନୁଷ୍ଠିତ ହେଲା । ରାଜାବେଶରେ ନିଃସ୍ୱ, ପୌର ଓ ଜାନପଦମାନଙ୍କ ମଧରେ ବିପୁଳ ଅର୍ଥ ବ□ନ କରାଯାଇଥିଲା । ଉକ୍ତ ମଙ୍ଗଳ କାର୍ଯ୍ୟକୁ ସ୍ମରଣୀୟ କରିବା ପାଇଁ ପ୍ରଜାମାନଙ୍କୁ ନାନାବିଧ କର ଓ ପଣ୍ୟରୁ ଅବ୍ୟାହିତ ଦିଆଗଲା । ସାମନ୍ତ, ମହାସାମନ୍ତ, ଭୋଗୀ, ମାଣ୍ଡଳିକ ପ୍ରଭୃତି ଅନୁଗତ ଶାସକବୃନ୍ଦ ଓ ବିଶିଷ୍ଟ ରାଜକର୍ମଚାରୀମାନେ ନାନାବିଧ ଉପାଧିରେ ଭୂଷିତ ଓ ବହୁଭାବରେ ରାଜାନୁଗ୍ରହ ଲାଭ କରିଥିଲେ । ଅଭିଷେକତ୍ସବ ସମାପନ ପରେ କଳିଙ୍ଗ ସମ୍ରାଟ ଖାରବେଳ ଶାସନ ଦଣ୍ଡ ସ୍ୱହସ୍ତରେ ଗ୍ରହଣ କରି ଗୁରୁଦାୟିତ୍ୱ ପୂର୍ଣ୍ଣ ନାନାବିଧ ବିପଦର ଆଧାର ରାଜ୍ୟଶାସନ କାର୍ଯ୍ୟ ଆରମ୍ଭ କଲେ ।

ହାତୀଗୁମ୍ଫା ଲେଖରୁ କଳିଙ୍ଗ ସମ୍ରାଟ୍ ଖାରବେଳଙ୍କର ଚତୁର୍ବିଂଶତି ବର୍ଷ ବୟସଠାରୁ ସପ୍ତତ୍ରିଂଶ ବର୍ଷ ବୟସ ପର୍ଯ୍ୟନ୍ତ ଚତୁର୍ଦ୍ଦଶ ବର୍ଷ ରାଜତ୍ୱର ବୃତ୍ତାନ୍ତ ମିଳେ । ସେ ଏହି କ୍ଷୁଦ୍ର ରାଜତ୍ୱକାଳ ମଧରେ ଶତ ଶତ ଗୁହା, ବାପୀ, ତଡ଼ାଗ, ଉଦ୍ୟାନ, ମନ୍ଦିର, ଗୋପୁର, ପ୍ରାସାଦ ପ୍ରଭୃତି କରାଇଥିଲେ ମଧ ଭାରତ ବିଜୟ ତାଙ୍କ ରାଜତ୍ୱର ପ୍ରଧାନ ଘଟଣା । ଖାରବେଳଙ୍କ ଦିଗ୍ବିଜୟ ବୃତାନ୍ତ ଆଲୋଚନା କଲେ ମନେ ହୁଏ ଯେ ସେ ଗ୍ରୀକ୍ ବୀର ଆଲେକଜାଣ୍ଡର, ରୋମୀୟବିଜେତା ସିଜର୍, ବିଶ୍ୱବିଜୟୀ ନେପୋଲିୟନ୍, ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତ, ଭାରତ ବରେଣ୍ୟ ବୀରାଗ୍ରଣୀମାନଙ୍କ ସହିତ ଆସନ ଲାଭ କରିବାପାଇଁ ସର୍ବଥା ଉପଯୁକ୍ତ । ସୁଦୁର ଅତୀତର ତାଙ୍କର

ବିଜୟ ସ୍ମୃତି ସକଳ ବିଷୟରେ ଚିନ୍ତା କଲେ ମନରେ ଅପାର ଆନନ୍ଦ, ଗର୍ବ ଓ ଗୌରବ, ହୃଦୟରେ ନବୀନ ବଳ, ସାହସ ଓ ଉତେ୍ଜନାର ସଚାର ହୁଏ । ତାଙ୍କର ବୀରତ୍ୱ ଗାଥା ପତିତ, ପଦାନତ, ଅବସନ୍ନ ଓ ବିଚ୍ଛିନ୍ନ ଓଡ଼ିଆ ଜାତିର ମୃତ୍ସଞ୍ଜୀବନୀ ସୁଧା ।

ଅଭିଷିକ୍ତ ହେବା ମାତ୍ରେ ପ୍ରଥମେ ଖାରବେଳ ସ୍ୱୀୟ ରାଜଧାନୀ କଳିଙ୍ଗନଗରର ଜୀର୍ଣ୍ଣ ସଂସ୍କାର ଓ ଶ୍ରୀବୃଧି୍ ସାଧନ ପାଇଁ ଯତ୍ନବାନ୍ ହେଲେ । ତାଙ୍କ ରାଜତ୍ୱ ପୂର୍ବରୁ ପ୍ରବଳ ପ୍ରଭଞ୍ଜନ ଓ ଧାରାପାତ ଦ୍ୱାରା କଳିଙ୍ଗ ନଗରର ଅନେକ ଗୋପୁର, ପ୍ରକାର, ନିବେଶନ ପ୍ରଭୃତି ନଷ୍ଟ ହୋଇଥିଲା । ପୁଷ୍କରିଣୀ ଓ ପ୍ରଣାଳୀଗୁଡ଼ିକର ବନ୍ଧ ଭାଙ୍ଗିଯାଇଥିଲା, ଉଦ୍ୟାନ ସକଳ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲେ । ସେ ସିଂହାସନ ଆରୋହଣ କରିବା ପରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା । ସେ ସିଂହାସନ ଆରୋହଣ କରିବା ପରେ ୫ତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟ କରି ଭଗ୍ନ ପ୍ରାସାଦ, ଉଦ୍ୟାନ ଓ ବନ୍ଧମାନ ପୁନର୍ନିର୍ମାଣ କରିଥିଲେ । ସ୍ୱୀୟ ରାଜଧାନୀର ଜୀର୍ଣ୍ଣସଂସ୍କାର କାର୍ଯ୍ୟ ସମାପନାନ୍ତେ ସେ ମାନ୍ଧାତା, ପୃଥୁ, ଭରତ, ଭଗୀରଥ, ରଘୁ ପ୍ରଭୃତି ପ୍ରାଚୀନ ଦିଗ୍‌ବିଜୟୀ ନୃପତିମାନଙ୍କ ପରି ଆସମୁଦ୍ର କ୍ଷିତି ଅଧୀଶ୍ୱର ହେବାର ଅଭିଳାଷ ପୂରଣ କରିବା ପାଇଁ ବିପୁଳ ଆୟୋଜନ କଲେ । ଏହି ଉଦ୍ଦେଶ୍ୟରେ ସେ ରାଜଧାନୀରେ ଅସଂଖ୍ୟ ସୈନ୍ୟ, ବିପୁଳ ଅସ୍ତ୍ରଶସ୍ତ୍ର ଓ ଖାଦ୍ୟ ସମ୍ଭାର, ଶତ ଶତଯାନ ବାହନ ସଂଗ୍ରହଣ କରିଥିଲେ । ଅନ୍ତର୍ବିପ୍ଳବ, ଅରାଜକତା ଓ ବାହ୍ୟଶତ୍ରୁର ଆକ୍ରମଣରୁ ଦେଶକୁ ରକ୍ଷା କରିବାପାଇଁ କଳିଙ୍ଗର କେନ୍ଦ୍ରସ୍ଥାନ ଓ ଉପାନ୍ତ ଅଚଳରେ ସୈନ୍ୟ ସମାବେଶ କରାଗଲା । ଦେଶରକ୍ଷାର ସମସ୍ତ ସୁବ୍ୟବସ୍ଥା କରି ସେ ପୁରାଣପ୍ରସିଧ୍ ନୃପତିମାନଙ୍କର ପଦାଙ୍କ ଅନୁସରଣ ପୂର୍ବକ ଦିଗ୍‌ବିଜୟରେ ବହିର୍ଗତ ହେଲେ ।

ଖାରବେଳଙ୍କ ରାଜତ୍ୱ ପୂର୍ବରୁ ମହାରାଷ୍ଟ୍ର ପ୍ରଦେଶରେ ଆନ୍ଧ୍ରସାତବାହନ ବଂଶୀୟ ରାଜାମାନେ ବିଶେଷ କ୍ଷମତାଶାଳୀ ହୋଇ ସମଗ୍ର ଦାକ୍ଷିଣାତ୍ୟରେ ନିଜର କ୍ଷମତା ଓ ପ୍ରଭାବ ବିସ୍ତାର କରିଥିଲେ । ପ୍ରାୟ ଖ୍ରୀ.ପୂ. ୨୩୦ ଅବ୍ଦରେ ସିମୁକ ଏହି ବଂଶ ପ୍ରତିଷ୍ଠା କରିଥିଲେ । ଏହି ବଂଶର ତୃତୀୟ ରାଜା, ସିମୁକଙ୍କର ପୁତ୍ର ଓ ନୟନିକାଙ୍କର ସ୍ୱାମୀ ଶ୍ରୀ ସାତକର୍ଣ୍ଣୀ ଖାରବେଳଙ୍କର ସମସାମୟିକ ଥିବାର ଐତିହାସିକମାନେ ସ୍ଥିର କରିଅଛନ୍ତି । ସେ ସମଗ୍ର ଦକ୍ଷିଣାପଥର ଅଧିପତି ଥିଲେ । ଗୋଦାବରୀ ନିକଟବର୍ତ୍ତୀ 'ପୌଥାନ' ବା 'ପ୍ରତିସ୍ଥାନ' ତାଙ୍କର ରାଜଧାନୀ ଥିଲା । ନାସିକ ଶିଳାଲିପିରୁ ଜଣାଯାଏ ଯେ, ଅସିକ, ଅସକ, ମୂଳକ, ସୁରାଷ୍ଟ୍ର, କୁକ୍‌କୁର ଅପରାନ୍ତ, ଅନୂପ, ବିଦର୍ଭ, ଆକର ଓ ଅବନ୍ତୀ ପ୍ରଭୃତି ରାଜ୍ୟମାନ ତାଙ୍କର ଅଧୀନ ଥିଲା । ଏ ସମସ୍ତ ରାଜ୍ୟର ଭୌଗୋଳିକ ଅବସ୍ଥିତ ଆଲୋଚନା କଲେ ଜଣାଯାଏ ଯେ, ଆଧୁନିକ ମଧପ୍ରଦେଶରେ ପଶ୍ଚିମାଂଶ, ମହାରାଷ୍ଟ୍ର ପ୍ରଦେଶରେ ଉତ୍ତରାଂଶ ଓ ଆନ୍ଧ୍ର ରାଜ୍ୟର ଅଧିକାଂଶ ଶ୍ରୀ ସାତକର୍ଣ୍ଣୀଙ୍କ ଶାସନାଧୀନ ଥିଲା । ତେଣୁ ଶ୍ରୀ ସାତକର୍ଣ୍ଣୀ ଯେ ଦାକ୍ଷିଣାତ୍ୟର ଜଣେ ପ୍ରସିଧ୍ ନରପତି ଥିଲେ ଏଥିରେ ସନ୍ଦେହ ନାହିଁ । ଅଶୋକଙ୍କ ମୃତ୍ୟୁ ପରେ ଦାକ୍ଷିଣାତ୍ୟରେ ଆନ୍ଧ୍ର ଓ କଳିଙ୍ଗ ରାଜ ପୁନର୍ବାର ସ୍ୱାଧୀନ ହୋଇ ରାଜ୍ୟ ବୃଧି୍ ଓ କ୍ଷମତା ବିସ୍ତାର ପାଇଁ ପରସ୍ପର ସହିତ ବାରମ୍ବାର ଯୁଧିରେ ପ୍ରବୃତ୍ ହେଉଥିଲେ । ଆନ୍ଧ୍ର ସାତବାହନ ଓ ଚେତ ମେଘବାହନ ବଂଶ ମଧରେ ବୈରଭାବ ପ୍ରବଳ ଥିଲା । ଗୋଦାବରୀ ନଦୀ ଉଭୟ ରାଜ୍ୟର ନୈସର୍ଗିକ ସୀମା ଥିଲା । ଖାରବେଳ ରାଜତ୍ୱର ଦ୍ୱିତୀୟ ବର୍ଷରେ ନର-ଗଜ-ହୟ-ରଥ ବିଶିଷ୍ଟ ବିରାଟ ଚତୁରଙ୍ଗ ବଳ ପଶ୍ଚିମଦିଗକୁ ପରିଚାଳନ କଲେ ଏବଂ ନିଜର ରାଜ୍ୟ ଓ ବଂଶମର୍ଯ୍ୟାଦା ବୃଧି୍ ନିମିତ୍ ଗୋଦାବରୀ ନଦୀ ଅତିକ୍ରମ କରି ଅତର୍କିତ ଭାବରେ ଶ୍ରୀସାତକର୍ଣ୍ଣୀଙ୍କତ ରାଜ୍ୟ ଆକ୍ରବଣ କରି ତାଙ୍କୁ ପରାସ୍ତ କରିଥିଲେ ।

ସାତକର୍ଣ୍ଣୀଙ୍କୁ ପରାସ୍ତ କରି ଖାରବେଳ ଆନ୍ଧ୍ରସାମ୍ରାଜ୍ୟର ପ୍ରଧାନ ରାଜ୍ୟ ଅସିକ (ଅସକ) ବିରୁଧ୍ରେ ଅଭିଯାନ ଚଳାଇଥିଲେ । ଅସିକ (ଅସକ) ବା ପ୍ରଚୀନ ଅସ୍ମକ ରାଜ୍ୟ ଗୋଦାବରୀ ନଦୀକୂଳରେ ଅବସ୍ଥିତ ଥିଲା ଓ ପୋତନ (ପତ୍ନ) ଏହାର ରାଜଧାନୀ ଥିଲା । କଳିଙ୍ଗ ଓ ଅସ୍ମକ ରାଜ୍ୟ ମଧରେ ଖାରବେଳଙ୍କ ରାଜତ୍ୱର ବାହୁ ପୂର୍ବରୁ ଶତ୍ରୁତା ଥିଲା ଓ ଉଭୟ ରାଜ୍ୟ ମଧରେ ମଧେ ମଧେ ଯୁଧ୍ ବିଗ୍ରହ ହେଉଥିଲା । ଖାରବେଳ ଉକ୍ତ ରାଜ୍ୟ ଆକ୍ରମଣ କରିବାରୁ ଉଭୟ ରାଜ୍ୟ ମଧରେ ଭୀଷଣ ଯୁଧ୍ ଆରମ୍ଭ ହେଲା । ପ୍ରଥମେ ସେ ଉକ୍ତ ରାଜ୍ୟ ଜୟ କରିବା ପାଇଁ ସମର୍ଥ ହୋଇ ନଥିଲେ । ତେଣୁ କଳିଙ୍ଗରୁ ତାଙ୍କୁ ସାହାଯ୍ୟ ଦେବାପାଇଁ ପୁନର୍ବାର ଦଳେ ସେନା ପ୍ରେରିତ ହୋଇଥିଲା । ଏହା ସାହାଯ୍ୟରେ ଶେଷରେ ଖାରବେଳ ଜୟଲାଭ କଲେ ଓ ଉକ୍ତ ରାଜ୍ୟ ତାଙ୍କର ଅଧୀନତା ସ୍ୱୀକାର କଲା । ଏହି ରାଜ୍ୟର ପତନ ପରେ ଆନ୍ଧ୍ର ସମ୍ରାଟ୍ ସାତକର୍ଣ୍ଣୀ ଖାରବେଳଙ୍କ ଅଧୀନତା ସ୍ୱୀକାର କରିଥିଲେ ।

ଏହା ପରେ ବିଜୟମଦମତ୍ ଖାରବେଳ ସ୍ୱୀୟ ରାଜଧାନୀ କଳିଙ୍ଗନଗରକୁ ଫେରିଆସି ଉତ୍ସବ, ସମାଜ ପ୍ରଭୃତି ଅନୁଷ୍ଠାନ ଓ ଗୀତ, ନୃତ୍ୟ, ବାଦ୍ୟ, ଇତ୍ୟାଦିରେ ସନ୍ଦର୍ଶନ ଦ୍ୱାରା ସ୍ୱୀୟପ୍ରଜାମାନଙ୍କର ଚିତ୍ତବିନୋଦନ କରିଥିଲେ । ରାଜତ୍ୱର ତୃତୀୟ ବର୍ଷ ସେ ଆମୋଦ ପ୍ରମୋଦରେ କଟାଇଥିଲେ । କିନ୍ତୁ ଦାକ୍ଷିଣାତ୍ୟର ସମସ୍ତ ରାଜ୍ୟ କରି ନଥିବାରୁ ସେ ସୁଖ ଶାନ୍ତିରେ କାଳ କଟାଇ ପାରିଲେ ନାହିଁ । ତାଙ୍କର ପ୍ରବଳ ବିଜିଗୀଷା ପୂର୍ଣ୍ଣ କରିବା ପାଇଁ ସେ ରାଜତ୍ୱର ଚତୁର୍ଥ ବର୍ଷରେ ରାଷ୍ଟ୍ରିକ୍ ଓ ଭୋଜକମାନଙ୍କ ବିରୁଧ୍ରେ ଯୁଧ୍ଯାତ୍ରା କରିଥିଲେ । ରାଷ୍ଟ୍ରିକ୍ ଓ ଭୋଜକମାନେ ଆଧୁନିକ ମଧପ୍ରଦେଶରେ ପଶ୍ଚିମାଚଳରେ ନର୍ମଦା ନଦୀ କୂଳବର୍ତ୍ତୀ ପ୍ରଦେଶରେ ବାସ କରୁଥିଲେ । ଅଶୋକଙ୍କ ରାଜତ୍ୱରେ ଏମାନେ ପରାକ୍ରମଶାଳୀ ଥିବାର ତାଙ୍କର ଶିଳାଲେଖମାନଙ୍କରୁ ଜଣାଯାଏ । ଏମାନଙ୍କୁ ପରାସ୍ତ କରିବା ଫଳରେ ଦାକ୍ଷିଣାତ୍ୟର ଅଧିକାଂଶ ତାଙ୍କର ପଦାନତ ହେଲା । ତାଙ୍କର ଦାକ୍ଷିଣାତ୍ୟ ବିଜୟ ଫଳରେ ନବୋତ୍ଥିତ ଆନ୍ଧ୍ର ସାତବାହନ ବଂଶର କ୍ଷମତା କିଛିକାଳ ପାଇଁ ହ୍ରାସଲାଭ କରିଥିଲା ।

ରାଜତ୍ୱର ୫ମ, ଷଷ୍ଠ ଓ ସପ୍ତମ ବର୍ଷରେ ଯେ କୌଣସି ଦେଶ ଜୟ କରିବାପାଇଁ ଯାଇନଥିଲେ । ଇତିମଧରେ ସେ ଦାକ୍ଷିଣାତ୍ୟ ବିଜୟ ପରେ ସମଗ୍ର ଉତ୍ତରଭାରଜ ଜୟ କରିବାପାଇଁ ସକଳ ପ୍ରକାର ଆୟୋଜନ କରିଥିଲେ । ସେ ସମୟରେ ମଗଧ ରାଜ ସମଗ୍ର ଭାରତବର୍ଷରେ ଧନ, ଜନ ଓ ଶକ୍ତିରେ ଶୀର୍ଷସ୍ଥାନ ଅଧିକାର କରିଥିଲା । ତାଙ୍କ ରାଜତ୍ୱର କେତେକ ବର୍ଷ ପୂର୍ବେ ଖ୍ରୀଷ୍ଟପୂର୍ବ ୨୬୧ ଅବ୍ଦରେ ମଗଧାଧିପତି ଭାରତସମ୍ରାଟ ଅଶୋକ ପୃଥିବିଖ୍ୟାତ କଳିଙ୍ଗ ଯୁଧ୍ରେ ତାଙ୍କର ପୂର୍ବପୁରୁଷଙ୍କ ପରାସ୍ତ କରି କଳିଙ୍ଗର ସ୍ୱାଧୀନତା ଅପହରଣ କରିଥିଲେ । ସେହି ଅପମାନର ଭୀଷଣ ପ୍ରତିଶୋଧ ନେବା ନିମିତ୍ ସେ ସମସାମୟିକ ଅଙ୍ଗ ମଗଧ ରାଜ୍ୟର ଅଧିପତି ମୌର୍ଯ୍ୟବଂଶୀୟ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ଉକ୍ତ ରାଜ୍ୟକୁ ପଦାନତ କରିବାପାଇଁ ଦୃଢ଼ପ୍ରତିଜ୍ଞା ହୋଇଥିଲେ ।

ମଗଧ ବିଜୟରେ ବହିର୍ଗତ ହେବା ପୂର୍ବରୁ ସେ ରାଜତ୍ୱର ସପ୍ତମ ବର୍ଷରେ ନିଜର ସାମରିକ ଶକ୍ତି ବୃଧି କରିବା ପାଇଁ, ଅସି, ଛତ୍ର, ଧ୍ୱଜ, ରକ୍ଷୀ, ତୁରଙ୍ଗ, ହସ୍ତୀ ଓ ରଥ ପ୍ରଭୃତିର ସଂଖ୍ୟା ବୃଧି କରିଥିଲେ । ମଗଧ ଅଭିଯାନପାଇଁ ବିପୁଳ ସୈନ ସମାବେଶ ଓ ଅସ୍ତ୍ରଶସ୍ତ୍ରସଜ୍ଜା ଆରମ୍ଭ ହେଲା । ସେ ରାଜତ୍ୱର ଅଷ୍ଟମ ବର୍ଷରେ ବିଶାଳ ଚତୁରଙ୍ଗ ବାହିନୀ ସହ ମଗଧ ଅଭିଯାନରେ ବହିର୍ଗତ ହେଲେ, କିନ୍ତୁ ସେ କଳିଙ୍ଗରୁ ହଠାତ୍ ମଗଧକୁ ଦକ୍ଷିଣ ଦିଗରୁ ଆକ୍ରମଣ ନକରି ମଥୁରା ଅଭିମୁଖରେ ଯାତ୍ରା କଲେ । ସେ ଦକ୍ଷିଣ କୋଶଳ (ଆଧୁନିକ ସମ୍ବଲପୁର ରାୟପୁର ଅଚଳ) ଚେଦୀ ରାଜ୍ୟ (ଜବଲପୁର ଅଚଳ) ଓ ଉତ୍ତର କୋଶଳ (ଯୁକ୍ତ ପ୍ରଦେଶର ପୂର୍ବାଂଶର) ଅତିକ୍ରମ କରି ମଥୁରା ଅବରେଧ କରିଥିବା ସମ୍ଭବପରା ପଥପାର୍ଶ୍ୱବର୍ତ୍ତୀ ରାଜ୍ୟମାନ ତାଙ୍କର ଅବରୋଧ କରିଥିବା ସମ୍ଭବପରା ପଥପାର୍ଶ୍ୱବର୍ତ୍ତୀ ରାଜ୍ୟମାନ ତାଙ୍କର ପ୍ରବଳ ଶକ୍ତିକୁ ପ୍ରତିରୋଧ କରିବାପାଇଁ ସମର୍ଥ ହୋଇନଥିଲେ ।

କାରଣ ସେ ବର୍ଷକ ମଧରେ ମଥୁରା ଅଧିକାର କରି ମଗଧ ଆକ୍ରମଣ ସମାପ୍ତ କରିଥିଲେ । ସେମାନଙ୍କର ପ୍ରତିରୋଧ ପ୍ରବଳ ହୋଇଥିଲେ ଏହା ସମ୍ଭବପର ହୋଇନଥାନ୍ତା ।

ମଥୁରା ଯମୁନା ନଦୀ କୂରେ ଅବସ୍ଥିତ ଓ ଖାରବେଳଙ୍କ ସମୟରେ ଏହା ଉତ୍ତରଭାରତରେ ଧର୍ମ, ଶିକ୍ଷା, ସଭ୍ୟତା ଓ ରାଜନୀତିର ଗୋଟିଏ ପ୍ରଧାନ କେନ୍ଦ୍ର ଥିଲା । ସେଠାରେ ସେ ସମୟରେ ଯବନ ଓ ଶକମାନଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା । ସେଠାରେ ସେ ଯବନରାଜ ଦିମତିଙ୍କୁ ପରସ୍ତ କରିଥିବାର ସ୍ୱର୍ଗତ କାଶୀପ୍ରାସାଦ ଜୟସ୍ୱାଲ ଓ ସ୍ୱର୍ଗତ ରାଖାଲଦାସ ବାନାର୍ଜୀ ମହାଶୟ ମତ ପ୍ରକାଶ କରିଥିଲେ । କିନ୍ତୁ ଏ ବିଷୟରେ କେତେକ ସନ୍ଦେହ ପ୍ରକାଶ କରିଥିଲେ । କିନ୍ତୁ ଏ ବିଷୟରେ କେତେକ ସନ୍ଦେହ ପ୍ରକାଶ କରନ୍ତି । ସେ ସମୟରେ ମଥୁରାର ରାଜା ଯେ ଥାଉନା କାହିଁକି, ଖାରବେଳ ଉକ୍ତ ନଗର ସମ୍ପୁର୍ଣ୍ଣରୂପେ ଜୟ କରି ମଗଧ ଅଭିମୁଖରେ ଯୁଧିଯାତ୍ରା କଲେ ।

ମଗଧରେ ପ୍ରବେଶ କରି ସେ ଉକ୍ତ ରାଜ୍ୟର ଦକ୍ଷିଣରେ ଥିବା ସୁଦୃଢ଼ 'ଗୋରଥଗିରି' ଦୁର୍ଗ ଅବରୋଧ କରିଥିଲେ । 'ଗୋରଥଗିରି' ଦୁର୍ଗ ଗୟାଜିଲ୍ଲାରେ ପାଟଳିପୁତ୍ର ଓ ଗୟା ମଧରେ ଖଲ୍ଲତିକ ପର୍ବତ ନିକଟରେ ବିଦ୍ୟମାନ ଥିଲା । ଗୋରଥଗିରିର ଆଧୁନିକ ନାମ ବାରବର ପର୍ବତ । ମହାଭାରତରେ ଏହା 'ପ୍ରବର' ପର୍ବତ ନାମରେ ବର୍ଣ୍ଣିତ ହୋଇଅଛି । ବାରବର ପର୍ବତରେ ଖାରବେଳଙ୍କ ଦ୍ୱାରା ବ୍ରାହ୍ମୀ ଅକ୍ଷରରେ ଖୋଦିତ 'ଗୋରଥଗିରି' ଶବ୍ଦ ଅଦ୍ୟାପି ବିଦ୍ୟମାନ ଅଛି ।

ପ୍ରସିଧି ଗୋରଥଗିରି ଦୁର୍ଗ ଅଧିକାର କରିବା ପରେ ଖାରବେଳ ଇତିହାସି ପ୍ରସିଧି ରାଜଗୃହ ଅଭିମୁଖରେ ସୈନ୍ୟଚାଳନା କଲେ । ପାଟଳିପୁତ୍ରର ପ୍ରତିଷ୍ଠା ପୂର୍ବେ ବହୁ ପ୍ରାଚୀନକାଳରୁ ରାଜଗୃହ ମଗଧ ସାମ୍ରାଜ୍ୟର ରାଜଧାନୀ ଓ ଉତ୍ତରଭାରତର ଏକ ପ୍ରଧାନ ରାଜନୈତିକ କେନ୍ଦ୍ରରୂପେ ଖ୍ୟାତି ଲାଭ କରିଥିଲା । ମହାଭାରତୀୟ ଯୁଗର ଜଣେ ପ୍ରସିଧି ସମ୍ରାଟ୍ ଜରାସନ୍ଧ ଏଠାରେ ଅବସ୍ଥାନ କରୁଥିଲେ । ଏହା ଗୟା ଜିଲ୍ଲାରେ ଅବସ୍ଥିତ ଥିଲା ଓ ଏହାର ପ୍ରାଚୀନ ନାମ ଗିରିବ୍ରଜ । ଏହାର ଚତୁର୍ଦ୍ଦିଗରେ ବେଭାର, ପାଣ୍ଡବ, ବେପୁଳ, ଗୁଧ୍ରକୂଟ ଓ ଋଷିଗିରି ନାମକ ପାଚଟି ପର୍ବତ ନୈସର୍ଗିକ ପ୍ରାଚୀର ସ୍ୱରୂପ ଦଣ୍ଡାୟମାନ ରହି ଏହାକୁ ବାହ୍ୟଶତ୍ରୁର ଆକ୍ରମଣରୁ ରକ୍ଷା କରୁଥିଲା । କିନ୍ତୁ ଖାରବେଳ ଏହାର ଦୁର୍ଭେଦ୍ୟ ନୈସର୍ଗିକ ବେଷ୍ଟନୀ ଓ ସୁଦୃଢ଼ ଅବସ୍ଥିତ ପ୍ରତି ଭ୍ରୁକ୍ଷେପ ନକରି ନିଜର ବିପୁଳ ସେନା ସାହାଯ୍ୟରେ ଏହାକୁ ଅବରୋଧ କଲେ ।

ହାତୀଗୁମ୍ଫା ଲେଖରେ ପାଟଳିପୁତ୍ରର କୌଣସି ଉଲ୍ଲେଖ ନାହିଁ । ଏହା ନନ୍ଦବଂଶ ରାଜତ୍ୱରୁ ମଗଧ ସାମ୍ରାଜ୍ୟର ରାଜଧାନୀ ଥିଲା । ସମତଳ ପ୍ରଦେଶର ଶତ୍ରୁ ଆକ୍ରମଣ ପ୍ରବଳ ହେଲେ ଶତ୍ରୁ ହସ୍ତରୁ ରକ୍ଷା ପାଇବା ନିମିତ୍ ଅକ୍ରାନ୍ତ ରାଜ୍ୟର ନୃପତିମାନେ ଦୁର୍ଭେଦ୍ୟ ଅରଣ୍ୟବେଷ୍ଟିତ ଗିରିଦୁର୍ଗମମାନଙ୍କରେ ଆଶ୍ରୟ ନେବା ପ୍ରାଚୀନ ଭାରତର ଗୋଟିଏ ଚିରାଚରିତ ପ୍ରଥା ଥିଲା । ସେହିପରି ମଗଧର ସମତଳ ପ୍ରଦେଶର ଚିରାଚରିତ ପ୍ରଥା ଥିଲା । ସେହିପରି ମଗଧର ସମତଳ ପ୍ରଦେଶ ଖାରବେଳଙ୍କ ଦ୍ୱାରା ବିଜିତ ହେବାରୁ ସେଠାର ମୌର୍ଯ୍ୟବଂଶୀୟ ରାଜା ବୃହସ୍ପତି ମିତ୍ର ରାଜଗୃହକୁ ଅଧିକ ନିରାପଦ ମନେ କରି ଶତ୍ରୁ ହସ୍ତରୁ ନିଜକୁ ରକ୍ଷା କରିବା ପାଇଁ ସେଠାରେ ଆଶ୍ରୟ ଗ୍ରହଣ କରିଥିଲେ, ତେଣୁ ଖାରବେଳ ଶତ୍ରୁକୁ ପରାସ୍ତ କରିବାପାଇଁ ଏହାକୁ ଅବରୋଧ କରିବାର ଆବଶ୍ୟକତା ଅନୁଭବ କଲେ । ମଗଧର ସୈନ୍ୟମାନେ ଆକ୍ରମଣକାରୀଙ୍କ ନିକଟରେ ସହଜରେ ଆତ୍ମସମର୍ପଣ ନକରି ବହୁଦିନ ପର୍ଯ୍ୟନ୍ତ ଭୀଷଣ ପ୍ରତିରୋଧ କରିଥିଲେ, କିନ୍ତୁ ସମସ୍ତ ପ୍ରତିରୋଧ ବ୍ୟର୍ଥ ହେବାରୁ ଶେଷରେ ମଗଧରାଜ ପରାଜିତ ହେଲେ ।

ରାଜଗୃହ ଅଧିକାର ପରେ ଖାରବେଳ ଶତ୍ରୁସୈନ୍ୟମାନଙ୍କର ପ୍ରବଳ ପ୍ରତିରୋଧଜନିତ କ୍ଳାନ୍ତି ଓ ଅବସାଦ ଦୂର କରିବା ପାଇଁ ସୈନ୍ୟମାନଙ୍କୁ ପୁନର୍ବାର ମଥୁରା ନେଇ ଯାଇଥିଲେ । ସେଠାରେ ଉପଗତ ହୋଇ ସେ ସମସ୍ତ ଗୃହବାସୀ, ଗୃହପତି, ବ୍ରାହ୍ମଣ ଓ ଶ୍ରମଣମାନଙ୍କୁ ପାନଭୋଜନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ତତ୍ପରେ ସେ ବହୁ ହୟ, ଗଜ, ନର, ରଥ ବେଷ୍ଟିତ ପଲ୍ଲବଭାର କଳ୍ପବୃକ୍ଷ (ଏହା ଜୈନମାନଙ୍କର ବିଜୟସୂଚକ) ସହ କଳିଙ୍ଗକୁ ଫେରି ଆସିଥିଲେ । ମଗଧ ବିଜୟ ସ୍ମୃତିକୁ ଚିରସ୍ମରଣୀୟ କରିବା ନିମିତ୍ ସେ ରାଜତ୍ୱର ନବମ ବର୍ଷରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟକରି ବୈଦୁର୍ଯ୍ୟଖଚିତ ମହାବିଜୟ ପ୍ରାସାଦ ନାମକ ବିରାଟ କଳିଙ୍ଗ ରାଜନିବାସ ନିର୍ମାଣ କରିଥିଲେ ।

ଦିଗ୍‌ବିଜୟୀ ନରପତିମାନେ ନିଜ ବିଜୟର ସ୍ମୃତି ସ୍ୱରୂପ ସ୍ତମ୍ଭ, ନଗର ଓ ହର୍ମ୍ମ୍ୟ ପ୍ରଭୃତି ନିର୍ମାଣ କରିବା ପୃଥିବୀ ଇତିହାସର ଗୋଟିଏ ପରମ୍ପରା ଅନୁସୃତ ବିଧି । ବୀରାଗ୍ରଣୀ ଆଲୋକଜାଣ୍ଡର ଇତିହାସି ପ୍ରସିଧ୍ ମିଶର ରାଜ୍ୟ ଜୟର ଚିହ୍ନ ସ୍ୱରୂପ ନୀଳନଦୀର ସାଗର ସଙ୍ଗମ ସ୍ଥଳରେ 'ଆଲେକ୍‌ଜାଣ୍ଡ୍ରିଆ' ନଗର ପ୍ରତିଷ୍ଠା କରିଥିଲେ । ମୋଗଲ ସମ୍ରାଟ୍ ଆକବର ଚିତୋର ବିଜୟର ସ୍ମାରକ ସ୍ୱରୂପ ବହୁ ସୁରମ୍ୟ ହର୍ମ୍ମ୍ୟ ଶୋଭିତ 'ଫତେପୁସିକ୍ରୀ' ନାମକ ନଗର ନିର୍ମାଣ କରିଥିଲେ । ପ୍ରସିଧ୍ ଇଂରେଜ ନୌ-ସେନାପତି ନେଲସନ୍‌ଙ୍କ ଦ୍ୱାରା ବିଶ୍ୱବିଜୟୀ ନେପୋଲିୟନଙ୍କର ଟ୍ରାଫଲ୍‌ଗାର ନୌଯୁଧିରେ ପରାଭବକୁ ସ୍ମରଣୀୟ କରିବା ପାଇଁ ଲଣ୍ଡନ ସହରେ 'ଟ୍ରାପଲ୍‌ଗାର' ପ୍ରସାଦ୍ ନିର୍ମିତ ହୋଇଥିଲା । ସେହିପରି କଳିଙ୍ଗ ସମ୍ରାଟ୍ ଖାରବେଳ ଭାରତର ଦନ ନୀନ୍ତନ ଶ୍ରେଷ୍ଠ ରାଜ୍ୟ ମଗଧବିଜୟର ସ୍ମୃତିରକ୍ଷା ପାଇଁ ଏହି ବିଶାଳ 'ବହାବିଜୟ ପ୍ରାସାଦ' ନିର୍ମାଣ କରିଥିଲେ ।

ସେ ରାଜତ୍ୱର ଦଶମ ଓ ଏକାଦଶ ବର୍ଷରେ ଅନ୍ୟ କୌଣସି ରାଜ୍ୟ ଜୟରେ ବର୍ହିଗତ ନହୋଇ ସ୍ୱଦେଶ ଓ ସ୍ୱୀୟ ରାଜଧାନୀ କଳିଙ୍ଗ ନଗରରେ ବହୁ କୀର୍ତ୍ତି ନିର୍ମାଣ କରିଥିଲେ । କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସ୍ଥାପିତ ଓ ଏକଶହ ତେରବର୍ଷ ପର୍ଯ୍ୟନ୍ତ ପରିତ୍ରକ୍ତ 'ପୃଥୁଦକଦର୍ଭପୂର୍ଣ୍ଣ' ନଗର ପରିଷ୍କାର କରି 'ଜିନପଦ ଭବନ' ଉଧାର କରିଥିଲେ ।

ରାଜତ୍ୱର ଦ୍ୱାଦଶ ବର୍ଷରେ ଖାରବେଳ ପୁନର୍ବାର ପଥପାଶ୍ୱବର୍ତ୍ତୀ ବହୁରାଜ୍ୟ ମଧରେ ଯୁଦ୍ଧଯାତ୍ରା କରି ସୁଦୂର ଉତ୍‌ରାପଥ ରାଜାମାନଙ୍କର ଭୟ ଉତ୍ପାଦନ କରିଥିଲେ । ବୌଦ୍ଧ ଗ୍ରନ୍ଥମାନଙ୍କରେ ଶ୍ରାବସ୍ତିଠାରୁ ତକ୍ଷଶୀଳା ପର୍ଯ୍ୟନ୍ତ ରାଜ୍ୟ ବା ଆଧୁନିକ ଉତ୍‌ରପ୍ରଦେଶର ପଶ୍ଚିମାର୍ଦ୍ଧ ଓ ପଞ୍ଜାବ ପ୍ରଦେଶ ଉତ୍‌ରାପଥ ନାମରେ ବର୍ଣ୍ଣିତ ହୋଇଅଛି । 'କାବ୍ୟମୀମାଂସା' ପୁସ୍ତକରେ 'ପୃଥୁଦକାତ୍ ପରତଃ ଉତ୍‌ରାପଥଃ ଅର୍ଥାତ୍ ଥାନେଶ୍ୱର ନିକଟବର୍ତ୍ତୀ 'ପୃଥୁଦକ' ନାମକ ସ୍ଥାନର ଉତ୍‌ର-ପଶ୍ଚିମରେ ଥିବା ରାଜ୍ୟ ସକଳ ଉତରାପଥ ନାମରେ ଅଭିହିତ ହୋଇଅଛି । ହାତୀଗୁମ୍ଫା ଲେଖରେ ରାଜା ଶବ୍ଦ ବହୁବଚନାନ୍ତ ହୋଇଥିବାରୁ ସ୍ପଷ୍ଟ ଜଣାଯାଏ ସେ, ଉତରାପଥରେ କୌଣସି ଏକଛତ୍ରାପତି ସମ୍ରାଟ୍ ନଥିଲେ । ଏହା ସ୍ୱଳ୍ପ ଶକ୍ତିଶାଳୀ ନୃପତିମାନଙ୍କ ଦ୍ୱାରା ଶାସିତ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଥିଲା । ଖାରବେଳ ସେମାନଙ୍କୁ ଅକ୍ଲେଶରେ ପରାସ୍ତ କରି ଭାରତର ଉତ୍‌ର ପଶ୍ଚିମ ସୀମାନ୍ତ ପର୍ଯ୍ୟନ୍ତ କଳିଙ୍ଗର ବୈଜୟନ୍ତୀ ଉଡ଼ାଇଥିଲେ । ଦାକ୍ଷିଣାତ୍ୟର ପ୍ରସିଧ୍ ନୃପତିମାନଙ୍କ ମଧରେ ଏକମାତ୍ର ଖାରବେଳ ସୁଦୁର ସିନ୍ଧୁନଦୀ ପର୍ଯ୍ୟନ୍ତ ରାଜ୍ୟବିସ୍ତାର କରିବାକୁ ସମର୍ଥ ହୋଇଥିଲେ । ଏହା ଓଡ଼ିଆ ଜାତି ପକ୍ଷରେ କମ୍ ଗର୍ବ ଓ ଗୌରବ ବିଷୟ ନୁହେଁ ।

ଉତ୍‌ରାପଥ ବିଜୟ ପରେ ଜୟଶ୍ରୀମଣ୍ଡିତ ଖାରବେଳ କୋଶଳ, କାଶୀ ପ୍ରଭୃତି ରାଜ୍ୟମାନଙ୍କ ମଧରେ ନିଜର ବିପୁଳ ସେନା ଚାଳନା କରି ପୁନର୍ବାର ପ୍ରବଳଭାବରେ ମଗଧ ଆକ୍ରମଣ କରିଥିଲେ । ସେଠାରେ ପ୍ରବେଶ

କରି ସେ ଗଙ୍ଗାନଦୀକୂଳରେ ସୈନ୍ୟ ସମାବେଶ କରିଥିଲେ, ତେଣୁ ସେ ପ୍ରଥମେ ପାଟଳିପୁତ୍ର ଅବରୋଧ କରିଥିବା ସମ୍ଭବପର । ସେଠାରେ ତୁମୁଳ ସଂଗ୍ରାମ ପରେ ଅଙ୍ଗ ମଗଧର ରାଜ୍ୟ ବୃହସ୍ପତି ମିତ୍ର ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇ ତାଙ୍କର ଅଧୀନତା ସ୍ୱୀକାର କରିଥିଲେ ।

ଅଶୋକଙ୍କ କଳିଙ୍ଗ ବିଜୟର ଭୀଷଣ ପ୍ରତିଶୋଧ ନେବା ନିମିତ୍ ଖାରବେଳ ପାଚବର୍ଷ ମଧ୍ୟରେ ଦୁଇଥର ମଗଧ ରାଜ୍ୟ ଆକ୍ରମଣ କରିଥିଲେ । ପ୍ରଥମ ମଗଧବିଜୟରେ ପୂର୍ଣ୍ଣ ସନ୍ତୋଷ ଲାଭ ନକରି ସେ ପୁନର୍ବାର ପ୍ରବଳ ଭାବରେ ମଗଧ ଆକ୍ରମଣ କରି ଏହା ଅଧିବାସୀମାନଙ୍କୁ ସର୍ବତୋଭାବରେ ପଦାନତ କରିଥିଲେ । ଏହା ଫଳରେ ତାଙ୍କର ବହୁକାଳପୋଷିତ ମଗଧ ଧର୍ଷଣ ଅଭିଳାଷ ପୂର୍ଣ୍ଣ ହୋଇଥିଲା । ଭୀଷଣ କଳିଙ୍ଗ ଯୁଧ୍ ପରେ କଳିଙ୍ଗବାସୀମାନେ ଯେପରି ଭୀତ, ତ୍ରସ୍ତ ଓ ଅବସନ୍ନ ହୋଇଥିଲେ, ଖାରବେଳଙ୍କ ମଗଧବିଜୟ ଫଳରେ ମଗଧବାସୀମାନେ ସେହିପରି ଭୀତଗ୍ରସ୍ତ ଓ ଭଗ୍ନୋତ୍ସାହ ହୋଇ ପଡ଼ିଥିଲେ । ସେ ମଗଧବିଜୟର ସ୍ମାରକ ସ୍ୱରୂପ ବହୁବର୍ଷ ପୂର୍ବେ କଳିଙ୍ଗରୁ ନନ୍ଦରାଜା ମହାପଦ୍ମନନ୍ଦଙ୍କ ଦ୍ୱାରା ନୀତ 'କଳିଙ୍ଗ ଜିନାସନ'କୁ ଅସଂଖ୍ୟ ଅଶ୍ୱ, ରଥ, ଗଜ, ସେନା ଓ ପରିଚରମାନଙ୍କ ଶୋଭାଯାତ୍ରା ମଧ୍ୟରେ ପୁନର୍ବାର ସ୍ୱଦେଶକୁ ଘେନି ଆସିଥିଲେ । ମଗଧବିଜୟ ତାଙ୍କ ଜୀବନର ତଥା ଭାରତ ଇତିହାସିରେ ଗୋଟିଏ ପ୍ରସିଧ୍ ଘଟନା । ଦାକ୍ଷିଣାତ୍ୟର କୌଣସି ନୃପତି ଇତିହାସ ପ୍ରସିଧ୍ ଶକ୍ତିଶାଳୀ ମଗଧ ରାଜ୍ୟକୁ ଏପରି ଭାବରେ ପଦାନତ କରିଥିବାର ଦୃଷ୍ଟାନ୍ତ ଇତିହାସରୁ ମିଳେ ନାହିଁ ।

ପ୍ରସିଧ୍ କାଚୀଯୁଧ୍‌ରେ ଜୟଲାଭ କରି ରାଜପତି ପୁରୁଷୋତ୍ମ ଦେବଙ୍କ ନେତୃତ୍ୱରେ ଓଡ଼ିଆ ପାଇକବାହିନୀ ବିଜୟର ସ୍ମାରକ ସ୍ୱରୂପ ଗଣେଷ ଓ ସାକ୍ଷୀଗୋପାଳ ମୂ□ଦ୍ୱୟ ଓ କାଚୀ ରାଜକନ୍ୟା ପଦ୍ମାବତୀଙ୍କୁ ସ୍ୱଦେଶକୁ ଆଣିବା ସମୟରେ ହୃଦୟରେ ଯେପରି ଅପାର ଆନନ୍ଦ ଓ ଗର୍ବ ଅନୁଭବ କରିଥିଲେ, ସେହି ସୁଦୂର ଅତୀତରେ କଳିଙ୍ଗବାହିନୀ ମଗଧାଧିପ ନନ୍ଦରାଜାଙ୍କ ଦ୍ୱାରା କଳିଙ୍ଗରୁ ଅପହୃତ ଜିନାସନ ପୁନରୁଧାର ପୂର୍ବକ ସ୍ୱଦେଶକୁ ବିରାଟ ଶୋଭାଯାତ୍ରା କରି ଫେରିବା ସମୟରେ ସେହିପରି, ଗର୍ବ ଗୌରବ ଓ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କର ବିଜୟ ଓ ଆନନ୍ଦ କୋଳାହଳରେ ଗଗନ ଓ ପବନ ଶତଧା ବିଦୀର୍ଣ୍ଣ ହୋଇଯାଇଥିଲେ । ଜୟଶ୍ରୀମତି କଳିଙ୍ଗବାହିନୀ ସ୍ୱଦେଶକୁ ଫେରିବା ପରେ ବିରାଟ କଳିଙ୍ଗ ରାଜ୍ୟର ଏକପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଗର୍ବ ଓ ଆନନ୍ଦର ଗୋଟିଏ ପ୍ରବଳ ସ୍ରୋତ ପ୍ରବାହିତ ଓ ଉତ୍‌ଫୁଲ୍ଲ କରିଥିଲା । ଏହି ବିଜୟର ସ୍ମୃତିକୁ ଜାତିର ହୃଦୟରେ ବଧ୍‌ମୂଳ କରିବା ପାଁ ସେ ରାଜ୍ୟର ନାନାସ୍ଥାନରେ ନଗର, ଗୋପୁର, ମନ୍ଦିର, ଅଟ୍ଟାଳିକା ଓ ସ୍ତମ୍ଭ ନାନାସ୍ଥାନରେ ନଗର, ପୋପୁର, ମନ୍ଦିର, ଅଟ୍ଟାଳିକା ଓ ସ୍ତମ୍ଭ ଭାରତର ଅପ୍ରତିଦ୍ୱନ୍ଦୀ ଏକଛତ୍ର ସମ୍ରାଟର ସ୍ଥାନ ଅଧିକାର କରିଥିଲେ । ଏହାପରେ ଅନ୍ୟାନ୍ୟ ଅବିଜିତ ରାଜ୍ୟର ନୃପତିମାନେ ତାଙ୍କ ପ୍ରଚଣ୍ଡ ପ୍ରତାପର ସମ୍ବାଦ ପାଇ ତାଙ୍କର ତୁଷ୍ଟିବିଧାନ ନିମିତ୍ ଯତ୍ନବାଦ ହୋଇଥିଲେ । କଳିଙ୍ଗର ପଶ୍ଚିମରେ ମଧ୍ୟପ୍ରଦେଶସ୍ଥ ଦୁର୍ଗମ ପର୍ବତଶ୍ରେଣୀ ଓ ନିବିଡ଼ ଅରଣ୍ୟାନୀପୂର୍ଣ୍ଣ ରାଜ୍ୟମାନଙ୍କରେ ନାଗବଂଶୀ ରାଜାମାନେ ରାଜତ୍ୱ କରୁଥିଲେ । ସେମାନେ ତାଙ୍କ ନିକଟକୁ ମଣି ମୁକ୍ତାଦି ନାନାବିଧ ରତ୍ନ ଓ ଦୁର୍ଲ୍ଲଭ ବିସ୍ମୟୋତ୍ପାଦକ ହସ୍ତୀ ଅଶ୍ୱ, କୃଷ୍ଣସାର ପ୍ରଭୃତି ଜୀବ ସକଳ ଉପଢ଼ୌକନ ସ୍ୱରୂପ ପଠାଇଥିଲେ ।

ଭାରତର ସୁଦୂର ଦକ୍ଷିଣ ସୀମାନ୍ତବର୍ତ୍ତୀ ପାଣ୍ଡ୍ୟ ରାଜ୍ୟର ରାଜା ତାଙ୍କର ପ୍ରବଳ ପରାକ୍ରମ ଶ୍ରବଣରେ ଭୀତ ହୋଇ ତାଙ୍କ ନିକଟକୁ ନାନାବିଧ ଆଭରଣ ଓ ମଣି ମୁକ୍ତାଦି ରତ୍ନମାନ ଉପହାର ସ୍ୱରୂପ ପ୍ରେରଣ କରିଥିଲେ । ଏହିପରି ଚତୁର୍ଦ୍ଦଶ ବର୍ଷ ରାଜତ୍ୱକାଳ ମଧ୍ୟରେ 'ଅପ୍ରତିହତ', 'ଚକ୍ରବାହନ', ଚକ୍ରଧର, 'ଗୁପ୍ତଚକ୍ର', 'ପ୍ରବର୍ତ୍ତଚକ୍ର,

'ମହାବିଜୟୀ' ପ୍ରଭୃତି ଚକ୍ରବର୍ତ୍ତୀ ଉପାଧିଭୂଷିତ ଖାରବେଳ ଆକୁମାରୀ ହିମାଳୟବିସ୍ତୃତ ଭାରତ ଭୂମିରେ ନିଜର ପ୍ରବଳ ଶକ୍ତି ପ୍ରତିଷ୍ଠା ଦ୍ୱାରା ପ୍ରାଚୀନ ବୀରଭୂମି କଳିଙ୍ଗକୁ ଜୟଶ୍ରୀମଣ୍ଡିତ ଓ ଗୌରବାନ୍ୱିତ କରି ଭାରତର ରାଜ୍ୟଗୋଷ୍ଠୀ ମଧ୍ୟରେ ଏହାକୁ ଶୀର୍ଷସ୍ଥାନ ପ୍ରଦାନ କରିବାକୁ ସମର୍ଥ ହୋଇଥିଲେ ।

# ଦଶମ ଅଧ୍ୟାୟ

## କଳିଙ୍ଗ ନଗର ଓ ତାହାର ଅବସ୍ଥିତି ନିର୍ଣ୍ଣୟ

ଉଦୟଗିରିର ହାତୀଗୁମ୍ଫାରେ ଖୋଦିତ ଖାରବେଳଙ୍କ ବିରାଟ ପ୍ରଶସ୍ତିରୁ ତତ୍କାଳୀନ କଳିଙ୍ଗସାମ୍ରାଜ୍ୟର ରାଜଧାନୀ କଳିଙ୍ଗ ନଗରର ପ୍ରାକୃତିକ ଅବସ୍ଥାନ, ଗଠନ ଓ ସୌନ୍ଦର୍ଯ୍ୟ, ରାଜପ୍ରାସାଦର କମନୀୟତା, ନାଗରିକମାନଙ୍କର ଆମୋଦ ପ୍ରମୋଦ, ସୁଖ ଓ ସମୃଦ୍ଧି ଏବଂ ପୌରବର୍ଗଙ୍କ ପ୍ରତି ଚେତରାଜା ବଂଶର ପବିତ୍ର ବଦାନ୍ୟତା ସମ୍ବନ୍ଧରେ ଅନେକ ବିଷୟ ଜଣାଯାଏ । ଏ ପର୍ଯ୍ୟନ୍ତ ଉତ୍କଳର ଶିଶୁପାଳଗଡ଼, ଧଉଳୀ, ଯୌଗଡ଼ ପ୍ରଭୃତି ଅଳ୍ପ କେତେକ ସ୍ଥାନରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱବିଭାଗ ଦ୍ୱାରା ଭୂଖୋଦନ କାର୍ଯ୍ୟ ସାଧିତ ହୋଇଥିବାରୁ ଏହାର ଅବସ୍ଥିତି ନିଃସନ୍ଦେହରୂପେ ନିର୍ଣ୍ଣୟ କରିବା ବର୍ତ୍ତମାନ ସମ୍ଭବପର ନୁହେଁ । ତେଣୁ ଉପରୋକ୍ତ ଲେଖ ଓ ଅନ୍ୟାନ୍ୟ କେତେକ ତାମ୍ରଶାସନ ଓ ଗ୍ରନ୍ଥର ଅବଲମ୍ବନରେ ଏହି ନଗରର ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଓ ଅବସ୍ଥିତି ସମ୍ବନ୍ଧରେ ନିମ୍ନୋକ୍ତ ବିବରଣୀ ପ୍ରଦତ୍ତ ହେଲା ।

ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ବୃତ୍ତାନ୍ତରୁ ଜଣାଯାଏ ଯେ କଳିଙ୍ଗ ନଗରରେ ଗୋପୁର, ପ୍ରାକାର, ନିବେଶନ (ରାଜପ୍ରାସାଦ) ତଡ଼ାଗ, ଉଦ୍ୟାନ ପ୍ରଭୃତି ବହୁ ସଂଖ୍ୟାରେ ତାଙ୍କ ରାଜପୂର୍ବରୁ ବିଦ୍ୟମାନ ଥିଲା । କିନ୍ତୁ ସେଗୁଡ଼ିକ ପ୍ରବଳ ପ୍ରଭଚନ ଦ୍ୱାରା ନଷ୍ଟ ହୋଇ ଯାଇଥିବାରୁ ସେ ରାଜ୍ୟାଭିଷେକର ବାର୍ଷିକ ମଧ୍ୟରେ ବାତ ବନିଷ୍ଟ ଗୋପୁର, ପ୍ରାକାର, ନିବେଶନ ଇତ୍ୟାଦିର ପୁନଃ ସଂସ୍କାର, ଗଭୀର ଶୀତଳ ତଡ଼ାଗମାନଙ୍କର ବନ୍ଧନିର୍ମାଣ ଓ ଉଦ୍ୟାନ ସକଳର ପୁନଃ ପ୍ରତିଷ୍ଠା କରିଥିଲେ । ଏଥବରେ ୩୫ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ନବମ ବର୍ଷ ବୃତାନ୍ତରୁ ଜଣାଯାଏ ଯେ ଖାରବେଳ ମଗଧ ବିଜୟର ସ୍ମୃତିସ୍ତମ୍ଭ ସ୍ୱରୂପ ଏଠାରେ ବୈଦୂର୍ଯ୍ୟ ଖଚିତ 'ମହାବିଜୟ ପ୍ରାସାଦ' ନାମକ ରାଜନିବାସ ନିର୍ମାଣ କରିଥିଲେ । ଏହାର ନିର୍ମାଣରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ଏହି ବିରାଟ ରାଜପ୍ରାସାଦର ଗଠନ, ଓ କାରୁକାର୍ଯ୍ୟ ସେ ଅତି ଚମତ୍କାର ହୋଇଥିବ ତାହା ଉପରୋକ୍ତ ବିପୁଳ ଧନ୍ୟବ୍ୟୟରୁ ସ୍ପଷ୍ଟ ଜଣାଯାଏ । ଭାରତର ଅନ୍ୟ କୌଣସି ସ୍ଥାନରେ ଏପରି 'ବୈଦୂର୍ଯ୍ୟ ପ୍ରାସାଦ'ଥିବାରୁ ପ୍ରାଚୀନ ଭାରତୀୟ ଲେଖମାନଙ୍କରୁ ଜଣାଯାଏ ନାହିଁ । ଫଳରେ ପ୍ରାଚୀନ ବୌଦ୍ଧ ଜାତକରେ ଏପରି ଏକପ୍ରାସାଦର ସୂଚନା ମିଳେ । ଲେଖବର୍ଣ୍ଣିତ ଉକ୍ତ ବର୍ଷ ବୃତ୍ତାନ୍ତରୁ ଜଣାଯାଏ କଳିଙ୍ଗ ନଗରରେ ଖାରବେଳ ଉକ୍ତ ବର୍ଷ ଅନେକଗୁଡ଼ିଏ ରାସ୍ତା, ଚଉଥରା, ପଳିଘା ବା ତୋରଣ, ଗୋପୁର ବା ମୁଖଶାଳୀ ଓ ଶିଖରମାନ (ଶିଖରଯୁକ୍ତ ମନ୍ଦିର ଓ ପ୍ରାସାଦ) ନିର୍ମାଣ କରିଥିଲେ ।

କଳିଙ୍ଗ ରାଜଧାନୀର ବର୍ଣ୍ଣନା ପାଠ କଲେ ଜଣାଯାଏ ଯେ ଭାରତର ଅନ୍ୟାନ୍ୟ ରାଜ୍ୟର ପ୍ରାଚୀନ ରାଜଧାନୀମାନଙ୍କ ସହିତ ଏହାର ଅନେକ ସାମଞ୍ଜସ୍ୟ ବିଦ୍ୟମାନ ଥିଲା । 'ମିଳିନ୍ଦପାହ୍ନ' ନାମକ ପ୍ରାଚୀନ ପାଲିଗ୍ରନ୍ଥରେ ପୁଷ୍ୟମିତ୍ର ସୁଙ୍ଗଙ୍କ ସମସାମୟିକ ଗ୍ରୀକ୍ ନୃପତି ମିନେନ୍ଦାର ବା ମିଳିନ୍ଦଙ୍କ ରାଜଧାନୀ ସଗଲ ବର୍ଣ୍ଣନାରେ ଆମ୍ଭେମାନେ ଉପରୋକ୍ତ ଅନୁଷ୍ଠାନମାନଙ୍କର ପରିଚୟ ପାଉଁ, ଯଥା - ଗୋପୁର, ତଲାକ (ତଡ଼ାଗ), ଆରାମ, ଉୟ୍ୟଯାନ (ଉଦ୍ୟାନ), ଉପବନ, ବୀଥ, ଚତ୍ୱର, ଚତୁକ୍କ (ଚତୁଷ୍କ), ଶିଙ୍ଘାଟକ (ଶୃଙ୍ଗାଟକ), ଅନ୍ତରାପାନ,

ଜାନଗ୍ରସତ, ହିମଗିରି-ଶିଖର-ସଂକାଶବର ଭବନ” ଇତ୍ୟାଦି । ଏଗୁଡ଼ିକ ସଗଲ ନଗରୀରେ ପ୍ରତିଷ୍ଠିତ ହୋଇଥିଲା । ଖାରବେଳ ପ୍ରାଚୀନ ଭାରତୀୟ ନଗର ନିର୍ମାଣ ପ୍ରଣାଳୀ ଅନୁସରଣ କରି କଳିଙ୍ଗ ରାଜଧାନୀର ସୌନ୍ଦର୍ଯ୍ୟ ବୃଧି ନିମିତ୍ ଲକ୍ଷ ଲକ୍ଷ ଲକ୍ଷ ମୁଦ୍ରା ବ୍ୟୟରେ ଉପରୋକ୍ତ ଅନୁଷ୍ଠାନମାନ ନିର୍ମାଣ କରିଥିଲେ । କେବଳ ସେତିକି ନୁହେଁ, ସେ ନନ୍ଦରାଜାଙ୍କ ଦ୍ୱାରା ୧୦୩ ବର୍ଷ ପୂର୍ବେ ଖୋଦିତ ପ୍ରଣାଳୀକୁ ରାଜତ୍ୱର ୫ମ ବର୍ଷରେ ତନସୁଲୀ ବାଟରେ ନିଜ ନଗର ମଧକୁ ଖୋଳାଇଥିଲେ । ଏହା ତାଙ୍କ ରାଜତ୍ୱର ଗୋଟିଏ ପ୍ରଧାନ କୀର୍ତ୍ତି ଓ ଏଥିରେ ବହୁ ସହସ୍ର ମୁଦ୍ରା ବ୍ୟୟିତ ହୋଇଥିଲା । ଏହି ପ୍ରଣାଳୀ ଦ୍ୱାରା ନଗରର ପ୍ରଧାନ୍ୟ ବୃଧି ସଂଗେ ସଂଗେ ନାଗରିକମାନଙ୍କର ଜଳସେଚନ କାର୍ଯ୍ୟ ମଧ ସୁଗମ ହୋଇଥିଲା ।

ହାତୀଗୁମ୍ଫା ଲେଖର ଗୋପୁର, ଶିଖର ପ୍ରଭୃତି ‘ଦେବାୟତନ’ ବା ଦେବ ମନ୍ଦିରମାନଙ୍କର ବହୁଳ ବର୍ଣ୍ଣନା ଥିବାରୁ ନିଃସନ୍ଦେହରୂପେ ପ୍ରମାଣିତ ହୁଏ ଯେ ସେହି ପ୍ରାଚୀନ ଯୁଗରେ ମଧ କଳିଙ୍ଗରେ ଶତ ଶତ ମନ୍ଦିର ବିଦ୍ୟମାନ ଥିଲା । ଗୋପୁରର ଅର୍ଥ ମୁଖଶାଳା ଓ ଧର୍ମମନ୍ଦିରର ଶୋଭାବର୍ଦ୍ଧକ ଅଂଶରୂପେ ନିର୍ମିତ ହେଉଥିଲା । ବର୍ତ୍ତମାନ କେବଳ ଦାକ୍ଷିଣାତ୍ୟର ମନ୍ଦିରମାନଙ୍କ ସମ୍ମୁଖରେ ଗୋପୁରମାନ ଦେଖାଯାଏ । କିନ୍ତୁ ଅତି ପ୍ରାଚୀନ କାଳରେ ସମଗ୍ର ଭାରତବର୍ଷରେ ଗୋପୁର ନିର୍ମାଣ ପ୍ରଥା ପ୍ରଚଳିତ ଥିବାର ‘ମିଳିନ୍ଦପାହ୍ନ’ ବର୍ଣ୍ଣିତ ସଗଲ ନଗରୀର ବୃତ୍ତାନ୍ତ ଓ ହାତୀଗୁମ୍ଫା ପ୍ରଦତ୍ କଳିଙ୍ଗ ନଗର ବର୍ଣ୍ଣନାରୁ ଜଣାଯାଏ । ହାତୀଗୁମ୍ଫା ଲିପିରେ ‘ଗୋପୁରରାଣି’ ପଦ ବହୁବଚନ ଜ୍ଞାପକ, ତେଣୁ ସେହି ପ୍ରାଚୀନ ଯୁଗରେ ମଧ ଏଠାରେ ଅନେକ ଗୋପୁର ଲୋକମାନଙ୍କର ଦେବାର୍ଚ୍ଚନ ଓ ଧର୍ମାଲୋଚନା ନିମିତ୍ ନିର୍ମିତ ହୋଇଥିଲେ । ‘ଶିଖରାଣି’ ଶବ୍ଦରୁ ଜଣାଯାଏ, ଏଠାରେ ଅନେକ ଗୁଡ଼ିଏ ଶିଖରଯୁକ୍ତ ମନ୍ଦିରମାନ ଥିଲା । ଆଧୁନିକ ଉତ୍କଳୀୟ ମନ୍ଦିରମାନ ଶିଖରଜାତୀୟ । ପୂର୍ବେ ରାଜପ୍ରାସାଦର ହଂସଶାଳାଗୁଡ଼ିକ ମଧ ଶିଖରାକାରରେ ନିର୍ମିତ ହେଉଥିଲା ବୋଲି ବିଶେଷ ମାନଙ୍କର ମତ । କିନ୍ତୁ ଏହା ମନ୍ଦିରମାନଙ୍କର ପ୍ରତି ବିଶେଷ ଭାବରେ ପ୍ରଯୁଜ୍ୟ । ଆଜି ପର୍ଯ୍ୟନ୍ତ ଐତିହାସିକମାନଙ୍କର ଧାରଣା ଥିଲା ଯେ କୁଶାଣରାଜ କନିଷ୍କଙ୍କ ରାଜତ୍ୱ ସମୟରେ ବୌଧମାନେ ପ୍ରଥମେ ବୁଧଙ୍କ ମୂର୍ତ୍ତିପୂଜା ନିମିତ୍ ମନ୍ଦିର ନିର୍ମାଣ କରିଥିଲେ । ପରବର୍ତ୍ତି କାଳରେ ହିନ୍ଦୁମାନେ ସେମାନଙ୍କଠାରୁ ମନ୍ଦିର ନିର୍ମାଣ ପ୍ରଣାଳୀ ଶିକ୍ଷା କରି ତାହା ପ୍ରଚଳନ କରିଥିଲେ । ହାତୀଗୁମ୍ଫା ଲେଖ ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରମାତ୍ମକ ବୋଲି ପ୍ରମାଣ କରେ । କନିଷ୍କଙ୍କର ପ୍ରାୟ ଦୁଇ ଶତାବ୍ଦୀ ପୂର୍ବରୁ କଳିଙ୍ଗ ନଗରରେ ଦେବପୂଜା ନିମିତ୍ ଶିଖର ଜାତୀୟ ମନ୍ଦିରମାନ ନିର୍ମିତ ହୋଇଥିଲା । ଦେବପ୍ରିୟ ପ୍ରିୟଦର୍ଶୀ ଅଶୋକଙ୍କ ପରି ଜୈନ ଧର୍ମାବଲମ୍ବୀ କଳିଙ୍ଗ ସମ୍ରାଟ୍ ଖାରବେଳ ଅନ୍ୟାନ୍ୟ ଧର୍ମମାନଙ୍କ ପ୍ରତି ସାମ୍ୟ ଓ ମୈତ୍ରୀଭାବ ପ୍ରଦର୍ଶନ କରୁଥିଲେ । ଉକ୍ତ ଲେଖର ଷୋଡ଼ଶ ଧାଡ଼ିରୁ ଜଣାଯାଏ ଯେ ସେ ଅନ୍ୟାନ୍ୟ ଧର୍ମମାନଙ୍କ ପ୍ରତି ଶ୍ରଧା ଓ ଭକ୍ତି ଦେଖାଉଥିଲେ (ସର୍ବ-ପାଷାଣ୍ଡ-ପୂଜକଃ) ଓ ପ୍ରାଚୀନ ଦେବମନ୍ଦିରମାନଙ୍କର ସଂସ୍କାର କରିଥିଲେ (ସର୍ବ ଦେବାୟତନ-ସଂସ୍କାର-କାରକଃ) । କଳିଙ୍ଗ ନଗରରେ ମଧ ତାଙ୍କ ରାଜତ୍ୱ ପୂର୍ବରୁ ଅନେକ ଦେବାୟତନ ବା ଦେବମନ୍ଦିର ଥିଲା । ଏଗୁଡ଼ିକ ହିନ୍ଦୁ ଦେବଦେବୀ ମନ୍ଦିର ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ସୈନ୍ଧବ ଉପତ୍ୟକାରେ ଭୂଗର୍ଭରୁ ଖୋଦି ହରପ୍ପା ଓ ମହେଞ୍ଜୋଦାରୋ ନାମକ ଭାରତର ପ୍ରାଚୀନ ସ୍ଥାନ ଦୁଇଟିରେ ଲିଙ୍ଗ, ନାନାବିଧ ଶିବମୂର୍ତ୍ତି ଶକ୍ତି ଓ ଅନ୍ୟାନ୍ୟ ଦେବୀ ମୂର୍ତ୍ତିମାନ ପୂଜିତ ହେଉଥିବା ନିଃସନ୍ଦେହରେ ପ୍ରମାଣିତ ହେଲାଣି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ ପ୍ରାଚୀନ ପାଟଳିପୁତ୍ର ନଗରୀରେ ଶିବ, କୁବେର, ଦୁର୍ଗା ଇତ୍ୟାଦି ବିଭିନ୍ନ ଦେବଦେବୀଙ୍କର ମନ୍ଦିର ବିଦ୍ୟମାନ ଥିଲା । ନଗର ମଧରେ ଦେବମନ୍ଦିର ନିର୍ମାଣ ନିମିତ୍ ସେ କେତେକ ନିୟମ ମଧ ତାଙ୍କ ଗ୍ରନ୍ଥରେ ଲିପିବଧ କରିଛନ୍ତି । ସାଧାରଣତଃ ବୌଧମନ୍ଦିରଗୁଡ଼ିକ ‘ପ୍ରାସାଦ’, ‘ବିହାର’ ଇତ୍ୟାଦି ନାଗରେ କଥିତ ହୁଏ । କିନ୍ତୁ ଗୋପୁର ଓ ଶିଖରଜାତୀୟ ଦେବାୟତନଗୁଡ଼ିକ ଯେ ହିନ୍ଦୁ ମନ୍ଦିର ଏଥିରେ ସନ୍ଦେହ

କରିବାର କୌଣସି କାରଣ ନାହିଁ । ତାହାହେଲେ ଖାରବେଳଙ୍କ ରାଜତ୍ୱ ପୂର୍ବରୁ କଳିଙ୍ଗରେ ହିନ୍ଦୁଧର୍ମ ପ୍ରଚଳିତ ଥିଲା ଓ ଅନେକ ହିନ୍ଦୁମନ୍ଦିର ମଧ ନିର୍ମିତ ହୋଇଥିଲା । ସେଗୁଡ଼ିକ ଜୀର୍ଣ୍ଣ ଓ ଭଗ୍ନଦଶାପନ୍ନ ହୋଇଯିବାରୁ ଉଦାରଚେତା ସକଳ ଧର୍ମପ୍ରିୟ ଖାରବେଳ ସେଗୁଡ଼ିକ ସଂସ୍କାର କରିଥିଲେ । କଳିଙ୍ଗ ନଗରରେ 'ବିରାଟ ସେନା-ନିବାସ' ମାନ ବିଦ୍ୟମାନ ଥିଲା । ଏଥିରେ ଅଶ୍ୱାରୋହୀ, ଗଜାରୋହୀ, ପଦାତି ପ୍ରଭୃତି ପ୍ରାଚୀନ ଭାରତୀୟ ଚତୁରଙ୍ଗ ସେନା ବାସ କରୁଥିଲେ । ଖାରବେଳ ନିଜର ବିରାଟ ବାହିନୀମାନଙ୍କ ପାଇଁ ରାଜଧାନୀରେ ଅସଂଖ୍ୟ ଗୃହ ନିର୍ମାଣ କରିଥିଲେ । ହାତୀଗୁମ୍ଫା ଲେଖର ବର୍ଣ୍ଣନାରୁ ଜଣାଯାଏ, ଆଜକୁ ପ୍ରାୟ ୨୧୦୦ ବର୍ଷ ପୂର୍ବେ କଳିଙ୍ଗ ନଗର ସମଗ୍ର ଭାରତବର୍ଷରେ ଦ୍ୱିତୀୟ ଅମରାବତୀ ତୁଲ୍ୟ ଗୋଟିଏ ଅପୂର୍ବ ରମଣୀୟ ନଗରୀ ରୂପେ ଖ୍ୟାତି ଲାଭ କରିଥିଲା ।

ନାଗରିକମାନଙ୍କ ଅବସ୍ଥା ବର୍ଣ୍ଣନା ବ୍ୟତୀତ ନଗର ବର୍ଣ୍ଣନା ପୂର୍ଣ୍ଣାଙ୍ଗ ହେବ ନାହିଁ । ତେଣୁ ଏହାର ସାମାନ୍ୟ ଆଲୋଚନା ଆବଶ୍ୟକ । ପ୍ରତ୍ୟେକ ରାଜଧାନୀ ପରି କଳିଙ୍ଗ ରାଜଧାନୀରେ ମଧ ରାଜପ୍ରାସାଦ ନଗରର ପ୍ରଧାନ କେନ୍ଦ୍ରସ୍ଥଳୀ ଥିଲା । ଏଠାକୁ ରାଜ୍ୟର ପ୍ରଜାବର୍ଗ ଓ ନାଗରିକମାନେ ବହୁ କାର୍ଯ୍ୟ ଉପଲକ୍ଷରେ ଗମନାଗମନ କରୁଥିଲେ । ପ୍ରାଚୀନ ପାଟଳିପୁତ୍ର ପରି ଏହି ଚତୁର୍ଦ୍ଦିଗରେ ବଡ଼ ପ୍ରାଚୀର ଦ୍ୱାରା ଆବୃତ ଥିଲା । ଚତ୍ୱର ବା କ୍ରୀଡ଼ାଙ୍ଗନ, ଆରା, ଉଦ୍ୟାନ, ବୃକ୍ଷବାଟିକା ଓ ଉପବନ ପ୍ରଭୃତି ନାଗରିକମାନଙ୍କର ବିହାରସ୍ଥଳୀ ଥିଲା । ଗମନାଗମନର ସୁବିଧା ପାଇଁ ଅନେକ ପ୍ରଶସ୍ତ ପଥ ନିର୍ମିତ ହୋଇଥିଲା । ଗଭୀର ଶୀତଳ ତଡ଼ାଗମାନ ଓ ବିରାଟ ଜଳପ୍ରଣାଳୀ ନାଗରିକ ମାନଙ୍କର ସ୍ନାନ, ପାନ ଓ ଜଳସେଚନାଦି କାର୍ଯ୍ୟରେ ବ୍ୟବହୃତ ହେଉଥିଲା । ଗ୍ରୀଷ୍ମକାଳରେ ପ୍ରଜାମାନେ ଜଳକଷ୍ଟ ଅନୁଭବ କରୁନଥିଲେ । ଶିଖର ଶୋଭିତ ତୋରଣ ବିଭୂଷି କାରୁକାର୍ଯ୍ୟ ଖଚିତ ମନ୍ଦିରମାନଙ୍କରେ ଲୋକମାନେ ଦେବାର୍ଚ୍ଚନା ଓ ଧର୍ମାଲୋଚନା କରି ନିଜ ନିଜର ଜୀବନକୁ ପବିତ୍ର କରୁଥିଲେ । ନଗରରେ ହିନ୍ଦୁ, ଜୈନ, ବୌଧ୍ ପ୍ରଭୃତି ଧର୍ମାବଲମ୍ବୀମାନେ ସୁଖରେ କାଳଯାପନ କରୁଥିଲେ ଓ ରାଜା ମଧ ପ୍ରତ୍ୟେକ ଧର୍ମର ଉନ୍ନତି ପାଇଁ ଯତ୍ନ କରୁଥିଲେ ।

ଦେଶ ସର୍ବଦା ବିଦେଶୀୟ ଆକ୍ରମଣ ଭୟରୁ ମୁକ୍ତ ଥିଲା । ତେଣୁ ନାଗରିକମାନେ ସୁଖ ଶାନ୍ତିରେ କାଳଯାପନ କରୁଥିଲେ । ହାତୀଗୁମ୍ଫା ଲେଖର କେତେକ ପଙ୍କ୍ତି ପାଠକମାନଙ୍କ ମନରେ ନାଗରିକ ଜୀବନ ସମ୍ବନ୍ଧରେ ଗୋଟିଏ ଉଚ୍ଚ ଧାରଣାଦେବ । ରାଜା ନିଜେ ସଙ୍ଗୀତବିଦ୍ୟାରେ ନିପୁଣ ଥିଲେ ଓ ସଙ୍ଗୀତ, ବାଦ୍ୟ, ଦର୍ପ, କ୍ରୀଡ଼ା ନୃତ୍ୟାଦି ପ୍ରଦର୍ଶନ ଦ୍ୱାରା ନାଗରିକମାନଙ୍କର ଆନନ୍ଦ ବିଧାନ କରୁଥିଲେ । ନାଗରିକମାନେ ନାନାପ୍ରକାର ଭୋଜି, ଉତ୍ସବ, ସମାଜ (ଯାତ୍ରା, କ୍ରୀଡ଼ା, କୌତୁକ, କସରତ୍) ଇତ୍ୟାଦିରେ ଯୋଗ ଦେଇ ବିଶେଷ ଆନନ୍ଦ ଅନୁଭବ କରୁଥିଲେ । ସମୟ ସମୟରେ ରାଜକର୍ମଚାରୀ, ରାଜଭୃତ୍ୟ, ଗୃହସ୍ଥ, ବ୍ରାହ୍ମଣ, ବୌଧଶ୍ରମଣ, ଜୈନଶ୍ରାବକ ପ୍ରଭୃତି ବିଭିନ୍ନ ଶ୍ରେଣୀର ଲୋକେ ବଡ଼ ବଡ଼ ଭୋଜିକୁ ନିମନ୍ତ୍ରିତ ହେଉଥିଲେ । ମଙ୍ଗଳ ଅନୁଷ୍ଠାନ ସମୟରେ ଅସୀ, ଛତ୍ର, ଘଟ, ପତାକାଧାରୀ ଲୋକମାନେ ଓ ଗଜ-ଅଶ୍ୱ-ରଥାରୋହୀ ସୈନ୍ୟମାନେ, ରକ୍ଷୀ ଓ ପରିଚରବୃନ୍ଦଙ୍କ ସହ ବିରାଟ ପଟୁଆରରେ ବାହାରି ନଗର ପରିକ୍ରମା କରୁଥିଲେ । ବୌଧମାନଙ୍କ ମଧରେ ପ୍ରଚଳିତ 'ବୋଧିଦ୍ରୁମ୍-ପୂଜା'ର ଚିତ୍ର ସାରନାଥ, ମଥୁରା, ସାଚୀ, ବରହୁତ ପ୍ରଭୃତି ସ୍ତୁପମାନଙ୍କର ରେଲିଙ୍ଗରେ ଅନେକ ସ୍ଥାନରେ ଖୋଦିତ ହୋଇଅଛି । ବୌଧମାନଙ୍କର ବୋଧିଦ୍ରୁମ ପୂଜାପରି ଜୈନମାନଙ୍କର 'ପଲ୍ଲବ-ଭାର-କଳ୍ପବୃକ୍ଷ'ର ପୂଜା ଗୋଟିଏ ପରମ ପବିତ୍ର ଅନୁଷ୍ଠାନ ଥିଲା । ତେଣୁ ଜୈନ ଖାରବେଳ କଳିଙ୍ଗ ନଗରରରେ 'ପଲ୍ଲବ-ଭାର-କଳ୍ପବୃକ୍ଷ'ର ଚିତ୍ର ବା ମୂର୍ତ୍ତି ବିରାଟ ପଟୁଆର ସହିତ ବୁଲାଉଥିଲେ । ସେ ରାଜବିଭବ ପ୍ରଦର୍ଶନ ନିମିତ୍ ସମୟ ସମୟରେ ନାଗରିକ ଓ ପଲ୍ଲୀବାସୀମାନଙ୍କୁ ସମସ୍ତ ପ୍ରକାର କର ଓ ପଣ୍ୟଭାରରୁ ମୁକ୍ତ କରୁଥିଲେ ଓ ରାଜକୋଷରୁ

ବହୁ ମୁଦ୍ରା ବ୍ୟୟ କରୁଥିଲେ  ରାଜକୋଷରୁ ବହୁ ସମ୍ପନ୍ନ କରୁଥିଲେ । ସମୟ ସମୟରେ ସେ ନାଗରିକମାନଙ୍କର କୌତୂହଳ ଚରିତାର୍ଥ କରିବା ନିମିତ୍ ଅନେକ ପ୍ରକାର ବିସ୍ମୟୋଦ୍ଦୀପନ ବନ୍ୟ ପଶୁପକ୍ଷୀମାନ ପ୍ରଦର୍ଶନ କରୁଥିଲେ । ରାଜତ୍ୱର ଏକାଦଶ ବର୍ଷରେ ସେ ଗୋଟିଏ ବିରାଟ ସାମାଜିକ ଅନୁଷ୍ଠାନରେ କଳିଙ୍ଗର ପୂର୍ବ ରାଜାମାନଙ୍କ ପ୍ରତି ଶ୍ରଧା ଓ ଭକ୍ତି ପ୍ରଦର୍ଶନ କରିଥିଲେ । ହାତୀଗୁମ୍ଫା ଲେଖର ଏହି ସମସ୍ତ ପଂକ୍ତିରୁ ସ୍ପଷ୍ଟ ଜଣାଯାଏ, ଖାରବେଳଙ୍କ ସମୟରେ କଳିଙ୍ଗ ନଗରର ଅଧିବାସୀମାନେ ପରମ ସୁଖ ଓ ଶାନ୍ତିରେ କାଳ ଯାପନ କରୁଥିଲେ । ରାଜା ଓ ପ୍ରଜାଙ୍କ ସମ୍ପର୍କ ଅତ୍ୟନ୍ତ ମଧୁମୟ ଓ ପବିତ୍ର ଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ, ଏହି ପ୍ରସିଧ୍ ରାଜଧାନୀର ଅବସ୍ଥିତି ଆଜି ପର୍ଯ୍ୟନ୍ତ ନିର୍ଣ୍ଣୀତ ହେଲା ନାହିଁ । ତେଣୁ ଲେଖବର୍ଣ୍ଣିତ ସମସ୍ତ ଅନୁଷ୍ଠାନ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭକରିବା ବର୍ତ୍ତମାନ ସମ୍ଭବପର ନୁହେଁ । ତଥାପି ଏହାର ଅବସ୍ଥିତି ପ୍ରାଚୀନ ଗ୍ରନ୍ଥ ଓ ଲେଖମାନଙ୍କ ସାହାଯ୍ୟରେ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଛି ।

କଳିଙ୍ଗ ନଗରର ଅବସ୍ଥିତି - ଦକ୍ଷିଣ ଓଡ଼ିଶାର ନାନାସ୍ଥାନରୁ ପ୍ରାପ୍ତ ଗଙ୍ଗବଂଶୀୟ ରାଜାମାନଙ୍କ ତାମ୍ରଶାସନ ଗୁଡ଼ିକରୁ ଜଣାଯାଏ ଯେ, 'କଳିଙ୍ଗ ନଗର' ପ୍ରଥମ ଦେବେନ୍ଦ୍ର ବର୍ମାଙ୍କ ସମୟରୁ ପ୍ରଥମ ମାମାର୍ଣ୍ଣବଙ୍କ ରାଜତ୍ୱ ପର୍ଯ୍ୟନ୍ତ କଳିଙ୍ଗର ରାଜଧାନୀ ଥିଲା ଏବଂ ସେଠାରୁ ଦାନପତ୍ରମାନ ପ୍ରଦତ୍ ହେଉଥିଲା । ପ୍ରଥମ ଦେବେନନ୍ଦ୍ର ବର୍ମାଙ୍କ ରାଜତ୍ୱରେ ୫୧ ଗଙ୍ଗାବ୍ଦ ବା ୫୪୭ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ ତାମ୍ରଶାସନରୁ ପ୍ରଥମେ କଳିଙ୍ଗ ନଗରର ନାମ ମିଳେ । ତତ୍‌ପୂର୍ବରୁ ମାଠରବଂଶୀୟ ରାଜାମାନେ ପ୍ରଥମେ ସିଂହପୁର ଓ ପରେ ଦନ୍ତପୁରରୁ ତାମ୍ରଶାସନମାନ ଦାନ କରିଥିଲେ । ଏହା ବତମାନ  ନିଃସନ୍ଦେହରେ ଜଣାଯାଏ ଯେ, ୬ଷ୍ଠ ଶତାବ୍ଦୀର ମଧଭାଗରୁ କଳିଙ୍ଗର ରାଜଧାନୀ 'କଳିଙ୍ଗ ନଗର' ନାମରେ ଖ୍ୟାତି ଲାଭ କରିଥିଲା । ଗଙ୍ଗରାଜ ଇନ୍ଦ୍ର ବର୍ମାଙ୍କ ଦ୍ୱାରା ୧୪୬ ଶକାବ୍ଦ ବା ୬୪୨ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ ତାମ୍ରଶାସନରୁ ଜଣାଯାଏ ଯେ, କଳିଙ୍ଗ ନଗର ସମୁଦ୍ରକୂଳରେ ଅବସ୍ଥିତ ଥିଲା । ଯଥା "ଜଳଧି-ଜଳ-ତରଙ୍ଗ-କର-ପଲ୍ଲବାଲିଙ୍ଗିତ ସକଳ କଳିଙ୍ଗବନୀ-ତଳ-ତିଳକାୟନାତ ବିଜୟ କଳିଙ୍ଗନଗରାତ୍" ଅର୍ଥାତ୍ କଳିଙ୍ଗ ରାଜ୍ୟର ତିଳକ ସ୍ୱରୂପ କଳିଙ୍ଗନଗରରକୁ ସମୁଦ୍ର ନିଜର ତରଙ୍ଗ ରୂପକ କରପଲ୍ଲବ ଦ୍ୱାରା ଆଲିଙ୍ଗନ କରୁଥିଲା । ଏହି ନଗରଟି ସମୁଦ୍ରକୂଳବର୍ତ୍ତୀ ପ୍ରାୟ ୮୪ ଦାଘିମା ଓ ୧୮ ଅକ୍ଷାଂଶରେ ଅବସ୍ଥିତ କୋଙ୍ଗୁର ସହିତ ଚିହ୍ନିତ ହୋଇଅଛି ।

ସମୁଦ୍ରଗୁପ୍ତଙ୍କ ଦାକ୍ଷଣାତ୍ୟ ବିଜୟ କାଳରେ ଗରିଦୁର୍ଗ କୋଟ୍ଟୁର କଳିଙ୍ଗର ରାଜଧାନୀ ଥିଲା ଏବଂ ସେଠାରେ ସ୍ୱାମୀଦତ୍ ରାଜତ୍ୱ କରୁଥିଲେ । ମହାକବି କାଳିଦାସ ରଘୁବଂଶର ଷଷ୍ଠ ସର୍ଗରେ କଳିଙ୍ଗର ରାଜଧାନୀ ମହେନ୍ଦ୍ର ପର୍ବତର ଅନତି ଦୂରରେ ସମୁଦ୍ର କୂଳରେ ଅବସ୍ଥିତ ଥିବାର ବର୍ଣ୍ଣନା କରିଛନ୍ତି -

ଯମାତ୍ମନଃ ସଦ୍ମନି ସନ୍ନିକୃଷ୍ଟ ମନ୍ଦ୍ରଧ୍ୱନୀ ତ୍ୟାଜିତଯାମକୂର୍ଯ୍ୟ,

ପ୍ରାସାଦ ବାତାୟନ ଦୃଶ୍ୟବୀଚିଃ ପ୍ରବୋଧୟତ୍ୟର୍ଣ୍ଣବ ଏବ ସୁପ୍ତଂ ।

ଅର୍ଥାତ କଳିଙ୍ଗ ରାଜପ୍ରାସାଦରୁ ସମୁଦ୍ର ଲହରୀଗୁଡ଼ିକ ଦେଖାଯାଉଥିଲା ଏବଂ ସେଗୁଡ଼ିକର ଭୀଷଣ ଗର୍ଜ୍ଜନ ପ୍ରତ୍ୟେକ ଯାମରେ ବଜା ଯାଉଥିବା ଢ଼ୋଲ ଶବ୍ଦକୁ ବଳି ଯାଉଥିଲା ।

ଗଙ୍ଗରାଜତ୍ୱ କାଳରେ ବହୁକାଳ ପର୍ଯ୍ୟନ୍ତ କଳିଙ୍ଗର ରାଜଧାନୀ ଥିବା କଳିଙ୍ଗ ନଗର' ଓ ଖାରବେଳଙ୍କ ହାତୀଗୁମ୍ଫା ଲେଖରେ ବର୍ଣ୍ଣିତ 'କଳିଙ୍ଗ ନଗର' ଏକ ଓ ଅଭିନ୍ନ ବୋଲି ଐତିହାସିକ ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମଜୁମଦାର ମତ ପ୍ରକାଶ କରିଛନ୍ତି । କିନ୍ତୁ ଏହା ବିରୁଧ୍‌ରେ କେତେକ ଯୁକ୍ତ ପ୍ରଦତ୍ ହୋଇପାରେ । ପ୍ରଥମେ କଳିଙ୍ଗ ନଗର

'କଟକ' ପରି ଗୋଟିଏ ସାଧାରଣ ନାମବାଚକ ଶବ୍ଦ । ଏହାର ଅର୍ଥ କଳିଙ୍ଗର ରାଜଧାନୀ । 'କଟକ' ଶବ୍ଦ ରାଜାଙ୍କର ସାମୟିକ ରାଜଧାନୀ । ଇତିହାସ ପର୍ଯ୍ୟାଲୋଚନା କଲେ ଆମ୍ଭେମାନେ ଜାଣିପାରୁ ଯେ ଶ୍ରୀଧାନ୍ୟ କଟକ, ଅମବରାବତୀ କଟକ, ସାଚୀ କଟକ ପରି ଓଡ଼ିଶାରେ ମଧ ସୁବର୍ଣ୍ଣପୁର କଟକ, ମୁରସୀମ କଟକ, ବିନୀତପୁର କଟକ ପରି ଓଡିଶାରେ ମଧ୍ୟ ସୁବର୍ଣ୍ଣପୁର କଟକ, ମରସୀମ କଟକ, କୀର୍ତିବାସ କଟକ (ଭୁବନେଶ୍ୱର), ପୁରୁଷୋତମ କଟକ (ପୁରୀ) ପ୍ରଭୃତି ଅନେକ କଟକ ଥିଲା । କଟକ ଶବ୍ଦ ରାଜଧାନୀ ରୁପେ ବ୍ୟବହୃତ ହେଉଥିବା ନଗରକୁ ବୁଝାଇଲା ପରି କଳିଙ୍ଗ ନଗର କୌଣସି ସ୍ଥାନ ବିଶେଷରେ ନାମ ନହୋଇ କଳିଙ୍ଗର ରାଜଧାନୀ ଥିବା ନଗର ବିଶେଷକୁ ବୁଝାଉଥିଲା । କୋଙ୍ଗୁର ଗିରିଦୁର୍ଗ ପ୍ରଥମେ ବହୁକାଳ କଳିଙ୍ଗନଗର ନାମରେ ପରିଚିତ ଥିଲା । ପରବର୍ତୀ କାଳରେ ପାରଳାକେମୁଣ୍ଡି ଜମିଦାରୀ ମଧ୍ୟରେ ବଂଶଧାରା ନଦୀକୂଳରେ ଅବସ୍ଥିତ ମଖଲିଙ୍ଗଠାରୁ ନଗରୀ କଟକ ପର୍ଯ୍ୟନ୍ତ ବିସ୍ତୁତ ଅଚଳ କଳିଙ୍ଗ ନଗର ନାମ ଧାରଣ କରିଥିଲା । ତେଣୁ ଖାରବେଳଙ୍କ ସମୟରେ କଳିଙ୍ଗର ଅନ୍ୟ କୌଣସି ଐତିହାସିକ କେନ୍ଦ୍ର ବୋଧହୁଏ ଖଣ୍ଡଗିରି ନିକଟବର୍ତୀ କୌଣସି ଅଚଳ, କଳିଙ୍ଗ ନଗର ବା କଳିଙ୍ଗର ରାଜଧାନୀ ଥିଲା ।

ଏହା ସପକ୍ଷରେ ଅନେକ ଯୁକ୍ତି ଦିଆଯାଇପାରେ । ଅଶୋକଙ୍କର ଅନୁଶାସନରୁ ସ୍ପଷ୍ଟ ଜଣାଯାଏ ଯେ, ତାଙ୍କ ରାଜତ୍ୱକାଳରେ ତୋଷାଳି ବା ଆଧୁନିକ ଧଉଳି ପବର୍ତର ନିକଟବର୍ତ୍ତୀ ଅଚଳ କଳିଙ୍ଗର ରାଜଧାନୀ ଥିଲା । ଖାରବେଳ ମୌର୍ଯ୍ୟ ବିଜୟର ସ୍ମୃତିକୁ ଲୋକମାନଙ୍କ ମାନସପଟରୁ ପୋଛିଦେବାପାଇଁ ତୋଷଳିରେ ବା ତୋଷଳି ନିକଟରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିବା ସମ୍ପୂର୍ଣ୍ଣ ସମ୍ଭବପର । ଇତିହାସ ପାଠ କଲେ ଜଣାଯାଏ ଯେ, କୌଣସି ରାଜବଂଶର ପତନ ବା ପରାଜୟ ହେଲେ ବିଜୟୀ ରାଜା ବିଜିତ ରାଜ୍ଞ ରାଜଧାନୀରେ ନିଜର ସ୍ତମ୍ଭ ପ୍ରୋତଥିତ କରି ସେଠାରୁ ରାଜ୍ୟଶାସନ କରିବାକୁ ଗୌରବଜନକ ମନେ କରନ୍ତି । ପୃଥିବୀରାଜଙ୍କ ମୃତ୍ୟୁପରେ ତାଙ୍କର ରାଜଧାନୀ ଦିଲ୍ଲୀହିଁ କ୍ରମାନ୍ୱୟରେ ଦାସ, ଖିଲିଜୀ, ଟୋଗଲକ ; ସୟଦ ଲେଦୀ ଓ ମୋଗଲ ରାଜବଂଶର ରାଜଧାନୀ ରୁପେ ବ୍ୟବହୃତ ହେଉଥିଲା । ସେହିପରି ସୋମବଂଶର ଶେଷ ରାଜଧାନୀ କଟକ ନଗରୀ ଉକ୍ତ ବଂଶର ପତନପରେ ଯଥାକ୍ରମେ ଗଙ୍ଗ ; ସୂର୍ଯ୍ୟ ପଠାଣ ମୋଗଲ ; ଓ ମରହଟ୍ଟା ଦ୍ୱାରା ରାଜଧାନୀରୁପେ ବ୍ୟବହୃତ ହୋଇଥିଲା । ବ୍ରିଟଶ ସରକାର ଓଡିଶା ଅଧିକାର ପରେ କଟକକୁ ନିଜର ରାଜଧାନୀ ରୂପେ ବ୍ୟବହୃତ କରିଥିଲେ ।

ଖଣ୍ଡଗିରି ଓ ଉଦୟଗିରିରେ ଥିବା କେତେକ ପ୍ରାଚୀନ ବ୍ରହ୍ମୀ ଲେଖରୁ ସ୍ପଷ୍ଟ ଜଣାଯାଏ । ଯେ, ଏହି ଦୁଇଟି ଶୈଳୀର ଅଦୂରରେ କୌଣସି ଏକ ନଗର ବିଦ୍ୟମାନ ଥିଲା । ଏହାହିଁ କଳିଙ୍ଗ ନଗର ହୋଇଥିବା ମନେହୁଏ ।

ଅଶୋକ ଓ ଖାଳବେଳଙ୍କ ସମୟରେ କଳିଙ୍ଗରାଜ୍ୟ ଉତରରେ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୁତ ଥିଲା । ତେଣୁ ତୋଷଳିହିଁ ତାହାର କେନ୍ଦ୍ରଥିଲା ଓ ସେଠାରୁ ସମଗ୍ର ରାଜ୍ୟ ଶାସନ କରିବା ସହଜ ଓ ସୁବିଧାଜନକ ଥିଲା । କାଳିଦାସଙ୍କ ସମୟରୁ ଓ ତତ୍‌ପରେ କ୍ରମଶଃ କଳିଙ୍ଗରାଜ୍ୟ ସଂକୁଚିତ ହୋଇ ଋଷିକୁଲ୍ୟା ଓ ଗୋଦାବରୀ ମଧରେ ଆବଧ ରହିଲା । ତେଣୁ କୋଙ୍ଗୁର ଦୁର୍ଗରୁ ଉକ୍ତ ସଂକୁଚିତ କଳିଙ୍ଗ ରାଜ୍ୟ ଶାସନ କରିବା ସୁବିଧାଜନକ ହେଲା । କିନ୍ତୁ ଖାରବେଳଙ୍କ ସମୟରେ କେଙ୍ଗୁର ଉତରରେ ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ କଳିଙ୍ଗ ରାଜ୍ୟର ରାଜଧାନୀ ନ ହୋଇ ତୋଷଳି ନିକଟବର୍ତୀ କୌଣସି ନଗରୀ କଳିଙ୍ଗର ରାଜଧାନୀ ହୋଇଥିବା ସମ୍ଭବପର ।

ବ୍ରହ୍ମପୁରଣରେ ପ୍ରଦତ ଏକାମ୍ରକ୍ଷେତ୍ରର ବର୍ଣ୍ଣନା ସହିତ ହାତୀଗୁମ୍ଫା ଲେଖରେ ପ୍ରଦତ କଳିଙ୍ଗ ନଗର ବର୍ଣ୍ଣନାଗ ବିଶେଷ ସାମଞ୍ଜସ୍ୟ ଦେଖାଯାଏ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ପ୍ରାୟ ଏକ ମାଇଲ ପୂର୍ବରେ ବିରାଟ ଶିଶୁପାଳ ଦୁର୍ଗର ଭଗ୍ନାବଶେଷ ଦେଖାଯାଏ ଏହାର ଆକାର ବର୍ଗକ୍ଷେତ୍ର ପରି ଓ ପ୍ରତ୍ୟେକ ପ୍ରାଚୀର ପ୍ରାୟ ଏକ ମାଇଲ

ଲମ୍ବ । ପ୍ରାଚୀରଗୁଡିକ ବଡ ବଡ ଇଟାରେ ତିଆରି ହୋଇଥିଲା । ଏହିପରି ଇଟା ମୌର୍ଯ୍ୟ ବା ସୁଙ୍ଗବଂଶର କିର୍ତୀମାନଙ୍କରେ ସାଧାରଣତଃ ଦେଖାଯାଏ । ପ୍ରାଚୀରଗୁଡିକର ଧ୍ୱଂସାବଶେଷ ଭୂମି ପତନଠାରୁ ପ୍ରାୟ ୪୦ଫୁଟ ଉଚ୍ଚ ।ପ୍ରତ୍ୟେକ ପ୍ରାଚୀରର ମଧଭାଜରେ ଗୋଟିଏ ଗୋଟିଏ ବିଶାଳ ଦ୍ୱାର ଥିଲା । ପଶ୍ଚିମ ଦ୍ୱାରଟି ବୃହତ୍ମ ହୋଇଥିବାରୁ ଏହାହିଁ ସିଂହଦ୍ୱାର ହୋଇଥିବାର ମନେହୁଏ । ଏହି ଦୁର୍ଗ ମଧରୁ ମୌର୍ଯ୍ୟ ବା ସୁଙ୍ଗଯୁଗର ବୋଲି ସେ ମତ ପ୍ରକାଶ କରିଥିଲେ । ପ୍ରାୟ ଆଠ ଫୁଟ ଉଚ୍ଚ ବିଶାଳ ଭାସ୍କରେଶ୍ୱର ଶିବଲିଙ୍ଗ ଗୋଟିଏ ଅଶେଶକ ସ୍ତମ୍ଭର ଭଗ୍ନାବଶେଷ ବୋଲି ରାଜେନ୍ଦ୍ରଲାଲ ମିତ୍ର ପ୍ରଭୃତି ପ୍ରସିଧ୍ ଐତିହାସିକ ସ୍ଥିର କରିଛନ୍ତି । ୧୯୪୮ ମସିହାରେ ଭାରତ ସରକାରଙ୍କ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ଏଠାରେ ଖୋଦନ ହୋଇଥିଲା । ଏହା ଫଳରେ ଏଠାରୁ ମୌର୍ଯ୍ୟ ଯୁରେ ବ୍ୟବହୃତ କେତେକ ମୃଣ୍ମୟ ପାତ୍ରର ଅଂଶ ବିଶେଷ, ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀର ଗୋଟିଏ ସୁବର୍ଣ୍ଣମୁଦ୍ରା ଓ କୁଶାଣ ଯୁଗର ବହୁ ତାମ୍ର ମୁଦ୍ରା ଆବିଷ୍କୃତ ହୋଇଥିଲା । ଏ ସମସ୍ତ ଆବିଷ୍କାର ଫଳରେ ଉକ୍ତ ଦୁର୍ଗଟି ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ନିର୍ମିତ ହୋଇଥିବାରୁ ଐତିହାସିକମାନେ ସ୍ଥିର କରିଛନ୍ତି ।

ଶିଶୁପାଳ ଦୁର୍ଗମଧରୁ ପ୍ରାପ୍ତ ଦଶମ ଶତାବ୍ଦୀର ଗୋଟିଏ ସତୀସ୍ତମ୍ଭ ଓ ସପ୍ତମ ବା ଅଷ୍ଟମ ଶତାବ୍ଦୀର ମୁଗୁନି ପଥରରେ ନିର୍ମିତ ଗୋଟିଏ ଦେବୀମୂର୍ତ୍ତିର ଯଥେଷ୍ଟ ଐତିହାସିକ ଗୁରୁତ୍ୱ ଅଛି । ଶିଶୁପାଳ ଦୁର୍ଗରୁ ଆବିଷ୍କୃତ ପ୍ରାଚୀନ ସତୀସ୍ତମ୍ଭରେ ଖୋଦିତ ବନଦୁର୍ଗା ମୂର୍ତି ଉପରେ ଗୋଟିଏ ଓ ଦେବୀମୂର୍ତି ପଛ ପାଖରେ ୧୭ ଧାଡ଼ିର ଗୋଟିଏ ଲେଖ ବିଦ୍ୟମାନ । ଏତଦ୍‌ବ୍ୟତିତ ବ୍ରହ୍ମେଶ୍ୱର ମନ୍ଦିରଠାରୁ ଶିଶୁପାଳ ଦୁର୍ଗର ବାୟୁକୋଣ ପର୍ଯ୍ୟନ୍ତ ଗୋଟିଏ ପ୍ରାଚୀନ ପଥ ବେଲି ସ୍ପଷ୍ଟ ଜଣାଯାଏ । ଏହା ଉପରେ ସ୍ଥାନେ ସ୍ଥାନେ ଶିଳାଲେଖ ଅଦ୍ୟାପି ସ୍ପଷ୍ଟ ଜଣାଯା, । ଏହା ଉପରେ ସ୍ଥାନେ ସ୍ଥାନେ ଶିଳାଲେଖ ଅଦ୍ୟାପି ଦେଖାଯାଏ । ଲୋକଶ୍ରୁତିରୁ ଜଣାଯାଏ ଯେ, ମହାଭାରତ ବର୍ଣ୍ଣିତ ପ୍ରସିଧ୍ ଶିଶୁପାଳ ରାଜା ଏହି ବିଶାଳ ଦୁର୍ଗ ନିର୍ମାଣ କରିଥିଲେ । କଳିଙ୍ଗ ସମ୍ରାଟ୍ ଖାରବେଳଙ୍କ ପରି ଶିଶୁପାଳ ଚେଦୀବଂଶୀୟ ଥିଲେ ।ତେଣୁ ଉଭୟଙ୍କ ମଧରେ ସମ୍ପର୍କ ହିନ୍ଦୁମାନେ ପ୍ରସିଧ୍ ବୌଧ୍ ଓ ଜୈନକିର୍ତ୍ତିଗୁଡ଼ିକ ନିଜ ଧର୍ମପୀଠରୂପେ ବ୍ୟବହାର କରି ସେଗୁଡ଼ିକର ନାମ ପରିବର୍ତ୍ତନ କରିଥିଲେ । ଉକ୍ତ ଯୁଗରେ ସୁରଭ ପର୍ବତ ଧଉଳିଗିରି, ଅଶୋକ ଅନୁଶାସନ ଥିବା ବିଶାଳ ଶୈଳଖଣ୍ଡ ଅଶ୍ୱତ୍ଥାମ ପାହାଡ଼, ଧଉଳିରେ ଥିବା ଅଶୋକ ନିର୍ମିତ ଗୁହା ସକଳ ୫ପାଣ୍ଡବ ଗୁମ୍ଫା ନାମଧାରଣ କରିଥିଲା । ବହୁ ଜୈନକିର୍ତି ଶୋଭିତ କୁମାର ଗିରି ଓ କୁମାରୀ ଗିରି ହିନ୍ଦୁମାନଙ୍କ ଦ୍ୱାରା ଯଥାକ୍ରମେ ଖଣ୍ଡଗିରି ଓ ଉଦୟଗିରି ନାମରେ ଅଖ୍ୟାତ ହୋଇଥିଲା । ଭାରତ ଇତିହାସରୁ ଏହିପରି ଆହୁରି ଅନେକ ଉଦାହରଣ ଦିଆଯାଇପାରେ । ତେଣୁ କଳିଙ୍ଗ ସମ୍ରାଟ୍ ଖାରବେଳ ଲୋକଶ୍ରୁତିରେ ପୁରାଣ ପ୍ରସିଧ୍ ଶିଶୁପାଳ ନାମ ଧାରଣ କରିଥିବା ସମ୍ପୂର୍ଣ୍ଣ ସମ୍ଭବପର ।

ଶିଶୁପାଳ ଦୁର୍ଗ ଯଦି କଳିଙ୍ଗ ନଗର ହୁଏ, ତେବେ ନନ୍ଦରାଜାଙ୍କ ରାଜତ୍ୱରେ ଖୋଦିତ ଓ ଖାରବେଳଙ୍କ ଦ୍ୱାରା ସମାପ୍ତ ପ୍ରଣାଳୀଟି କିଏ ? କପିଳ ସଂହିତାରୁ ଜଣାଯାଏ ଯେ, ଭୃଗୁ ନାମକ ଜନୈକ ଋଷି ନିଜର ତପଃ ପ୍ରଭାବରେ ଭାର୍ଗବୀ ନଦୀର ସୃଷ୍ଟି କରିଥିଲେ ଓ ଏହା ନରାଜସ୍ଥ ସିଧେଶ୍ୱର ମନ୍ଦିର ନିକଟରେ ମହାନଦୀରୁ ଉତ୍ପନ୍ନ ହୋଇଥିଲା ।ପରେ ଦଧୀଚି ମହର୍ଷି ଏଥିରୁ ଦଧିଭଦ୍ରା ବା ଦୟାନଦୀ ଖୋଳାଇଥିଲେ । ଭୃଗୁ ଓ ଦଧୀଚିଙ୍କ ତପଃ ପ୍ରଭାବରେ ଆନୀତ ଭୂର୍ଗବୀ ଓ ଦୟାନଦୀ ନନ୍ଦରାଜାଙ୍କ ରାଜତ୍ୱରେ ଆରମ୍ଭ ଓ ଖାରବେଳଙ୍କ ରାଜତ୍ୱରେ ସମାପ୍ତ ପ୍ରଣାଳୀ ବ୍ୟତୀ ଅନ୍ୟ କିଛି ନୁହେଁ । ଏହି ପ୍ରଣାଳୀ ନିକଟରେ ଅସଂଖ୍ୟ ମନ୍ଦିର, ଗୋପୁର, ମଠ, ଶାସନ ପ୍ରତିଷ୍ଠିତ ହେବାକୁ ବ୍ରାହ୍ମଣ୍ୟଧର୍ମର ପୁନରୁତ୍‌ଥାନ ଯୁଗରେ କପିଳସଂହିତାର ରଚୟିତା ବୋଧହୁଏ ନନ୍ଦରାଜା ଓ ଖାରବେଳଙ୍କ ପରିବର୍ତ୍ତରେ ଯଥାକ୍ରମେ ସୁନାମଧନ୍ୟ ଭୃଗୁ ଓ ପବିତ୍ରଯଶା ଦଧୀଚି ମହର୍ଷିଙ୍କର ନାମ ଏହା ସହିତ

ସଂଯୋଗ କରି ଲୋକଚକ୍ଷୁରେ ଏହା ମାହାତ୍ମ୍ୟ ବୃଦ୍ଧି କରିବା ପାଇଁ ଚେଷ୍ଟା କରିଥିବେ । ଏପରି ଦୃଷ୍ଟାନ୍ତ ହିନ୍ଦୁଯୁଗର ଇତିହାସରେ ବହୁ ଦୃଷ୍ଟିଗୋଚର ହୁଏ । କଟକଠାରୁ ବାଲିଅନ୍ତା ପର୍ଯ୍ୟନ୍ତ ପ୍ରବାହିତ ଭାଗବୀର ଅଂଶକୁ ଆଜିକାଲି ଲୋକେ କୁଆଖାଇ ବୋଲି କହନ୍ତି । 'ଖାଇ' ଶବ୍ଦ ପରିଖା, ଖାଲ, ବା ପ୍ରଣାଳୀକୁ ବୁଝାଏ । ତେଣୁ କୁଆଖାଇ ଶବ୍ଦରେ ନନ୍ଦରାଜାନୀତ ପ୍ରଣାଳୀରେ ଇତିହାସ ପ୍ରଚ୍ଛନ୍ନ ଭାବରେ ନିହିତ ଥିବାର ମନେହୁଏ ।

ଆଉ ମଧ ହାତୀଗୁମ୍ଫା ଲେଖରେ ସ୍ପଷ୍ଟ ଲେଖାଯାଇଛି ଯେ, 'ତନଶୂଳୀୟ ବାଟ ପନାଡ଼ିଂ ନଗରଂ ପ୍ରବେଶୟତି' ଅର୍ଥାତ୍ ତୋଷଳିକୁ ଯାଇଥିବା ବାଟରେ ଏହି ପ୍ରଣାଳୀଟି ଖୋଦିତ ହୋଇଥିଲା । ତୋଷଳି ଧଉଳିର ଦକ୍ଷିଣ ଦିଗରେ ଅବସ୍ଥିତ ଥିବାର ନିଃସନ୍ଦେହରେ ପ୍ରମାଣିତ ହୋଇଛି । ଦୟାନଦୀ ଧଉଳିର ଉତ୍ତର ଦିଗରେ ଶିଶୁପାଳ ଦୁର୍ଗର ପ୍ରାୟ ଅର୍ଦ୍ଧମାଇଲ ଦକ୍ଷିଣ ପୂର୍ବରେ ପ୍ରବାହିତ । ତେଣୁ ଏହା କଳିଙ୍ଗନଗରର ଜଳସେଚନ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥିବ । ଏହାର ଗତିପଥ ଦେଖିଲେ ଏକ ପ୍ରଣାଳୀ ପରି ମନେହୁଏ । ଏହା ସମତଳ ଅଚଳରୁ ପାର୍ବତ୍ୟ ଅଚଳ ମଧ ଦେଇ ପ୍ରବାହିତ ହୋଇ ପରିଶେଷରେ ଚିଲିକାରେ ମିଶିଅଛି । ଭୁବନେଶ୍ୱର କାକୁଡ଼ିଆ ଗ୍ରାମ ପର୍ଯ୍ୟନ୍ତ ପାର୍ବତ୍ୟ ଅଚଳରେ ଏହା ନୈସର୍ଗିକ ଜଳାଧାରରୂପେ ପ୍ରବାହିତ ନହୋଇ ମାନବ ନିର୍ମିତ ପ୍ରଣାଳୀ ରୂପେ ଖୋଦିତ ହୋଇଥିବାର ମନେହୁଏ ।

ଶିଶୁପାଳ ଗଡ଼ ଗୋଟିଏ କେନ୍ଦ୍ରସ୍ଥାନରେ ଅବସ୍ଥିତ ଥିଲା ଓ ଏହାର ନୈସର୍ଗିକ ଦୃଶ୍ୟ ଅତୀବ ମନୋହର । ଅଦୂରରେ ଏହାର ଦକ୍ଷିଣକୁ ଅଶୋକଙ୍କ କିର୍ତ୍ତିଶୋଭିତ ଧଉଳି ପର୍ବତ (ପ୍ରାଚୀନ ସୁରଭ ପର୍ବତ) ଓ ଇତିହାସ ପ୍ରସିଦ୍ଧ ତୋଷଳି ନଗର ବିଦ୍ୟମାନ ଥିଲା । ଏହାର ପଶ୍ଚିମକୁ ପ୍ରାୟ ତିନି ମାଇଲ ଦୂରରେ ବହୁ ଜୈନକୀର୍ତ୍ତି ଶୋଭିତ ଏବଂ ଖାରବେଳ ଓ ତାଙ୍କ ପରିବାରର ପ୍ରିୟ ପ୍ରଜାସ୍ଥଳୀ କୁମାର ପର୍ବତ (ଖଣ୍ଡଗିରି) ଓ କୁମାରୀ ପର୍ବତ (ଉଦୟଗିରି) ବିଦ୍ୟମାନ ଥିଲା । ଏହି ଦୁର୍ଗସ୍ଥିତ ବିଶାଳ ପ୍ରାସାଦରୁ ସମ୍ରାଟ୍ ଖାରବେଳ ନିଜ ଦ୍ୱାରା ନିର୍ମିତ କୁମାର ପର୍ବତ ଶିଖରସ୍ଥିତ ବୈଦୁର୍ଯ୍ୟଚୈତ୍ୟଗୃହ ପ୍ରତି ଦୃଷ୍ଟିପାତ କରି ଭକ୍ତି ନମ୍ର ହୃଦୟରେ ଅର୍ହତ ମାନଙ୍କରେ ସ୍ତୁତିଗାନ ଏବଂ ହୃଦୟରେ ଅପାର ଆନନ୍ଦ ଓ ଗୌରବ ଅନୁଭବ କରୁଥିଲେ । ଶିଶୁପାଳ ଦୁର୍ଗର ଚତୁର୍ଦ୍ଦିଗରେ ଅବସ୍ଥିତ ବିସ୍ତୀର୍ଣ୍ଣ ପ୍ରାନ୍ତର ବିରାଟ କଳିଙ୍ଗ ସେନାର ଶିକ୍ଷାକ୍ଷେତ୍ର ଓ ନିବାସ ପାଇଁ ଉପଯୁକ୍ତ କ୍ଷେତ୍ର । ଅରଣ୍ୟାନୀ

ବେଷ୍ଟିତ ଏପରି ନିସର୍ଗସୁନ୍ଦର ମୁକ୍ତ ପ୍ରାନ୍ତରରେ କଳିଙ୍ଗ ନଗର ଅବସ୍ଥିତ ଥିବା ସମ୍ପୂର୍ଣ୍ଣ ସମ୍ଭବପର ।

ଉପରୋକ୍ତ ପ୍ରମାଣମାନଙ୍କ ବଳରେ କଳିଙ୍ଗ ନଗର ଶିଶୁପାଳ ଦୁର୍ଗ ସହିତ ଚିହ୍ନିତ ହୋଇପାରେ । ଶିଶୁପାଳ ଦୁର୍ଗରେ ଐତିହାସିକ ଭୂଖୋଦନ ଫଳରେ ଏହା ମୌର୍ଯ୍ୟ ଯୁଗର ପରବର୍ତ୍ତୀ ଏକ ସୁଦୃଢ଼ ନଗର ଥିବାର ନିଃସନ୍ଦେହରେ ପ୍ରମାଣିତ ହେଲାଣି ।

# ଏକାଦଶ ଅଧ୍ୟାୟ

## ଉତ୍କଳରେ ଜୈନଧର୍ମ ପ୍ରଚାର

ଉକଳରେ ଜୈନଧର୍ମ ପ୍ରଚାରର ସମୟ ଆଜି ପର୍ଯ୍ୟନ୍ତ ସ୍ଥିର ରୂପେ ନିର୍ଣ୍ଣିତ ହୋଇନାହିଁ । ଏ ବିଷୟରେ ଭାରତୀୟ ତଥା ଉତ୍କଳୀୟ ଐତିହାସିକମାନେ ବିଶେଷ ଆଲୋଚନା କରି ନାହାନ୍ତି । ତେଣୁ ଏ ବିଷୟ ଆଲୋଚନା କରିବା ପାଇଁ କିମ୍ବଦନ୍ତୀ, ଶିଳ୍ପ ଓ ଲେଖମାନଙ୍କ ଉପରେ ନିର୍ଭର କରିବାକୁ ହେବ । ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ ଐତିହାସିକ ଜୈନଧର୍ମର ପ୍ରବର୍ତ୍ତକ ବାରାଣସୀ ନୃପତି ଅଶ୍ୱସେନ ତାଙ୍କର ପିତା ଓ ଭାମା ଦେବୀ ତାଙ୍କର ମାତା । ସେ ଶତବର୍ଷ ପରମାୟୁ ଭୋଗ କରି ବିହାର ପ୍ରଦେଶସ୍ଥ ପରେଶନାଥ ପର୍ବତରେ ନିର୍ମାଣ ଲାଭ କରିଥିଲେ । କିମ୍ବଦନ୍ତୀରୁ ଜଣାଯାଏ ଯେ, ସେ ଉତ୍କଳ ଓ କଳିଙ୍ଗ ଦେଶରେ ନିଜର ଧର୍ମମତ ପ୍ରଚାର କରିଥିଲେ । ଏ କିମ୍ବଦନ୍ତୀ ସପକ୍ଷରେ ନିମ୍ନଲିଖିତ ଯୁକ୍ତିମାନ ଦିଆଯାଇପାରେ ।

ପାର୍ଶ୍ୱନାଥ ମହାବୀର ସ୍ୱାମୀଙ୍କର ଦୁଇଶ ବର୍ଷ ପୂର୍ବେ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲେ । ତାଙ୍କ ସମୟରେ ଉତ୍କଳରେ ବୈଦିକ ଆର୍ଯ୍ୟମାନଙ୍କର ପ୍ରାଧାନ୍ୟ ସ୍ଥାପିତ ହୋଇଥିବାର ଜଣାଯାଏନାହିଁ । ଯେଉଁ କେତେକ ବଦେିକ ଆର୍ଯ୍ୟ ଏଠାରେ ବସତି ସ୍ଥାପନ କରିଥିଲେ, ସେମାନେ ପ୍ରାଚୀନ ବୈଦିକ କେନ୍ଦ୍ରମାନଙ୍କ ସହିତ କାଳକ୍ରମେ ସମ୍ପର୍କଚ୍ୟୁତ ହୋଇ ପତିତ ହୋଇଥିଲେ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ରଚିତ ବୌଧାୟନ ଧର୍ମସୂତ୍ରରେ ବଙ୍ଗ ଓ କଳିଙ୍ଗରେ ଆର୍ଯ୍ୟମାନଙ୍କୁ ବସତି ସ୍ଥାପନ କରିବା ପାଇଁ ନିଷେଧ କରାଯାଇଥିଲା ଓ ଯେଉଁମାନେ ଏଠାରେ ସ୍ଥାୟୀ ଅଧିବାସୀରୂପେ ରହୁଥିଲେ ସେମାନେ ପତିତ ବୋଲି ପରିଗଣିତ ହେଉଥିଲେ । ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ରଚିତ ମନୁସ୍ମୃତି ଗ୍ରନ୍ଥରୁ ମଧ ଜଣାଯାଏ ଯେ, ଅଙ୍ଗ.ବଙ୍ଗ.କଳିଙ୍ଗ (ଉତ୍କଳ) ଦେଶକୁ ତୀର୍ଥଯାତ୍ରା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଗଲେ ପୁନର୍ବାର ସଂସ୍କାର କରିବାକୁ ହେଉଥିଲା । ଏଥିରୁ ଜଣାଯାଏ ଯେ, ମନୁଙ୍କ ଆବିର୍ଭାବ କାଳ ପର୍ଯ୍ୟନ୍ତ ଏଠାରେ ବୈଦିକ ଧର୍ମର ଆଧିପତ୍ୟ ବିସ୍ତୃତ ହୋଇ ନଥିଲା । ତେଣୁ ଅବୈଦିକ ଜୈନଧର୍ମ ଯେ ଏ ଲୋକମାନଙ୍କ ମଧରେ ବିଶେଷ ଆଦର ଲାଭ କରିଥିବ, ଏଥିରେ କୌଣସି ସନ୍ଦେହ ନାହିଁ ବେ-ବିରୋଧି ଜୈନଧର୍ମ ମଗଧ, ଅଙ୍ଗ, ବଙ୍ଗ ଓ କଳିଙ୍ଗରେ ବିଶେଷ ଆଦୃତ ହୋଇଥିବାର ଜୈନଧର୍ମ ଗ୍ରନ୍ଥମାନଙ୍କରୁ ଜଣାଯାଏ ।

ଦ୍ୱିତୀୟତଃ ପାର୍ଶ୍ୱନାଥଙ୍କ ସମ୍ବନ୍ଧରେ କିମ୍ବଦନ୍ତୀ ଆଜି ପର୍ଯ୍ୟନ୍ତ ଲୋକମାନଙ୍କ ମଧରେ ପ୍ରଚଳିତ ଅଛି । କେତେକ ଐତିହାସିକ ଖଣ୍ଡଗିରି ଶିଖର ପ୍ରଦେଶରେ ନିର୍ମିତ ପାର୍ଶ୍ୱନାଥ ମନ୍ଦିର ଅଳ୍ପଦିନର ବୋଲି ସ୍ଥିର କରି ଏ କିମ୍ବଦନ୍ତୀକୁ ଅସତ୍ୟ ବୋଲି କୁହନ୍ତି । କିନ୍ତୁ ମନ୍ଦିର ଅପ୍ରାଚୀନ ହେଲେହେଁ ଶିଳାଲେଖରୁ ସ୍ପଷ୍ଟ ଜଣାଯାଏ ଯେ, ଏଠାରେ ଖ୍ରୀଷ୍ଟିୟ ନବମ ଶତାବ୍ଦୀରେ ସୁଧା ପାର୍ଶ୍ୱନାଥଙ୍କ ମନ୍ଦିର ବିଦ୍ୟମାନ ଥିଲା । ଏହି ନୂତନ ମନ୍ଦିରଟି ସେହି ପ୍ରାଚୀନ ମନ୍ଦିରର ଧ୍ୱଂସସ୍ତୂପ ଉପରେ ନିର୍ମିତ ହୋଇଛି । ଉଦ୍ୟୋତ କେଶରୀଙ୍କ ୫ମ ବର୍ଷରେ ଲିଖିତ ନବମୁନି ଗୁମ୍ଫା ଲେଖରେ 'ଶ୍ରୀ ପାର୍ଶ୍ୱନାଥସ୍ୟ' ୬ଟି ଅକ୍ଷର ପରିଷ୍କାର ଭାବରେ ଅଛି ଏବଂ ଏହି ପାଠ ସର୍ବବାଦସମ୍ମତ ।

ଯଶନନ୍ଦୀ ଜଣଙ୍କର ନାମ । ଜୈନଗ୍ରନ୍ଥରେ ଅନେକ ଯଶନନ୍ଦୀଙ୍କର ନାମ ଦେଖାଯାଏ । ଯଶନନ୍ଦୀ ପାର୍ଶ୍ୱନାଥଙ୍କ କର୍ମରେ (ସେବା କାର୍ଯ୍ୟ) ନିଯୁକ୍ତ ହୋଇଥିବାର ରାଖାଲ ବାବୁ କହନ୍ତି । ତାହାହେଲେ ଏହା ନିଶ୍ଚୟ ଯେ, ଖ୍ରୀଷ୍ଟୀୟ ନବମ ଶତାବ୍ଦୀ ବା ଉଦ୍ୟୋତ କେଶରୀଙ୍କ ରାଜତ୍ୱର ବହୁକାଳ ପୂର୍ବରୁ କୁମାର ପର୍ବତରେ (ଖଣ୍ଡଗିରି) ପାର୍ଶ୍ୱନାଥଙ୍କ ମନ୍ଦିର ବିଦ୍ୟମାନ ଥିଲା । ଉଦ୍ୟୋତ କେଶରୀ ଏହାର ଜୀର୍ଣ୍ଣସଂସ୍କାର କରିଥିଲେ ବା ଏଠାରେ ସତ ବୋଲି ମନେହୁଏ । ଏହି ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ଷ୍ଟାର୍ଲିଙ୍ଗ ସାହେବ ୧୮୨୨ ଖ୍ରୀଷ୍ଟାବ୍ଦରେ ଦେଖିଥିବାର ତାଙ୍କ ଗ୍ରନ୍ଥରେ ଲେଖିଛନ୍ତି ।

ତୃତୀୟତଃ ଉଦୟଗିରି ରାଣୀହଂସପୁର ଉପର ମହଲାରେ ଖୋଦି ଦୃଶ୍ୟାବଳୀ ଯଥାକ୍ରମେ କାନ୍ୟକୁବ୍ଜ ରାଜକନ୍ୟା ପ୍ରଭାବତୀଙ୍କର ସହଚରୀଗଣ ସହିତ ଉପବନ ବିହାର, କଳିଙ୍ଗର ଯବନ ରାଜାଙ୍କ ଦ୍ୱାରା ପ୍ରଭାବତୀ ହରଣ, ମୃଗୟାରତ ପାର୍ଶ୍ୱନାଥଙ୍କ ଦ୍ୱାରା ଶତ୍ରୁହସ୍ତରୁ ପ୍ରଭାବତୀଙ୍କ ଉଧାର, ଉକ୍ତ କାର୍ଯ୍ୟର ପୁରସ୍କାର ସ୍ୱରୂପ ରାଜକନ୍ୟାଙ୍କ ସହି ପାର୍ଶ୍ୱନାଥଙ୍କ ବିବାହ, ବିବାହକାଳୀନ ଶୋଭାଯାତ୍ରା ଓ ଉତ୍ସବ ପ୍ରଭୃତି ପାର୍ଶ୍ୱନାଥଙ୍କ ଜୀବନର ଓ ଯୌବନ ସମୟର କେତେକ ଘଟଣା ସହିତ ଚିହ୍ନିତ ହୋଇଅଛି । ଖାରବେଳଙ୍କ ପୂର୍ବରୁ କଳିଙ୍ଗ ଦେଶରେ ପାର୍ଶ୍ୱନାଥଙ୍କ ମାହାତ୍ମ୍ୟ ବିଶେଷ ଭାବରେ ପ୍ରଚଳିତ ଥିଲା । ଜୈନ ସମ୍ରାଟ୍ ଖାରବେଳକ ସର୍ବଜନ ପ୍ରଚଳିତ ପାର୍ଶ୍ୱନାଥଙ୍କ ଜୀବନର ଘଟଣାବଳୀକୁ ପ୍ରସ୍ତରଗାତ୍ରରେ ଖୋଦନ କରି ଅମର କରିଥିଲେ । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ 'ମହାବୀରଙ୍କ ସମୟରେ ଜୈନମାନେ ପଥରରେ ନାଗ ମୂର୍ତ୍ତି ଗଢ଼ାଇ ତାହାକୁ ପାର୍ଶ୍ୱନାଥ ନାମରେ ପୂଜା କରୁଥିଲେ । ପାର୍ଶ୍ୱନାଥଙ୍କୁ ପୁରୁଷୋତ୍ତମ ମଧ କହୁଥିଲେ । କଳିଙ୍ଗର ରାଜା ଏହି ପୁରୁଷୋତ୍ତମ ମଧ କହୁଥିଲେ । କଳିଙ୍ଗର ରାଜା ଏହି ପୁରୁଷୋତ୍ତମଙ୍କ ନାଗମୂର୍ତ୍ତି ଇନ୍ଦ୍ରନୀଳମଣିରେ ଗଢ଼ାଇ ପୁରୀରେ ଗୋଟିଏ ଦେଉଳ ତୋଳାଇ ତହିଁରେ ବସାଇଥିଲେ ।" ଏ ସମସ୍ତ ବିଷୟ ଆଲୋଚନା କଲେ ମହାବୀରଙ୍କ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ପ୍ରଚଳିତ ହୋଇଥିବାର ସ୍ଥିର କରାଯାଇପାରେ ।

ମହାବୀର ଓ ଉତ୍କଳରେ ଜୈନଧର୍ମ - ମହାବୀରଙ୍କ ଦ୍ୱାରା କଳିଙ୍ଗରେ ଜୈନଧର୍ମ ପ୍ରଚାରିତ ହୋଇଥିବାର କେତେକ ଜୈନଗ୍ରନ୍ଥରୁ ଜଣାଯାଏ । ଜୈନ 'ହରିବଂଶ ପୁରାଣ'ରେ ଲେଖାଅଛି ଯେ, ମହାବୀର ବର୍ଦ୍ଧମାନ କଳିଙ୍ଗରେ ନିଜର ଧର୍ମ ପ୍ରଚାର କରିଥିଲେ । ଜୈନଗ୍ରନ୍ଥ 'ହରିଭଦ୍ରୀୟ ବୃତ୍ତି' ମତରେ ତତ୍କାଳୀନ କଳିଙ୍ଗର ରାଜା ମହାବୀରଙ୍କ ପିତାଙ୍କର ଜଣେ ପରମ ବନ୍ଧୁ ଥିଲେ । ମହାବୀର ପିତାଙ୍କ ବନ୍ଧୁଙ୍କର ସାଦର ଆହ୍ୱାନରେ କଳିଙ୍ଗରେ ନିଜର ଧର୍ମମତ ପ୍ରଚାର କରିଥିଲେ । ଏ ଦୁଇଟି ଗ୍ରନ୍ଥରୁ ଜଣାଯାଏ ଯେ, ଜୈନଧର୍ମ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ କଳିଙ୍ଗ ରାଜାଙ୍କର ବାହୁଛାୟା ଲାଭ କରି ଉକ୍ତ ଦେଶରେ ପ୍ରଚାରିତ ହୋଇଥିଲା । ଅନ୍ୟ ଏକ ଦିଗର ବିଚାର କଲେ ଏହାର ସତ୍ୟତା ଜଣାଯାଏ । କଳିଙ୍ଗ ସମ୍ରାଟ ଖାରବେଳଙ୍କ ପ୍ରସଧି ହାତୀଗୁମ୍ଫା ଲେଖର ତ୍ରୟୋଦଶ ଧାଡ଼ି ପାଠରୁ କଳିଙ୍ଗ ବା ଉତ୍କଳରେ ଜୈନଧର୍ମ ପ୍ରଚାରର ଇତିହାସ ସୁସ୍ପଷ୍ଟ ହୁଏ । ପ୍ରଥମତଃ ନନ୍ଦ ରାଜାତ୍ୱ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ପ୍ରଚାରିତ ହୋଇଥିଲା ଓ ଅନେକ ଲୋକେ ଜୈନଧର୍ମାବଲମ୍ବୀ ଥିଲେ । ଦ୍ୱିତୀୟତଃ କଳିଙ୍ଗ ରାଜ୍ୟରେ ଜଣେ ଜୀନ ଆବିର୍ଭୂତ ହୋଇ ସ୍ୱଧର୍ମ ପ୍ରଚାର କରିଥିଲେ, କଳିଙ୍ଗର ଲୋକମାନେ ସେହି କାଳିଙ୍ଗ ଜୀନଙ୍କୁ ପୂଜା କରୁଥିଲେ । ନନ୍ଦରାଜା କଳିଙ୍ଗ ଆକ୍ରମଣ କରି କଳିଙ୍ଗବାସୀଙ୍କ ଆଦରର ବସ୍ତୁ କାଳିଙ୍ଗଜୀନାସନଙ୍କୁ ସ୍ୱରାଜ୍ୟ ଅଙ୍ଗ-ମଗଧକୁ ଘେନି ଯାଇଥିଲେ । ଏହା କଳିଙ୍ଗ ଲୋକମାନଙ୍କର କିପରି ଗର୍ବର ବସ୍ତୁଥିଲା, ତାହା ହାତୀଗୁମ୍ଫା ଲିପିରୁ ସ୍ପଷ୍ଟ ଜଣାଯାଏ । ଖାରବେଳ ମଗଧ ଜୟପରେ ସେହି କାଳିଙ୍ଗ ଜୀନାସନଙ୍କୁ ହୟ-ଗଜ-ନର-ରଥ ସେନା ସମଭିବ୍ୟାହାରରେ ବିଜୟମଦ-ମତ୍ ହୋଇ ଫେରାଇ ଆଣିଥିଲେ ।

ଲେଖ ବର୍ଣ୍ଣିତ 'ନନ୍ଦରାଜ' ନନ୍ଦବଂଶରୀ ମହାପଦ୍ମନନ୍ଦଙ୍କୁ ବୁଝାଉଥିବା ଅନେକ ପ୍ରସିଧ୍ ଐତିହାସିକ ସ୍ୱୀକାର କରିଅଛନ୍ତି । ତାହାହେଲେ ବର୍ତ୍ମାନ ନିଃସନ୍ଦେହରେ କୁହାଯାଇ ପାରେ ଯେ, ମହାପଦ୍ମନନ୍ଦଙ୍କ ପୂର୍ବରୁ ଅର୍ଥାତ୍ ଖ୍ରୀ.ପୂ. ୪ର୍ଥ ଶତାବ୍ଦୀ ପୂର୍ବରୁ ଉତ୍କଳରେ ଜୈନଧର୍ମ ପ୍ରଚାରିତ ହୋଇଥିଲା ।

ଲେଖବର୍ଣ୍ଣିତ କାଳିଙ୍ଗଜୀନଙ୍କ ସମ୍ବନ୍ଧରେ କୌଣସି ବିଶ୍ୱାସ ଯୋଗ୍ୟ ବୃତ୍ାନ୍ତ ମିଳେ ନାହିଁ । ଚତୁର୍ବିଂଶତି ତୀର୍ଥଙ୍କରଙ୍କ ମଧ୍ୟରୁ କୌଣସି ତୀର୍ଥଙ୍କର କଳିଙ୍ଗରେ ଜନ୍ମ ହୋଇଥିବାରୁ ଜଣାଯାଏ ନାହିଁ । ତଥାପି ଅନେକ ଐତିହାସିକ ଜୈନ ତୀର୍ଥଙ୍କରଙ୍କ ଜନ୍ମସ୍ଥାନମାନଙ୍କର ଆଧୁନିକ ସ୍ଥାନ ନିର୍ଦ୍ଦେଶ ବିଷୟରେ ସନ୍ଦିହାନ । ସ୍ୱର୍ଗୀୟ ରାଖାଲ ଦାସ ବାନର୍ଜୀ ଓ ସ୍ୱର୍ଗୀୟ କାଶୀପ୍ରସାଦ ଜୟସ୍ୱାଲ ଲେଖବର୍ଣ୍ଣିତ କାଳିଙ୍ଗଜୀନଙ୍କୁ ଦଶମ ତୀର୍ଥଙ୍କର ଶୀତଳନାଥଙ୍କ ସହିତ ଚିହ୍ନି କରିଛନ୍ତି । ସେ ଭାଦିଲପୁରରେ (ଭଦ୍ରପୁର) ଜନ୍ମଗ୍ରହଣ କରିଥିଲେ । ଏମାନେ ଭଦ୍ରପୁରକୁ କଳିଙ୍ଗ ରାଜ୍ୟର ଗୋଦାବରୀ ନିକଟବର୍ତ୍ତୀ (ଆଧୁନିକ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ) ଭଦ୍ରାଚଳ ସହିତ ଚିହ୍ନିତ କରିଛନ୍ତି । କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ଅକାଟ୍ୟ ସତ୍ୟରୂପେ ପ୍ରମାଣିତ ହୋଇନାହିଁ । ତେଣୁ କାଳିଙ୍ଗଜୀନ କଳିଙ୍ଗ ଦେଶୀୟ ନନ୍ଦ ରାଜତ୍ୱର ପୂର୍ବବର୍ତ୍ତୀ ଜଣେ ପ୍ରଧାନ ଜୈନ ପ୍ରଚାରକ ହେବା ସମ୍ପୂର୍ଣ୍ଣ ସମ୍ଭବପର ।

ଖାରବେଳଙ୍କ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ସମ୍ବନ୍ଧରେ ବର୍ତ୍ମାନ ଆଲୋଚନା କରିବା ଆବଶ୍ୟକ । ଅଶୋକଙ୍କ ପୂର୍ବରୁ ଜୈନଧର୍ମ ଉତ୍କଳରେ ପ୍ରବଳ ହୋଇଥିବାର ଜଣାଗଲା । ଅଶୋକ କଳିଙ୍ଗ ଯୁଧ୍ ପରେ କଳିଙ୍ଗ ରାଜ୍ୟକୁ ନିଜର ସାମ୍ରାଜ୍ୟଭୁକ୍ତ କରିଥିଲେ ଏବଂ ଏଠାରେ ବୌଧ୍ଧର୍ମର ବିଶେଷ ପ୍ରଚାର ହୋଇଥିବା କଳିଙ୍ଗାନୁଶାସନଦ୍ୱୟରୁ ଜଣାପଡ଼େ । ବୌଧ୍ଧର୍ମର ପ୍ରବଳ ଗତି ସମ୍ମୁଖରେ ଅଶୋକଙ୍କ ସମୟରେ କଳିଙ୍ଗ ତଥା ସମଗ୍ର ଭାରତବର୍ଷରେ ଅନ୍ୟାନ୍ୟ ଧର୍ମର ଗତି ଶିଥିଳ ହୋଇପଡ଼ିଲା । କିନ୍ତୁ ଅଶୋକଙ୍କ ମୃତ୍ୟୁ ପରେ ବିରାଟ ମୌର୍ଯ୍ୟ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଥିଲା ଓ ଅନ୍ୟାନ୍ୟ ବୁଧ୍ଗତି ଧର୍ମମାନ ପୁନଶ୍ଚ ଉନ୍ନତି ସ୍ରୋତରେ ଧାଚିତ ହେଲେ ।

ଖାରବେଳ ଚେତବଂଶସମ୍ଭୁତ ଥିଲେ । କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସ୍ୱର୍ଗତଃ ବେନିମାଧବ ବରୁଆ ହାତୀଗୁମ୍ଫା ଲେକର 'ତୃତୀୟ ପୁରୁଷ ଯୁଗେ' ଶବ୍ଦର ବିଶଦ୍‌ବ୍ୟାଖ୍ୟା କରିଛନ୍ତି । ଏଥିରୁ ଜଣାଯାଏ ଯେ, ଖାରବେଳ ଚେତବଂଶର ୫ ରାଜା ଥିଲେ । ତାଙ୍କ ପୂର୍ବବର୍ତ୍ତୀ ପ୍ରତ୍ୟେକ ରାଜା ଅନ୍ତତଃ ୨୦ ବର୍ଷ ରାଜତ୍ୱ କରିଥିଲେ ଖାରବେଳଙ୍କ ୮୦ ବର୍ଷ ପୂର୍ବରୁ ଅର୍ଥାତ୍ ପ୍ରାୟ ଖ୍ରୀ.ପୂ. ୧୫୦+୮୦=ଖ୍ରୀ.ପୂ. ୨୩୦ ଅବ୍ଦରୁ କଳିଙ୍ଗରେ ଚେତବଂଶ ରାଜତ୍ୱ କରିଥିଲେ । ସେମାନେ ଜୈନ ଥିବାର ହାତୀଗୁମ୍ଫା ଲେଖରୁ ଜଣାଯାଏ । ତାଙ୍କର ଚତୁର୍ଥ ବର୍ଷର ବୃତ୍ାନ୍ତରୁ ଜଣାଯାଏ ଯେ, ଖାରବେଳ ସ୍ୱବଂଶାନୁସୃତ ଧର୍ମ ଓ ନୀତି ଅନୁଯାୟୀ କଳିଙ୍ଗ ରାଜ୍ୟର ଲୋକମାନଙ୍କୁ ପାଳନ କରୁଥିଲେ ଏବଂ ବିଦ୍ୟାଧର ବାସସ୍ଥଳୀ ଅରହତ ପୁରକୁ ସ୍ୱବଂଶୀୟ ପୂର୍ବ କଳିଙ୍ଗ ରାଜାମାନଙ୍କ ପରି ପାଳନ କରିଥିଲେ । ଧର୍ମକୂଟ ବା ରାଜଧର୍ମକୁ ଐତିହାସିକ ବରୁଆ ଜୈନଧର୍ମ ବୋଲି ଗ୍ରହଣ କରିଥିଲେ । ଅରହତ ପୁର ଶବ୍ଦରୁ ସ୍ପଷ୍ଟ ଜଣାଯାଏ ଯେ, ଏହା ଜୈନ ଅର୍ହତ (ସାଧକ)ଙ୍କର ନିବାସ ସ୍ଥଳୀ । ବଂଶ ପରମ୍ପରା ଅନୁସୃତ ପନ୍ଥା ତ୍ୟାଗ କରି ମୌର୍ଯ୍ୟସମ୍ରାଟ୍ ଅଶୋକ ନୂତନ ଧର୍ମମାର୍ଗ ଅବଲମ୍ବନ ଓ ପ୍ରବର୍ତ୍ନ କରିଥିଲେ । ଏ କଥା ତାଙ୍କର ଶିଳଲେଖ ସକଳ ପାଠ କଲେ ଜଣାଯାଏ । କିନ୍ତୁ ହାତୀଗୁମ୍ଫା ଲେଖରୁ ଜଣାଯାଏ ଯେ, ଖାରବେଳ କୁଳଧର୍ମର ପରିପାଳନ, ଉନ୍ନତି ଓ ବ୍ୟାପ୍ତି କଳ୍ପେ ବିପୁଳ ପ୍ରୟାସ କରିଥିଲେ । ତେଣୁ ଏହା ନିଶ୍ଚୟ ଯେ ଜୈନଧର୍ମ ଚେତବଂଶର ରାଜଧର୍ମ ଥିଲା । ଏହି ରାଜବଂଶର ସହାୟତା ଲାଭ କରି ଜୈନଧର୍ମ ଖ୍ରୀ.ପୂ. ୩ୟ ଶତାବ୍ଦୀଠାରୁ ଉତ୍କଳରେ ବିଶେଷ ଭାବରେ ପ୍ରଚଳିତ ହୋଇଥିଲା ।

ଖାରବେଳଙ୍କ ପୂର୍ବରୁ ଉତ୍କଳରେ ଅନେକ ସ୍ଥାନ ଜୈନମାନଙ୍କର ପ୍ରଧାନ ତୀର୍ଥରୂପେ ପରିଗଣିତ ହୋଇଥିଲା । ଅରହତପୁର ବିଷୟ ପୂର୍ବରେ ଲେଖାଯାଇଛି । କୁମାରଗିରି (ଖଣ୍ଡଗିରି) ଓ କୁମାରୀଗିର (ଉଦୟଗିରି) ପର୍ବତ ଦୁଇଟି ଜୈନମାନଙ୍କର କେନ୍ଦ୍ର ଥିଲା । ହାତୀଗୁମ୍ଫା ଲେଖ ଓ ଅତ୍ରତ୍ୟ ଅନ୍ୟାନ୍ୟ ପ୍ରାଚୀନ ବ୍ରାହ୍ମୀ ଲେଖମାନଙ୍କର ବିଚାର କଲେ ଜଣାଯାଏ ଯେ,  ଏଠାରେ କଳିଙ୍ଗର ନାନାସ୍ଥାନରୁ ଆଗତ ଜୈନ ଶ୍ରମଣ, ଯତି ଓ ତାପସ ମାନେ ବାସ କରୁଥିଲେ ।

ଭାରତର ପ୍ରାଚୀନ ଇତିହାସ ପାଠକଲେ ଜଣାଯାଏ ଯେ, ବୈଦିକଯୁଗରୁ ଭାରତୀୟ ଋଷି ଓ ସନ୍ୟାସୀମାନେ ବୃକ୍ଷକୋଟର, ପର୍ବତ ଗୁହା, ଓ ସ୍ମଶାନ ପଭୃତିରେ ବାସ କରି ତପସ୍ୟାଚରଣ କରୁଥିଲେ । ମନୁଷ୍ୟ-ଖୋଦିତ ଗୁମ୍ଫା ପୂର୍ବରୁ ପ୍ରାକୃତିକ ଗିରିଗହ୍ୱର ସମୂହ ସନ୍ନ୍ୟାସୀମାନଙ୍କର ନିବାସଭୂମି ଥିଲା । ଅଳ୍ପ କେତେ ଦିନ ହେଲା ବୁଧ୍ଦେବଙ୍କ ତପସ୍ୟା ସ୍ଥାନ ରାଧ୍ରକୂଟ ଗୁହା ଆବିଷ୍କୃତ ହୋଇଅଛି । ଏହା ଗୋଟିଏ ପ୍ରାକୃତିକ ଗିରିଗହ୍ୱର । ଏହା ନିକଟରେ ଆହୁରି ଅନେକ ପ୍ରାକୃତିକ ଗୁହା ଅଦ୍ୟାପି ଦେଖାଯାଏ ।

ଖାରବେଳଙ୍କ ପୂର୍ବରୁ ଖଣ୍ଡଗିରି ଓ ଉଦୟଗିରିରେ ହାତୀଗୁମ୍ଫା, ଗୁପ୍ତଗଙ୍ଗା ପ୍ରଭୃତି ଅନେକ ପ୍ରାକୃତିକ ଗୁହାର ଅବସ୍ଥିତି ଜଣାଯାଏ । ଆହୁରି ଅନେକ ପ୍ରାକୃତିକ ଗିରିଗହ୍ୱର କାଳକ୍ରମେ ଲୋକଚକ୍ଷୁର ଅନ୍ତରାଳରେ ରହିଅଛି । ତାଙ୍କ ପୂର୍ବରୁ କଳିଙ୍ଗର ଅର୍ହତ ବା ଜୈନ ସନ୍ନ୍ୟାସୀମାନେ ଗ୍ରୀଷ୍ମର ପ୍ରଚଣ୍ଡ ଉତ୍ତାପ, ବର୍ଷାର ପ୍ରବଳ ଧାରାପାତ, ଶୀତର ଭୀଷଣ ଜାଡ୍ୟରୁ ରକ୍ଷା ପାଇବାପାଇଁ ଏହି ପ୍ରାକୃତିକ ଗିରିଗହ୍ୱର ଗୁଡ଼ିକରେ ଜୀବନଯପନ କରୁଥିଲେ । ଲେଖରୁ ସ୍ପଷ୍ଟ ଜଣାଯାଏ ଯେ, 'ଅର୍ହତଃ ପରିନିବସତୋ ହି କାୟ-ନିଷୀଦୀଂ' ଅର୍ଥାତ୍ ବାସ କରୁଥିବା ଅର୍ହତମାନଙ୍କ ପାଇଁ କାୟନିଷୀଦି ବା ବାସସ୍ଥାନ ଯୋଗାଇବା ପାଇଁ ଖଣ୍ଡଗିରି ଓ ଉଦୟଗିରିରେ ସମ୍ରାଟ ଖାରବେଳ ଓ ତାଙ୍କର ସମସ୍ତ ରାଣି, ପୁତ୍ର ଭାଇ ଓ ଭୃତ୍ୟମାନେ ଅନେକ ଗୁମ୍ଫା ଖୋଳାଇଥିଲେ । ତାହାହେଲେ ତାଙ୍କ ପୂର୍ବରୁ ଏହା ଜୈନ ଅର୍ହତମାନଙ୍କର ଗୋଟିଏ ପ୍ରଧାନ ବାସଭୂମି ଥିବା ସୁନିଶ୍ଚିତ ।

ପୁରୀ ସେହି ପ୍ରାଚୀନ ଯୁଗରେ ଗୋଟିଏ ପ୍ରସିଧ୍ ଜୈନତୀର୍ଥ ଥିବାର ମଧ ସ୍ଥିର କରାଯାଇଅଛି । ଲେଖର ବର୍ଣ୍ଣିତ, "କଳିଙ୍ଗ-ପୂର୍ବରାଜ-ନିବେଶିତଂ ପୃତୁଦକଦର୍ଭ ନଗରରେ କାଡ୍ୟତି ଜୀନ ପଦଭବନଂ', ବାକ୍ୟଟି ପୁରୀକୁ ଲକ୍ଷ କରି ଲେଖାଯାଇଛି । 'ପୃଥୁଦକ-ଦର୍ଭ' ଯେ ନଗରର ବିଶେଷଷ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉକ୍ତ ବାକ୍ୟରୁ ଅନେକ ନୂତନ ଐତିହାସିକ ତଥ୍ୟ ପଣ୍ଡିତ ବିନାୟକ ମିଶ୍ର ଆବିଷ୍କାର କରିଛନ୍ତି । ଏହାର ସାରମର୍ମ ହେଉଛି କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ କୌଣସି ଗୋଟିଏ ପ୍ରସିଧ୍ ସ୍ଥାନ ବହୁକାଳ ପରିତ୍ୟକ୍ତ ହୋଇଥିବାରୁ ସେଠାରୁ ବହୁତ ପାଣି ଜମା ହୋଇଥିବାରୁ, ପ୍ରଚୁର କୁଶ ଓ ଘାସ ପ୍ରଭୃତି ଉଠିଥିଲା । ଖାରବେଳ ସେହି ନଗରକୁ ଖୋଳି ଜୀନପଦ-ଭବନକୁ ଭୂଗର୍ଭରୁ କାଢ଼ିଥିଲେ (କାଢ଼୍ୟତି) । ଏହି ସ୍ଥାନଟି ପୁରୀ ବୋଲି ଉତ୍କଳ ପ୍ରଚଳିତ କିମ୍ୱଦନ୍ତୀ ଆଲୋଚନା କଲେ ଜଣାଯାଏ ।

ପଦ୍ମପୁରାଣର ପାତାଳଖଣ୍ଡ ବର୍ଣ୍ଣନା ଅନୁସାରେ ଅରଣ୍ୟ ଭିତରେ ଲୁପ୍ତ ଥିବା ମନ୍ଦିରର ଶିଖର ଜଣେ ଶତର ବାଳକ ଦେଖି ଅନ୍ୟମାନଙ୍କୁ ଜଣାଇଥିଲେ ଓ ଏହି ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ତାକୁ ଖୋଳାଇଥିଲେ । ରାୟବାହାଦୂର ଗୋପଳଚନ୍ଦ୍ର ପ୍ରହରାଜ "ଆମ ଯେଯେବାପାଙ୍କ କାହାଣୀ" ପୁସ୍ତକରେ ପୁରୀମନ୍ଦିର ସମ୍ୱନ୍ଧରେ ଗୋଟିଏ କିମ୍ୱଦନ୍ତୀ ପ୍ରକାଶ କରିଛନ୍ତି । ଏଥିରୁ ଜଣାଯାଏ 'ବହୁ ପ୍ରାଚୀନ କାଳରେ ପୁରୀରେ ଗୋଟିଏ ମନ୍ଦିର ଥିଲା । ତାହା ବହୁକାଳ ପରିତ୍ୟକ୍ତ ହେବାରୁ କାଳକ୍ରମେ ତାଲୁକାଚ୍ଛାଦିତ କୁଶଭୂମିରେ ଲୁକ୍କାୟିତ ହେଲା । ଦିନେ ଓଡ଼ିଶା ରାଜା ଘୋଡ଼ା ବଢ଼ି ଯାଉଁ ଯାଉଁ ତାଙ୍କ ଘୋଡ଼ାର ଖୁରା ମନ୍ଦିରର ଅର୍ଦ୍ଧଲିପ୍ତ କଳସ ଦେହରେ

ବାଜିବାରୁ ରାଜା ତଳେ ପଡ଼ିଗଲେ । ରାଜା ପତନର କାରଣ ଅନୁସନ୍ଧାନ କରି ଜାଣିଲେ ଯେ, ଗୋଟିଏ ମନ୍ଦିର କଳସ ପର୍ଯ୍ୟନ୍ତ ଭୂମିରେ ପୋତି ହୋଇ ପଡ଼ିଛି । କିଛିଦିନ ପରେ ରାଜାଦେଶରେ ସମସ୍ତ ସ୍ଥାନ ଖୋଳା ହେବାରୁ ଭୂମି ମଧ୍ୟରୁ ଗୋଟିଏ ସୁନ୍ଦର ମନ୍ଦିର ବାହାରିଲା ।" ଏ ପ୍ରବାଦ ପୁରୀ ଅଚଳରେ ସର୍ବତ୍ର ପ୍ରଚଳିତ ।

ଖାରବେଳଙ୍କ ଲେଖର ବୃତାନ୍ତ ଏବଂ ଏହି କିମ୍ବଦନ୍ତୀରୁ ବିଚରଣ ମଧ୍ୟରେ ଆଶ୍ଚର୍ଯ୍ୟ ସାମଞ୍ଜସ୍ୟ ବିଦ୍ୟମାନ । ଉକ୍ତ ଲେଖରେ ଅନ୍ୟତ୍ର ଉଲ୍ଲେଖ ଅଛି ଯେ, କଳିଙ୍ଗରେ ଜଣେ ଜୀନ ଥିଲେ । ତାଙ୍କର ଆସନ ଲୋକପ୍ରସିଧ୍ ଥିଲା, ତାକୁ ନନ୍ଦରାଜା କଳିଙ୍ଗ ଜୟ କରି ନେଇ ଯାଇଥିଲେ । ଜୀନପଦ ଓ ଜୀନାସର ଅର୍ଥ ଏକ । ଏହି ଜୀନବଦଭବନରେ ଜୀନାସନ ସୁରକ୍ଷିତ ହୋଇଥିଲା । ଖାରବେଳଙ୍କ ପୂର୍ବରୁ ନନ୍ଦରାଜା ଏହି ଜୀନାସନ ନେଇଯାଇଥିବରୁ ଏହି ମନ୍ଦିରଟି ପରିତ୍ୟକ୍ତ ହୋଇ ବାଲିରେ ପୋତିହୋଇ ପଡ଼ିଥିଲା । ଖାରବେଳ ଉକ୍ତ ସ୍ଥାନର ମାହାତ୍ମ୍ୟ ବୁଝିପାରି ମନ୍ଦରଟି ଭୂଗର୍ଭରୁ ଖୋଳାଇଥିଲେ । ଏହା ତାଙ୍କ ରାଜତ୍ୱର ଏକାଦଶ ବର୍ଷର ଘଟଣା । ଏ ସ୍ଥାନକୁ ଜୀନାସନ ଫେରାଇ ଆଣିବାପାଇଁ ରାଜତ୍ୱର ଦ୍ୱାଦଶ ବର୍ଷରେ ସେ ଅଙ୍ଗ-ମଗଧର ରାଜା ବୃହସ୍ପତି ମିତ୍ରଙ୍କ ସହିତ ତୁମୁଳ ଯୁଧ୍ କରିଥିଲେ । ସେ ଏ କର୍ଯ୍ୟରେ ସାଫଲ୍ୟ ଲାଭ କରିଥିଲେ ଓ ଜୀନାସନ ଜୀନପଦଭାବନରେ ପୁନଃ ପ୍ରତିଷ୍ଠିତ ହୋଇଥିଲା । ତାହା ହେଲେ ପୁରୀରେ ଗୋଟିଏ ଜୀନପଦା ଭବନ ତା ଜୈନ ମନ୍ଦିର ଥିଲା । ପଣ୍ଡିତ ବିନାୟକ ମିଶ୍ରଙ୍କ ମତରେ ଲେଖ ବର୍ଣ୍ଣିତ ଜୀନସଦଭବନ ପୁରୀରେ ଥିବା ପାର୍ଶ୍ୱନାଥଙ୍କ ମନ୍ଦିର ବ୍ୟତୀତ ଅନ୍ୟ କିଛି ନୁହେଁ ଓ ସେଥିରେ ପାର୍ଶ୍ୱନାଥଙ୍କ ମୂର୍ତ୍ତି ଥିଲା । ନନ୍ଦରାଜା ପୁରୀରୁ ପାର୍ଶ୍ୱନାଥଙ୍କ ମୂର୍ତ୍ତି ନେଇଯାଇଥିଲେ । ଖାରବେଳ ଏହି ମନ୍ଦିରର ଜୀର୍ଣ୍ଣସଂସ୍କାର କରି ମଗଧରୁ ସେହି ମୂର୍ତ୍ତି ଅଣାଇ ପୁରୀରେ ପୁନର୍ବାର ରଖାଇ ଥିଲେ ।

ନନ୍ଦରାଜାଙ୍କ ଦ୍ୱାରା କଳିଙ୍ଗ ଜୀନାସନ ଅପହରଣ କଳିଙ୍ଗବାସୀ ମାନଙ୍କ ପକ୍ଷରେ ଘୋର ଅପମାନର ବିଷୟ ହୋଇଥିଲା । ପ୍ରତ୍ୟେକ ଓଡ଼ିଆ ଜାଣେ, ସମଗ୍ର ଭାରତର ଆରାଧ ଦେବତା ପ୍ରଭୁ ନୀଳାଚଳନାଥଙ୍କୁ ଯେତେବେଳେ ଦୁର୍ଦ୍ଧାନ୍ତ କଳାପାହାଡ଼ ନେଇଗଲା, ସେ ସମୟରେ ଓଡ଼ିଆମାନେ ଦୁଃଖ ଓ ଅପମାନର ହିମାଳୟର ମସ୍ତକରେ ବହନ କରି ଅଧୀର ଓ ବିଚଳିତ ହୋଇ ପଡ଼ିଥିଲେ । ଭୋଇ ବଂଶର ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ଦ୍ୱାରା ଜଗନ୍ନାଥ ମହାପ୍ରଭୁ ପୁନର୍ବାର ପୁରୀରେ ସଂରକ୍ଷିତ ହେବାରୁ ସମଗ୍ର ଉତ୍କଳରେ ଆନନ୍ଦର ଢ଼େଉ ଖେଳିଯାଇଥିଲା । ଲକ୍ଷ ଲକ୍ଷ ଭକ୍ତ ଆନନ୍ଦାଶ୍ରୁ ବିସର୍ଜନ କରିଥିଲେ । ପ୍ରାୟ ଦୁଇ ହଜାର ବର୍ଷ ପୂର୍ବ କଳିଙ୍ଗ ସମ୍ରାଟ୍ ଖାରବେଳ ଅଙ୍ଗ-ମଗଧରୁ କାଳିଙ୍ଗ ଜୀନାସନ ପୁନର୍ବାର ଘେନି ଆସିବାରୁ କଳିଙ୍ଗର ଅସଂଖ୍ୟ ଜୈନ ଆନନ୍ଦିତ ହୋଇଥିଲେ । ଏହି ଘଟଣାଟି ସାମାନ୍ୟ ହେଲେ ମଧ ଧର୍ମର ଇତିହାସିରେ ଏହାର ମୂଳ କଳ୍ପନାତୀତ । କଳିଙ୍ଗର ଲକ୍ଷ ଲକ୍ଷ ଜୈନଙ୍କ ହୃଦୟରେ ଅପହୃତ ଜୀନାସନର ସ୍ମୃତି ବଧ୍ମୂଳ ହୋଇଥିଲା । ସେମାନେ ନିଜର ହୃତ-ହୃଦୟ-ରତ୍ନ ଫେରି ପାଇ ଅତିଶୟ ଆନନ୍ଦ ଅନୁଭବ କରିଥିଲେ । ଏହା ପଳରେ କଳିଙ୍ଗରେ ଜୈନଧର୍ମ ମାହାତ୍ମ୍ୟ ବୃଧି ପାଇଥିଲା ଓ ଏହାର ପ୍ରଚାର କାର୍ଯ୍ୟ ସହଜ ଓ ସୁଗମ ହୋଇଥିଲା ।

ପୁରୀ ଗୋଟିଏ ପ୍ରାଚୀନ ଜୈନ ପୀଠ ଥିବାରୁ ବର୍ତ୍ତମାନ ଅନ୍ୟ କେତେକ ପ୍ରାଚୀନ ତଥ୍ୟ ଏବଂ ସେ ଅଚଳରୁ ଆବିଷ୍କୃତି ଜୈନ ମୂର୍ତ୍ତିମାନଙ୍କ ଯୋଗୁଁ ଜଣାଗଲାଣି । ଖାରବେଳଙ୍କ ପୂର୍ବରୁ ଉତ୍କଳର ଅନ୍ୟାନ୍ୟ ଜୈନ ତୀର୍ଥଗୁଡ଼ିକର ଇତିହାସି ଅଦ୍ୟାପି ଜଣାଯାଇନାହିଁ ।

ଖାରବେଳ ଓ ଉତ୍କଳରେ ଜୈନଧର୍ମ - ଖାରବେଳଙ୍କ ସମୟରେ ଉତ୍କଳରେ ଜୈନଧର୍ମ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ତାଙ୍କ ରାଜତ୍ୱର ଇତିହାସ ଉତ୍କଳରେ ଜୈନଧର୍ମର ଶ୍ରୀବୃଧିର ଇତିହାସ ।

ବୁଧଙ୍କ ମୃତ୍ୟୁ ପରେ ଭାରତର ନାନା ଅଚଳରେ ଧନିକ ବୌଧମାନେ ବୌଧ୍ ଯତିମାନଙ୍କର ଧର୍ମ ଓ ଜ୍ଞାନଚର୍ଚ୍ଚା ନିମିତ୍ ପ୍ରାସାଦ, ବିହାର, ଗୁମ୍ଫା, ମଠ ଇତ୍ୟାଦି ନିର୍ମାଣ କରିଥିଲେ । ଅଶୋକ ଓ ତାଙ୍କ ନାତି ଦଶରଥ ଜୈନ ଅଜୀବକମାନଙ୍କର ନିବାସ ନିମିତ୍ ଯଥାକ୍ରମେ ବିହାର ପ୍ରଦେଶସ୍ଥ ଗୋରଥଗିରି ଓ ନାଗାର୍ଜ୍ଜୁନ ଗିରିରେ କେତେକ ଗୁମ୍ଫା ଖୋଳାଇଥିଲେ । ଖାରବେଳ ପୂର୍ବତନ ରାଜାମାନଙ୍କର ଆଦର୍ଶ ଅନୁସରଣ କରି ସ୍ୱଧର୍ମର ଶ୍ରୀବୃଧି ନିମିତ୍ ଉଦୟଗିରି ଓ ଖଣ୍ଡଗରିରେ ନିଜେ ଏବଂ ନିଜର ପୁତ୍ର, ଭାର୍ଯ୍ୟା, ଭାଇ ଓ ଭୃତ୍ୟମାନଙ୍କ ଦ୍ୱାରା ୧୧୭ଟି ଗୁମ୍ଫା ଖୋଳାଇଥିଲେ । ଏଗୁଡ଼ିକ କଳିଙ୍ଗବାସୀ ଅର୍ହତମାନଙ୍କର ନିବାସ ନିମିତ୍ ଖୋଦିତ ହୋଇଥିଲା । ଖାରବେଳଙ୍କ ପୂର୍ବରୁ ବିମ୍ବିସାର, ଅଜାତଶତ୍ରୁ, ଦଶରଥ, ସାମ୍ପ୍ରତି ପ୍ରଭୃତି ମଗଧ ନରପତିମାନେ ଜୈନଧର୍ମର ଉନ୍ନତି କଲ୍ପେ ଚେଷ୍ଟା କରିଥିଲେ ସତ୍ୟ, କିନ୍ତୁ ସେମାନେ ଦିଗ୍‌ବିଜୟୀ ଭାରତ ସମ୍ରାଟ୍ ଖାରବେଳଙ୍କ ପରି ଜୈନଧର୍ମର ପ୍ରଚାର ଓ ଶ୍ରୀବୃଧି ନିମିତ୍ ନିଜର ସମସ୍ତ ସମୟ, ଶକ୍ତି ଓ ଧନ ନିୟୋଜନ କରିନଥିଲେ । ଦେବପ୍ରିୟ ପ୍ରିୟଦର୍ଶୀ ଅଶୋକ ଓ କୁଶାଣ ସମ୍ରାଟ୍ କନିଷ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ବୌଧଧର୍ମର ଇତିହାସରେ ଯେପରି ଯୁଗାନ୍ତର ଆନୟନ କରିଥିଲେ, କଳିଙ୍ଗ ସମ୍ରାଟ୍ ଖାରବେଳ ସେହିପରି ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଭାରତର କେତେକାଚଳରେ ସୀମାବଧ୍ ଜୈନଧର୍ମର ଇତିହାସରେ ଗୋଟିଏ ନୂତନ ଯୁଗର ସୃଷ୍ଟି କରିଥିଲେ ।

ଭାରତରେ ଧର୍ମ ପ୍ରଚାରର ଇତିହାସ ସହିତ ଶିଳ୍ପ ଓ ସ୍ଥାପତ୍ୟର ଉନ୍ନତି ଘନିଷ୍ଠ ଭାବରେ ସଂପୃକ୍ତ । ବୌଧଧର୍ମ ଭାରତରେ ପ୍ରବଳ ହୋଇଥିବା ସମୟରେ ଭାରତବର୍ଷ ଅସଂଖ୍ୟ ବୌଧ୍ ବିହାର, ଚୈତ୍ୟ, ଗୁମ୍ଫା, ସ୍ତମ୍ଭାଦି ଦ୍ୱାରା ସୁଶୋଭିତ ହୋଇଥିଲା ।

ଅଶୋକଙ୍କ ସମୟରେ କଳିଙ୍ଗ କଳିଙ୍ଗ ରାଜଧାନୀ ତୋଷାଳି ନଗରୀରେ (ଧଉଳିଗଡ଼) ଅନେକ ବୌଧଗୁମ୍ଫା ଓ କୀର୍ତ୍ତି ନିର୍ମିତ ହୋଇଥିଲା । ଖାରବେଳ ସ୍ୱଧର୍ମର ବୈଜୟନ୍ତୀ ଉଡ଼ାଇବା ନିମିତ୍ ଉଦୟଗିରି ଓ ଖଣ୍ଡଗିରିରେ ନିଜେ ଓ ନିଜର ପରିବାର ଓ ଭୃତ୍ୟମାନଙ୍କ ଦ୍ୱାରା ୧୧୭ ଗୁମ୍ଫା ଓ ଅନ୍ୟାନ୍ୟ ଜୈନକୀର୍ତ୍ତି ପ୍ରତିଷ୍ଠା କରିଥିଲେ । ଭାରତର ଅନ୍ୟ କୌଣସି ପ୍ରଦେଶରେ ଦୁଇହଜାର ବର୍ଷ ପୂର୍ବର ଏପରି ବିଶାଳ ସୁନ୍ଦର ଜୈନଗୁମ୍ଫାମାନ ଆଜିପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ମଗଧର ପ୍ରଦେଶସ୍ଥ ଗୋରଖଗିରି ଓ ନାଗାର୍ଜ୍ଜୁନ ପର୍ବତର ଜୈନ ଗୁମ୍ଫା ସକଳ ପ୍ରଶଂସନୀୟ ହେଲେ ମଧ ଉଦୟଗରିର ଓ ଖଣ୍ଡଗରିର ଜୈନଗୁମ୍ଫାମାନଙ୍କ ସହିତ ଆଦୌ ତୁଳନୀୟ ନୁହେଁ । ଏଗୁଡ଼ିକ ଭାରତର ଶ୍ରେଷ୍ଠ, ସୁନ୍ଦରତମ ଓ ପ୍ରାଚୀନତମ ଜୈନଗୁମ୍ଫା । ଏତଦ୍ ବ୍ୟତୀତ ସେ ନିଜର ପୂର୍ବପୁରୁଷ ମାନଙ୍କର କୀର୍ତ୍ତିଗୁଡ଼ିକର ସଂସ୍କାର କରିଥିଲେ ।

ତାଙ୍କ ପୂର୍ବରୁ ତାଙ୍କ ବଂଶୀୟ ରାଜାମାନେ ଅନେକ କୀର୍ତ୍ତି ସ୍ଥାପନ କରିଥିଲେ । ସେ ଚେତବଂଶର ଶ୍ରେଷ୍ଠ ନୃପତି ହୋଇଥିବାରୁ ପୂର୍ବ ରାଜାମାନଙ୍କର କୀର୍ତ୍ତିଗୁଡ଼ିକ ସଂସ୍କାର କରିଥିଲେ । ଭାରତର ଇତିହାସ ପାଠ କଲେ ଜଣାଯାଏ ଯେ, ରାଜା ଓ ସମ୍ରାଟ୍‌ମାନଙ୍କର ପୃଷ୍ଠପୋଷକତା ଲାଭ କରି ଭାରତରେ ବିଭିନ୍ନ ପ୍ରକାର ଧର୍ମମତ ଓ ଶିଳ୍ପ ପ୍ରତିଷ୍ଠା ଲାଭ କରିଥିଲା । ମୌର୍ଯ୍ୟଗୌରବ ପ୍ରିୟଦର୍ଶୀ ଅଶୋକଙ୍କ ପ୍ରବଳ ଅଧବସାୟ ଓ ଏକାନ୍ତ ନିଷ୍ଠାଯୋଗୁଁ ବୌଧ୍ ଧର୍ମର ପ୍ରଧାନ ଧର୍ମ ହୋଇ ପାରିଥିଲା । କିନ୍ତୁ ତାଙ୍କର ସମଗ୍ର ପରିବାର ଓ ରାଜକର୍ମଚାରୀମାନେ ବୌଧଧର୍ମାବଲମ୍ବୀ ଥିବାର କୌଣସି ପ୍ରମାଣ ନାହିଁ । ପରନ୍ତୁ ଲେଖୀ ଓ କିମ୍ବଦନ୍ତୀରୁ ଜଣାଯାଏ ଯେ, ସେମାନଙ୍କ ମଧରେ କେତେକ ଅନ୍ୟ ଧର୍ମାବଲମ୍ବୀ ଥିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଖାରବେଳଙ୍କ ପରିବାରବର୍ଗ ଓ କର୍ମଚାରୀ ସକଳ ଜୈନଧର୍ମ ଭକ୍ତ ଥିଲେ । ତାଙ୍କର ସ୍ତ୍ରୀ, ପୁତ୍ର ଓ ଭୃତ୍ୟମାନେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଗୁମ୍ଫା ଖୋଳାଇଥିଲେ ।

ବୈକୁଣ୍ଠପୁର ଗୁମ୍ଫାଟି କଳିଙ୍ଗର ଶ୍ରମଣମାନଙ୍କ ନିମିତ୍ ଖାରବେଳଙ୍କ ପାଟରାଣୀ ଖୋଳାଇଥବଲେ ।

ମଚପୁର ଗୁମ୍ଫା ଖାରବେଳଙ୍କ ପୁତ୍ର ଶ୍ରୀକଦମ୍ଭ ବା ଶ୍ରୀକୁଦେବ ଖୋଳାଇଥିଲେ । ଖାରବେଳଙ୍କ ଦ୍ୱିତୀୟ ପୁତ୍ର କୁମାର ବଡୁଖ ଯମପୁରୀ ଗୁମ୍ଫା ଖୋଳାଇଥିଲେ । ସର୍ପଗୁମ୍ଫା ଓ ହରିଦାସଗୁମ୍ଫା ବା ସାବନଗୁମ୍ଫାକୁ ଖାରବେଳଙ୍କ କର୍ମଚାରୀ ଚୂଳକମ୍ ଖୋଳାଇଥିଲେ । ବ୍ୟାଘ୍ରଗୁମ୍ଫା ନଗର ବ୍ୟବହାରକ ଭୂତିଙ୍କ ଦ୍ୱାରା ଖୋଦିତ ହୋଇଥିଲେ । ଜମ୍ବେଶ୍ୱର ଗୁମ୍ଫା ମହାମଦ ନାକିୟ ଖୋଳାଇଥିଲେ । ଖାରବେଳଙ୍କ ପାଦମୂଳିକ ତା ପାଦସେବୀ ଖଣ୍ଡଗିରିରେ ତତ୍ୱଗୁମ୍ଫା ପ୍ରଭୃତି ଅନେକ ଗୁମ୍ଫା ଖୋଳାଇଥିଲେ (ପାଦମୂଳିକସ୍ୟ କୁସୁମସ୍ୟ ଲୟନାନୀ) । ଭାରତର ସ୍ୱଧର୍ମନିଷ୍ଠାର ଏପରି ଦୃଷ୍ଟାନ୍ତ ଅତି ବିରଳ । ଏମାନଙ୍କ ଅନେକ କୀ□ କାଳକ୍ରମେ ନଷ୍ଟ ଓ ଧ୍ୱସ୍ତ ହୋଇଯାଇଛି । ତଥାପି ସେମାନେ ଜୈନ ଧର୍ମର ଉନ୍ନତି ନିମିତ୍ ପ୍ରଗାଢ଼ ନିଷ୍ଠା ସହିତ ଯାହା କରି ଯାଇଛନ୍ତି ତାହା ଚିରସ୍ମରଣୀୟ ।

ସ୍ୱର୍ଗୀୟ ଜୟସ୍ୱାଲ ଓ ସ୍ୱର୍ଗୀୟ ବାନାର୍ଜୀ ମହାଶୟ ଖାରବେଳଙ୍କ ଜୈନଧର୍ମ ପ୍ରଚାର ସମ୍ବନ୍ଧରେ କେତେକ ନୂତନ ତଥ୍ୟ ପ୍ରକାଶ କରିଥିଲେ । ସେଥିରୁ ଜଣାଯାଏ ଯେ, ସେ ରାଜତ୍ୱର ତ୍ରୟୋଦଶ ବର୍ଷରେ ଜୈନ ଅର୍ହତମାନଙ୍କର ଗୋଟିଏ ସଭା କରାଇଥିଲେ । ଏଥିରେ ଭାରତର ଅନେକ ଅଚଳରୁ ଜୈନମାନେ ଯୋଗ ଦେଇଥିଲେ । ଉଦୟଗିରିରେ ବହୁକାଳ ପୂର୍ବରୁ ଗୋଟି, ଜୈନ ବସ୍ତୁ ବିଗ୍ରହ ବିଦ୍ୟମାନ ଥିଲା । ସେଠାରେ ଜୈନମାନେ ଧର୍ମାର୍ଚ୍ଚନ କରୁଥିଲେ । ସେ ଜୈନମାନଙ୍କ ମଧରେ ଶ୍ୱେତ ବସ୍ତ୍ର ବ□ନ କରିଥିଲେ । ସର୍ବ ଶେଷରେ ଜୈନମାନଙ୍କର ଧର୍ମଗ୍ରନ୍ଥ ସପ୍ତାଙ୍ଗର ପୁନରୁଧ୍ାର କରାଇଥିଲେ । ଜୈନ ପ୍ରବାଦ ଓ ଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ, ମୌର୍ଯ୍ୟ ରାଜତ୍ୱରେ ସପ୍ତାଙ୍ଗ ଲୁପ୍ତ ହୋଇଯାଇଥିଲା । ସେ ଏହାର ପୁନରୁଧ୍ାର କରି ଜୈନମାନଙ୍କର ଗୋଟିଏ ପ୍ରଧାନ ଅଭାବ ଦୂର କରିଥିଲେ । ଗ୍ରନ୍ଥସଂସ୍କାର ବିଷୟରେ ବୌଧ୍ କୁଶାନରାଜ କନିଷ୍କଙ୍କ ପରି ଜୈନଧର୍ମର ଇତିହାସରେ ସେ ଅମର ଯଶଃ ଲାଭ କରିଛନ୍ତି ।

କେବଳ ଏତିକିରେ ତାଙ୍କର ଜୈନଧର୍ମ ନିଷ୍ଠା ଶେଷ ହୋଇ ନଥିଲା । ସେ ଏହି ୧୧୭ଟି ଗୁମ୍ଫା ବ୍ୟତୀତ ଆହୁରି ଅନେକ କୀର୍ତ୍ତି ନିର୍ମାଣ କରିଥିଲେ ।

ହାତୀଗୁମ୍ଫା ଲେଖର ଷୋଡ଼ଶ ଧାଡ଼ିରେ ପ୍ରଦତ୍ ବିବରଣିରୁ ଜଣାଯାଏ ଖାରବେଳ ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ 'ଅର୍ହତ୍‌ନିସୀଦୀୟ' ସମୀପରେ ଚିତ ଦିଗାଗତ ଯତି, ମୁନି, ଋଷି (ଏମାନେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ) ଓ ପ୍ରଖ୍ୟାତନାମା ଜୈନ ଶ୍ରମଣମାନଙ୍କ ନିବାସ ନିମିତ୍ ଗୋଟିଏ ବଡ଼ ଗୁମ୍ଫା ଖୋଳାଇଥିଲେ । ଅର୍ହତ ନିସୀଦୀକୁ ଜୟସ୍ୱାଲ ସମାଧିସ୍ତୂପ ବୋଲି ଅର୍ଥ କରିଛନ୍ତି । ଖଣ୍ଡଗିରିରୁ ଆବିଷ୍କୃତ ଭସ୍ମପୂର୍ଣ୍ଣ କେତେକ ସାମଧି ସ୍ଥାନ ତାଙ୍କର ଏ ଅର୍ଥର ପୋଷକତା କରେ । ବରୁଆ ମହାଶୟ ଏହାକୁ ନିମାସ ସ୍ଥାନ ବୋଲି ସ୍ଥିର କରିଛନ୍ତି । କିନ୍ତୁ ପ୍ରଥମ ଅର୍ଥ ବିଶେଷ ଭବେ ପ୍ରଯୋଜ୍ୟ । ସମ୍ଭବତଃ ଯେ କୌଣସି ପ୍ରସିଧ୍ ଅର୍ହତଙ୍କର ସମାଧି ସ୍ତୁପ ନିକଟରେ ଏହି ବିଶାଳ ଗୁମ୍ଫାଟି ଖୋଦନ କରିଥିଲେ । ଏହା ନିକଟରେ ପର୍ବତର ପଭର ବା କ୍ରମନିମ୍ନ ଭୂମିରେ ବହୁ ଯୋଜନ ଦୂରବର୍ତ୍ତୀ (ବରାକର) ଶ୍ରେଷ୍ଠ ଖଣିମାନଙ୍କରୁ ଆନୀତ ହୋଇଥିବାର ୩୫ଲକ୍ଷ ପଥର ଦ୍ୱାରା ଅନେକ ଶିଳାସ୍ତମ୍ଭ ଓ ଚୈନତ୍ୟ ନିର୍ମାଣ କରିଥିଲେ ।

ପଟଳିତ ଚତ୍ୱର ବା ନାନାବିଧ ଚିତ୍ରଶୋଭିତ ଅଗଣାରେ ଗୋଟିଏ ବହୁସ୍ତମ୍ଭ ଶୋଭିତ ବୈଦୁର୍ଯ୍ୟ ଗୃହ ୭୫ ଲକ୍ଷ ମୁଦ୍ରା ବ୍ୟୟ କରି ନିର୍ମାଣ କରିଥିଲେ । ବୈଦୁର୍ଯ୍ୟ ନୀଳଖଚିତ ୫୦ଟି ଚୈତ୍ୟ ଯଷ୍ଟି (ସ୍ତମ୍ଭ) ତାହାର ଚାରିପାଖେ ବସାଇଥିଲେ ।

ଖାରବେଳଙ୍କ ରାଜତ୍ୱର ଶେଷ ବର୍ଷରେ ଖୋଦିତ ଏହି ବିରାଟ ଗୁମ୍ଫାଟି ଉଦୟଗିରିର ବହୁକାର୍ଯ୍ୟ ଖଚିତ, ପର୍ବତର କ୍ରମନିମ୍ନ (ପଭାର) ଭୂମିରେ ଖୋଦିତ ଓ ବୌଧିବିହାର ସଦୃଶ ପ୍ରତୀୟମାନ ହେଉଥିବା 'ରାଣୀହଂସପୁର ନାମ ଦ୍ୱିତଳ ପ୍ରାସାଦ ସହିତ ଚିହ୍ନିତ ହୋଇଅଛି । ଲେଖି ବର୍ଣ୍ଣିତ ପଟଳିକ ଚତ୍ୱର ରାଣୀହଂସପୁରର ସମ୍ମୁଖରେ ଥିବା ବୃହତ ଅଗଣା ହେବା ସମ୍ଭବପର ।

ସ୍ତମ୍ଭାବଳୀ ଶୋଭିତ ଚନ୍ଦ୍ରତାପ ଖଚିତ, ବୈଦୁର୍ଯ୍ୟ ବୃହଟି ଏହି ଅଗଣାରେ ନିର୍ମିତ ହୋଇଥିବାର ମନେହୁଏ । ଏହି ଉଭୟ ପର୍ବତର ଅନ୍ୟ କୌଣସିଠାରେ ଏପରି ବଡ଼ ଚଉତରା ଦେଖାଯାଏ ନାହିଁ । ଏଠାରେ ଚୈତ୍ୟର ଅବସ୍ଥିତି ଆଜି ପର୍ଯ୍ୟନ୍ତ ଜଣାଯାଇନାହିଁ । ତେବେ ଖଣ୍ଡଗିରିର ଦେବ ସଭାରେ ଛୋଟ ଛୋଟ ମନ୍ଦିର ଗୁଡ଼ିଏ ଦେଖି ମନେହୁଏ, ଏକ ସମୟରେ ଏ ଦୁଇ ପାହାଡ଼ରେ ଅନେକଗୁଡ଼ିଏ ଚୈତ୍ୟ ଥିଲା । ସେଗୁଡ଼ିକ କାଳକ୍ରମେ ନଷ୍ଟ ହୋଇ ଯିବାରୁ ସେହି ସ୍ମୃତିକୁ ଚିରସ୍ଥାୟୀ କରିବା ନିମିତ୍ ପରବର୍ତ୍ତୀ କାଳରେ ଏପରି କ୍ଷୁଦ୍ର କ୍ଷୁଦ୍ର ମନ୍ଦିରର ପ୍ରତିମୂର୍ତ୍ତି ଏକତ୍ରିତ କରାହୋଇଅଛି । ସ୍ତମ୍ଭାଳୟ, ଶିଳାସ୍ତମ୍ଭ ଓ ଚୈତ୍ୟଗୁଡ଼ିକ ଏକତ୍ର ଥିଲା ବା ଅଲଗା ଥିଲା, ତାହା କହିବା ସହଜ ନୁହେଁ । କିନ୍ତୁ ଚୈତ୍ୟର ଚତୁର୍ଦ୍ଦିଗରେ ସ୍ତମ୍ଭମାନ ନିର୍ମିତ ହୋଇଥିବା ସମ୍ଭବପର । କାରଣ କୃଷ୍ଣାନଦୀ ପରବର୍ତ୍ତୀ ନାଗାର୍ଜ୍ଜୁନ କୋଣ୍ଡା ନାମକ ଗୋଟିଏ ସ୍ଥାନରୁ ଖ୍ରୀଷ୍ଟିୟ ପଥମ ଓ ଦ୍ୱିତୀୟ ଶତାବ୍ଦୀରୁ କେତେକ ବୌଧକୀର୍ତ୍ତି ଖୋଳାହେବା ଦ୍ୱାରା ଦେଖାଯାଇଛି ଯେ, ସେଠାରେ ପ୍ରତି ଚୈତ୍ୟର ଚାରିକୋଣରେ (ଅଗ୍ନି, ବାୟୁ, ଐଶାନ୍ୟ, ବୈର୍ରୃତ) ବୁଧଙ୍କ ଜୀବନର ପାଚଟି ପ୍ରଧାନ ଘଟଣାର ସ୍ମାରକ ସ୍ୱରୂପ ୫ଟି ସାୟକ ସ୍ତମ୍ଭ ପ୍ରୋତ୍‌ଥିତ ହୋଇଥିଲା, ଅର୍ଥାତ୍ ପ୍ରତି ଚୈତ୍ୟ ନିକଟରେ ୨୦ଟି ସ୍ତମ୍ଭ ଥିଲା । ବୋଧହୁଏ ଖାରବେଳ ଉଦୟଗିରି ନିଟରେ ଏପରି ସ୍ତମ୍ଭାବୃତ୍ ଜୈନ ଚୈତ୍ୟମାନ ନିର୍ମାଣ କରିଥିଲେ ଏଠାରେ ଖୋଦନକାର୍ଯ୍ୟ ନହେବା ପର୍ଯ୍ୟନ୍ତ ଏ ବିଷୟରେ ଶେଷ ସିଧାନ୍ତ କରିବା ସମ୍ଭବ ନୁହେଁ । ଦୁଃଖର ବିଷୟ ବହୁଲକ୍ଷ ମୁଦ୍ରାବ୍ୟୟରେ ଖାରବେଳଙ୍କ ରାଜତ୍ୱର ଶେଷରେ ନିର୍ମିତ ହୋଇଥିବା ଏହି ବିରାଟ ଜୈନକୀର୍ତ୍ତିମାନଙ୍କର କୌଣସି ସିଧାନ୍ତ ଏ ପର୍ଯ୍ୟନ୍ତ ମିଳିନାହିଁ ।

ଏତଦ୍‌ବ୍ୟତୀତ ସେ ସ୍ୱଧର୍ମକୁ ଲୋକପ୍ରିୟ କରିବା ପାଇଁ ମଧ୍ୟେ ମଧ୍ୟେ ବ୍ରାହ୍ମଣ ଓ ଶ୍ରବଣମାନଙ୍କୁ (ଜୈନ) ପାଚ ଭୋଜନ ଇତ୍ୟାଦି ଦେଉଥିଲେ ଏବଂ ନାନାବିଧ ସମାଜ ଓ ଉତ୍ସବ ଅନୁଷ୍ଠାନ କରିଥିଲେ । ବୌଧମାନେ ବୋଧିଦ୍ରୁମକୁ ପୂଜା କଲାପରି ଜୈନମାନେ କଳ୍ପବୃକ୍ଷକୁ ସମ୍ମାନ ଓ ଭକ୍ତି କରୁଥିଲେ । କଳ୍ପବୃକ୍ଷର ପୂଜା ସେମାନଙ୍କ ଧର୍ମର ପ୍ରଧାନ ଅଙ୍ଗଥିଲା । ଖାରବେଳ ରାଜତ୍ୱର ଅଷ୍ଟମ ବର୍ଷରେ ମଥୁରାଣୁ ହୟ-ଗଜ-ନର--ରଥ ବେଷ୍ଟିତ ପଲବଭାର କଳ୍ପବୃକ୍ଷରୁ ଗୋଟିଏ ବିରାଟ ଶୋଭାଯାତ୍ରାରେ କଳିଙ୍ଗକୃତ୍ୟମାନ କରନ୍ତି । ଏଗୁଡ଼ିକ ନାନାପ୍ରତାର ସେ ରାଜତ୍ୱର ସପ୍ତମ ବର୍ଷରେ ଅସି, ଛତ୍ର, ଧ୍ୱଜ, ରଥ, ରକ୍ଷୀ, ତୁରଙ୍ଗ, ଘଟମାନ ସର୍ବତ୍ର ସଜ୍ଜିତ କରାଇ ମହୁମୁଦ୍ରା ବ୍ୟୟ କରି ଅନେକ ଜୈନ ମଙ୍ଗଳକୃତ୍ୟ କରିଥିଲେ । ଏ ସମସ୍ତ କାର୍ଯ୍ୟଦ୍ୱାରା ସେ ନିଜ ଧର୍ମକୁ ସରସ ଓ ଲେକପ୍ରିୟ କରିଥିଲେ । ସେ ରକ୍ଷଣଶୀଳ ଜୈନ ନଥିଲେ । ତେଣୁ ସେ ସମୟରେ ଉତ୍କଳରେ ଅନେକ ଲୋକ ଜୈନଧର୍ମ ପ୍ରତି ଆକୃଷ୍ଟ ହୋଇ ଏହି ଧର୍ମ ଗ୍ରହଣ କରିଥିଲେ ।

ଖାରବେଳଙ୍କ ପରେ ଚେତବଂଶରେ ଆଉ ତିନିଜଣ ରାଜା ରାଜତ୍ୱ କରିଥିଲେ । ପୁରାଣମାନଙ୍କରୁ ଜଣାଯାଏ, ମହା ମେଘବାହନ ବଂଶର ନଅଜଣ ରାଜା ଉତ୍କଳରେ ରାଜତ୍ୱ କରିଥିଲେ । ତାଙ୍କ ପୁତ୍ର କୁଦେବଶ୍ରୀ ବା କନ୍ଦର୍ପଶ୍ରୀ ଜୈନ ଥିବା ଜଣାଯାଏ । ତାଙ୍କ ପରବର୍ତ୍ତୀ ଦୁଇଜଣ ରାଜା କେଉଁ ଧର୍ମର ପୃଷ୍ଠପୋଷକ ଥିଲେ ତାହା ଜଣାଯାଇନାହିଁ ।

## ଜୈନଧର୍ମ ଓ ଉତ୍କଳୀୟ ଶିଳ୍ପର ବିକାଶ

ପ୍ରାଗୈତିହାସିକ ଯୁଗରୁ ଧର୍ମସହିତ ଭାରତୀୟ ଶିଳ୍ପ ସ୍ଥାପତ୍ୟ ଓ ଭାଷାର ନିଗୁଢ଼ ସମ୍ପର୍କ ବିଦ୍ୟମାନ । ଭାରତ ସରକାରଙ୍କ ଦ୍ୱାରା ଖୋଦିତ ସିନ୍ଧୁ ନଦୀତୀରବର୍ତ୍ତୀ ହରପ୍ପା ଓ ମହେଞ୍ଜୋଦାରୋ ନାମକ ଷଟ୍‌ସହସ୍ର ବର୍ଷର ପ୍ରାଚୀନ ନଗରଦ୍ୱୟରୁ ମିଳିଥିବା ଅସଂଖ୍ୟ ମୂର୍ତ୍ତି, ମୁଦ୍ରା, ସିଲ ଓ ଲେଖ ପ୍ରଭୃତିରୁ ଭାରତର ତତ୍‌କାଳୀନ ଧର୍ମ, ସମାଜ, ଶିଳ୍ପ ଓ ଲିପି ସମ୍ବନ୍ଧରେ ଅନେକ ନୂତନ ତଥ୍ୟ ଜଣାଯାଏ । ସାରନାଥ, ସାଚୀ, ବରହତ, ପାଟଳୀପୁତ୍ର, ରାଜଗୃହ, ବୁଧ୍‌ଗୟା, ତକ୍ଷଶୀଳା, ମଥୁରା ଇତ୍ୟାଦି ସ୍ଥାନରେ ଥିବା ବୌଧ୍ସ୍ତୁପ ଚୈତ୍ୟ, ବିହାର, ସ୍ତମ୍ଭଗୁଡ଼ିକର ବିଶ୍ୱବନ୍ଦନୀୟ ଶିଳ୍ପକଳାରେ ବୌଧ୍‌ଧର୍ମର ମାହାତ୍ମ୍ୟ ପ୍ରକଟିତ ହୋଇଅଛି । ହିନ୍ଦୁଧର୍ମର ପୁରୁତ୍‌ଥାନ ଯୁଗର ଇତିହାସ ଆକୁମାରୀହିମାଳୟ ବିସ୍ତୃତ ଭାରତର ସର୍ବାଚଳରେ ଶିଳ୍ପକଳାରୂପେ ମୂର୍ତ୍ତିମନ୍ତ ହୋଇଅଛି । ସେହିପରି ଉତ୍କଳରେଜୈନଧର୍ମର ଇତିହାସ ଏ ପ୍ରଦେଶସ୍ଥ ଜୈନକୀର୍ତ୍ତି ସକଳ ସ୍ୱଗାତ୍ରରେ ଆତ୍ମପ୍ରକାଶ କରି ମହୀୟାନ୍ ହୋଇଅଛି ।

ଭାରତ ଗୌରବ ଅଶେଶକଙ୍କ ରାଜତ୍ୱ କାଳରେ ଭାରତୀୟ ଶିଳ୍ପର ଇତିହାସରେ ନୂତନ ଯୁଗର ସୃଷ୍ଟି ହେଲା । ଅଶୋକଙ୍କର ଅସଂଖ୍ୟ କୀର୍ତ୍ତି ଉତ୍ର ଭାରତର ନାନାଚଳରୁ ଆବିଷ୍କୃତ ହୋଇଥିଲେ ମଧ ଉତ୍କଳରେ ତାଙ୍କର ଅଳ୍ପ କେତୋଟି କୀର୍ତ୍ତି ପ୍ରାଚୀନ କଳିଙ୍ଗ ରାଜଧାନୀ ତୋଷାଳି ବା ଧଉଳି ନିକଟରେ ପରିଦୃଷ୍ଟ ହୁଏ । ସେଥିମଧରୁ ଧଉଳି ପର୍ବତସ୍ଥ ପ୍ରଶସ୍ତି ଉପରେ ଖୋଦିତ ବିଶାଳ ହସ୍ତୀମୂର୍ତ୍ତି ଓ ତାହାର ନିକଟବର୍ତ୍ତୀ କେତେ ଗୁମ୍ଫା ସର୍ବପ୍ରଧାନ । କିନ୍ତୁ ଧଉଳିର ଗୁମ୍ଫାଗୁଡ଼ିକ କ୍ଷୁଦ୍ର ଓ ଆଡ଼ମ୍ବରଶୂନ୍ୟ ଏବଂ ସେଗୁଡ଼ିକରେ କୌଣସି ଗୃହଶିଳ୍ପ ଖୋଦିତ ହୋଇନାହିଁ । ଖାରବେଳଙ୍କ ଦ୍ୱାରା ନିର୍ମିତ ସର୍ବପ୍ରାଚୀନ କୀର୍ତ୍ତି ଏବଂ ସେ ଉତ୍କଳୀୟ ପ୍ରସ୍ତର ଖୋଦନଶିଳ୍ପର ପ୍ରାଣପ୍ରତିଷ୍ଠାତା ରୂପେ ବିବେଚିତ ହୁଅନ୍ତି । ସେ ହୃଦୟରେ ଧର୍ମର ଗଭୀର ପ୍ରେରଣା ଅନୁଭବ କରି ସ୍ୱଧର୍ମର ଉନ୍ନତି ନିମିତ୍ ପର୍ବତଗୋତ୍ରରେ ସର୍ବଜନପ୍ରଶଂସିତ ଅନେକଗୁଡ଼ି, କୀର୍ତ୍ତି ଖୋଦନ କରିଥିଲେ । ଐତିହାସିକ ବରୁଆଙ୍କ ମତରେ ସେ ପ୍ରସ୍ତର ଶିଳ୍ପର ଉନ୍ନତି ବିଷୟରେ ଅଶୋକଙ୍କ ସହିତ ସର୍ବଥା ତୁଳନୀୟ ।

ଖାରବେଳଙ୍କ ପୂର୍ବରୁ ଉତ୍କଳରେ ଖୋଦନଶିଳ୍ପ ପ୍ରସାର ଲାଭ କରିଥିଲା ସତ୍ୟ, କିନ୍ତୁ ତାଙ୍କ ସମୟରେ ଏହା ଅଭୁତପୂର୍ବ ଓ ଅସାଧାରଣ ଉନ୍ନତି ଲାଭ କରିଥିଲା । ହାତୀଗୁମ୍ଫା ଲେଖରୁ ଜଣାଯାଏ ଯେ, ସେ ରାଜତ୍ୱର ଶେଷ ବର୍ଷରେ କେତେକ ଚୈତ୍ୟ ଓ ସ୍ତମ୍ଭ ନିର୍ମାଣ କରିବାପାଇଁ ଅନେକ ଯୋଜନ ଦୂରବର୍ତ୍ତୀ ଶ୍ରେଷ୍ଠ ଖଣିମାନଙ୍କରୁ ୩୫ ଲକ୍ଷ ପଥର କଟାଇଥିଲେ । ଏହାବ୍ୟତୀତ ସେ ଆହୁରି ଅନେକ କୀର୍ତ୍ତି ନିର୍ମାଣ କରିଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ତାଙ୍କ ସମରେ ଅସଂଖ୍ୟ ଲୋକ ଖଣିମାନଙ୍କରୁ ପ୍ରସ୍ତର ଉତ୍ତୋଳନ କାର୍ଯ୍ୟରେ ବ୍ୟାପୃତ ଥିବେ । ପର୍ବତ ଫଟାଇ ଶତ ଶତ ବିଶାଳ ଗୁମ୍ଫା ଖୋଳିବାପାଇଁ ଅସଂଖ୍ୟ ଲୋକ ନିଯୁକ୍ତ ହୋଇଥିବେ । ଗୁମ୍ଫା ଗାତ୍ରରେ ଚାରୁଶିଳ୍ପ କଳା ଫୁଟାଇବା ପାଇଁ ସହସ୍ର ସହସ୍ର ଶିଳ୍ପୀ ବହୁବର୍ଷ ପରିଶ୍ରମ କରିଥିବେ । ସେ ଯୁଗରେ ପାହାଡ଼ ଫଟାଇବା ପାଇଁ ଡ଼ିନାମାଇଟ ପାହାଡ଼ର ବା ତୋପ ଆବିଷ୍କୃତ ହୋଇ ନଥିଲା । ମନୁଷ୍ୟର ଦୈହିକ ଶକ୍ତିହିଁ ଏପରି ଦୁଃସାଧ୍ୟ କାର୍ଯ୍ୟ ସାଧନ କରୁଥିଲା । ଖାରବେଳଙ୍କ ଦ୍ୱାରା ପ୍ରତିପାଳିତ ଓ ଉତ୍ସାହିତ ହୋଇ ଉତ୍କଳୀୟ ଶିଳ୍ପିକୁଳ ଖୋଦନ ଶିଳ୍ପର ବିକାଶ ନିମିତ୍ ଏପରି ପ୍ରାଣପାତ ପରିଶ୍ରମ କରିଥିଲେ । ସେମାନଙ୍କ ବଂଶଧରମାନେ ପରବର୍ତ୍ତୀକାଳରେ ଲଳିତଗିରି, ରତ୍ନଗିରି, ଯାଜପୁର, ଭୁବନେଶ୍ୱର, ପୁରୀ, କୋଣାର୍କରେ ଅସଂଖ୍ୟ ଉତ୍ତୁଙ୍ଗ ମନ୍ଦିର ନିର୍ମାଣ କରି ଉତ୍କଳୀୟ ଶିଳ୍ପର ଉତ୍‌ରୋତ୍ତର ଉନ୍ନତି କରିଥିଲେ । ଭାରତର ସାହିତ୍ୟ, ଶିଳ୍ପ, ବିଜ୍ଞାନ ପ୍ରତ୍ୟେକର ଉନ୍ନତି ମୂଳରେ ପ୍ରବଳ ଧର୍ମନିଷ୍ଠା ପ୍ରଚ୍ଛନ୍ନଭାବରେ ବିଦ୍ୟମାନ । ପ୍ରିୟଦର୍ଶୀ ଅଶୋକଙ୍କ ପ୍ରଗାଢ଼ ଧର୍ମନିଷ୍ଠା ଯୋଗୁଁ ସମଗ୍ର ଭାରତରେ ଓ ଭାରତ ବାହାରେ ବହୁ ସହସ୍ର ସ୍ତମ୍ଭ, ଅସଂଖ୍ୟ ଚୈତ୍ୟ, ସ୍ତୁପ, ବିହାର, ଗୁମ୍ଫା, ପାନ୍ଥଶାଳା,

ଚିକିତ୍ସାଳୟ, କୂପ, ପୁଷ୍କରିଣୀ ଅତି ଅଳ୍ପ କାଳ ମଧ୍ୟରେ ନିର୍ମିତ ହୋଇ ପାରିଥିଲା, ସେହିପରି ଉତ୍କଳର ଜୈନକୀର୍ତ୍ତି ସକଳ ସମ୍ରାଟ୍ ଖାରବେଳଙ୍କ ସ୍ୱଧର୍ମାନୁରାଗର ଜ୍ୱଳନ୍ତ ନିଦର୍ଶନ ।

ପ୍ରାଚୀନ କାଳରେ ଜୈନ, ବୌଦ୍ଧ ଓ ହିନ୍ଦୁ ସନ୍ନ୍ୟାସୀମାନେ ପ୍ରାକୃତିକ ଗିରିଗହ୍ୱରମାନଙ୍କରେ ଅନନ୍ତ ନୀଳାକାଶ ଓ ବିରାଟ ପ୍ରକୃତିର ସୌନ୍ଦର୍ଯ୍ୟ ମଧ୍ୟରେ ବାସ କରି ବିଶ୍ୱସ୍ରଷ୍ଟା ଭଗବାନଙ୍କ ଧ୍ୟାନରେ ଏକାଗ୍ରଚିତ୍ତରେ ନିରତ ହେଉଥିଲେ । ସେମାନଙ୍କ ଶରୀରକୁ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର, ଶୀତର ହୃତକମ୍ପକାରୀ ଜାଡ୍ୟ, ବର୍ଷାର ବାତ୍ୟା ବିତାଡ଼ିଜ ବଜ୍ର ଗର୍ଜନ ଝଙ୍କାରିତ ଧରାପାତରୁ ରକ୍ଷା କରିବାପାଇଁ ପ୍ରଥମେ ପ୍ରିୟଦର୍ଶୀ ଅଶୋକ ଗୁମ୍ଫା ଖୋଳିବା ପ୍ରଥା ଆରମ୍ଭ କରିଥିଲେ । ତାଙ୍କ ଦ୍ୱାରା ଜୈନ ଆଜୀବକମାନଙ୍କ ପାଇଁ ମଗଧର ଗୋରଥଗିରି (ବାରବାର ପର୍ବତ) ଓ ନାଗାର୍ଜ୍ଜୁନ ପବର୍ତରେ ଖୋଦିତ ଗୁମ୍ଫା ସକଳ ଭାରତରେ ସର୍ବପ୍ରାଚୀନ ଗୁମ୍ଫା ଖୋଦନର ଉଦ୍ଦେଶ୍ୟ ଥିଲା । ତେ଼ୁ ମାନବଦ୍ୱାରା ଖୋଦିତ ଗୁମ୍ଫାଗୁଡ଼ିକ ନାତି ଉଚ୍ଚ, କ୍ରମନିମ୍ନ, ଅପ୍ରଶସ୍ତ ଓ କ୍ଷୁଦ୍ର କ୍ଷୁଦ୍ର ଦ୍ୱାରଶୋଭିତ । ପ୍ରତ୍ୟେକଟିରୁ ଜଳନିର୍ଗମନ ପାଇଁ ପଥ ଥାଏ । ଖାରବେଳଙ୍କ ଲେଖରେ ବାରମ୍ବାର ବ୍ୟବହୃତ 'ଲେଣ' ଶବ୍ଦ ସମ୍ବନ୍ଧରେ ଆଲୋଚନା କଲେ ଶିଳ୍ପର ଇତିହାସ ସମ୍ୟକ୍ ବୋଧଗମ୍ୟ ହେବ । ପାଲିରେ ଲିଖିତ 'ବିନୟ ମହାଭଗ୍ଗ' ଓ 'ବିନୟ ଚୁଳଭଗ୍ଗ' ଗ୍ରନ୍ଥଦ୍ୱୟରେ 'ଲେଣ' ଶବ୍ଦର ବିସ୍ତୃତ ଆଲୋଚନା ହୋଇଛି । ଏଥିରୁ ଜଣାଯାଏ ଯେ, ଏହା ପାଚ ପ୍ରକାର ସାଧକ -ନିବାସ, ଯଥା (୧) ବିହାର, (୨) ଅଧ୍ୟୋଗ, (୩) ପ୍ରାସାଦ, (୪) ହର୍ମ୍ମ୍ୟ ଓ (୫) ଗୁହା । ଏଗୁଡ଼ିକ ଏହାର ବିସ୍ତୃତ ଅର୍ଥ । ସଂକୀର୍ଣ୍ଣ ଅର୍ଥରେ ଏହା ଗୁହା ପ୍ରତି ପ୍ରଯୋଜ୍ୟ । ପ୍ରାକୃତିକ ଗିରିଗହ୍ୱର ଖୋଦନ ଶିଳ୍ପଦ୍ୱାରା ବିସ୍ତୃତ, ସୁନ୍ଦର ଓ ଚିକ୍କଣ ହୋଇ ମନୁଷ୍ୟବାସପୋଯୋଗୀ ହେଲେ ତାକୁ ଲେଣ କୁହାଯାଏ । ବୁଦ୍ଧଘୋଷଙ୍କ ମତରେ କ୍ରମନିମ୍ନଭୂମିରେ ଖୋଦିତ କୌଣସି ଗୁହା ବା ପ୍ରାଚୀରବୃତ୍ କୌଣସି ନୈସର୍ଗିକ ଗହ୍ୱରକୁ ଲେଣ କୁହାଯାଏ ଏବଂ ଏଥିରେ କେବଳ ବସିବା ଓ ଶୋଇବା ପାଇଁ ସୁବିଧା ହୁଏ ।

ଖାରବେଳ ପୂର୍ବରୁ ଉତ୍କଳରେ ଲେଣ ବା ଗୁମ୍ଫା ଖୋଦନ ପ୍ରଣାଳୀ ପ୍ରଚଳିତ ଥିଲେ ମଧ୍ୟ ସେ ଏହାର ସମ୍ୟକ୍ ବିକାଶପାଇଁ ଯତ୍ନ କରିଥିଲେ । ତେଣୁ ମଗଧରେ ଅଶୋକଙ୍କ ଦ୍ୱାରା ନିର୍ମିତ ଗୁମ୍ଫାମାନଙ୍କଠାରୁ ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାସକଳ ଅଧିକ ଲମ୍ବ, ପ୍ରସ୍ଥ, ଉଚ୍ଚ, ମସୃଣ ଓ ସୁନ୍ଦର । ମଗଧର ଗୁମ୍ଫାମାନଙ୍କରେ ଆଦୌ ବାରଣ୍ଡା ନାହିଁ, କିନ୍ତୁ ଉପରୋକ୍ତ ଜୈନ ଗୁମ୍ଫାମାନଙ୍କରେ ବହୁ ସ୍ତମ୍ଭଶୋଭିତ ବିସ୍ତୃତ ବରଣ୍ଡାମାନ ରହିଛି । ଏହା ଉତ୍କଳୀୟ ଶିଳ୍ପର ଗୋଟିଏ ବିଶେଷତ୍ୱ । ଅଶୋକଙ୍କ ଅନୁକରଣରେ ସେ ସର୍ବପ୍ରଥମେ ଉତ୍କଳୀୟ ଶିଳ୍ପରେ ଆର୍ଯ୍ୟ ପାରସିକ ସ୍ତମ୍ଭ ପ୍ରଚଳନ କରିଥିଲେ । ଖଣ୍ଡଗିରିର ଅନନ୍ତ ଗୁମ୍ଫା ଓ ଉଦୟଗିରିର ରାଣୀହଂସପୁରରେ ଏପ୍ରକାର ସ୍ତମ୍ଭର ବ୍ୟବହାର ଦେଖାଯାଏ । ଏହା ଦ୍ୱାରା ଉତ୍କଳୀୟ ଶିଳ୍ପରେ ସ୍ତମ୍ଭ ନିର୍ମାଣ ପ୍ରଣାଳୀର ଗୋଟିଏ ନୂତନଧାରା ପ୍ରଚଳିତ ହେଲା । ଆଉ ମଧ୍ୟ ସେ ସମୟରେ ଉତ୍କଳୀୟ ଶିଳ୍ପୀମାନେ ବୌଦ୍ଧଶିଳ୍ପର ଅନୁକରଣରେ ଗୁମ୍ଫାଗୁଡ଼ିକରେ ପରଲିଙ୍ଗ ଓ କ୍ଷୁଦ୍ର ଚୈତ୍ୟର ମୂର୍ତ୍ତି ଖୋଦନ କରିଥିଲେ । ସେମାନେ ଏକ ପ୍ରସ୍ତର ସ୍ତମ୍ଭର ଗଠନ କୌଶଳ ଓ ଚୈତ୍ୟ ଏବଂ ସ୍ତୂପ ନିର୍ମାଣ ପ୍ରଣାଳୀ ପ୍ରାଚୀନ ବୌଦ୍ଧଶିଳ୍ପତ୍ୱ ଗ୍ରହଣ କରିଥିଲେ । ଉତ୍କଳୀୟ ଶିଳ୍ପର ବୌଦ୍ଧଶିଳ୍ପ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ଜୈନ ଗୁମ୍ଫାମାନଙ୍କରେ ଖୋଦିତ ହସ୍ତୀ, ସ୍ତ୍ରୀ ଓ ଅନ୍ୟାନ୍ୟ ସାମାଜିକ ଚିତ୍ରମାନଙ୍କରେ ଉତ୍କଳୀୟ ଶିଳ୍ପୀ କେତେକ ନୂତନତ୍ୱ ଓ ବିଶେଷତ୍ୱ ପ୍ରକାଶ କରିଛନ୍ତି । ଜୈନଧର୍ମ ଉତ୍କଳରୁ ଲୁପ୍ତ ହୋଇଛି କିନ୍ତୁ ଏହି ଧର୍ମଯୋଗୁହିଁ ଉତ୍କଳୀୟ ଶିଳ୍ପକୁସୁମର ପ୍ରଥମ ବିକାଶ ଘଟିଥିଲା ।

ଜୈନଧର୍ମ ଓ ଉତ୍କଳର ଭାଷା - ପୂର୍ବକାଳରେ ଶିଳ୍ପ ପରି ଭାଷାର ମଧ୍ୟ ଧର୍ମ ସହିତ ଘନିଷ୍ଠ ସମ୍ପର୍କ ବିଦ୍ୟମାନ

ଥିଲା । ଯେଉଁ ବିରାଟ ସଂସ୍କୃତ ସାହିତ୍ୟ ନିକଟରେ ସଭ୍ୟତାଭିମାନୀ ପାଶ୍ଚାତ୍ୟ ଜାତିମାନେ ବିସ୍ମୟରେ ନତମସ୍ତକ ହୁଅନ୍ତି । ତାହାର ଏବ ବିଧ ଉନ୍ନତି ସନାତନ ଆର୍ଯ୍ୟଧର୍ମର ବିକାଶ ଓ ଅଭିବୃଧି ଯୋଗୁଁ ସମ୍ଭବପର ହୋଇଥିଲା । ମଧ୍ୟଯୁଗରେ ବୈଷ୍ଣବଧର୍ମର ପ୍ରଚାର ଫଳରେ ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ସାହିତ୍ୟର ଯେ କି ଅସାଧାରଣ ଉନ୍ନତି ହୋଇଥିଲା ତାହା ପ୍ରତ୍ୟେକ ସାହିତ୍ୟିକଙ୍କୁ ସୁବିଦିତ । ଜୈନଧର୍ମର ପ୍ରଚାର ପୂର୍ବରୁ ଉତ୍କଳରେ ଆର୍ଯ୍ୟ ସଂସ୍କୃତଭାଷା ଓ ଦ୍ରାବିଡ଼ଭାଷାର ସଂମିଶ୍ରଣରେ ଉତ୍ପନ୍ନ ଏକ ଭାଷା ପ୍ରଚଳିତ ଥିବାର ଭାଷାତତ୍ତ୍ୱିତ୍ ପଣ୍ଡିତମାନେ ମତ ପ୍ରକାଶ କରନ୍ତି, କିନ୍ତୁ ବହୁକାଳ ପର୍ଯ୍ୟନ୍ତ ଜୈନଧର୍ମର ପ୍ରଚାର ଫଳରେ ଉତ୍କଳୀୟ ଭାଷାରେ ପାଲିଭାଷାର ପ୍ରଭାବ କ୍ରମଶଃ ବୃଧି ଲାଭ କଲା । ଆଧୁନିକ ଯୁଗର ଖ୍ରୀଷ୍ଟିୟାନ୍ ପ୍ରଚାରକମାନେ ଯେପରି ପାର୍ବତ୍ୟ ଜାତିମାନଙ୍କ ମଧ୍ୟରେ ଧର୍ମପ୍ରଚାର ସଂଗେ ସଂଗେ ଓଡ଼ିଆ, ହିନ୍ଦୀ ପ୍ରଭୃତି ପ୍ରାଦେଶିକ ଭାଷା ପ୍ରଚଳନ କରୁଛନ୍ତି, ସେହି ସୁଦୂର ଅତୀତ କାଳରେ ଉତ୍କଳୀୟମାନଙ୍କୁ ଜୈନପତି, ଶ୍ରମଣ ଓ ପ୍ରଚାରକମାନେ ଉତ୍ର ଭାରତୀୟ ପାଲି ଭାଷାରେ ଧର୍ମଶିକ୍ଷା ଦେଉଥିଲେ । ଲେଖମାନଙ୍କରେ ଓ ଧର୍ମପ୍ରଚାରରେ ପାଲିଭାଷାର ବହୁଳ ବ୍ୟବହାର ଫଳରେ ସେ ଯୁଗର ଉତ୍କଳୀୟ ଭାଷାରେ ଅସଂଖ୍ୟ ପାଲି ଶବ୍ଦ ପ୍ରବେଶ କରିଥିଲା । ଏହା ଫଳରେ ଆଧୁନିକ ଓଡ଼ିଆ ଭାଷାରେ ଜନନୀ ଉଡ୍ରପ୍ରାକୃତିର ସୃଷ୍ଟି ହୋଇଥିଲା ଏବଂ ଏହା ଦ୍ରାବିଡ଼୍ ଭାଷାଠାରୁ କ୍ରମଶଃ ପୃଥକ୍ ହୋଇ ଉତ୍ର ଭାରତୀୟ ଭାଷା ଶ୍ରେଣୀର ଅନ୍ତର୍ଭୁକ୍ତ ହେଲା । ଜୈନଧର୍ମ ବର୍ତ୍ତମାନ ଉତ୍କଳରୁ ଲୁପ୍ତ ଜୈନଧର୍ମ ପ୍ରଚାରର ଇତିହାସ ଅତୀତର ଘନ ଅନ୍ଧକାରରେ ଆଚ୍ଛନ୍ନ କିନ୍ତୁ ଜୈନଧର୍ମର ଭାଷାହିଁ (ପାଲି କାଳକ୍ରମେ ନାନା ବିବର୍ତ୍ନ ପରିବର୍ତ୍ନ ଓ ପରିବର୍ଧ୍ନ ମଧ୍ୟରେ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଅଛି ।

# ଦ୍ୱାଦଶ ଅଧ୍ୟାୟ

## ଖାରବେଳଙ୍କ ଗାର୍ହସ୍ଥ୍ୟ ଜୀବନ, ସୈନ୍ୟବଳ ଐଶ୍ୱର୍ଯ୍ୟ, ରାଜ୍ୟଶାସନ ପ୍ରଣାଳୀ, ବ୍ୟକ୍ତିତ୍ୱ ଓ ଭାରତ ଇତିହାସରେ ତାଙ୍କର ସ୍ଥାନ

ଗୃହସ୍ଥାଶ୍ରମ - କଳିଙ୍ଗ ସମ୍ରାଟ ଖାରବେଳଙ୍କ ଗାର୍ହସ୍ଥ୍ୟଜୀବନ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରେ ବିଶେଷ ବର୍ଣ୍ଣନା ନାହିଁ । ସାଧାରଣ ଭାରତୀୟ ନୃପତିମାନଙ୍କ ପରି ସେ ବହୁ ଦାର ପରିଗ୍ରହ କରିଥିଲେ ଓ ନାନାଦେଶର ରାଜକନ୍ୟା ତାଙ୍କ ଅନ୍ତଃପୁରର ଶୋଭାବର୍ଧ୍ନ କରୁଥିଲେ । ଉଦୟଗିରିର ଦ୍ୱର୍ଗପୁରୀ ଗୁମ୍ଫାରେ ଖୋଦିତ ଲେଖରୁ ଜଣାଯାଏ ଯେ, ଉକ୍ତ ଗୁମ୍ଫା ତାଙ୍କର ଅଗ୍ର-ମହିଷୀ ବା ପାଟରାଣୀଙ୍କ ଦ୍ୱାରା ଖୋଦିତ ହୋଇଥିଲା । ସେ ହସ୍ତୀ ପସାହ ବା ହସ୍ତୀ ସିଂହ ନାମକ ଲଲରାଜ୍ୟର ଆଧିପତିଙ୍କ କନ୍ୟା ଥିଲେ । ଲାଲରାଜ୍ୟ ରାଢ଼ (ପଶ୍ଚିମବଙ୍ଗ) ବା ଲାଟ (ଗୁଜୁରାଟ) ସହିତ ଚିହ୍ନିତ ହୋଇପାରେ । ପାଟରାଣୀଙ୍କ ନାମ ଧୂସି ତୋଲି ସ୍ୱର୍ଗୀୟ ଜୟସ୍ୱାଲ ମତ ପ୍ରକାଶ କରିଥିଲେ । 'ଅଗ୍ର ମହିଷୀ' ଶବ୍ଦ ବ୍ୟବହାରରୁ ସ୍ପଷ୍ଟ ଜଣାଯାଏ ଯେ, ତାଙ୍କର ଅନ୍ୟାନ୍ୟ କେତେକ ରାଣୀ ମଧ ଥିଲେ । ସେମାନେଙ୍କର ନାମ ଓ ସେମାନେ କେଉଁ କେଉଁ ଦେଶର ରାଜକନ୍ୟା ତାହା ଜଣାଯାଏ ନାହିଁ । ଉଦୟଗିରିର ମଚପୁରୀ, ଯମପୁରୀ ଓ ଛୋଟ ହାତୀଗୁମ୍ଫାରେ ଥିବା ବ୍ରାହ୍ମୀଲେଖମାନଙ୍କରୁ ତାଙ୍କର ଦୁଇଟି ପୁତ୍ର କନ୍ଦର୍ପଶ୍ରୀ ଓ ବରେଷଶ୍ରୀଙ୍କ ନାମ ମିଳେ । କନ୍ଦର୍ପଶ୍ରୀ ସମ୍ରାଟ୍ ଖାରବେଳଙ୍କ ଦ୍ୱାରା ବ୍ୟବହୃତ ମହରାଜା ମହାମେଘବାହନ, କଳିଙ୍ଗାଧିପତି ପ୍ରଭୃତି ବିରୁଦାବଳୀ ବ୍ୟବହାର କରିଥିବାର ଏବଂ ପାଟରାଣୀଙ୍କ ଲେଖ ତାଙ୍କ ଲେଖ ନିକଟରେ ଅବସ୍ଥିତ ଥିବାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ସେ ପାଟରାଣୀଙ୍କର ଜ୍ୟେଷ୍ଠପୁତ୍ର ଏବଂ ଖାରବେଳଙ୍କ ପରେ ସାମ୍ରାଜ୍ୟର ଉତ୍ରାଧିକାରୀ ହୋଇଥିଲେ । ମାତାଙ୍କ କୀର୍ତ୍ତି ନିକଟରେ ପୁତ୍ରର କୀର୍ତ୍ତି ନିର୍ମାଣ ପ୍ରାଚୀନ ଭାରତର ଗୋଟିଏ ଚିରାଚରିତ ପ୍ରଥା । ତଦନୁଯାୟୀ କନ୍ଦର୍ପଶ୍ରୀ ମାତାଙ୍କ ଗୁମ୍ଫା ନିଟରେ ପରମପୂଜ୍ୟା ଜନନୀଙ୍କ

ପ୍ରତି ଭକ୍ତି ଓ ସ୍ନେହର ନିଦର୍ଶନ ସ୍ୱରୂପ ଗୋଟିଏ ଗୁମ୍ଫା ଖୋଳାଇଥିଲେ । କୁମାର ବଡୁଖ ବା ବରେକ୍ଷଶ୍ରୀଙ୍କ ଦ୍ୱାରା ଖୋଦିତ ଯମପୁରୀ ଗୁମ୍ଫା ମଚପୁରୀ ଗୁମ୍ଫାର ଗୋଟିଏ ଅଂଶ ହୋଇଥିବାରୁ ଓ ଉଭୟ ରାଜକୁମାରଙ୍କ ଲେଖି ପରସ୍ପରଠାରୁ ଅଦୂରରେ ଖୋଦିତ ହୋଇଥିବାରୁ କନ୍ଦର୍ପ ଓ ବରେକ୍ଷ ସହୋଦର ଭ୍ରାତା ଥିବାର ମନେହୁଏ । ଅନ୍ୟାନ୍ୟ ରାଣୀମାନଙ୍କ ଗର୍ଭଜାତ ସନ୍ତାନମାନଙ୍କର ନାମ ଓ ସେମାନଙ୍କର କୀର୍ତିକଳାପ ସମ୍ବନ୍ଧରେ ଲେଖଗୁଡ଼ିକ ନୀରବ । ନିଜର ପୂର୍ବଜନ୍ମର ସୁକୃତ ଓ ଭାଗ୍ୟବଳରୁ ଖାରବେଳଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ଥିଲା ଏବଂ ମୃତ୍ୟୁ ପୂର୍ବରୁ ସେ ଯୁବରାଜ କନ୍ଦର୍ପଶ୍ରୀଙ୍କଠାରେ ବିଶାଳ ସାମ୍ରାଜ୍ୟର ଶାସନଭାର ଅର୍ପଣ କରି ଶାନ୍ତିରେ ପ୍ରାଣ ବିସର୍ଜନ କରିଥିଲେ ।

ସୈନ୍ୟବଳ - ସମଗ୍ର ଭାରତ ବିଜୟ ଓ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଖାରବେଳ ବିରାଟ ସେନାବାହିନୀର ଅଧିକାର ଥିଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ସମଗ୍ର ଦକ୍ଷିଣାପଥର ଅଧିପତି ସାତକର୍ଣ୍ଣୀଙ୍କୁ ନଗର, ଗଜ, ରଥ, ତୁରଙ୍ଗ ସମନ୍ୱିତ ଚତୁରଙ୍ଗ ବଳ ସଙ୍ଗରେ ନେଇ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରିଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ, ତାଙ୍କ ରାଜତ୍ୱ ପୂର୍ବରୁ କଳିଙ୍ଗର ବିରାଟ ସେନାବାହିନୀ ଥିଲା ଓ ତାହା ସାହାଯ୍ୟରେ ସେ ରାଜତ୍ୱର ପ୍ରାରମ୍ଭରେ ଏପରି ଦୁଃସାଧ ଅଭିଯାନରେ ପ୍ରବୃତ୍ ହେବାକୁ ସାହସୀ ହୋଇଥିଲେ । ମେଗାସ୍ଥିନିସ୍‌ଙ୍କ ବିବରଣରୁ ଜଣାଯାଏ ଯେ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ କଳିଙ୍ଗରେ ୬୦ ହଜାର ପଦାତି, ୧୦୦୦ ଅଶ୍ୱ, ୭୦୦ ଯୁଧାଶ୍ୱ ଓ ବହୁସହସ୍ର ହସ୍ତୀ ଥିଲେ । ଏହି ସୈନ୍ୟସଂଖ୍ୟା ଅଶୋକଙ୍କ ସମୟରେ ବୃଧି ଲାଭ କରିଥିଲା, କାରଣ ଭାରତପ୍ରସିଧ୍ କଳିଙ୍ଗଯୁଧ୍‌ରେ କଳିଙ୍ଗର ଦେଢ଼ ଲକ୍ଷ ସୈନ୍ୟ ବନ୍ଦୀ ଓ ଦେଶାନ୍ତରିତ ଏବଂ ପ୍ରାୟ ଏକଲକ୍ଷ ସୈନ୍ୟ ବନ୍ଦୀ ଓ ଦେଶାନ୍ତରିତ ଏବଂ ପ୍ରାୟ ଏକଲକ୍ଷ ସୈନ୍ୟ ରଣଭୂମିରେ ପ୍ରାଣତ୍ୟାଗ କରିଥିଲେ ଏବଂ ବହୁସଂଖ୍ୟକ ସୈନ୍ୟ କ୍ଷତ ବିକ୍ଷତ ଓ ଆହତ ହୋଇଥିଲେ । ଅଶୋକଙ୍କ ସମୟରେ କଳିଙ୍ଗ ରାଜାଙ୍କର ପ୍ରାୟ ପାଚଲକ୍ଷ ସୈନ୍ୟ ଥିବାରୁ ପ୍ରସିଧ୍ ଐତିହାସିକ ରାଧାକୁମୁଦ ମୁଖର୍ଜୀ ସ୍ଥିର କରିଛନ୍ତି । ଅଶୋକଙ୍କ ସମୟରେ ରାଧାକୁମୁଦ ମୁଖର୍ଜୀ ସ୍ଥିର କରିଛନ୍ତି । ଅଶୋକଙ୍କ ସମୟରେ ସେମାନେ କେବଳ ରାଜ୍ୟରକ୍ଷା କାର୍ଯ୍ୟରେ ବ୍ୟାପୃତ ଥିଲେ । କିନ୍ତୁ ଖାରବେଳଙ୍କ ରାଜତ୍ୱରେ କଳିଙ୍ଗ ସୈନ୍ୟମାନେ ରାଜ୍ୟରକ୍ଷା ଓ ସମଗ୍ର ଭାରତ ବିଜୟରେ ନିୟୋଜିତ ହୋଇଥିଲେ । ତାହାହେଲେ ଖାରବେଳଙ୍କ ସୈନ୍ୟସଂଖ୍ୟା ଅଶୋକଙ୍କ ସମୟର ସୈନ୍ୟସଂଖ୍ୟା ଅର୍ଥାତ୍ ୫ ଲକ୍ଷ ଅପେକ୍ଷା ନିଶ୍ଚୟ ଅଧିକ ଥିଲା । ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ନବଗଠିତ ସାମ୍ରାଜ୍ୟରେ ନିଜର ଆଧିପତ୍ୟ ଅକ୍ଷୁର୍ଣ୍ଣ ରଖିବାପାଇଁ ପ୍ରାୟ ଛଅ ଲକ୍ଷ ସୈନ୍ୟ ରଖିଥିଲେ । ଭାରତବିଜୟୀ ଖାରବେଳଙ୍କ ସାମ୍ରାଜ୍ୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟଠାରୁ ଆକାରରେ ବରଂ ବୃହତ୍ର ଥିଲା । କାରଣ ସମଗ୍ର ଦାକ୍ଷିଣାତ୍ୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିବାର କୌଣସି ବିଶ୍ୱାସ ଯୋଗ୍ୟ ପ୍ରମାଣ ମିଳିନାହିଁ । କିନ୍ତୁ ଖାରବେଳ ଅକୁମାରୀ ବିସ୍ତୃତ ସମଗ୍ର ଦକ୍ଷିଣାପଥରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ତେଣୁ ତାଙ୍କର ପ୍ରାୟ ଛଅ ଲକ୍ଷ ବା ତତୋଧିକ ସୈନ୍ୟ ଥିବା ସମ୍ପୂର୍ଣ୍ଣ ସମ୍ଭବପର । ତେଣୁ ହାତୀଗୁମ୍ଫା ଲେଖ ବ୍ୟବହୃତ "ଅପ୍ରତିହତ-ଚକ୍ର (ସେନା) ବାହନ-ବଳ' ଶବ୍ଦ ତାଙ୍କଠାରେ ସର୍ବାଦୌ ପ୍ରଯୁଜ୍ୟ ।

କଳିଙ୍ଗ ସେନା ନିଜର ବୀରତ୍ୱ, ସାହସ, ଧୈର୍ଯ୍ୟ ରଣ ନୈପୁଣ୍ୟ ଯୋଗୁ ସମଗ୍ର ଭାରତରେ ଅଜେୟ ବୋଲି ଖ୍ୟାତିଲାଭ କରିଥିଲା । ବିଶ୍ୱବିଜୟୀ ନେପୋଲିୟନଙ୍କ ପରି ସମ୍ରାଟ୍ ଖାରବେଳ ସୈନ୍ୟମାନଙ୍କୁ ଜାତୀୟ ଭାବରେ ଉଦ୍‌ବୁଧ୍ କରୁଥିଲେ ଏବଂ ବିଜୟର ଗୌରବମୟ ଚିତ୍ର ଓ କଳିଙ୍ଗର ଉଜ୍ୱଳ ଭବିଷ୍ୟତର ଆଲେଖ୍ୟ ସେମାନଙ୍କ ମାନସପଟରେ ଅଙ୍କନ କରି ସେମାନଙ୍କ ମାତୃଭୂମିର ମଙ୍ଗଳପାଇଁ ନିଜର ଜୀବନ ଓ ଧନ ଅକାତରରେ

ଉତ୍ସର୍ଗ କରିବାକୁ ପ୍ରଚୋଦିତ ଓ ଉତ୍ସାହିତ କରୁଥିଲେ । ଏହା ଫଳରେ କଳିଙ୍ଗ ସୈନ୍ୟଗଣ ସର୍ବଦା ଯୁଧ୍‌ପାଇଁ ପ୍ରସ୍ତୁତ ଥିଲେ ଏବଂ ରାଜାଦେଶ ମାତ୍ରେ ଶତ ଶତ ସୈନିକ ରଣାଙ୍ଗନକୁ ଅମ୍ଳାନବଦନରେ ଲମ୍ଫ ପ୍ରଦାନ କରୁଥିଲେ ।

ଐଶ୍ୱର୍ଯ୍ୟ - ପୃଥିବୀପ୍ରସିଧ୍ ତାଜମହଲ ଓ ମୋତିମସ୍‌ଜିଦର ନିର୍ମାତା ବିଳାସୀ ଶିରୋମଣି ମୋଗଲ ସମ୍ରାଟ ସାହଜାନଙ୍କ ପରି ଖାରବେଳଙ୍କ ରାଜକୋଷ ଅପରିମିତ ଧନରତ୍ନରେ ପୂର୍ଣ୍ଣ ଥିଲା । ତାଙ୍କ ପୂର୍ବରୁ କଳିଙ୍ଗ ରାଜକୋଷରେ ବିପୁଳ ଧନରତ୍ନ ସଚିତ ହୋଇଥିଲା । ବ୍ରହ୍ମ, ଶ୍ୟାମ ପ୍ରଭୃତି ସାଗର ପାରବର୍ତ୍ତୀ ଦୂରଦେଶ ଏବଂ ଯବ, ସୁମାତ୍ରା ଓ ସିଂହଳ ପ୍ରଭୃତି ଦ୍ୱୀପମାନଙ୍କରେ ବାଣିଜ୍ୟ ବ୍ୟବସାୟ ଫଳରେ ସେ ଯୁଗରେ କଳିଙ୍ଗକୁ ଧନସ୍ରୋତ ପ୍ରବାହିତ ହେଉଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଧନୀ ବ୍ୟବସାୟୀମାନେ ଦୁର୍ଲ୍ଲଭ ମଣି ମୁକ୍ତା ପ୍ରବାଳାଦି ରତ୍ନମାନ ଅଚଳା ଭକ୍ତିର ନିଦର୍ଶନ ସ୍ୱରୂପ ରାଜାଙ୍କୁ ପବିତ୍ର ଦିବସମାନଙ୍କରେ ଉପହାର ଦେଇ ରାଜକୋଷ ବୃଧି କରୁଥିଲେ । ବିଶାଳ ସାମ୍ରାଜ୍ୟରୁ କର, ଶୁଳ୍କକ ଓ ପଣ ପ୍ରଭୃତି ଦ୍ୱାରା ବିପୁଳ ଅର୍ଥ ସଂଗୃହୀତ ହେଉଥିଲା । ବାରମ୍ବାର ଯୁଧ୍‌ଯାତ୍ରା କରି ସେ ପରାଭୂତ ଓ ପଦାନତ ନୃପତିମାନଙ୍କଠାରୁ ନାନାବିଧ ଧନରତ୍ନ, ମୁଲ୍ୟମାନ, ପରିଚ୍ଛଦ ଏବଂ ମୁକ୍ତିପଣ ସ୍ୱରୂପ ବିପୁଳ ଅର୍ଥ ଗ୍ରହଣ କରି ନିଜ ରାଜକୋଷର ଶ୍ରୀବୃଧି ସାଧନ କରୁଥିଲେ । ସାମନ୍ତ ପାଣ୍ଡ୍ୟରାଜା, ବାସୁକୀ (ନାଗବଂଶୀୟ ରାଜା) ଓ ବିଦ୍ୟାଧରମାନେ ସମୟ ସମୟରେ ତାଙ୍କୁ ବହୁ ଧନରତ୍ନ ଉପହାର ଦେଇଥିଲେ । ଏହିପରି ବହୁ ଉପହାର ଦ୍ୱାରା ଧନରତ୍ନ ସଂଗ୍ରହ କରି ସେ କଳିଙ୍ଗ ରାଜଭଣ୍ଡାର ପୂର୍ଣ୍ଣ କରିଥିଲେ । ଚାରୁକଳାଶୋଭିତ ଦୁର୍ଲ୍ଲଭ ଦୁମୂଲ୍ୟ ଆଭରଣ ଓ ପରିଚ୍ଛଦମାନେ ଭଣ୍ଡାରରେ ସହସ୍ର ସହସ୍ର ସଂଖ୍ୟାରେ ସଂରକ୍ଷିତ ଥିଲା । ରାଜଧାନୀ ଓ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ବିଶାଳ ଶସ୍ୟାଗାରମାନ ପ୍ରତିଷ୍ଠିତ ହୋଇଥିଲା । ତାଙ୍କ ଭଣ୍ଡାରରେ ହୀରା, ନୀଳା, ମଣି, ମୁକ୍ତା, ବୈଦୂର୍ଯ୍ୟ ପ୍ରବାଳ ପ୍ରଭୃତି ମୂଲ୍ୟବାନ ରତ୍ନମାନ ଓ କୋଟି କୋଟି ମୁଦ୍ରା ସଚିତ ହୋଇଥିଲା । ତାଙ୍କ ଦ୍ୱାରା ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟରେ ବୈଦୁର୍ଯ୍ୟମଣ୍ଡିତ ବିଶାଳ "ମହାବିଜୟପ୍ରାସାଦ' ଏବଂ ରାଜତ୍ୱର ଶେଷ ବର୍ଷରେ ପ୍ରାୟ ଷାଠିଏ ଲକ୍ଷ ମୁଦ୍ରା ବ୍ୟୟରେ ଉଦୟଗିରି ନିକଟରେ ବୈଦୁର୍ଯ୍ୟଖଚିତ ଚୈତ୍ୟଗୃହ ପ୍ରଭୃତିର ନିର୍ମାଣ ତାଙ୍କର ବିପୁଳ ବିଭବର ପରିଚୟ ଦିଏ । ବିବିଧ କାରୁକାର୍ଯ୍ୟଖଚିତ, ନନାଭରଣଭୂଷିତ, ନାନାରତ୍ନବିମଣ୍ଡିତ ଉକ୍ତ ପ୍ରାସାଦଯୁଗଳ କାଳସ୍ରୋତରେ ଭୀଷଣ ପ୍ରବାହରେ ଧ୍ୱଂସ ପାଇଛି ସତ୍ୟ, କିନ୍ତୁ ଏ ଦୁଇଟି ହର୍ମ୍ୟ ସେ ଯୁଗର ପ୍ରାସାଦଗୋଷ୍ଠୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବ, ଏଥିରେ ସନ୍ଦେହ ନାହିଁ । ସେ ମୌର୍ଯ୍ୟସମ୍ରାଟ୍ ଚନ୍ଦ୍ରଗୁପ୍ତଙ୍କ ତୁଲ୍ୟ ପ୍ରାୟ ୬ଲକ୍ଷ ସୈନ୍ୟ, ଅସଂଖ୍ୟ କର୍ମଚାରୀ ଓ ଭୃତ୍ୟଙ୍କୁ ଗ୍ରାସାଚ୍ଛଦନ ପ୍ରଦାନ କରି ଚିରସ୍ଥାୟୀ ଭାବରେ ପ୍ରତିପୋଷଣ ଏବଂ ଯୁଧୋପଯୋଗୀ ତଥା ଭାରବାହୀ ହସ୍ତୀ, ଅଶ୍ୱ, ମହିଷ, ବଳିବର୍ଦ୍ଧ, ଗର୍ଦ୍ଦଭ, ଉଷ୍ଟ୍ର ପ୍ରଭୃତି ପଶୁ ସହସ୍ର ସଂଖ୍ୟାରେ ପ୍ରତିପାଳିତ କରିବାକୁ ସମର୍ଥ ହୋଇଥିଲେ । ରାଜକୋଷରେ ଅକଳନ ଥିବାରୁ ସେ ରାଜ୍ୟାଭିଷେକ ପରେ ବହୁଲକ୍ଷ ମୁଦ୍ରା ବ୍ୟୟ କରି କଳିଙ୍ଗ ନଗରସ୍ଥ ପ୍ରାଚୀନ କୀର୍ତ୍ତିମାନଙ୍କର ଜୀର୍ଣ୍ଣସଂସ୍କାର କରିଥିଲେ । ସେ ରାଜତ୍ୱର ୫ ବର୍ଷରେ ସ୍ୱୀୟ ରାଜଧାନୀକୁ ପ୍ରଣାଳୀ ଖୋଦନ କାର୍ଯ୍ୟରେ ଏକଲକ୍ଷ, ସପ୍ତମ ବର୍ଷରେ ଉତ୍ସବ ସମାଜ ଇତ୍ୟାତଦି କାର୍ଯ୍ୟରେ ବହୁଲକ୍ଷ, ପିତୃପୁରୁଷମାନଙ୍କର ଶ୍ରାଧ୍ ଓ ଯଶଃ ସଂସ୍କାରକାର୍ଯ୍ୟରେ ଏକଲକ୍ଷ, ରାଜତ୍ୱର ଶେଷ ବର୍ଷରେ ଉଦୟଗିରିରେ ୧୧୭ଟି ଗୁମ୍ଫା ଖୋଦନକାର୍ଯ୍ୟରେ ବହୁ ଲକ୍ଷ ଏବଂ ରାଜତ୍ୱର ଦ୍ୱିତୀୟ, ଚତୁର୍ଥ, ଅଷ୍ଟମ ଓ ଦ୍ୱାଦଶ ବର୍ଷରେ ଯୁଧାଭିଯାନରେ ଲକ୍ଷଲକ୍ଷ ମୁଦ୍ରା ଅକୁଣ୍ଠିତଚିତ୍ତରେ ବ୍ୟୟ କରିବାକୁ ସମର୍ଥ ହୋଇଥିଷଳ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଅପ୍ରକାଶିତ ଶତ ଶତ ପ୍ରଜାହିତକର କାର୍ଯ୍ୟରେ ସେ ଯେ ଅକାତରରେ ଲକ୍ଷ ଲକ୍ଷ ମୁଦ୍ରା ବ୍ୟୟ କରିଥିବେ, ଏଥିରେ ସନ୍ଦେହ ନାହିଁ । ଏ ସକଳ କାର୍ଯ୍ୟକଳାପ ତାଙ୍କର ବିପୁଳ ଐଶ୍ୱର୍ଯ୍ୟ, ଅସାଧାରଣ ଦାନଶୀଳତା ଓ ପ୍ରଜାବାତ୍ସଲ୍ୟର ସ୍ପଷ୍ଟ ପ୍ରମାଣ ନିଜର । ମହନୀୟ ଅକ୍ଷୟ କୀର୍ତ୍ତିକଳାପ ଓ ଅସାଧାରଣ ଦେଶପ୍ରାଣତା ଯୋଗୁଁ ସେ ଭାରତ ତଥା ପୃଥିବୀର

ପ୍ରସିଧ୍ ସମ୍ରାଟମାନଙ୍କ ସହିତ ସମକକ୍ଷ ଓ ସମାସୀନ ବୋଲି ବିବେଚିତ ହୁଅନ୍ତି ।

**ରାଜ୍ୟଶାସନ ପ୍ରଣାଳୀ –** ଖାରବେଳ ଓ ରାଜ୍ୟଶାସନ ସମ୍ବନ୍ଧରେ କଳିଙ୍ଗର ପୂର୍ବ ରାଜାମାନଙ୍କର ପଦାଙ୍କ ଅନୁସରଣ କରୁଥିଲେ ଓ ପୂର୍ବ ପ୍ରଚଳିତ ଶାସନ ପ୍ରଣାଳୀକୁ ଅକ୍ଷୁର୍ଣ୍ଣ ରଖିଥିଲେ । ତାଙ୍କ ଶାସନପ୍ରଣାଳୀ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରୁ କୌଣସି ସ୍ପଷ୍ଟ ସୂଚନା ନ ମିଳିଲେ ମଧ ଏହା ଯେ ମୁଖ୍ୟତଃ ରାଜତନ୍ତ୍ର ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଭାରତର ପ୍ରାଚୀନ ରାଜାଦର୍ଶ ଅନୁଶରଣଦ୍ୱାରା ପ୍ରାଜାବର୍ଗଙ୍କ ହିତସାଧନ ତାଙ୍କଶାସନର ମୂଳମନ୍ତ୍ର ଥିଲା । ସେଥିପାଇଁ ସେ ପ୍ରଜାମାନଙ୍କୁ କରପୀଡା ନଦେଇ କୃଷି, ଶିଳ୍ପ,ବାଣିଜ୍ୟର ଉନ୍ନତି ସାଧନ ; ସ୍ୱଦେଶକୁ ବୈଦେଶିକ ଆକ୍ରମଣ , ଅନ୍ତର୍ବିବାଦ ଓ ଅରାଜକତାରୁ ରକ୍ଷା,ଶାନ୍ତି,ଶୃଙ୍ଖଳା ଓ ନ୍ୟାୟର ପ୍ରତିଷ୍ଠା ଏବଂ ନାନାବିଧ ହିତକର କୀର୍ତିକଳାପ ସ୍ଥାପନ କରିଥିଲେ ।

ଧର୍ମନୀତି – ଧର୍ମ ସମ୍ବନ୍ଧରେ ସେ ଉଦାର ନୀତି ଅବଲମ୍ବନ କରିଥିଲେ । ସେ ଓ ତାଙ୍କର ପୂର୍ବପୁରୁଷ ଏବଂ ପରିବାରର ଅନ୍ୟାନ୍ୟମାନେ ସମସ୍ତେ ଜୈନଧର୍ମାବଲମ୍ବୀ ଥିଲେ । କିନ୍ତୁ ସମ୍ରାଟ ଅଶୋକ ବୈଦ୍ଧଧର୍ମର ଉନ୍ନତିପାଇଁ ଯେପରି ମନପ୍ରାଣ ଢାଳି ଦେଇଥିଲେ, ସେ ନିଜର କୁଳଚରିତ ଜୈନଧର୍ମର ପ୍ରସାର ପାଇଁ ସେପରି କରି ନଥିଲେ । ଅଶୋକଙ୍କ ପିତୃପିତାମହ ଓ ସେ ନିଜେ ପ୍ରଥମ ଜୀବନରେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ଥିଲେ, କିନ୍ତୁ ବୌଧ୍ ଧର୍ମ ଗ୍ରହଣ କରି ସେ ନବଦୀକ୍ଷିତ ସୁଲଭ ଅପୂର୍ବ ଉତ୍ସାହ, ପ୍ରଗାଢ଼ ଧର୍ମନିଷ୍ଠା ଓ ଅସାଧାରଣ ଧର୍ମପ୍ରାଣତା ପ୍ରକାଶ କରିଥିଲେ । ରାଜ୍ୟଲିପ୍ସୁ ସାମ୍ରାଜ୍ୟ ପ୍ରତିଷ୍ଠାବ୍ରତ ସ୍ୱଦେଶପ୍ରାଣ ସମ୍ରାଟ୍ ଖାରବେଳଙ୍କ ଜୀବନରେ ପ୍ରଗାଢ଼ ଧର୍ମନିଷ୍ଠା ବା ସ୍ୱଧର୍ମ ପ୍ରଚାର ପାଇଁ ଅଦମ୍ୟ ଉତ୍ସାହ ଦେଖାଯାଏ ନାହିଁ । ସେ ଜୈନ ଥିଲେ ମଧ ସେ ଯୁଗର ଅନ୍ୟାନ୍ୟ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ରାଜାମାନଙ୍କ ପରି ବାଲ୍ୟ ଯୌବନର ଶିକ୍ଷା ସମାପ୍ତ କରିଥିଲେ । ତାଙ୍କର ରାଜ୍ୟାଭିଷେକ ବୈଦିକ ବିଧିବିଧାନାନୁଯାୟୀ ସମ୍ପନ୍ନ ହୋଇଥିଲା । ସେ ପ୍ରାଚୀନ ସ୍ମୃତିସମ୍ମତପ୍ରଣାଳୀରେ ରାଜ୍ୟଶାସନ କରୁଥିଲେ । ଜୈନ ହୋଇ ମଧ ସେ ପ୍ରଜାରଞ୍ଜନ ପାଇଁ ଜୈନ ଧର୍ମଶାସ୍ତ୍ର ନିଷିଧ୍ ସମାଜ, ଉତ୍ସବ, ନୃତ୍ୟ, ଗୀତ, ଦର୍ପ, ଇତ୍ୟାଦିର ଅମ୍ଲାନ ବଦନରେ ଯୋଗଦାନ କରୁଥିଲେ । ସେ ଧର୍ମବିଜୟ ବା ଧର୍ମଘୋଷ ପରିବର୍ତ୍ରେ ଭେରୀଘୋଷର ପକ୍ଷପାତୀ ଥିଲେ । ଜୈନଧର୍ମର ପ୍ରଧାନ ନୀତି ଅହିଂସାଦ୍ୱାରା ପ୍ରଣୋଦିତ ହୋଇ ଯୁଧ୍ ଓ ନରହତ୍ୟାରୁ ନିବୃତ୍ ହୋଇନଥିଲେ । ପରନ୍ତୁ ନିଜର ସମଗ୍ର ଜୀବନ ଯୁଧ୍ ଓ ରାଜ୍ୟଜୟରେ କଟାଇଥିଲେ । ସେ ଜୈନଧର୍ମର ଉନ୍ନତି ଓ ପ୍ରସାର ପାଇଁ ନାନାବିଧ କୀର୍ତ୍ ପ୍ରତିଷ୍ଠା କରିଥିଲେ ସତ, କିନ୍ତୁ ଅନ୍ୟାନ୍ୟ ଧର୍ମପ୍ରତି ତାଙ୍କର ଯଥେଷ୍ଟ ଶ୍ରଧା ଓ ଭକ୍ତି ମଧ ଥିଲା । ନିଜ ଲେଖରେ ସେ 'ସର୍ବ ପାଷଣ୍ଡ-ପୂଜକ' ଓ 'ସର୍ବ-ଦେବାୟତନ ସଂସ୍କାରକାରକ' ପ୍ରଭୃତି ଉପାଧିରେ ମଣ୍ଡିତ ହେବାକୁ ଗର୍ବ ଅନୁଭବ କରୁଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ସକଳ ଧର୍ମାବଲମ୍ବୀ ସମାନଭାବରେ ତାଙ୍କର ସ୍ନେହ, ଶ୍ରଧା ଓ ଅନୁଗ୍ରହ ଲାଭ କରୁଥିଲେ । ପ୍ରାଚୀନ ଭଗ୍ନ ହିନ୍ଦୁ ମନ୍ଦିରମାନଙ୍କର ସଂସ୍କାର କାର୍ଯ୍ୟକୁ ସେ ପବିତ୍ର ବୋଲି ମନେ କରୁଥିଲେ । ମଥୁରା ବିଜୟ ସମୟରେ ସେ ବ୍ରାହ୍ମଣମାନଙ୍କୁ ଭୂରିଭୋଜନ ଓ ବିପୁଳ ଅର୍ଥ ଦାନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ସାର୍ବଜନୀନ ମୈତ୍ରୀଭାବ ଓ ଧର୍ମ ସମ୍ବନ୍ଧରେ ସାମ୍ୟ ଓ ଉଦାର ନୀତି ଅବଲମ୍ବନରେ ସେ ମୌର୍ଯ୍ୟ ସମ୍ରାଟ୍ ଅଶୋକଙ୍କର ସମକକ୍ଷ ଥିଲେ । ଏହି ଉଦାର ନୀତି ଓ ମହାନୁଭବତା ଯୋଗୁଁ ସେ କଳିଙ୍ଗବାସୀ ସକଳ ସମ୍ପ୍ରଦାୟର ଶ୍ରଧା ଓ ପ୍ରୀତି ଆକର୍ଷଣ କରିଥିଲେ ।

ବ୍ୟକ୍ତିତ୍ୱ – ଖାରବେଳ ଜଣେ ଜାତୀୟ ଭାବପନ୍ନ ଆଦର୍ଶ ସମ୍ରାଟ୍ ଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଦେଶପ୍ରାଣତା ଓ ଦ୍ୱଦେଶବାତ୍ସଲ୍ୟ ପ୍ରକାଶିତ ହୋଇଥିଲା । ନିଜର ବଂଶ, ରାଜ୍ୟ ଓ ପ୍ରଜାବର୍ଗରେ ଗୌରବ ଓ ଖ୍ୟାତି ବୃଧି ତାଙ୍କ ଜୀବନର ପ୍ରଧାନ ବ୍ରତ ଥିଲା । ସେଥିପାଇଁ ସେ ହାତୀଗୁମ୍ଫା ଲେଖରେ ବାରମ୍ବାର ନିଜର

ବଂଶ, ରାଜ୍ୟ, ରାଜଧାନୀ ଓ ପ୍ରଜାବର୍ଗଙ୍କ ବିଷୟ ଉଲ୍ଲେଖ କରିଛନ୍ତି । ଏ ବିଷୟରେ ସେ ସ୍ୱନାମଧନ୍ୟ ସମ୍ରାଟ୍ ଅଶୋକଙ୍କଠାରୁ ପୃଥକ୍ ଥିଲେ ଅଶୋକ ନିଜର କାର୍ଯ୍ୟକଳାପ ନିମିତ୍ ସମଗ୍ର ଜଗତରେ ଖ୍ୟାତିଲାଭ କରିଥିଲେ ସତ୍ୟ, କିନ୍ତୁ ସେ ମୌର୍ଯ୍ୟବଂଶ ଓ ବିଶାଳ ମଗଧ ସାମ୍ରାଜ୍ୟ ଯୋଗୁଁ ଗର୍ବ ଓ ଆନନ୍ଦ ଅନୁଭବ କରୁ ନଥିଲେ । ତାଙ୍କର ଶତ ଶତ ଲେଖ ଆବିଷ୍କୃତ ହୋଇଥିଲେ ମଧ କୁତ୍ରାପି ମୌର୍ଯ୍ୟବଂଶର ନାମ ମିଳେ ନାହିଁ । ରାଜପରିବାର ସମ୍ବନ୍ଧରେ ସେଗୁଡ଼ିକ ନୀରବ । ଆନ୍ଧ୍ର ରାଜ୍ୟ ଅନ୍ତର୍ଗତ ମାକ୍ଷରୁ ପ୍ରାପ୍ତ ଶିଳାଲେଖ ବ୍ୟତୀତ ତାଙ୍କର ତଥା ତାଙ୍କ ପରିବାର ଶତ ଶାତ ଲେଖରେ ଅଶୋକଙ୍କ ନାମ ସୁଧ୍ା ମିଳେ ନାହିଁ । କେବଳ ବରହୁତ ସ୍ତୂପରେ ଥିବା ଗୋଟିଏ ଲେଖରେ ସେ ନିଜକୁ ମଗଧରାଜା ବୋଲି ଅଭିହିତ କରିଅଛନ୍ତି । 'ଦେବପ୍ରିୟ ପ୍ରିୟଦର୍ଶୀ' ଅଶୋକ ରାଜା ହୋଇ ମଧ ଜଣେ ଧର୍ମପ୍ରଚାରକ ଓ ଧର୍ମସଂସ୍କାରକ ମହାପୁରୁଷ ହେବାପାଇଁ ଚେଷ୍ଟା କରିଥିଲେ । ମହାମାନବ ଗୌତମ ବୁଧ୍ଙ୍କର ପବିତ୍ର ଧର୍ମପ୍ରଚାର ତାଙ୍କ ଜୀବନର ପ୍ରଦାନ ଲକ୍ଷ୍ୟ ଥିଲା, ତେଣୁ ସେ ନିଜତ୍ୱକୁ ଲୋପ କରି ଏହି ପବିତ୍ର କାର୍ଯ୍ୟରେ ମନ, ପ୍ରାଣ ଓ ଧନ ଉତ୍ସର୍ଗ କରିଥିଲେ । ଅଶୋକଙ୍କ ମହାମାନବସୁଲଭ ବ୍ୟକ୍ତିତ୍ୱ ବିରାଟ, ପବିତ୍ର ଓ ମହୀୟାନ୍ ହେଲେ ମଧ ଖାରବେଳ ନିଜର ମହନୀୟ ଅକ୍ଷୟ କୀର୍ତ୍ତିକଳାପ ଓ ଅସାଧାରାଣ ଦେଶପ୍ରାଣର ଯୋଗୁଁ ଭାରତ ତଥା ପୃଥ୍ୱୀବୀର ପ୍ରସିଧ୍ ସମ୍ରାଟ୍ ମାନଙ୍କ ସହିତ ସମକକ୍ଷ ଓ ସମସୀନ ବୋଲି ବିବେଚିତ ହୁଅନ୍ତି ।

ଭାରତ ଇତିହାସରେ ଖାରବେଳଙ୍କ ସ୍ଥାନ - ଖାରବେଳ ନିଜର ନାନାବିଧ ସଦ୍‌ଗୁଣ, ଲୋକହିତକର କାର୍ଯ୍ୟକଳାପ ଓ ବିଶାଳ ସାମ୍ରାଜ୍ୟର ପ୍ରତିଷ୍ଠା ନିମିତ୍ ପ୍ରାଚୀନ ଭାରତ ଇତିହାସରେ ଗୋଟିଏ ଉଚ୍ଚତମ ସ୍ଥାନ ଅଧିକାର କରିବା ପାଇଁ ସର୍ବଥା ଯୋଗ୍ୟ । ମହୋଦାର ଧର୍ମସାମ୍ୟ, ସାର୍ବଜୀନ ମୈତ୍ରୀଭାବ ଓ ମହାନୁଭବତା ବିଷୟରେ ପୁଣ୍ୟଶ୍ଳୋକ ବୌଧ୍ ସମ୍ରାଟ୍ ଅଶୋକ ଏବଂ ବିଶାଳ ସାମ୍ରାଜ୍ୟର ପତିଷ୍ଠାତାରୂପେ ମୌର୍ଯ୍ୟ ଚନ୍ଦ୍ରଗୁପ୍ତ ଓ ଗୁପ୍ତବଂଶାବତଂସ ଭାରତବିଜୟୀ ସମୁଦ୍ରଗୁପ୍ତଙ୍କଠାରୁ ସେ କୌଣସି ପ୍ରକାର ନ୍ୟୁନ ନୁହଁନ୍ତି । ତାଙ୍କର ଦେଶପ୍ରାଣତା ପ୍ରାଚୀନ ଭାରତର ଅନ୍ୟାନ୍ୟ ପ୍ରସିଧ୍ ନରପତିମାନଙ୍କଠାରେ କ୍ୱଚିତ୍ ଦେଖାଯାଏ ।

ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ମଧ ଗୋଟିଏ ଅଦ୍ୱିତୀୟ ଜୀବନ୍ତ ବୃତ୍‌ାନ୍ତ । ଅଶୋକ, ସମୁଦ୍ରଗୁପ୍ତ ପ୍ରଭୃତି ପ୍ରସିଧ୍ ନୃପତିମାନଙ୍କ ପ୍ରଶସ୍ତିରେ ସ୍ୱ ସ୍ୱ ଜୀବନର ଘଟଣାବଳୀର ଧାରାବାହିକତା ଓ ପୌର୍ବାଯୌର୍ଯ୍ୟ ପ୍ରତି

ଆଦୌ ଦୃଷ୍ଟି ଦିଆଯାଇନାହିଁ, କିନ୍ତୁ ଖାରବେଳ ନିଜ ଜୀବନର ପ୍ରସିଧ୍ ଘଟଣାବଳୀ ସମୟାନୁକ୍ରମରେ ତଥା ଧାରାବାହିକ ଭାବରେ ଲିପିବଧ୍ କରି ସମଗ୍ର ଭାରତ ସମ୍ମୁଖରେ ଗୋଟିଏ ଉଚ୍ଚ ଆଦର୍ଶ ଉପସ୍ଥାପିତ କରିଛନ୍ତି । ଅନ୍ୟାନ ପ୍ରାଚୀନ ନରପତିମାନଙ୍କ ଦ୍ୱାରା ଉକ୍ତ ଆଦର୍ଶ ଅନୁସୃତ ହୋଇଥିଲେ ଆଜି ଭାରତର ଧାରାବାହିକ ଇତିହାସ ସଙ୍କଳନ ସହଜ ଓ ସୁଗମ ହୋଇଥାନ୍ତା ଏବଂ ଉଜ୍ଜ୍ୱଳ ଆଲୋକପାତ ଦ୍ୱାରା ପ୍ରାଚୀନ ଭାରତ ଇତିହାସରେ ନାନାସ୍ଥାନରେ ପୁଞ୍ଜୀଭୂତ ଅନ୍ଧକାରରାଶି ଦୂରୀଭୂତ ହୋଇ ସମଗ୍ର ଜାତିର ବିରାଟ ମହୀୟାନ୍ ଇତିବୃତ୍ ଦେଦୀପ୍ୟମାନ ହେଉଥାନ୍ତା । କଳିଙ୍ଗର ପ୍ରାଚୀନ ଇତିହାସ ରୂପ ଅନ୍ଧାକାରାଚ୍ଛନ୍ନ ଗଗନପଟରେ ସମ୍ରାଟ ଖାରବେଳ ନବୋଦିତ ଦୀନମଣି ତୁଲ୍ୟ ନିଜର କନ-କିରଣ ବିସ୍ତାର କରି ସ୍ୱୀୟ ଜନ୍ମଭୂମି ତଥ୍ୟ ପୂଣ୍ୟଭୂମି ଭାରତବର୍ଷର ମୁଖ ଉଜ୍ଜ୍ୱଳ କରିଥିଲେ ।

# ପରିଶିଷ୍ଟ

## (୧) ଶିଶୁପାଳ ଦୁର୍ଗରୁ ମିଳିଥିବା ପ୍ରାଚୀନ ସିଲ୍ ମୋହର ଓ ଲେଖ

ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ୧୯୪୮ ଏପ୍ରିଲ୍ ଜୁନ୍‌ମାସ ମଧରେ ଶିଶୁପାଳଗଡ଼ରେ ପ୍ରାତ୍ନତାତ୍ୱିକ ଭୂଖୋଦନ କାର୍ଯ୍ୟ ପରିଚାଳିତ ହୋଇଥିଲା । ଏହି ଭୂଖୋଦନ ସମୟରେ ଭୂଗର୍ଭର ବିଭିନ୍ନ ସ୍ତରରୁ ମିଳିଥିବା ପ୍ରାଚୀନ ମୁଦ୍ରା, ମୋହର ଓ ବିଭିନ୍ନ ରଙ୍ଗର ମୃଣ୍ମୟ ପାତ୍ର ଖଣ୍ଡମାନ ପରୀକ୍ଷା ଦ୍ୱାରା ଉକ୍ତ ଦୁର୍ଗ ଖ୍ରୀ.ପୂ. ୩୦୦ ଅବ୍ଦ ଠାରୁ ୩୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅତ୍ୟନ୍ତ ସମୃଧିଶାଳୀ ଅବସ୍ଥାରେ ଥିବା ସ୍ଥିର କରାଯାଇଥିଲା । ଚତୁର୍ଥ ଶତାବ୍ଦୀର ପରବର୍ତ୍ତୀ କାଳରେ ଏକ ସୁଦୃଢ଼ ସେନାନିବାସ ଭାବରେ ଏହାର ଅସ୍ତିତ୍ୱ ଓ ସମୃଧି ଅକ୍ଷୁର୍ଣ୍ଣ ଥିବା ଏଠାରୁ ଆବିଷ୍କୃତ କେତେକ ପ୍ରାଚୀନ ସିଲ୍, ପ୍ରସିଧ୍ ଗଙ୍ଗାଦର୍ମାୟ୍ ଗଙ୍ଗେଶ୍ୱରଦେବଙ୍କ ଖଣ୍ଡିତ ଶିଳାଲେଖ ଓ ଏକ ବୀ ସ୍ମାରକ ସ୍ତମ୍ଭଲେଖ ଦ୍ୱାରା ପ୍ରମାଣିତ ହେଲାଣି । ଉକ୍ତ ବୀର ସ୍ମାରକ ସ୍ତମ୍ଭଟି ମୁଁ ୧୯୩୪ ମସିହାରେ ତତ୍କାଳୀନ ଖୁରାଧା ଏସ୍.ଡ଼ି.ଓ. ସ୍ୱର୍ଗତଃ ରାୟବାହାଦୁର ରାଧାରଚଣ ଦାସଙ୍କ ଉତ୍ସାହ ଓ ସହାୟତାରେ ବିଲ ମଧରୁ ଖୋଳାଇ ତତ୍କାଳୀନ ରେଭେନ୍‌ସା କଲେଜ ମିଉଜିୟମର ସଂଗଠକ ସ୍ୱର୍ଗତଃ ଅଧାପକ ନିର୍ମଳଚନ୍ଦ୍ର ବାନାର୍ଜୀଙ୍କ ନିକଟକୁ ପଠାଇଥିଲି । ଏହା ଅଦ୍ୟାପି ରେଭେନ୍‌ସା କଲେ ପ୍ରଧାନ ଫାଟକ ଠାରୁ ଅଫିସ୍ ହଲ୍‌କୁ ଯାଇଥିବା ରାସ୍ତା କରରେ ମାଟିରେ ପୋତାହୋଇ ରହିଛି । ଏହି ସ୍ତମ୍ଭ କୁଟିଳାକ୍ଷରରେ ଖୋଦିତ ୪ ଧାଡ଼ିର ଗୋଟିଏ ଓଡ଼ିଆ ଲେଖ ଦେଖାଯାଏ ।

୧ମ ଧାଡ଼ି - ଓଁ ଦଣ୍ଡନାୟକ ଗୋସ
୨ୟ ଧାଡ଼ି - ରଣ । ସାମୀ ହିକା
୩ୟ ଧାଡ଼ି -ଳ ନେଟାରୀ ଗଣ୍ଡ ଉ
୪ର୍ଥ ଧାଡ଼ି - ଭୟ ବଳମାଭିସଃ ।।”

ସମଗ୍ର ଲେଖର ପାଠ ଅଭ୍ରାନ୍ତ ନହେଲେ ମଧ ‘ଦଣ୍ଡନାୟକ ଗୋସରଣ’ ପଦଦ୍ୱୟ ସୁପାଠ୍ୟ । ସେ ଯେ ଶିଶୁପାଳ ଦୁର୍ଗର ଜଣେ ସେନାପତି ଥିଲେ, ଏଥିରେ ସନ୍ଦେହ ନାହିଁ । ୧୯୬୮ରେ ବ୍ରାହ୍ମୀ ବର୍ଣ୍ଣମାଳାରେ ଖୋଦିତ କ୍ଷୁଦ୍ର ଲେଖ ସମ୍ୱଳିତ ଦୁଇଟି ସିଲ୍ ଓ ଗୋଟିଏ ଛାଚ ସାଂସ୍କୃତିକ ବ୍ୟାପାର ବିଭାଗର ତଦନୀନ୍ତନ ନିର୍ଦ୍ଦେଶକ ଶ୍ରୀ ଅନିରୁଧ୍ ଦାସ, ଆଇ.ଏ.ଏସ୍. ଆବିଷ୍କାର କରିଥିଲେ । ମାହେଶ୍ୱରୀ ମୂର୍ତ୍ତିର ପୃଷ୍ଠଭାଗରେ ଖୋଦିତ ୧୭ ଧାଡ଼ି ବିଶିଷ୍ଟ ଗଙ୍ଗେଶ୍ୱର ଦେବଙ୍କ ପ୍ରଶସ୍ତିର ପାଠୋଦ୍ଧାର ନିର୍ଦ୍ଦେଶକ ମହାଶୟ ଲିପିତତ୍ତ୍ୱବିତ୍ ପଣ୍ଡିତ ଶ୍ରୀ ସତ୍ୟନାରାୟଣ

ରାଜଗୁରୁଙ୍କ ସାହାଯ୍ୟରେ କରିଥିଲେ । ଏହି ଲେଖ ଥିବା ପଥରର ଦକ୍ଷିଣାଂଶ ବା ବିଗ୍ରହର ଉତ୍ତରାଗ ଭାଙ୍ଗିଯାଇଥିବାରୁଲେଖ ଖଣ୍ଡିତ ଏବଂ ଅଯତ୍ନରେ ରକ୍ଷିତ ହୋଇଥିବାରୁ ଏହାର ଅଧିକାଂଶ ଅକ୍ଷର ନଷ୍ଟ ଓ ଅପାଠ୍ୟ ହୋଇଯାଇଛି । କିନ୍ତୁ ସୌଭାଗ୍ୟବଶତଃ ଗଙ୍ଗେଶ୍ୱର ନାମାଙ୍କିତ ଅଷ୍ଟମ ପଂକ୍ତିଟି ସ୍ପଷ୍ଟ ରହିଛି । ଯଥା -

"ତସ୍ମାଦ୍‌ବଭୂବ ଭୂବନତ୍ରିତୟ ପ୍ରସିଧ୍
ଗଙ୍ଗେଶ୍ୱର ମହତସୁନ୍ଦର ଶୁଧିବାହୁ ।"

ସୁପାଠ୍ୟ ଥିବା ଏହାର ଚତୁର୍ଦ୍ଦଶ ପଂକ୍ତିରେ ଏକ ପ୍ରାସାଦ ବା ମନ୍ଦିର ନିର୍ମାଣ ବିଷୟ ବର୍ଣ୍ଣିତ ହୋଇଛି । ଯଥା -

"ପ୍ରାଳେୟାଚଳ ଯତ୍‌କୃତିଶ୍ଚବିଦିତ ପ୍ରାସାଦରାଜ ସ୍ଫୁରତ୍ୟୁ

ର୍ବାଂ ସ୍ପର୍ଦ୍ଧୀ ଚ .." ।

ଚୋଳଗଙ୍ଗଦେବ ତାଙ୍କ ଦୀର୍ଘ ରାଜତ୍ୱର ଶେଷଭାଗରେ ଗଙ୍ଗେଶ୍ୱର ନାମରେ ପ୍ରସିଧିଲାଭ କରିଥିବା ମୁଖଲିଙ୍ଗମ୍‌ସ୍ଥ ମଧୁକେଶ୍ୱର ମନ୍ଦିରରେ ୧୦୬୨ ଶକାବ୍ଦ ବା ୧୧୪୦ ଖ୍ରୀଷ୍ଟାବ୍ଦରେ ଖୋଦିତ କୋଶଳ ମହାଦେବୀଙ୍କ ଲେଖ, ଶ୍ରୀକୂର୍ମ ମନ୍ଦିରରେ ୧୦୬୪ ଶକାବ୍ଦ ବା ୧୧୪୨ ଖ୍ରୀଷ୍ଟାବ୍ଦରେ ଖୋଦିତ ନିଜର ଏକ ଲେଖ ଏବଂ ଖଲିକୋଟ ତାଲୁକର ମୁକ୍ତେଶ୍ୱର ମନ୍ଦିରର ଉତ୍କୀର୍ଣ୍ଣ ଓ ପରବର୍ତ୍ତୀ କାଳରେ ଖଣ୍ଡିତ ଏକ ଲେକରୁ ସ୍ପଷ୍ଟ ଜଣାଯାଏ । ଚୋଳଗଙ୍ଗଦେବଙ୍କ ପରବର୍ତ୍ତୀ କଟକର ଗଙ୍ଗସମ୍ରାଟ୍ ମାନଙ୍କ ଏପର୍ଯ୍ୟନ୍ତ ଉପଲବ୍ଧ ପ୍ରାୟ ୧୩ଟି ବିସ୍ତିର୍ଣ୍ଣ ତାମ୍ର ଶାସନରେ ଶ୍ରୀକ୍ଷେତ୍ରସ୍ଥ ପୃଥିବୀ ପ୍ରସିଧି ପୁରୁଷୋତ୍ତମ (ଜଗନ୍ନାଥ)ଙ୍କ ଉତୁଙ୍ଗ ମନ୍ଦିର ଗଙ୍ଗେଶ୍ୱରଦେବଙ୍କ କୀର୍ତ୍ତିରୂପେ ସଗୌରବେ ଘୋଷିତ ହୋଇଅଛି । ଯଥା -

"ପ୍ରାସାଦଂ ପୂରୂଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂ କ୍ଷମାଃ
ସତ୍ୟେତ୍ୟାଦ୍ୟନୃପେରୂପୈକ୍ଷିତମୟଂ ଚକ୍ରେଽଥ ଗଙ୍ଗେଶ୍ୱେରଃ ।"

ଅତଏବ ପ୍ରସିଧି ଗଙ୍ଗସମ୍ରାଟ୍ ଚୋଳଗଙ୍ଗ ବା ଗଙ୍ଗେଶ୍ୱରଦେବଙ୍କ ରାଜତ୍ୱର ଶେଷଭାଗରେ (ପ୍ରାୟ ୧୧୪୦-୧୧୪୭ ଖ୍ରୀଷ୍ଟାବ୍ଦ) ମୌର୍ଯ୍ୟ ରାଜତ୍ୱ କାଳୁ ପ୍ରସିଧି ଲାଭ କରିଥିବା ଶିଶୁପାଳ ଦୁର୍ଗରେ ପ୍ରାଳେୟାଚଳ ବା ହିମାଚଳ ପରି ଉତ୍ତୁଙ୍ଗ ଏକ ପ୍ରାସଦା ବା ମନ୍ଦିର ନିର୍ମିତ ହୋଇଥିଲା । କଟକର ମୋଗଲ ସୁବାଦର ମହମ୍ମଦ ତିନି ଖାଁ ୧୭୩୧ ଖ୍ରୀଷ୍ଟାବ୍ଦରେ ଶିଶୁପାଳ ଦୁର୍ଗ ଧ୍ୱଂସ କରିବା ସମୟରେ ଏହି ଅତ୍ୟୁଙ୍ଗ ମନ୍ଦିରଟି ବିଲୁପ୍ତ ହୋଇଥିବାର ମନେହୁଏ ।

ପ୍ରସ୍ତର ଫଳକର ସପ୍ତଦଶ ବା ଶେଷ ପଂକ୍ତିରେ ଏହା ଗଙ୍ଗେଶ୍ୱର ଦେବଙ୍କ ପ୍ରଶସ୍ତି ରୂପେ ଅଭ୍ରାନ୍ତ ଭାବରେ ବର୍ଣ୍ଣିତ ହୋଇଅଛି । ଯତା

"ତାବତ୍‌ପ୍ରୌଢ଼ତମ ପ୍ରଶସ୍ତିରମଣୀ ଶ୍ରେୟାଂସଦମ୍ଭୁ ହଠାତ୍
କର୍ଣ୍ଣାଲିଙ୍ଗନମାନନୋତ୍ତକୃତିନା ।"

ଚୋଳଗଙ୍ଗ ବା ଗଙ୍ଗେଶ୍ୱର ଦେବଙ୍କ ଶତ ଶତ ଲେଖ, ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମନ୍ଦିର ଓ କେଦାରେଶ୍ୱର ମନ୍ଦିର, ଢ଼େଙ୍କାନାଳ ନିକଟବର୍ତ୍ତୀ ଖିଲୋରର ଶିବ ମନ୍ଦିର, ଅଳଗୁମର ଗତୀଶ୍ୱର ମନ୍ଦିର, ଶ୍ରୀକ୍ଷେତ୍ରସ୍ଥ ନୃସିଂହ

ମନ୍ଦିର ଓ ମାର୍କଣ୍ଡେୟ ମନ୍ଦିର, ଶ୍ରୀକୂର୍ମ, ମୁଖଲିଙ୍ଗମ୍ ସିଂହାଚଳମ୍, ଦ୍ରାକ୍ଷାରାମସ୍ଥ ବିଭିନ୍ନ ଗାତ୍ରରେ ଉତ୍କୀର୍ଣ୍ଣ ହୋଇଥିବା ସ୍ଥଳରେ ଏହି ଲେଖଟି ଗଡ଼ଚଣ୍ଡୀ ରୂପେ ଅଦ୍ୟାପି ପୂଜିତ ମାହେଶ୍ୱରୀ ମୂର୍ତ୍ତିର ପୃଷ୍ଠଭାଗରେ କାହିଁକି ଉତ୍କୀର୍ଣ୍ଣ ହୋଇଥିଲା ତାହାର କାରଣ ଜଣାଯାଉନାହିଁ । ୧୨ଶ ପଂକ୍ତିରେ ଲେଖେ ସ୍ୱର୍ଗ ପଦଦ୍ୱୟରୁ ତାଙ୍କ ମୃତ୍ୟୁ ପରେ ଏହି ପ୍ରଶସ୍ତିଟି ଖୋଦିତ ହୋଇଥିବାର ମନେହୁଏ । ଶିଶୁପାଳ ଗଡ଼ର ଇତିହାସ ଆଲୋଚନା ପାଇଁ ପ୍ରଶସ୍ତିଟିର ବିଶେଷ ଗୁରୁତ୍ୱ ଥିବାର ଏହାର ପାଠ ପରେ ଉଧାର କରାଗଲା ।

ଏଠାରୁ ମିଳିଥିବା ପୋଡ଼ା ମାଟିର ଦେହରେ କୁଶାନ ଯୁଗର ବ୍ରାହ୍ମୀ ବର୍ଣ୍ଣମାଳାରେ ପାଲିଭାଷାରେ ଖୋଦିତ ନଅଟି ଅକ୍ଷର ବିଶିଷ୍ଟ ଗୋଟିଏ କ୍ଷୁଦ୍ର ଲେଖ ବିଦ୍ୟମାନ । ଏହାର ପାଠ ହେଉଛି 'ଅମତସ ପସଣକସ' ଅର୍ଥାତ୍ 'ଅମାନତ ପସଣକସ୍ୟ' ବା ପସଣକ ନାମଗ କଣେ ଅମାତ୍ୟ ବା ମନ୍ତ୍ରୀଙ୍କ ନାମାଙ୍କିତ ମୋହର। ପଥରରେ ନିର୍ମିତ ଅନ୍ୟ ସିଲ୍‌ଟିରେ ପରବର୍ତ୍ତୀ ଯୁଗର ୬ଟି ବ୍ରାହ୍ମୀ ଅକ୍ଷର ଖୋଦିତ ହୋଇଅଛି । ଏଥି ମଧ୍ୟରୁ 'ର' ଅକ୍ଷରଟି ସ୍ପଷ୍ଟ ରହିଛି । ଅଳ୍ପଦିନ ପୂର୍ବେ ମୁଁ ଶିଶୁପାଳ ଗଡ଼ରୁ ମାଟି ଖାଇ ଯାଇଥିବା କେତୋଟି ପ୍ରାଚୀନ ତାମ୍ର ମୁଦ୍ରା ପାଇଅଛି । ୧୯୬୬ରେ ରାଜ୍ୟ ପତ୍ନତତ୍ୱ ବିଭାଗ ତରଫରୁ ଏଠାରେ ଭୂଖୋଦନ ଫଳରେ ତିନୋଟି ରୌପ୍ୟ ମୁଦ୍ରା ଆବିଷ୍କୃତ ହୋଇଥିଲା । ଏ ସମସ୍ତ ପ୍ରାଚୀନ ଲେଖ, ସିଲ୍ ମୋହର, ମୁଦ୍ରା ପ୍ରଭୃତିର ଆବିଷ୍କାର ଯୋଗୁଁ ବର୍ତ୍ତମାନ ଶିଶୁପାଳ ନାମରେ ପରିଚିତ ଦୁର୍ଗକୁ ପ୍ରାଚୀନ 'କଳିଙ୍ଗ ନଗର' ସହିତ ନିଃସନ୍ଦେହରେ ଚିହ୍ନିତ କରାଯାଇପାରେ ।

ଗଙ୍ଗେଶ୍ୱରଦେବଙ୍କ ଲେଖ

୧ମ ଧାଡ଼ି ଓଁ - ଦରିରବବନସ୍ଥଳେ ବିଳୟ ସଚଦୁଚ୍ଛାବଚ୍ଛ ।
ପ୍ରଞ୍ଚ ନିଚୟୋଦୟ ବ୍ୟୟ ନିଦାନ

୨ୟ , , - ଦନୁଜସଭୟାକୁଳତ୍ୱଂ ବିଲୋକ୍ୟ ।।
ପ୍ରୋନ୍ମୁଳତ୍ ପ୍ରାଳୟାଦ୍ରେର୍ଯଦକୃତନିଳୟ (ଯା)

୩ୟ , , - ପାଣ୍ଡୁଦେବଃ ।। କ୍ରୀଡ଼ାନୀଡ଼ଃ ଶ୍ରୁତିନାଶୟ ଶମସଦନଃ
ଶୀଳାଲୀଳାନିବାସଃ କ୍ଷାତ୍ର ।

୪ର୍ଥ , , - ପ୍ରୋଦ୍ୟତପ୍ରସରଣ ସରଣିର୍ମ୍ମାନବୀୟୋ ମୁନୀନାଂ ।।
ତସ୍ୟାନ୍ୱୟେ ବିନୟ ସଦ୍ମନି ପଦ୍ମଜ ।

୫ମ , , - ଯନ୍ମନ ସଦ୍ୟୋତ ପଦ୍ମସ୍ଫୁରଣତରଣିକଳ୍ପଃ କଳ୍ପବୃକ୍ଷ ସମକ୍ଷ୍ୟ ।। ସବିଳ

୬ଷ , , -ରଯଶଃ ପ୍ରଥୟ ସ୍ତଦୀୟଃ ।। ତସ୍ମାଦତ୍ର ନିରୂଢ଼ଂ ଧି ବିଧତେ
ବୀର୍ଯ୍ୟୋଲ୍ଲସତ୍ ବର୍ତ୍ମନି ।

୭ମ , , - ଚନ୍ଦ୍ରକୁନ୍ଦିକର୍ପୂରପୁରଜରକା ଶିଶିରୋକ୍ରାଣାଂ ।।
ଯସ୍ୟାନ୍ତରେ ନିବିଡ଼ ନିସ୍ୱନ

୮ମ , , - ତସ୍ମାଦ୍‌ବଭୂବ ଭୁବନତ୍ରିତୟପ୍ରସିଦ୍ଧଃ, ଗଙ୍ଗେଶ୍ୱରଃ ମହତସୁନ୍ଦର ଶୁଧ୍ୱାବାହୁଃ ।।

୯ମ , , - ରତ୍‌ଟଦ୍ୱିକଟ ତୁଚ୍ଛଳତତ୍‌ରଳବୀଚ ରକ୍ଷତି, ପଦୟେବ ସରଦ୍‌ଯଶଃ ପ୍ରକଟ ।।

୧୦ମ , , - ମୀମାଂସାହୃଦୟକୃତୀ ଚ ପରମ ବ୍ରହ୍ମତ୍ୱସାକ୍ଷାତ୍‌କୃତିଃ
ଯତସ୍ତତ୍ୱମୟୀ

୧୧ଶ , , - ମବସତିଃ, ପ୍ରଦାତା ଭୂମ୍ୟାନୀ ସ୍ଫୁଟମଭିନବକଳ୍ପବିଟପଃ ॥

ମହାସେନାଧୀଶଃ

୧୨ଶ , , - ପ୍ରଭାମାଚ୍ଛାଦ୍ୟ ସ୍ଫୁରିତୟାନୁକରିଭିର୍ବିଷ୍ୱକୃତୋନିଷ୍ପ୍ରଭଃ,

ଲେଭେ ସ୍ୱର୍ଗଗମି ।।

୧୩ଶ , , - ଲାମ୍ପଣିତୁଲ୍ୟକୋଟୀ ରାବୀରକୀ ଚିତ୍ର ଯଶୋବିଭାଶୀ ବୀକ୍ଷ୍ୟ ରତ ଶୋଣିତ ।

୧୪ଶ , , - ପ୍ରଳେୟାଚଳଯତ୍‌କୃତିଶ୍ଚ ବିଦିତ ପ୍ରାସାଦରାଜ ସ୍ଫୁରତ୍ୟୁ ର୍ବୀସ୍ପର୍ଦ୍ଧୀ ଚ ଜ ।

୧୫ଶ , , - ..... ।

୧୬ଶ , , - ଦି ପ୍ରତିକ ଦନୁଜ ବିହିତ ରାଜତ୍‌କୃଶ୍ୟତାମ୍ଳାନ ଶମ୍ଭାରିବ ।

୧୭ଶ , , - ତାବତ୍ ପ୍ରୌଢ଼ତମ ପ୍ରଶସ୍ତିରମଣୀ ଶ୍ରେୟାଂସଦମ୍ଭୁ ହଠାତ୍, କଣ୍ଠାଲିଙ୍ଗନ ମାନନୋନ୍ତକୃତିନା ।

(୨) ଶ୍ରୀ ଖାରବେଳ ରାଜତ୍ୱରେ ବ୍ୟବହୃତ ମୁଦ୍ରା

ଶ୍ରୀ ଖାରବେଳଙ୍କ ହାତୀଗୁମ୍ଫା ଲେଖରେ ମୁଦ୍ରା ନିର୍ମାଣ ଓ ବିନିମୟ ପ୍ରଣାଳୀ ସଂପର୍କୀୟ ଜ୍ଞାନର୍ଜ୍ଜନ ପ୍ରସଙ୍ଗରେ 'ରୂପ' ପଦ ବ୍ୟବହୃତ ହୋଇଅଛି । କଳାହାଣ୍ଡି ଜିଲ୍ଲାର 'ଅସୁରଗଡ଼' ନାମକ ଖ୍ରୀଷ୍ଟପୂର୍ବ ଯୁଗରେ ନିର୍ମିତ ଏକ ପ୍ରାଚୀନ ଦୁର୍ଗରେ ଭୂଗର୍ଭରୁ ଆବିଷ୍କୃତ ୫୩୯ଟି ବିଭିନ୍ନ ସଂକେତ ଯୁକ୍ତ ରୂପା ମୁଦ୍ରା ସମ୍ପର୍କରେ ଏ ତଥ୍ୟପୂର୍ଣ୍ଣ ଉପାଦେୟ ପ୍ରବନ୍ଧ ପ୍ରକାଶ କରି ମହାରାଜ ଶ୍ରୀ ପ୍ରତାପକେଶରୀ ଦେଓ, ଏମ୍.ପି. ଲେଖିଛନ୍ତି -

"The use of the word 'Rupa' in figure here to mean money or oin is interesting. it has been suggested the coins were known as "Rupa' because of teh face that they had symbols (Rupa) stamped on them"

ଲେଖକ ମହାଶୟ ଅସୁରଗଡ଼ ମୁଦ୍ରା ଗୁଡ଼ିକରେ ଅଙ୍କିତ 'ରୂପ' ବା ସଂକେତ ସମୂହ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଛନ୍ତି । ସେଥି ମଧ୍ୟରୁ ଅଧିକାଂଶରେ ମୁଦ୍ରିତ ସୂର୍ଯ୍ୟଙ୍କ ରୂପ, ରାଜକୀୟ, ଶୌର୍ଯ୍ୟ, ବୀର୍ଯ୍ୟ, ତେଜ ଓ କ୍ଷମତାର ପ୍ରତୀକ । ଅଙ୍କିତ ବଙ୍କିମ ଚନ୍ଦ୍ର ଉଭୟ ଓ ସୁଖଶାନ୍ତି ସୂଚକ । ଧନୁ, ଶର, ତ୍ରିକୋଣ ପତାକା, ରାଜମୁକୁଟ, ଛତ୍ର ପ୍ରଭୃତି ଅଖଣ୍ଡ ରାଜତ୍ୱ ଦ୍ୟୋତକ । ଦକ୍ଷିଣ ହସ୍ତରେ ଖଡ୍‌ଗ ଓ ବାମ ହସ୍ତରେ ବର୍ମ ବା ଢ଼ାଲ ଧାରୀ ପୁରୁଷ ରୂପ ସାହସ ଓ ବୀରତ୍ୱର ପରିଚାୟକ । ଶିଖର, ମଣ୍ଡପ, ତୋରଣ ପ୍ରଭୃତି ରାଜପ୍ରାସାଦରେ ଇଙ୍ଗିତ ପ୍ରଦାୟକ । ତ୍ରିଶୃଙ୍ଗ, ୫ଶୃଙ୍ଗ, ବୃକ୍ଷମଣ୍ଡିତ ଶୃଙ୍ଗ, ୫ପତ୍ରୀ ଶାଖା, ସପ୍ତପତ୍ରୀ ଶାଖା, କ□କ ବୃକ୍ଷ, ତାଳ, ରେଲିଙ୍ଗ ମଧ୍ୟରେ ପୂଜିତ ବୃକ୍ଷ, ରାଜ୍ୟର ପ୍ରାକୃତିକ ସଂପଦର ପରିଚାୟକ । (ଶ୍ରୀ ଖାରବେଳଙ୍କ ହାତୀଗୁମ୍ଫା ଲେଖ ନିକଟରେ ରେଲିଙ୍ଗ ମଧ୍ୟରେ ଏକ ବୃକ୍ଷ ସଙ୍କେତ ଖୋଦିତ ହୋଇଛି । ହସ୍ତୀ, ଅଶ୍ୱ, ବୃଷ, ଗଣ୍ଡାର, ଛାଗ, ମୃଗ, ଝିଙ୍ଗ, ମୟୁର, ନାଗ (ସର୍ପ), କୁମ୍ଭୀର, ମତ୍ସ୍ୟ, କୂର୍ମ, ଭେକ ପ୍ରଭୃତି ରାଜ୍ୟର ସ୍ଥଳଚର ଓ ଜଳଚର ଜୀବଜନ୍ତୁଙ୍କ ଚିତ୍ର ମାନସପଟରେ ଆଙ୍କିଦିଏ । ଏହିପ୍ରକାର ବିଭିନ୍ନ ରୂପ ବା ସଂଙ୍କେତ ଚିହ୍ନିତ ମୁଦ୍ରା ନନ୍ଦ ଓ ମୌର୍ଯ୍ୟ ରାଜତ୍ୱରେ ସମଗ୍ର ଭାରତରେ ପ୍ରଚଳିତ ଥିଲା ।

ଭୁବନେଶ୍ୱର ଅଚଳରେ ଏପରି ଏକ ରୂପା ମୁଦ୍ରା ପ୍ରଥମେ ୧୯୪୮ରେ ଶିଶୁପାଳ ଗଡ଼ ଭୂଖୋଦନ ସମୟରେ ମିଳିଥିଲା । ପରେ ଖଣ୍ଡଗିରି ପାହାଡ଼ର ଉପଦେଶରେ ଥିବା ଗୋଟିଏ ସ୍ଥାନରେ ଏପରି ବହୁମୁଦ୍ରା ମାଟିତଳୁ ବାହାରିଥିଲା । କିନ୍ତୁ ସେଥିମଧ୍ୟରୁ ଅଧିକାଂଶ ଅଳ୍ପ ସମୟ ମଧ୍ୟରେ ; କେତେକ ଜାଗମରା ଗ୍ରାମବାସୀଙ୍କ ହସ୍ତଗତ ହୋଇଥିଲା । ପୁଲିସ ସାହାଯ୍ୟରେ ବହୁ କଷ୍ଟରେ ୪୮ଟି ମୁଦ୍ରା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷଣ ପାଇଁ

ଅଣାଯାଇ ପାରିଲା । ଅସୁରଗଡ଼ରୁ ମିଳିଥିବା ମୁଦ୍ରାଗୁଡ଼ିକ ସହିତ ଏଗୁଡ଼ିକର ବିଶେଷ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ୧୯୬୩ ମସିହାରେ ଭୁବନେଶ୍ୱରର ତହସିଲଦାର ଭୁବନେଶ୍ୱର ନିକଟବର୍ତ୍ତୀ ଝାଡ଼ପଡ଼ା ଗ୍ରାମରୁ ଏପରି ଦଶଟି ରୂପା ମୁଦ୍ରା ପାଇ ମିଉଜିୟମରେ ସଂରକ୍ଷଣ ନିମିତ୍ ତତ୍କାଳୀନ ଅଧକ୍ଷ ଶ୍ରୀ କେଦାରନାଥ ମହାପାତ୍ରଙ୍କୁ ଅର୍ପଣ କରିଥିଲେ । ମୁଦ୍ରାଗୁଡ଼ିକରେ ଲାଞ୍ଛିତ ରୂପ ବା ସଂକେତଗୁଡ଼ିକ ପରୀକ୍ଷା କରି ସଂରକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ରାୟ ସେଗୁଡ଼ିକ ନନ୍ଦ ଓ ମୌର୍ଯ୍ୟ ରାଜତ୍ୱରେ ବ୍ୟବହୃତ ହେଉଥିବା ସ୍ଥିର କରିଥିଲେ । ଏପରି ରୂପାଙ୍କିତ ବହୁ ରୂପାମୁଦ୍ରା ଓଡ଼ିଶାର ଅନ୍ୟ କେତେକ ସ୍ଥାନରୁ ମଧ ମିଳିଲାଣି ଯଥା - ୧୯୪୦ରେ ମୟୁରଭଞ୍ଜ ରାଜ୍ୟ (ବର୍ତ୍ତମାନ ଜିଲ୍ଲା) ବହଲଦା ଗ୍ରାମରେ ଏପ୍ରକାର ୧୯୨ଟି ମୁଦ୍ରା ମିଳିଥିଲା । ୧୯୫୨ରେ ସୋନପୁରରୁ ଏପରି କେତେକ ମୁଦ୍ରା ମିଳିଥିଲା । ୧୯୬୪ରେ ସାଲେପୁର ଥାନାର ରାମେଶ୍ୱର ପାହାଡ଼ରୁ ମିଳିଥିବା ୩୭୬ଟି ମୁଦ୍ରା ସମ୍ବନ୍ଧରେ ଶ୍ରୀ ପ୍ରଶାନ୍ତ କୁମାର ରାୟ ଏକ ଦୀର୍ଘ ପ୍ରବନ୍ଧ ପ୍ରକାଶ କରିଛନ୍ତି । ତେଣୁ କଳିଙ୍ଗ ଚକ୍ରବର୍ତ୍ତୀ ଶ୍ରୀ ଖାରବେଳଙ୍କ ହାତୀଗୁମ୍ଫା ଲେଖରେ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟୟ କରିଥିବା ସହସ୍ର ସହସ୍ର ମୁଦ୍ରାକୁ ନନ୍ଦରାଜତ୍ୱ କାଳରୁ ସମଗ୍ର ଉତ୍କଳରେ ପ୍ରଚଳିତ ସଂକେତ ଚିହ୍ନିତ ରୂପା ମୁଦ୍ରା ରୂପେ ନିଃସନ୍ଦେହରେ ଗ୍ରହଣ କରାଯାଇପାରେ ।

(୩) ଶ୍ରୀ ଖାରବେଳ ଯୁଗର ଅନ୍ୟ କେତେକ କୀର୍ତ୍ତି

(କ) ଉଦୟଗିରି ଶିଖରସ୍ଥ ଚୈତ୍ୟଗୃହ ବା ଉପାସନା ମନ୍ଦିର -

ଶ୍ରୀ ଖାରବେଳଙ୍କ ହାତୀଗୁମ୍ଫା ଲେଖରୁ ଜଣାଯାଏ ଯେ, ତାଙ୍କ ରାଜତ୍ୱର ଚତୁର୍ଦ୍ଦଶ ବର୍ଷରେ ଚତୁର୍ଦ୍ଦିଗରେ ଥିବା ଶ୍ରେଷ୍ଠ ଖଣିଗୁଡ଼ିକର ସହସ୍ର ସହସ୍ର ସଂଖ୍ୟାରେ ପଥର କଟାଯାଇ ଉକ୍ତ ପାହାଡ଼ର ବହୁ ଶିଳାସ୍ତମ୍ଭ ଓ ଚେତ୍ୟଗୃହ ନିର୍ମିତ ହୋଇଥିଲା । ଏହି ବିଶାଳ ଚୈତ୍ୟଗୃହରେ ୭୫ ଲକ୍ଷ ମୁଦ୍ରା ବ୍ୟୟରେ ବୈଦୁର୍ଯ୍ୟଚ୍ଛାଦିତ ସ୍ତମ୍ଭମାନ ପ୍ରୋତ୍ଥିତ ହୋଇଥିଲା । ଏକାନ୍ତର ଭାବରେ ବୈଦୁର୍ଯ୍ୟ ଓ ନୀଳମଣି ଖଚିତ ଅର୍ଦ୍ଧଶତ ଚେତ୍ୟସଷ୍ଟି ବା ଛତ୍ର ଯଷ୍ଟି ସ୍ଥାପନ କରାଯାଇଥିଲା ।

ଏହି କୀର୍ତ୍ତୀଗୁଡ଼ିକର ଅବସ୍ଥିତ ଏପର୍ଯ୍ୟନ୍ତ ନିର୍ଣ୍ଣିତ ହୋଇନଥିଲା । ୧୯୫୮ ମସିହାରେ ଭାରତ ସରକାରଙ୍କ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ଉଦୟଗିରି ଶିଖରସ୍ଥିତ ଏକ ଉଚ୍ଚା କୁଦ ଖୋଳାଯିବାରୁ କେତେକ ପ୍ରାଚୀନ କୀର୍ତ୍ତୀ ଧ୍ୱଂସାବଶେଷ ଦେଖାଯଗଲା । ସେଗୁଡ଼ିକର ପର୍ଯ୍ୟବେକ୍ଷଣରୁ ଜଣାଯାଏ ଯେ, ବହୁ ପ୍ରାଚୀନ କାଳରେ ଚାଞ୍ଛମାଠ ହୋଇଥିବା ବହୁ ମାଙ୍କଡ଼ା ପଥର ବ୍ୟବହାର କରାଯାଇ ଏକ ବୃତ୍ତାକାର ଗୃହ ନିର୍ମିତ ହୋଇଥିଲା । ଏହା ମଧରେ ପୂଜ୍ୟବସ୍ତୁର ଆଧାର ସ୍ଥାପନ ପାଇଁ ଏକ ବୃତ୍ତାକାର ବେଦୀ ଥିଲା । ବୃତ୍ତାକାର ଗୃହ ମଧରୁ ବର୍ଷାଜଳ ନିଷ୍କାସନ ନିମିତ୍ ଉତ୍ତର ଦିଗରେ ପାହାଡ଼ କଟାଯାଇ ପ୍ରସ୍ତୁତ ହୋଇଥିବା ପାଣିନଳା ଅଦ୍ୟାପି ବିଦ୍ୟମାନ ।

ଏହି ବୃତ୍ତାକାର ପ୍ରକାରର ଦକ୍ଷିଣ ପୂର୍ବ ଭାଗରେ ଏକ ଆୟତାକୃତି କାନ୍ଥ ତିଆରି କରାଯାଇ ଗୋଟିଏ ଘର କରାଯାଇଥିଲା । ଏହାର ତିନି କାନ୍ଥରେ ତିନୋଟି ପ୍ରବେଶ ଦ୍ୱାରା ଥିଲା । ନିକଟରେ ତିନିସରି ମାଙ୍କଡ଼ ପଥରରେ ତିଆରି ଆଉ ଏକ ଅର୍ଦ୍ଧବୃତ୍ତାକାର କାନ୍ଥର ଅବଶେଷ ମିଳିଅଛି । କିନ୍ତୁ ଏହା ନିର୍ମାଣର ଉଦ୍ଦେଶ୍ୟ ଜଣାଯାଉନାହିଁ ।

ବୃତ୍ତାକାର ଗୃହର ଟିକିଏ ତଳକୁ ଏହାଠାରୁ ପ୍ରାଚୀନତର ଏକ ଆୟତକ୍ଷେତ୍ରାକୃତି ପ୍ରାକାରର ନିମ୍ନାଂଶ ବିଦ୍ୟମାନ । ଏହା ମଧରେ ପଥର ବିଛା ପରିକ୍ରମା ଅବଶେଷ ଠାଏ ଠାଏ ରହିଯାଇଛି । ପାହାଡ଼ ଦେହରେ ଓ ପରିକ୍ରମା ପଥରେ ସ୍ତମ୍ଭ ପୋତିବା ପାଇଁ କେତେକ ଗୋଲାକାର ଗର୍ତ୍ତ ଖୋଳାଯାଇ ଥିବାର ଦେଖାଯାଏ ।

ଉଦୟଗିରି ଓ ଖଣ୍ଡଗିରି କାଟ ବସାଇଲେ କନ୍ଦାପଥର ମିଳିପାରିବ । କିନ୍ତୁ ଉପରେ ବର୍ଣ୍ଣିତ କୀର୍ତ୍ତିଗୁଡ଼ିକ ମାଙ୍କଡ଼ା ପଥରରେ ତିଆରି ହୋଇଥିବାରୁ ସେଗୁଡ଼ିକ ନିଶ୍ଚିତ ଭାବରେ ଖଣ୍ଡଗିରି ଦକ୍ଷିଣକୁ ଥିବା ବିରାଟ ବା ଭୁବନେଶ୍ୱର ଟାଙ୍ଗିରୁ ଉଦୟଗିରି ପାହାଡ଼ ଉପରକୁ ବୁହାହୋଇ ଯାଇଥିଲା । ହାତୀଗୁମ୍ଫା ଲେଖରେ ଥିବା "ବରାକରସମୁତ୍‌ଥାଭିରନେକଯୋଜନାହିତାଭିଃଶିଳାଭିଃ" ଅର୍ଥାତ୍ ଦୂରରେ ଥିବା ଭଲ ଭଲ ଖଣିମାନଙ୍କରୁ କଟା ହୋଇଥିବା ମାଙ୍କଡ଼ାପଥର ଗୁଡ଼ିକ ଏହି କୀର୍ତ୍ତିଗୁଡ଼ିକର ନିର୍ମାଣରେ ବ୍ୟବହୃତ ହୋଇଥିବାର ସ୍ଥିର କରାଯାଇପାରେ । ପରବର୍ତ୍ତୀ କାଳରେ ଏଗୁଡ଼ିକ ଭାଙ୍ଗିଯିବାରୁ ନିକଟବର୍ତ୍ତୀ ଗ୍ରାମର ଲୋକେ ମାଙ୍କଡ଼ାପଥର ସବୁ ବୋହି ନେଯାଇଥିବେ ।

(ଖ) ଗୁମ୍ଫା ମୁଣ୍ଡିଆର ପ୍ରାଚୀନ ଗୁମ୍ଫା ସମୂହ -

ଉଦୟଗିରିର ଠାରୁ ଉତ୍ତରକୁ ନୂଆପଲି ଓ ଭରତପୁର ମୌଜାର ଦୋସୀମାଳିରେ ଥିବା ରକ୍ଷିତ ଜଙ୍ଗଲ ମଧ୍ୟରେ ଗୋଟିଏ ପାହାଡ଼ କଟାଯାଇ କେତେଗୁଡ଼ିଏ ସୁନ୍ଦର ଗୁମ୍ଫା ଖୋଳା ହୋଇଥିବାର ଦେଖାଯାଏ । ତେଣୁ ଏହି ମୁଣ୍ଡିଆ ବା ଛୋଟ ପାହାଡ଼ 'ଗୁମ୍ଫାମୁଣ୍ଡିଆ' ନାମରେ ଅଭିହିତ ହେଉଅଛି । ଏହି ଗୁମ୍ଫାରେ ଅବସ୍ଥିତ ସମ୍ବନ୍ଧରେ ପ୍ରଥମେ ପଟିଆର ଇତିହାସପ୍ରେମୀ ଓକିଲ ଶ୍ରୀ ବ୍ରଜବନ୍ଧୁ ଦାସ ବହୁବର୍ଷ ପୂର୍ବେ ସମ୍ବାଦପତ୍ରରେ ପ୍ରକାଶ କରିଥିଲେ । ତହୁଁ ପରମାନନ୍ଦ ଆଚାର୍ଯ୍ୟ ଓ ମୁଁ ଜଙ୍ଗଲରେ ବାଘ ମାତିଥିଲେ ମଧ୍ୟ ଜିପ୍‌ରେ ବସି ସାହସରେ ମୁଣ୍ଡିଆ ପାଖକୁ ୧୫-୧୨-୧୯୫୬ ତାରିଖରେ ଯାଇଥିଲୁ । ଗୁମ୍ଫାଗୁଡ଼ିକ ଉପରେ ଜଙ୍ଗଲ ମାଡ଼ିଯାଇ ଥିବାରୁ ବହୁ କଷ୍ଟରେ ଚାରୋଟି ଗୁମ୍ଫାର ମାପ ଆଣିପାରିଲୁ ।

ଗୋଟିକର ଲମ୍ବ ୮ ଫୁଟ, ଓସାର ୬ ଫୁଟ ଓ ଉଚ୍ଚା ୩ ଫୁଟ ୧୦ ଇଞ୍ଚ । ଦକ୍ଷିଣାଭିମୁଖୀ ଗୁମ୍ଫାଟିର ଭିତର କାନ୍ଥ ଲମ୍ବ ୮ ଫୁଟ, ବାହାରବାଡ଼ ଲମ୍ବ ୧୦ ଫୁଟ ୫ ଇଞ୍ଚ, ଓସାର ୬ଫୁଟ ୬ ଇଞ୍ଚ ଓ ଉଚ୍ଚା ୩ ଫୁଟ ୩ ଇଞ୍ଚ । ଏହା ମଧ୍ୟକୁ ଥିବା ଦୁଇଟି ପ୍ରବେଶ ଦ୍ୱାର ମାପ ହେଉଛି ଯଥାକ୍ରମେ ୩ଫୁଟ ୬ ଇଞ୍ଚ , ୩ଫୁଟ ୬ ଇଞ୍ଚ ଓ ୩ଫୁଟ ୪ ଇଞ୍ଚ, ୨ଫୁଟ ୪ ଇଞ୍ଚ । ଉଦୟଗିରିର ଗୁମ୍ଫାଗୁଡ଼ିକ ପରି ଏହା ଦ୍ୱାର ଆଡ଼ୁ ପଛପଟ କାନ୍ଥ ଆଡ଼କୁ କ୍ରମଶଃ ଉଚ୍ଚ ହୋଇଛି । ବାରଣ୍ଡା ମଧ୍ୟ ଉଦୟଗିରି ଗୁମ୍ଫାପରି ତଳକୁ କଟାଯାଇ ତିଆରି ହୋଇଥିବାରୁ ତଳଠାରୁ ପ୍ରାୟ ଦୁଇ ଗୁଣରୁ ଅଧିକ । ବାରଣ୍ଡାର ଛାତ ନାହା ଚାଳପରି ଦୁଇଆଡ଼କୁ କ୍ରମନିମ୍ନ । ବାରଣ୍ଡାରେ ମୁନି ଋଷି, ଓ ଶ୍ରମଣମାନେ ଚଳପ୍ରଚଳ ହେଉଥିଲେ ଓ ଗୁମ୍ଫା ମଧ୍ୟରେ ଧ୍ୟାନ ଓ ଶୟନ କରୁଥିଲେ । ଉତ୍ତର ତରଫରେ ୧୩ ଫୁଟ ୯ ଇଞ୍ଚ , ୭ଫୁଟ ୩ ଫୁଟ ୪ ଇଞ୍ଚ ମାପର ଗୋଟିଏ ବଡ଼ ଗୁମ୍ଫା ରହିଛି । ଏହାର କେତେଗଜ ଉତ୍ତରକୁ ୭ ଫୁଟ ୬ ଇଞ୍ଚ, ୫ଫୁଟ , ୪ଫୁଟ ଗୋଟିଏ ଗୁମ୍ଫା ଦେଖାଯାଏ । ବେଳ ଗଡ଼ିଯିବାରୁ ବାଘ ଭୟରେ ଖୋଦନ ଶୈଳୀ ସହିତ ଏହି ଗୁମ୍ଫାଗୁଡ଼ିକର ଖୋଦନ ଶୈଳୀରେ ବିଶେଷ ସାମଞ୍ଜସ୍ୟ ରହିଛି । ଭିତ୍ତି ଦେହରେ କୌଣସି ଭାସ୍କର୍ଯ୍ୟ ଥିବାର ଆଲୋକର ଅଭାବ ଯୋଗୁଁ ଲକ୍ଷ୍ୟ କରିପାରିଲୁନାହିଁ । ଉଦୟଗିରି ଠାରୁ ଏକ ସରଳ ରେଖାରେ ସମ୍ଭବତଃ ପରବର୍ତ୍ତୀ କାଳରେ ପରିତ୍ୟକ୍ତ କୌଣସି ପ୍ରାଚୀନ ବର୍ତ୍ମ ନିକଟରେ ଅବସ୍ଥିତ ଏ ଗୁମ୍ଫା ମୁଣ୍ଡିଆର ଗୁମ୍ଫାଗୁଡ଼ିକୁ ଶ୍ରୀ ଖାରବେଳ ଯୁଗର କୀର୍ତ୍ତୀ ରୂପେ ଗ୍ରହଣ କରାଯାଇପାରେ । ଏହି ଅଜ୍ଞାତା ପ୍ରାଚୀନ କୀର୍ତ୍ତୀଗୁଡ଼ିକ ଦର୍ଶନୋପଯୋଗୀ କରିବା ପାଇଁ ମୁଣ୍ଡିଆ ନିକଟକୁ ଏକ ସଡ଼କ ନିର୍ମାଣ ଓ ଗୁମ୍ଫା ଗୁଡ଼ିକ ଉପରେ ମାଡ଼ିଯାଇଥିବା ବୃକ୍ଷଲତା ଗୁଡ଼ିକର ସମୂଳ ଉତ୍ପାଟନ ଅତ୍ୟନ୍ତ ଆବଶ୍ୟକ ।

## (୪) ଦିଗମ୍ବର ଜୈନଧର୍ମର କେନ୍ଦ୍ରକୁମାର ପର୍ବତ (ଖଣ୍ଡଗିରି)

ଖଣ୍ଡଗିରିରେ ସୋମବଂଶୀୟ ମହାରାଜାଧିରାଜ ଶ୍ରୀ ଉଦ୍ୟୋତ କେଶରୀଙ୍କ ରାଜତ୍ୱକାଳରେ ଖୋଦିତ ଜୈନ ଲେଖତ୍ରୟର ଜୈନ ସମ୍ରାଟ୍ ଶ୍ରୀ ଖାରବେଳଙ୍କ ସହିତ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ ତାଙ୍କ ଦ୍ୱାରା ଜୈନଧର୍ମର ପ୍ରଧାନ କେନ୍ଦ୍ର ରୂପେ ପ୍ରତିଷ୍ଠିତ କୁମାର ପର୍ବତ ଅନ୍ତତଃ ଏକାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ନିଜର ପୂର୍ବ ଗୌରବ ଓ ଖ୍ୟାତି ଅକ୍ଷୁର୍ଣ୍ଣ ରଖିପାରିଥିବା ନିଃସନ୍ଦେହରେ ପ୍ରମାଣିତ ହୁଏ । ମୋର ଗଣନା ଅନୁସାରେ ଶ୍ରୀ ଉଦ୍ୟୋତକେଶରୀ ୧୦୩୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ତେଣୁ ତାଙ୍କ ରାଜତ୍ୱର ୫ମ ବର୍ଷରେ ଅର୍ଥାତ୍ ୧୦୪୦ ଖ୍ରୀଷ୍ଟାବ୍ଦରେ ଲଲାଟେନ୍ଦୁକେଶରୀ ଗୁମ୍ଫା ଲେଖ ଖୋଦନ ସମୟକୁ କୁମାର ପର୍ବତର 'ଖଣ୍ଡଗିରି' ନାମକରଣ ହୋଇ ନଥିଲା ।

ଏହି ଲେଖ ବର୍ଣ୍ଣିତ ବାପୀ ଓ ପୁଷ୍କରିଣୀ ପ୍ରଭୃତି ପଦଦ୍ୱାରା ଲଲାଟେନ୍ଦୁକେଶରୀ ଗୁମ୍ଫା ନିକଟବର୍ତ୍ତୀ 'ଆକାଶ ଗଙ୍ଗା', ତାହାର ଦକ୍ଷିଣକୁ ଅବସ୍ଥିତ 'ରାଧାକୁଣ୍ଡ' ପାହାଡ଼ର ଦକ୍ଷିଣରେ ଏକାଦଶୀ ଗୁମ୍ଫା ନିକରେ ଥିବା 'ଶ୍ୟାମକୁଣ୍ଡ' ଓ ତାହାର ପଶ୍ଚିମ ପାଖରେ ଖୋଦିତ ଗୁପ୍ତଗଙ୍ଗା ଲକ୍ଷିତ ହୋଇଥିବାର ମନେହୁଏ । ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନ ଯୁଗରେ କୁମାର ପର୍ବତର ନାମ ଖଣ୍ଡଗିରି ହେଲାପରି ପ୍ରାଚୀନ ବାପୀ ଗୁଡ଼ିକର ନାମ ହୋଇଗଲା ରାଧାକୁଣ୍ଡ, ଶ୍ୟାମକୁଣ୍ଡ, ଆକାଶଗଙ୍ଗା ଓ ଗୁପ୍ତଗଙ୍ଗା ।

ଖଣ୍ଡଗିରି ପ୍ରସିଧ୍ ବାରଭୂଜି ଗୁମ୍ଫାରେ ଚତୁର୍ବିଂଶତି ତୀର୍ଥଙ୍କର ଓ ସେମାନଙ୍କ ଶାସନଦେବୀଙ୍କ ବିଗ୍ରହ ଖୋଦିତ ହୋଇଅଛି । ଏପର୍ଯ୍ୟନ୍ତ ସମଗ୍ର ଭାରତବର୍ଷର ଦୁଇଟି ସ୍ଥାନରେ ଚର୍ତୁବିଂଶତି ଜୈନ ତୀର୍ଥଙ୍କରଙ୍କ ସହିତ ସେମାନଙ୍କ ଶାସନ ଦେବୀଙ୍କ ସମୂହ ଖୋଦିତ ହୋଇଥିବାର ଦେଖାଯାଏ । ତାହା ହେଉଛି ଖଣ୍ଡଗିରିର ବାରଭୂଜି ଗୁମ୍ଫା ଓ ମଧପ୍ରଦେଶରେ ଦେଓଗଡ଼ ଦୁର୍ଗସ୍ଥିତ ଜୈନମନ୍ଦିର । ଦେଓଗଡ଼ର ଦୁଇଟି ପକ୍ଷୀ (ଶାସନ ଦେବୀ) ଯଥା ସରସ୍ୱ ଓ ସୁମାଳିନୀ । ୧୦୭୦ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିବା ତତ୍ରତ୍ୟ ଖୋଦିତ ଲେଖରୁ ଜଣାଯାଏ । କିନ୍ତୁ ଖଣ୍ଡଗିରି ଲେଖର ସମୟ ୧୦୪୦ ଖ୍ରୀଷ୍ଟାବ୍ଦ ହୋଇଥିବାରୁ ଏଗୁଡ଼ିକ ତଦପେକ୍ଷା ପ୍ରାଚୀନତମ ଶାସନ ଦେବୀ ରୂପେ ବିବେଚ୍ୟ ।

## (୫) ଦିଗମ୍ବର ଜୈନ ଆଚାର୍ଯ୍ୟ ଶ୍ରୀ କୁଳଚନ୍ଦ୍ର ଓ ତାଙ୍କର ଶିଷ୍ୟ ଶ୍ରୀ ଶୁଭଚନ୍ଦ୍ର

ଖଣ୍ଡଗିରି ନବମୁନି ଗୁମ୍ଫାରେ ଆଚାର୍ଯ କୁଳଚନ୍ଦ୍ରଙ୍କ ଶିଷ୍ୟ ଶୁଭଚନ୍ଦ୍ରଙ୍କର ଦୁଇଟି ଲେଖ ରହିଛି । ପ୍ରଥମଟି ହେଉଛି –

୧ମ ଧାଡ଼ି – "ଓଁ ଶ୍ରୀ ଆଚାର୍ଯ୍ୟ କୂଳଚନ୍ଦ୍ରସ୍ୟ ସ୍ୟ ତସ୍ୟ
୨ୟ ଧାଡ଼ି – ଶିଷ୍ୟ ଚେଲୁ ଶୁଭଚନ୍ଦ୍ରସ୍ୟ
୩ୟ ଧାଡ଼ି – ଛତ୍ରଧ୍ୱଜ
'ଚେଲୁ' ଶବ୍ଦରୁ ଓଡ଼ିଆ ଚେଲା (ନବଦୀକ୍ଷିତ) ଶବ୍ଦ ଉତ୍ପନ୍ନ ।

ଜୈନମାନଙ୍କ ମଧରେ ସାଧାରଣ ସନ୍ନ୍ୟାସୀ ସାଧୁ, ସାଧୁମାନଙ୍କ ଶିକ୍ଷାଦାତା ୫ବିଂଶତି ଗୁଣ ସଂପନ୍ନ ବ୍ୟକ୍ତି ଉପାଧ୍ୟାୟ ଏବଂ ଷଟ୍ ତ୍ରିଂଶତ୍ ଗୁଣ ବିଶିଷ୍ଟ ସାଧୁମାନଙ୍କ ଉପଦେଷ୍ଟା ଓ ଜୈନଧର୍ମର ପ୍ରଚାରକ ଆଚାର୍ଯ୍ୟ ନାମରେ ଅଭିହିତ ହେଉଥିଲେ । ତେଣୁ ଆଚାର୍ଯ୍ୟ କୁଳଚନ୍ଦ୍ର ଏକାଦଶ ଶତାବ୍ଦୀର ଜଣେ ପ୍ରସିଧ୍ ଦିଗମ୍ବର ପ୍ରଚାରକ ଥିଲେ ।

ସ୍ୱଆରାଧ ଦେବତାଙ୍କୁ ଛତ୍ର ଓ ଧ୍ୱଜ ପ୍ରଦାନ କରିବା ପ୍ରଥା ପ୍ରାଚୀନ କାଳରେ ବୌଧ୍ ଓ ଜୈନମାନଙ୍କ

ମଧ୍ୟରେ ପ୍ରଚଳିତ ଥିଲା । ଏହି ପ୍ରଥାନୁଯାୟୀ ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କ ନବଦୀକ୍ଷିତ ଶିଷ୍ୟ (ଚେଲୁ) ଶୁଭଚନ୍ଦ୍ର କୁମାର ପର୍ବତରେ ଖୋଦିତ ତୀର୍ଥଙ୍କର ମାନଙ୍କୁ ଛତ୍ର ଓ ଧ୍ୱଜ ସମର୍ପଣ କରିଥିଲେ । ଅର୍ଥାତ୍ ଏକାଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଏହି ପର୍ବତ ସମଗ୍ର ଭାରତରେ ଜୈନମାନଙ୍କ ଏକ ପ୍ରଧାନ ତୀର୍ଥ ରୂପେ ବିବେଚିତ ହେଉଥିଲା ।

ନବମୁନି ଗୁମଫାରେ ଥିବା ଅନ୍ୟ ଲେଖଟି ଇତିହାସ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ଶୁଦ୍ଧ ପାଠ ହେଉଛି -

୧ମ ଧାଡ଼ି - "ଓଁ ଶ୍ରୀମଦ୍ ଉଦ୍ୟୋତକୋଶୀଦେବସ୍ୟ ପ୍ରବର୍ଦ୍ଧମାନେ ବିଜୟ ରାଜ୍ୟେ ସମ୍ୱତ ।

୨ୟ ଧାଡ଼ି - ଶ୍ରୀ ଆର୍ଯ୍ୟସଂଘପ୍ରତିବଦ୍ଧ ଗ୍ରହକୁ ଲବିନିର୍ଗତ ଦେଶୀଗଣଆଚାର୍ଯ୍ୟ ଶ୍ରୀ କୁଳଚନ୍ଦ୍ର

୩ୟ ଧାଡ଼ି - ଭଟ୍ଟାରକସ୍ୟ ତସ୍ୟ ଶିଷ୍ୟ ଶୁଭଚନ୍ଦ୍ରସ୍ୟ ।"

ମୋର ଗଣନା ଅନୁସାରେ ଏହି ଲେଖଟି ମହରାଜାଧିରାଜ ଉଦ୍ୟୋତକେଶରୀଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ବା ୧୦୫୩ ଖ୍ରୀଷ୍ଟାବ୍ଦରେ ଉତ୍କୀର୍ଣ୍ଣ ହୋଇଥିଲା । 'ଆର୍ଯ୍ୟସଂଘ' ଯୋଗାଚାର ପନ୍ଥାର ପ୍ରବର୍ତ୍ତକ ଜନୈକ ପ୍ରସିଦ୍ଧ ଦାର୍ଶନିକ ଥିଲେ । ତେଣୁ ଏହି ପନ୍ଥାରେ ଯୋଗ୍ ମାର୍ଗକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିଲା । ଲେଖ ବର୍ଣ୍ଣିତ ଗ୍ରହକୁଳ ଗୋଟିଏ ପ୍ରସିଦ୍ଧ ଜୈନ କେନ୍ଦ୍ରର ନାମ । ଏହା ବର୍ତ୍ତମାନ 'କରକଲ' ନାମରେ ଅଭିହିତ ଏବଂ ମହୀଶୁର ରାଜ୍ୟର ଦକ୍ଷିଣ କାନର ଜିଲ୍ଲାର ଉଡିପି ତାଲୁକାରେ ଅବସ୍ଥିତ ।

ମଧ୍ୟ ଯୁଗରେ ଜୈନମାନେ ବିଭିନ୍ନ ସଂଘ, ଗଣ ଓ ଗଚ୍ଛରେ ବିଭକ୍ତ ହୋଇଥିଲେ । ଦିଗମ୍ବର ଜୈନମାନଙ୍କ ଏକ ପ୍ରସିଦ୍ଧ ଶାଖାର ନାମ ଦେଶୀଗଣ। ରାଷ୍ଟ୍ରକୂଟ ଓ କଲ୍ୟାଣୀର ଚାଲୁକ୍ୟ ବଂଶୀୟ ଅଧିପତିମାନଙ୍କ ବହୁଲେଖରୁ

ଜଣାଯାଏ ଯେ, ପ୍ରାୟ ୯୫୦ ଖ୍ରୀଷ୍ଟାବ୍ଦରୁ ଦୁଇ ଶତାବ୍ଦୀ କାଳ ଦେଶୀଗଣ ଉକ୍ତ ଦୁଇ ରାଜ୍ୟରେ ବିଶେଷ ଲୋକପ୍ରିୟତା ଅର୍ଜ୍ଜନ କରିଥିଲା । ଶ୍ରୀ କୁଳଚନ୍ଦ୍ର ଏହି ଗଣର ଜଣେ ପ୍ରସିଧ୍ ଆଚାର୍ଯ୍ୟ ଥିଲେ । ସେ ଉତ୍କଳର ଉଦାର ଓ ସର୍ବଧର୍ମ ସମନ୍ୱୟ ବାଦୀପ୍ରସିଧ୍ ସମ୍ରାଟ ଶ୍ରୀ ଉଦ୍ୟୋତ୍‌କେଶରୀଙ୍କ ସାହାଯ୍ୟ ଓ ସହାନୁଭୂତି ଲାଭକରି କୁମାର ପର୍ବତକୁ ଦିଗମ୍ବର ଜୈନଧର୍ମର ଏକ ପ୍ରଧାନ କେନ୍ଦ୍ରରେ ପରିଣତ କରିବାକୁ ବିଶେଷ ଉଦ୍ୟମ କରିଥିଲେ । ତେଣୁ ନବମୁନି ଗୁମ୍ଫାରେ ତାଙ୍କର ଦୁଇଟି ଲେଖ ଦେଖାଯାଏ । ଏଥିରେ ତାଙ୍କର ପଟଶିଷ୍ୟ ଶ୍ରୀ ଶୁଭଚନ୍ଦ୍ର ତାଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ଯୋଗ ସମ୍ବନ୍ଧୀୟ 'ଜ୍ଞାନାର୍ଣ୍ଣବ' ନାମକ ପ୍ରସିଧ୍ ସଂସ୍କୃତ ଗ୍ରନ୍ଥ ପ୍ରଣେତା ଶୁଭଚନ୍ଦ୍ର ଓ ନବମୁନି ଗୁମ୍ଫାରେ ପ୍ରଖ୍ୟାତ ଶୁଭଚନ୍ଦ୍ର ଏକ ଓ ଅଭିନ୍ନ ବୋଲି ପଣ୍ଡିତ ଯୁଗଳକିଶୋରଙ୍କ ମତ । କର୍ଣ୍ଣାଟ ଦେଶାଗତ ଏହି ଦୁଇଜଣ ଦିଗମ୍ବର ଆଚାର୍ଯ୍ୟ ପ୍ରାୟ ଏକସହସ୍ରାଧିକ ବର୍ଷ ପୁର୍ବେକୁମାର ପର୍ବତ (ଖଣ୍ଡଗିରି)ରେ ଶ୍ରୀ ଖାରବେଳଙ୍କ ଦ୍ୱାରା ପ୍ରତିଷ୍ଠିତ ଜୈନକେନ୍ଦ୍ରଙ୍କ ଗୌରବୋଧ୍ୱାର ଯତ୍‌ପରୋନାସ୍ତି ପାଇଁ ଉଦ୍ୟମ କରିଥିଲେ ।

## ଖାରବେଳଙ୍କ ସମୟ ନିରୂପଣ

କଳିଙ୍ଗ ସମ୍ରାଟ୍ ଭାରତବିଜୟୀ ଖାରବେଳଙ୍କ ପ୍ରଶସ୍ତି ଉଦୟଗିରିର ହାତୀଗୁମ୍ଫା ଲେଖରେ ବର୍ଣ୍ଣିତ ହୋଇଅଛି । ୧୮୨୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଡ଼ିଭିଜନର କମିଶନରଙ୍କ ସେକ୍ରେଟାରୀ ଷ୍ଟାର୍ଲିଙ୍ଗ ସର୍ବପ୍ରଥମେ ଏହି ଅଦ୍ୱିତୀୟ ଶିଳାଲେଖ ପ୍ରତି ଭାରତକର ଐତିହାସିକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସେ ଏହାକୁ ପଢ଼ିବାକୁ ସମର୍ଥ ହୋଇନଥିଲେ । ତାଙ୍କ ପରେ ଜେମ୍‌ସ ପ୍ରିନ୍‌ସେପ୍, କନିଙ୍ଗହାମ୍, ରାଜେନ୍ଦ୍ରଲାଲ ମିତ୍ର ପ୍ରଭୃତି ପ୍ରତ୍ନତତ୍ତ୍ୱାନେଷ୍ୱୀ ପଣ୍ଡିତମାନେ ଏହି 'ଲେଖ' ପଢ଼ିବାପାଇଁ ଚେଷ୍ଟା କରିଥିଲେ । କିନ୍ତୁ ସେମାନେ ଆଂଶିକଭାବରେ କୃତକାର୍ଯ୍ୟ ହୋଇଥିଲେ । ବଜେନ୍ଦ୍ରଲାଲ ମିତ୍ର ଏହାର ସମୟ ନିର୍ଦ୍ଧାରଣ ବା ଖାରବେଳଙ୍କ ନାମ ପର୍ଯ୍ୟନ୍ତ ପଢ଼ିବାକୁ ସମର୍ଥ ହୋଇନଥିଲେ । ତାଙ୍କ ମତରେ ଏହା ଅଶୋକଙ୍କ ସମୟର ବା କିଚିତ୍ ପୂର୍ବବର୍ତ୍ତୀ । କିନ୍ତୁ ତାଙ୍କ ମତ ସମ୍ପୂର୍ଣ୍ଣ ଭ୍ରାନ୍ତ ବୋଲି ପ୍ରମାଣିତ ହେଲାଣି । ଲେଖବର୍ଣ୍ଣିତ ସାତକର୍ଣ୍ଣି, ଅଙ୍ଗ-ମଗଧର ବୃହସ୍ପତି ମିତ୍ର ଅଶୋକଙ୍କ ପରବର୍ତ୍ତୀ । ଏହି ଲେଖରୁ ସ୍ପଷ୍ଟ ଜଣାଯାଏ ଯେ, ସେ ଅଙ୍ଗମଗଧର ନନ୍ଦରାଜାଙ୍କ ୩୦୦ ବା ୧୦୦ ବର୍ଷ ପରେ ରାଜତ୍ୱ କରିଥିଲେ । ତେଣୁ ମିତ୍ର ମହାଶୟଙ୍କ ମତ ଗ୍ରହଣୀୟ ନୁହେଁ । ଉତ୍କଳ ଇତିହାସ ଆଲୋଚନାର ପଥପ୍ରଦର୍ଶକ ସ୍ୱର୍ଗତ ପ୍ୟାରୀମୋହନ ଆଚାର୍ଯ ମିତ୍ର ମହାଶୟଙ୍କ ମତ ଗ୍ରହଣ କରିଥିଲେ । ଆଧୁନିକ ଐତିହାସିକମାନଙ୍କର ଏଥିପ୍ରତି ଦୃଷ୍ଟିଦେବା ଉଚିତ୍ ନୁହେଁ । ମିତ୍ର ମହାଶୟଙ୍କ ପରେଗୁଜୁରାଟର ସ୍ୱନାମଧନ୍ୟ ପଣ୍ଡିତ ଭଗବାନଲାଲ ଇନ୍ଦ୍ରଜୀ ସର୍ବପ୍ରଥମେ ଏହି ବିରାଟ ଶିଳାଖେକୁ ପଢ଼ିବାପାଇଁ ସମର୍ଥ ହୋଇଥିଲେ ଓ ତାହା ୧୯୦୭ ମସିହାରେ ଏକ ପୁସ୍ତକରେ ପ୍ରକାଶ କରିଥିଲେ । ସେ ଭାଷାତତ୍ତ୍ୱ ଓ ବ୍ରାହ୍ମୀ ବର୍ଣ୍ଣମାଳାର କ୍ରମବିକାଶ ଇତ୍ୟାଦି ବହୁ ଗବେଷଣା ସହିତ ଆଲୋଚନା କରି ଏହି ଲେଖଟି ମୌର୍ଯ୍ୟ ସମ୍ରାଟ୍ ଅଶୋକଙ୍କ ପରବର୍ତ୍ତୀ ବୋଲି ସ୍ଥିରି କରିଥିଲେ । କିନ୍ତୁ ସେ ଖାରବେଳଙ୍କ ସମୟ ସ୍ଥିରରୂପେ ନିର୍ଣ୍ଣୟ କରିପାରିନଥିଲେ । ତଥାପି ସେ ଏହି ଲେଖ ପାଠକରି ବିଶେଷ ଖ୍ୟାତି ଅର୍ଜ୍ଜନ କରିଥିଲେ ଓ ତାଙ୍କଠାରେ ଉତ୍କଳ ଏହି ନୂତନ ଆବିଷ୍କାର ପାଇଁ ଋଣୀ । ତାଙ୍କ ପରେ ଆଧୁନିକ ଯୁଗର ଏକତମ ଶ୍ରେଷ୍ଠ ଐତହାସିକ ସ୍ୱର୍ଗତ କାଶୀପ୍ରସାଦ ଜୟସ୍ୱାଲ ୧୯୧୭ରେ ଏହି ଖେର ବିସ୍ତୃତ ସମାଲୋଚନା, ବହୁପା, ଶବ୍ଦାର୍ଥ ଓ ଅନ୍ୟାନ୍ୟ ଐତିହାସିକମାନଙ୍କ ମତ ସହିତ 'ବିହାର-ଓଡ଼ିଶା ଗବେଷଣା ସମିତି ପତ୍ରିକାର ତୃତୀୟ ଭାଗରେ ପ୍ରକାଶ କରିଥିଲେ । ତତ୍‌ପରର୍ବ ଉକ୍ତ ପତ୍ରିକାରେ ଜୟସ୍ୱାଲ ମହାଶୟ ଏ ସମ୍ପର୍କରେ ଆଉ ଦୁଇଟି ପ୍ରବନ୍ଧ ପ୍ରକାଶ କରିଥିଲେ । ପ୍ରସିଧ୍ ଐତିହାସିକ ସ୍ୱର୍ଗତଃ ରାଖାଲଦାସ ବନ୍ଦ୍ୟୋପାଧ୍ୟାୟ ଖଣ୍ଡଗିରି ଓ ଉଦୟଗିରିରେ ଥିବା ଅନ୍ୟ ଲେଖଗୁଡ଼ିକର ପାଠ 'ଏପିଗ୍ରାଫିଁୟା ଇଣ୍ଡିକା' ପତ୍ରିକାର ତ୍ରୟୋଦଶ ଭାଗରେ ପ୍ରକାଶ

କରିଥିଲେ । ଜୟସ୍ୱାଲ ଓ ବାନର୍ଜୀ ଉପଯୁକ୍ତ ପ୍ରମାଣ ନପାଇ ମଧ ଖାରବେଳ ସୁଙ୍ଗବଂଶ ପ୍ରତିଷ୍ଠାତା ପୁଷ୍ୟମିତ୍ରଙ୍କର ସମସାମୟିକ ବୋଲି ସ୍ଥିତର କଲେ । ବାନର୍ଜୀ ମହାଶୟ ସ୍ୱପ୍ରଣିତ 'ଓଡ଼ିଶା ଇତିହାସ' ପ୍ରଥମ ଭାଗରେ ଏହି ଭ୍ରାନ୍ତ ମତ ସନ୍ନିବେଶ କରିଅଛନ୍ତି । କିନ୍ତୁ ଏହି ଶିଳାଲେଖଟି ୧୯୧୭ରେ ପ୍ରକାଶିତ ହେବା ପରେ ଭାରତର ଅନେକ ଐତିହାସିକ ଏହର ଆଲୋଚନା କରିବାକୁ ଆରମ୍ଭ କଲେ । ଭାରତ ଇତିହାସରେ ଖାରବେଳ ଅଧାୟ ନୂତନ ଭାବରେ ଲେଖାଗଲା । ସ୍ମିଥ୍ ମାରଶାଲ୍ ଜୟସ୍ୱାଲଙ୍କ ଉକ୍ତ ଭ୍ରାନ୍ତ ମଧ ଗ୍ରହଣ କରିଥିଲେ । କିନ୍ତୁ ସ୍ୱର୍ଗତଃ ରମାପ୍ରସାଦ ଚନ୍ଦ, ଶ୍ରୀଯୁକ୍ତ ହେମଚନ୍ଦ୍ର ରାୟଚୌଧୁରୀ ଓ ସ୍ୱର୍ଗତଃ ବେନିମାଧବ ବରୁଆ ନାନା ଯୁକ୍ତିଦ୍ୱାରା ଜୟସ୍ୱାଲ ଓ ବାନର୍ଜୀଙ୍କ ମତ ଖଣ୍ଡନ କରିଅଛନ୍ତି । ସେମାନେ ଖାରବେଳ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ସମ୍ରାୟ୍ ବୋଲି ସ୍ଥିର କଲେ । କିନ୍ତୁ ଏମାନଙ୍କ ମତ ମଧ ଅଭ୍ରାନ୍ତ ବୋଲି ପ୍ରତିପନ୍ନ ହେଉନାହିଁ ।

ଖାରବେଳଙ୍କ ସମୟ ସ୍ଥିର ରୂପେ ନିର୍ଦ୍ଧାରିତ ନହେଲେ ଉତ୍କଳରେ ଜୈନଧର୍ମ ପ୍ରଚାର, ଉତ୍କଳୀୟ ଶିଳ୍ପକଳା ଓ ଲିପିତତ୍ତ୍ୱର ବିକାଶର ଇତିହାସ ସ୍ଥିର ହୋଇପାରିବ ନାହିଁ । ଏହା ସହିତ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟର ଇତିହାସ ଘନିଷ୍ଠଭାବରେ ସଂପୃକ୍ତ । ପଣ୍ଡିତ ଡ଼କ୍ଟର ନୀଳକଣ୍ଠ ଦାସ ସ୍ୱର୍ଗତ ପଣ୍ଡିତ କୃପାସିନ୍ଧୁ ମିଶ୍ର, ଓ ଅନ୍ୟାନ ଐତିହାସିକମାନେ ଜୟସ୍ୱାଲଙ୍କ ଭ୍ରାନ୍ତ ମତକୁ ନିର୍ବିଚାରରେ ଗ୍ରହଣ କରିଅଛନ୍ତି । ତେଣୁ ଏ ବିଷୟରେ ଏକ ସିଧାନ୍ତର ଉପନୀତ ହେବା ଆବଶ୍ୟକ । ସମସ୍ତଙ୍କ ମତ ଆଲୋଚନା କରିବା ବର୍ତ୍ତମାନ କ୍ଷେତ୍ରରେ ସମ୍ଭବପର ନୁହେଁ । ତେଣୁ କେବଳ ଜୟସ୍ୱାଲ, ବାନାର୍ଜୀ, ଚନ୍ଦ, ରାୟଚୌଧୁରୀ ଓ ବରୁଆଙ୍କ ମତ ଏଥବରେ ଆଲୋଚନା କରି ନିଜର ମତ ପ୍ରକାଶ କରୁଅଛି । ଏହି ମତ ପ୍ରତିଷ୍ଠିତ ହେଲେ ଉତ୍କଳର ପ୍ରାଚୀନ ଇତିହାସ ସୁଶୃଙ୍ଖଳ ଓ ଧାରାବାହିକ ହେବ ବୋଲି ମୋର ବିଶ୍ୱାସ । ଖାରବେଳଙ୍କ ସମୟ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରୁ ନିମ୍ନଲିଖିତ ସୂଚନା ମିଳେ । ପାଠକମାନଙ୍କ ସୁଖବୋଧ ନିମିତ୍ ଲେଖର ସଂସ୍କୃତାନୁବାଦରୁ ଆବଶ୍ୟକ ପଂକ୍ତି ନିମ୍ନରେ ଉଧୃାର କରାଗଲା ।

(୧) ସମ୍ପୂର୍ଣ୍ଣ ଚତୁର୍ବିଂଶତି ବର୍ଷଃ ସଂ-ଇତାଦୀ ବର୍ଦ୍ଧମାନ୍ - ଶେଷ ଯୌବନାଭିବିଜୟ ସ୍ତୃତୀୟେ କଳିଙ୍ଗ ରାଜବଂଶେ ପୁରୁଷ ଯୁଗେ ମହାରାଜାଭିଷେଚନଂ ପ୍ରାପ୍ନୋତି ।

(୨) ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ଶାତକର୍ଣ୍ଣି.. ଦଣ୍ଡ ପ୍ରସ୍ଥାପୟତି ।

(୩) ୫ମେ ଚେଦାନୀ ବର୍ଷେ ନନ୍ଦରାଜେନ ତ୍ରିବର୍ଷ ଶତାତ୍ ପୂର୍ବ ମୁଦ୍ଘାଟିତ୍ ତଉଶୂଳି ଚର୍ମନଃ ପ୍ରଣାଳୀଂ ନଗରଂ ପ୍ରବେଶୟତି ।

(୪) ଅଷ୍ଟମେ ଚ ବର୍ଷେ ମଥୁରାମପଯାତ ଏକ ନରେନ୍ଦ୍ରଃ ।

(୫) ଏକାଦଶେ ଚ ବର୍ଷେ - କଳିଙ୍ଗ ପୂର୍ବରାଜ ନିବେଶିତ ପୃତ୍ଦକ ଦର୍ଭନଗରେ ନିକ୍ଷସୟତି ଜୀନପଦ ଭବନଂ ଚ ତ୍ରୟୋଦଶଂ ବର୍ଷ ଶତକୃତଂ ଭିନତି ତିମିର ହ୍ରଦ ସଂଖ୍ୟାତଂ ।

(୬) ଦ୍ୱାଦଶେ ଚ ବର୍ଷେ ମାଗଧାନ ଚ ରାଜ୍ଞଂ ବୃହସ୍ପତିମିତ୍ରଂ ପାଦୌ ବନ୍ଦୟତି । ନନ୍ଦରାଜ ନୀତଂ କାଳିଙ୍ଗ ଜିନାସଂ ଅଙ୍ଗ ମଗଧେଭ୍ୟଃ କଳିଙ୍ଗ ମାନୟତି ।

ହାତୀଗୁମ୍ଫା ଲେଖର 'ଶାତକର୍ଣ୍ଣି', 'ବୃହସ୍ପତି ମିତ୍ର' ଓ 'ନନ୍ଦରାଜ'ଙ୍କ ସମୟ ନିରୂପିତ ହେଲେ ଖାରବେଳଙ୍କ ସମୟ ଅନାୟାସରେ ସ୍ଥିତରି ହୋଇପାରିବ । ଭାରତର କେତେକ ପ୍ରାଚୀନ ଲେଖର ବ୍ରାହ୍ମୀ ବର୍ଣ୍ଣମାଳା ସହିତ ହାତୀଗୁମ୍ଫା ଲେଖରେ ବ୍ୟବହୃତ ବ୍ରାହ୍ମୀ ବର୍ଣ୍ଣମାଳାର ଅକ୍ଷ ବହୁତ ସାମଞ୍ଜସ୍ୟ ଲକ୍ଷିତ ହୁଏ । ସେଗୁଡ଼ିକ ମଧରୁ

କେତେକରେ 'ଶାତକର୍ଣ୍ଣି' ଓ ବୃହସ୍ପତି ମିତ୍ରଙ୍କର ନାମ ମିଳେ ।

ମଗଧର ବାରବାର ପବର୍ତରେ (ପ୍ରବରଗିରି) ଉକ୍ତ ପର୍ବତର ପ୍ରାଚୀନ ନାମ 'ଗୋରଧଗିରି' ଖୋଦିତ ହୋଇଅଛି । ହାତୀଗୁମ୍ଫା ଲେଖରେ ମଧରେ 'ଗୋଧରଗିରି'ର ନାମ ମିଳେ । ବାନର୍ଜୀଙ୍କ ମତରେ ଖାରବେଳ ମଗଧ ଆକ୍ରମଣ ସମୟରେ ଏହାକୁ ଲେଖିଥିଲେ । ଏହା ସମୀଚୀନ ମନେହୁଏ ।

ସ୍ୱର୍ଗତ ଜୟସ୍ୱାଲ ମହାଶୟ ନିମ୍ନଶିଖିତ ପ୍ରମାଣମାନ ଉପସ୍ଥାପିତ କରିଛନ୍ତି (୧) ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ସେନାପତି ପୁଷ୍ୟମିତ୍ରଙ୍କ ଦ୍ୱାରା ସୁଙ୍ଗରାଜତ୍ୱ ଖ୍ରୀ.ପୂ. ୧୮୫ରେ ପ୍ରତିଷ୍ଠିତ ହୋଇଥିଲା । ସେ ବ୍ରାହ୍ମଣ୍ୟଧର୍ମର ପୁନରୁତ୍‌ଥାନ ପାଇଁ ଦୁଇଟି ଅଶ୍ୱମେଧ ଯଜ୍ଞ କରିଥିଲେ ଓ ବିଶେଷ ପରାକ୍ରମଶାଳୀ ଥିଲେ । ସେ ଯବନରାଜ ଡିମେଟ୍ରିୟସଙ୍କୁ ଯୁଧିରେ ପରାସ୍ତ କରିଥିଲେ । ଜୟସ୍ୱାଲ ସୁଙ୍ଗବଂଶ ପ୍ରତିଷ୍ଠାତା ପୁଷ୍ୟମିତ୍ର ଓ ହାତୀଗୁମ୍ଫା ଲେଖର 'ମହସତି ମିତ' ବା 'ବୃହସ୍ପତି ମିତ୍ର' ଏକ ଓ ଅଭିନ୍ନ ବୋଲି ଗ୍ରହଣ କରିଅଛନ୍ତି । ସାଂଖ୍ୟାୟନ ଗୃହ୍ୟସୂତ୍ରରୁ ସେ ଦୁହେଁ ଏକ ବ୍ୟକ୍ତି ଥିବାର କୌଣସି ପ୍ରମାଣ ମିଳେନାହିଁ । ଏଥିରୁ କେବଳ ଜଣାଯାଏ ଯେ, ପୁଷ୍ୟ ତାରକାପଙ୍କ୍ତିରେ ବୃହସ୍ପତି ଶ୍ରେଷ୍ଠ ବୋଲି ପରିଗଣିତ । କିନ୍ତୁ ଏପରି ଗୋଟାଏ ସାମାନ୍ୟ କଥା ଉପରେ ନିର୍ଭର କରି ଇତିହାସ ଲେଖିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ପୁନଶ୍ଚ 'ବୃହସ୍ପତି ମିତ୍ର' ନାମରେ ଅନେକ ରାଜାଙ୍କ ନାମ ମିଳେ ଓ ସେମାନଙ୍କ ମଧ୍ୟରୁ କେତେଜଣ ଅଙ୍ଗ ମଗଧରେ ମଧ ରାଜତ୍ୱ କରୁଥିଲେ । 'ଦିବ୍ୟାବଦାନ'ରୁ ଜଣାଯାଏ ଯେ, ଅଶୋକଙ୍କ ନାତି ସଂପ୍ରତିଙ୍କ ପରେ ମୌର୍ଯ୍ୟବଂଶୀୟ 'ବୃହସ୍ପତି' ମଗଧରେ ରାଜତ୍ୱ କରିଥିଲେ । ପୁରାଣମାନଙ୍କରୁ ମଧ ମୌର୍ଯ୍ୟ ବୃହସ୍ପତି ମିତ୍ରଙ୍କର ନାମ ମିଳେ । ମୌର୍ଯ୍ୟ ଯୁଗର ବ୍ରାହ୍ମୀ ଅକ୍ଷରରେ ଲିଖିତ ଯଶମିତ୍ରାଙ୍କ ଇଷ୍ଟକଲିପିରି ଜଣାଯାଏ ଯେ, ସେ ବୃହସ୍ପତି ମିତ୍ରଙ୍କର କନ୍ୟା ଥିଲେ । ଅହିଛତ୍ର ରାଜା ଆଷାଢ଼ସେନଙ୍କ ପଭୋସ ଲେଖରେ ମଧ ବୃହସ୍‌ପତି ମିତ୍ରଙ୍କର ନାମ ଦୁଇବାର ଲିଖିତ ହୋଇଅଛି । ଆଷାଢ଼ସେନ ଉଦାକ ନାମକ ରାଜାଙ୍କର ରାଜତ୍ୱର ଦଶମ ବର୍ଷରେ ଗୋଟିଏ ଗୁମ୍ଫା ନିର୍ମାଣ କରିଥିଲେ । କୋଶ୍ୱାରୁ ପ୍ରାପ୍ତ କେତେକ ମୁଦ୍ରାରେ ଦୁଇଜଣ ବୃହସ୍ପତି ମିତ୍ରଙ୍କ ନାମ ମିଳେ । ସେଥିମଧ୍ୟରୁ ଜଣଙ୍କର ମୁଦ୍ରାରେ ମୌର୍ଯ୍ୟଯୁଗର ବ୍ରାହ୍ମୀ ନାମ ମିଳେ । ସେଥିମଧ୍ୟରୁ ଜଣଙ୍କର ମୁଦ୍ରାରେ ମୌର୍ଯ୍ୟ ଯୁଗର ବ୍ରାହ୍ମୀ ବର୍ଣ୍ଣମାଳା ପରିଦୃଷ୍ଟ ହୁଏ । ଲକ୍ଷ୍ନୌ ମିଉଜିୟମରେ ଥିବା ଗୋଟିଏ ମୁଦ୍ରାରେ ମଧ ବୃହସ୍ପତି ମିତ୍ରଙ୍କର ନାମ ମିଳେ । ଏତେଗୁଡ଼ିଏ ବୃହସ୍ପତି ମିତ୍ର ଥାଉଁ ଥାଉଁ ଜୟସ୍ୱାଲ ଟାଣିଓଟାରି ପୁଷ୍ୟମିତ୍ର ଓ ବୃହଷ୍ପତି ମିତ୍ର ଅଭିନ୍ନ ବୋଲି ଉଲ୍ଲେଖ କରିଅଛନ୍ତି, ଏହା ଆଦୌ ସମ୍ଭବପର ନୁହେଁ । ହାତୀଗୁମ୍ଫା ଲେଖର ବୃହସ୍ପତି ମିତ୍ର ଉପରୋକ୍ତ 'ବୃହସ୍ପତି ମିତ୍ର' ମାନଙ୍କ ମଧ୍ୟରୁ ଜଣେ ହେବା ସମ୍ଭବପର । ପୁନଶ୍ଚ ପୁଷ୍ୟମିତ୍ର ବିଶେଷ ପରାକ୍ରମଶାଳୀ ଥିଲେ । ସେ ଉତ୍‌ତରଭାରତର ଅଧିକାଂଶ ଜୟ ଓ ଯବନରାଜକୁ ପରାସ୍ତ କରିଥିଲେ । ସେ ନିଜ କ୍ଷମତା ପ୍ରଦର୍ଶନ ନିମିତ୍‌ ଦୁଇଟି ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ । ଖାରବେଳ ତାଙ୍କୁ ଦୁଇବାର ପରାସ୍ତ କରିବା ଅସମ୍ଭବ ପରି ଜଣାଯାଏ । ତେଣୁ ଜୟସ୍ୱାଲଙ୍କ ଏହି ମତ ଆଦୌ ଗ୍ରାହ୍ୟ ନୁହେଁ ।

(୨) ହାତୀଗୁମ୍ଫା ଲେଖର ଶାତକର୍ଣ୍ଣିଙ୍କୁ ସେ ଆନ୍ଧ୍ର ସାତବାହନବଂଶୀୟ ତୃତୀୟ ରାଜା 'ନାୟନିକା ସ୍ୱାମୀ' ସିମୁକ ପୁତ୍ର ସମଗ୍ର ଦାକ୍ଷିଣା ପଥପତି ଶାତକର୍ଣ୍ଣି ବୋଲି ଗ୍ରହଣ କରିଛନ୍ତି । ତାଙ୍କର ଏହି ମତ ସମୀଚୀନ । ସେ ଖ୍ରୀ.ପୂ. ୨୦୦ ଅବ୍ଦରେ ସାତବାହନ ବଂଶ ପ୍ରତିଷ୍ଠିତ ହୋଇଥିବାର ସ୍ଥିରକରି ଶାତକର୍ଣ୍ଣିଙ୍କ ରାଜତ୍ୱ ଖ୍ରୀ.ପୂ. ୧୭୪ରେ ନିର୍ଦ୍ଦିଷ୍ଟ କରିଛନ୍ତି ।

(୩) ସେ ନନ୍ଦରାଜାଙ୍କୁ ମହାପଦ୍ମନନ୍ଦ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ହାତୀଗୁମ୍ଫା ଲେଖର

୩୦୦ ନନ୍ଦାବ୍ଦ ବ୍ୟବହୃତ ହୋଇଅଛି । ସେ କହନ୍ତି ମହାପଦ୍ମନନ୍ଦଙ୍କ ପିତାମହ ନନ୍ଦିବର୍ଦ୍ଧନ ଖ୍ରୀ.ପୂ. ୪୦୮ ଅବ୍ଦରେ ନନ୍ଦାବ୍ଦ ଚଳାଇଥିଲେ । ତାଙ୍କ ମତର ପୋଷକତା କରିବାପାଇଁ ସେ ଆଲ୍‌ବରନି୍ ଓ ଚାଲୁକ୍ୟରାଜ ଷଷ୍ଠ ବିକ୍ରମାଦିତ୍ୟଙ୍କ ଶିଳାଲେଖରୁ ପ୍ରମାଣ ସଂଗ୍ରହ କରିଅଛନ୍ତି ।

ଏହା ସୁନିଶ୍ଚିତ ଯେ, ହାତୀଗୁମ୍ଫା ଲେଖର ନନ୍ଦାବ୍ଦର କୌଣସି ସୂଚନା ନାହିଁ । ଏଥିରେ ସ୍ପଷ୍ଟ ଲେଖା ହୋଇଛି ଯେ, ଖାରବେଳଙ୍କ ରାଜତ୍ୱର ୫ମ ବର୍ଷର ୩୦୦ ବର୍ଷ ବା ୧୦୩ ବର୍ଷ ପୂର୍ବରୁ ନନ୍ଦରାଜ ତୋଷଳି ବାଟରେ କଳିଙ୍ଗ ନଗରକୁ ଗୋଟିଏ କେନାଲ ଖୋଳାଇଥିଲେ ।" ଏହାକୁ ୩୦୦ ବା ୧୩୩ ନନ୍ଦାବ୍ଦ ବୋଲି ଧରି ସେ ଭ୍ରମରେ ପଡ଼ିଛନ୍ତି । ଭାରତର ପ୍ରାଚୀନ ଅବ୍ଦମାନଙ୍କରେ ନନ୍ଦାବ୍ଦର ନାମ ମିଳେନାହିଁ । ତେଣୁ ଏହା ଆଦୌ ନନ୍ଦାବ୍ଦ ନୁହେଁ । ଦ୍ୱିତୀୟ କଥା, ମୌର୍ଯ୍ୟବଂଶ ନନ୍ଦବଂଶ ଧ୍ୱଂସପରେ ଖ୍ରୀ.ପୂ. ୩୨୪ ଅବ୍ଦରେ ପ୍ରତିଷ୍ଠିତ ହୋଇଥିଲା । ପୁରାଣ, ଜୈନ ଓ ବୌଦ୍ଧଗ୍ରନ୍ଥମାନଙ୍କ ମତରେ ନନ୍ଦବଂଶ ପ୍ରାୟ ୧୦୦ ବର୍ଷ ରାଜତ୍ୱ କରିଥିଲେ । ନନ୍ଦମାନଙ୍କର ୯୧ ବର୍ଷ ରାଜତ୍ୱ 'ଅନନ୍ଦାବ୍ଦ' ବୋଲି ରକ୍ଷଣଶୀଳ ହିନ୍ଦୁମାନଙ୍କଦ୍ୱାରା ଗଣନା କରାହେଉଥିଲା । ତାହାହେଲେ ନନ୍ଦମାନେ ପ୍ରା= ୩୨୪+୧୦୦=୪୨୪ ଖ୍ରୀଷ୍ଟ ପୂର୍ବରୁ ରାଜତ୍ୱ ଆରମ୍ଭ କରିଥିବେ । ନନ୍ଦମାନେ କ୍ଷତ୍ରିୟକୁଳଧ୍ୱଂସୀ ଓ ନୀଚ ବଂଶୋଦ୍ଭବ ବୋଲି ବ୍ରାହ୍ମଣମାନଙ୍କ ଦ୍ୱାରା ଘୃଣିତ ହେଉଥିଲେ । ବୌଦ୍ଧ ଓ ଜୈନ ମାନେ ମଧ ସେମାନଙ୍କୁ ଶ୍ରଦ୍ଧା କରୁନଥିଲେ । ଏପରି ଅବସ୍ଥାରେ ତାଙ୍କର ଅବ୍ଦ କିଏ ଗ୍ରହଣ କରିଥିଲା ? ଆଲ୍‌ବରୁନିଙ୍କ ଭାରତ ବିବରଣରେ ନନ୍ଦାବ୍ଦର ସୂଚନା ନାହିଁ । ଚାଲୁକ୍ୟ ରାଜା ଷଷ୍ଠ ବିକ୍ରମାଦିତ୍ୟଙ୍କ ୟେନ୍‌ବରା ଲେଖରୁ ଜଣାଯାଏ ଯେ, ସେ ନନ୍ଦ ଓ ବିକ୍ରମାଦିତ୍ୟଙ୍କଠାରୁ ଅଧିକତର ଯଶ ଓ ଗୌରବ ଲାଭ କରିଥିଲେ ।

ଏଥିରେ ନନ୍ଦାବ୍ଦର ନାମ ସୁଧା ନାହିଁ, ଶକାବ୍ଦର ନାମ ଅଛି । ଭାରତର ସହସ୍ର ସହସ୍ର ପ୍ରାଚୀନ ଲେଖ ଓ ଗ୍ରନ୍ଥମାନଙ୍କରେ ମାଳବାବ୍ଦ, ବୁଧଙ୍କ ନିର୍ବାଣାବ୍ଦ, ବୀର ସମ୍ୱତ୍ (ମହାବୀର), ବିକ୍ରସମ୍ୱତ, ଶକାବ୍ଦ, କଳିଯୁଗାବ୍ଦ, ଯୁଧିଷ୍ଠରାବ୍ଦ ପ୍ରଭୃତି ଅନ୍ୟାନ୍ୟ କେତେକ ଅବ୍ଦ ବ୍ୟବହୃତ ହୋଇଥିବାର ଦେଖାଯାଏ । କିନ୍ତୁ କୌଣସି ଗୋଟିଏ ଗ୍ରନ୍ଥ ବା ଲେଖରେ ନନ୍ଦାବ୍ଦର ବ୍ୟବହାର ଏ ପର୍ଯ୍ୟନ୍ତ ମିଳିନାହିଁ । ହାତୀଗୁମ୍ଫା ଲେଖରେ ମଧ ଏହା ବ୍ୟବହୃତ ହୋଇନାହିଁ । ଏଥିରୁ କେବଳ ଏତିକି ଜଣାଯାଏ ଯେ, ଖାରବେଳଙ୍କ ରାଜତ୍ୱର ୫ମ ବର୍ଷର ୪୦୦ ବର୍ଷ ପୂର୍ବରୁ ନନ୍ଦରାଜା କଳିଙ୍ଗରେ କେନାଲ ଖୋଳାଇଥିଲେ ।

ଜୟସ୍ୱାଲ ମହାଶୟ ହାତୀଗୁମ୍ଫା ଲେକର ତ୍ରୟୋଦଶ ଧାଡ଼ିରେ ଥିବା 'ୟେ ବ ନରିଦ୍ରୋ ସବଘା'କୁ 'ଯବନରାଜ ଦିମିତ' ପାଠକରି ତାଙ୍କୁ ଗ୍ରୀକ୍‌ରାଜା ଡ଼େମିଟ୍ରିୟସ୍‌ଙ୍କୁ ପରାସ୍ତକରିଥିଲେ । କିନ୍ତୁ ଏହା ସତ୍ୟ ନୁହେଁ । କାରଣ ପ୍ରାଚୀନ ଲେଖ, ପୁରାଣ, ସଂହିତା ଓ ଅନ୍ୟାନ୍ୟ ବୌଧ୍ଗ୍ରନ୍ଥମାନଙ୍କରୁ ସ୍ପଷ୍ଟ ଜଣାଯାଏ ଯେ, ସୁଙ୍ଗବଂଶ ପ୍ରତିଷ୍ଠାତା ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍‌ଥାନକାରୀ ପୁଷ୍ୟମିତ୍ର ଗ୍ରୀକ୍ ବା ମ୍ଲେଚ୍ଛମାନଙ୍କୁ ସଂପୂର୍ଣ୍ଣ ରୂପେ ପରାସ୍ତ କରି ବିଜୟର ଚିହ୍ନ ସ୍ୱରୂପ ବହୁକାଳ ଲୁପ୍ତ ଅଶ୍ୱମେଧଯଜ୍ଞ ଖ୍ରୀ.ପୂ. ୧୭୫ ଅବ୍ଦରେ ଅନୁଷ୍ଠାନ କରିଥିଲେ । ଏହିପରି ଅକାଟ୍ୟ ପ୍ରମାଣ ଥାଉ ଥାଉ କେବଳ ପାଚଟି ଅର୍ଦ୍ଧଲୁପ୍ତ ଅକ୍ଷରର ଭ୍ରମପୂର୍ଣ୍ଣ ପାଠ ଉପରେ ନିର୍ଭର କରି 'ଖାରବେଳ ଯବନରାଜଙ୍କୁ ପରାସ୍ତ କରିଥିଲେ' କହିବା ଆଦୌ ସମୀଚୀନ ନୁହେଁ । ସ୍ୱର୍ଗତ ବରୁଆ, ଏହି ପାଚଟି ଅକ୍ଷରଟି 'ୟେବ ନରିଦୋ' ବୋଲି ପାଠ କରିଅଛନ୍ତି । ଜୟସ୍ୱାଳ ମହାଶୟ ମଧ ପ୍ରଥମେ 'ୟେବ ନରିଦୋ' ବୋଲି ପାଠ ଅବଲମ୍ବନ କରି 'ଯବନରାଜ ଦିମିତ' ବୋଲି ପଢ଼ିଛନ୍ତି । ଏ ପାଠ ଯେ ଅଶୁଦ୍ଧ ଏହା ହାତୀଗୁମ୍ଫା ଲେଖ ଓ ତାହାର ବା ପ୍ରତିଲିପି ଦ୍ୱାରା ପ୍ରମାଣିତ ହୋଇଅଛି । ତେଣୁ ଖାରବେଳଙ୍କ ସହିତ 'ଯବନରାଜ ଦିମିତ' ବା ଡ଼ିମେଟ୍ରିୟସ୍‌ଙ୍କର ସଂଘର୍ଷ ଆଦୌ ହୋଇ ନଥିଲା ବା ଖାରବେଳ ତାଙ୍କର ସମସାମୟିକ ନୁହନ୍ତି ।

ସ୍ୱର୍ଗତଃ ରମାପ୍ରସାଦ ଚନ୍ଦ ଜୟସ୍ୱାଲଙ୍କ ମତ ଗ୍ରହଣ ନକରି ଏ ବିଷୟରେ ନୂତନ ଭାବରେ ଆଲୋଚନା କରିଅଛନ୍ତି । ତାଙ୍କ ମତରେ ଲେଖବର୍ଣ୍ଣିତ 'ନନ୍ଦରାଜ' ମହାପଦ୍ମପନ୍ଦ ବା ତାଙ୍କର କୌଣସି ବଂଶଧର ହୋଇପାରନ୍ତି । ପୁରାଣ ଓ କିମ୍ବଦନ୍ତୀମାନଙ୍କରୁ ଜଣାଯାଏ ଯେ, ମହାପଦ୍ମନନ୍ଦ ସମଗ୍ର ଭାରତ ବିଜୟ ସମୟରେ ଅନେକ ରାଜାଙ୍କୁ ପରାସ୍ତ କରି କ୍ଷତ୍ରିୟକୁଳ ନିଧନ କରିଥିଲେ । ଏହି ମତ ସଂପୂର୍ଣ୍ଣ ସମୀଚୀନ, କାରଣ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କୂଟନୀତିଜ୍ଞ ଚାଣକ୍ୟଙ୍କ ସାହାଯ୍ୟରେ ପାଟଳିପୁତ୍ରର ଶେଷ ନନ୍ଦରାଜାଙ୍କୁ ପରାସ୍ତ କରି ତାଙ୍କ ସାମ୍ରାଜ୍ୟ ଅଧିକାର କରିଥିଲେ । ବଙ୍ଗଳାର ବୁଗୁଡ଼ା ଜିଲ୍ଲାସ୍ଥ ମହାସ୍ଥାନ ଗନରୁ ପ୍ରାପ୍ତ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଲେଖ ଓ ଦକ୍ଷିଣାତ୍ୟ ପ୍ରଚଳିତ କିମ୍ବଦନ୍ତୀମାନଙ୍କରୁ ସ୍ପଷ୍ଟ ଜଣାଯାଏ ଯେ, ଚନ୍ଦ୍ରଗୁପ୍ତ ଦକ୍ଷିଣରେ କାବେରୀ ନଦୀ ଓ ପୂର୍ବରେ ବ୍ରହ୍ମପୁତ୍ର ନଦୀ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ବୋଧହୁଏ ଉକ୍ତ ବିଶାଳଭୂଖଣ୍ଡ ନନ୍ଦମାନଙ୍କ ଅଧୀନରେ ଥିଲା । ନନ୍ଦମାନେ ପରାସ୍ତ ହେବାରୁ ଚନ୍ଦ୍ରଗୁପ୍ତ ବିଶାଳ ନନ୍ଦ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ । ଚନ୍ଦ ମହାଶୟ ହାତୀଗୁମ୍ଫା ଲେଖର 'ତ୍ରିବର୍ଷଶତ' କୁ ୩୦୦ ରୂପେ ଅର୍ଥକରି ଖାରବେଳ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ରାଜା ବୋଲି ସ୍ଥିର କରିଅଛନ୍ତି । କିନ୍ତୁ ଏ ସମ୍ବନ୍ଧରେ ମତଦ୍ୱୈଧ ଦେଖାଯାଏ । ଲେଖର ସଂଖ୍ୟାବାଚନ ଅନ୍ୟ ଦୁଇ ଶବ୍ଦ ଯଥା 'ସତଦସ ଲେଣ-ସତ୍ୟ' ଅର୍ଥ ୧୧୭ଟି ଗୁମ୍ଫା, 'ତେରସ-ବସ-ସତ'ର ଅର୍ଥ ୧୧୩ ବର୍ଷ ବୋଲି ଗୃହୀତ ହୋଇଥିବା ସ୍ଥଳେ, କେତେକ ଐତିହାସିକ ତି-ବସ-ସତ'କୁ ୧୦୩ ପରବର୍ତ୍ତିରେ ୩୦୦ ବର୍ଷ ରୂପେ ଗ୍ରହଣ କରୁନାହାନ୍ତି । ଏ ସମ୍ପର୍କରେ ସ୍ୱର୍ଗତଃ ବିଜୟଚନ୍ଦ୍ର ମଜୁମଦାରଙ୍କ ମତ ଉଲ୍ଲେଖଯୋଗ୍ୟ ।

ସ୍ୱର୍ଗତଃ ଅଧ୍ୟାପକ ବରୁଆ ଓ ଅନ୍ୟାନ ପାଲିଭାଷାବିତ୍ ପଣ୍ଡିତମାନେ ମଧ ବ୍ୟାକରଣ ଓ ଭାଷାର ଶୈଳୀ ବିଚାର କରି ଏହାକୁ ୧୦୩ ବର୍ଷ ରୂପେ ଗ୍ରହଣ କରିଛନ୍ତି । ସେମାନଙ୍କ ମତରେ ଖାରବେଳ ନନ୍ଦରାଜାଙ୍କର (୧୦୩-୫) = ୯୮ ବର୍ଷ ପରେ ରାଜତ୍ୱ କରିଥିଲେ ।

ଚନ୍ଦଙ୍କ ମତରେ ହାତୀଗୁମ୍ଫା ଲେଖର ଶାତକର୍ଣ୍ଣି, ଦ୍ୱିତୀୟ ଶାତକର୍ଣ୍ଣି । ତାହାର ପ୍ରମାଣ ସ୍ୱରୂପ ସେ ଲେଖିଅଛନ୍ତି ଯେ, ଅଶୋକଙ୍କ ଅନୁଶାସନ, ବେଶନଗରର ଗରୁଡ଼ସ୍ତମ୍ଭ ଲେଖ (୧୫୦ ଖ୍ରୀ.ପୂ.) ପ୍ରଥମ ଶାତକର୍ଣ୍ଣିଙ୍କ ପତ୍ନୀ ନାୟିନୀକାଙ୍କ ନାନାଘାଟ ଶିଳାଲେଖ, ଦାନଭୂତିଙ୍କର ବାରହୁତ ତୋରଣଲେଖ, ହାତୀଗୁମ୍ଫାଲେଖ ଓ ଶ୍ରୀ ଶାତକର୍ଣ୍ଣିଙ୍କ ସମସାମୟିକ ଆନନ୍ଦଙ୍କ ସାଚୀ ତୋରଣଲେଖରେ ବ୍ରାହ୍ମୀ ବର୍ଣ୍ଣମାଳାର କ୍ରମବିକାଶ ଲକ୍ଷିତ ହୁଏ । କିନ୍ତୁ ତାଙ୍କର ଏହି ମତ ଭ୍ରାନ୍ତିପୂର୍ଣ୍ଣ ବୋଲି ସ୍ୱର୍ଗତଃ ରାଖାଲଦାସ ବାନର୍ଜୀ ନାନାଅକାଟ୍ୟ ଯୁକ୍ତିଦ୍ୱାରା ପ୍ରମାଣ କରିଥିଲେ । ତେଣୁ ଏ ବିଷୟରେ ଅଧିକ ଆଲୋଚନା ଅନାବଶ୍ୟକ । ବାଜର୍ନୀ ମହାଶୟ ବହୁଗବେଷଣା ଦ୍ୱାରା ପ୍ରମାଣ କରିଅଛନ୍ତି ଯେ ହାତୀଗୁମ୍ଫା ଲେଖରେ ପରବର୍ତ୍ତୀ ଯୁଗର କେତେକ ବ୍ରାହ୍ମୀ ଅକ୍ଷର ଦେଖାଗଲେ ମଧ ଏଥିରେ ମୌର୍ଯ୍ୟଯୁଗର ବ୍ରାହ୍ମୀ ବର୍ଣ୍ଣମାଳା ବହୁଳ ପରିମାଣରେ ବ୍ୟବହୃତ ହୋଇଅଛି ।

ଚନ୍ଦ ମହାଶୟ 'ବହସତ-ମିତ'କୁ ଉଦିତ (ସୁଙ୍ଗବଂଶୀୟ ରାଜା) ଓ ଆଷାଢ଼ ସେନଙ୍କ ପରବର୍ତ୍ତୀ ବୋଲି ସ୍ଥିର କରିଛନ୍ତି । କିନ୍ତୁ ମୌର୍ଯ୍ୟବଂଶରେ ଜଣେ ବୃହସ୍ପତି ଓ ମୌର୍ଯ୍ୟଯୁଗରେ ଆଉ ଦୁଇଜଣ ବୃହସ୍ପତିଙ୍କ ନାମ ମିଳୁଥିବାରୁ ଚନ୍ଦଙ୍କର ଏ ମତ ଯୁକ୍ତିସଂଗ ନୁହେଁ ।

ବଙ୍ଗଳାର ଅନ୍ୟତମ ଐତିହାସିକ ଶ୍ରୀଯୁକ୍ତ ହେମଚନ୍ଦ୍ର ରାୟଚୌଧୁରୀ ଖାରବେଳ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ରାଜା ବୋଲି ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଏହା ଯେ ଏକାବେଳେକେ ଭିତ୍ତିହୀନ ଏଥିରେ ସନ୍ଦେହ ନାହିଁ । ଆନ୍ଧ୍ର ଦେଶର ସାତବାହନବଂଶୀୟ ରାଜାମାନେ ଗୋଦାବରୀ ଉପତ୍ୟକାରୁ ଉତ୍ତର ଆଡ଼କୁ କ୍ଷମତା ବିସ୍ତାର କରି

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀବେଳକୁ କଳିଙ୍ଗ ବା ଓଡ଼ିଶାର ଉପକୂଳ ଅଚଳ ଅଧିକାର କରିସାରିଥିଲେ । ତେଣୁ ଖାରବେଳକୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଅବସ୍ଥାପିତ କରିବାଦ୍ୱାର ପ୍ରମାଣସିଧ୍ ଇତିହାସରେ ବିଭ୍ରାଟ ସୃଷ୍ଟି ହେବ ।

ରାୟ ଚୌଧୁରୀ ମହାଶୟ ଆନ୍ଧ୍ର ସାତବାହନ ବଂଶର ପ୍ରତିଷ୍ଠାତା ସିମୁକ କାଣ୍ୱବଂଶ ଧ୍ୱଂସ କରି ଖ୍ରୀ.ପୂ. ୨୮ଅବ୍ଦରେ ରାଜତ୍ୱ ଆରମ୍ଭ କରିଥିବାର ସ୍ଥିରତର କରିଅଛନ୍ତି । କିନ୍ତୁ ଅନୁସନ୍ଧାନ ଦ୍ୱାରା ସ୍ପଷ୍ଟ ଜଣାଗଲାଣି ଯେ ଆନ୍ଧ୍ରର ଶ୍ରେଷ୍ଠ ରାଜା ଶକଶକ୍ତଧ୍ୱଂକାରୀ ଗୌତମୀପୁତ୍ର ଶ୍ରୀ ସାତକର୍ଣ୍ଣୀ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ପୁରାଣମାନଙ୍କ ମତରେ ସେ ସାତବାହନ ବଂଶର ତ୍ରୟୋବିଂଶ ରାଜା । ତାହାହେଲେ ଉକ୍ତ ବଂଶ ଖ୍ରୀ.ପୂ. ୨୮ ଅବ୍ଦରେ ବହୁ ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା । ଏପରି ବସ୍ଥାରେ ଖାରବେଳଙ୍କ ସମକାଳୀନ ପ୍ରଥମ ଶାତକର୍ଣ୍ଣିଙ୍କ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ରାଜାରୂପେ ଗ୍ରହଣ କଲେ ଐତିହାସିକ ସତ୍ୟର ଘୋର ଅପଳାପ ହେବ ।

ରାୟ ଚୌଧୁରୀ ମହାଶୟ ହାତୀଗୁମ୍ଫା ଲେଖର ବୃହସ୍ପତି ମିତ୍ରଙ୍କୁ ମଗଧର 'ନବମିତ୍ର' ବଂଶର ଜଣେ ରାଜା ରୂପେ ଗ୍ରହଣ କରିଛନ୍ତି । କିନ୍ତୁ ମଗଦର ଏହି ନବମିତ୍ର ବଂଶ ସମ୍ବନ୍ଧରେ କୌଣସି ଅକାଟ୍ୟ ପ୍ରମାଣ ନଥିବା ଯୋଗୁଁ ଏହା ଗ୍ରହଣୀୟ ନୁହେଁ । ସେ ବିଦିଶାର ଶିଶୁ ବନ୍ଦୀବଂଶୀୟ ସିମୁଳ ଓ ଆନ୍ଧ୍ର ସାତବାହନ ବଂଶର ପ୍ରଥମ ରାଜା ସିମୁଳ ଏକ ଓ ଅଭିନ୍ନ ଥିବାର ଦର୍ଶାଇଛନ୍ତି । କିନ୍ତୁ ଏହା ଭିତ୍ତିହିନ ମନେହୁଏ । ସେ ନୂତନ ଭାବରେ ଭାରତର ଇତିହାସ ଲେଖିବାକୁ ଯାଇ ପ୍ରକାଶିତ, ସର୍ବଜନଗୃହୀତ ଅକାଟ୍ୟ ଐତିହାସିକ ସତ୍ୟମାନଙ୍କୁ ମଧ ଉପେକ୍ଷା କରିଛନ୍ତି । ତେଣୁ ତାଙ୍କ ମତ ଆଦୌ ଗ୍ରହଣୀୟ ନୁହେଁ ।

ସ୍ୱର୍ଗତ ଅଧାପକ ବେନିମାଧ୍ ବରୁଆ ମଧ ରାୟ ଚୌଧୁରୀଙ୍କ ପରି ସାତାବହନବଂଶୀୟ ପ୍ରଥମ ରାଜା ସିମକ ଖ୍ରୀ.ପୂ. ୨୮ ଅବ୍ଦରେ ରାଜତ୍ୱ କରିଥିବାର ଗ୍ରହଣ କରିଅଛନ୍ତି । ପୁରାଣମାନଙ୍କରୁ ଏତିକି ମାତ୍ର ଗ୍ରହଣ କରାଯାଇପାରେ ଯେ, କାଣବଂଶର ପତନ ସମୟକୁ ଆନ୍ଧ୍ରମାନେ ମଗଧ ପର୍ଯ୍ୟନ୍ତ ଅଧିକାର ବିସ୍ତାର କରିଥିଲେ । ତେଣୁ ଖ୍ରୀ.ପୂ. ୨୮ ଅବ୍ଦ କାଣ୍ୱବଂଶର ପତନ ଓ ଆନ୍ଧ୍ରମାନଙ୍କର ଉତ୍‌ଥାନ ସମୟରୂପେ ଗୃହୀତ ହୋଇପାରେ ।

ହାତୀଗୁମ୍ଫା ଲେଖର 'ନନ୍ଦରାଜ'ଙ୍କୁ ବରୁଆ ମହାଶୟ ଅଶୋକଙ୍କ ସହ ଚିହ୍ନିତ କରିଅଛନ୍ତି । ତାଙ୍କ ମତରେ ଅଶୋକଙ୍କ ପୂର୍ବରୁ କେହି କଳିଙ୍ଗ ଜୟ କରିନଥିଲେ । ଏଥପାଁ ସେ ଅଶୋକଙ୍କ ତ୍ରୟୋଦଶ ଅନୁଶାସନର 'ଅବଜିତଂ ବିଜିନିତୁ' ଓ ଅଧୁନା ଲବ୍‌ଧେଷୁକଳିଙ୍ଗେଷୁ' ଇତ୍ୟାଦି ପଦାବଳୀ ପ୍ରମାଣ ରୂପେ ଧରିଛନ୍ତି । ତ୍ରୟେଦାଶ ଅନୁଶାସନରେ କୌଣସିଠାରେ ଅଶୋକଙ୍କ ପୂର୍ବରୁ କଳିଙ୍ଗ ବିଜିତ ହୋଇ ନଥିବାର ଆଭାସ ସୁଧ୍ ନାହିଁ । ଏଥିରୁ ଏତିକି ମାତ୍ର ଜଣାଯାଏ ଯେ, ସେ ତାଙ୍କୁ ପୂର୍ବପୁରୁଷଙ୍କ ଦ୍ୱାରା ଅବିଜିତ ବିଶାଳ କଳିଙ୍ଗ ରାଜ୍ୟକୁ ଅଧିକାର କରି ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ବରୁଆ ମହାଶୟ ସ୍ୱଗ୍ରନ୍ଥରେ 'ମହାଗୋବିନ୍ଦ ସୁତନ୍ତ' ବା ସୁତନ୍ତ ଜାତକ ଓ ଶରଭଙ୍ଗ ସମ୍ବନ୍ଧରେ ଉପାଦାନ ପ୍ରଦାନ କରିଅଛନ୍ତି । ସୁତନ୍ତ ଜାତକରୁ ଜଣାଯାଏ ଯେ, ବହୁ ପ୍ରାଚୀନ କାଳରେ ଦନ୍ତପୁର କଳିଙ୍ଗର ରାଜଧାନୀ ଥିଲ ଏବଂ ଏହା ଅସ୍ମକ, ଅବନ୍ତୀ, ସୌଭିର, ବିଦେହ, ଅଙ୍ଗ ସହିତ କାଶୀ ସାମ୍ରାଜ୍ୟର ଅଧୀନସ୍ଥ ରାଜ୍ୟ ରୂପରେ ଶାସିତ ହେଉଥିଲା । କାଶୀ ସାମ୍ରାଜ୍ୟର ଉତ୍‌ଥାନ ମଗଧର ଶିଶୁନାଗବଂଶର ଉତ୍‌ଥାନ ବା ଖ୍ରୀଷ୍ଟପୂର୍ବ ୫ ଶତାବ୍ଦୀର ପୂର୍ବବର୍ତ୍ତୀ । ଶରଭଙ୍ଗ ଜାତକରୁ ଜଣାଯାଏ ଯେ, ଦଣ୍ଡକ ସାମ୍ରାଜ୍ୟର କୁମ୍ଭବଟୀ ରାଜଧାନୀ ଥିଲା ଓ କଳିଙ୍ଗ ଦଣ୍ଡକରାଜଙ୍କର ଅନ୍ତରରାଷ୍ଟ୍ରାଧିପତି ରୂପେରେ ଶାସନ କରୁଥିଲେ । ମହାଭାରତରେ ମଧ ଦନ୍ତପୁର ଓ କଳିଙ୍ଗ ରାଜା ବିଷୟ ବର୍ଣ୍ଣିତ ହୋଇଅଛି ।

ଏହି ସମସ୍ତ ବିବରଣରୁ ସ୍ପଷ୍ଟ ଜଣାଯାଏ ଯେ, ଅଶୋକଙ୍କ ପୂର୍ବରୁ କାଶୀସମ୍ରାଟ୍ ଓ ଦଣ୍ଡକ ସମ୍ରାଟ୍ କଳିଙ୍ଗକୁ ଜୟକରି ଶାସନ କରୁଥିଲେ । ତାହାହେଲେ ଅଶୋକଙ୍କ ପୂର୍ବରୁ କୌଣସି ରଜା କଳିଙ୍ଗକୁ ଜୟକରି ନଥିଲେ ବୋଲି କହିବା ସମୀଚୀନ ନୁହେଁ । ପୁନଶ୍ଚ ରାଜ୍ୟର ସମ୍ପୂର୍ଣ୍ଣ ଅଧିକାର, ସାମୟିକ ଅଧିକାର ଓ ଦିଗ୍‌ବିଜୟ ମଧରେ ଅନେକ ପାର୍ଥକ୍ୟ ଲକ୍ଷିତ ହୁଏ । ବୈଦିକ ଯୁଗରୁ ଭାରତୀୟ ରାଜାମାନେ ଦିଗ୍‌ବିଜୟ ଉଦ୍ଦେଶ୍ୟରେ ବହିର୍ଗତ ହେବାର ପ୍ରଥା ପ୍ରଚଳିତ ଥିଲା । ସେଥିପାଇଁ ରାଜସୂୟ, ବାଜପେୟ ଓ ଅଶ୍ୱମେଧାଦି ଯଜ୍ଞର ସୃଷ୍ଟି । ଐତିହାସିକ ଯୁଗରେ ଖାରବେଳ, ସମୁଦ୍ରଗୁପ୍ତ, ସ୍କନ୍ଦଗୁପ୍ତ, ଯଶୋଧର୍ମନ୍ ଇତ୍ୟାଦି ଅନେକ ଦେଶ ଜୟ କରିଥିଲେ, କିନ୍ତୁ ସେମାନେ ସମସ୍ତ ରାଜ୍ୟ ନିଜ ଅଧୀନରେ ରଖିପାରିନଥିଲେ । କେବଳ ସେମାନଙ୍କର ଶକ୍ତି ପ୍ରବଳ ଥିବାବେଳେ କେତେକ ରାଜ୍ୟ କିଛିକାଳ ପାଇଁ ଅଧିକାର କରି ପାରିଥିଲେ ।

ପୁରାଣ ପ୍ରଦତ୍ ବଂଶାନୁଚରିତ ଅନୁଯାୟୀ ଆନ୍ଧ୍ରସାତବାହନବଂଶର, ତୃତୀୟ, ଷଷ୍ଠ ଓ ଚତୁର୍ଦ୍ଦଶ ରାଜା 'ସାତକର୍ଣ୍ଣି' ନାମରେ ଅଭିହିତ ହେଉଥିଲେ । ଆଉ ମଧ ପୁରାଣମାନଙ୍କରୁ ଜଣାଯାଏ ଯେ, ଆନ୍ଧ୍ର ସାତବାହନ ବଂଶର ସାତଜଣ ରାଜା କୋଶଳର ମହାମେଘବାହନ ବଂଶୀୟ ସାତଜଣ ରାଜାଙ୍କର ସମସାମୟିକ ଥିଲେ ।

"କୋଶଳାୟାଂ ତୁ ରାଜାନୋ

ଭବିଷ୍ୟନ୍ତି ମହାବଳାଃ ।

'ମେଘାଃ' ଇତି ସମାଖ୍ୟାତାଃ

ବୁଧିମନ୍ତଃ ନବୈବ ତୁ ।"

(ବାୟୁପୁରାଣ, ୯୯ ଅଧ୍ୟାୟ, ୩୪୦ ଶ୍ଳୋକ)

ଅନ୍ୟତଅ ଦେଖାଯାଏ 'ଏକକାଳଃ ଇମେ ଭୂପଃ ସପ୍ତ ଆନ୍ଧ୍ର ସପ୍ତ କୌଶଳା' ଖାରବେଳ ମହାମେଘବାହନଙ୍କ ବଂଶ ବା ଚେତବଂଶର ତୃତୀୟ ରାଜା ଥବଲେ । ଯଦି ସାତଜଣ ଆନ୍ଧ୍ର ଓ ସାତ ଜଣ କୌଶଳ ବା ଚେତବଂଶୀୟ ରାଜା ସମସାମୟିକ ହୋଇଥାନ୍ତି, ତାହାହେଲେ ଖାରବେଳଙ୍କୁ ସାତବାହନ ବଂଶର ତୃତୀୟ ରାଜା ସାତକର୍ଣ୍ଣିଙ୍କର ସମକାଳୀନ ରୂପେ ଗ୍ରହଣ କରାଯାଇପାରେ ।

ଏ ସଂକ୍ରାନ୍ତ ଦୀର୍ଘ ଆଲୋଚନା ଫଳରେ ନିମ୍ନଲିଖିତ ସର୍ବବାଦୀ ସମ୍ମ ତଥ୍ୟ ସମୂହ ଉପଲବ୍ଧ ହୁଏ ।

(୧) ଖାରବେଳଙ୍କ ଦ୍ୱାରା ପରାଜିତ ମଗଧରାଜ ବୃହସ୍ପତିମିତ୍ର ଏବଂ ସୁଙ୍ଗବଂଶ ପ୍ରତିଷ୍ଠାତା ପରାକ୍ରମଶାଳୀ ଦ୍ୱିଅଶ୍ୱମେଧଯାଜୀ ପୁଷ୍ୟମିତ୍ର ଏକ ଓ ଅଭିନ୍ନ ନୁହଁନ୍ତି । ତାଙ୍କୁ ମଗଧ ଅଚଳରେ ରାଜତ୍ୱ କରୁଥିବା ଅନ୍ୟ କୌଣସି ବୃହସ୍ପତି ମିତ୍ରଙ୍କ ସହିତ ଚିହ୍ନିତ କରାଯାଇପାରେ ।

(୨) ହାତୀଗୁମ୍ଫା ଲେଖର ଦୁଇଟି ସ୍ଥାନରେ ଉଲ୍ଲେଖ ଲାଭ କରିଥିବା 'ନନ୍ଦରାଜ'ଙ୍କୁ ଭାରତବିଜୟୀ ନନ୍ଦବଂଶ ପ୍ରତିଷ୍ଠାତା ମହାପଦ୍ମନନ୍ଦ ରୂପେ ଗ୍ରହଣ କରିବା ସର୍ବଥା ଯୁକ୍ତି ସଙ୍ଗତ । ଏପର୍ଯ୍ୟନ୍ତ ଭାରତର କୁତ୍ରାପି ନନ୍ଦାବ୍ଦ ପ୍ରଚଳନର କୌଣସି ପ୍ରମାଣ ମିଳିନଥିବାରୁ ଲେଖରେ ବର୍ଣ୍ଣିତ 'ତି-ବସ-ଶତ'କୁ ୩୦୦ ନନ୍ଦାବ୍ଦ ରୂପେ ଅର୍ଥ କରାଯାଇ ନପାରେ । ସେହିପରି ଲେଖର ପାଚଟି ଅକ୍ଷରକୁ ସ୍ୱର୍ଗତ ଜୟସ୍ୱାଲ 'ମୁରିୟକାଳ' (ମୌର୍ଯ୍ୟକାଳ) ରୂପେ ପାଠକରି ଏଥିରେ ମୌର୍ଯ୍ୟ ବ୍ୟବହୃତ ହୋଇଥିବାର ସ୍ଥିର କରିଥିଲେ । କିନ୍ତୁ ନନ୍ଦାବ୍ଦ ପରି ମୌର୍ଯ୍ୟାବ୍ଦ

ପ୍ରଚଳନର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ । ଅଶୋକଙ୍କ ଶତ ଶତ ଲେଖ ମଧ୍ୟରୁ କୌଣସି ଗୋଟିକରେ ମଧ୍ୟ ଏହା ବ୍ୟବହୃତ ହୋଇ ନଥିବାରୁ 'ମୌର୍ଯ୍ୟାବ୍ଦ'ରୁ ଅସ୍ତିତ୍ୱ ସ୍ୱୀକୃତ ହୋଇ ନପାରେ ।

(୩) ହାତୀଗୁମ୍ଫା ଲେଖରେ 'ଯବନରାଜ ଦିମିତ' ବା ଦି ମିଳ'ଙ୍କ କୌଣସି ଉଲ୍ଲେଖ ନାହିଁ । ଏଠାରେ ଜୟସ୍ୱାଲଙ୍କ ପାଠରେ ଭ୍ରମଥିବାରୁ ଖାରବେଳ ଓ ଗ୍ରୀକ୍ ରାଜା ଡ଼ିମିଟ୍ରିୟସଙ୍କ ସମକାଳୀନର ସମସ୍ୟାର ସୃଷ୍ଟି ହୋଇଛି ।

(୪) ଖାରବେଳଙ୍କ ସମକାଳୀନ ସାତକର୍ଣ୍ଣିକୁ ଆନ୍ଧ୍ର ସାତ ବାହନ ବଂଶୀୟ ପ୍ରଥମ ସାତକର୍ଣ୍ଣି ରୂପେ ନିଃସନ୍ଦେହରେ ଗ୍ରହଣ କରାଯାଇପାରେ ।

କେବଳ ଖେରେ ବ୍ୟବହୃତ 'ତି-ବସ-ସତ' ପଦର ଅର୍ଥଅର୍ଥାନ୍ତର ନେଇ ବିଭିନ୍ନ ଐତିହାସିକମାନଙ୍କ ମଧ୍ୟରେ ମତ ଦ୍ୱୈଧ ଦେଖାଯାଏ । ସ୍ୱର୍ଗତ ବିଜୟଚନ୍ଦ୍ର ମଜୁମଦାର, ଓ ବେନି ମାଧବ ବରୁଆ ପ୍ରମୁଖ ପାଲିଭାଷାବତ୍ ପଣ୍ଡିତମାନେ ଏହାର ଅର୍ଥ ୧୦୩ ବର୍ଷ ବୋଲି ସ୍ଥିର କରିଛନ୍ତି । କିନ୍ତୁ ସ୍ୱର୍ଗତଃ ରମାପ୍ରସାଦ ଚନ୍ଦ ଓ ଡ଼କ୍ଟର ଜୀନେଶଚନ୍ଦ୍ର ସରକାର ପ୍ରମୁଖ ଐତିହାସିକମାନେ ଏହା ୩୪୦ ବର୍ଷକୁ ବୁଝାଉଥିବା ମତପ୍ରକାଶ କରନ୍ତି । ସେମାନଙ୍କ ମତରେ ସଂସ୍କୃତ ବ୍ୟାକରଣର ସୂତ୍ର ଅନୁସାରେ ଗବେଷକ ଏହାକୁ ୩୦୦ ରୂପେ ଗ୍ରହଣ କରିଛନ୍ତି । ଏତଦ୍ ଅନୁଯାୟୀ ନନ୍ଦରାଜଙ୍କ ଦ୍ୱାରା ୩୦୦ ବର୍ଷ ପୂର୍ବେ ଅସଂପୂର୍ଣ୍ଣଭାବରେ ଖୋଦିତ ପ୍ରଣାଳୀର ଖୋଦନ କାର୍ଯ୍ୟ ସମ୍ରାଟ୍ ଖାରବେଳ ସମ୍ପୂର୍ଣ୍ଣ କରିଥିଲେ ।

ଆଧୁନିକ ଐତିହାସିକମାନଙ୍କ ମତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଖ୍ରୀଷ୍ଟ ପୂର୍ବ ୩୨୪ ଅବ୍ଦରେ ସିଂହାସନ ଆରୋହଣ କରିଥିଲେ । ନବ ନନ୍ଦ ବା ନଅଜଣ ନନ୍ଦରାଜା ପ୍ରାୟ ଏକଶତ ବର୍ଷ ରାଜତ୍ୱ କରିଥିବା ପୁରାଣମାନଙ୍କରୁ ଜଣାଯାଏ । ଅତଏବ ନନ୍ଦମାନେ ଖ୍ରୀ.ପୂ. ୪୨୪ ଖ୍ରୀ.ପୂ. ୩୨୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । କେତେକଙ୍କ ମତରେ ନନ୍ଦମାନେ ୯୧ ବର୍ଷକାଳ ରାଜତ୍ୱ କରିଥିଲେ । ଏହି ଜନଶ୍ରୁତି ଉପରେ ନିର୍ଭର କଲେ ନନ୍ଦ ରାଜତ୍ୱ ଖ୍ରୀ.ପୂ. ୪୧୫ରୁ ଖ୍ରୀ.ପୂ. ୩୨୪ ପର୍ଯ୍ୟନ୍ତ ଗଣନୀୟ । ଖାରବେଳଙ୍କ ରାଜତ୍ୱ ଆରମ୍ଭ ଓ ନନ୍ଦରାଜାଙ୍କ ପ୍ରଣାଳୀ ଖୋଦନ ମଧ୍ୟରେ ୩୦୦-୫=୨୯୫ ବର୍ଷ ବ୍ୟବଧାନ ରହୁଅଛି । ନନ୍ଦରାଜାଙ୍କ ସମଗ୍ର ଭାରତ ବିଜୟ ପାଇଁ ଅନ୍ତତଃ ୨୦ ବର୍ଷ ସମୟ ଦିଆଗଲେ ଖ୍ରୀ.ପୂ. ୪୧୫-୨୦ ଅର୍ଥାତ୍ ଖ୍ରୀ.ପୂ. ୩୯୫ ଅବ୍ଦରେ ନନ୍ଦରାଜାଙ୍କ କଳିଙ୍ଗ ବିଜୟ ସମାପ୍ତ ହୋଇଥିବ । ଉକ୍ତ ବର୍ଷର ୨୯୫ ବର୍ଷ ପରେ ଖାରବେଳଙ୍କ ରାଜତ୍ୱ ଆରମ୍ଭ ହୋଇଥିବାରୁ ଆପାତତଃ ଖ୍ରୀ.ପୂ. ୧୦୦ ଅବ୍ଦରେ ସେ ସିଂହସନାରୂଢ଼ ହୋଇଥିବାର ସ୍ଥିର କରାଯାଇପାରେ । ସେ ଏହା କେତେ ବର୍ଷ ପୂର୍ବରୁ ରାଜତ୍ୱ ଆରମ୍ଭ କରିଥିବା ଅସମ୍ଭବ ନୁହେଁ ।

ଏହି ସିଧାନ୍ତ ଅନ୍ୟାନ୍ୟ ଆନୁସଂଗିକ ପ୍ରମାଣ ଦ୍ୱାର ସମର୍ଥିତ ହୁଏ । ହାତୀଗୁମ୍ଫା ଲେଖରେ ବ୍ୟବହୃତ ବ୍ରାହ୍ମୀ ବର୍ଣ୍ଣମାଳା ଗ୍ରୀକ୍ ରାଜଦୂତ ହେଲିଡ଼ୋରସଙ୍କ ବେସନଗର ସ୍ଥିତ ଗରୁଡ଼ଧ୍ୱଜ (ସ୍ତମ୍ଭ) ଲେଖର ବ୍ରାହ୍ମୀ ବର୍ଣ୍ଣମାଳାର ପରବର୍ତ୍ତି ବିକାଶ ବୋଲି ଲିପିତତ୍ୱବିତ୍‌ମାନେ ମତ ପ୍ରକାଶ କରନ୍ତି । ଗରୁଡ଼ଧ୍ୱଜ ଲେଖ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ମଧ୍ୟଭାଗରେ ଲିଖିତ ହୋଇଥିବାର ସ୍ଥିର ହୋଇଛି ।

ହାତୀଗୁମ୍ଫା ଖାରବେଳଙ୍କ ରାଜତ୍ୱ ୫ଦଶ ବର୍ଷ ଅର୍ଥାତ୍ ୧୦୦-୧୫= ଖ୍ରୀ.ପୂ. ୮୫ ଅବ୍ଦରେ ଲିଖିତ ହୋଇଥିଲା । ନୂତନ ସିଧାନ୍ତ ଅନୁସାରେ ବର୍ଣ୍ଣମାଳାର କ୍ରମବିକାଶ ପାଇଁ ଅନ୍ୟୁନ ଅର୍ଦ୍ଧଶତାବ୍ଦୀ ଦିଆଗଲେ ଖାରବେଳଙ୍କୁ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ପ୍ରଥମ ପାଦରେ ଅବସ୍ଥାପିତ କରଯାଇପାରେ ।

ହାତୀଗୁମ୍ଫା ଲେଖର ବ୍ୟବହୃତ 'ମହରାଜ' ଓ ତାଙ୍କ ପାଟରାଣୀଙ୍କ ସ୍ୱର୍ଗପୁରଗୁମ୍ଫା ଲେଖରେ ପ୍ରଯୁକ୍ତ 'କଳିଙ୍ଗଚକ୍ରବର୍ତ୍ତୀ' ପଦବୀ ଦ୍ୱୟ ତାଙ୍କର ରାଜତ୍ୱକାଳ ନିର୍ଣ୍ଣୟ ପକ୍ଷରେ ସହାୟକ । ଐତରେୟ ବ୍ରାହ୍ମଣ, କୌଷିତକୀ ବ୍ରାହ୍ମଣ, ଶତପଥ ବ୍ରାହ୍ମଣ, ବୃହଦାରଣ୍ୟକ ଉପନିଷଦ, ମୈତ୍ରାୟଣୀ ଉପନିଷଦ୍ ପ୍ରଭୃତି ପ୍ରାଚୀନ ଗ୍ରନ୍ଥମାନଙ୍କର 'ମହାରାଜ' ଶବ୍ଦର ପ୍ରୟୋଗ ପରିଦୃଷ୍ଟ ହୁଏ । ଐତରେୟ ବ୍ରାହ୍ମଣ ଓ ଶତପଥ ବ୍ରାହ୍ମଣରେ 'ଚକ୍ରବର୍ତ୍ତୀ' ହେଲେ 'ଐନ୍ଦ୍ରୀମହାଭିଷେକ' ସମ୍ପନ୍ନ କରିବାର ବିଧାନ ରହିଛି । କିନ୍ତୁ ଖାରବେଳଙ୍କ ପୂର୍ବରୁ ମହାପଦ୍ମ ନନ୍ଦ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ ପ୍ରଭୃତି କୌଣସି ଦିଗ୍‌ବିଜୟୀ ନରପତି 'ମହାରାଜ' ଓ 'ଚକ୍ରବର୍ତ୍ତୀ', ପଦବୀ ଧାରଣ କରିଥିବାର ପ୍ରମାଣ ମିଳେ ନାହିଁ । ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ପ୍ରଥମ ଭାଗରେ ଭାରତର ଉତ୍ତର ପଶ୍ଚିମାଚଳରେ ରାଜତ୍ୱ କରୁଥିବା କେତେଜଣ ଭାରତୀୟ ଗ୍ରୀସ୍ ରାଜ 'ମହାରାଜସ, ରାଜାତିରାଜସ, ମହତସ' 'ମହାରାଜସ ଧର୍ମିକସ ଜୟଧରସ' ପ୍ରଭୃତି ପଦବୀ ବ୍ୟବହାର କରିଥିବାର ଅକାଟ୍ୟ ପ୍ରମାଣ ମିଳେ । ସେମାନଙ୍କ ଅନୁକରଣରେ ଖାରବେଳ 'ମହାରାଜ' ଓ 'କଳିଙ୍ଗଚକ୍ରବର୍ତ୍ତି' ପଦବୀ ବ୍ୟବହାର କରିଥିବାର ସ୍ଥିର କରାଯାଇଛି । ତେଣୁ ଖାରବେଳ ଏହି ସମୟର ନିଶ୍ଚୟ ପରବର୍ତ୍ତୀ ।

ମୌର୍ଯ୍ୟ ରାଜତ୍ୱ ଓ ସୁଙ୍ଗରାଜତ୍ୱକାଳୀନ ବହୁ ଖେର ଭାଷା ତୁଳନାରେ ହାତୀଗୁମ୍ଫା ଲେଖର ଭାଷା ବିକଶିତ ଓ ପରିମାର୍ଜିତ । ଏହାର ସମଗ୍ର ପ୍ରଥମ ପଂକ୍ତିରେ 'ନ' ଓ 'ଣ' ର ଅନୁପ୍ରାସ ଉଲ୍ଲେଖ ଯୋଗ୍ୟ । ରଚନା ଶୈଳୀରେ ଯତିପାତ, ଲାଳିତ୍ୟ, ସାବଲୀଳତା ପ୍ରତି ଯେପରି ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି ତତ୍‌ଦୃଷ୍ଟେ ଏହାକୁ ଏକ ଗଦ୍ୟ କବିତା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ପରବର୍ତ୍ତି କାବ୍ୟଯୁଗର ଦୀର୍ଘ ସମାସସିଧ୍ ପଦସମୂହ ପରିଦୃଷ୍ଟ ହୁଏ । ଧାରାବାହିକ ଭାବରେ ସମୟ କ୍ରମରେ ରାଜତ୍ୱର ଘଟଣାବଳୀର ବର୍ଣ୍ଣନା ଦିଗରୁ ଏହି ଲେଖି ଯେପରି ପ୍ରାଚୀନ ଭାରତରେ ଅଦ୍ୱିତୀୟ, ଗଦ୍ୟ ରଚନା ଶୈଳୀ ଦୃଷ୍ଟିରୁ ଏହା ମଧ ସେହିପରି ଏକ ଯୁଗାନ୍ତକାରୀ ଅଭିଲେଖ । ପ୍ରସିଧ୍ ପାଲିଭାଷାତତ୍ୱବିତ୍ ପଣ୍ଡିତ ସ୍ୱର୍ଗତଃ ବରୁଆ ଉଦୟଗିରି ଲେଖ ସମୂହର ଭାଷା ସମ୍ପର୍କରେ ଯଥାର୍ଥରେ ଲେଖିଛନ୍ତି ।

ñSo for as their prose style goes, they stand out, in point of time, as a notable landmark inthe literary hisotyr of India" (ପୃ ୧୭୨ଷ୍ଠା) ଭାଷାତତ୍ୱ ଦୃଷ୍ଟିରୁ କେତେକ ବାରହୁତ ଅଭିଲେଖ ସହିତ ଏହାର କିଚିତ ସାମଞ୍ଜସ୍ୟ ପରିଦୃଷ୍ଟ ହୁଏ ।

ମୁଦ୍ରାତତ୍ୱ ଆଲୋଚନା କଲେ ଜଣାଯାଏ ଯେ କୌଣସି ମୌର୍ଯ୍ୟ ସମ୍ରାଟ୍ ସ୍ୱନାମାଙ୍କିତ ମୁଦ୍ରା ପ୍ରଚଳନ କରି ନଥିଲେ । ସୁଙ୍ଗବଂଶୀୟ ରାଜାମାନଙ୍କର ନାମାଙ୍କିତ ମୁଦ୍ରା ଏପର୍ଯ୍ୟନ୍ତ ମିଳିନାହିଁ । ଏହି ଦୁଇ ବଂଶର ରାଜାମାନେ ପ୍ରାଚୀନ ଭାରତରେ ପ୍ରଚଳିତ ବା ବିଭିନ୍ନ ସଙ୍କେତ ଯୁକ୍ତ ମୁଦ୍ରା ସମୂହ ବ୍ୟବହାର କରୁଥିଲେ । ହାତୀଗୁମ୍ଫା ଲେଖର ସହସ୍ର ସହସ୍ର ମୁଦ୍ରା ବ୍ୟୟର ଉଲ୍ଲେଖ ଥିଲେ ମଧ ଖାରବେଳଙ୍କ ନାମାଙ୍କିତ କୌଣସି ମୁଦ୍ରା ଏପର୍ଯ୍ୟନ୍ତ ମିଳିନାହିଁ । ପରନ୍ତୁ ଖଣ୍ଡଗିରି ନିକଟବର୍ତ୍ତୀ ଜାଗମରା ଗ୍ରାମରୁ ବହୁସଂଖ୍ୟାରେ ସଂକେତ ଯୁକ୍ତ ମୁଦ୍ରା ମାଟିତଳୁ ମିଳିଥିଲା । ସେଥିମଧରୁ ଅଧିକାଂଶ ଗ୍ରାମବାସୀମାନେ ଆତ୍ମସାତ କରିନେଲେ । କେବଳ ୪୭ଟି ମୁଦ୍ରା ଉଧାର କରାଯାଇ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଅଛି । ଏଗୁଡ଼ିକ ଖାରବେଳ ଯୁଗରେ ବ୍ୟବହୃତ ମୁଦ୍ରା ବୋଲି ବୋଲି ସ୍ଥିରକରାଯାଇଛି । ସୁଙ୍ଗବଂଶ ରାଜତ୍ୱ ପରେଗ୍ରୀକ୍ ପ୍ରଭାବରେ ଭାରତୀୟ ନରପତିମାନେ ସ୍ୱନାମ ବା ସ୍ୱଲେଖାଙ୍କିତ ମୁଦ୍ରାମାନ ପ୍ରଚଳନ କରିଥିଲେ । ଖାରବେଳ ଏପରି କରି ନଥିବାରୁ ତାଙ୍କୁ ସୁଙ୍ଗ ରାଜତ୍ୱ କାଳରେ ଅବସ୍ଥାପିତ କରାଯାଇପାରେ ।

ଭାରତୀୟ ପ୍ରସ୍ତର ଶିଳ୍ପ ଓ ଭାସ୍କର୍ଯ୍ୟ ସମ୍ବନ୍ଧରେ ଅଦ୍ୱିତୀୟ ପଣ୍ଡିତ ସାର୍‌ଜନ ମାରସାଲ୍ ସାହେବଙ୍କ ମତରେ ଉଦୟଗିରିର ମଚପୁରୀ ଗୁମ୍ଫାର ସାମନାରେ ଥିବା ପାହାଡ଼ ଦେହରେ ରେଲିଙ୍ଗର ଜାଲିବାଡ଼ ବାରହୁତ ସ୍ତୁପର ରେଲିଙ୍ଗ ଜାଲିବାଡ଼ ଅନୁକରଣରେ ଖୋଦିତ ହୋଇଥିବା ନିଃସନ୍ଦେହରେ ସ୍ଥିର କରାଯାଇପାରେ । ବାରହୁତ ସ୍ତୁପ ସୁଙ୍ଗଯୁଗର ଏକ ଅମର କୀର୍ତ୍ତି । ମଚପୁରୀ ଗୁମ୍ଫା କଳିଙ୍ଗ ଚକ୍ରବର୍ତ୍ତୀ ଖାରବେଳଙ୍କ ପାଟରାଣୀ ଖୋଳାଇଥିଲେ । ମଚପୁରୀ ଗୁମ୍ଫା ସୁଙ୍ଗ ରାଜତ୍ୱର ଶେଷଭାଗରେ ନିର୍ମିତ ହୋଇଥିବାରୁ ଏହାର ନିର୍ମାତା ଖାରବେଳଙ୍କୁ ସେହି